

**ଗବେଷକଙ୍କ କଲମରୁ.........**

ଭାରତୀୟ ମୁକ୍ତି ସଂଗ୍ରାମ ର କିଶୋର ଶହୀଦ୍ ବାଜି ରାଉତଙ୍କର ଜନ୍ମମାଟି ତଥା ଏସିଆ ମହାଦେଶର ସର୍ବବୃହତ ଗ୍ରାମ ଭୁବନ ବର୍ତ୍ତମାନର ଭୁବନ ସହରର ବିଶିଷ୍ଟ କାଠଶିଳ୍ପୀ ଶ୍ରୀ ରାମଚନ୍ଦ୍ର ନାୟକଙ୍କ ସୁଯୋଗ୍ୟ ସନ୍ତାନ। ଜଣେ ଅଧ୍ୟାପକ,ସାହିତ୍ୟିକ,ଗବେଷକ ଭାବରେ ଜାତୀୟ ତଥା ଅନ୍ତର୍ଜାତୀୟସ୍ତରରେ ସୁନାମ ଅର୍ଜନ କରିଥିବା ଅନେକ ଓଡ଼ିଆଙ୍କ ମଧ୍ୟରୁ ଅନ୍ୟତମ।

ଜଣେ ଶିକ୍ଷାନୁରାଗୀ ଅଧ୍ୟାପକ ଭାବରେ ଓଡ଼ିଶା ଶିକ୍ଷାଜଗତ ର ଏକ ଅଗ୍ରଣୀ ଶିକ୍ଷାନୁଷ୍ଠାନ ଚନ୍ଦ୍ରଶେଖର ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନ୍ସ, ଟାଙ୍ଗୀ, କଟକସ୍ଥ ଉତ୍କଳ ବିଶ୍ୱବିଦ୍ୟାଳୟର ଅନୁମୋଦିତ ଡିଗ୍ରୀ କଲେଜ ରେ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ର ଅଧିକ୍ଷ, ପ୍ରଫେସର ସହ ଭାଇସ୍ ପ୍ରିନ୍ସିପାଲ ପଦବୀରେ କାର୍ଯ୍ୟ କରି ଅନେକ ଶିକ୍ଷାର୍ଥୀ ସମାଜରେ ପ୍ରତିଷ୍ଠିତ ହୋଇପାରିଛନ୍ତି।

ଜଣେ କୃତି ସାହିତ୍ୟିକ ଭାବରେ ଏକ ଭାବବୈଚିତ୍ର୍ୟମୟୀ ପୁସ୍ତକ "ବିବେକ", କବିତା ପୁସ୍ତକ "ପ୍ରିୟା",ସାହିତ୍ୟ ସମାଲୋଚନାଧର୍ମୀ ପୁସ୍ତକ "ଭୁବନପ୍ରଭା", ଗବେଷଣାତ୍ମକ ପ୍ରବନ୍ଧ ପୁସ୍ତକ "ସାରସ୍ୱତସାଧିକା ନନ୍ଦିନୀ ଶତପଥୀ", ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ କବିତା ପୁସ୍ତକ "ଏ ଜର୍ଣ୍ଣି" କୁ ଓଡ଼ିଆ ଭାଷାରେ ଅନୁବାଦପୁସ୍ତକ ସହ ଗତ ପୁସ୍ତକକୁ ୫ଜଣ ବିଦେଶୀ କବି/କବୟିତ୍ରୀ ତଥା ୧୫ଜଣ ଭାରତୀୟ କବି/କବୟିତ୍ରୀଙ୍କ ଦ୍ୱାରା ସ୍ୱ ସ୍ୱ ଭାଷାରେ ଅନୁବାଦ କରାଯିବା ପାଇଁ ପ୍ରେରଣାଦାତା, ଯାହାକି ବିଶ୍ୱ ସାହିତ୍ୟ ତଥା ଭାରତୀୟ ସାହିତ୍ୟ ପାଇଁ ଏକ ଉଲ୍ଲେଖନୀୟ ସାହିତ୍ୟ ଗଠନର ସାଧନାରତ।

ଜଣେ ସଫଳ ଗବେଷକ ଭାବରେ "ଓଡ଼ିଆ ସାହିତ୍ୟକୁ ନନ୍ଦିନୀ ଶତପଥୀଙ୍କ ଅବଦାନ" ପ୍ରସଙ୍ଗରେ ଗବେଷଣା କରି ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ଡକ୍ଟରେଟ (ପିଏଚ୍.ଡି.) ଉପାଧିପ୍ରାପ୍ତ। ସମ୍ପ୍ରତି ଉତ୍କଳ ବିଶ୍ୱବିଦ୍ୟାଳୟରେ ଉଚ୍ଚତର ଗବେଷଣା/ ପୋଷ୍ଟ ଡକ୍ଟରାଲ (ଡି.ଲିଟ୍) ପ୍ରସଙ୍ଗ "କବି ନରେନ୍ଦ୍ର ମୋଦି ଓ କବି କାଳିନ୍ଦୀଚରଣ ପାଣିଗ୍ରାହୀଙ୍କ କାବ୍ୟ କଳା ଏକ ଅଧ୍ୟୟନ" ଉପରେ ଗବେଷଣା ପାଇଁ ପ୍ରସ୍ତୁତିରତ। ୧୩ରୁ ଊର୍ଦ୍ଧ୍ୱ ଗବେଷଣାତ୍ମକ ସନ୍ଦର୍ଭ ଜାତୀୟ ଓ ଅନ୍ତର୍ଜାତୀୟ ପତ୍ରିକାରେ ପ୍ରକାଶିତ ହୋଇ ପାଠକୀୟ ଆଦୃତି ଲାଭ କରିଅଛି। ନିଜ ଅଧୀନରେ ଗବେଷଣା (ପିଏଚ୍.ଡି.) ଶିକ୍ଷାର୍ଥୀଙ୍କ ଗାଇଡ୍ ଭାବରେ ବିଶ୍ୱବିଦ୍ୟାଳୟର ଅନୁମୋଦନ ପାଇଁ ପ୍ରୟାସରତ।

ସମାଜର ବିଭିନ୍ନ ଅନୁଷ୍ଠାନ ସହିତ ପ୍ରତ୍ୟକ୍ଷ ଭାବରେ ଜଡ଼ିତ ତଥା ସମ୍ମାନପ୍ରାପ୍ତ। ତନ୍ମଧ୍ୟରୁ ନିଖିଳ ଭାରତ ଓଡ଼ିଆ ଅଧ୍ୟାପକ ସମ୍ମିଳନୀ,ଓଡ଼ିଶା ଓ ଉତ୍କଳ ସାହିତ୍ୟ ସମାଜ ତଥା ଓଡ଼ିଆ ଗବେଷଣା ପରିଷଦର ଆଜୀବନ ସଦସ୍ୟ ଭାବରେ କାର୍ଯ୍ୟରତ ଏବଂ ୟୁଜିସି ସାରସ୍ୱତ ପତ୍ରିକା "ସତ୍ ସେତୁନ୍" ଓ ଓଡ଼ିଆ ସାରସ୍ୱତ ପତ୍ରିକା "କଳସୁଧା" ର ଆଜୀବନ ସଦସ୍ୟ ସହ ସାହିତ୍ୟାନୁରାଗୀ। ଅନ୍ତର୍ଜାତୀୟ କଳା ଓ ସଂସ୍କୃତି ପରିଷଦର ୩୮ତମ ବିଶ୍ୱକବି ସମ୍ମିଳନୀ ୨୦୧୯ (ଜିତ୍ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର) ଅଖିଳ ଭାରତୀୟ ବିଶ୍ୱବିଦ୍ୟାଳୟ ତଥା ମହାବିଦ୍ୟାଳୟ ଶିକ୍ଷକ ସଙ୍ଗଠନର ଜାତୀୟ ସମ୍ମିଳନୀ ୨୦୧୯ (ଏକାମ୍ର କଲେଜ, ଭୁବନେଶ୍ୱର) ଏବଂ ୟୁଜିସି ସାରସ୍ୱତ ପତ୍ରିକାର "ସତ୍ ସେତୁନ୍"ର ଜାତୀୟ ସେମିନାର୍ ୨୦୧୯ (ବ୍ୟାସନଗର କଲେଜ, ଯାଜପୁରରୋଡ) ରୁ ସାରସ୍ୱତ ମାନପତ୍ର ପ୍ରାପ୍ତ। ଢେଙ୍କାନାଳ ଜିଲ୍ଲା ସଂସ୍କୃତି ପରିଷଦ (ଜିଲ୍ଲା ମହୋତ୍ସବ)ରୁ କବି ସମ୍ମାନପ୍ରାପ୍ତ ତଥା ଜଗତସିଂହପୁରର ପ୍ରତିଭା ଅନ୍ୱେଷଣ, ବିଭିନ୍ନ ଅନୁଷ୍ଠାନରୁ ପ୍ରତିଭା ସମ୍ମାନପ୍ରାପ୍ତ। ଓଡ଼ିଶା ସାହିତ୍ୟ ଏକାଡେମୀ ତଥା କେନ୍ଦ୍ର ସାହିତ୍ୟ ଏକାଡେମୀ ଏବଂ ଶାସ୍ତ୍ରୀୟ ଓଡ଼ିଆ ଭାଷା ଜାତୀୟ ଆଲୋଚନାଚକ୍ର ଓ କାଦମ୍ବିନୀ ସାହିତ୍ୟ ମହୋତ୍ସବ ଜାନୁଆରୀ ୨୦୨୦ ଏବଂ ୟୁଜିସି କେୟାର୍ ସାରସ୍ୱତ ପତ୍ରିକା "ସତ୍ ସେତୁନ୍" ସାରସ୍ୱତ ସମ୍ମାନ (ଜାନୁଆରୀ ୨୦୨୦) ଜାତୀୟସ୍ତରୀୟ ମାନପତ୍ର ପ୍ରାପ୍ତ। ବିଦ୍ୟାଳୟର ପ୍ରଥମ ପାଦାନ୍ତ କନକ ଗାଣ ପ୍ରାଥମିକ ବିଦ୍ୟାଳୟରୁ ଜଣେ ସଫଳ ଶିକ୍ଷାର୍ଥୀ ଭାବରେ (ଜାନୁଆରୀ ୨୦୨୦) ମାନପତ୍ର ପ୍ରାପ୍ତ। ବାଣୀ ସାହିତ୍ୟ ସଂସଦ, ଭୁବନରୁ ବାଣୀସମ୍ମାନ ପ୍ରାପ୍ତ ତଥା ଓଡ଼ିଶା ସାମାଜିକ ସଙ୍ଘ (କଟକ ଜିଲ୍ଲା ସମ୍ମିଳନୀ ଟାଙ୍ଗୀ ଚୌଦ୍ୱାର ୨୦୨୦)ରୁ ଶିକ୍ଷା ପ୍ରଶାସକ ମାନପତ୍ର ପ୍ରାପ୍ତ।

ପ୍ରଫେସର ଡକ୍ଟର ସୁବାଷ ନାୟକ

# ସାରସ୍ୱତସାଧିକା ନନ୍ଦିନୀ ଶତପଥୀ

## ଏକ ଗବେଷଣାତ୍ମକ ନିବନ୍ଧ ସାହିତ୍ୟ



**ପ୍ରଫେସର୍ ଡକ୍ଟର ସୁବାଷ ନାୟକ**

# ସାରସ୍ୱତସାଧିକା ନନ୍ଦିନୀ ଶତପଥୀ

ପ୍ରଫେସର୍ ଡକ୍ଟର୍ ସୁବାଷ ନାୟକ

# ଉତ୍ସର୍ଗ



## ଶ୍ରୀ ଆଶିଷ ରଞ୍ଜନ ମହାପାତ୍ର

ନନ୍ଦିନୀ ଶତପଥୀଙ୍କ ଜୀବନୀ ପୁସ୍ତକ (ବାଓଗ୍ରାଫି)ର୍ ଲେଖକ ମୋର୍ ପୂଜ୍ୟଷ୍ପଦ ବଡଭାଇ ତୁଲ୍ୟ ଲେଖକ ଶ୍ରୀ ଆଶିଷ ରଞ୍ଜନ ମହାପାତ୍ରଙ୍କୁ ମୁଁ ମୋର୍ ଏ ଗବେଷଣାତ୍ମକ ପୁସ୍ତକ "ସାରସ୍ୱତସାଧିକା ନନ୍ଦିନୀ ଶତପଥୀ" ଉତ୍ସର୍ଗ କରୁଅଛି । ତାଙ୍କର୍ ପୂର୍ଣ୍ଣମାତ୍ରାରେ ସହଯୋଗ ପାଇଁ ଏ ଉର୍ତ୍ସର୍ଗ ନିମିତମାତ୍ର ।

*(ପ୍ରଫେସର ଡକ୍ଟର ସୁବାଷ ନାୟକ)*

ଓଡିଆ ସାହିତ୍ୟର ଭୂମି ଓ ଭୂମିକା ୧୯୮୬

୧୩. ପ୍ରଧାପକ ମୃତ୍ୟୁଞ୍ଜୟ ନାୟକ ଓଡିଆ ସାହିତ୍ୟର (ଚଣ୍ଡି ପୁସ୍ତକାଳୟ) ୧୯୮୬

ଇତିହାସ

୧୪. ପ୍ରଫେସର ଡକ୍ଟର ଓଡିଆ ସାହିତ୍ୟର ଇତିହାସରେ କିତାବ ମହଲ (୧ମ ସଂସ୍କରଣ)

ବାଉରୀବନ୍ଧୁ କର ଆଧୁନିକ ଓଡିଆ ସାହିତ୍ୟରେ ପ୍ରଗତିବାଦୀ ଚିନ୍ତାଧାରା ୧୯୮୯

୧୫. ଡକ୍ଟର ଜାନକୀବଲ୍ଲଭ ମହାନ୍ତି ଓଡିଆ କବିତାରେ (ଓଡିଶା ଲେଖିକା ସଂସଦ) ୧୯୯୭

ପ୍ରଗତିବାଦୀ ଚେତନାର ପଦଧ୍ୱନୀ

୧୬. ପ୍ରଫେସର ଡକ୍ଟର ସ୍ୱାଧିନତା ପରବର୍ତ୍ତୀ ଓଡିଆ (ଓଡିଶା ବୁକ୍ ଷ୍ଟୋର )ମାର୍ଚ୍ଚ ୨୦୦୪

ବୈଷ୍ଣବ ଚରଣ ସାମଲ ସାହିତ୍ୟର ଭୂମି ଓ ଭୂମିକାରେ

ଓଡିଆ ଅନୁବାଦ ସାହିତ୍ୟ

୧୭. ପ୍ରଫେସର ଡକ୍ଟର ଓଡିଆ ସାହିତ୍ୟର (କିତାବ ମହଲ) (୧ମ ସଂସ୍କରଣ)

ବାଉରୀବନ୍ଧୁ କର ଇତିହାସରେ ଅନୁବାଦ ସାହିତ୍ୟ ୧୯୮୯

୧୮. ଶ୍ରୀମତୀ ଇନ୍ଦୁଲତା ମହାନ୍ତି ଅମୃତାପ୍ରୀତମଙ୍କର (ବିଦ୍ୟାପୁରୀ) ଅକ୍ଟୋବର

ଉପନ୍ୟାସମାଳା ୨୦୦୪





# ଅଗ୍ରଲେଖ

ନନ୍ଦିନୀ ଶତପଥୀ- ମୋର ଜଣେ ପ୍ରିୟ ଲେଖିକା । ସେ ଜଣେ ସାରସ୍ୱତ ମର୍ଯ୍ୟାଦାବନ୍ତ ପରିବାରର କନ୍ୟାରତ୍ନ । ବାପା ଓଡିଶାର ବିଶିଷ୍ଟ ସାହିତ୍ୟିକ ପଦ୍ମଭୂଷଣ ଡକ୍ଟର କାଳିନ୍ଦୀଚରଣ ପାଣିଗ୍ରାହୀ । ନନ୍ଦିନୀଙ୍କ ଲେଖା ସାଧାରଣତଃ ଦ୍ୱିବିଧିକାରକ- ସେ ଯେପରି ଜଣେ ସୃଷ୍ଟିଶାଳୀ ଲେଖିକା ସେପରି ଜଣେ ସଫଳ ଅନୁବାଦିକା ।

ନନ୍ଦିନୀ ଶତପଥୀଙ୍କ ସାହିତ୍ୟିକ ପରିଚୟ ବ୍ୟତିରକେ ଜଣେ ରାଜନେତ୍ରୀ ଭାବରେ ସୁପ୍ରତିଷ୍ଠିତା । ଭାରତର କେନ୍ଦ୍ରମନ୍ତ୍ରୀ ସହ ଓଡିଶାର ମୁଖ୍ୟମନ୍ତ୍ରୀ ଆସନରେ ଅଧିଷ୍ଠିତ ନନ୍ଦିନୀ ନିଜ ଜୀବନକୁ ଜନମାନସର ସେବାରେ ସମର୍ପଣ କରିଥିଲେ ।

ଏ ପୁସ୍ତକଟିକୁ ରଚନା କରିବାରେ ଓଡିଶାର ଅନେକ ସାହିତ୍ୟିକ ଓ ସାହିତ୍ୟିକାଙ୍କ ପୁସ୍ତକ ସହାୟକ ଗ୍ରନ୍ଥସୂଚୀଭାବରେ ପ୍ରେରଣା ଦେବା ସହ ନନ୍ଦିନୀ ଶତପଥୀଙ୍କର ଜୀବନୀ ପୁସ୍ତକର ଲେଖକ ମୋର ପୂଜ୍ୟ ଶ୍ରୀ ଆଶିଷ ରଂଜନ ମହାପାତ୍ରଙ୍କ "ମାଟିର ନନ୍ଦିନୀ" ପୁସ୍ତକର ସହାୟତା ତଥା ଶ୍ରୀ ମହାପାତ୍ରଙ୍କର ପୂର୍ଣ୍ଣ ସହଯୋଗ ମୋତେ ଏ ପୁସ୍ତକଟିକୁ ପୂର୍ଣ୍ଣାଙ୍ଗ କରିବାରେ ସହାୟକ ହୋଇପାରିଥିବାରୁ ମୁଁ ତାଙ୍କ ନିକଟରେ ଚିରକୃତଜ୍ଞତା ଜ୍ଞାପନ କରୁଅଛି ।

ପରିଶେଷରେ ଏହି ପୁସ୍ତକଟିକୁ ପୂର୍ଣ୍ଣାଙ୍ଗ କରିବାରେ ସହଯୋଗ କରିଥିବା ମୋର ପୂଜ୍ୟ ଗୁରୁଦେବ ପ୍ରଫେସର ଡକ୍ଟର ଆଦିକନ୍ଦ ସାହୁଙ୍କ ପ୍ରେରଣା ଓ ସହଯୋଗ ମୋର ଆଜୀବନ ସ୍ମରଣ ହୋଇ ରହିଥିବ ।

ଏହା ପାଠକ ପାଠିକାଙ୍କ ଦ୍ୱାରା ସୁଖପାଠ୍ୟ ହୋଇପାରିଲେ ମୋର ଶ୍ରମ ସାର୍ଥକ ହେବ ବୋଲି ମନେ କରିବି ।

ଶ୍ରୀରାମ ନିବାସ, ବଡହାଟ

ଭୁବନ ଟାଉନ , ଢେଙ୍କାନାଳ ଡକ୍ଟର ସୁବାଷ ନାୟକ

(ଅଧ୍ୟାପକ/ସାହିତ୍ୟିକ/ଗବେଷକ)

ପରିବାର - ଦୁଇ ପୁଅ
ବଡ ପୁଅ ଶ୍ରୀ ନଚିକେତା ଶତପଥୀ (ଶିଳ୍ପପତି)

**ସହାୟକ ଗ୍ରନ୍ଥସୂଚୀ**


| କ୍ର. ନଂ | ଲେଖକ | ପୁସ୍ତକର ନାମ | ପ୍ରକାଶକ | ପ୍ରକାଶନ କାଳ |
|---|---|---|---|---|
| ୧. | ନନ୍ଦିନୀ ଶତପଥୀ | କେତୋଟି କଥା | (ଗ୍ରନ୍ଥ ମନ୍ଦିର) | ୧୯୬୭ |
| ୨. | ନନ୍ଦିନୀ ଶତପଥୀ | ଗାନ୍ଧୀ କଥାମୃତ | (କେନ୍ଦ୍ର ସାହିତ୍ୟ ଏକାଡେମୀ) | ୧୯୭୦ |
| ୩. | ନନ୍ଦିନୀ ଶତପଥୀ | ସପ୍ତଦର୍ଶୀ | (ଗ୍ରନ୍ଥ ମନ୍ଦିର) | ୧୯୮୮ |
| ୪. | ନନ୍ଦିନୀ ଶତପଥୀ | ଉତର ପୁରୁଷ | (ଫ୍ରେଣ୍ଡସ୍ ପବ୍ଲିଶର୍ସ) | ୧୯୮୮ |
| ୫. | ନନ୍ଦିନୀ ଶତପଥୀ | ରେଭିନ୍ୟୁ ଟିକେଟ୍ | (ଗ୍ରନ୍ଥ ମନ୍ଦିର) | ୧୯୯୦ |
| ୬. | ନନ୍ଦିନୀ ଶତପଥୀ | ଲଜ୍ଜା | (ଫ୍ରେଣ୍ଡସ୍ ପବ୍ଲିଶର୍ସ) | ୧୯୯୪ |
| ୭. | ନନ୍ଦିନୀ ଶତପଥୀ | ମହେଶ୍ୱତା ଦେବୀଙ୍କ ନିର୍ବାଚିତ ଗଳ୍ପ | (ଲକି ପବ୍ଲିକେଶନ) | ୧୯୯୯ |
| ୮. | ଆଶିଷ ରଂଜନ ମହାପାତ୍ର | ମାଟିର ନନ୍ଦିନୀ | (ଫ୍ରେଣ୍ଡସ୍ ପବ୍ଲିଶର୍ସ) | ୧୯୯୯ |
| ୯. | ଗୋଲାପ ମଂଜରୀ କର | ନନ୍ଦିନୀଙ୍କ ସର୍ଜନା ଉତୋରିତ ଆତ୍ମାର ବଳିଷ୍ଠ ଉଦାହରଣ | (ଓଡିଶା ଲେଖକ ସଂସଦ) | ଡିସେମ୍ବର ୨୦୦୩ |
| ୧୦. | ଡକ୍ଟର ବଂଶିଧର ମହାନ୍ତି | ଓଡିଆ ସାହିତ୍ୟ ଇତିହାସ | (ଫ୍ରେଣ୍ଡସ୍ ପବ୍ଲିଶର୍ସ) | ୧୯୭୦ |
| ୧୧. | ଡକ୍ଟର ନାରାୟଣ ସାହୁ | ଓଡିଆ ସାହିତ୍ୟର ସାମାଜିକ ଓ ସାଂସ୍କୃତିକ ଇତିହାସ | (ସାହିତ୍ୟ ସଂଗ୍ରହ ପ୍ରକାଶନ) | ୧୯୯୪ |
| ୧୨. | ଡକ୍ଟର କୁଂଜବିହାରୀ ଦାଶ | ଆଧୁନିକ | (ଓଡିଶା ସାହିତ୍ୟ ଏକାଡେମୀ) | (୩ୟ ସଂସ୍କରଣ) |

ନିଖିଳ ଭାରତୀୟ କଂଗ୍ରେସ କାର୍ଯ୍ୟକାରିଣୀ କମିଟି ସଭ୍ୟା

| | |
|---|---|
| ସଭାପତି | - ଓଡିଶା ପ୍ରଦେଶ କଂଗ୍ରେସ କମିଟି |
| ବିଧାୟିକା (କଟକ ସଦର) | - ୧୯୭୨ - ୭୩ |
| ଓଡିଶାର ମୁଖ୍ୟମନ୍ତ୍ରୀ | - ୧୯୭୨ -୧୯୭୩ |
| ବିଧାୟିକା (ଢେଙ୍କାନାଳ) | -୧୯୭୪ - ୧୯୭୭ |
| ଓଡିଶାର ମୁଖ୍ୟମନ୍ତ୍ରୀ | - ୧୯୭୪ - ୧୯୭୬ |
| ବିଧାୟିକା (ଢେଙ୍କାନାଳ) | -୧୯୭୪ - ୧୯୭୭ |
| ବିଧାୟିକା (ଢେଙ୍କାନାଳ) | -୧୯୭୭ - ୧୯୮୦ |
| ବିଧାୟିକା (ଢେଙ୍କାନାଳ) | -୧୯୮୦ - ୧୯୮୫ |
| ବିଧାୟିକା (ଢେଙ୍କାନାଳ) | -୧୯୮୫ - ୧୯୯୦ |
| ବିଧାୟିକା (ଗନ୍ଦିଆ) | - ୧୯୯୦ - ୧୯୯୫ |
| ବିଧାୟିକା (ଗନ୍ଦିଆ) | - ୧୯୯୫ - ୧୯୯୯ |

୨୦୦୦ ମସିହାରୁ ସକ୍ରିୟ ରାଜନୀତିରୁ ଅବସର ଗ୍ରହଣ

**ବ୍ୟକ୍ତିତ୍ୱ : ନନ୍ଦିନୀ ଶତପଥୀ**

| | | |
|---|---|---|
| ଜନ୍ମତାରିଖ | - | ୯ ଜୁନ୍, ୧୯୩୧ ମସିହା<br>କଟକ ଖ୍ରୀଷ୍ଟିଆନ୍ ସାହିର ଯାଚକ ଲେନ୍ |
| ବାପାଙ୍କ ନାମ | - | ପଦ୍ମଭୂଷଣ କାଳିନ୍ଦୀଚରଣ ପାଣିଗ୍ରାହୀ (ସାହିତ୍ୟିକ) |
| ମାତାଙ୍କ ନାମ | - | ରତ୍ନମଣି ଦେବୀ |
| ସ୍ୱାମୀଙ୍କ ନାମ | - | ଶ୍ରୀ ଦେବେନ୍ଦ୍ର ଶତପଥୀ (ପୂର୍ବତନ ସାଂସଦ, ଢେଙ୍କାନାଳ) |
| ରାଜନେତ୍ରୀ | - | ସାଂସଦ, କେନ୍ଦ୍ରମନ୍ତ୍ରୀ, ବିଧାୟିକା, ମୁଖ୍ୟମନ୍ତ୍ରୀ |





ବିଷୟସୂଚୀ

# ସାରସ୍ୱତସାଧିକା
# ନନ୍ଦିନୀ ଶତପଥୀ

**ଉକ୍ତ ପୁସ୍ତକଟି କିପରି ରଚିତ ହେବ**
**ଓ**
**ତାହାର ବିଷୟ ପିଣ୍ଡର ଅନୁକ୍ରମଣିକା କ'ଣ ହେବ**
**ତାହା ଆପାତତଃ ଏଥିରେ ଉପସ୍ଥାପିତ ହୋଇଛି ।**


| | |
|---|---|
| ନନ୍ଦିନୀଙ୍କ ସାଧାରଣ ପରିଚୟ | ପୃଷ୍ଠା: ୧-୫ |
| ନନ୍ଦିନୀଙ୍କ ପାରିବାରିକ ଜୀବନ | ୬-୯ |
| ନନ୍ଦିନୀଙ୍କ ରାଜନୈତିକ ଜୀବନ | ୧୦-୨୦ |
| ନନ୍ଦିନୀଙ୍କ ସାରସ୍ୱତ ସୃଷ୍ଟି | ୨୧-୨୭୩ |
| ଉପସଂହାର | ୨୭୪-୨୮୧ |

ସାରସ୍ୱତସାଧିକା ନନ୍ଦିନୀ ଶତପଥୀ

ମସିହାରେ ପ୍ରକାଶିତ ହୋଇଥିଲା ୧୭ ଗୋଟି ଗଳ୍ପକୁ ନେଇ ।

୪. ଉତର ପୁରୁଷ -ନନ୍ଦିନୀ ଶତପଥୀଙ୍କ କବିତା ସଂକଳନ "ଉତର ପୁରୁଷ" ୧୯୮୮ରେ ପ୍ରକାଶିତ ହୋଇଥିଲା । ଏଥିରେ ୪୨ ଗୋଟି କବିତା ସ୍ଥାନୀତ ହୋଇଅଛି ।

୫. ରେଭିନ୍ୟୁ ଟିକେଟ୍ - ଜ୍ଞାନପୀଠ ପୁରସ୍କାରପ୍ରାପ୍ତା ଅମୃତାପ୍ରୀତମ୍‌ଙ୍କ ଆତ୍ମଜୀବନୀକୁ ନନ୍ଦିନୀ ଶତପଥୀ ଓଡିଆରେ ଅନୁବାଦ କରିଥିଲେ "ରେଭିନ୍ୟୁ ଟିକେଟ୍" । ଏହା ୧୯୯୦ ମସିହାରେ ପ୍ରକାଶିତ ହୋଇଥିଲା । ଏହି ପୁସ୍ତକ ପାଇଁ ନନ୍ଦିନୀ ଦେବୀ କେନ୍ଦ୍ର ସାହତ୍ୟ ଏକାଡେମୀ ପୁରସ୍କାର ପାଇଥିଲେ ।

୬. ଲଜ୍ଜା - ନନ୍ଦିନୀ ଶତପଥୀ "ଲଜ୍ଜା" କୁ ଅନୁବାଦ କରିଥିଲେ । ବଙ୍ଗଳାଦେଶର ଲେଖିକା 'ତସଲିମା ନାସରିନ୍'ଙ୍କର ଉପନ୍ୟାସରୁ । ଏହି ପୁସ୍ତକଟି ୧୯୯୪ରେ ପ୍ରକାଶିତ ହୋଇଥିଲା । ଏହା ଏକ ସାଂପ୍ରଦାୟିକତା ଉପରେ ଆଧାରିତ ଉପନ୍ୟାସ ।

୭. ମହାଶ୍ୱେତାଦେବୀଙ୍କ ନିର୍ବାଚିତ ଗଳ୍ପ -ବଙ୍ଗଳା ଲେଖିକା ମହାଶ୍ୱେତାଦେବୀଙ୍କର ୨୦ଟି ଗଳ୍ପକୁ ନନ୍ଦିନୀଦେବୀ ଓଡିଆରେ ଅନୁବାଦ କରିଛନ୍ତି । ଏହି ପୁସ୍ତକ ୧୯୯୯ ମସିହାରେ ପ୍ରକାଶିତ । ଏଥିରେ ଆଦିବାସୀମାନଙ୍କ ଜୀବନ ଚରିତକୁ ନେଇ ଗଳ୍ପଗୁଡିକୁ ପ୍ରସ୍ତୁତ କରାଯାଇଛି ।

## ରାଜନେତ୍ରୀ ନନ୍ଦିନୀ ଶତପଥୀ

| | | |
|---|---|---|
| ରାଜ୍ୟସଭା ସାଂସଦ | - | ୧୯୬୨ ରୁ ୧୯୬୮ |
| କେନ୍ଦ୍ରମନ୍ତ୍ରୀ | - | (ସୂଚନା ଓ ପ୍ରସାରଣ) ୧୯୬୬ - ୧୯୬୮ |
| ରାଜ୍ୟସଭା ସାଂସଦ | - | ୧୯୬୮ - ୧୯୭୨ |
| କେନ୍ଦ୍ରମନ୍ତ୍ରୀ | - | ୧୯୬୮ - ୧୯୭୨ |

(ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ)

ପୂର୍ବ ଜର୍ମାନୀ - ୧୯୭୭ ମସିହାରେ ସାଂସ୍କୃତିକ ଦଳରେ ପ୍ରତିନିଧି ଥିଲେ
ମେକ୍ସିକୋ - ୱାର୍ଲ୍ଡ ଉଇମେନ୍ ପାର୍ଲାମେଣ୍ଟାରୀ ଫର୍ ପିସ୍‌ରେ ଯୋଗଦାନ
ସିଙ୍ଗାପୁର - ୧୯୮୯ରେ ଭ୍ରମଣ

**ସାହିତ୍ୟିକା ନନ୍ଦିନୀ ଶତପଥୀ**

୧. କେତୋଟି କଥା - ନନ୍ଦିନୀ ଶତପଥୀଙ୍କ ପ୍ରଥମ ଗଳ୍ପ ସଂକଳନ "କେତୋଟି କଥା" ୧୯୬୭ ମସିହାରେ ୨୨ ଗୋଟି ଗଳ୍ପକୁ ନେଇ ପ୍ରକାଶିତ ହୋଇଥିଲା । ଏଥିରେ ପ୍ରକାଶିତ ଗଳ୍ପଗୁଡିକ ବିଭିନ୍ନ ଭାଷାରେ ଅନୁବାଦିତ ହୋଇଅଛି ।

୨. ଗାନ୍ଧୀ କଥାମୃତ - କୃଷ୍ଣାକ୍ରିପାଳିନୀଙ୍କ 'ଅଲମେନ୍ ଆର୍ ବ୍ରଦର୍ସ'ରୁ ଓଡିଆରେ ଅନୁବାଦିତ "ଗାନ୍ଧି କଥାମୃତ" କେନ୍ଦ୍ର ସାହିତ୍ୟ ଏକାଡେମୀ ଦ୍ୱାରା ପ୍ରକାଶିତ ହୋଇଅଛି । ଏଥିରେ ମହାତ୍ମାଗାନ୍ଧୀଙ୍କ ନିଜ ଭାଷାରେ ତାଙ୍କର ଜୀବନ ଓ ଚିନ୍ତା ପରିପ୍ରକାଶ ହୋଇଅଛି ।

୩. ସପ୍ତଦଶୀ -ନନ୍ଦିନୀ ଶତପଥୀଙ୍କ ଦ୍ୱିତୀୟ ଗଳ୍ପ ସଂକଳନ "ସପ୍ତଦଶୀ" ୧୯୮୮





## ନନ୍ଦିନୀଙ୍କ ସାଧାରଣ ପରିଚୟ

ପୁରୀ ଜିଲ୍ଲା ବାଲିପାଟଣା ବ୍ଲକ୍‌ସ୍ଥ ବିଶ୍ୱନାଥପୁର ଶାସନର ତତ୍‌କାଳୀନ ସ୍ୱାଧୀନତା ସଂଗ୍ରାମୀ ଶ୍ରୀଯୁକ୍ତ ସ୍ୱପ୍ନେଶ୍ୱର ପାଣିଗ୍ରାହୀ ଏବଂ ଶ୍ରୀମତୀ ସରସ୍ୱତୀ ପାଣିଗ୍ରାହୀଙ୍କ କୋଳରୁ ତିନିଗୋଟି ପୁଅ ଏବଂ ଚାରିଗୋଟି ଝିଅ ଜନ୍ମ ନେଇଥିଲେ । ପୁଅମାନଙ୍କ ମଧ୍ୟରୁ ବଡ଼ ଶ୍ରୀ ଦିବ୍ୟସିଂହ ପାଣିଗ୍ରାହୀ, ମଝିଆଁ କାଳିନ୍ଦୀଚରଣ ପାଣିଗ୍ରାହୀ ଓ ସାନ ଭଗବତୀ ଚରଣ ପାଣିଗ୍ରାହୀ । ଏମାନଙ୍କ ମଧ୍ୟରୁ ଓଡ଼ିଶାର ସ୍ୱନାମଧନ୍ୟ ଲେଖକ ପଦ୍ମଭୂଷଣ ଡକ୍ଟର କାଳିନ୍ଦୀଚରଣ ପାଣିଗ୍ରାହୀ ପତ୍ନୀ ରତ୍ନମଣିଦେବୀଙ୍କୁ ନେଇ ତାଙ୍କର ସରକାରୀ ଚାକିରି ଜୀବନ ଆରମ୍ଭ କରନ୍ତି କଟକର ଖ୍ରୀଷ୍ଟିଆନ୍ ସାହିସ୍ଥିତ ଯାଚକ ଲେନ୍‌ରେ ଏକ ଘରଭଡ଼ା ନେଇ । ସେହି ସମୟରେ ଅର୍ଥାତ୍ ୧୯୩୧ ମସିହା ଜୁନ୍ ୯ ତାରିଖରେ ସେମାନଙ୍କ ଔରସରୁ ଯେଉଁ କନ୍ୟାରତ୍ନଟି ତାଙ୍କର କୋଳ ମଣ୍ଡନ କରିଥିଲା, ସେ ହେଉଛନ୍ତି ଓଡ଼ିଶାର ଗର୍ବ ଓ ଗୌରବର ପ୍ରତୀକ ନନ୍ଦିନୀ ପାଣିଗ୍ରାହୀ; ଯେ କି ପରବର୍ତୀ ସମୟରେ ଓଡ଼ିଶାର ପୁରପଲ୍ଲୀରେ ତଥା ସାରା ଦେଶରେ ନନ୍ଦିନୀ ଶତପଥୀ ରୂପେ ପ୍ରତିଷ୍ଠା ଲାଭ କରିଥିଲେ ।

ଏଥି ପୂର୍ବରୁ କାଳିନ୍ଦୀବାବୁ ଏବଂ ରତ୍ନମଣିଦେବୀଙ୍କ ଔରସରୁ ଗୋଟିଏ ପୁଅ ଏବଂ ଗୋଟିଏ ଝିଅ ଜନ୍ମ ନେଇ ମରିଯାଇଥିବାରୁ ଉଭୟ ଖୁବ୍ ବ୍ୟଥିତ ହୋଇପଡ଼ିଥିଲେ । ଛୁଆଟିଏ କୋଳରେ ଦେଖିବାକୁ ଉଦ୍‌ବିଗ୍ନ ହୋଇଉଠିଥିଲେ ପତି-ପତ୍ନୀ । ପରବର୍ତୀ ସମୟରେ ବହୁ ଓଷା ବ୍ରତ କରି ସର୍ବଶେଷରେ ଈଶ୍ୱରଙ୍କ କୃପାରୁ ଏହି ମହିୟସୀ ମହିଳା ନନ୍ଦିନୀଙ୍କୁ କନ୍ୟା ରୂପେ ପ୍ରାପ୍ତ ହୋଇଥିଲେ । ଶିଶୁଟି ବିଛାରାଶିରେ ଜନ୍ମ ନେଇଥିବାରୁ ଜାତକରେ ନାମ ଦିଆଯାଇଥିଲା 'ନର୍ମଦା' । ବାପା କାଳିନ୍ଦୀଚରଣ ନାଁ ରଖିଥିଲେ 'ନନ୍ଦିନୀ', ଶ୍ରଦ୍ଧାରେ ସମସ୍ତେ ଡାକୁଥିଲେ 'କୁନି' । ପ୍ରକୃତରେ ଏହି 'କୁନି', 'ନର୍ମଦା' ଅବା 'ନନ୍ଦିନୀ' ଯଥାର୍ଥରେ ଥିଲେ ଈଶ୍ୱରଙ୍କର ଏକ ଅନନ୍ୟ ଆଶୀର୍ବାଦ ।

ପିଲାଟି ଦିନରୁ ନନ୍ଦିନୀ ଖୁବ୍ ଅଲିଅଳରେ ବଢ଼ିଥିଲେ । ପରିବାରର ପ୍ରତ୍ୟେକ ବ୍ୟକ୍ତି ତାଙ୍କୁ ଖୁବ୍ ଆଦର ଓ ସ୍ନେହ କରୁଥିଲେ । ଯଦିଓ କଟକରେ ରହି ସେ ପ୍ରାଥମିକ ଶିକ୍ଷା ଲାଭ କରିଥିଲେ; ସ୍କୁଲ ଛୁଟି ହେବାକ୍ଷଣି ନିଜ ଗାଁ ପୁରୀ ଜିଲ୍ଲାର ବିଶ୍ୱନାଥପୁର ଶାସନକୁ ଜେଜେମା'ଙ୍କ ସହିତ ବରାବର ଚାଲିଯାଉଥିଲେ । ତାଙ୍କୁ ଗ୍ରାମ୍ୟ ଜୀବନ, ତା'ର ପାଣିପବନ ଏବଂ ଗ୍ରାମ୍ୟ ଲୋକଙ୍କ ସହିତ ମିଳାମିଶା କରିବାକୁ ଖୁବ୍ ଆନନ୍ଦ ଦେଉଥିଲା । ତାଙ୍କର ବହୁ ସମୟ ସହରରେ କଟୁଥିଲେ ମଧ୍ୟ ସେ ବିଶ୍ୱନାଥପୁରକୁ ଭୁଲିପାରୁନଥିଲେ ।

୧୯୪୬ ମସିହାରେ ନନ୍ଦିନୀ ମାଟ୍ରିକ୍ୟୁଲେସନ୍ ପରୀକ୍ଷା ଦେବାବେଳକୁ ତାଙ୍କର ବାପା କାଳିନ୍ଦୀବାବୁ ଆକାଶବାଣୀ କଟକ କେନ୍ଦ୍ରର ଇଷ୍ଟର୍ଣ୍ଣ ଷ୍ଟେଟ୍ ପବ୍ଲିସିଟି ଅଫିସର ଥାଆନ୍ତି । ନନ୍ଦିନୀଦେବୀ ପରୀକ୍ଷାରେ ପ୍ରଥମଶ୍ରେଣୀରେ ପାଶ୍ ହେବା ଖବର ଘରେ ଦେବାରୁ ପରିବାରରେ ସମସ୍ତେ ତାଙ୍କୁ ଉଚ୍ଚାଭିଳାଷୀ ହେବା ପାଇଁ ପ୍ରବର୍ତାଇଥିଲେ । ନନ୍ଦିନୀ ଏକ ସାହିତ୍ୟିକ ପରିବାରରୁ ଆସିଥିବାରୁ ପିଲାଟି ଦିନରୁ ତାଙ୍କର ଲେଖାଲେଖି ଏବଂ ପତ୍ରିକା ପଢ଼ାରେ ପ୍ରବଳ ଇଚ୍ଛା ଥିଲା । ତାଙ୍କୁ ଯେତେବେଳେ ୧୩ ବର୍ଷ ବୟସ ଅର୍ଥାତ୍ ୧୯୪୨ ମସିହାରେ ସେ ପ୍ରାକ୍ଟିସିଙ୍ଗ ମିଡିଲ୍ ସ୍କୁଲ, କଟକରେ ସପ୍ତମ ଶ୍ରେଣୀରେ ପଢୁଥିବା ସମୟରେ ତାଙ୍କର ପ୍ରଥମ ଗଳ୍ପ "ଅନାଥ" ସ୍କୁଲ ମାଗାଜିନ୍‌ରେ ପ୍ରକାଶିତ ହୋଇଥିଲା । ବାପା, ମାଆ ନଥିବା ଏକ ଗରିବ ପିଲାର ଚରିତ୍ରକୁ ନେଇ ନନ୍ଦିନୀ ଏହି ଗଳ୍ପଟିକୁ ଲେଖିଥିଲେ । ସେହିଦିନୁ ତାଙ୍କର ସାହିତ୍ୟିକ ପ୍ରତିଭାର ପରିଚୟ ମିଳିଥିଲା ।

ବାପା କାଳିନ୍ଦୀଚରଣଙ୍କର ଇଚ୍ଛା ଥିଲା କୁନି (ନନ୍ଦିନୀ) କଲେଜରେ ବାୟୋଲୋଜି ବିଷୟ ରଖି ପାଠପଢ଼ି ଭବିଷ୍ୟତରେ ଜଣେ ଡାକ୍ତର ହୋଇ ଜନସାଧାରଣଙ୍କର ସେବା କରିବ । କିନ୍ତୁ ଭଗବାନଙ୍କର ଇଚ୍ଛା ଥିଲା ଅନ୍ୟପ୍ରକାରର । ନନ୍ଦିନୀଦେବୀ କଟକର ରେଭେନ୍‌ସା କଲେଜରୁ ଆଇ.ଏସ୍‌ସି ପାଶ୍ କଲାବେଳକୁ ସମ୍ପୂର୍ଣ୍ଣ ରୂପରେ ରାଜନୀତି ତଥା ସମାଜସେବାରେ ନିଜକୁ ନିୟୋଜିତ କରିସାରିଥିଲେ ।

୧୯୪୬ ଡିସେମ୍ବର ୧୮ ତାରିଖ ଦିନ କଲେଜରେ ବାର୍ଷିକ କ୍ରୀଡ଼ା ଉତ୍ସବ ପାଳନ ଅବସରରେ ଇଂରେଜ ସରକାରଙ୍କ ପତାକା 'ୟୁନିଅନ୍ ଜ୍ୟାକ୍'କୁ କାଢ଼ି ସେଠାରେ ଭାରତୀୟ ତ୍ରିରଙ୍ଗା ପତାକା ନନ୍ଦିନୀ ଉଡ଼ାଇଥିଲେ । ସେଥିପାଇଁ ସେ କାରାବରଣ ମଧ୍ୟ କରିଥିଲେ । ପରେ ପରେ ୧୯୫୧ରେ ନନ୍ଦିନୀଦେବୀ କଲେଜ ଛାତ୍ରସଂସଦର ସଂପାଦିକା ଭାବରେ ନିର୍ବାଚିତ ହୋଇ ରାଜ୍ୟରେ ଜଣେ ଛାତ୍ରୀନେତ୍ରୀ ଭାବରେ ସୁନାମ ଅର୍ଜନ କରିଥିଲେ । କଲେଜରୁ ବି.ଏ. ପାଶ୍ ପରେ ନନ୍ଦିନୀ ଏମ୍.ଏ. (ଓଡ଼ିଆ)ରେ ପଢୁଥିବା ସମୟରେ ସଂଗ୍ରାମୀ ନେତା ତଥା ଢେଙ୍କାନାଳର ପ୍ରଜା ଆନ୍ଦୋଳନ ସହିତ ସମ୍ପୃକ୍ତ ଶ୍ରୀଯୁକ୍ତ ଦେବେନ୍ଦ୍ର ଶତପଥୀଙ୍କ ସହିତ ବିବାହ ହୋଇଥିଲା । ବିବାହ ପରେ ନନ୍ଦିନୀ ଢେଙ୍କାନାଳର ଧଳପୁର ଗ୍ରାମସ୍ଥ ଶ୍ୱଶୁର ଘରେ କିଛିଦିନ ରହିବା ପରେ ସଂଗ୍ରାମୀ ମନ ତାଙ୍କର ସେଠାରେ ଲାଗିନଥିଲା । ସେ ପୁଣି ଫେରିଥିଲେ କଟକସ୍ଥ ନିଜ ପିତାଙ୍କ ବାସଭବନକୁ । ପିତା କାଳିନ୍ଦୀଚରଣ କଟକର ପିଠାପୁରଠାରେ ତାଙ୍କୁ ଦେଇଥିବା ଘର ଖଣ୍ଡିକରେ ସେ ଅବସ୍ଥାନ କରିଥିଲେ । ସେଇଠାରେ ହିଁ ତାଙ୍କର ବଡ଼ପୁଅ ନଚିକେତା ଏବଂ ଚାରିବର୍ଷ ପରେ ସାନପୁଅ ତଥାଗତ ଜନ୍ମ ନେଇଥିଲେ ।





ତା'ର ପ୍ରତିଫଳିତ ଘଟିଛି । କାଳି ହୁଏତ କାଳ ପ୍ରବାହରେ ରାଜନେତ୍ରୀ ନନ୍ଦିନୀ ଶତପଥୀ ଇତିହାସର ପୁରୁଣା ତାରିଖକୁ ଚାଲିଯାଇ ମଳିନ ହୋଇଯିବେ, ମାତ୍ର କବୟତ୍ରୀ, ଗାଳ୍ପିକା ଓ ଅନୁବାଦିକା ନନ୍ଦିନୀ ଶତପଥୀ ଚିରକାଳ ଅମର ହୋଇ ରହିଥିବେ ।

**କୃତୀ ଓ କୃତିତ୍ୱ (ସମ୍ମାନ / ସ୍ୱୀକୃତି)**

| | |
|---|---|
| ଗଙ୍ଗାଧର ଫାଉଣ୍ଡେସନ ପକ୍ଷରୁ | - "ମନୋରମ ସାରସ୍ୱତ ସମାରୋହ" "ସାହିତ୍ୟ ଭାରତୀ ସମ୍ମାନ" |
| ଡକ୍ଟର ହରେକୃଷ୍ଣ ମହତାବଙ୍କ | - "ପ୍ରଜାତନ୍ତ୍ର ପ୍ରଚାର ସମିତି ସମ୍ମାନ" |
| | - "ଓଡିଶା ସାହିତ୍ୟ ଏକାଡେମୀ ପୁରସ୍କାର" |
| ରେଭିନ୍ୟୁ ଟିକେଟ୍ ପୁସ୍ତକ ପାଇଁ | - "କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର" |
| ଚିନ୍ତା ଓ ଚେତନା ପକ୍ଷରୁ | - "ବୈଶାଖୀ ସାହିତ୍ୟ ସମ୍ମାନ" |
| ରାଜ୍ୟସ୍ତରୀୟ ପୁରସ୍କାର | - "ଲିଙ୍ଗରାଜ ପୁରସ୍କାର" |
| | - "କାର୍ତିକେଶ୍ୱର ପୁରସ୍କାର" |
| ଓଡିଶା ଲେଖିକା ସଂସଦ ପକ୍ଷରୁ | - "ପୁରସ୍କାର" |
| ରେଭେନ୍ସା କଲେଜ ଛାତ୍ରାବାସ ପକ୍ଷରୁ | - ପୁରସ୍କାର |
| ନାଟ୍ୟଚାର୍ଯ୍ୟ କବି ବାଳକୃଷ୍ଣ ସ୍ମାରକୀ ପକ୍ଷରୁ | - ପୁରସ୍କାର |
| ଜଣେ ସ୍ୱାଧୀନତା ସଂଗ୍ରାମୀ ଭାବରେ ସ୍ୱାଧୀନତା ପ୍ରାପ୍ତିର | -"ସୁବର୍ଣ୍ଣ ଜୟନ୍ତୀ ସମାରୋହ ସମ୍ମାନ" |

**ନନ୍ଦିନୀ ଶତପଥୀଙ୍କର ବିଦେଶ ଭ୍ରମଣ**

| | |
|---|---|
| ଯୁକ୍ତରାଷ୍ଟ୍ର ଆମେରିକା | - ଜାତିସଂଘର ରୌପ୍ୟଜୟନ୍ତୀ ଉତ୍ସବରେ ପ୍ରଧାନମନ୍ତ୍ରୀ ଇନ୍ଦିରାଗାନ୍ଧୀଙ୍କ ସହ ନନ୍ଦିନୀ ଶତପଥୀଙ୍କ ଯୋଗଦାନ |
| ସୋଭିଏତ୍ ରୁଷ | - ୧୯୬୮, ୧୯୭୧, ୧୯୭୭ ମସିହାରେ ଚଳଚ୍ଚିତ୍ର ଓ ସାଂସ୍କୃତିକ ବିଭାଗର ପ୍ରତିନିଧି ଦଳର ନେତୃତ୍ୱ ଭାବରେ ଅଂଶଗ୍ରହଣ |
| ଫ୍ରାନ୍ସ | - ୧୯୬୮ ମସିହାରେ ୟୁନେସ୍କୋକୁ ପ୍ରତିନିଧି ଭାବରେ ଭ୍ରମଣ |
| ଇଂଲଣ୍ଡ | - ପ୍ରେସ୍ କାଉନ୍‌ସିଲ୍ ଅଫ୍ ଇଣ୍ଡିଆ ତରଫରୁ ପ୍ରେସ୍ ସମ୍ପର୍କିତ ଅଧ୍ୟୟନ ବୈଠକରେ ଯୋଗଦାନ |

ଗୋଟିଏ କବିତା ସଂକଳନ - "ଉତର ପୁରୁଷ" । ଅନୁବାଦ ମଧ୍ୟରେ କେନ୍ଦ୍ର ସାହିତ୍ୟ ଏକାଡେମୀ ସଚିବ କୃଷ୍ଣା କ୍ରିପାଳିନୀଙ୍କ ଦ୍ୱାରା ଲିଖିତ ମହାତ୍ମାଗାନ୍ଧୀଙ୍କର ଆତ୍ମଜୀବନୀର ଓଡିଆ ଅନୁବାଦ - "ଗାନ୍ଧୀ କଥାମୃତ" । ଯାହାକି ସାହିତ୍ୟ ଏକାଡେମୀ ୧୯୬୦ ମସିହାରେ ଏ ପୁସ୍ତକକୁ ପ୍ରକାଶନ କରିଥିଲେ । ବିଶିଷ୍ଟ ବଙ୍ଗଳା ଲେଖିକା ମହାଶ୍ୱେତାଦେବୀଙ୍କର "ନିର୍ବାଚିତ ଗଳ୍ପ", ପଦ୍ମଭୂଷଣ ଡକ୍ଟର ଅମୃତାପ୍ରୀତମ୍‌ଙ୍କ ଆତ୍ମଜୀବନୀ "ରେଭିନ୍ୟୁ ଟିକେଟ୍"ର ଅନୁବାଦ କରିଥିଲେ ନନ୍ଦିନୀଦେବୀ । ଏହି ଅନୁବାଦ ପାଇଁ ସେ ମଧ୍ୟ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇଥିଲେ । ବିଶେଷତଃ ତସଲିମା ନାସରିନ୍‌ଙ୍କ ବହୁଚର୍ଚ୍ଚିତ ଉପନ୍ୟାସ "ଲଜ୍ଜା" କୁ ଓଡିଆରେ ଅନୁବାଦ କରି ନନ୍ଦିନୀଦେବୀ ଅଜସ୍ର ଯଶର ଅଧିକାରିଣୀ ହୋଇପାରିଛନ୍ତି ।

ନନ୍ଦିନୀ ଶତପଥୀ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ସହିତ ବହୁ ଅନୁଷ୍ଠାନରୁ ସେ ପୁରସ୍କୃତା ଓ ସମ୍ବର୍ଦ୍ଧିତା ହୋଇଥିଲେ । ଓଡିଶା ସାହିତ୍ୟ ଏକାଡେମୀ ପୁରସ୍କାର, ସାହିତ୍ୟ ଭାରତୀ ସମ୍ମାନ, ପ୍ରଜାତନ୍ତ୍ର ପ୍ରଚାର ସମିତି ସମ୍ମାନ ବ୍ୟତୀତ ସେ ମଧ୍ୟ ସ୍ୱାଧୀନତାର ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ସମ୍ମାନିତା । ସେହିପରି ନନ୍ଦିନୀଦେବୀ ଓଡିଶା ସାହିତ୍ୟ ଏକାଡେମୀର ସଭାପତି ଭାବରେ ଦାୟିତ୍ୱ ନିର୍ବାହ କରିଥିଲେ ।

ନନ୍ଦିନୀ ଶତପଥୀ ଥିଲେ ପ୍ରଚଣ୍ଡ ସ୍ୱାଭିମାନୀ, ଜୀବନର କାହାପାଖରେ କେବେହେଲେ ମୁଣ୍ଡ ନୁଆଁଇନାହାନ୍ତି । ତମାମ୍ ଜୀବନ ଲଢି ଆସିଥିବା ନନ୍ଦିନୀ ଆପଣା ରୋଗ ସାଙ୍ଗରେ ଲଢିଥିଲେ ବେଶ୍ କେତେବର୍ଷ । କିନ୍ତୁ ପରିଶେଷରେ ଜୀବନ ଯୁଦ୍ଧରେ ନନ୍ଦିନୀଦେବୀ ହାର ମାନିଥିଲେ ୨୦୦୬ ମସିହା ଅଗଷ୍ଟ ୪ ତାରିଖରେ । ସଂସାରରୁ ବିଦାୟ ନେଇ ସେ ଚିର ନିଦ୍ରାରେ ଶୋଇଗଲେ । ସତ କହିଲେ, ତାଙ୍କ ମୃତ୍ୟୁରେ ଭାରତବର୍ଷ ହରାଇଲା ଜଣେ ଜନନାୟିକାଙ୍କୁ । ସର୍ବୋପରି ଓଡିଆ ସାହିତ୍ୟ ଜଗତରେ ମଧ୍ୟ ଅପୂରଣୀୟ କ୍ଷତି ଘଟିଲା ।

ଅନାଲୋଚିତ ନନ୍ଦିନୀଙ୍କୁ ସାରସ୍ୱତ ସାହିତ୍ୟରେ ପରିପ୍ରକାଶ କରାଇବା ମୋର ଲକ୍ଷ୍ୟ ଓ ଉଦ୍ଦେଶ୍ୟ । ନନ୍ଦିନୀ ଯେ ଏତେ ସମ୍ବେଦନଶୀଳ ଥିଲେ, ଓଡିଶାର ପ୍ରାଚୀନ ସଂସ୍କୃତି ଓ ସାହିତ୍ୟ ଯେ ତାଙ୍କୁ ଏତେ ଗଭୀର ଭାବରେ ଅନୁପ୍ରାଣିତ କରିଥିଲା, ତା'ର ନିଛକ ପ୍ରମାଣ ହେଉଛି ତାଙ୍କର ରଚନା ସମୂହ । ସେ ତାଙ୍କ ଗପ, କବିତାରେ ଅଧିକରୁ ଅଧିକ ଓଡିଶାର ମାଟି, ପାଣିପବନ, ତା'ର ମଣିଷ, ସେ ମାଟିର ସଂସ୍କୃତି ଓ ସ୍ୱାଭିମାନଙ୍କୁ ତାଙ୍କର ରଚନାରେ ଜୀବନ୍ତ ଅଭିବ୍ୟକ୍ତି ଦେଇପାରିଛନ୍ତି ।

ସେ ପ୍ରଗତିବାଦୀ ଚିନ୍ତନ ପ୍ରତି ଆକୃଷ୍ଟ ହୋଇଥିବା କାରଣରୁ ତାଙ୍କର ଗପ କବିତାରେ





ନନ୍ଦିନୀଦେବୀ ଜନସେବା ପାଇଁ ବିଶେଷ ଭାବରେ ଆଗ୍ରହୀ ଥିବାରୁ, ପ୍ରଥମେ ୧୯୬୨ ମସିହାରେ କଂଗ୍ରେସ ସରକାରର ନେତୃତ୍ୱ ନେଉଥିବା ସ୍ୱର୍ଗତ ବିଜୁ ପଟ୍ଟନାୟକ ତାଙ୍କ ଦଳରୁ ନନ୍ଦିନୀଙ୍କୁ କେନ୍ଦ୍ରୀୟ ନେତୃବୃନ୍ଦଙ୍କ ନିର୍ଦ୍ଦେଶରେ ଓଡ଼ିଶାରୁ ରାଜ୍ୟସଭା ସଭ୍ୟ ଭାବରେ ନିର୍ବାଚିତ କରିଥିଲେ । ଏହିଠାରୁ ହିଁ ନନ୍ଦିନୀଙ୍କର ରାଜନୈତିକ ଜୀବନର ଧାରା ଆରମ୍ଭ ହେଲା । ନନ୍ଦିନୀ ୧୯୬୨ରୁ ୧୯୬୮ ପ୍ରଥମ ରାଜ୍ୟସଭା ସାଂସଦ ଜୀବନକାଳ ମଧ୍ୟରେ ୧୯୬୬ରୁ ୧୯୬୮ ପର୍ଯ୍ୟନ୍ତ କେନ୍ଦ୍ରରେ ଇନ୍ଦିରା ଗାନ୍ଧୀଙ୍କ ନେତୃତ୍ୱରେ ଗଠିତ କଂଗ୍ରେସ ସରକାରରେ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଭାବରେ ଯୋଗ ଦେଇଥିଲେ । ପୁନଶ୍ଚ ୧୯୬୮ରୁ ୧୯୭୨ ଦ୍ୱିତୀୟଥର ପାଇଁ ପୁନଃ ରାଜ୍ୟସଭା ସଦସ୍ୟା ଭାବରେ ନିର୍ବାଚିତ ହୋଇ ଇନ୍ଦିରା ଗାନ୍ଧୀଙ୍କ ମନ୍ତ୍ରିମଣ୍ଡଳରେ ମିନିଷ୍ଟର ଆଟାଚ୍ ଟୁ ପ୍ରାଇମିନିଷ୍ଟର ଭାବରେ ଦାୟିତ୍ୱ ନିର୍ବାହ କରିଥିଲେ । ଇନ୍ଦିରା ଗାନ୍ଧୀ ତାଙ୍କୁ ଖୁବ୍ ଭଲ ପାଉଥିଲେ । ୧୯୭୨ ମସିହାରେ ନନ୍ଦିନୀ ନିଖିଳ ଭାରତ କଂଗ୍ରେସ କାର୍ଯ୍ୟକାରୀ କମିଟି ସଦସ୍ୟା ଭାବରେ ଦାୟିତ୍ୱ ତୁଲାଇଥିଲେ । ଇତିମଧ୍ୟରେ ଓଡ଼ିଶାର ରାଜନୈତିକ ସମୀକରଣକୁ ଦୃଷ୍ଟିରେ ରଖି ଇନ୍ଦିରା ଗାନ୍ଧୀ ତାଙ୍କୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଦାୟିତ୍ୱ ଅର୍ପଣ କରିବାକୁ ଚାହିଁବାରୁ ନନ୍ଦିନୀ କଟକ ବିଧାନସଭା ନିର୍ବାଚନରେ ଅଂଶଗ୍ରହଣ କରି ଜିତିଲେ ଏବଂ ମୁଖ୍ୟମନ୍ତ୍ରୀ ପଦ ଅଳଙ୍କୃତ କରିଥିଲେ । ସେ ୧୯୭୨ରୁ ୧୯୭୩ ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ପଦରେ ରହିବା ପରେ ପୁନଶ୍ଚ ୧୯୭୪ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବାରୁ ଢେଙ୍କାନାଳ ଲୋକସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଢେଙ୍କାନାଳ ସଦର ବିଧାୟିକା ଭାବରେ ବିଜୟୀ ହୋଇ ୧୯୭୪ରୁ ୧୯୭୭ ପର୍ଯ୍ୟନ୍ତ ୨ୟ ବାର ଓଡ଼ିଶାର ମୁଖ୍ୟମନ୍ତ୍ରୀ ଦାୟିତ୍ୱ ଗ୍ରହଣ କରିଥିଲେ । ସେହି ସମୟରେ ୧୯୭୪ ଏବଂ ୧୯୭୭ ଦୁଇଥର ପାଇଁ ତାଙ୍କର ସ୍ୱାମୀ ଦେବେନ୍ଦ୍ର ଶତପଥୀ ଢେଙ୍କାନାଳରୁ ଲୋକସଭା ସାଂସଦ ଭାବରେ ନିର୍ବାଚିତ ହୋଇଥିଲେ ଭାରତୀୟ ସଂସଦକୁ । ନନ୍ଦିନୀ ପୁନଶ୍ଚ ୧୯୭୭ରୁ ୧୯୮୦, ୧୯୮୦-୧୯୮୫, ୧୯୮୫-୧୯୯୦ରୁ ଲଗାତର ଭାବରେ ଢେଙ୍କାନାଳ ସଦର ବିଧାନସଭା ନିର୍ବାଚନ ମଣ୍ଡଳୀରୁ ରାଜ୍ୟ ବିଧାନସଭାକୁ ସଭ୍ୟା ଭାବରେ ନିର୍ବାଚିତ ହୋଇଥିବା ସମୟରେ, ଓଡ଼ିଶା ପ୍ରଦେଶ ମହିଳା କଂଗ୍ରେସର ସଭାନେତ୍ରୀ ତଥା ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାନେତ୍ରୀ ଭାବରେ ମଧ୍ୟ ନିଜର ଦାୟିତ୍ୱ ସୂଚାରୁରୂପେ ସଂପାଦନ କରିଥିଲେ । ତତ୍‌ପରେ ୧୯୯୦-୧୯୯୫ ଏବଂ ୧୯୯୫ରୁ ୨୦୦୦ ମସିହା ପର୍ଯ୍ୟନ୍ତ ଗନ୍ଦିଆ ନିର୍ବାଚନ ମଣ୍ଡଳୀରୁ ବିଧାୟିକା ଭାବରେ ନିର୍ବାଚିତ ହୋଇଥିବା ବେଳେ ୧୯୯୫ରୁ ୨୦୦୦ ମସିହା ପର୍ଯ୍ୟନ୍ତ ରାଜ୍ୟ ଯୋଜନାବୋର୍ଡର ଅଧକ୍ଷା ଭାବରେ କାର୍ଯ୍ୟ ସଂପାଦନ କରିଥିଲେ ।

ନନ୍ଦିନୀଙ୍କ ରାଜନୈତିକ ଜୀବନକାଳ ମଧ୍ୟରେ ସାରସ୍ୱତ ସାଧନାକୁ କଦାପି ଭୁଲି ପାରିନଥିଲେ । ୧୯୬୭ ମସିହାରେ ତାଙ୍କର ଗଳ୍ପ ସଂକଳନ 'କେତୋଟି କଥା' ପ୍ରକାଶିତ

ହୋଇଥିଲା । ଏହି ଗଳ୍ପ ସଂକଳନରେ ସ୍ଥାନ ପାଇଥିବା ବାବୁଲ୍ ଓ ଗାୟତ୍ରୀ ଗଳ୍ପ ଦୁଇଟି ଦୂରଦର୍ଶନରେ ଅନେକ ଥର ପ୍ରସାରିତ ହୋଇଅଛି । ୧୯୭୦ ମସିହାରେ କ୍ରିଷ୍ଣା କ୍ରିପାଳିନୀଙ୍କର 'ଅଲମେନ୍ ଆର୍ ବ୍ରଦର୍ସ'ର ଓଡ଼ିଆ ଅନୁବାଦ 'ଗାନ୍ଧୀ କଥାମୃତ'; ଯାହାକୁ କେନ୍ଦ୍ର ସାହିତ୍ୟ ଏକାଡେମୀ ପ୍ରକାଶିତ କରିଥିଲା । ୧୯୮୮ରେ ନନ୍ଦିନୀଙ୍କର ଗଳ୍ପ ସଂକଳନ 'ସପ୍ତଦଶୀ' ପ୍ରକାଶିତ ହୋଇଥିଲା । ଉକ୍ତ ଗଳ୍ପଗୁଡ଼ିକ ଖୁବ୍ ହୃଦୟସ୍ପର୍ଶୀ ଭାବରେ ପାଠକଙ୍କର ନିକଟରେ ଆଦୃତ ଲାଭ କରିଥିଲା । ୧୯୯୦ ମସିହାରେ ତାଙ୍କର ପ୍ରକାଶ ପାଇଥିଲା ଜ୍ଞାନପୀଠ ପୁରସ୍କାର ପ୍ରାପ୍ତ ଓ ଭାରତୀୟ ସାହିତ୍ୟ ଏକାଡେମୀ ଦ୍ୱାରା ସମ୍ମାନୀତା ଅମୃତାପ୍ରୀତମ୍ଙ୍କ ଦ୍ୱାରା ଲିଖିତ ତାଙ୍କର ଆତ୍ମଜୀବନୀ 'ରେଭିନ୍ୟୁ ଟିକେଟ୍'ର ଓଡ଼ିଆ ଅନୁବାଦ 'ରସିଦ୍ ଟିକଟ' । ଏହି ପୁସ୍ତକ ପାଇଁ ନନ୍ଦିନୀ ଶତପଥୀ ୧୯୯୫ ମସିହା ଡିସେମ୍ବର ୧୫ ତାରିଖ ଦିନ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ଲାଭ କରିଥିଲେ । ୧୯୯୩ ମସିହାରେ ନନ୍ଦିନୀଙ୍କର ଅନ୍ୟ ଏକ ବହୁଚର୍ଚ୍ଚିତ ପୁସ୍ତକ 'ଲଜ୍ଜା'ର ଓଡ଼ିଆ ଅନୁବାଦ ପ୍ରକାଶିତ ହୋଇଥିଲା । ସାରା ବିଶ୍ୱରେ ଚହଳ ସୃଷ୍ଟି କରିଥିବା ବଙ୍ଗଳାଦେଶର ଲେଖିକା ତସଲିମା ନସରିନ୍ଙ୍କର ଏହି ବଙ୍ଗଳା ବହିର ଓଡ଼ିଆ ଅନୁବାଦ ସେ ସମୟରେ ବହୁଳ ଭାବରେ ଆଦୃତ ଲାଭ କରିଥିଲା । ଏହାପରେ ୧୯୯୮ ମସିହାରେ ନନ୍ଦିନୀଙ୍କର ପ୍ରକାଶ ପାଇଲା କବିତା ସଂକଳନ 'ଉତର ପୁରୁଷ' । ଏଥିରେ ପ୍ରକାଶିତ 'ଠିକଣା ହଜିଗଲା' କବିତାଟି ଭୁବନେଶ୍ୱର ଦୂରଦର୍ଶନରେ ପ୍ରସାରିତ ହୋଇ ବହୁ ପ୍ରଶଂସିତ ହୋଇଥିଲା ।

ନନ୍ଦିନୀ ଶତପଥୀ ରାଜନୀତି ଓ ସାହିତ୍ୟିକ ଜୀବନ ବ୍ୟତିରେକେ ବିଦେଶ ଭ୍ରମଣ ମଧ୍ୟ କରିଥିଲେ । ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କ ସହିତ ସେ ଆମେରିକା ଠାରେ ଅନୁଷ୍ଠିତ ଜାତିସଂଘର ରୌପ୍ୟଜୟନ୍ତୀ ଉତ୍ସବରେ ଯୋଗଦାନ କରିଥିଲେ । ୧୯୬୮, ୭୧ ଓ ୭୭ରେ ସେ କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଥିବାବେଳେ ଚଳଚ୍ଚିତ୍ର ଓ ସାଂସ୍କୃତିକ ବିଭାଗର ପ୍ରତିନିଧି ଦଳର ନେତୃତ୍ୱ ନେଇ ସୋଭିଏତ୍ ରୁଷ୍ ଯାତ୍ରା କରିଥିଲେ । ୧୯୬୮ ମସିହାରେ ମଧ୍ୟ ନନ୍ଦିନୀ ୟୁନେସ୍କୋକୁ ଭାରତୀୟ ପ୍ରତିନିଧି ଭାବରେ ଫ୍ରାନ୍ସ ଗସ୍ତ କରିଥିଲେ ରାଜ୍ୟସଭାର ସାଂସଦ ଭାବରେ । ପ୍ରେସ୍ ପରିଚାଳନା ସମ୍ବନ୍ଧୀୟ ଅଧ୍ୟୟନ ପାଇଁ ନନ୍ଦିନୀ ଇଂଲଣ୍ଡ ଯାତ୍ରା କରିଥିଲେ । ରାଜ୍ୟସଭା ସାଂସଦ ତଥା କେନ୍ଦ୍ରମନ୍ତ୍ରୀ ଥିବା ସମୟରେ ୧୯୭୭ ମସିହାରେ ସାଂସ୍କୃତିକ ଦଳର ପ୍ରତିନିଧି ହୋଇ ପୂର୍ବଜର୍ମାନୀ ଯାତ୍ରା କରିଥିଲେ । ମେକ୍ସିକୋରେ ୱାର୍ଲଡ ଉଇମେନ୍ ପାର୍ଲାମେଣ୍ଟାରିଆନ୍ ଫର ପିସ୍‌ରେ ଭାରତୀୟ ସଂସଦର ରାଜ୍ୟସଭାର ମହିଳା ସାଂସଦ ଭାବରେ ଯୋଗଦାନ କରିଥିଲେ । ଆହୁରି ସେ ସିଙ୍ଗାପୁର ମଧ୍ୟ ଗସ୍ତ କରିଥିଲେ ।



ସାରସ୍ୱତସାଧିକା ନନ୍ଦିନୀ ଶତପଥୀ

କରିଥିଲା । ଜାତି ଓ ଦେଶର ଗୌରବ ନନ୍ଦିନୀ ରାଜନୀତି କ୍ଷେତ୍ରରେ ଯେପରି ପ୍ରବୀଣା, ସାହିତ୍ୟ କ୍ଷେତ୍ରରେ ସେପରି ମଧ୍ୟ ଧୂରୀଣା । ସମାଜର ନିଷ୍ପେଷିତ ମଣିଷର ବ୍ୟଥା ଓ ବେଦନାକୁ ଦୂର କରିବାର ଦୃଢ଼ ସଂକଳ୍ପ ନେଇ ସେ ରାଜନୀତିର କଣ୍ଟକିତ କ୍ଷେତ୍ରରେ ପାଦ ଥାପିଥିଲେ । ସେହିପରି ଗଭୀର ମାନବବାଦୀ ଚେତନା ଓ ସଂବେଦନାର ଭରପୂର ହୃଦୟଟିଏ ନେଇ ସାହିତ୍ୟ ରଚନାରେ ସେ ନିଜକୁ ସାମିଲ କରିଥିଲେ ।

ନନ୍ଦିନୀ ଶତପଥୀ ଥିଲେ ଜଣେ କୁଳୀନ ଆଉ ଯଥେଷ୍ଟ ସାହିତ୍ୟିକ ପରିବେଶ ପରିବାରର କନ୍ୟାରତ୍ନ । ନନ୍ଦିନୀଙ୍କ ଘର ଥିଲା - ସାମ୍ୟବାଦୀ ଚିନ୍ତାଧାରାର ଏକ ପ୍ରୟୋଗଶାଳା । ତାଙ୍କର ବାପା ଥିଲେ ଓଡିଶାର ବିଶିଷ୍ଟ ସବୁଜକବି ପଦ୍ମଭୂଷଣ କାଳିନ୍ଦୀଚରଣ ପାଣିଗ୍ରାହୀ, ଯେ କି " ମାଟିର ମଣିଷ" ପରି କାଳଜୟୀ ଉପନ୍ୟାସ ରଚନା କରି ସାରା ଜନମାନସରେ ନିଜକୁ ପରିଚିତ କରାଇଥିଲେ । ଏହି ଉପନ୍ୟାସଟି ଥିଲା ତାଙ୍କର ପ୍ରକୃତରେ କାଳଜୟୀ କୃତି । ତାଙ୍କର କକେଇ ଥିଲେ ବିଶିଷ୍ଟ କମ୍ୟୁନିଷ୍ଟ ଦଳର ନେତା ଓ ଓଡିଶାରେ କମ୍ୟୁନିଷ୍ଟର ଜନକ ଭଗବତୀ ଚରଣ ପାଣିଗ୍ରାହୀ । ଯଥେଷ୍ଟ ବୁନିୟାଦି ଥିବା ଦିବ୍ୟସିଂହ ପାଣିଗ୍ରାହୀ ହେଉଛନ୍ତି ନନ୍ଦିନୀଙ୍କର ପିତାମହ ।

ମଣିଷକୁ ଭଲପାଇ ସେ ହୋଇଥିଲେ କବି, ତା'ର ଦୁଃଖ ଦୁର୍ଦ୍ଦଶାକୁ ଲେଖନୀ ମୁନରେ ରୂପାୟିତ କରି ସେ ପାଲଟିଥିଲେ ଗାଳ୍ପିକା ଏବଂ ଅନୁବାଦିକା । ମଣିଷକୁ ତା'ର ନ୍ୟାଯ୍ୟ ଦାବି ଦେବାପାଇଁ ସେ ସାଜିଥିଲେ ରାଜନୀତିଜ୍ଞ । ନନ୍ଦିନୀଙ୍କୁ ସମସ୍ତେ ମୁଖ୍ୟତଃ ଜାଣନ୍ତି, ରାଜନୀତିଜ୍ଞ ଭାବେ, କିନ୍ତୁ ସେହି ରୁକ୍ଷ ବନ୍ଧୁର ରାଜନୈତିକ ଜୀବନର ଧୂସରତା ତଳେ ଛାପି ହୋଇ ରହିଥିଲା - ଅନ୍ତସଲୀଳା ଫଲ୍‌ଗୁ ପରି କଳନାଦରେ ବହି ଯାଉଥିବା ସାହିତ୍ୟର ଛଳ ଛଳ ଧାରାଟିଏ । ଏହି ଦୁଇ ପ୍ରସ୍ଥଯୁକ୍ତ ବ୍ୟକ୍ତିତ୍ୱ ନନ୍ଦିନୀଙ୍କୁ ଗୋଟିଏ ସ୍ତମ୍ଭୀୟ ବ୍ୟକ୍ତିତ୍ୱ (Pivotial Personality) ରେ ପରିଣତ କରିଥିଲା ।

ରାଜନୀତି ଭିତରେ ସବୁ ଭୁଲି ହୋଇଯାଏ, କିନ୍ତୁ ନନ୍ଦିନୀ ଭୁଲିନଥିଲେ ସାରସ୍ୱତ ସାଧନାକୁ । ରେଭେନ୍ସା କଲେଜରୁ ଓଡିଆ ଭାଷା ଓ ସାହିତ୍ୟ ବିଭାଗରେ ଏମ୍.ଏ ପାଶ୍ କଲାପରେ ସାରସ୍ୱତ ସୃଷ୍ଟିରେ ସାଧାରଣ ମଣିଷର ଭାଷା ତାଙ୍କ ଭିତରେ ଫୁଟି ଉଠିଥିଲା । ନନ୍ଦିନୀଦେବୀ ଯେପରି ଜଣେ ସୃଷ୍ଟିଶାଳୀ ଲେଖିକା ସେହିପରି ଜଣେ ସୁଫଳ ଅନୁବାଦିକା । ପୂର୍ବରୁ ସୂଚୀତ ହୋଇଛି ଯେ, ତାଙ୍କର ସୃଷ୍ଟିଶାଳୀ ଲେଖନୀରେ ଦୁଇଗୋଟି ଗଳ୍ପ ସଂକଳନ, "କେତୋଟି କଥା" ଓ "ସପ୍ତଦଶୀ" ଓ

ବିଭିନ୍ନ ପ୍ରକାରର ସମୟରେ ସମସ୍ୟାଟିର ଡାଇମେନ୍‌ସନ ବଢ଼ିଗଲା । ଗଣେଷ ନାଁ ଦସ୍ତଖତ କରିଜାଣେ । ନିଶାତ ଓ ଅନ୍ୟମାନଙ୍କୁ ସେ ଆଶ୍ରୟ ଦେଉଥିଲା । ସେ ରାଜା ରାଇଜକୁ କୁହାବୋଲା କରି ଏମାନଙ୍କୁ ଥଇଥାନ କରିଅଛି ।

ମ*ାରେ ବସି ବସି ନିଶାତ୍‌ର ଆଖି ଫାଟିଗଲା ପରି ଲାଗିଲା । ଦିନେ ଦି ଦିନ, ପ୍ରତିଦିନ, ଚାରିଦିନ ମ*ରେ ବସିଲା ସେ । ବାଘକୁ ତୁଚ୍ଛ କରି ମ*ାଟା ରାସ୍ତାକଡ଼ରେ । ବଣର ମଜୁରିଆ ମଧ କେହି ପଦେ କଥା କୁହନ୍ତିନି । ବନ୍ଧୁକ ଫୋପାଡ଼ି ଦେଇ ସିପାହୀ ମାନେ ଦୌଡ଼ି ପଳାଇଗଲେ । ହାତୀ କାହାର ମ*ା ଭାଙ୍ଗିଦେଲା । ନିଶାତ୍ ଓଲଟା ଦିଗରେ ଦୌଡ଼ିବାକୁ ଲାଗିଲା । ଦୌଡ଼ୁ ଦୌଡ଼ୁ ରାସ୍ତାମଝିରେ ତା'ର ସ୍ତ୍ରୀ ମେଝେନ୍ ହଠାତ୍ ଠିଆ ହୋଇଗଲା । ସେମାନେ ଦୌଡ଼ିଲେ । ନିଶାତ ତା ପାଟିକୁ ଚାପି ଧରିଲା, କହିଲା - ଦମ୍ ଛୁଟିଯିବ ।

ଜଙ୍ଗଲ ଘନ ଓ ଭୟାଳୁ ଥିଲା । ପଥରଗୁଡ଼ାକ କ୍ରମେ ମୁନିଆ ହେଲା । ନିଶାତ ଭାବିଲା ଭୁଟାନ୍‌ର ପଥ ଚିରକାଳ ଦୁର୍ଗମ ରହିଗଲା କାହିଁକି ? କେବଳ ନିଶାତ୍ ମାନେ ହିଁ ଭୁଟାନ୍ ଯାଆନ୍ତି ବୋଲି ସେହିମାନଙ୍କୁ ଯିବାକୁ ପଡ଼େ ବୋଲି !

ଉକ୍ତ ଉଦ୍ଧୃତାଂଶଟି ମହାଶ୍ୱେତାଦେବୀଙ୍କ ନିର୍ବାଚିତ ଗଳ୍ପ - ଓଡ଼ିଆ ଅନୁବାଦ - ନନ୍ଦିନୀ ଶତପଥୀଙ୍କ 'ନିଶାତ୍ ମାଝିର ଭୁଟାନ ଯାତ୍ରା'ରୁ ଆନୀତ ।

**ଉପସଂହାର**

ସ୍ୱର୍ଗତା ନନ୍ଦିନୀ ଶତପଥୀ ଭାରତବର୍ଷରେ ପ୍ରାୟ ଜଣେ ରାଜନେତ୍ରୀ ଭାବରେ ସୁବିଦିତା । ମାତ୍ର ଓଡିଆ ସାହିତ୍ୟକୁ ତାଙ୍କର ବିଶେଷ ଅବଦାନ ରହିଛି । ତାଙ୍କର ଏହି ସାରସ୍ୱତ ବ୍ୟକ୍ତିତ୍ୱ ସମ୍ପର୍କରେ ସମସ୍ତେ ପ୍ରାୟ ପରିଚିତ ନୁହନ୍ତି ।

ପ୍ରଖ୍ୟାତ ସାହିତ୍ୟିକ, ସବୁଜକବି, ପଦ୍ମଭୂଷଣ କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କର କାଳଜୟୀ ଉପନ୍ୟାସ "ମାଟିର ମଣିଷ" ଯେଉଁଦିନ ଶେଷ ସ୍ପର୍ଶ ପାଇଥିଲା. ସେହିଦିନ ହିଁ ଭୂମିଷ୍ଠ ହୋଇଥିଲେ ନନ୍ଦିନୀ । ଉକ୍ତ ଦିନଟି ଥିଲା ୧୯୩୧ ମସିହା ଜୁନ୍ ୯ ତାରିଖ । କଟକର ଖ୍ରୀଷ୍ଟିଆନ୍ ସାହିର ଯାଚକ ଲେନ୍‌ରେ ପ୍ରସିଦ୍ଧ କବି କାଳିନ୍ଦୀ ଚରଣ ପାଣିଗ୍ରାହୀ ଓ ରତ୍ନମଣି ଦେବୀଙ୍କ ଗର୍ଭରୁ ଜନ୍ମ ଗ୍ରହଣ କରିଥିଲେ ଏହି "ନନ୍ଦିନୀ", ଯାହାପାଇଁ କେବଳ ପିତାମାତା ନୁହନ୍ତି, ସାରା ଓଡିଶା ଗର୍ବବୋଧ





ନନ୍ଦିନୀ ଶତପଥୀଙ୍କର ରାଜନୀତି, ବିଦେଶ ଭ୍ରମଣ, ସାହିତ୍ୟ ଚର୍ଚ୍ଚା ଆଦି ମଧ୍ୟରେ ସେ ଅନେକଗୁଡ଼ିଏ ସମ୍ମାନ ଓ ପୁରସ୍କାରର ଅଧିକାରିଣୀ ହୋଇଥିଲେ । ମନୋରମ ସାରସ୍ୱତ ସମାରୋହ, ଗଙ୍ଗାଧର ରଥ ଫାଉଣ୍ଡେସନ୍ ପକ୍ଷରୁ ନନ୍ଦିନୀଙ୍କର ଓଡ଼ିଆ ସାହିତ୍ୟର ବିଭିନ୍ନ ବିଭାଗରେ ସାମଗ୍ରିକ କୃତିତ୍ୱ; ବିଶେଷତଃ ଅନୁବାଦ କ୍ଷେତ୍ରରେ ପରାକାଷ୍ଠା ପାଇଁ ତାଙ୍କୁ 'ସାହିତ୍ୟ ଭାରତୀ' ସମ୍ମାନରେ ସମ୍ବର୍ଦ୍ଧିତ କରାଯିବା ସଙ୍ଗେ ସଙ୍ଗେ ଏକଲକ୍ଷ ଟଙ୍କାର ଉପାୟନ ପ୍ରଦାନ କରାଯାଇଥିଲା । ରାଜନୀତି କ୍ଷେତ୍ର ଅପେକ୍ଷା ସାହିତ୍ୟ କ୍ଷେତ୍ରରେ ନନ୍ଦିନୀ ବହୁ ଅନୁଷ୍ଠାନ ପକ୍ଷରୁ ପୁରସ୍କାର ଓ ସମ୍ମାନର ଅଧିକାରିଣୀ ହୋଇଛନ୍ତି । ସାହିତ୍ୟ କୃତି ପାଇଁ ଡକ୍ଟର ହରେକୃଷ୍ଣ ମହତାବଙ୍କ ଦ୍ୱାରା ପ୍ରତିଷ୍ଠିତ 'ପ୍ରଜାତନ୍ତ୍ର ପ୍ରଚାର ସମିତି', 'ଓଡ଼ିଶା ସାହିତ୍ୟ ଏକାଡେମୀ' ଏବଂ ରସିଦ୍ ଟିକଟ୍ ଅନୁବାଦ ପାଇଁ 'କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର, ଚିନ୍ତା ଓ ଚେତନା ପକ୍ଷରୁ 'ବୈଶାଖୀ ସାହିତ୍ୟ ପୁରସ୍କାର' ଏବଂ 'କାର୍ତିକେୟ' ପୁରସ୍କାରରେ ନନ୍ଦିନୀ ଭୂଷିତ ହୋଇଥିଲେ । ଏତଦ୍‌ବ୍ୟତୀତ ଓଡ଼ିଶା ଲେଖିକା ସଂସଦ ପକ୍ଷରୁ ଏବଂ ନାଟ୍ୟାଚାର୍ଯ୍ୟ କବି ବାଳକୃଷ୍ଣ ସ୍ମାରକୀ ସମିତି ପକ୍ଷରୁ ମଧ୍ୟ ପୁରସ୍କାର ପ୍ରଦାନ କରାଯାଇଥିଲା ।

ନନ୍ଦିନୀ ଶତପଥୀଙ୍କର ଦୁଇଟି ପୁଅ । ବଡ଼ପୁଅ ନଚିକେତା ଶତପଥୀ ଦିଲ୍ଲୀରେ ଅନ୍ତରାଷ୍ଟ୍ରୀୟ କମ୍ପାନୀରେ ଜଣେ ବରିଷ୍ଠ ଅଧିକାରୀ ଭାବରେ ପ୍ରତିଷ୍ଠିତ ଥିବାବେଳେ ସାନପୁଅ ତଥାଗତ ସତପଥୀ ବର୍ତମାନ ଓଡ଼ିଶାରେ ପ୍ରସାରିତ ଦୈନିକ ଓଡ଼ିଆ ଖବରକାଗଜ 'ଧରିତ୍ରୀ'ର ସମ୍ପାଦକ ତଥା ବିଜୁ ଜନତା ଦଳ (ବିଜେଡି)ର ଢେଙ୍କାନାଳ ଲୋକସଭା ସାଂସଦ ଭାବରେ କାର୍ଯ୍ୟରତ । ଏତଦ୍‌ପୂର୍ବରୁ ୧୯୯୦ରେ ଜନତାଦଳରୁ ତଥାଗତବାବୁ ଢେଙ୍କାନାଳ ସଦରର ବିଧାୟକ ହେବା ସହ, ୧୯୯୮ ମସିହାରେ ଢେଙ୍କାନାଳ ଲୋକସଭା ଆସନରୁ ସାଂସଦ ଭାବେ ନିର୍ବାଚିତ ହୋଇ ଭାରତୀୟ ସଂସଦରେ କାର୍ଯ୍ୟ ସମ୍ପାଦନ କରିଛନ୍ତି ।

ଜୁନ୍ ୨୬ ତାରିଖ ୧୯୯୦ ମସିହାରେ ଦେବେନ୍ଦ୍ର ଶତପଥୀଙ୍କର ଆକସ୍ମିକ ମୃତ୍ୟୁ ନନ୍ଦିନୀଦେବୀଙ୍କର ହୃଦୟକୁ ଖୁବ୍ ବାଧିଥିଲା । କିଛିଦିନ ପାଇଁ ସେ ନିସ୍ତବ୍ଧ ହୋଇଯାଇଥିଲେ । ପରବର୍ତୀ ସମୟରେ ଅବଶ୍ୟ ସେ ଦୁଇଥର ରାଜ୍ୟ ବିଧାନସଭାରେ ପ୍ରତିନିଧିତ୍ୱ କରିଛନ୍ତି, ଲେଖାଲେଖିରେ ସମୟ ବିତେଇଛନ୍ତି, ସଭାସମିତି ଯାଇଛନ୍ତି; ହେଲେ ତାଙ୍କ ଭିତରେ ଏକ ଶୂନ୍ୟତା ସେ ଅନୁଭବ କରିଛନ୍ତି ପ୍ରତିଟି ମୁହୂର୍ତରେ । ହଠାତ୍ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ଭିତରେ ଦିନେ ସେ ଖୁବ୍ ଅସୁସ୍ଥ ହୋଇପଡ଼ିଲେ ଏବଂ ସେହିଠାରୁ କୋମାରେ ରହିଗଲେ ଦୁଇବର୍ଷ କାଳ । ଶେଷରେ ଅଗଷ୍ଟ ୪ ତାରିଖ ୨୦୦୬ ମସିହାରେ ନନ୍ଦିନୀ ଶତପଥୀ ଚିରନିଦ୍ରାରେ ଶୋଇଯାଇଥିଲେ । ତାଙ୍କର ବିୟୋଗ

ଭାରତୀୟ ରାଜନୀତି, ବିଶେଷତଃ ଓଡ଼ିଶାର ରାଜନୈତିକ ଆକାଶରେ ଏକ ଶୂନ୍ୟସ୍ଥାନ ପୂରଣ କରିଥିଲା । ସେହିପରି ଓଡ଼ିଆ ସାହିତ୍ୟ ଜଗତରେ ମଧ ତାଙ୍କର ଅନୁପସ୍ଥିତି ଏକ ଗଭୀର ଶୂନ୍ୟସ୍ଥାନ ସୃଷ୍ଟି କରିଥିଲା ।

ଏହି ମହାନ୍ ନେତ୍ରୀ ସୁସାହିତ୍ୟିକା ନନ୍ଦିନୀ ଶତପଥୀଙ୍କର ବିୟୋଗ ପରେ ତାଙ୍କର ବଡ଼ପୁଅ ନଚିକେତା ଶତପଥୀଙ୍କର ପୁଅ ସୁପର୍ଣ୍ଣୋ ଶତପଥୀ 'ନନ୍ଦିନୀ ଶତପଥୀ ମେମୋରିଆଲ୍ ଟ୍ରଷ୍ଟ' ନାମକ ଏକ ଅନୁଷ୍ଠାନ ଗଠନ କରି ତା'ର ଚେୟାରମ୍ୟାନ୍ ରୂପେ ଅଧୁନା କାର୍ଯ୍ୟରତ । ସେ ଜଣେ ଯୁବଲେଖକ ତଥା ଯୁବକଂଗ୍ରେସ ନେତା ଭାବରେ ଏବେ ପ୍ରତିଷ୍ଠିତ ।

ନନ୍ଦିନୀ ଶତପଥୀଙ୍କ ଭଳି ଜଣେ ଅସାଧାରଣ ଜନନେତ୍ରୀଙ୍କ ପରିଚୟ ଦେବା ମୋ ପକ୍ଷରେ ଧୃଷ୍ଟତା ମାତ୍ର । ତେବେ ମୋଟାମୋଟି ଭାବରେ ଏହାହିଁ ତାଙ୍କର ସାଧାରଣ ପରିଚୟ ।

**ନନ୍ଦିନୀଙ୍କ ବଂଶଲତା ଓ ପାରିବାରିକ ଜୀବନ:**

କଥାରେ ଅଛି ଦୁହିତା ଦୁଇକୁଳକୁ ହିତା । ଅର୍ଥାତ୍ ଜଣେ ନାରୀର ଜୀବନରେ ଦୁଇଗୋଟି କୁଳ ଆସିଥାଏ । କନ୍ୟାଟିଏ ଜନ୍ମ ହୋଇ ବାପା-ମାଆଙ୍କର କୋଳସ୍ପର୍ଶରେ ଶୈଶବରୁ କୈଶୋର ଓ ଯୁବତୀ ରୂପରେ ନିଜକୁ ପ୍ରତିପାଦନ କରିଥାଏ । ସେ ଏହି ସମୟରେ ନିଜ ପରିବାରରେ ଜେଜେବାପା, ଜେଜେମାଆ, ବାପା, ମାଆ, ବଡ଼ବାପା, ବଡ଼ମାଆ, ଦାଦା, ଖୁଡ଼ୀ, ଭାଇ ଓ ଭଉଣୀମାନଙ୍କର ସମ୍ପର୍କରେ ଆସି ପ୍ରଥମ କୁଳର ଅଧିକାରିଣୀ ହୋଇଥାଏ । ଠିକ୍ ସେହିପରି ଯୁବତୀଟି ଉପଯୁକ୍ତ ବୟସରେ ଉପନୀତ ହେବାପରେ ବାପା-ମାଆ ସେମାନଙ୍କ ଲାଗି ଉପଯୁକ୍ତ ବରପାତ୍ର ଦେଖି ବିବାହ କରାଇଥାଆନ୍ତି । ସେହିଠାରୁ କନ୍ୟାଟି ଜନ୍ମିତ ବାପ-ମାଆଙ୍କ ସହ ପରିବାରଠାରୁ ସମ୍ପର୍କ ଦୂରେଇ ଏକ ନୂତନ ରାଇଜରେ ସ୍ୱାମୀଙ୍କର ସାଙ୍ଗରେ ଘରସଂସାର କରି ଅନ୍ୟଏକ କୂଳରେ ପାଦ ଥାପିଥାଏ । ଯୁବତୀଟି ବିବାହ ପରେ ସେଠାରେ ତା'ର ସ୍ୱାମୀ, ଶାଶୁ, ଶ୍ୱଶୁର, ଦିଅର ତଥା ନଣନ୍ଦମାନଙ୍କର ଗହଣରେ ସେହି ପରିବାରର ସଦସ୍ୟା ହୋଇ ସେହି କୁଳର ମର୍ଯ୍ୟାଦା ବଢ଼ାଇଥାଏ ଆଜୀବନ ପର୍ଯ୍ୟନ୍ତ । ଏହା ପ୍ରତ୍ୟେକ କନ୍ୟା ଜୀବନରେ ଆସିଥାଏ ।

ଏହି ସାମାଜିକ ନିୟମରୁ ନନ୍ଦିନୀଦେବୀ ବାଦ ପଡ଼ନ୍ତେ ବା କିପରି ! ପୁରୀ ଜିଲ୍ଲାର ବିଶ୍ୱନାଥପୁର ଶାସନରେ ଏକ କୁଳୀନ ବ୍ରାହ୍ମଣ ପରିବାରରେ ନନ୍ଦିନୀଙ୍କର ଜନ୍ମ । ଏକ ଖ୍ୟାତିସମ୍ପନ୍ନ, ସ୍ୱାଭିମାନୀ ଏବଂ ବହୁ ବହୁକୁଟୁମ୍ବୀ ପରିବାରରେ ଭାବେ ଅଂଚଳଟିରେ ଜଣାଶୁଣା । ଶ୍ରୀ ସ୍ୱପ୍ନେଶ୍ୱର ପାଣିଗ୍ରାହୀ ଓ





କହିଲା - ଗୌରାଙ୍ଗର ବନ୍ୟା ଅପେକ୍ଷା ସେହି ବନ୍ୟା ଭଲଲୋ ଆଇ । ସେମିତି ବନ୍ୟା କ'ଣ ଆଉ ଆସୁନି । ସେଇ ଯେମିତି ବନ୍ୟାବେଳେ ଏତେ ଏତେ ଚୁଡ଼ାମୁଢ଼ି ଚାଉଳ ଦେଇଥିଲେ ! ଦୁଃଖ ଘୁଂଚିଯାଏ ।

ମହାଶ୍ୱେତାଦେବୀଙ୍କ ରଚିତ ନିର୍ବାଚିତ ଗଳ୍ପରୁ ନନ୍ଦିନୀ ଶତପଥୀଙ୍କ ଓଡ଼ିଆ ଅନୁବାଦ - 'ବନ୍ୟା'ରୁ କିଛି ଅଂଶ ଅଣାଯାଇଛି ।

**(୨୦) ନିଶାତ ମାଝିର ଭୁଟାନ ଯାତ୍ରା :**

ଅଲ୍ଲୀପୁର ଦ୍ୱାର ଠାରୁ ଜୟନ୍ତୀ ଯିବା ବାଟରେ ବିସ୍ତୃତ ଜଙ୍ଗଲ ପଡ଼େ । ବଣ ପରେ ଜମି ଏବଂ ଚାରିପଟଯାକ ବଣ ଜମିରେ ଉଚ୍ଚା ଉଚ୍ଚା ମଞ୍ଚା । ଧାନ ପାଚିଲାବେଳେ ମଞ୍ଚା ଉପରେ ବସି ରହିବାକୁ ହୁଏ । କେବଳ ଏଇଠି ବସିରହିଲେ ଅନ୍ଧାର ଆଖି ସହିଗଲେ ପାଚିଲା ଧାନର ବାସ୍ନାରେ ହାତୀପଲ ଆସୁଛନ୍ତି ନା ନାହିଁ ଦେଖାଯାଏ । ଦେଖିବା କଥାଟା ପ୍ରତୀକ, ଯେଉଁମାନେ ଦେଖୁଛନ୍ତି, ସେମାନେ ଉଣେଇଶି ଶହ ଶତାବ୍ଦୀରୁ ଚାହା ବଗିଚାର କର୍ଷଣଯୋଗ୍ୟ ଭୂମି ଏହି ଭାବରେ ପ୍ରହରା ଦେଉଛନ୍ତି । ସେତେବେଳେ ଆଉ ସହି ନପାରନ୍ତି ସେମାନଙ୍କ ମଧ୍ୟରୁ କେହି କେହି । 'ଭୁଟାନ ଯାଉଛି' ବୋଲି କହିଦେଇ ଚାଲିଯାଆନ୍ତି । କଥାଟା ପ୍ରତୀକ । ଭୁଟାନ ସୀମାନ୍ତରେ ରହିବି ସେମାନେ ଭୁଟାନ ଯାଆନ୍ତିନି । ଯାଆନ୍ତି ଭାଗ୍ୟ ଅନ୍ୱେଷଣରେ - କେବେ ସୁଦୂର ଅତୀତରେ, ଉତର-ବଙ୍ଗର ଉତରଟା ଏକ ସୀମାନ୍ତରେ ଲୋକମାନେ ପ୍ରକୃତରେ ଭୁଟାନ ଚାଲିଯାଉଥିଲେ ନୂଆ ଜୀବନର ସନ୍ଧାନରେ । ସେହିକାଳୁ 'ଭୁଟାନ ଯାଉଛି' କଥାଟି ଭାଗ୍ୟ ଅନ୍ୱେଷଣରେ ଘୁରି ବୁଲିବାର ସମର୍ଥକ । ସେମାନଙ୍କ ପାଇଁ ଭୁଟାନ ହେଲା ଅନ୍ୟକୌଣସି ଚାହା ବଗିଚାର ମାଲିକାନା, ଭାଗଚାଷ ଓ କ୍ଷେତ ମଜୁରିଆର କାମ । ମିଳେ, ମିଳେ ବି ନାହିଁ । ଭୁଟାନ୍ ତ ସମସ୍ତେ ଯାଆନ୍ତି । ସୀମାନ୍ତ ପାରିହେଲେ ତ ଭୁଟାନ - କିନ୍ତୁ ସମସ୍ତେ କ'ଣ ଭୁଟାନ୍‌ରେ ପହଂଚିପାରନ୍ତି ?

ନିଶାତ୍ ମାଝି ଚିଲମରା ଚାହା ଇଷ୍ଟେଟ୍ ଜମିର ରାଜା ରଇତର କେତେଶହ ଲୋକଙ୍କ ଭିତରୁ ଭାଗଚାଷୀ ନୁହେଁ କି କ୍ଷେତ ମଜୁରିଆ ନୁହେଁ । ତା'ର ଦୁଇପୁଅ ସନା ଓ ଉପା ଭାବିଥିଲେ ତୃଣଭୂମିର ନିଆଁରେ ଦାବାନଳ ଜଳିବ । ତା'ପରେ ବାପାଙ୍କ ଅନୁମତି ନେଇ ଧନୁଶର ଧରି ସେମାନେ ଅନ୍ଧକାରରେ ବିଲୀନ ହୋଇଗଲେ । ସେମାନଙ୍କର ମା' ବାଧ ହେଉଥିଲା । ନିଶାତ୍ କହିଥିଲା, ମୁଁ ତେଭାଗାରେ ଲଢ଼ିବି ? ତୋକାମାନଙ୍କୁ କହିବି ହକ୍ ପାଇବା ପାଇଁ ଲଢ଼େଇ ଲଢ଼ିବନି ? ସାନ୍ତାଳ ରାଜାଙ୍କର ନେତୃତ୍ୱରେ କ୍ୟାଡ଼ର ହୋଇ ସେମାନେ କୁଆଡ଼େ ଜେଲ୍‌କୁ ଗଲେ । ଭାର୍ଯ୍ୟାର କନ୍ଦାକଟା ଦେଖି ନିଶାତ୍ ଥରେ ଦେଖାକରିବା ପାଇଁ ଯିବାପାଇଁ ଉଦ୍ୟମ କରିଥିଲା ।

ରଖିଲେ ବି ସାଙ୍ଗେ ସାଙ୍ଗେ ବୁଡ଼ିଯାଏ । ଏତେ ଶୁଅ । ସମସ୍ତେ କୁହାକୁହି ହେଉଛନ୍ତି, ବଡ଼ି ହେବ । ଶିନିବାସ ବଡ଼ିଟା କ'ଣ ଦେଖିନି । ତା' ମା ଯେତେବେଳେ ଛୋଟ ଥିଲା, ସେତେବେଳେ କୁଆଡ଼େ କଟୁଆର ଗଙ୍ଗାରେ ବନ୍ୟା ହୋଇଥିଲା ।

ଶିନିବାସ ପୁଣି ପଚାରିଲା, ସମସ୍ତେ ତ କିନ୍ତୁ କହୁଛନ୍ତି, ଏଇ ବଡ଼ିରେ କେହି ମରିବେନି । ସେଇ ଗୋରା ପ୍ରେମର ବଡ଼ିକଥା । ସେକଥା ମୁଁ ଜାଣିନିବାବୁ । ଶିନିବାସ ଦେଖିଲା ପବନ ବହୁତ ବହିଲାଣି । ସେ ମନସା ଗଛ ଆଣିବ କି ନାହିଁ ଜାଣିବା ପାଇଁ ଝଡ଼ ଆଗରୁ ଆଚାର୍ଯ୍ୟଙ୍କ ଘରକୁ ଗଲା ।

ଏଇ ପିଲାଟି (ଶିନିବାସ) ବ୍ରାହ୍ମଣୀ ମାଆ କହିଲେ ଆଚାର୍ଯ୍ୟାଣିଙ୍କ ଦିହ ଜଳିଯାଏ । ଏଇ ପୂର୍ବସ୍ଥଳୀରେ ରୂପସୀ ଭୋଇଆଣି ପରି ଗରିବ ଆଉ କେହି ନାହିଁ । ପୁଅଟା ବି ସେହିଭଳି ଚନ୍ଦ୍ରଉଦିଆ ଭଳି । ପୁଅ ପୁଅ ହୋଇ ବାରବ୍ରତ, ପୂଜା ଉପାସ କରି ଆଚାର୍ଯ୍ୟାଣୀ କଳାଜିରା ଭଳି କେତେଟା ଝିଅ ଜନ୍ମ କଲେ । ସେଇଥିପାଇଁ ତ ତା'ର ସ୍ୱାମୀ ଛୋଟ ଆଚାର୍ଯ୍ୟାଣୀଙ୍କୁ ଆଣିଲେ ।

ସାନ ଆଚାର୍ଯ୍ୟାଣୀ ପୁଅକୁ କୋଳରେ ଧରି ପିଣ୍ଡାରେ ଆସି ଠିଆହେଲେ । ତା'ପରେ ଚୁପ୍ କରି ଘର ଭିତରକୁ ପଶିଗଲେ । ପିଲାଟା ବେମାରିଆ ଶିନିବାସର ନଜର ଲାଗିଗଲେ ହୁଏତ ଆହୁରି ଭୋଗିବ ।

ଶିନିବାସର ମୁଣ୍ଡରେ କି ଭୂତ ଚଢ଼ିଲା କେଜାଣି ସେ ହଠାତ୍ ବଡ଼ ଆଚାର୍ଯ୍ୟାଣୀଙ୍କୁ ପଚାରିଦେଲା, - ବାହ୍ମଣୀ ମା ଗୋ, ସୁନାର ଗୌରାଙ୍ଗ ଆସିଲେ ସତରେ କ'ଣ ଆମେ ସମସ୍ତେ ଏକାଠି ବସି ପ୍ରସାଦ ଖାଇବା ?

ରୂପସୀ ଭୂଆଶୁଣୀ ବିରୁଦ୍ଧରେ ଅନେକ ବିକ୍ଷୋଦ୍‌ଗାର ହେଉଥିଲା । ସ୍ତ୍ରୀ ଲୋକଟା ଖରାପ, ତା' ପିଲାଟି ବି ଖରାପ, (ତା ପିଲା -ଶିନିବାସ), ଗାଁର ଗୋଟେ କଳଙ୍କ । ତୋ ଶତ୍ରୁ, ତୋ ମାଆର ଶତ୍ରୁ । ଓଦା ସରସର ହୋଇ ହାତଗୋଡ଼ ଅସାର ହେବାଯାଏ, ଶିନିବାସ ଆଇ ସଙ୍ଗେ ମିଶି ଗେଣ୍ଡା ବାହାର କଲା । ତା'ପରେ ଘରକୁ ଫେରୁ ଫେରୁ ସେ କହିଲା - ଏଭଳିଆ ପାଣି ନୁହେଁ । ସେହି ବଡ଼ି କଥା କହ ଆଇ, ପ୍ରଳୟ ବନ୍ୟା । ବୁଢ଼ି ସାଙ୍ଗେ ସାଙ୍ଗେ ମୁଣ୍ଡ ହଲାଇଲା । କିଭଳିଆ, ତୋ ମା ସେତେବେଳେ ବଡ଼ିଲା ଝିଅ । ରୂପଯୌବନ ଉଛୁଳି ପଡୁଛି । ସକାଳରୁ ମେଘ ଗୁଣ୍ଡି ଝାଡୁଛି । ପବନର କି ତୋଡ଼ । କେତେ ଗଛ ଉପରେ ଚଢ଼ିଗଲେ, କେତେକ ଭାସିଗଲେ । ଏମିତି ବର୍ଷାରେ ବି ବନ୍ୟା ହୁଏ । ଲଗାତର ବର୍ଷାରେ ସମସ୍ତେ ବନ୍ୟାର ପ୍ରକୋପକୁ ଉପଲବ୍ଧି କରୁଥିଲେ ।

ଦୁହେଁଯାକ ପାଣି ବଚବଚା/ଚବ୍‌ଚବ୍ କରି ଘରଆଡ଼କୁ ଚାଲିଲେ । ଯାଉଯାଉ ଶିନିବାସ





ଶ୍ରୀମତୀ ସରସ୍ୱତୀ ପାଣିଗ୍ରାହୀ ତାଙ୍କର ଜେଜେବାପା ଏବଂ ଜେଜେମା ଥିଲେ । ସ୍ୱପ୍ନେଶ୍ୱର ପାଣିଗ୍ରାହୀଙ୍କ ଔରସରୁ ତାଙ୍କର ତିନିଗୋଟି ପୁତ୍ର ସନ୍ତାନ ଜନ୍ମ ହୋଇଥିଲେ । ସେମାନେ ହେଲେ ବଡ଼ପୁଅ ଦିବ୍ୟସିଂହ ପାଣିଗ୍ରାହୀ, ମଝିଆଁ ପୁଅ କାଳିନ୍ଦୀଚରଣ ପାଣିଗ୍ରାହୀ ଓ ସାନପୁଅ ଭଗବତୀ ଚରଣ ପାଣିଗ୍ରାହୀ । ଦିବ୍ୟସିଂହ ପାଣିଗ୍ରାହୀ ଥିଲେ ଜଣେ ପ୍ରଚଣ୍ଡ ବିଦ୍ୱାନ ଓ ଓଜସ୍ୱୀନି ବକ୍ତା । ତାଙ୍କର ଗୋଟିଏ ପୁଅ ନିହାର ରଞ୍ଜନ ପାଣିଗ୍ରାହୀ ଓ ୨ଟି ଝିଅ ଥିଲେ । ମଝିଆଁପୁଅ କାଳିନ୍ଦୀଚରଣଙ୍କର ଦୁଇପୁଅଙ୍କ ମଧ୍ୟରୁ ବଡ଼ପୁଅ ଶିଶିର ପାଣିଗ୍ରାହୀ ଏବଂ ସାନପୁଅ ତୁଷାର ପାଣିଗ୍ରାହୀ; ଦୁଇ ଝିଅଙ୍କ ମଧ୍ୟରୁ ବଡ଼ ନନ୍ଦିନୀ ପାଣିଗ୍ରାହୀ ଏବଂ ସାନ ଯଶୋଧାରା ମିଶ୍ର (ଲୁସି) । ସାନପୁଅ ଭଗବତୀଚରଣଙ୍କର କେବଳ ମାତ୍ର ତିନିଗୋଟି ଝିଅ ଥିଲେ । ସେମାନଙ୍କ ମଧ୍ୟରୁ ସୁଷମା ପାଣିଗ୍ରାହୀ, ଚନ୍ଦ୍ରିକା ମହାପାତ୍ର ଓ ତୁତୁଲି ଦେବୀ । ଏତେବଡ଼ ପରିବାରରେ ଜନ୍ମଗ୍ରହଣ କରି ନନ୍ଦିନୀଦେବୀ ନିଜକୁ ଭାଗ୍ୟବାନ ମନେ କରୁଥିଲେ ମଧ୍ୟ ଅନ୍ୟପକ୍ଷରେ ତାଙ୍କୁ ବଡ଼ଭାଇ ଭଉଣୀମାନଙ୍କ ଆକଟର ସମ୍ମୁଖୀନ ହେବାକୁ ପଡୁଥିଲା ।

ନନ୍ଦିନୀଦେବୀଙ୍କ ବାପା କାଳିନ୍ଦୀ ଚରଣ ପାଣିଗ୍ରାହୀ ଜଣେ ପ୍ରସିଦ୍ଧ କବି ଓ ଲେଖକ ଥିଲେ । ଯେଉଁଥିପାଇଁ ଭାରତ ସରକାରଙ୍କ ତରଫରୁ ତାଙ୍କୁ ରାଷ୍ଟ୍ରପତିଙ୍କ ଦ୍ୱାରା 'ପଦ୍ମଭୂଷଣ' ସମ୍ମାନରେ ସମ୍ମାନୀତ କରାଯାଇଥିଲା । ଏହିପରି ଜଣେ ପ୍ରଚଣ୍ଡ ସ୍ୱାଭିମାନୀ ଏବଂ କାଳଜୟୀ ସ୍ରଷ୍ଟାଙ୍କ କନ୍ୟା ଭାବରେ ନନ୍ଦିନୀ ଭାରି ସ୍ୱାଭିମାନୀ ଥିଲେ ।

ବିଶିଷ୍ଟ କମ୍ୟୁନିଷ୍ଟ ନେତା ତଥା ଓଡ଼ିଶାରେ କମ୍ୟୁନିଷ୍ଟ ପାର୍ଟିର ଜନକ ଭାବେ ପରିଚିତ ଶ୍ରୀଯୁକ୍ତ ଭଗବତୀଚରଣ ପାଣିଗ୍ରାହୀ ଥିଲେ ନନ୍ଦିନୀଦେବୀଙ୍କର କକେଇ । ଭଗବତୀବାବୁଙ୍କର 'ଶିକାର' ଗଳ୍ପ ସମଗ୍ର ଦେଶ ଭାରତବର୍ଷରେ ହଇଚୟୀ ସୃଷ୍ଟି କରିଥିଲା । ଗଳ୍ପର ମୁଖ୍ୟଚରିତ୍ର ଥିଲା ଘିନୁଆ । ଘିନୁଆ ବଣ ଜଙ୍ଗଲର ପଶୁପକ୍ଷୀ ଶିକାରରେ ଓସ୍ତାଦ୍ ଥିଲା । କିନ୍ତୁ ଅଚାନକ ଦିନେ ନିଜ ଅଂଳର ଜମିଦାର (ସବୁଠାରୁ ଅତ୍ୟାଚାରୀ)ର ମୁଣ୍ଡକୁ କାଟି ବଡ଼ ଏକ ଶିକାର ବୋଲି କହି ନେଇଆସିଲା ।

ନନ୍ଦିନୀଦେବୀଙ୍କର ବାପା ପଦ୍ମଭୂଷଣ କାଳିନ୍ଦୀଚରଣ ପାଣିଗ୍ରାହୀ ସବୁଜ ଯୁଗର ଆଗଧାଡ଼ିର କବି ଥିଲେ । "ମାଟିର ମଣିଷ" ପରି କାଳଜୟୀ ଉପନ୍ୟାସ ତାଙ୍କର କୃତି । ସତେ ଯେପରି ନନ୍ଦିନୀଙ୍କର ଘର ଥିଲା ସାମ୍ୟବାଦୀ ଚିନ୍ତାଧାରାର ପ୍ରୟୋଗଶାଳା । ବାପା-ଦାଦାଙ୍କର କଲମମୁନ ପିଲାଟିଦିନରୁ ନନ୍ଦିନୀଙ୍କ ଉପରେ ପ୍ରଗାଢ଼ ଭାବରେ ଆଚ୍ଛାଦିତ କରିଥିଲା । ଏହି ଆଧାରରେ ନନ୍ଦିନୀ ପାଲଟି ଯାଇଥିଲେ ଜଣେ ସାରସ୍ୱତ ସାଧିକା । ଏହିଭଳି ଗୋଟିଏ ଦୁର୍ଲଭ ପରିବାରରେ ଜନ୍ମଗ୍ରହଣ କରି ନନ୍ଦିନୀ ଶତପଥୀ ନିଜକୁ ଭାଗ୍ୟବତୀ ମନେ କରୁଥିଲେ ।

### ନନ୍ଦିନୀଙ୍କର ପରିବାର ସାରଣୀ

ଶ୍ରୀ ସ୍ୱପ୍ନେଶ୍ୱର ପାଣିଗ୍ରାହୀ

ଶ୍ରୀମତୀ ସରସ୍ୱତୀ ପାଣିଗ୍ରାହୀ

ଦିବ୍ୟସିଂହ ପାଣିଗ୍ରାହୀ　　କାଳିନ୍ଦୀଚରଣ ପାଣିଗ୍ରାହୀ　　ଭଗବତୀଚରଣ ପାଣିଗ୍ରାହୀ

ରତ୍ନମଣୀ ଦେବୀ

ନିହାର ରଞ୍ଜନ(ପୁଅ) ଦୁଇଝିଅ　ନନ୍ଦିନୀ ଯଶୋଧାରା ଶିଶିର ତୁଷାର ସୁଷମା ଚନ୍ଦ୍ରିକା ତୁତୁଲି

ନନ୍ଦିନୀଦେବୀ ରେଭେନ୍ସା ବିଦ୍ୟାଳୟରେ ପ୍ରାଥମିକ ଶିକ୍ଷା ପରେ ପରେ ରେଭେନ୍ସା କଲେଜରୁ ଏମ୍.ଏ (ଓଡ଼ିଆ) ପାସ୍ କରିବା ପରେ ତାଙ୍କର ପିତା କାଳିନ୍ଦୀଚରଣ ତାଙ୍କର ବିବାହ କରିଥିଲେ ।

ଢେଙ୍କାନାଳର ଧଳପୁର ଗ୍ରାମରେ ଏକ ସ୍ୱାଧୀନତା ସଂଗ୍ରାମୀ ପରିବାରରେ ନନ୍ଦିନୀ ପାଣିଗ୍ରାହୀଙ୍କର ବିବାହ ସମ୍ପର୍ଣ୍ଣ ହୋଇଥିଲା । ନନ୍ଦିନୀଦେବୀଙ୍କର ଶ୍ୱଶୁର ଥିଲେ ସ୍ୱାଧୀନତା ସଂଗ୍ରାମୀ ବିଶ୍ୱନାଥ ଶତପଥୀ । ବିଶ୍ୱନାଥବାବୁଙ୍କର ୪ ପୁଅ ଏବଂ ୧ଟି ଝିଅ ଥିଲେ । ପୁଅମାନଙ୍କ ମଧ୍ୟରେ ନନ୍ଦିନୀଦେବୀଙ୍କ ସ୍ୱାମୀ ଦେବେନ୍ଦ୍ର ଶତପଥୀ ବଡ଼ ପୁଅ ଥିଲେ । ଅନ୍ୟ ତିନିଭାଇ ହେଲେ ବ୍ରଜେନ୍ଦ୍ର ଶତପଥୀ, ନରେନ୍ଦ୍ର ଶତପଥୀ, ଓ ରାଜେନ୍ଦ୍ର ଶତପଥୀ । ଠିକ୍ ନିଜର ପିତୃ ପରିବାର ଭଳି ଶ୍ୱଶୁରାଳୟ ମଧ୍ୟ ଖୁବ୍ ବଡ଼ ନଥିଲେ ମଧ୍ୟ ସାନ ନଥିଲେ । ଏମାନେ ସମସ୍ତେ ଏକାନ୍ନବର୍ତ୍ତୀ ପରିବାରରେ ରହୁଥିଲେ । ପରିବାରର ପ୍ରତ୍ୟେକ ସଦସ୍ୟ ସ୍ୱ ସ୍ୱ କ୍ଷେତ୍ରରେ ପ୍ରତିଷ୍ଠିତ ଥିଲେ ।

### ନନ୍ଦିନୀଙ୍କ ଶ୍ୱଶୁରାଳୟର ସାରଣୀ

ବିଶ୍ୱନାଥ ଶତପଥୀ

ଦେବେନ୍ଦ୍ର　　ବ୍ରଜେନ୍ଦ୍ର　　ନରେନ୍ଦ୍ର　　ରାଜେନ୍ଦ୍ର

ବିବାହ ପରେ ନନ୍ଦିନୀଦେବୀ ସ୍ୱାମୀ ଦେବେନ୍ଦ୍ରଙ୍କ ସହିତ କଟକରେ ରହୁଥିଲେ । ସଂଗ୍ରାମର ଘଡ଼ିସନ୍ଧି ବେଳେ ନନ୍ଦିନୀଦେବୀଙ୍କର ଦୁଇପୁଅ କଟକରେ ଜନ୍ମ ନେଇଥିଲେ । ବଡ଼ପୁଅ ନଚିକେତା ଶତପଥୀ (ନାନୁ) ଓ ସାନପୁଅ ତଥାଗତ ସତପଥୀ (ବାବ୍‌ଲୁ) । ନଚିକେତା ଶତପଥୀ ପିଲାଟି ଦିନରୁ ଖୁବ୍ ମେଧାବୀ ଥିଲେ । ନିଜର ଶିକ୍ଷା ସମାପ୍ତ ପରେ ସେ ୟୁନିଅନ୍ କାର୍ବାଇଡ୍ ଇଣ୍ଡିଆ ଲିମିଟେଡର





ସବୁ ମଣିଷଙ୍କ ଭଳି ଖୁସାମନ୍ତରେ ଧନୁର୍ଦ୍ଧାରୀ ବି ଖୁସି ହୋଇଯାଏ । ଆଉ କହେ, ଯେତେବେଳେ ଦେଖିଲି ମୋ ପିଉସୀର ଝିଅ ଆଉ ଗୋପାଳୀ ଯଦି ମୁଣ୍ଡରେ ତେଲମାରି ଡ଼ାମଲା ଭର୍ତ୍ତି ଭାତ ଆଣି ଖାଉଛନ୍ତି, ସେତେବେଳେ ବୁଝିଲି ତୁମ ଭାଗ୍ୟ ବଦଳି ଯାଇଛି ।

ରକ୍ତମାଂସର ଦେବୀ ଅଜର ଅକ୍ଷୟ ପରମାୟୁର ଅଭିଶାପରୁ ଛିଣ୍ଡାକନାର ବିଛଣାରେ ଗଡୁଥାଏ । ମନ୍ଦିରରେ ତାଙ୍କର ପ୍ରତିନିଧି ପିତ୍ତଳର ଜାହ୍ନବୀ ମା ସିଂହାସନରେ ବସି ନିତି ପୂଜା ଆରତୀ ଭୋଗ ସବୁ ଦେଖନ୍ତି । ହସଭରା ମୁହଁରେ କୀର୍ତ୍ତନ, ଆଉ ଗୀତ ଶୁଣନ୍ତି । ପୋଥି ପାଠ ବି ଶୁଣନ୍ତି । ପୋଥିରେ ଜାହ୍ନବୀର ମା ବୃତାନ୍ତ ଏଇଭଳି ଭାବରେ ଅଛି ।

ସେତେବେଳେ ଘୋର କଳି । ସତ୍ୟ, ତ୍ରେତୟା, ଦ୍ୱାପର ଯୁଗ ଚାଲିଯାଇଛି । କଳିରେ ପାପ ଦିନକୁ ଦିନ ବଢୁଛି । ଅଧର୍ମ ଅନାଚାରର ଜୟ ହେଉଛି । ସେ ଏକୁଟିଆ ଦେଖିବ, କୋଉ ବାଟରେ, କେଉଁ ଉପାୟରେ ରକ୍ତମାଂସର ମା' ବିଦାହେଲେ, ନିଷ୍ପ୍ରାଣ ଧାତବ ପ୍ରତିମା ରାଖାଲ ହେରିକା ହାତରେ କଣ୍ଢେଇ ହୋଇ ନିଷ୍ପ୍ରାଣ ଆଖିରେ ଦେଖୁଥାନ୍ତି, ରାଖାଲ ହେରିକା କି କୌଶଳର ଧନୁର୍ଦ୍ଧାରୀମାନଙ୍କର ନ୍ୟାୟ ଅଧିକାରରୁ ସେମାନଙ୍କୁ ବଞ୍ଚିତ କରି ନିଜେ ଦୁଧ ଘିଅରେ ଭାସୁଛନ୍ତି ।

ଭୀଷଣ ପ୍ରଜ୍ୱଳିତ କ୍ରୋଧରେ ଧନୁର୍ଦ୍ଧାରୀର ମନେହୁଏ, ତା'ର ସେ କାମ କରିବାର କ୍ଷମତା ଅଛି । ରାଗ ମଣିଷକୁ ଗୋଟେ ପ୍ରକାରର ସାହସ ଯୋଗାଇଦିଏ । ଧନୁର୍ଦ୍ଧାରୀ ଭଳି ମଣିଷ ବି ।

ମହାଶ୍ୱେତା ଦେବୀଙ୍କ ନିର୍ବାଚିତ ଗଳ୍ପ – ଓଡ଼ିଆ ଅନୁବାଦ – ନନ୍ଦିନୀ ଶତପଥୀଙ୍କ 'ଜାହ୍ନବୀର ମା' ରୁ କିଛି ଅଂଶ ଉପସ୍ଥାପନା କରାଯାଇଅଛି ।

**(୧୯) ବନ୍ୟା :**

ନୂଆଖାଇ ସମୟଟା ଭାଦ୍ରବମାସର ପର୍ବର ଦିନ । ଏ ସମୟର ସବୁ ଗୃହସ୍ଥ ମନସା ଗଛ ଖୋଜନ୍ତି । ରୂପସୀ ଭୋଇଆଣୀର ପୁଅ ଶ୍ରୀନିବାସ ମନସାଗଛ ଖୋଜିବାକୁ ଗଲା । ମନସା ଗଛ ଆଣି ଗୃହସ୍ଥମାନେ ନିଜ ଅଗଣାରେ ପୋତନ୍ତି । ଏହି ଗଛଟି ସାଧାରଣତଃ ଘରର

ଅଗଣାରେ ଲଗାଯାଏ । ଘରେ ଏହି ଗଛ ଲଗାଇଲେ କ୍ଷେତରେ ଧାନ ଫଳେ, ଗାଇମାନେ ଦୁଧ ଦିଅନ୍ତି । ପୋଖରୀରେ ମାଛ ଖେଳନ୍ତି । ଗୃହସ୍ଥ ଘରର ବୋହୂମାନଙ୍କର କୋଳରେ ପିଲା ଖେଳନ୍ତି । କିନ୍ତୁ ସବୁଘରେ ମନସାଗଛ ନଥାଏ । ଏଇ ପର୍ବର ପରଦିନ ରନ୍ଧାବଢ଼ା ହୁଏନି ।

ମା' ଶିନିବାସକୁ କହିଲେ, ଆମର ଏ ବର୍ଷ ରକ୍ଷାପୂଜା ନାହିଁ । ଏଇ ବର୍ଷ ତୋର କୁଟିଆରେ ଥିବା ବଡ଼ବାପା ମରିଥିଲେ । ଏ ବର୍ଷ ବଡ଼ କଷ୍ଟ, ଏପଟେ ଗଙ୍ଗାରେ ବନ୍ୟା, ସେପଟେ ଛୋଟିଆ ନଈଟି ଉବୁଟୁବୁ । ଶିନିବାସ ଶୁଣିଛି ଯେ, ଏ ଅଞ୍ଚଳ ନଈରେ ତିନିଟା ବାଉଁଶ ଉପରେ ଉପରେ

ପୂରଣ କର'ରୁ କିଛି ଅଂଶ ଏଠାରେ ବର୍ଣ୍ଣିତ କରାଯାଇଅଛି ।

**(୧୮) ଜାହ୍ନବୀ ମା :**

ଅନେକ ଦିନ ପରେ ଝମ ଝମ ହୋଇ ରାତିରେ ବର୍ଷା ହୋଇଥିଲା, ତେଣୁ ଖେଚୁଡ଼ି ରନ୍ଧାଗଲା । ମନଇଚ୍ଛା ଖେଚୁଡ଼ି ଖାଇ ଜାହ୍ନବୀମାର ନାତିଘରର ନାତିମାନେ ସମସ୍ତେ ଶୋଇବାକୁ ଗଲେ । ବିବାହିତ ଜୀବନର ପ୍ରାକ୍‌ନିଦ୍ରା କର୍ତବ୍ୟକର୍ମ ଶେଷକରି ତିନିତାଲାକୁ ଯିଏ ଯାହା ଘରକୁ ଶୋଇବାକୁ ଗଲେ । ସେମାନଙ୍କର ନିଦ ଭାଙ୍ଗି ମୋଖ୍ୟଦା ଦାସୀ ଦୁଃସମ୍ବାଦଟିଏ ଦେଲା । ଅନେକ ବେଳଯାଏଁ ମା'ର କିଛି ସ୍ୱରଶବ୍ଦ ନାହିଁ । ଏଇକ୍ଷଣି ଦେଖାଗଲା ଦାନ୍ତ ନିକୁଟି କାଠ ହୋଇ ରହିଛି ।

କେଜାଣି କାହିଁକି ଜାହ୍ନବୀ ମାର ନାତିର ନାତିମାନେ 'ଦାଦା' ନାମରେ ପରିଚିତ । ଯେତେଦିନ ଯାଏଁ ଜ୍ଞାନ ଥିଲା ଜାହ୍ନବୀ ମାର ସେ ବି ସେହି ନାଁରେ ଡାକୁଥିଲା । ବର୍ଷାରାତିରେ କଂନିଦରୁ ଉଠି ମୋଖ୍ୟଦା ମୁହଁରୁ ଏକଥା ଶୁଣି ସାତ ଭାଇଙ୍କର ପିଳେଇ ପାଣି ହୋଇଗଲା । କି ଅସମ୍ଭବ କଥା । ଆଜି ସକାଳେ ବି ସାତଭାଇ ପରସ୍ପର ରକ୍ତ ଦର୍ଶନ କରିବାର ଶୁଭେଚ୍ଛା ପ୍ରକାଶ କରିଥିଲେ ।

ଜାହ୍ନବୀ ମା'ର ଶେଷ ଖବର ପାଇ ସମସ୍ତେ ଏକଜୁଟ ହେଲେ ଓ ରାଖାଲ ଆଡ଼କୁ ଚାହିଁଲେ । ରାଖାଲ ମୋଖ୍ୟଦାକୁ କହିଲା, ମୁଁ ଯାଉଛି । ନା ଚାଲ ଚାଲ, ସାତଭାଇ ନିଃଶବ୍ଦରେ ଓହ୍ଲେଇ ଆସିଲେ, ମୋଖ୍ୟଦା ପିଣ୍ଡାରେ କହ୍ନା ପାରୁଥିଲା । ଜାହ୍ନବୀ ମା ଘର ଭିତରେ ପଶିଯାଇ ତା' ଖଟ ଚାରିପଟେ ଘେରିଗଲେ । ଗୋଟେପଟେ କବାଟ ଆଉଜେଇ ରାଖାଲ ତା' ଉପରକୁ ଝୁଙ୍କିପଡ଼ି ଡାକିଲା, ମା, ମା ଲୋ ! ଜାହ୍ନବୀ ମା !

ମୋଖ୍ୟଦା ମନରେ ଭୀଷଣ ସନ୍ଦେହ ହୋଇଥିଲା । କାହିଁକିନା ଜାହ୍ନବୀ ମାର ନାତିର ନାତିମାନଙ୍କ ପକ୍ଷରେ କୌଣସି କାମ ଅସାଧ ନୁହେଁ । ମୋଖ୍ୟଦା ଆଉ ସହି ପାରିଲାନି । କହିଲା ଜାହ୍ନବୀ ମାକୁ ଭଲକରି ଦେଖ । ତା'ର ବୋହୂମାନେ ଆସି ଦେଖନ୍ତୁ । ତୁମର ଘର, ମା' ଜନନୀ । ସାତକାଳର ବୁଢ଼ୀ, ଆଇ ଶାଶୁ ହେବ ।

ଜାହ୍ନବୀ ମା'ର ଘରେ ରାଖାଲ ଦାଦାଙ୍କୁ ରଖିଦେଇ ଆଉ ପାଂ ଭାଇ ଯେ ଯାହାର ବିଛଣାକୁ ଯାଇ ବିନିଦ୍ର ରାତ୍ରି କଟାଇଲେ । ଜାହ୍ନବୀ ମା ଓ ଦାଦାମାନଙ୍କର କାହାଣୀ ବେଶ୍ ଚମକପ୍ରଦ । ତାଳନ୍ଦି ଗାଁରେ ଏଇ ଜୀବିତ ବିଗ୍ରହର ମହାପୀଠରେ ଜାହ୍ନବୀ ମାର ବହି ମିଳେ । ସେଥିରେ ଅନେକ କଥା ଲେଖା ହୋଇଛି । ଜାହ୍ନବୀ ମା'ର ଆବିର୍ଭାବ ଉତ୍ସବ ଦିନ ସେ ବହି ବହୁତ ବିକ୍ରି ହୁଏ । ବହିରେ ତିନିଟା ଉଲ୍ଲେଖଯୋଗ୍ୟ ଦେବୀ ଘଟଣାର କଥା ଲେଖାହୋଇଛି ।





ଏକ ଉଚ୍ଚପଦସ୍ଥ ଅଫିସର ପଦବୀରେ ନିଯୁକ୍ତ ପାଇ ଚାକିରି ଜୀବନ କଟାଇବାକୁ ନିଷ୍ପତି ନେଇଥିଲେ । ଅଧୁନା ସେ ସ୍ୱକ୍ଷେତ୍ରରେ ପ୍ରତିଷ୍ଠିତ । ତାଙ୍କର ବିବାହ ପରେ ତିନିଗୋଟି ପୁତ୍ର ସନ୍ତାନ ଯଥା ସୁପର୍ଣ୍ଣୋ (ବୁନୁ) ଓ ଚୁନୁ ଓ ରାକା । ବଡ଼ପୁଅ ସୁପର୍ଣ୍ଣୋ ବିବାହିତ ଏବଂ ଏକ କନ୍ୟା ସନ୍ତାନର ଜନକ, ଅର୍ଥାତ୍ ନନ୍ଦିନୀଦେବୀଙ୍କର ଅଣନାତୁଣୀ ।

ସାନପୁଅ ତଥାଗତ ସତପଥୀ ଶ୍ରୀଅରବିନ୍ଦ ବିଦ୍ୟାନିକେତନରୁ ଉଚ୍ଚଶିକ୍ଷା ସମାପ୍ତ କରି କୌଣସି ଚାକିରି କରିବାର ସିଦ୍ଧାନ୍ତ ନନେଇ ବାପା, ମାଆ ଓ ଅଜା କାଳିନ୍ଦୀଚରଣଙ୍କର ପଦାଙ୍କ ଅନୁସରଣ କରି ଓଡ଼ିଶା ପ୍ରଦେଶରେ ଆଜି ଜଣେ ପ୍ରତିଷ୍ଠିତ ବ୍ୟକ୍ତିତ୍ୱ । ବାପା ଦେବେନ୍ଦ୍ର ଶତପଥୀ ଦୁଇଥର ଢେଙ୍କାନାଳର ଲୋକସଭା ସାଂସଦ ଭାବେ ନିର୍ବାଚିତ ହୋଇଥିଲେ । ତଥାଗତବାବୁ ମଧ ଢେଙ୍କାନାଳ ବିଧାୟକ ତଥା ଦୁଇଥର ଢେଙ୍କାନାଳର ଲୋକସଭା ସାଂସଦ । ବର୍ତମାନ ଢେଙ୍କାନାଳର ସାଂସଦ । ମା' ନନ୍ଦିନୀଙ୍କର କେନ୍ଦ୍ରମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ସୁସାହିତ୍ୟିକା ପଦାଙ୍କ ଅନୁସରଣରେ ତଥାଗତବାବୁ ସ୍ୱପ୍ରତିଷ୍ଠିତ । ରାଜ୍ୟର ପ୍ରଭାବଶାଳୀ ଦୈନିକ ଓଡ଼ିଆ ଖବରକାଗଜ "ଧରିତ୍ରୀ"ର ସମ୍ପାଦକ । ତଥାଗତବାବୁଙ୍କର ସହଧର୍ମିଣୀ ଆଦ୍ୟାଶା ଶତପଥୀ "ଧରିତ୍ରୀ"ର ମୁଖ୍ୟ କାର୍ଯ୍ୟନିର୍ବାହୀ ଭାବରେ ବର୍ତମାନ କାର୍ଯ୍ୟରତ । ତଥାଗତବାବୁଙ୍କର ଗୋଟିଏ ପୁତ୍ର ସନ୍ତାନ- ଆରିଲ୍ ।

**ନନ୍ଦିନୀଙ୍କର ପରିବାର**




ଏହା ହେଉଛି ଯଥାକ୍ରମେ ନନ୍ଦିନୀଙ୍କର ବଂଶଲତା ।

## ନନ୍ଦିନୀଙ୍କ ରାଜନୈତିକ ଜୀବନ

କଥାରେ ଅଛି ତୁଳସୀ ଦୁଇପତ୍ରରୁ ବାସେ । ଅର୍ଥାତ୍ ବଡ଼ହେଲେ କେଉଁ ବ୍ୟକ୍ତିର ବ୍ୟକ୍ତିତ୍ୱ କିପରି ଭାବରେ ପ୍ରକାଶିତ ହେବ ତାହା ପିଲାଟି ବେଳରୁ ବାରି ହୋଇ ଜଣାପଡ଼ିଥାଏ । ସେଥିରୁ ନନ୍ଦିନୀ ଶତପଥୀ ବା ବାଦ୍ ପଡ଼ନ୍ତେ କିପରି ! ପ୍ରତ୍ୟେକ ବ୍ୟକ୍ତିର ଜୀବନ ପରିଧି ବିଧିନିର୍ଦ୍ଦିଷ୍ଟ । କିଏ କ'ଣ ହେବ ତାହାର କପାଳରେ ଭଗବାନ ଜନ୍ମ ହେବାକ୍ଷଣି ଲେଖିଥାଆନ୍ତି ।

ସେଥିପାଇଁ କଥାରେ ଅଛି - ପିତାମାତାଙ୍କର ସଂଯୋଗକାଳେ ବିଧି ତା' ଯାହା କପାଳେ ଛାଡ଼େ ତାହାକୁ ଭାଗ୍ୟ କୁହାଯାଏ । ଏଠାରେ ସାଧାରଣତଃ ବ୍ୟକ୍ତିର ଜନ୍ମ, ଶିକ୍ଷା, କର୍ମ, ବିବାହ ଓ ମୃତ୍ୟୁ ଆଦି ପାଂଚଟି ବିଷୟରେ ବିଷଦ ଭାବରେ ବର୍ଣ୍ଣିତ ହୋଇଥାଏ । ବ୍ୟକ୍ତିର ଜନ୍ମ କେଉଁ କୁଳ ବା ବଂଶରେ ହେବ, ତା'ର କେଉଁ ଧରଣର ଶିକ୍ଷା ପ୍ରାପ୍ତି ହେବ, ଜୀବନରେ ତା'ର କର୍ମ କ'ଣ ହେବ; ବିବାହ କେଉଁଠାରେ କେଉଁ ପରିବାରରେ ହେବ ଏବଂ ପରିଶେଷରେ ମୃତ୍ୟୁ ତାକୁ କିପରି ଆସିବ ଆଦି ଲେଖାଥାଏ ।

ଉଲ୍ଲିଖିତ ସମତି ଗୁଣ ମଧ୍ୟ ନନ୍ଦିନୀଦେବୀଙ୍କର ଜୀବନରେ ଥିଲା । ଯଥେଷ୍ଟ ବୁନିଆଦି ଥିବା କବି ପଦ୍ମଭୂଷଣ କାଳିନ୍ଦୀଚରଣ ପାଣିଗ୍ରାହୀଙ୍କର ପରିବାରରେ ତାଙ୍କର ଜନ୍ମ ହୋଇଥିଲା ଏବଂ ଶିକ୍ଷା ଥିଲା ଓଡ଼ିଶା ତଥା ଭାରତବର୍ଷର ଯୋଗ୍ୟ ଶିକ୍ଷାନୁଷ୍ଠାନ ରେଭେନ୍ସା କଲେଜରେ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗରେ ସ୍ନାତକୋତର (ଏମ୍.ଏ.) । ଜନ୍ମ, ଶିକ୍ଷା, ଆଦି ପରିସମାପ୍ତି ପରେ କର୍ମମୟ ଜୀବନରେ ନନ୍ଦିନୀ ଶତପଥୀ ସମଗ୍ର ଭାରତବର୍ଷରେ ଜଣେ ସୁସାହିତ୍ୟିକା ଭାବରେ ପ୍ରତିଷ୍ଠିତ ହୋଇଥିଲେ । ତାଙ୍କର ଅନେକ ଗୁଡ଼ିଏ ଗଳ୍ପ, ଅନୁବାଦ, କବିତା ସଂକଳନ ପ୍ରକାଶିତ ହୋଇଅଛି । ବିଶେଷତଃ କ୍ରିଷ୍ଣ କ୍ରୃପାଳିନୀଙ୍କର ଅଲମେନ୍ ଆର୍ ବ୍ରଦର୍ସରୁ ଅନୁବାଦ କରି ସେ ଓଡ଼ିଆରେ "ଗାନ୍ଧି କଥାମୃତ"; ଯାହାକି କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କୃତ ଏବଂ ଜ୍ଞାନପୀଠ ବିଜୟିନୀ ଅମୃତାପ୍ରୀତମ୍‌ଙ୍କର 'ରେଭିନ୍ୟୁ ଟିକେଟ୍'କୁ ଓଡ଼ିଆରେ ଅନୁବାଦ କରି 'ରସିଦ୍ ଟିକେଟ୍' ଯାହାକି କେନ୍ଦ୍ର ସାହିତ୍ୟ ଏକାଡେମୀ ଦ୍ୱାରା ପୁରସ୍କାର ପ୍ରାପ୍ତ ହୋଇଅଛି । ଏତଦ୍‌ବ୍ୟତୀତ ତସଲିମା ନାସରିନ୍‌ଙ୍କର 'ଲଜ୍ଜା' ଉପନ୍ୟାସକୁ ସେ ଓଡ଼ିଆରେ ଅନୁବାଦ କରି ସାହିତ୍ୟ ଜଗତରେ ନିଜର ସ୍ୱାକ୍ଷର ଛାଡ଼ି ଯାଇଛନ୍ତି । ଏହା ବାଦ୍ ନନ୍ଦିନୀଦେବୀ ଓଡ଼ିଶା ସାହିତ୍ୟ ଏକାଡେମୀର ସଭାପତି ଭାବରେ କାର୍ଯ୍ୟ ସମ୍ପାଦନ କରିଛନ୍ତି ।

ଅପରପକ୍ଷରେ ନନ୍ଦିନୀ ଶତପଥୀଙ୍କର କର୍ମମୟ ଜୀବନ ସାଧାରଣତଃ ଦୁଇଭାଗରେ ବିଭକ୍ତ । ୧-ସାହିତ୍ୟିକ ଜୀବନ, ୨- ରାଜନୈତିକ ଜୀବନ । ଉପର ଆଲୋଚନାରେ ତାଙ୍କର ସାହିତ୍ୟିକ





ମଝିରେ । ବୟସ ହୋଇଗଲାଣି । ହଁ କ'ଣ ପାଇଁ ଏତେକଥା ? ଗୁଳି ଚଳାଇଛନ୍ତି ବୋଲି ସ୍ୱୀକାର କଲେ ବି ଶୂନ୍ୟସ୍ଥାନ ପୂର୍ଣ୍ଣ କରିବାକୁ ଦିଅନ୍ତିନି । ଶୂନ୍ୟ ହିଁ ରଖିଦିଅନ୍ତି । ହଳଦୀ କଥାଟା ତ ଅଲଗା, ମୁକୁଳ ।

ଉତେଜିତ ହୋଇ ମତିବାବୁ ଥୁ ଥୁ କରି ଛେପ ପକାଇଲେ । ମୁହଁ ପୋଛିଦେଇ କହିଲେ - କିନ୍ତୁ ମୁଁ ଦିଜଣଙ୍କୁ ଜାଣିଛି । ଶଶିକୁ ବେଶୀ ଜାଣେ । ଶଶୀର ଭଉଣୀ ବର ପୁଲିସ୍ ମାହାତୋ । ଭଉଣୀଟି ଖ୍ରୀଷ୍ଟିଆନ ବାହା ହୋଇଥିଲା । ପଲୁସକୁ କହୁଛନ୍ତି ନକ୍‌ଲ । ପଲୁସ କ'ଣ ?

ଶାଗୁଆନ୍ ଆନ୍ଦୋଳନରେ ଶଶିର ସାଥୀ । ନକ୍‌ଲ ନୁହେଁ ।

ଶଶି ମାହାତୋଙ୍କର ବାପା ବଳରାମ ମାହାତୋ ଥିଲେ ତେଜି ଲୋକ । ଶଶି ଭାରି ଭଲ ପିଲା । ମୁଁ ତାକୁ ଦଳକୁ ଆଣିଲି । ପରେ ସେ ଶାଗୁଆନ ଆନ୍ଦୋଳନରେ ଜଡ଼ିତ ହୋଇଗଲା । ସରକାର ବି ସେତେବେଳ ଶାଗୁଆନ୍ ଗଛ ଲଗାଇବାରେ ବଦ୍ଧ ପରିକର । ଶଶି କିଛି ଲେଖାପଢ଼ା ବି ଜାଣିଥିଲା । ଶଶିର ଭିଣୋଇ ମଧ୍ୟ ଏହି ଶାଗୁଆନ୍ ଆନ୍ଦୋଳନରେ ସାମିଲ ଅଛନ୍ତି । 'ଶାଗୁଆନ୍ ହଟାଅ' ଏହି ଆନ୍ଦୋଳନକୁ ଗଢ଼ିବାକୁ ହେବ । ଜଙ୍ଗଲ ଆଶ୍ରିତ ମଣିଷମାନଙ୍କର ମନରେ ଆଶାର ସଂଚାର ହେଲା ।

ଶଶି ହେରିକାଙ୍କର ଗାଁ ସାମନାରେ ଯେଉଁ ନଣ୍ଡାମୁଣ୍ଡିଆ ଶାଳ ଗଛଟିକୁ ଦେବତା ବନାଇବାର ପ୍ରାଥମିକ କାମ ସେଇଠାରେ ହୁଏ । ମୁଣ୍ଡିଆଟିର ତଳେ ବେଶ୍‌କିଛି ଜାଗା । ଶଶିର ଆଖିରେ ସ୍ୱପ୍ନ ଜମା ହେଲା । ଗୋଟିଏ ଗଛକୁ ଆଉଜି ପଡ଼ିଲା ସେ । କହିଲା - ବସିବସି ଦେଖ ସେଥିରେ ଯଦି ମନ ପୁରୁନାହିଁ, ତେବେ ଶୋଇ ଶୋଇ ଦେଖିପାର । ସେତେବେଳେ ମୁଁ ବରାବର ଯାଉଥିଲି । ସେତେବେଳେ ତ କିଛି ହୋଇନି । ଆଉ ମୋ ଉପରେ ବି ନିଷେଧ ନଥିଲା । କହିଲି ତ ଶଶିକୁ ମୁଁ ପିଲାଟି ବେଳରୁ ଦେଖିଛି । କହନ୍ତୁ, ସେତେବେଳ ଠୁଁ ସବୁ ଲେଖିଯାଉଛ । ଶୂନ୍ୟସ୍ଥାନ ପୂରଣ କରୁଛ - କୁହନ୍ତୁ ।

ସକୁଲ ତାକୁ ଜାବୁଡ଼ି ଧରି ବସିପଡ଼େ । ଦୁଇଟି ପଥର । ମୁଣ୍ଡ ଉଠାଇଲା ଓ ଦମ୍ ନେଲା । ଉପରେ ଆକାଶ । ମୁଣ୍ଡ ଭିତରେ ପ୍ରଚଣ୍ଡ ବିସ୍ଫୋରଣ । ସୁକୁଲକୁ କମ୍ପେଇଦେଇ ଶୂନ୍ୟସ୍ଥାନ ପୂର୍ଣ୍ଣ କରିଦେଲା । ଉନ୍ନତ ଶାଳ ଆଦିବାସୀମାନଙ୍କର ପ୍ରତିରୋଧ । ଯେଉଁ ଟିକକ ବାକିଥିଲା, ସେତକ ଶଶି ଓ ଭୂଜଙ୍ଗର ରକ୍ତରେ ପ୍ଲାବିତ ହୋଇ ଭାସିଗଲା । ଉଛୁଳି ପଡ଼ିଲା ।

ମହାଶ୍ୱେତାଦେବୀଙ୍କ ନିର୍ବାଚିତ ଗଳ୍ପ - ଓଡ଼ିଆ ଅନୁବାଦ ନନ୍ଦିନୀ ଶତପଥୀଙ୍କ 'ଶୂନ୍ୟସ୍ଥାନ

ପାଆନ୍ତି – ଟଙ୍କା ମାରିନିଅନ୍ତି । ଏଇ ସାଧୁ । ଟାଇପିଷ୍ଟ ବ୍ରାହ୍ମଣ, ଅଫିସର କାୟସ୍ଥ । ଉଚ୍ଚଜାତିର ଗୌରବ ଦେଖାଇ ଟାଇପିଷ୍ଟ ତଳେ ଛେପ ପକାଇ କହିଲେ, ସାଧୁ ବୋଲି ମାନିବ । ଯେତେବେଳେ ଦେଖିବ ଆଣ୍ଟି୍ କରପ୍ସନରେ ଫସିଯାଉଛ, ଏମିତି ସାଧୁ ଢେର ଦେଖିଛି ।

ଆଶ୍ଚର୍ଯ୍ୟ ହେବାର କ'ଣ ଅଛି ? ରଘୁବରର କଥା ତା'ର ମନେପଡ଼େନି । ଔଷଧ ପଠାଇବା ପରେ ତା'ର ଆଉ ଅଢ଼େଇ ମନେ ପଡ଼େନି । ଏଇକ୍ଷଣି ଛୁଟି, ତା'ପରେ ଟାଉନ୍ ଇଲାକାରେ ପୋଷ୍ଟିଂ । ଟାଉନ୍ ଇଲାକା ନହେଲେ ସ୍ତ୍ରୀ ଆଣି ଲାଭ କ'ଣ ? ସ୍ତ୍ରୀ ତ ଗୌତମ ଧାରାରେ ରହିବାକୁ ନାରାଜ । ଅବଶ୍ୟ ସ୍ତ୍ରୀ ତା'ର ଚାକିରିରେ ନାରାଜ ।

ସାକ୍ଷୀ ରହିଲା – ଅଢ଼େଇ ନଈ । ସାକ୍ଷୀ ରହିଲା ଅଢ଼େଇ ହ୍ରଦ । ଏଇ ମୁହୂର୍ତ୍ତଟିକୁ ଧରିରଖି ପାରିଲେ, କାନ ପତେଇଲେ ନବୀନ ନିଶ୍ଚେ ଶୁଣିପାରିବ, ପାଣିତଳେ ଏବେ ବି ପୃଥିବୀର ପ୍ରଥମ ବୃଷ୍ଟି ଝର ଝର ଶବ୍ଦ କରି ଝରୁଛି ।

ମୁହୂର୍ତ୍ତ ତୁମେ ଅଟକି ରୁହ । ନବୀନ ପ୍ରସାଦ ଅ*ଳ ଛାଡ଼ିଯିବା ଆଗରୁ ମାଟି ଓ ମଣିଷକୁ ଚିହ୍ନିବାର ପ୍ରଥମ ପାଠ ଶିଖିଛି ।

**(୧୭) ଶୂନ୍ୟସ୍ଥାନ :**

ଦିଲ୍ଲୀରୁ ଯେଉଁ ସଂସ୍ଥା ସୁକୁଲକୁ ପଠାଇଛନ୍ତି, ସେମାନେ ତ କୌଣସି ଭରସା ଦେଇନାହାନ୍ତି । ସିଂଭୂମର ଯେଉଁଠାକୁ ତୁମକୁ ପଠାଉଛି ସେ ଜାଗାଟା ଅତ୍ୟନ୍ତ ବିଚ୍ଛିନ୍ନ, ପୁଣି ଯାଉଛ କାହିଁକି ? ଚକ୍ରଧରପୁର ତୁମେ ଯାଇଥାନ୍ତ – ଚାଇଁବସାକୁ ସହଜରେ ଯାଇପାରିବ । ବେଶୀ ଦୂର ନୁହେଁ । ସହରୀ ଲୋକମାନେ ଅସମ୍ଭବ ପ୍ରତିରୋଧ ବିରୁଦ୍ଧରେ କାମ କରୁଛନ୍ତି । ତୁମେ ତ ଅନେକ ସମୟରେ ଏକୁଟିଆ ପୋଲିସ ଓ ପ୍ରଶାସନର ରିପୋର୍ଟ ଆଣିଛ । ଚକ୍ରଧରପୁର କାହା ପାଖକୁ ଯାଉଛ ? ମତିବାବୁ, ମତିଲାଲ କୋୟାର ପୁରୁଣା ରାଜନୈତିକ କର୍ମୀ । ଏଇକ୍ଷଣି ଆଦିବାସୀମାନଙ୍କର ସାଙ୍ଗରେ "ଶାଳ ବ*ାଅ, ଶାଗୁଆନ୍ ହଟାଅ" ଅଭିଯାନରେ ମାତିଛନ୍ତି । ଶାଳ ଗଛଟା ଆଦିବାସୀମାନଙ୍କର ପାଖରେ ଗୋଟିଏ ଧର୍ମୀୟ ଦେବତା ଭଳି । ଶାଗୁଆନ୍‌ଟା ରାଜ୍ୟ ଓ ଜାତୀୟ ଅର୍ଥନୀତିର ମୂଲ୍ୟବାନ । ଆଦିବାସୀଙ୍କର ଅର୍ଥନୀତିରେ ଶାଳ ମୂଲ୍ୟବାନ । ଶାଳଟା ବୀଜ, ପତ୍ର, ସେମାନଙ୍କୁ ନାନା ଭାବରେ ବ*ାଏ ।

ଛୋଟନାଗପୁରରେ ପୋଲିସରାଜ ଚାଲିଛି କିପରି । ବିହାରରେ ଚାଲିଛି ପୋଲିସ ରାଜ । ପୁଲିସମାନେ ଆସନ୍ତି ଉଚ୍ଚଜାତିରୁ, ପୁଣି ହରିଜନ ଓ ଆଦିବାସୀମାନଙ୍କ ମଧ୍ୟରେ ଗୁଳି ଚଳାଇବାକୁ ସେମାନଙ୍କୁ ଭାରି ମଜା ଲାଗେ । ଏ ରାଜ୍ୟର ଏଇଟା ହିଁ ବୈଶିଷ୍ଟ୍ୟ । ବଡ଼ ନିଃସ୍ୱ ଲାଗେ ମଝିରେ





ଜୀବନର କର୍ମ ଉପରେ ଆମ୍ଭେ କଞ୍ଚିତ୍‌ମାତ୍ର ସମ୍ୟକ ସୂଚନା ପ୍ରଦାନ କରିଲେ । ନନ୍ଦିନୀ ଶତପଥୀଙ୍କର କର୍ମମୟ ଜୀବନରେ ରାଜନୈତିକ ଜୀବନ ପ୍ରଣିଧାନଯୋଗ୍ୟ । ନନ୍ଦିନୀଦେବୀ ଜଣେ ସାମ୍ୟବାଦୀ ତଥା ରାଜନୈତିକ ପରିବାରରେ ଜନ୍ମ ଗ୍ରହଣ କରିଥିବାରୁ ପିଲାଟିଦିନରୁ ତାଙ୍କରି ଠାରେ ଏହାର ପ୍ରଭାବ ପକାଇଥିଲା କହିଲେ ଅତ୍ୟୁକ୍ତି ହେବନାହିଁ । ନନ୍ଦିନୀଦେବୀଙ୍କର ଦାଦା ତଥା ଓଡ଼ିଶାର କମ୍ୟୁନିଷ୍ଟ ଆନ୍ଦୋଳନର ଜନକ ଭଗବତୀ ପାଣିଗ୍ରାହୀ ତାଙ୍କର ରାଜନୈତିକ ପ୍ରେରଣାଦାତା । ଦାଦାଙ୍କ ଠାରୁ ରାଜନୈତିକ ସ୍ୱାଭିମାନ ସେ ଛୋଟ ପିଲାଟି ଦିନରୁ ଶିକ୍ଷା କରିଥିଲେ । ପିଲାଟିବେଳେ ସେ ତାଙ୍କର ଘର କଟକ ନିକଟରେ ଏକ ବିଦ୍ୟାଳୟରେ ଓଡ଼ିଆରେ ପ୍ରାର୍ଥନା 'ବନ୍ଦେ ଉତ୍କଳ ଜନନୀ' ପରିବର୍ତ୍ତେ ଇଂରେଜମାନଙ୍କର ଶାସନର ସଙ୍ଗୀତ ପରିବେଷଣ କରାଯିବାରୁ ସ୍ୱାଭିମାନୀ ନନ୍ଦିନୀ ଆଉ ସେ ବିଦ୍ୟାଳୟକୁ ପାଠପଢ଼ି ନଯାଇ ଅନତିଦୂରରେ ଏକ ବିଦ୍ୟାଳୟରେ ପାଠ ପଢ଼ିଥିଲେ । ଏହିଠାରୁ ତାଙ୍କର ଦେଶଭକ୍ତିର ମାର୍ଗଦର୍ଶନ ପ୍ରତିଫଳିତ ହୋଇଥିଲା । ଭାରତବର୍ଷରୁ ଇଂରେଜମାନଙ୍କୁ ବିତାଡ଼ିତ କରିବାର ମହାତ୍ମାଗାନ୍ଧୀଙ୍କର ଆନ୍ଦୋଳନ ପିଲାଟିଦିନରୁ ସେ ଦେଖିଥିଲେ । ନନ୍ଦିନୀଦେବୀ ଯେତେବେଳେ ରେଭେନ୍‌ସା କଲେଜରେ ପଢୁଥିଲେ ଏକ କ୍ରୀଡ଼ା ଉତ୍ସବରେ ଇଂରେଜମାନଙ୍କର ଜାତୀୟ ପତାକା ୟୁନିୟନ ଜ୍ୟାକ୍‌କୁ ସେଠାରୁ କାଢ଼ିନେଇ ଭାରତୀୟ ତ୍ରିରଙ୍ଗା ପତାକା ଲଗାଇଥିଲେ; ଯାହାଫଳରେ କି ସେ ଇଂରେଜମାନଙ୍କର କ୍ରୋଧର ଶିକାର ହୋଇ ତାଙ୍କୁ କିଛିଦିନ କାରାବରଣ କରିବାକୁ ପଡ଼ିଥିଲା । କଲେଜର ଛାତ୍ରସଂସଦର ସଂପାଦିକା ଭାବରେ ନନ୍ଦିନୀ ଦେବୀ ନିର୍ବାଚିତ ହେବା ପରେ ସମଗ୍ର ଓଡ଼ିଶାର ଛାତ୍ର ଆନ୍ଦୋଳନର ନେତୃତ୍ୱ ନେଇ ତତ୍କାଳୀନ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଡକ୍ଟର ହରେକୃଷ୍ଣ ମହତାବଙ୍କର ଦୃଷ୍ଟିଗୋଚର ହୋଇଥିଲେ । ଆନ୍ଦୋଳନ ସମୟରେ ତାଙ୍କର ସହକର୍ମୀ ଦେବେନ୍ଦ୍ର ଶତପଥୀଙ୍କୁ ସେ ବିବାହ କରିଥିଲେ । ଏହାଦ୍ୱାରା ନନ୍ଦିନୀଙ୍କର ରାଜନୈତିକ ଜୀବନରେ ଆଲୋଡ଼ନ ସୃଷ୍ଟି ହୋଇଥିଲା ।

ଗରିବ ମଣିଷର ଅକୁହା କଥା ବେଶ୍ ଆନ୍ଦୋଳିତ କରିଥିଲା ନନ୍ଦିନୀଙ୍କ ପ୍ରାଣକୁ । ସେ ସବୁବେଳେ ଲଢୁଥିଲେ ହକ୍ ପାଇଁ । ପାରିବାରିକ ସାମ୍ୟବାଦ ରାଜନୀତିରୁ ରାଜନୈତିକ ପ୍ରବେଶ ୧୯୬୦ରେ ନନ୍ଦିନୀ ଯୋଗ ଦେଇଥିଲେ ଭାରତୀୟ ଜାତୀୟ କଂଗ୍ରେସରେ । ଏହିଠାରୁ ରାଜନୈତିକ ଉତ୍‌ଥାନରେ ନନ୍ଦିନୀଦେବୀ ଅଗ୍ରସର ହୋଇଥିଲେ । ଜୀବଦ୍ଦଶାରେ ସେ କେବେ ନିର୍ବାଚନରେ ହାରିନଥିଲେ ।

ଓଡ଼ିଶା ପ୍ରଦେଶ ମହିଳା କଂଗ୍ରେସର ସଭାନେତ୍ରୀ ଭାବରେ ନନ୍ଦିନୀ ଶତପଥୀ କାର୍ଯ୍ୟଭାର ଗ୍ରହଣ କରିଥିଲେ ୧୯୬୦ ମସିହାରେ । ୧୯୬୨ ମସିହାରେ ଏକ ସମୟରେ ଓଡ଼ିଶାର ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ନନ୍ଦିନୀଦେବୀଙ୍କୁ ଡକାଇ ହଠାତ୍ ତୁ ଓଡ଼ିଶାରୁ ରାଜ୍ୟସଭାକୁ ସାଂସଦ ଭାବରେ ନିର୍ବାଚିତ ହେବାକୁ କେନ୍ଦ୍ର କଂଗ୍ରେସ ସଭାପତି ସଂଜିବ୍ ରେଡ୍ଡୀ ମୋତେ କହିଛନ୍ତି – ତୋ

ନାମଟିକୁ ରାଜ୍ୟସଭା ସାଂସଦ ପଦବୀ ପାଇଁ ରେକମଣ୍ଡେସନ୍ କରି ପଠାଇବାକୁ । ତେଣୁ ତୋତେ ରାଜ୍ୟସଭାକୁ ଯିବାକୁ ହେବ । ସେତେବେଳେ ତାଙ୍କ ଦଳର ସଂଖ୍ୟାଗରିଷ୍ଠ ତଥା ସରକାର ଥିବାରୁ ନନ୍ଦିନୀଦେବୀ ରାଜ୍ୟସଭା ସାଂସଦ ଭାବରେ ନିର୍ବାଚିତ ହୋଇ ନୂଆଦିଲ୍ଲୀ ଗଲେ ।

ନନ୍ଦିନୀଦେବୀଙ୍କର ରାଜ୍ୟସଭା ସାଂସଦ ଜୀବନର ପ୍ରଥମ ଅଭିଜ୍ଞତା ଥିଲା ତାଙ୍କର ପ୍ରଥମ ଭାଷଣରେ ସେ ପ୍ଲାନିଂ ବିଷୟରେ କହିଥିଲେ, ସେହି ସମୟରେ ଭାରତର ପ୍ରଧାନମନ୍ତ୍ରୀ ଥାନ୍ତି ଜବାହରଲାଲ ନେହେରୁ । ମୋ ଭାଷଣ ସମୟରେ ସେ ମୋତେ ବାରମ୍ବାର ବୁଲି ଚାହୁଁଥିଲେ । କିଛି ସମୟ ପରେ ତାଙ୍କର ନିକଟରେ ବସିଥିବା ଜଣେ ସାଂସଦଙ୍କୁ ପ୍ରଧାନମନ୍ତ୍ରୀ ନେହେରୁ ପଚାରିଥିଲେ 'Who is this Girl.' ସାଂସଦ ଜଣକ ପ୍ରଧାନମନ୍ତ୍ରୀଙ୍କୁ ଉତର ଦେଇଥିଲେ- 'She has come from Orissa. Nandini Satpathy.'

**ଇନ୍ଦିରାଗାନ୍ଧୀଙ୍କ ସାଙ୍ଗରେ ପ୍ରଥମ ସାକ୍ଷାତ...**

ସଂସଦରେ ନନ୍ଦିନୀଙ୍କର ଅଭିଭାଷଣ ଶୁଣି ପ୍ରଧାନମନ୍ତ୍ରୀ ନେହେରୁ ଦିନେ ତାଙ୍କର ଝିଅ ଇନ୍ଦିରାଗାନ୍ଧୀଙ୍କୁ କହିଲେ ନନ୍ଦିନୀଙ୍କୁ ଘରକୁ ଡାକ । ସେହି ସମୟରେ ଇନ୍ଦିରାଗାନ୍ଧୀ କୌଣସି ପଦବୀରେ ନଥିଲେ । ଇନ୍ଦିରାଗାନ୍ଧୀ, ନନ୍ଦିନୀଦେବୀଙ୍କୁ ଘରକୁ ଟେଲିଫୋନ୍ ଯୋଗେ ଡକାଇଥିଲେ । ସେଠାରେ ପ୍ରଧାନମନ୍ତ୍ରୀ ନେହେରୁ ଏବଂ ବିଶେଷତଃ ସେହିଦିନ ଠାରୁ ଇନ୍ଦିରାଗାନ୍ଧୀଙ୍କର ନନ୍ଦିନୀଙ୍କର ଆତ୍ମୀୟତା ବଢ଼ିଯାଇଥିଲା ।

ଇନ୍ଦିରାଗାନ୍ଧୀଙ୍କ ସମୟରେ ନନ୍ଦିନୀଦେବୀ କେନ୍ଦ୍ର ସୂଚନା ଓ ପ୍ରସାରଣ ବିଭାଗର ଉପମନ୍ତ୍ରୀ ଭାବରେ ୧୯୬୬ରୁ ୧୯୬୮ ମସିହା ପର୍ଯ୍ୟନ୍ତ ବିଶେଷ ଭାବରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିଲେ । ତାଙ୍କ ସମୟରେ ଭାରତବର୍ଷର ଜନସାଧାରଣ ଦୂରଦର୍ଶନ (ଟି.ଭି.) ଦେଖିବାକୁ ସକ୍ଷମ ହୋଇଥିଲେ ।

୧୯୬୪ ମସିହାରେ ପ୍ରଧାନମନ୍ତ୍ରୀ ନେହେରୁଙ୍କର ହାର୍ଟ ଆଟାକ୍ ହେଲା ଓ ସେ ପ୍ରାଣ ହରାଇଲେ । ତାଙ୍କର ମୃତ୍ୟୁପରେ ଲାଲ୍‌ବାହାଦୂର ଶାସ୍ତ୍ରୀ ପ୍ରଧାନମନ୍ତ୍ରୀ ହେଲେ । ତାଙ୍କର ପ୍ରଧାନମନ୍ତ୍ରୀତ୍ୱରେ ଇନ୍ଦିରାଗାନ୍ଧୀ ସୂଚନା ଓ ପ୍ରସାରଣ ବିଭାଗରେ କ୍ୟାବିନେଟ୍ ମନ୍ତ୍ରୀ ହେଲେ । ଭାରତ ଓ ପାକିସ୍ଥାନ ଯୁଦ୍ଧ ପରେ ପରେ ଶାସ୍ତ୍ରୀଙ୍କର ମୃତ୍ୟୁ ହେଲା ଏବଂ ପରବର୍ତ୍ତୀ ନିର୍ବାଚନରେ ଇନ୍ଦିରାଗାନ୍ଧୀ ପ୍ରଧାନମନ୍ତ୍ରୀ ଭାବରେ ଭାରତବର୍ଷର କ୍ଷମତାକୁ ପରିଚାଳନା କଲେ ।

ଇନ୍ଦିରାଗାନ୍ଧୀଙ୍କ ପ୍ରଧାନମନ୍ତ୍ରୀତ୍ୱ ସମୟରେ ରାଷ୍ଟ୍ରପତି ସର୍ବପଲ୍ଲୀ ରାଧାକୃଷ୍ଣନ ତାଙ୍କୁ କେନ୍ଦ୍ରମନ୍ତ୍ରୀ ଭାବରେ ଶପଥପାଠ କରାଇଥିଲେ । ନନ୍ଦିନୀଙ୍କୁ ସୂଚନା ଓ ପ୍ରସାରଣ ବିଭାଗର ଦାୟିତ୍ୱ ଦିଆଗଲା ।





ପ୍ରକୃତି ରହିଯାଇଛି ଆଦିମ ଚେହେରାରେ, ଅପରିବର୍ତ୍ତିତ । ରୁକ୍ଷତାରେ, ଶୂନ୍ୟତାରେ ଆଦିମ ନୁହେଁ । ଅପାର ସୌନ୍ଦର୍ଯ୍ୟରେ । ଅଢ଼େଇ ନଈଟି କଳକଳ ହୋଇ ବହିଆସି ଗୋଟିଏ ବିରାଟ ପଥର ଚଟାଣ ଉପରେ ଠିକ୍ ଅଢ଼େଇଥର ପାହାଡ଼ ପାଦଦେଶରେ ବାଙ୍କ ବୁଲିଆସି ପଡ଼ିଛି ଏକ ବିଶାଳ ବିସ୍ତୃତ ହ୍ରଦରେ । ଶହ ଶହ ବର୍ଷ ଧରି ଅଢ଼େଇ ନଦୀର ପାଣି ଆସି ପଡୁଛି । ପାଣି ଜମି ଜମି ହୋଇଯାଇଛି, ଏହି ବିଶାଳ ହ୍ରଦ । ସେଠି ଆକାଶର ଛାଇ ପଡ଼ି ଶତତ ନୀଳ, ଯାହାର ଗଭୀରତା ମାପି ହୁଏନି ।

ସେହି ହଦ୍ରର ପୂର୍ବପଟରେ ରହିଥିବା ଅଢ଼େଇ ଗାଁଟି ବି ଅଦ୍ଭୁତ । ଅନେକ ପ୍ରକାରର କଣ୍ଟା ଜାତୀୟ ବଣୁଆ ଗଛ, ହରିଆ ଘାସ ଆଉ ସପ୍ତଫେଣୀ । ଜମି ବି ପଥୁରିଆ, କିଛି କିଛି ଦୂରରେ ମୁଣ୍ଡା, ଓରାଓଁ, ଖଡ଼ିଆମାନଙ୍କର କୁଡ଼ିଆ । ଅଢ଼େଇ ହ୍ରଦର ପୂର୍ବପଟରେ କେହି ଘର କରିନାହିଁ । ସରକାରୀ ଦପ୍ତରରେ ଅଢ଼େଇ ଗ୍ରାମ କଥା ବନ ବିଭାଗ ମଧ୍ୟ ଭୁଲିଯାଇଛି । ଏଇଟା ବି ଗୋଟିଏ ଅଲୌକିକ କଥା । ଏତେ ପାଣି ଥିବା ଗୋଟିଏ ଜନପଦ କେତୋଟି ମଣିଷ, ଏମାନଙ୍କର ଅସ୍ତିତ୍ୱ କେହି ମନେ ରଖନ୍ତି ନାହିଁ । ତା'ର ପ୍ରଧାନ କାରଣ - ଏଭଳି ପଥୁରିଆ ଜମି ପାଇଁ କୌଣସି ଜମିବାଲାଙ୍କର ସ୍ୱାର୍ଥ ନାହିଁ ।

ରାମାନ୍ଦା ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ନବୀନପ୍ରସାଦ ଗ୍ରାମର ମୁଖିଆ ରଘୁବରଙ୍କର ମୁଖ୍ୟ ପରାମର୍ଶଦାତା । ସ୍କୁଲ ଖୋଲିବାକୁ, ରାସ୍ତା ତିଆରି କରିବାକୁ, କିନ୍ତୁ ସେ ସବୁ କିଛି ହୋଇପାରିନାହିଁ । କରମ ପୂଜାବେଳେ କରମ ଡାଲି ଆଣିବାକୁ ସେମାନେ ଡାହାଣ ପଟ ରାସ୍ତାରେ ଜଙ୍ଗଲକୁ ଯାଆନ୍ତି । ଅବଶ୍ୟ ପାଣି ନଥିବା ଜମିରେ ଚିନାବାଦାମ୍ ବି ଚାଷ କରି ସଫଳ ହୋଇନାହିଁ ।

ଡାକ୍ତର ନବୀନ ଏହି ଶତାବ୍ଦୀର ମଣିଷ । ଡାକ୍ତରକେବେ କିଛି ଥରେ କବିତା ପଢ଼ିଥିଲେ । ସେଥିରେ ପ୍ରକୃତି ଓ ମଣିଷର ପରସ୍ପର ଉପରେ ନିର୍ଭରତାର କଥା ରହିଥିଲା । ପ୍ରକୃତି ଓ ମଣିଷର ମନ ମଧ୍ୟରେ କୌଣସି ସଂଯୋଗ ନାହିଁ । ରଘୁବରକୁ ସାପ କାମୁଡ଼ିଛି । ଡାକ୍ତରବାବୁ ତାକୁ ବ*ାଇବାକୁ କହିଥିଲେ ଓ ବ*ାଇଲେ ମଧ୍ୟ । ପ୍ରୌଢ଼ ଠାରୁ ଯୁବକ ପର୍ଯ୍ୟନ୍ତ ରାମାନ୍ଦା ବ୍ଲକ୍‌କୁ ଯାଆନ୍ତି ଦିନ ମଜୁରି ଖଟନ୍ତି । ଅନ୍ୟମାନଙ୍କର ଟାଙ୍ଗର ଜମି ଚାଷ କରନ୍ତି । କୁକୁଡ଼ା, ଛେଳି, ପାଳନ କରନ୍ତି ।

ସୂର୍ଯ୍ୟାସ୍ତ ପୂର୍ବର ନାଲି ଆକାଶକୁ ଚାହେଁ । ମୁହଁରେ ସୁନେଲୀ ଆଲୁଅ ବୋଳି ହୋଇ ଧୀରେ କହିଲା - କଥା ଦେଲି ତୁମେ ଯେତେବେଳେ କଥା କହୁଥିଲ । ଡାକ୍ତରବାବୁ ମୁଁ ସେତେବେଳେ ବୁଢ଼ା ଜୀଉବାବୁଙ୍କୁ ଚାହିଁ ଦେଖୁଥିଲି । ନବୀନ ଚାଲିଗଲା ପରେ ସେ ତାଙ୍କର ଟାଇପିଷ୍ଟଙ୍କୁ କହିଲା - ବେଟା, ଧର୍ମପୁତ୍ର ଯୁଧିଷ୍ଠିର, ଆଦିବାସୀ, ହରିଜନ, ଜଙ୍ଗଲୀ ଇଲାକା ଦେଲି । ଯେଉଁମାନେ ସେତିକି

ନହେଲା । ସେତେବେଳେ ଖାଇବାଟା କ୍ୟାନ୍‌ସେଲ କରିଦେଇଥିଲେ ।

ନାଁ, ନିଜ ପାଇଁ ଭାରି ଭୟ ଲାଗୁଛି । ସନ୍ଧ୍ୟାରେ ମୋର ନର୍ସିଂହୋମ୍‌କୁ ଚାଲିଆସ । ତଳେ ଡା. ବାନାର୍ଜୀ ବସନ୍ତି । ଭାରି ବଢ଼ିଆ ଡାକ୍ତର । ସେ ସବୁ ଚେକ୍ କରିଦେବେ ।

ପୁଳନବାବୁ ମୁଣ୍ଡ ହଲେଇ କହିଲେ - ବୁଝିବନି, ବୁଝିବନି ସୌରଭ । ସ୍ତ୍ରୀ ମରିଗଲା, ବାହା ହେଲାନି । ନିଃସନ୍ତାନ, ବଂଶରକ୍ଷା କରିବାକୁ ଆଉ ବାହା ହେଲାନି ।

ସୌରଭ ଠିଆହୋଇ ପୁଳନବାବୁଙ୍କୁ ଧମକାଇ କହିଲା - ମୁଁ ଆପଣଙ୍କର ପାଟି କର୍ମୀ ନୁହେଁ । ଡରିମରି କଥା କହିବିନି । ଦଶହରା ଦିନ ନିଆଁ ଖେଳ ହୋଇନି, ଭଲ ହୋଇଛି । ଜୁଲାଇ ଅଣତିରିଶକୁ ଭିତି ପ୍ରସ୍ତର ସ୍ଥାପନ ପାଇଁ କାହିଁକି ଦିନ ଠିକ୍ କରିଛନ୍ତି । ସେଇଟା ଗୁରୁପୂର୍ଣ୍ଣିମୀ ଦିନ ଏସବୁ କାମରେ ଶୁଭଦିନ । ଶୁଭ ମୁହୂର୍ତ୍ତ ଦେଖିବାକୁ ପଡ଼େ । ଚବିଶ ଦିନ ପରେ ବି । ଗୁରୁପୂର୍ଣ୍ଣିମୀ ଦିନ ନିଆଁ ଖେଳାହେଲେ ଦୋଷ କ'ଣ ?

ଲୋକମାନେ ଦୌଡ଼ିଆସିଲେ । ସେମିତି ଉଚ୍ଚସ୍ୱରରେ ସୌରଭ କହିଲାଗିଲା । ଗୁରୁପୂର୍ଣ୍ଣିମୀ ଦିନଟା ହେବ । ପୁରୋହିତ ଡାକି ଭିତିପୂଜା କରିବା ଦରକାର । ମାଜିଷ୍ଟ୍ରେଟ୍ ରହିବେ, ମନ୍ତ୍ରୀ ଯଦି ଆସିପାରିବେ ଭଲ । ପୁଳନବାବୁ ହତବମ୍ବ ଓ ବିସ୍ମିତ ।

ସେହି ଦିନଟା ହିଁ ସେ ସ୍ଥିର କରିବେ । ଦିନଟା ବଦଳେଇ ଏବେ ଯଦି ସେ ଅଗଷ୍ଟ ପନ୍ଦର କରିବେ ତାଙ୍କର ଭାବମୂର୍ତ୍ତି ଉଜ୍ଜ୍ୱଳ ହେବ । ଦଶହରା କି ଗୁରୁପୂର୍ଣ୍ଣିମୀରେ ଭିତିପ୍ରସ୍ତର ସ୍ଥାପନ କରିବା ସହିତ ଈଶ୍ୱର ମାନିବା ନ ମାନିବା କିମ୍ବା ପ୍ରଗତିବାଦୀତାର ବା ଅସମ୍ପ୍ରଦାୟିକତାର କେବଳ କ'ଣ ସଂଘର୍ଷ ଅଛି ?

ସହାବସ୍ଥାନ ନାହିଁ ?

**(୧୬) ଭାରତବର୍ଷ :**

ଅଢ଼େଇ ଗ୍ରାମକୁ ଯିବାକୁ ହେଲେ ପଥୁରିଆ ରାସ୍ତା ଛାଡ଼ି ବାଁ ପଟକୁ ଉଠିବାବେଳେ ପ୍ରାଗ୍‌ଐତିହାସିକ ବଡ଼ ବଡ଼ ପଥର, କଣ୍ଟାଝଣ୍ଟାର ବୁଦା, ଓହରିଆ ଘାସର ପଡ଼ିଆ ଭିତର ଦେଇ ଚଲାବାଟଟିଏ ପଡ଼ିଅଛି । ସେ ବାଟଟି ପୁଣି ଅଢ଼େଇଥର ବାଙ୍କ ପରେ ବାଙ୍କ ମୋଡ଼ିହୋଇ ଯାଇଛି । ବସ୍ତୁତଃ ଆକାଶରୁ ଯଦି କେହି ଫଟୋ ଉଠାଏ, ତେବେ ସେହି ଫଟୋରେ ଅନେକ ଅଦ୍‌ଭୁତ ଜିନିଷ ଦେଖିବାକୁ ପଡ଼ିବ । ସମୁଦାୟ ପାଲାମୌ ଜିଲ୍ଲାରେ ସମ୍ଭବତଃ ଏଇ ଗୋଟିଏ ଜାଗାରେ ଆଜି ବି





ନନ୍ଦିନୀ ଏହି ଖୁସି ଖବର ବାପା କାଳିନ୍ଦୀଚରଣ ପାଣିଗ୍ରାହୀଙ୍କୁ ଦେଖାକରି କହିବାରୁ ବାପା କହିଥିଲେ, 'ତୁ ପୁଣି ସୂଚନା ପ୍ରସାରଣ ବିଭାଗର ମନ୍ତ୍ରୀ ହେଲୁ ! ସେତିକିବେଳେ ନନ୍ଦିନୀଦେବୀଙ୍କ ବାପା ଥିଲେ କଟକର ଅଲ୍ ଇଣ୍ଡିଆ ରେଡିଓ (ଏ.ଆଇ.ଆର୍)ର ପ୍ରୋଗ୍ରାମ ଡାଇରେକ୍ଟର । ୧୯୬୬ରୁ ୧୯୬୮ ଦୁଇବର୍ଷ ନନ୍ଦିନୀଦେବୀ ସୂଚନା ଓ ପ୍ରସାରଣ ବିଭାଗର ମନ୍ତ୍ରୀ ଭାବରେ କାର୍ଯ୍ୟ ସଂପାଦନ ପରେ ୧୯୬୮ରେ ଇନ୍ଦିରାଗାନ୍ଧୀ ପ୍ରଥମଥର ପାଇଁ ଏକ ନୂତନ ବିଭାଗ ଖୋଲି ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟର ରାଷ୍ଟ୍ରମନ୍ତ୍ରୀ ଭାବରେ ତାଙ୍କୁ ନିଯୁକ୍ତ କଲେ । ନନ୍ଦିନୀଦେବୀ Minister Attach to Priminister ଭାବରେ ଯୋଗଦେଇ ଇନ୍ଦିରାଗାନ୍ଧୀଙ୍କର ବିଶ୍ୱାସଭାଜନ ହୋଇଥିଲେ । ପ୍ରଧାନମନ୍ତ୍ରୀଙ୍କ ସବୁ ପ୍ରଶ୍ନର ଉତର ଦେବାପାଇଁ ନନ୍ଦିନୀଦେବୀ ସର୍ବଦା ପ୍ରସ୍ତୁତ ଥିଲେ ।

କେନ୍ଦ୍ରରେ ନନ୍ଦିନୀଦେବୀ ମନ୍ତ୍ରୀ ଥିବାବେଳେ ଅତ୍ୟନ୍ତ ପ୍ରଭାବଶାଳୀ ହୋଇଥିଲେ । ଏହାର ଏକମାତ୍ର କାରଣ ପ୍ରଧାନମନ୍ତ୍ରୀ ଇନ୍ଦିରାଗାନ୍ଧୀଙ୍କ ତାଙ୍କ ପ୍ରତି ଆଶୀର୍ବାଦ । ନନ୍ଦିନୀଦେବୀ ନିଜର କାର୍ଯ୍ୟଧାରା, ବିଚକ୍ଷଣ ବୁଦ୍ଧି, ଅନେକ ଭାଷାରେ ପାରଦର୍ଶିତା, ସର୍ବୋପରି ସାଧାରଣ ଲୋକାଭିମୁଖୀ ଯୋଜନାରୁ ତାଙ୍କୁ ଅତିମାତ୍ରାରେ ପ୍ରଭାବିତ କରୁଥିଲା । ସେଥିପାଇଁ ଇନ୍ଦିରା ତାଙ୍କୁ ଖୁବ୍ ଗୁରୁତ୍ୱପ୍ରଦାନ କରୁଥିଲେ ।

ଅନ୍ୟ ଏକ ଘଟଣାକ୍ରମ ଉଭୟ ନନ୍ଦିନୀ ଓ ଇନ୍ଦିରାଙ୍କୁ ଗୋଟିଏ ସୂତ୍ରରେ ବାନ୍ଧି ରଖିବାକୁ ଖୋରାକ ଯୋଗାଇଥିଲା । ତାହା ଥିଲା ଶ୍ରୀମା'ଙ୍କ ସହିତ ସମ୍ପର୍କ । ନନ୍ଦିନୀଦେବୀ ପଣ୍ଡିଚେରୀସ୍ଥିତ ଶ୍ରୀମା'ଙ୍କର ଭକ୍ତ ଥିଲେ । ସେ ମଧ୍ୟ ଇନ୍ଦିରାଗାନ୍ଧୀଙ୍କୁ ନେଇ ଶ୍ରୀମାଙ୍କ ସହ ସମ୍ପର୍କ ସ୍ଥାପନ କରିଥିଲେ ଓ ଇନ୍ଦିରାଗାନ୍ଧୀଙ୍କ ନିଜର ସମସ୍ୟାକୁ ନନ୍ଦିନୀଙ୍କ ଜରିଆରେ ଶ୍ରୀମାଙ୍କ ମାଧ୍ୟମରେ ସମାଧାନ କରାଉଥିଲେ ।

ନନ୍ଦିନୀଦେବୀ ୧୯୬୮ରୁ ୧୯୭୨ ମସିହା ପର୍ଯ୍ୟନ୍ତ ମଧ୍ୟ ଓଡ଼ିଶାରୁ ରାଜ୍ୟସଭା ସାଂସଦ ଭାବରେ ନିର୍ବାଚିତ ହୋଇ କେନ୍ଦ୍ରରେ ମନ୍ତ୍ରୀ ଭାବରେ ସୂଚାରୁରୂପେ କାର୍ଯ୍ୟ ସଂପାଦନ କରିଥିଲେ । ୧୯୭୨ ମସିହାରେ ନନ୍ଦିନୀ ଶତପଥୀ ନିଖିଳ ଭାରତ କଂଗ୍ରେସର କାର୍ଯ୍ୟକାରିଣୀ ସଭ୍ୟ ଭାବରେ ମନୋନୀତ ହୋଇ ମଧ୍ୟ କାର୍ଯ୍ୟ କରିଥିଲେ । ନନ୍ଦିନୀ କିଛିଦିନ ପାଇଁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି (ପି.ସି.ସି)ର ସଭାପତି ଭାବରେ କାର୍ଯ୍ୟକରି ଓଡ଼ିଶାରେ ପ୍ରତ୍ୟେକ ଜିଲ୍ଲାରେ କଂଗ୍ରେସର ସଂଗଠନକୁ ମଜ୍‌ବୁତ କରାଇ ପାରିଥିଲେ । ୫.୨.୧୯୭୬ରେ ନନ୍ଦିନୀଦେବୀ ପ୍ରଦେଶ କଂଗ୍ରେସ ସଭାପତି ସମୟରେ ଭୁବନେଶ୍ୱରରେ କଂଗ୍ରେସ ଭବନ ପ୍ରତିଷ୍ଠା କରିଥିଲେ ।

**ଓଡ଼ିଶାର ମୁଖ୍ୟମନ୍ତ୍ରୀ ପଦରେ ନନ୍ଦିନୀ**

କେନ୍ଦ୍ରରେ ଜାତୀୟ ଜରୁରୀକାଳୀନ ପରିସ୍ଥିତିର ପରିପ୍ରେକ୍ଷୀରେ କଂଗ୍ରେସ ଦଳରେ ବିଭାଜନ ହେବାପରେ ପ୍ରଧାନମନ୍ତ୍ରୀ ଇନ୍ଦିରାଗାନ୍ଧୀଙ୍କ ନାମାନୁସାରେ ଇଂନ୍ଦିରା କଂଗ୍ରେସ ସମଗ୍ର ଭାରତବର୍ଷରେ ପ୍ରତିଷ୍ଠିତ ହୋଇ କାର୍ଯ୍ୟ କରିବାରେ ଲାଗିଲା । ଠିକ୍ ଏହି ଘଡ଼ିସନ୍ଧି ମୁହୂର୍ତ୍ତରେ ପ୍ରଧାନମନ୍ତ୍ରୀ ଇନ୍ଦିରା ତାଙ୍କର ଅତ୍ୟନ୍ତ ବିଶ୍ୱସ୍ତା ନନ୍ଦିନୀଦେବୀଙ୍କୁ ଓଡ଼ିଶାରେ ନେତୃତ୍ୱ ନେବାପାଇଁ ସୁଯୋଗ ପ୍ରଦାନ କଲେ । ଇନ୍ଦିରାଜୀଙ୍କର ନିର୍ଦ୍ଦେଶାନୁଯାୟୀ ନନ୍ଦିନୀଦେବୀ କେନ୍ଦ୍ର ସୂଚନା ଓ ପ୍ରସାରଣ ରାଷ୍ଟ୍ରମନ୍ତ୍ରୀରୁ ଇସ୍ତଫା ପ୍ରଦାନ କରି ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାବରେ କାର୍ଯ୍ୟଭାର ଗ୍ରହଣ କଲେ । ଠିକ୍ ଏହି ସମୟରେ ୧୯୭୨ ମସିହାରେ ନନ୍ଦିନୀଦେବୀ କଟକ ସହରରେ ଲଢ଼ିଥିଲେ ବିଧାନସଭା ପାଇଁ ଉପନିର୍ବାଚନ । ଭୈରବ ମହାନ୍ତିଙ୍କ ଇସ୍ତଫା ପରେ ତାହା ଥିଲା ଏକ ଐତିହାସିକ ନିର୍ବାଚନ । ଓଡ଼ିଶା ଇତିହାସରେ ବି ସେପରି ନିର୍ବାଚନ କ୍ୱଚିତ୍ ଦେଖିବାକୁ ମିଳେ ।

ଶୀର୍ଣ୍ଣକାୟା ସେହି ନନ୍ଦିନୀଦେବୀଙ୍କ ମଣିଷପଣିଆ ଭିତରେ କିନ୍ତୁ ଭରି ରହିଥିଲା ଅଦମ୍ୟ ସାହସ । ସେ ଏକା ସାମ୍ନା କରିଥିଲେ ଭାରତୀୟ ତଥା ଓଡ଼ିଶାର ରାଜନୀତିର କର୍ଣ୍ଣଧାର ତିନିଜଣ ପ୍ରବାଦ ପୁରୁଷ ତଥା ଓଡ଼ିଶାର ତିନିଜଣ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ, ଡକ୍ଟର ହରେକୃଷ୍ଣ ମହତାବ ଓ ରାଜେନ୍ଦ୍ର ନାରାୟଣ ସିଂହଦେଓଙ୍କୁ । ଗୋଟିଏ ପଟରେ ଏକୁଟିଆ ସଙ୍କଳ୍ପବଦ୍ଧ ନନ୍ଦିନୀ, ଅନ୍ୟପଟରେ ଏହି ତିନି ମହାରଥୀ । ତିନିହେଁ ହାତ ମିଳାଇଥାନ୍ତି ନନ୍ଦିନୀଦେବୀଙ୍କୁ ହରାଇବାକୁ, ସାହସରେ ଭରା ସୁଅକୁ ରୋକିବାକୁ । ପୁଣି ନନ୍ଦିନୀଙ୍କର ବିପକ୍ଷରେ ପ୍ରାର୍ଥୀ ହୋଇଥାନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ବୀରେନ୍ ମିତ୍ର । ସମସ୍ତେ ଚାହିଁରହିଥାନ୍ତି କ'ଣ ହେବ ନିର୍ବାଚନର ଫଳ । ସବୁ ଆଶା, ଆକାଂକ୍ଷାକୁ ଦୂରେଇ ଦେଇ ସଫଳ ହୋଇ ଉତୁରୀ ଆସିଲେ ନନ୍ଦିନୀଦେବୀ । ବାସ୍ ତା' ପରଠାରୁ ନନ୍ଦିନୀ ଆଉ ପଛକୁ ଫେରି ଚାହିଁନାହାନ୍ତି । ୧୯୭୨ ମସିହାରେ ନନ୍ଦିନୀ ହୋଇଥିଲେ ଓଡ଼ିଶା ଶାସନର ମୁଖିଆ । ରାଜ୍ୟର ପ୍ରଥମ ତଥା ଭାରତବର୍ଷର ୨ୟତମ ମହିଳା ମୁଖ୍ୟମନ୍ତ୍ରୀ ।

ପେମେଣ୍ଟ ହୋଇଥିଲା । ପୋଲିସ୍‌ମାନଙ୍କ ପାଇଁ ମଧ୍ୟ ସେ ଭତା ବୃଦ୍ଧି କରି ତାଙ୍କୁ ଅଧିକ କ୍ଷମତା ପ୍ରଦାନ କରିଥିଲେ ।

ନନ୍ଦିନୀଦେବୀଙ୍କ ମୁଖ୍ୟମନ୍ତ୍ରୀତ୍ୱରେ ଅନ୍ୟଏକ ପ୍ରମୁଖ ଅବଦାନ ହେଲା– ବାର୍ଦ୍ଧକ୍ୟ ଭତା ଓ ବିଧବା ଭତା ପ୍ରଦାନ । ଅସହାୟ ତଥା ସାହାରା ନଥିବା ବୟସ୍କ ଲୋକମାନଙ୍କର ଦୁଃଖକୁ ହୃଦୟଙ୍ଗମ କରି ସେମାନଙ୍କୁ ବାର୍ଦ୍ଧକ୍ୟ ଭତା ଓ ଯେଉଁ ବିଧବା ସ୍ତ୍ରୀ ଲୋକମାନଙ୍କ ଚଳିବା ପାଇଁ ବିଧବା ଭତା ପ୍ରଦାନ କରିବାକୁ ଆଇନ୍ ପ୍ରଣୟନ କରି ଏକ ଉଦାର ହୃଦୟର ପରିଚୟ ଦେଇଛନ୍ତି ।

ନନ୍ଦିନୀଦେବୀଙ୍କର ମୁଖ୍ୟମନ୍ତ୍ରୀତ୍ୱ କାଳରେ ଛାତ୍ରସମାଜର ଉନ୍ନତି ପାଇଁ ଛାତ୍ରବୃତି ପ୍ରଦାନ





ମାଉସୀ ପିଲାଟିକୁ ଆଣିଥିଲା – ସିନ୍ଧୁ ପିଲାଟିର ଦେହରେ ମୁହଁରେ ହାତ ବୁଲାଇ ସେ ଆଶୀର୍ବାଦ କଲା । ସିନ୍ଧୁ ଭାବିପାରିଲାନି ଯେ, ସନ୍ନ୍ୟାସୀର ସ୍ତ୍ରୀ ସଂସାର ଥାଉ ଥାଉ ତାକୁ ନେବାକୁ ସେ କାହିଁକି ଆସିଥିଲା । ସଂସାରୀ କ'ଣ ଜାଣିଥିଲା ସିନ୍ଧୁ ଉପରେ ସେ ଅବିଚାର କରିଛି । ଆଉ ସିନ୍ଧୁକୁ ଘରକୁ ଆଣିଲେ ସେ ଦୋଷ ତା'ର କଟିଯିବ !

ଜୀବନ ଯେତେବେଳେ ଗୋଟିଏ ଭାବରେ କଟେ ସେତେବେଳେ ସିନ୍ଧୁ ମିଛଟାରେ ବେହିସାବି ରହିବ କାହିଁକି ?

**(୧୫) ଭିତି :**

ଜୁନ୍ ଚବିଶ ପରେ ମାସେ ଯାଇଛି କି ନାହିଁ, ପୁଲନ ବାବୁ ଟିକିଏ ପ୍ରକୃତିସ୍ଥ ହୋଇପାରିଲେ । ସେଇଟା ଅତି ଦୁଃସ୍ୱପ୍ନର ସମୟ ଥିଲା । ସାରା ସହରଯାକ ଗୁଜବର ଗରମ ହାଓ୍ୱା । ବସ୍ତୁତଃ, ଚବିଶ ଜୁନ୍ ଆଗଠାରୁ ଗୁଜବର ଗରମ ହାଓ୍ୱା ବହୁତ । ନମାଜ ପଢ଼ିବାକୁ ଆସିଛନ୍ତି, ନା ଅନ୍ୟ କୌଣସି ମତଲବରେ । ମୁଁ ଶୁଣିଲି ଯେ, ବର୍ଡର ପାରହୋଇ କେତେ ହଜାର ଲୋକ ଆସିବେ । ଆସିପାରନ୍ତି, ବର୍ଡର ପାର ହୋଇ ଯିବା ଆସିବା ତ ଚାଲିଅଛି । ବର୍ଡର ହେଲା – ସୁନାଖଣି ଓ ଟଙ୍କାଶାଳା ।

ପୁଲନବାବୁ ତିନିଥର "ସାମ୍ପ୍ରଦାୟିକ ଶାନ୍ତି ବଜାୟ ରଖନ୍ତୁ" ପ୍ରୋସେଶନରେ ବାହାରିଥିଲେ । ସାତଟି ବକ୍ତୃତା ଦେଇଥିଲେ । ସହରରେ ଜଣେ ଗଣ୍ୟମାନ୍ୟ ନାଗରିକ ହିସାବରେ ଜିଲ୍ଲା ସାମ୍ବାଦିକମାନଙ୍କୁ ସାକ୍ଷାତକାର ଦେଇଛନ୍ତି । ଏଇକ୍ଷଣି ସେ ଦୋଷମୁକ୍ତ ।

ପୁଲନବାବୁ ଡାକ୍ତର ନୁହନ୍ତି । କିନ୍ତୁ ବଡ଼ କମ୍ପାନୀର ଔଷଧ ଏଜେଣ୍ଟ । ତାଙ୍କର ଦୋକାନ ଖୁବ୍ ବଡ଼ । ସେହି ଦୋକାନର ଲାଭରୁ ସେ ଗୋଟିଏ ନର୍ସିଂହୋମ୍ ମଧ୍ୟ ଖୋଲି ଦେଇଛନ୍ତି । ଚିକିତ୍ସାକୁ ନେଇ ବ୍ୟବସାୟ କରିବାକୁ ହେଲେ ଡାକ୍ତର ହେବା ଦରକାର ପଡ଼େନି ।

କିନ୍ତୁ – ସାରଦାପ୍ରସାଦ କ'ଣ କରୁଥିଲେ । ପଲ୍ଲି କ୍ଲିନିକ୍ । ଭିତିପ୍ରସ୍ତର କାହିଁକି ସ୍ଥାପନ ହେଉନି, ମନେହେଉଛି – ଏ କାମଟିକୁ ଏକବିଂଶ ଶତାବ୍ଦୀ ପର୍ଯ୍ୟନ୍ତ ଚଳାଇବା ଦରକାର ଥିଲା । ସେହିଦିନ କ'ଣ ଆପଣଙ୍କ ଘରେ ଭୋଜିଭାତ ଥିଲା । ଥିଲା, ଥିଲା, ସୌରଭ । ସେହିଦିନ ସାରଦାପ୍ରସାଦ ପଲ୍ଲୀ କ୍ଲିନିକ୍‌ର ଭିତିପ୍ରସ୍ତର ସ୍ଥାପନ ଥିଲା । ଫଙ୍କସନ ହେବ ।

ମୁଁ କ'ଣ ଭାବୁଛି – ସେମାନେ ଜାଣି ବି ନଥିଲେ, ଛାଡ଼ । ସେଦିନ ଭିତି ସ୍ଥାପନ ହେଉ ବା ନହେଉ ଖାଇବା ପିଇବା ହୋଇଥିଲା । କଲ୍ୟାଣର କ୍ୟାଟରିଂ ଅର୍ଡର ପାଇଥିଲା... ସେଥିପାଇଁ ମୁଁ ମେନୁଟାକୁ ବି ଜାଣିଅଛି । ଶହେଥର – ଶହେଥର – କିନ୍ତୁ – ଭିତି ଯେତେବେଳେ ସ୍ଥାପନ

ସିନ୍ଧୁର ପାଦ ଦୁଇଟା ଭାରି ଲକ୍ଷ୍ମୀମନ୍ତ । ଛୋଟ ପିଲାଙ୍କର ରୋଗ ବୈରାଗ୍ୟ ହେଲେ ସେ ଦେହରେ ପାଦ ଛୁଆଁଇ ଦେଲେ ପିଲାଏ ଭଲ ହୋଇଯାଆନ୍ତି ବୋଲି ଏବେ ବି ଅନେକ ବିଶ୍ୱାସ କରନ୍ତି ।

ଗଡ଼ିଆଖାଲର ବାଉଁଶ ପୋଲ ଉପରେ ସିନ୍ଧୁବାଳାର ଘର । ତା' ବାପା ମିସ୍ତ୍ରୀ ଥିଲା । ଦିନସାରା ରାଜକାମ କରୁଥିଲା । ରାତିରେ କାହାର ଇଟା ଓ ବାଲି ଚୋରି କରୁଥିଲା । ସିନ୍ଧୁର ବାପା ହସି ତା' ସ୍ତ୍ରୀକୁ କୁହେ, ଝିଅଟା କାଳି ବୋଲି ତାକୁ ଗାଳି ଦେନା । ପୁଅଠୁ ଝିଅ ଭଲ । ମା' ସର୍ବଦା କୁହନ୍ତି – ଝିଅଟି ଉଚକପାଳି, ଚେପେଟା ନାକି, ରଙ୍ଗରେ କଳା, ଟଙ୍କା ଗଣ୍ଠିଲି ଖୋଲିଦେଇ ଜ୍ୱାଇଁ ଆଣିବ । ଘରଟେ ତୋଳିଦେବି । ସେମାନେ ରହିବେ । କିନ୍ତୁ ସିନ୍ଧୁ ପାଇଁ ଘରଟେ ତୋଳିବାର ଅନେକ ଆଗରୁ ବାପା ତା'ର ଭାରାରୁ ପଡ଼ି ମରିଗଲା । ସେତେବେଳେ ସିନ୍ଧୁ ପାଦର ମହିମା କେହି ଜାଣିନଥିଲେ । ସିନ୍ଧୁର ମା' ମୁଢ଼ି ଖଇ ଭାଜି ଝିଅଟିକୁ ବଢ଼ାଇଲା । ତା'ପରେ ରାମଦାସ ମିସ୍ତ୍ରୀର ପୁଅ ସନ୍ନ୍ୟାସୀ ସାଙ୍ଗରେ ସିନ୍ଧୁର ବାହା କରିଦେଲା । ଚଉଦ ବର୍ଷର ଝିଅ ସିନ୍ଧୁ ଶାଶୁଘରକୁ ଗଲା ।

ସିନ୍ଧୁବାଳାର ଅଲୌକିକ କଥା ଓ କ୍ଷମତା ପା* ଲୋକଙ୍କୁ ମୁନିଦାସ ଜଣାଇଦେଲା । ନିଜର ବାହାଘର ବିଷୟରେ ସିନ୍ଧୁବାଳା ଭାବି ଭାବି ଆଶ୍ଚର୍ଯ୍ୟ ଲାଗେ । ଯଦି ନ ହୋଇଥାନ୍ତା, ଏକଥା ଭାବିଲା ବେଳକୁ ସିନ୍ଧୁକୁ ଭାରି କଷ୍ଟ ହୁଏ । ସେତେବେଳେ ସେ ଘର ଭିତରକୁ ଯାଇ ଖାଲି ଖଟଟାରେ ମୁହଁମାଡ଼ି ତଳେ ଶୋଇପଡ଼େ ।

ଅଫଳା ବୋଝ ଶରୀର । ନିଷ୍ଫଳା ଗଛ ପରି ବଢ଼ିଲା ଦେହ । ପୁଅ ହେଉନି କି ଝିଅ ହେଉନି । ଦିହ ଭାଙ୍ଗିବ କାହିଁକି ? ଗୋଟିଏ ଅତୁଟ, ସତେଜ ଶରୀର ଧରି ବେବଂଶୀ ଝିଅ ହୋଇ ସବୁବେଳେ ବସିରହିବାକୁ ସିନ୍ଧୁକୁ ଭଲ ଲାଗେନାହିଁ । ମନେହୁଏ, ଶେଷରେ ମୁନିଦାସ ଯେଉଁମାନଙ୍କର କଥା କହେ, ସେହିମାନଙ୍କ ପରି ତା'ର ଦଶା ହେବ ।

ସିନ୍ଧୁବାଳା ପାଖରେ – ଶନି ଓ ମଙ୍ଗଳବାରରେ କେହି ନା କେହି ଆସନ୍ତି ନିଶ୍ଚିତ । ସିନ୍ଧୁ ସମସ୍ତଙ୍କୁ ନମସ୍କାର କରେ । ବସିବା ପାଇଁ ମସିଣା ପକାଇ ଦିଏ । ତା'ପରେ ମାଆକୁ କୁହେ, ଥାଳି ଆଣ ମା ପାଦ ରଖିବି । ସତରେ ଯେପରି ତା'ର ପାଦରେ ଗୋଟିଏ ଆଶ୍ଚର୍ଯ୍ୟ କ୍ଷମତା ଅଛି । ଆଶ୍ଚର୍ଯ୍ୟ, ଭୟଙ୍କର ନିଶା । ଅଲୌକିକତ୍ୱର ନିଶା କ୍ଷମତା ନିଶା ଭଳି ସର୍ବନାଶୀ ।

ଫୁଲିର ମା ରେଣୁ । ସେହି ରେଣୁର ଭଉଣୀ ସାଙ୍ଗରେ ସନ୍ନ୍ୟାସୀର ବାହାଘର ହୋଇଥିଲା । ଏବଂ ସେ ଫୁଲିର ପୁଅ ପାଦରେ ହାତ ଛୁଇଁଦେଲା । ଫୁଲିର ଭଉଣୀ ସନ୍ନ୍ୟାସୀର ସ୍ତ୍ରୀ । ତା'ର ଗୋଟିଏ ଚାରିବର୍ଷ ବୟସର ପିଲାଟିଏ ଥିଲା । ସିନ୍ଧୁକୁ ତା'ର ସ୍ୱାମୀଙ୍କ ଘରକୁ ଫେରିଯିବା ପାଇଁ ସେମାନେ ସମସ୍ତେ ଅନୁରୋଧ କରିଥିଲେ ।





ଏକ ଯୁଗୋପଯୋଗୀ କାର୍ଯ୍ୟକ୍ରମ ଥିଲା । ସ୍କୁଲ ଓ କଲେଜର ମେଧାବୀ ପିଲାମାନଙ୍କ ପାଇଁ ଛାତ୍ରବୃତି ପ୍ରଚଳନ କରି ସେ ଆଜି ସମଗ୍ର ଛାତ୍ର ସମାଜର ବହୁ ଉପକାର ସାଧନ କରିବା ସଙ୍ଗେ ସଙ୍ଗେ ସେ ଜଣେ ଛାତ୍ରବତ୍ସଳା ମୁଖ୍ୟମନ୍ତ୍ରୀ ଭାବରେ ନିତ୍ୟ ସ୍ମରଣୀୟ ହୋଇ ରହିଛନ୍ତି, ଏଥିରେ ସନ୍ଦେହ ନାହିଁ ।

ନନ୍ଦିନୀ ଶତପଥୀ ୨ୟବାର ମୁଖ୍ୟମନ୍ତ୍ରୀ ହେବାର ୬ ମାସ ମଧ୍ୟରେ ୧୯୭୪ ମସିହା ଅଗଷ୍ଟ ମାସ ୧୫ ତାରିଖ ପବିତ୍ର ସ୍ୱାଧୀନତା ଦିବସରେ ଯୌତୁକ ବିରୋଧି ଅଭିଯାନ ଆରମ୍ଭ କରିଥିଲେ । ଏହାପରେ ଏକ ଯୌତୁକ ନିରୋଧ ଆଇନ୍ ଆଗତ କରି, ଯୌତୁକ ପ୍ରଥା ବନ୍ଦ କରିବା ପାଇଁ କଡ଼ାକଡ଼ି ନିୟମ ଲାଗୁ କରିଥିଲେ । ଏହାଦ୍ୱାରା ସେ ଅଶେଷ କଲ୍ୟାଣ ସାଧନ କରିଥିଲେ ଗରିବ ଶ୍ରେଣୀର ଲୋକମାନଙ୍କ ମଧ୍ୟରେ । ମାତ୍ର ବଡ଼ ଦୁଃଖର ବିଷୟ ପରବର୍ତୀ ସରକାରରେ ମୁଖ୍ୟମନ୍ତ୍ରୀମାନେ ଏହି ଯୌତୁକ ନିରୋଦ ଆଇନ୍‌କୁ ସଂଶୋଧନ କରି ଉଚ୍ଛେଦ କରିଦେଲେ ଯାହାଦ୍ୱାରା କି ବର୍ତମାନ ହଜାର ହଜାର ଯୁବତୀ ଏହି ଯୌତୁକ ରାକ୍ଷସ କବଳରେ ପଡ଼ି ଜର୍ଜରିତ ହେଉଛନ୍ତି । ଯୌତୁକ ନିର୍ଯ୍ୟାତନା ବଢ଼ି ବଢ଼ି ଆଜି ଏକ ମହାମାରୀ ରୂପ ଧାରଣ କଲାଣି । ସମାଜର ଶିକ୍ଷିତ ତଥା ଉଚ୍ଚପଦସ୍ଥ ଅଧିକାରୀମାନଙ୍କ ଭିତରୁ ଅନେକ ଆଜି ଏଥିରେ କବଳିତ । ଏଥିରୁ ସ୍ପଷ୍ଟ ଅନୁମାନ ଯେ ନନ୍ଦିନୀ ଶତପଥୀଙ୍କର କାର୍ଯ୍ୟକ୍ରମ କେତେ ସୁଦୂରପ୍ରସାରୀ ଥିଲା ।

ଏତଦ୍‌ବ୍ୟତୀତ ନନ୍ଦିନୀଦେବୀ ଓଡ଼ିଶାର ସାମଗ୍ରିକ ବିକାଶ ପାଇଁ ଦୃଷ୍ଟି ଦେଇଥିଲେ ତାହା ନୁହେଁ, ସେ ଏପରି ଯୋଜନା ହାତକୁ ନେଉଥିଲେ ଯେ ଯେଉଁଥିପାଇଁ ସାଧାରଣ ଜନତାଙ୍କର ଉପକାର ହେବା ସଙ୍ଗେ ସଙ୍ଗେ ଓଡ଼ିଶାର ମଧ୍ୟ ପରିବର୍ତନ ଘଟିପାରିଥିଲା । ଓଡ଼ିଶାର ସମୃଦ୍ଧି ନିମନ୍ତେ ଶିଳ୍ପର ପ୍ରସାରଣ କରିବା ତାଙ୍କର ମୁଖ୍ୟ କାର୍ଯ୍ୟକ୍ରମ ଥିଲା । ତିଳେମାତ୍ର ଭ୍ରୂକ୍ଷେପ ନଥିଲା । ଇନ୍ଦିରାଗାନ୍ଧୀଙ୍କର ପୁଅ ସଂଜୟ ଗାନ୍ଧୀ ଏହି ଷଡ଼ଯନ୍ତ୍ରର ମୁଖ୍ୟ ସୂତ୍ରଧର ଥିଲେ ମଧ୍ୟ ଓଡ଼ିଶାର କିଛି ରାଜନୈତିକ ନେତା ଏଥିରେ ସାମିଲ ହୋଇଥିଲେ । ଏହାର ମୁଖ୍ୟ କାରଣ ଥିଲା ନନ୍ଦିନୀଦେବୀଙ୍କୁ ମୁଖ୍ୟମନ୍ତ୍ରୀ ଆସନରୁ ହଟାଇଦେବା । ନିଷ୍ଠେ ସ୍ୱାଭିମାନୀ ନନ୍ଦିନୀଦେବୀ ବ*ଥିବା ପର୍ଯ୍ୟନ୍ତ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଆସନରେ ବସିବେ ବୋଲି ଉକ୍ତ ଷଡ଼ଯନ୍ତ୍ରକାରୀ ନେତାମାନଙ୍କର ଧାରଣା ଥିଲା ।

ସେହିବର୍ଷ ଭାରତବର୍ଷରେ ଜରୁରୀକାଳୀନ ପରିସ୍ଥିତି ଜାରି ହୋଇଥିବା ଯୋଗୁଁ ପ୍ରଧାନମନ୍ତ୍ରୀ ଇନ୍ଦିରାଙ୍କର ଦପ୍ତରରୁ ଫୋନ୍ ଡାକରା ପାଇ ନନ୍ଦିନୀଦେବୀ ଯାଇ ଦିଲ୍ଲୀରେ ପହ*ଲେ ଏବଂ ଏୟାରପୋର୍ଟରୁ ନନ୍ଦିନୀଦେବୀ ସିଧା ଚାଲିଲେ ଇନ୍ଦିରାଜୀଙ୍କର ବାସଭବନକୁ । ସେଠାରେ ଇନ୍ଦିରା ଓ ସିଦ୍ଧାର୍ଥଶଙ୍କର ରାୟ ବସି ଲେଖାଲେଖି କରୁଥିଲେ । ଇନ୍ଦିରା ନନ୍ଦିନୀଙ୍କୁ କହିଲେ ତୁମେ ବସିଥା

ଆମେ ଅଳ୍ପ ସମୟପରେ ଆସିଲେ କଥା ହେବା । ସେମାନେ ଚାଲିଗଲାପରେ ଇନ୍ଦିରାଜୀଙ୍କର ପୁଅ ସଂଜୟ ଗାନ୍ଧୀ ଆସି ନନ୍ଦିନୀଙ୍କୁ କହିଲେ-ଆଣ୍ଟିଜୀ, କାଲ୍ ଆପକୋ ଯିତ୍‌ନା ଆଖବର ହେ ସବ୍ ବନ୍ଦ କରଦୋ । ନନ୍ଦିନୀଦେବୀ ଉତର ଦେଲେ, ମୁଁ କିପରି ବନ୍ଦ କରିବି ? କାରଣ ଖବରକାଗଜ ସବୁ ସରକାରଙ୍କର ନୁହେଁ । ପୁଣି ସଂଜୟ ଗାନ୍ଧୀ ନନ୍ଦିନୀଙ୍କୁ କହିଲେ- ଠିକ୍‌ହେ ଆପ୍ ଲାଇଟ୍ ଔର ପାନି ବନ୍ଦ କରଦିଜିଏ । ନନ୍ଦିନୀ ଏହାର ବିରୋଧ କଲେ । ନନ୍ଦିନୀଜୀ କହିଲେ, ମୁଁ ଏହା ବନ୍ଦ କରିପାରିବି ନାହିଁ । ମୋ ପକ୍ଷରେ ଏଇଟା ଉଚିତ ନୁହେଁ । ସଂଜୟ କ୍ରୋଧମିଶା ସ୍ୱରରେ କହିଲେ- "କ୍ୟୁଁ ଆପ୍ ତୋ ଚିଫ୍‌ମିନିଷ୍ଟର ହେଁ ।" ନନ୍ଦିନୀ କଥାଟିକୁ ନ ବଢ଼ାଇ କହିଲେ-ଯବ୍ ତୁହ୍ମାରା ମମି ଆଏଙ୍ଗେ ଉନ୍‌କାସାଥ୍ ମେ ବାତ୍ କରୁଙ୍ଗା । ବାସ୍, ଏତିକିରେ ସଂଜୟଙ୍କର ରାଗ ଉଠିଗଲା କି କ'ଣ ସେ ସେ ସ୍ଥାନ ଛାଡ଼ି ଚାଲିଗଲେ । ନନ୍ଦିନୀଦେବୀ କିଛି ସମୟ ଅପେକ୍ଷା କରି ଇନ୍ଦିରା ଗାନ୍ଧୀ ଯେତେବେଳେ ଡାକିବେ ଭାବି ସେ ତାଙ୍କର ସ୍ୱାମୀ ସାଂସଦ ଦେବେନ୍ଦ୍ର ଶତପଥୀ ରହୁଥିବା ୬୦, ଲୋଧି ଇଷ୍ଟେଟ୍‌କୁ ଫେରିଆସିଲେ । ତା'ପରେ ସଂଜୟ ମା' ଇନ୍ଦିରାଙ୍କୁ କ'ଣ କହିଲେ କେଜାଣି ଇନ୍ଦିରା ନନ୍ଦିନୀଙ୍କୁ ଡାକିଲେନି କିମ୍ବା ନନ୍ଦିନୀଦେବୀ ଇନ୍ଦିରାଜୀଙ୍କର ନିକଟକୁ ଗଲେନାହିଁ ।

ନନ୍ଦିନୀଦେବୀଙ୍କର ମୁଖ୍ୟମନ୍ତ୍ରୀ ପଦବୀର ବିଦାୟ ମୁଖ୍ୟତଃ ସଂଜୟଗାନ୍ଧୀଙ୍କର ଷଡ଼ଯନ୍ତ୍ରରେ ହୋଇଥିଲା । ସଂଜୟ ଓଡ଼ିଶାର ୧୧ ଜଣ ସାଂସଦଙ୍କର ଦସ୍ତଖତ ନେଇ ପ୍ରଧାନମନ୍ତ୍ରୀ ଇନ୍ଦିରାଙ୍କୁ ଦେବାପାଇଁ ଷଡ଼ଯନ୍ତ୍ରକାରୀ ନେତାଙ୍କର ପ୍ରରୋଚନାରେ ନିଜର ବିବେକ ବାଧା ଦେଲା । କହିଲେ ଏତିକି ଦସ୍ତଖତରେ ମମି ଇନ୍ଦିରା ନନ୍ଦିନୀଙ୍କୁ ତଡ଼ିବେ ନାହିଁ ମୁଖ୍ୟମନ୍ତ୍ରୀରୁ, କାରଣ ତାଙ୍କ ସହ ତାଙ୍କର ଭଲ ସମ୍ପର୍କ ଅଛି ।

ଇନ୍ଦିରାଗାନ୍ଧୀଙ୍କର ପୁଅ ସଂଜୟ ଗାନ୍ଧୀ ଯେଉଁ ରାଜ୍ୟକୁ ଯାଉଥିଲେ ସେ ରାଜ୍ୟର ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀମାନେ ତାଙ୍କୁ ଏୟାରପୋର୍ଟରୁ ସ୍ୱାଗତ କରିବାକୁ ଯାଉଥିଲେ । କିନ୍ତୁ ସ୍ୱାଭିମାନୀ ନନ୍ଦିନୀଙ୍କୁ ଏସବୁ ଖରାପ ଲାଗୁଥିଲା । ସେହିଦିନଠାରୁ କଂଗ୍ରେସ ସଭାପତି ଏକ ନୋଟିସ୍ ପ୍ରତି ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କୁ ଦେଲେ । ସେଥିରେ ଲେଖାଥିଲା ସଂଜୟଙ୍କୁ ବିମାନବନ୍ଦରରେ ସ୍ୱାଗତ ନକରିବା ପାଇଁ ।

ଦିନକର ଘଟଣା । ବାଲେଶ୍ୱରର ମନ୍ମଥ ଦାଶ ନାମକ ଜଣେ ଯୁବକଂଗ୍ରେସ ନେତା ଥିଲେ । ଏହା ଭିତରେ ସେ ସ୍କୁଟର ଆକ୍‌ସିଡେଣ୍ଟରେ ମରିଗଲେଣି । ସେ ଗୋଟିଏ ରେପ୍ କରିଥିଲା ଏବଂ ଓଡ଼ିଶା ପୋଲିସ ତାଙ୍କୁ ଆରେଷ୍ଟ କରିଥିଲେ । ସେହି କେଶ୍‌ରେ ଇନ୍ଦିରାଗାନ୍ଧୀ ଓ ସଂଜୟ ଗାନ୍ଧୀ ମତେ କହିଲେ ଯୁବକଂଗ୍ରେସ ନେତା ମନ୍ମଥଙ୍କୁ ଛାଡ଼ିଦେବା ପାଇଁ । ମୁଁ ଏଥିରେ ଖୁବ୍ ଆଶ୍ଚର୍ଯ୍ୟ ହେଲି ଏବଂ ତାଙ୍କ ସହିତ ଏଥିରେ ଏକମତ ହୋଇପାରିଲି ନାହିଁ । ମୋ ବିଚାରରେ ଏଇଟା ଠିକ୍ ନଥିଲା ।





ମା' ଛଡ଼ା, ସାଧନା କାନ୍ଦୋରୀ ଆଉକିଛି ଜାଣେନି । ସାଧାନ ନିର୍ବୋଧ, ତିରିଶବର୍ଷ ବୟସରେ ତା'ର ବୁଦ୍ଧିସୁଦ୍ଧି ଅପରିଚିତ । ମଇଁଷୀ ଭଳି ଦେହଟାରେ ତା'ର ପାକସ୍ଥଳୀ ଛଡ଼ା ଆଉ କିଛି ନାହିଁ । ଫୁସ୍‌ଫୁସ୍ ରକ୍ତଜବା ପାଖୁଡ଼ା ପରି ହୃଦ୍‌ଯନ୍ତ୍ର । ସାପଭଳି ଚିକ୍କଣ ନାଡ଼ି କୁସୁମ କୋମଳ ଜୀବକୋଷ । ତା' ଶରୀରରେ କିଛି ନାହିଁ । ଖାଲି ଗୋଟିଏ ପାକସ୍ଥଳୀ ଅଛି ।

ଆଉ ଅଛି ଭୋକ । ଖାଲି ଖାଇବାକୁ ଦେବାର ଲୋଭ ଦେଖାଇ ତା' ମୁନିବର ଯୁବତୀ ସ୍ତ୍ରୀ ବଡ଼ କାଠ ଚିରାଏ, ଟିଉବ୍‌ୱେଲରୁ ପାଣି ଅଣାଏ । ମହଣ, ମହଣ କୋଇଲା ତା' ହାତରେ ଭଙ୍ଗାଇ ନିଏ । ମୁନୀବର ସ୍ତ୍ରୀ ଆଡ଼କୁ ଚାହିଁବୁନି ସାଧନ । ନା, ମା, ଯେତେବେଳେ ଚାହିଁବୁ, ମା' ଭାବରେ ଦେଖିବୁ, ଜାଣିଲୁ ବାପା । ହଁ ମା । ମା' ଯାହା କହେ, ସାଧନା ସବୁଥିରେ ହଁ ମାରେ । ମା' ଦେହ ଯେବେ ଖରାପ ହୁଏ, ସେତେବେଳେ ମା' (ଜଟି ଠାକୁରାଣୀଙ୍କୁ) ଦେଖିବା ପାଇଁ ଅନାଦି ଡାକ୍ତର ଖୁବ୍ ଶୀଘ୍ର ବାହାରିପଡ଼େ । ଜଟିର ଘର ଭିତରେ ଭୟଙ୍କର ଦୁର୍ଗନ୍ଧ । ଦିନଯାକ ଜଟି ଠାକୁରାଣୀଙ୍କୁ ମା' ବୋଲି କେହି ଡାକନ୍ତି ନାହିଁ । ଠାକୁରାଣୀ ବୋଲି କହିବାକୁ ହୁଏ ।

ବଳରାମ ଆଗେଇ ଆସି କହିଲା, ତୀକ୍ଷଣ ସ୍ୱରରେ ବୁଝିଲେ । ଇଏ ସାମାନ୍ୟ ମଣିଷ ନୁହେଁ । ଇଏ ଦେବର୍ଶୀ ସ୍ତ୍ରୀ ଲୋକ । ଆମେ ତାକୁ ମାନ୍ୟ କରୁ । ପୂଜା ପାର୍ବଣରେ ତାଙ୍କ ପାଖକୁ ଡାଲା ସଜାଡ଼ି ପଠାଉ ।

ଭାତର ଗନ୍ଧ ଭାରି ଭଲ ଗନ୍ଧ । ଭାତର ଗନ୍ଧରେ ସାଧନ ତା'ର ମାଆକୁ ଖୋଜି ପାଏ । ଯେତେଦିନ ଯାଏ, ସାଧନ ଭାତ ରାନ୍ଧିବ, ବେତେ ଭାତ ଖାଇବ, ସେତେଦିନ ଯାଏ 'ସଂଜ ସକାଳର ମା' ତା' ପାଖରେ ବନ୍ଧା ହୋଇ ରହିଥିବ ।

ମା' କଥା ମନେ ପକାଇବାକୁ ଯାଇ ପୁରୋହିତ ଉପରେ ଦୁର୍ବ୍ୟବହାର ଯୋଗୁଁ ଅନୁତାପରେ ସାଧନା ଆଖିରୁ ଧାର ଧାର ଲୁହ ବୋହିଗଲା ।

ମା' ତୁମେ ଯେମିତି ହେଲେ ସ୍ୱର୍ଗକୁ ଯାଅ । ସାଧନ ଏଇକ୍ଷଣି ଭାତ ରାନ୍ଧି ଖାଇବ । ମା' ତୁମେ ମୋ ଦୋଷ ଧରନି ।

**(୧୪) ସିନ୍ଧୁବାଳା :**

ସିନ୍ଧୁବାଳା ରୂପରେ ଯାହା ହେଉନା କାହିଁକି, ବର୍ଣ୍ଣରେ କଳା । ତଥାପି ଛୋଟ ପିଲାମାନଙ୍କର ଦେହ ଖରାପ ହେଲେ ସ୍ତ୍ରୀ ଲୋକମାନେ ସିନ୍ଧୁବାଳା ଅଗଣାକୁ ଆସନ୍ତି । ମଣିଷ ଜନ୍ମ ହେବାବେଳେ ମୁଣ୍ଡଟି ଆଗ ମାଟି ଛୁଏଁ । ସିନ୍ଧୁ କୁଆଡ଼େ ଗୋଡ଼କୁ ମାଟିରେ ଛୁଇଁ ଜନ୍ମ ହୋଇଥିଲା । ସେହି ଦିନରୁ

ଚୁପ୍ ରୁହ, ମାଇକିନା ପୁଅର ଜନ୍ମଦିନରେ ଯାହା କରିଲି ଗତର ଖଟେଇ, ରଖିଦେଇ ଯାଇଥିଲି । ମୋର ଶିବରାତ୍ରୀର ସଳିତା ଛୋଟ ପୁଅଟାର ଜନ୍ମଦିନ । ତା'ର ଷୋହଳ ବର୍ଷ ପର୍ଯ୍ୟନ୍ତ ମାନସିକ । ସେଇଟା କରିବି ବୋଲି ଛୁଟି ନେଲି ।

ମୋ ସ୍ୱାମୀ ତ ସବୁବେଳେ ଟାବ୍ଲେଟ୍ ନିଶାରେ, ସ୍ୱାମୀ ତ ମାଇପ କଥାରେ ମେଣ୍ଢା । ଦେଖିକରି ବି ଦେଖେନାହିଁ । ମୋ ସ୍ୱାମୀ ହୋଇଥିଲେ... ମୋ ପୁଅର ଜନ୍ମଦିନ ପାଳିଲି ବୋଲି ଏତେବଡ଼ ଅପରାଧ ହୋଇଗଲା ?

**(୧୩) ସଂଜ ସକାଳର ମା :**

ବୈଶାଖର ତାତିରେ ଧରଣୀ ଛାତି ଫାଟିଯାଏ । ସାଧନା କାନ୍ଦେରିର ମାଆ ଜଟି ଠାକୁରାଣୀ ମରିଗଲେ । ମରିଯିବା ଆଗରୁ ଜଟି ଠାକୁରାଣୀଙ୍କର ପେଟ, ଗଳା ସବୁ ଫୁଲି ଯାଇଥିଲା । ବାଉଁଶ ଭାରରେ ମାକୁ ବସାଇ କାନ୍ଦୋରୀ ହସପାତାଳ ନେଇଥିଲା । ସେହି ଡାକ୍ତର, ବୈଦ୍ୟ, ଡମ, ଧାଈ ସମସ୍ତେ ଦେହସାରା କାଟିକାଟି ଦେଖନ୍ତିନି ? ମା, ଚିରି ଚିରି ଦେଖନ୍ତି । ତା'ପରେ ଯେତେବେଳେ ଦେଖନ୍ତି ଯେ, ମଡ଼ା ବେଓ୍ୱାରିଶ ସେତେବେଳେ ସମସ୍ତେ ଭାଗ ବଣ୍ଟନ୍ତି । ଡମମାନେ ନାଡ଼ି ପୁଡ଼ି ଡାକ୍ତରଙ୍କୁ ଦିଅନ୍ତି, ଧାଈ ଲୁଗାପଟା ନେଇଯାଏ । ଡମ ମଡ଼ାଟିକୁ ପଚେଇ ଦେଇ ହାଡ଼ ବିକ୍ରିକରି ପଇସା ଆଣେ । ଦେଖ୍ ମୁଁ ସେକଥା କହିବାକୁ ଦେବି ? ଦେନା ବାପା । ମୁଁ ତୋର ସଂଜ ସକାଳର ମାଆ । ମୋତେ ତୁ ହାସପାତାଳରେ ମରିବାକୁ ଦେନା । ଚୁପ ହୋଇଯାଆ ମାଆ । ସାଧାନ କାନ୍ଦୋରୀ ଧମକେଇ କହିଲା । ଜଟି ଠାକୁରାଣୀ ତାକୁ ଦିନେ ପେଟରେ ଧରିଥିଲେ । ସେମାନେ ଭାରି ପ୍ରାଚୀନ ଜାତି । ଜରାବ୍ୟାଧିର ବଂଶଧର । ସେମାନଙ୍କର ସମ୍ପ୍ରଦାୟର ନାଁ ପକ୍ଷୀମରା ସମ୍ପ୍ରଦାୟ । ସେହି ବଂଶର ଝିଅ ଜଟେଶ୍ୱରୀ ଦଶମାସ ପେଟରେ ଧରି ସାଧନାକୁ ପ୍ରସବ କରିଥିଲା । କେମିତି ଗର୍ଭଧାରିଣୀ ମା 'ସଂଜ ସକାଳର ମା' ହୋଇଗଲା ଆଶ୍ଚର୍ଯ୍ୟ ବୃତାନ୍ତ । ସାଧାନକୁ ଦେଢ଼ବର୍ଷ ହେବା ଦିନଠୁଁ ଜଟେଶ୍ୱରୀ ଉପରେ ଦେବତା ବିଜେ କରିଛନ୍ତି । ସେହି ଦିନଠୁଁ ଜଟି ଦିନସାରା ଜଟି ଠାକୁରାଣୀ । ସୂର୍ଯ୍ୟ ଉଠିବା ଠାରୁ ବୁଡ଼ିବା ଯାଏ ଠାକୁରାଣୀଙ୍କୁ କେହି ମା, ସ୍ତ୍ରୀ, କି ଭଉଣୀ ଭାବିବା ନିଷେଧ । ସାଧନାକୁ ଜଟି ନିଷେଧ କରିଥିଲା - ଖଣଳି ସଂଜ ସକାଳେ ମା - ଆଉ କେତେବେଳେ ନୁହେଁ ମାଆ ! ହଁ ବାପା । ସଂଜରେ ଆଉ ସକାଳରେ ତୁ ମାଆ ଆଉ ଦିନସାରା ତୁ ଠାକୁରାଣୀ । ହଁ ବାପା । ମୁଁ ତୋର ସଂଜ ସକାଳର ମା । ଏଇ ସଂଜ ଓ ସକାଳର ମା ଜଟେଶ୍ୱରୀ ଯାଦବପୁର ଲାଇନ୍ ପାରିହୋଇ କେମିତି ତା'ର ପୁଅ ରିକ୍ସା କରାଇଦେଲା, ସେ ଅନେକ କଥା ।





ସେ ଜଣେ ସ୍ତ୍ରୀଲୋକକୁ ରେପ୍ କରିଛି । ଯୁବକଂଗ୍ରେସ ସଭାପତି ବୋଲି ସେ କ'ଣ ଆରେଷ୍ଟ ହେବନି ? ଇଏ କି କଥା ? ସେଇଠୁ ଇନ୍ଦିରାଗାନ୍ଧୀ ମୋତେ କହିଲେ ତାହାର ଫାଇଲ୍ ଧରି ଆସ । ମୁଁ ଗଲି ଓ ମୋ ସାଙ୍ଗରେ ଆମର ଆଇ.ଜି ପୋଲିସ ଶ୍ରୀ ନରସିଂହ ସ୍ୱାଇଁ ମଧ୍ୟ ଗଲେ । ଆଇ.ଜି ବାହାରେ ବସିଲେ ମୁଁ ଭିତରକୁ ଗଲି । ପ୍ରଧାନମନ୍ତ୍ରୀ ଇନ୍ଦିରା ମୋତେ କହିଲେ, ତୁମପ୍ରତି କିଛି ଲୋକ ଏବଂ ବିଧାୟକଙ୍କର ସମର୍ଥନ ନାହିଁ । ମୁଁ ଇନ୍ଦିରାଜୀଙ୍କୁ କହିଲି ଏବେ ପରା ବିଧାନସଭା ସରିଲା । କାହିଁ ସେପରି ମୋର ନେତୃତ୍ୱ ବିରୋଧ କିଛି ଆଲୋଚନା ହୋଇନଥିଲା ।

୧୯୭୬ ମସିହା ଡିସେମ୍ବର ମାସ ୧୫ ତାରିଖ ଦିନ ଚନ୍ଦ୍ରଜିତ୍ ଯାଦବ ନନ୍ଦିନୀଙ୍କୁ ଟେଲିଫୋନ୍ କରି କହିଲେ ନନ୍ଦିନୀଜୀ ମେ ଆପ୍‌କା ଫ୍ରେଣ୍ଡସ୍ ହୁଁ । ଆପ ଜରା ରାଜାଇନ୍ କରଦିଜିଏ । ମୁଁ ତାଙ୍କୁ ଉତର ଦେଲି ମୁଁ ପ୍ରଧାନମନ୍ତ୍ରୀ ଇନ୍ଦିରାଙ୍କ ସହ କଥା ହୋଇଥିଲି । କାହିଁ ମୋତେ ସେ ଏ ବିଷୟରେ କିଛି କହିନଥିଲେ । ତା'ର କିଛି ସମୟ ପରେ ଦେବକାନ୍ତ ବଡୁଆ ନନ୍ଦିନୀଙ୍କୁ ଟେଲିଫୋନ୍ କରି କହିଲେ ପ୍ରଧାନମନ୍ତ୍ରୀ ଇନ୍ଦିରାଜୀ ଏଠାରେ ବ୍ୟସ୍ତ କଲେଣି । ତୁ ରିଜାଇନ୍ କରିଦେ । ମୁଁ ଦେବକାନ୍ତ ବଡୁଆଙ୍କୁ କହିଲି, ଦାଦା, ପ୍ରଧାନମନ୍ତ୍ରୀ ଇନ୍ଦିରାଜୀ ମୋତେ ଇସ୍ତଫା ଦେବାକଥା କହିନାହାନ୍ତି ।

ତା' ପରଦିନ ୧୬ ତାରିଖରେ ମୋର ଢେଙ୍କାନାଳରେ ଏକ ମିଟିଂ ଥାଏ । ମୁଁ ଢେଙ୍କାନାଳ ଯିବା ଆଗରୁ କମଳାକାନ୍ତ ତ୍ରିପାଠୀ କହିଲେ, ନନ୍ଦିନୀ ତୁ ଇସ୍ତଫା ଦେଇଦେ । ନଚେତ ଆଜି କ୍ୟାବିନେଟ୍ ମିଟିଂରେ ତୋ ସରକାରଙ୍କୁ ବରଖାସ୍ତ କରାଯିବ । ମୁଁ କହିଲି- କେନ୍ଦ୍ରରେ କଂଗ୍ରେସ ଓ ରାଜ୍ୟରେ କଂଗ୍ରେସ ସରକାର । ଏକାଦଳୀୟ ସରକାର, ବହିଷ୍କାର କରନ୍ତୁ ସରକାରକୁ । ସଂଜୟ ଗାନ୍ଧୀଙ୍କର ସାଙ୍ଗ ଓମ୍ ମେହେଟା Home Minister, State ଥାଆନ୍ତି । ସେ ବ୍ୟସ୍ତ ହୋଇ ନନ୍ଦିନୀଙ୍କ ଇସ୍ତଫାପତ୍ର କାହିଁ ବୋଲି କହୁଥାନ୍ତି । ମୁଁ ସନ୍ଧ୍ୟାରେ ମୋର କ୍ୟାବିନେଟ୍ ମନ୍ତ୍ରୀଙ୍କ ବୈଠକ କରିଲି ମୋର ଇସ୍ତଫା ପ୍ରସଙ୍ଗରେ । ତା' ପରଦିନ କେନ୍ଦ୍ରୀୟ ଫୋର୍ସ ଓଡ଼ିଶାରେ ପହଂଚିଥିଲେ । ମୁଁ କହିଲି ମୁଁ ଇସ୍ତଫା ଦେବିନାହିଁ । ମୋତେ ଆରେଷ୍ଟ କରନ୍ତୁ । ଭାରତବର୍ଷରେ ଏକ ଇତିହାସ ସୃଷ୍ଟି ହେବ ମୁଖ୍ୟମନ୍ତ୍ରୀଙ୍କୁ ଆରେଷ୍ଟ କରି । ମୁଁ ଦେଖିଲି ମୋର କ୍ୟାବିନେଟ୍ ମନ୍ତ୍ରୀମାନେ ଛାନିଆ ହେଲେଣି । ମୁଁ ସେଠୁ ମୋ ଇସ୍ତଫାପତ୍ର ଲେଖି ଗାଡ଼ିରେ ଗଭର୍ଣ୍ଣରଙ୍କୁ ଦେବାପାଇଁ ଯାଉଥିଲି । ସେହି ଗାଡ଼ିରେ ରେଡିଓରୁ ଶୁଣିବା ପାଇଁ ପାଇଲି ନିଶ୍ଚିତକୋଇଲିର ଜନୈକ ଯୁବକଂଗ୍ରେସ ନେତା କହୁଥିଲେ ନନ୍ଦିନୀଦେବୀ ଅଣଗତାନ୍ତ୍ରିକ ଭାବରେ କ୍ଷମତାକୁ ଜାବୋଡ଼ି ଧରିଛନ୍ତି । ସେ ଇସ୍ତଫା ଦେବା ଦରକାର । ଏହାଶୁଣି ମୁଁ କହିଲି ଜଣେ ଯୁବକଂଗ୍ରେସ ନେତା ଯେତେବେଳେ କହିଲେଣି ମୁଁ ଇସ୍ତଫା ଦେଇଦେବି । ଗଭର୍ଣ୍ଣର ଚାର୍ଯ୍ୟରେ ଥାଆନ୍ତି ଓଡ଼ିଶା ହାଇକୋର୍ଟର ଜିଫ୍ ଜଷ୍ଟିସ । ସେ ଏଥିରେ ବ୍ୟସ୍ତ ହୋଇପଡ଼ି ମୋ ଇସ୍ତଫାପତ୍ର ନେଲେ । ସେହି କଷ୍ଟରେ ତାଙ୍କର ହାର୍ଟ ଆଟାକ୍

ହୋଇଗଲା ।

ନନ୍ଦିନୀଦେବୀଙ୍କ ଇସ୍ତଫା ନାଟକ ପରେ ତାଙ୍କର କୁଚକ୍ରୀଗୋଷ୍ଠୀ ଆନନ୍ଦ ପାଇଥିବେ ନିଶ୍ଚିତ । ନନ୍ଦିନୀଦେବୀଙ୍କ ଶାସନ ତଥା ସେ ଏଠି ଆରମ୍ଭ କରିଥିବା ଉନ୍ନୟନମୂଳକ କାର୍ଯ୍ୟ ଏବେ ମଧ୍ୟ ସ୍ତୁତିଚାରଣା କରନ୍ତି ଓଡ଼ିଶାବାସୀ । ଏହାର କିଛିଦିନ ପର୍ଯ୍ୟନ୍ତ ଓଡ଼ିଶାରେ ରାଷ୍ଟ୍ରପତି ଶାସନ ଚାଲିଲା ।

ନନ୍ଦିନୀଦେବୀଙ୍କ ମୁଖ୍ୟମନ୍ତ୍ରୀତ୍ୱ ପରେ ସେ ସକ୍ରିୟ ରାଜନୀତିରୁ ଅବସର ନେଇନଥିଲେ । ସେ ୧୯୭୭ରୁ ୧୯୮୦ ପର୍ଯ୍ୟନ୍ତ ଢେଙ୍କାନାଳ ବିଧାନସଭା ଆସନରୁ ବିଧାୟିକା ଭାବରେ ନିର୍ବାଚିତ ହୋଇ ଢେଙ୍କାନାଳରେ ବହୁତ ଉନ୍ନତି ସାଧନ କରିଛନ୍ତି । ସେହି ସମୟରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଥିଲେ ନୀଳମଣି ରାଉତରାୟ ଜନତାପାର୍ଟିର ସରକାର । ନନ୍ଦିନୀଦେବୀ ଥିଲେ ବିରୋଧୀ ଦଳର ବିଧାୟିକା ।

ନନ୍ଦିନୀଦେବୀ ପୁନଶ୍ଚ ୧୯୮୦-୧୯୮୫ ମସିହା ପର୍ଯ୍ୟନ୍ତ ଢେଙ୍କାନାଳରୁ ବିଧାୟିକା ଭାବରେ ନିର୍ବାଚିତ ହୋଇଥିଲେ । ସେହି ସମୟରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଜନକୀବଲ୍ଲଭ ପଟ୍ଟନାୟକ ଥାଆନ୍ତି । କଂଗ୍ରେସ ସରକାର ଚାଲିଥାଏ । ଏହି ସମୟରେ ଢେଙ୍କାନାଳରେ ନନ୍ଦିନୀ ଅନେକ ଉନ୍ନୟ ମୂଳକ କାମ କରିଥିଲେ ।

ପୁନଶ୍ଚ ନନ୍ଦିନୀ ଶତପଥୀ ୧୯୮୫-୧୯୯୦ ପର୍ଯ୍ୟନ୍ତ ଢେଙ୍କାନାଳରୁ ବିଧାୟିକା ଭାବରେ ନିର୍ବାଚିତ ହୋଇଆସିଲେ । ସେହି ସମୟରେ ମୁଖ୍ୟମନ୍ତ୍ରୀ ଥିଲେ ଜାନକୀବଲ୍ଲଭ ପଟ୍ଟନାୟକ । ଉକ୍ତ ସମୟରେ ନନ୍ଦିନୀଦେବୀ ଢେଙ୍କାନାଳର ବହୁତ ଉନ୍ନତି କରିଥିଲେ । ତା ୧୫.୮.୧୯୯୭ ରିଖରେ ଭାରତୀୟ ସ୍ୱାଧୀନତା ଦିବସର ସୁବର୍ଣ୍ଣଜୟନ୍ତୀ ଉତ୍ସବରେ ନନ୍ଦିନୀଜୀ ମୁଖ୍ୟମନ୍ତ୍ରୀ ଜାନକୀବାବୁଙ୍କ ସହ ମିଶି ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ମୁଖ୍ୟମନ୍ତ୍ରୀ ଜାନକୀବାବୁ ୧୯୮୯-୯୦ ବର୍ଷରେ ନନ୍ଦିନୀଦେବୀଙ୍କୁ ଓଡ଼ିଶା ରାଜ୍ୟ ଯୋଜନାବୋର୍ଡର ଅଧ୍ୟକ୍ଷା ଭାବରେ ନିଜର ଦାୟିତ୍ୱ ଅର୍ପଣ କରିଲେ । ନନ୍ଦିନୀଦେବୀ ସୂଚାରୁରୂପେ ଓଡ଼ିଶାର ସୁଚିନ୍ତିତ ଯୋଜନାକୁ ସାକାର ରୂପ ଦେଲେ ।

ପୁନଶ୍ଚ ନନ୍ଦିନୀଦେବୀ ୧୯୯୦-୯୫ ନିମନ୍ତେ ଢେଙ୍କାନାଳ ଜିଲ୍ଲାର ଗନ୍ଦିଆ ନିର୍ବାଚନମଣ୍ଡଳୀର ବିଧାୟିକା ରୂପରେ ନିର୍ବାଚିତ ହୋଇଥିଲେ । ସେତେବେଳେ ଓଡ଼ିଶାରେ ଜନତା ସରକାର, ମୁଖ୍ୟମନ୍ତ୍ରୀ ଥାଆନ୍ତି ବିଜୁ ପଟ୍ଟନାୟକ । ନନ୍ଦିନୀଦେବୀ ବିରୋଧୀଦଳ କଂଗ୍ରେସର ବିଧାୟିକା । ଉକ୍ତ ସମୟରେ କାମାକ୍ଷାନଗରର ସବ୍‌ଡିଭିଜନ୍‌କୁ ଢେଙ୍କାନାଳ ଜିଲ୍ଲାର ମୁଖ୍ୟ କାର୍ଯ୍ୟାଳୟକୁ ସଂଯୋଗ ପାଇଁ କାମାକ୍ଷାନଗରର ବ୍ରାହ୍ମଣୀ ନଦୀ ଉପରେ 'ସାରଙ୍ଗଧର ସେତୁ' ତା





କିଏ । ଜନ୍ମଦିନରେ ତା'ର ତ ବନ୍ଧୁମାନେ ଆସିବେ ତିନିଜଣ । ପ୍ରକୃତରେ ତାହାର ମାମୁଁ, ମାଉସୀ, ପିଉସୀମାନେ ଆସିବେ ।

ଅଦିତି ସଗର୍ବରେ କହିଲା - ଦୟା ଦିଦି ଏତେ ଟଙ୍କା ଦେଇ ରୋଷେଇ କାହିଁକି ଶିଖୁଛି । ସେ ବିଦେଶରୁ ସବୁଠାରୁ ନୂଆ ରୋଷେଇ ସମ୍ପର୍କୀୟ ମାଗାଜିନ୍ ଆଣନ୍ତି । ତାଙ୍କରି ଠାରୁ ଶିଖି ତ ସୁମତୀ ପଟେଲ ଘରେ ରୋଷେଇ କ୍ଲାସ୍ ଖୋଲିଲେ ।

ମୋର ଭୟ ହୁଏରେ । କିଛି କରିନି, ତେବେ ବି ବିଶ୍ୱନାଥଙ୍କର ଦୟାରୁ ଏକା ବିଶୁ ବଂ଼ ରହିଛି । ପାଂଟା ପୁଅ ଝିଅ ଗଲେ, ସ୍ୱାମୀ ଗଲେ, ପାପ କଲେ ଦେବତାଙ୍କ ସାପ ପଡ଼ିବନି !

କାଜଳି ଗୋଟିଏ ସ୍ୱାମୀ ଦ୍ୱାରା ଦି ଦି ଥର ପରିତ୍ୟକ୍ତା ହେବା ପରେ ବର୍ତମାନ ସମ୍ପୂର୍ଣ୍ଣ ବେପରୁଆ ।

ଦୀପ୍ତ କହିଲା, ସେ ପରା ଆଉ ଗୋଟେ କୁଆଡୁ ଆସେ । ଜାଣିନି, ମନେ ରହେନାହିଁ । ଦେଖ ଦୀପ୍ତ ! ଚାକର ବାକରଙ୍କ ସାଙ୍ଗରେ ମୁଁ ଗପ କରେନାହିଁ, ସେମାନଙ୍କର କୌଣସି ଖବର ବି ରଖେ ନାହିଁ । ଛାଡ଼ - ରୂପା ଆସି ଗଲାଣି, ବିଜୟ ବି ଆସୁଛି, ରୋଷେଇବାସ ତ କରିଦେଇଛ । ମାଛ, ମାଂସ, ପଲଉ । ଜୟାଦିଦି କ୍ୟାଟେରାର ଆଣୁଛି - ରାଧାବଲ୍ଲବୀ, ଡାଲି, ମାଛର ଫ୍ରାଇ, ଆଉ ଆଇସ୍‌କ୍ରିମ୍ ।

ସବୁ ସରିଲା ବେଳକୁ ଅନେକ ରାତି । ସକାଳେ ଉଠିବାକୁ ବି ଅଦିତିର ଡେରି ହୁଏ । ଦଶଟା ବାଜିଲା ବେଳକୁ ତା'ର ଖିଆଲ ହେଲା ଯେ, ବିଶୁର ମୋ କାମ କରିବାକୁ ଆସିନାହିଁ । କହି ଅଦିତି ଚିତ୍କାର କରିଲାଗିଲା । କେତେ କାମ, କି ବେଇମାନ ସ୍ତ୍ରୀ ଲୋକ ଦେଖ ତ !

ଦୀପ୍ତ ଚଟକରି ଚାହା ଖାଇ ବାହାରିପାରି ଯାଇଥାନ୍ତେ । କିନ୍ତୁ ଅଦିତିର ମିଜାଜ ଦେଖି ସେ ବିଜୟ ପାଖକୁ ଗଲା । ବିଜୟ ଆଉ କାଜଳିର ହାତରେ ଟଙ୍କା ଗୁଞ୍ଜି ହିଁ ଦୀପ୍ତ ହିଁ ସବୁକାମ କରାଇନେଲା । ଅଦିତି ଭୀଷଣ ରାଗିଯାଇ ଔଷଦ ଖାଇ ଶୋଇପଡ଼ିଲା । ଦୀପ୍ତ ଲଞ୍ଚ୍ ଖାଇବାକୁ ତାକୁ ନେଇଗଲା । ନାଁ, ଅଦିତି ଦିନକୁ ଦିନ ଅସମ୍ଭାଳ ହୋଇପଡୁଛି । କାଜଳି ଆଉ ବିଶୁର ମାଆ ତ ଏବେ ଆସିଲେ, ତିନିମାସ ଖଣ୍ଡେ ହେବ, ଚାକରବାକର ଅଦିତି ରଖିପାରେ ନାହିଁ ।

ଏଠି ତ ମୁଁ ଚାହା ସୁଧା ଖାଏନି । ମୁଢ଼ି ବାନ୍ଧି ଆଣିଥାଏ ଘରୁ, ତାକୁଇଁ ଖାଏ । ଏଠି ସବୁ ମଦ କୁକୁଡ଼ାରେ ଛୁଆଁଛୁଇଁ, ସେ ଖାଇବାକୁ କ'ଣ ମୁଁ ବିଶୁକୁ ଦେଇପାରିବି ? ଦେବତାଙ୍କ ଦୁଆରେ ମାନସିକକରା ପିଲା, ମୋର ସବୁ ମାନିବାକୁ ହୁଏ ।

ଚାନ୍ଦ ଆଡ଼କୁ ଚାହିଁ ଚାହିଁ ମୁଣ୍ଡ ନୁଆଁଇ ଜନି ଚାଲିବାକୁ ଲାଗିଲା । କାଣି ମୋତି ତାକୁ ଭଲ ଲାଗେ । ପ୍ୟାର୍ କରେ । ପ୍ୟାସ୍‌ରେ କ୍ୟୁଁ ତୁମ ଘାବଡ଼ାତା ଦିଲ୍ ? ଉର୍ବଶୀ ପାଇଁ ଜନିର ଭୟ ହୋଇଥିଲା । କ'ଣ କହୁଛ – ଝିଅଟା । ଜନି ଗୋଟେ ବାରବୁଲା ଲୋକ । ଆଜି ଏଠି ତ କାଲି ସେଠି । ସ୍ୱାଧୀନ ହେବାପାଇଁ କୌଣସି ସ୍ୱପ୍ନ ଜନିର ନାହିଁ । ସେ ତ ଜନ୍ମରୁ ସ୍ୱାଧୀନ ।

ସେ ଦିନ ଉର୍ବଶୀ ପେଶଓ୍ୱାଦ୍ – କାଞ୍ଚୁଲି ଆଉ ଓଢ଼ଣା ପିନ୍ଧିଥିଲା । ସିନ୍ଦୁ, ବେକରେ ମାଳ । କାନରେ ଝୁମୁକା । ହମିଦ୍‌ର କୋଳରେ ବସି ଉର୍ବଶୀ ଗୀତ ଗାଉଥିଲା । ଉର୍ବଶୀର ଦେହର ରଙ୍ଗ ଆପେଲ ଭଳି । ଛାତି ଯେମିତି ପୁରନ୍ତ ନାସପାତି । ଆଖି ଦି'ଟା ପଦ୍ମ ପାଖୁଡ଼ା ପରି । ଆକାଶରେ ଉଡ଼ନ୍ତ ଚିଲ ପରି ଭୁରୁ । ଓଠ ଫୁଟନ୍ତ ଗୋଲାପ ।

ଉର୍ବଶୀ ଛାତିରେ ହାତ ବୁଲାଇ ଜନି କହିଲା ଦେଖୁବୁ କାଲିଠୁଁ ସବୁ ବଦଳି ଯିବ । ଏମିତି ଖେଳ ଦେଖାଇବୁ, ଏମିତି ଗୀତ ବୋଲିବୁ ଯେ, ଲୋକ କହିବେ ଫେର୍ ଖେଳ ଦେଖା । ସମସ୍ତେ ଗଲାପରେ ଜନି ଦେଖିଲା ଘରେ ସେ ଆଉ ଉର୍ବଶୀ । ଜନି ଉର୍ବଶୀକୁ କୁଣ୍ଢେଇ ପକାଇଲା । କହିଲା – କୁହ ଉର୍ବଶୀ, ମୋତେ ଛାଡ଼ି ଚାଲିଯିବୁ ନାହିଁ ତ ? କହ ଉର୍ବଶୀ, ତତେ ମୁଁ ନଦେଖି ପାରିଲେ ମରିଯିବି । ଏହା ଶୁଣି ଉର୍ବଶୀ ନିର୍ବାକ ।

ଜନିର ମୁହଁ ଓ ଆଉ ଛାତି ଆଖି ଲୁହରେ ଭାସିଯାଉଛି । ଓଠ ହଲୁଛି । ଓଠ କହୁଛି, ମୁଁ ଭଲ ନାହିଁ ହୋ । କାହିଁକିନା ମୋର ଗଳା ବନ୍ଦ ହୋଇଯାଇଛି ।

କିନ୍ତୁ – ଗଳାରୁ ଟିକିଏ ବି ଆଓ୍ୱାଜ୍ ବାହାରୁନି ।

ମହାଶ୍ୱେତାଦେବୀଙ୍କ ନିର୍ବାଚିତ ଗଳ୍ପରୁ ଓଡ଼ିଆ ଅନୁବାଦ – ନନ୍ଦିନୀ ଶତପଥୀଙ୍କର ଉର୍ବଶୀ ଓ ଜନି ବିଷୟରୁ କିଛି ଉପସ୍ଥାପନା କରାଯାଇଛି । ଏହା ମୁଖ୍ୟତଃ ଆଦିବାସୀମାନଙ୍କର ଜୀବନୀ ଉପରେ ଆଧାରିତ ।

**(୧୨) ଜନ୍ମଦିନ :**

ଦୀପ୍ତ ଅଲିଭ ପାଇପାରିଲା ନାହିଁ, ଜାଣିବା ପରେ ଅଦିତି ଭୀଷଣ ରାଗି ଯାଇଥିଲା । ଅଙ୍କୁରର ଜନ୍ମଦିନ ବୋଲି କଥା । ଦୀପ୍ତ ତା'ର ଏକମାତ୍ର ପୁତ୍ରର ଦଶମ ଜନ୍ମଦିନରେ ଅଲିଭ ଆଣିପାରିଲା ନାହିଁ । ଅଦିତି ଯାହା କୁହନ୍ତି ବେଇଜ୍ଜତ ହୋଇଗଲା । କିଛି କରାଯାଇପାରିବ ନାହିଁ । ସର୍ବନାଶ ହୋଇଗଲା ।

ବାପା ପାଉଥିଲେ ପା*ଶହ ଅଶୀ । ଆମେ ଥିଲୁ ପାଞ୍ଚ ଜଣ । ଆଡ଼ମ୍ବରରେ ଜନ୍ମଦିନ କରିବ





୨୪.୧୧.୧୯୯୩ ରିଖରେ ମୁଖ୍ୟମନ୍ତ୍ରି ବିଜୁ ପଟ୍ଟନାୟକଙ୍କ ସହ ନନ୍ଦିନୀଦେବୀ ଉଦ୍‌ଘାଟନ କରିଥିଲେ । ଏହାବାଦ୍ ଗନ୍ଦିଆର ସାମଗ୍ରିକ ବିକାଶରେ ନନ୍ଦିନୀଙ୍କ ଭୂମିକା ଥିଲା ।

ନନ୍ଦିନୀ ଶତପଥୀ ପୁନଶ୍ଚ ୧୯୯୫–୨୦୦୦ ପର୍ଯ୍ୟନ୍ତ ଗନ୍ଦିଆରୁ ବିଧାୟିକା ଭାବରେ ନିର୍ବାଚିତ ହେଲେ । ଉକ୍ତ ସମୟରେ ଓଡ଼ିଶାରେ କଂଗ୍ରେସ ଦଳ ସରକାର ଗଠନ କରିଥାନ୍ତି । ନନ୍ଦିନୀଦେବୀ କଂଗ୍ରେସ ବିଧାୟିକା ହେବା ସହ ମୁଖ୍ୟମନ୍ତ୍ରୀ ଜାନକୀବଲ୍ଲଭ ପଟ୍ଟନାୟକ ତାଙ୍କର ନିଜ ଦାୟିତ୍ୱ ଅର୍ଥାତ୍, ଓଡ଼ିଶା ରାଜ୍ୟ ଯୋଜନାବୋର୍ଡ ଅଧକ୍ଷା ଭାବରେ ତାଙ୍କୁ କାର୍ଯ୍ୟଭାର ନ୍ୟସ୍ତ କରିଥିଲେ । ଏହି ସମୟରେ ନନ୍ଦିନୀଦେବୀ ଏକ ଐତିହାସିକ ପଦକ୍ଷେପ ନେଲେ । ଯୋଜନାବୋର୍ଡର ଅଧକ୍ଷା ଭାବରେ ଇଂରେଜମାନଙ୍କର ଶାସନରେ ପ୍ରଜା ଆନ୍ଦୋଳନରେ ପ୍ରାଣବଳି ଦେଇଥିବା ଭୁବନର ନୀଳକଣ୍ଠପୁରର କିଶୋର ସନ୍ତାନ ବୀର ବାଜିରାଉତଙ୍କର ନାମାନୁସାରେ ବ୍ରାହ୍ମଣୀନଦୀ ଉପରେ ବାଜିରାଉତ ସେତୁ ନିର୍ମାଣ କଲେ । ଯାହାର ଫଳ ସ୍ୱରୂପ ନନ୍ଦିନୀଦେବୀଙ୍କ ସୁପୁତ୍ର ତଥାଗତବାବୁ ଢେଙ୍କାନାଳର ଲୋକସଭା ସାଂସଦ ଭାବରେ ନାବାର୍ଡ ବ୍ୟାଙ୍କ ସହ ଯୋଗାଯୋଗ କରି ବ୍ରାହ୍ମଣୀ ନଦୀ ଉପରେ ବାଜିରାଉତ ସେତୁ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିଛନ୍ତି । ତା ୬.୧୦.୧୯୯୮ରେ ଢେଙ୍କାନାଳ ଡି.ଆର୍.ଡି.ଏ ସୌଧକୁ ନନ୍ଦିନୀ ଉଦ୍‌ଘାଟନ କରିଥିଲେ ।

ନନ୍ଦିନୀଦେବୀଙ୍କ ଜୀବନରେ ଏକ ଦୁଃଖଦ ଘଟଣା ଥିଲା ଯେତେବେଳେ ତାଙ୍କର ସଂଗ୍ରାମୀ ଜୀବନସାଥୀ ସ୍ୱାମୀ ଦେବେନ୍ଦ୍ରନାଥ ଶତପଥୀଙ୍କର ୧୯୯୦ ମସିହା ଜୁନ୍ ମାସ ୨୬ ତାରିଖରେ ଆକସ୍ମିକ ମୃତ୍ୟୁ ଘଟିଲା । ଏହା ନନ୍ଦିନୀଦେବୀଙ୍କର ହୃଦୟକୁ ଖୁବ୍ ବାଧିଥିଲା । ମ୍ୟୁତ୍ୟୁର କିଛିଦିନ ଆଗରୁ ଦେବେନ୍ଦ୍ରବାବୁ ନିଜର ଢେଙ୍କାନାଳସ୍ଥିତ କୁଞ୍ଜକାନ୍ତ ଘରେ ରହୁଥିଲେ ।

ନନ୍ଦିନୀଦେବୀ ନିଜର ରାଜନୈତିକ ଜୀବନରେ କେବେହେଲେ ପରାସ୍ତ ହୋଇନଥିଲେ । ଓଡ଼ିଶାର ରାଜ୍ୟସଭା ସାଂସଦ, କେନ୍ଦ୍ରମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ବିଧାୟିକା, ଓଡ଼ିଶା ଯୋଜନାବୋର୍ଡର ଅଧକ୍ଷା ଇତ୍ୟାଦି ପଦବୀରେ ରହି ୨୦୦୦ ମସିହା ନିର୍ବାଚନ ଠାରୁ ନିର୍ବାଚନ ରାଜନୀତିରୁ ଦୂରେଇଥିଲେ । ନିଜର ଶରୀର କ୍ଷୀଣ ହୋଇଯିବାରୁ ନନ୍ଦିନୀଦେବୀ ମୃତ୍ୟୁର କିଛି ସମୟ ପୂର୍ବରୁ ଡାକ୍ତରଖାନାରେ ଚିକିତ୍ସିତ ହୋଇ ୨୦୦୬ ମସିହାର ଅଗଷ୍ଟ ମାସ ୪ ତାରିଖରେ ପ୍ରିୟ ଓଡ଼ିଶାର ଜନସାଧାରଣଙ୍କ ଛାଡ଼ି ଶେଷ ନିଦ୍ରାରେ ଶୋଇଯାଇଥିଲେ ।

ନନ୍ଦିନୀଦେବୀଙ୍କ ମୃତ୍ୟୁରେ ଓଡ଼ିଶା କାହିଁକି ସମଗ୍ର ଭାରତବର୍ଷ ଜଣେ ମହିୟସୀ ନାରୀନେତ୍ରୀଙ୍କୁ ହରାଇଲା କହିଲେ ଅତ୍ୟୁକ୍ତି ହେବନାହିଁ । ନନ୍ଦିନୀଦେବୀଙ୍କ କର୍ମଭୂମି ଢେଙ୍କାନାଳକୁ ଅଣାଯାଇଥିଲା । ଢେଙ୍କାନାଳବାସୀ ପ୍ରିୟ ନେତ୍ରୀଙ୍କୁ ଅଶ୍ରୁଳ ନୟନରେ ବିଦାୟ ଦେଇଥିଲେ ।

ନନ୍ଦିନୀଦେବୀଙ୍କ ମରଶରୀରରେ ବହୁ ବିଶିଷ୍ଟ ବ୍ୟକ୍ତି ଶୋକ ପ୍ରକାଶ କରିଥିଲେ । ତାଙ୍କର ଶେଷ ଦର୍ଶନରେ ରାଜ୍ୟପାଳ ରାମେଶ୍ୱର ଠାକୁର, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ବିରୋଧିଦଳ ନେତା ଜାନକୀବଲ୍ଲଭ ପଟ୍ଟନାୟକଙ୍କ ସମେତ ବିଭିନ୍ନ ରାଜନୈତିକ ଦଳର ନେତୃମଣ୍ଡଳୀ, ମନ୍ତ୍ରୀ, ସାଂସଦ, ବିଧାୟକଗଣ ତାଙ୍କର ଶେଷ ଦର୍ଶନ କରିଥିଲେ ।

ନନ୍ଦିନୀଦେବୀଙ୍କ ମୃତ୍ୟୁରେ ଶନିବାର ଓଡ଼ିଶା ବିଧାନସଭା ପକ୍ଷରୁ ତାଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ ଗୃହକୁ ଦିନକ ପାଇଁ ମୁଲତବୀ ରଖାଯାଇଥିଲା । ତାଙ୍କ ଶୋକବାର୍ତ୍ତାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଧାନସଭାରେ କହିଥିଲେ ଯେ, ନନ୍ଦିନୀଦେବୀ ଓଡ଼ିଶାର ମୁଖ୍ୟମନ୍ତ୍ରୀ, ଭାରତର କେନ୍ଦ୍ରମନ୍ତ୍ରୀ ଏବଂ ତାଙ୍କର ଜୀବନ ସମ୍ବନ୍ଧରେ ଏକ ବିଶାଳ ଚିତ୍ର ଗୃହରେ ଉପସ୍ଥାପନା କରିଥିଲେ । ଓଡ଼ିଶା ମାଟି ପାଇଁ ତାଙ୍କର ଦାନ ଅପୂରଣୀୟ ଥିଲା । ସେ କେବଳ ଜଣେ ରାଜନୈତିକ ନଥିଲେ ତାଙ୍କ ପରି ଜଣେ ଝିଅ ପାଇ ଏ ମାଟି ଗର୍ବିତ ବୋଲି ସେ କହିଥିଲେ ।

ଏହିପରି ଭାବରେ ନନ୍ଦିନୀ ଶତପଥୀଙ୍କର ରାଜନୈତିକ ଜୀବନ ଥିଲା । ତାହାକୁ ବର୍ଣ୍ଣନା କରିବା ମୋ ପାଇଁ ଧୃଷ୍ଟତା ହେବ ।

## ନନ୍ଦିନୀଙ୍କ ସାରସ୍ୱତ କୃତି :

ସଂସାରରେ କୌଣସି ବ୍ୟକ୍ତି ହୁଅନ୍ତୁ ନା କାହିଁକି, ଯଦି ଜଣେ ଗୋଟିଏ କାର୍ଯ୍ୟ କରିବାକୁ ଦୃଢ଼ ସଂକଳ୍ପ ନେବେ ଓ ମନପ୍ରାଣ ଢାଳି ସେହି କାମଟିରେ ଲାଗିପଡ଼ିବେ, ତେବେ ତାହା ସହଜରେ ହୋଇପାରିବ । ଏହି କଥା ପାଠକଙ୍କୁ କହିଆସୁଥିଲେ ନିଜ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ଅଙ୍ଗେ ନିଭାଇଥିବା ସାହିତ୍ୟ ସାଧିକା ନନ୍ଦିନୀ ଶତପଥୀ । ସେ ଏପରି ଏକ ବ୍ୟକ୍ତିତ୍ୱ ଥିଲେ-ଯେ କି କୌଣସି କାର୍ଯ୍ୟରେ ହାର ମାନିବା କେହି ଦେଖିନାହାନ୍ତି । ଶିକ୍ଷା ହେଉ, ସମାଜସେବା ହେଉ, ରାଜନୀତି ହେଉ ବା ସାହିତ୍ୟ ସାଧନା ହେଉ; ସବୁଥିରେ ହିଁ ନନ୍ଦିନୀଦେବୀ ସଫଳତାର ଶୀର୍ଷରେ ପହଂଚି ପାରିଛନ୍ତି । ଯାହାକି ସମ୍ଭବ ହୋଇପାରିଛନ୍ତି ତାଙ୍କର ନିରବଚ୍ଛିନ୍ନ ସାଧନାର ଫଳ ।

ନନ୍ଦିନୀଦେବୀଙ୍କର ଭାଷାରେ ସାଧନାର ଫଳ ଆପେ ଆପେ ଆସିଥାଏ । ପିଲାଟି ବେଳରୁ ନନ୍ଦିନୀଦେବୀଙ୍କୁ ତାଙ୍କର କକେଇ ଭଗବତୀ ଚରଣ ପାଣିଗ୍ରାହୀ କମ୍ୟୁନିଷ୍ଟମାନଙ୍କ ବହି ଆଣି ଦେଉଥିଲେ ଓ ସେ ତାହାକୁ ବୁଝି ଅନ୍ୟମାନଙ୍କୁ ବୁଝାଉଥିଲେ । କେତେଗୁଡ଼ିଏ ବହିକୁ ମଧ୍ୟ ସେ ନିଜେ ଅନୁବାଦ କରୁଥିଲେ । ନନ୍ଦିନୀଦେବୀଙ୍କ ବାପା ପଦ୍ମଭୂଷଣ କାଳିନ୍ଦୀଚରଣ ପାଣିଗ୍ରାହୀଙ୍କ ପ୍ରଭାବ ନନ୍ଦିନୀଦେବୀଙ୍କ ଉପରେ ପିଲାଟିଦିନରୁ ପଡ଼ିଥିଲା । ବାପା ଲେଖୁଥିବା ସମୟରେ ନନ୍ଦିନୀ ସବୁ ଦେଖୁଥିଲେ ଓ ବାପା ତାଙ୍କୁ କେବେ ଡିକ୍ଟେସନ ଦେଉଥିଲେ ।





ଉର୍ବଶୀକୁ କୋଳରେ ଧରି ଜନି ବସିଥିଲା । ଜନିର କୋଳ ନହେଲେ ଉର୍ବଶୀ ବସିପାରେନା । ଏଇ କି ନଖରା ଦେଖାଉଛ କହ ତ ? ଡାକ୍ତର ଆଗରେ ମଧ୍ୟ ଜନି କୋଳରେ ବସିବ ଉର୍ବଶୀ । ଡାକ୍ତରଙ୍କୁ ଆଦୌ ଭଲ ଲାଗୁନଥିଲା । ଶେଷକୁ କହିଲେ ଏପଟକୁ ଉଠିଆସ । ଉର୍ବଶୀ ଆଡ଼କୁ ଚାହିଁ ଜନିଙ୍କର ସାଙ୍ଗରେ କଥା ହେଉଥିଲେ - ତରୁଣ ଡାକ୍ତର । ପ୍ରଥମେ ଗଳାରେ କିପରି କଷ୍ଟ ହେଉଥିଲା ?

ଜନି କହିଥିଲା - ବୁଝିଲେ ଡାକ୍ତରବାବୁ, ଏ ଝିଅଟା (ଉର୍ବଶୀ) ମୋର ଜୀବନଟାକୁ ଖାଇଦେଲା । ସ୍ତ୍ରୀ ଲୋକ ତ କିଛି ହେଉଥିଲେ କହିବନି । ଏଇକ୍ଷଣି କି ରୂପ ଦେଖୁଛନ୍ତି । ଦେଖିଲେ ମୁଣ୍ଡ ବୁଲେଇଯିବ । ଜନିର ମୁହଁ ବିଷର୍ଣ୍ଣ ହୋଇଗଲା । ଜନି ଫସ୍‌ଫସ୍ ହୋଇ କହିଲା, ହୁସେନ୍ ଡାକ୍ତର ଯାହା କହିଲେ ତାକୁ ଶୁଣି ମୋ ଆଖି ପାଣି ହୋଇଯାଉଛି । ଉର୍ବଶୀ ଗୀତ ଗାଇବ, ନାଚିବ, କଥାବାର୍ତ୍ତା କରିବ, ଅଣ୍ଟା ହଲେଇବ, ହସିବ ଇତ୍ୟାଦି । ମୁଁ ସୁଖର ରାଣୀ ଉର୍ବଶୀ । ଜନି ମୋତେ ବଡ଼ ସୁଖରେ ରଖିଛି ।

ଡାକ୍ତରବାବୁ କହିଲେ -ଗଳାରେ କ୍ୟାନ୍‌ସର ହୋଇଛି ଜନି । ଜନି କାନ୍ଦୁଥିଲା । ଉର୍ବଶୀ ନିର୍ବିକାର ଭାବରେ ବସିଥିଲା । ଡାକ୍ତରଙ୍କର ହଠାତ୍ ଭୟ ହେଲା । କିନ୍ତୁ ଉର୍ବଶୀ ନିର୍ଲିପ୍ତ, ଭୁବନମୋହିନୀ, ଅପରୂପା, ପିନଧବକ୍ଷ, ନାଲିଓଠ, ଚକ୍ଷୁ ସ୍ଥିର ସ୍ଥିର । ଜନି କାନ୍ଦିଛି, ଜନିର ଆକୁଳତା, ଉର୍ବଶୀର ନିର୍ଲିପ୍ତତା ଦେଖି ତରୁଣ ଡାକ୍ତରଙ୍କର ଭିତରଟା ବରଫ ହୋଇଗଲା ।

ଜନି ତୁମକୁ ଅନେକ ଦିନୁ ଜାଣିଛି । ଯାହା ଭଲ ହେବ ସେହି କଥା କହୁଛି । ଦୁହିଁଙ୍କ ମଧ୍ୟରେ ବଚସା ହେବାରୁ ଡାକ୍ତର ଉଠିଆସିଲେ । ଜନି କାନ୍ଧରେ ହାତ ରଖି କହିଦେଲେ ପାଟି କରନି ଜନି, ଧୀରେ କଥା କୁହ ।

ରାମାନ୍ନା ବିଷର୍ଣ୍ଣ ହୋଇଗଲା । କହିଲା - ଉର୍ବଶୀ ଯାଦୁକରୀ, ସଇତାନର ଜିନ୍ । ସେ ଯାହା ପାଖକୁ ଯାଇଛି, ତାକୁ ଖତମ କରିଦେଇଛି । ତୋତେ ବି ଖାଇବ । ପୁଣି କାହାକୁ ଖାଇବ କିଏ ଜାଣେ । ଜନି କହିଲା - ତା ଆଗରୁ ମୁଁ ତାକୁ ଖତମ କରିଦେବି । ରାମାନ୍ନା ଆଉ ଜନି ହସିବାକୁ ଲାଗିଲେ । ହସଦି ହସି ଜନି ଉର୍ବଶୀକୁ ରିକ୍ସାକୁ ଉଠେଇଦେଲା । ଉର୍ବଶୀର ରେଶମୀ କେଶ ପ୍ରତି ସାବଧାନ ରହି ବିଡ଼ି ଧରେଇଲା ।

ସେଇ ଗୋଟେ ମୋର ସନ୍ଦେହ । ଉର୍ବଶୀର ଚେହେରାରେ ସମସ୍ତଙ୍କର ଲୋଭ । ତୁମେ କ'ଣ ପାଗଳ ହୋଇଛ ବାପ ? ପାଗଳ ନଥିଲି ମାଉସୀ । ସେହି ମୋତେ ପାଗଳ କଲା । ମୁଁ ଯେତେବେଳେ ଯୁଆନ୍, ତାକୁ କୋଳରେ ବସେଇ କେତେଆଡ଼େ ବୁଲେଇଛି ।

ଏଇକ୍ଷଣି ଭୀଷ୍ମ ପାପପୂର୍ଣ୍ୟର ତାଲିକା ଦେବ । ବୁଢ଼ାକଥା ଶୁଣିଲେ ଅର୍ଜୁନ ମୁଣ୍ଡକୁ ପିତ୍ତ ଉଠିଯାଏ । ଥିଲା, ମାଟିରେ ପାଣି ଥିଲା । ଦେଢ଼ଶହ ଫୁଟ ଟ୍ୟୁବ୍‌ୱେଲ୍ ବସେଇଲେ ସମସ୍ତେ ପାଣି ପିଉଥିଲେ । କିନ୍ତୁ ମଣ୍ଡଳ ହେରିକା ବଡ଼ ବଡ଼ ଟ୍ୟୁବ୍‌ୱେଲ୍ ବସାଇ ପାଣି ଟାଣି ନେଉଛନ୍ତି ।

ଭୀଷ୍ମ ଚୁପ୍ ହୋଇଯାଏ । ସେ ତୋର ଜମି, ମୋର ଜମି । ସବୁ ଫସଲ ତ ମରୁଡ଼ିରେ ଗଲା । ମାଘ ମାସଠୁଁ ଆକାଶର ଆଖି ଶୁଖିଲା ଚୈତ୍ର୍ୟ, ବୈଶାଖ କାହିଁକି ? ଜ୍ୟେଷ୍ଠରେ ବି ବର୍ଷା ହେଲାନି । ସବୁ ଧୂଳି ହୋଇଗଲା ।

ତା' ପରଦିନ ସକାଳଠାରୁ କିଛି ଖାଇଲା ନାହିଁ ଭୀଷ୍ମ । ଆଗେ କ'ଣ ସବୁ ନିୟମ ମାନୁଥିଲା । ସଂକଳ୍ପ କରି ରହୁଥିଲା । ସବୁକଥା ମନେ ପଡୁନି । ଉପାସ କରି ବସି ବସି ତା' ସ୍ତ୍ରୀ ଭୁରୁକୁଞ୍ଚେଇ ଝାପ୍‌ସା ଆଖିରେ ଭୀଷ୍ମ ଧାନକ୍ଷେତ ଆଡ଼େ ଚାହିଁ ରହିଲା । ଭୀଷ୍ମର ଅସମ୍ଭବ ପିପାସା । ପାଣିର ପିପାସା କିନ୍ତୁ ପାଣି ବି ଭୀଷ୍ମ କମ୍ ପିଇଲା । ଏଇ ମଣିଷର ଲୋଭ ଆଉ ଅନାଚାରର ସବୁ ଗୋପନ ରହସ୍ୟ ସେ, ଭୀଷ୍ମ ଗରାଗୀ ଛଡ଼ା ଆଉ କେହି ଜାଣନ୍ତିନି । ସେଥିପାଇଁ କ'ଣ ତା'ର ଏତେ ପିପାସା ?

ଢକ ଢକ କରି ପାଣି ପିଇଗଲା ଭୀଷ୍ମ । ତା' ଦେହରେ ଏତେ ଶୋଷ ! ଏମିତି ଭାବୁଥାଏ ଆଉ ପାଣି ପିଉଥାଏ । ଯେମିତି ଗଙ୍ଗା ଓହ୍ଲେଇ ଯାଉଛି ଭିତରକୁ ! ଭୀଷ୍ମ ଶୁଣିଛି । କେଉଁଠି ଗୋଟେ ବରଫ ଦେଶରେ ଗଙ୍ଗା ଥାଏ । ସେଇ ଦେଶ ଉପରୁ ନଇ ବୋହି ଚାଲିଛି ।

ସକାଳେ ସେମାନେ ଭୀଷ୍ମକୁ ଧାନକ୍ଷେତରୁ ଉଠାଇ ଆଣିଥିଲେ । ତା' ପରଠାରୁ ଭୀଷ୍ମ ଆଉ ଉଠିପାରୁନାହିଁ । ଶୋଇ ଶୋଇ କେବଳ ଆକାଶକୁ ଦେଖେ ଆଉ ପାଣି ପିଏ । ଆଖିରୁ ବି ତା'ର ପାଣି ନିଗିଡ଼ିପଡ଼େ । ସେମାନଙ୍କର ସମାଜର ମୁଖିଆ, ସବୁଠୁଁ ବୁଢ଼ାଲୋକ ସମସ୍ତଙ୍କର ଜେଜେବାପା ଭୀଷ୍ମ ଧାନକ୍ଷେତରେ ମରିଯାଉଛି । ସମୟର ମରଣ । କାଳର ମୃତ୍ୟୁ । ସମସ୍ତଙ୍କୁ ସାକ୍ଷୀ ରହିବାକୁ ହୁଏ ।

ପାଣି ଦେ ଅର୍ଜୁନ । ଗଙ୍ଗା ଦେ । ଅର୍ଜୁନ ଭୀଷ୍ମ ପାଟିରେ ପାଣି ଦେଲା । ଭୀଷ୍ମ ଆଖି ଖୋଲିଲା । ସବୁଜ ସବୁଜ ଧାନକ୍ଷେତ ।

ଭୀଷ୍ମ ମୁଣ୍ଡ ହଲାଇଲା । ଆଖି ବୁଜିଲା । ଏହି ପିପାସା ପାଣିର ନୁହେଁ, ଧାନର । ସେହି କଥାଟି ଭୀଷ୍ମ ଅର୍ଜୁନକୁ କହିନପାରି ଆଖି ବୁଜିଦେଲା ।

**(୧୧) ଉର୍ବଶୀ ଓ ଜନି :**





ସାଂସ୍କୃତିକ ସାହିତ୍ୟିକ ପରିବାର ଦାୟାଦ ହୋଇଥିବାରୁ ବାପା ଓ ଦାଦାଙ୍କ ପ୍ରଭାବ ନନ୍ଦିନୀଙ୍କ ଉପରେ ପିଲାଟି ବେଳରୁ ପଡ଼ିଥିଲା । ନନ୍ଦିନୀ ପିଲାଟି ବେଳରୁ କଟକସ୍ଥ ପ୍ରାକ୍ଟିସିଂ ଇଂରାଜୀ ମିଡିଲ୍ ସ୍କୁଲରେ ପଢୁଥିଲେ । ତାଙ୍କର ସ୍କୁଲ ନିକଟରେ ଟ୍ରେନିଂ ସ୍କୁଲ ଥାଏ । ସେହି ଟ୍ରେନିଂ ସ୍କୁଲରୁ ଏକ ମାଗାଜିନ୍ ପ୍ରକାଶିତ ହେଉଥାଏ । ସେତିକିବେଳେ ନନ୍ଦିନୀଦେବୀଙ୍କ ପ୍ରଥମ ସୃଜନର ସ୍ୱାକ୍ଷର ପ୍ରଥମ ଗଳ୍ପ 'ଅନାଥ' ଉକ୍ତ ସ୍କୁଲରେ ପ୍ରକାଶିତ 'ମାଗାଜିନ'ରେ ପ୍ରକାଶିତ ହୋଇଥିଲା । ବାପା-ମା ଛେଉଣ୍ଡ ଏକ ଛୋଟ ପିଲାଟିର କଥା ଏହି 'ଅନାଥ' ଗଳ୍ପରେ ନନ୍ଦିନୀ ଉପସ୍ଥାପନା କରିଥିଲେ । ଏଠାରୁ ପିଲାଟି ଦିନରୁ ନନ୍ଦିନୀଦେବୀଙ୍କର ସାହିତ୍ୟିକ ପ୍ରତିଭାର ପରିଚୟ ମିଳିପାରିଥିଲା ।

ଭାଗ୍ୟଦେବୀଙ୍କର ପ୍ରସନ୍ନରେ ନନ୍ଦିନୀ ଶତପଥୀ ନିଜ ଜୀବନରେ ରାଜ୍ୟସଭା ସଦସ୍ୟ, କେନ୍ଦ୍ରମନ୍ତ୍ରୀ, ଓଡ଼ିଶାର ମୁଖ୍ୟମନ୍ତ୍ରୀ, ଓଡ଼ିଶା ରାଜ୍ୟ ଯୋଜନାବୋର୍ଡ ଅଧକ୍ଷା, ଅଖିଳ ଭାରତୀୟ କଂଗ୍ରେସ କାର୍ଯ୍ୟକାରିଣୀ ସଭ୍ୟା, ଅଖିଳ ଭାରତୀୟ ମହିଳା କଂଗ୍ରେସ ସଭାନେତ୍ରୀ, ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାନେତ୍ରୀ ପଦବୀରେ ଥାଇ ମଧ୍ୟ ସେ ସାହିତ୍ୟ ସାଧନାକୁ କଦାପି ଭୁଲି ପାରିନଥିଲେ । ସମସ୍ତ ପଦବୀର ସଠିକ୍ କାର୍ଯ୍ୟ କରି ନନ୍ଦିନୀଦେବୀ ସାହିତ୍ୟ ସାଧନା ପାଇଁ ସମୟ ଦେଉଥିଲେ । ଲୋକମାନଙ୍କର ସମସ୍ୟା ବୁଝିବା, ଦରଖାସ୍ତ କରିବା, ଏହି କାମରେ ସାରା ଦିନରେ ବ୍ୟସ୍ତ ରହି ମଧ୍ୟ ନନ୍ଦିନୀଙ୍କର ସାହିତ୍ୟ ପାଇଁ ରାତ୍ର ସମୟରେ ଡିକ୍ଟେସନ ଦେଇଥାଆନ୍ତି ।

ନନ୍ଦିନୀଙ୍କ ଭାଷାରେ ଯେଉଁମାନେ କ'ଣଟେ ହେବାପାଇଁ, କି ପୁରସ୍କାରଟିଏ ପାଇବା ପାଇଁ ମନରେ ଧାରଣା ପୋଷଣା କରି କଲମ ଧରିଥାନ୍ତି, ସେମାନଙ୍କ କ୍ଷେତ୍ରରେ ଭିନ୍ନ କଥା । ବାସ୍ତବରେ ଏହା କେତେବଡ଼ ନିଷ୍ଠୁର କଥାଟିଏ ! ବର୍ତ୍ତମାନ କେତେକ ନୂଆ ନୂଆ ସାହିତ୍ୟିକ ବାହାରିଲେଣି । କେବଳ ନାମ ଦେଖି ସେମାନଙ୍କର ଲେଖାକୁ ସ୍ୱୀକୃତି ମିଳୁଅଛି । ଅବଶ୍ୟ ଏହି ଶ୍ରେଣୀଭୁକ୍ତ ସାହିତ୍ୟିକ ମଧ୍ୟରେ ଖୋଜିବାକୁ ପଡ଼ିଥାଏ । ଜଣେ ସଚ୍ଚା ସାହିତ୍ୟିକ ଏସବୁ ଉର୍ଦ୍ଧ୍ୱରେ ରହି ନିଜର କର୍ତ୍ତବ୍ୟ ସମ୍ପାଦନା କରିବା ବିନା ଅନ୍ୟ କିଛି ଭାବନ୍ତି ନାହିଁ ।

ନନ୍ଦିନୀଦେବୀ ସଦାସର୍ବଦା କହିଥାନ୍ତି - କୌଣସି ମହତ୍ୱ କାର୍ଯ୍ୟ ପାଇଁ ବିବେକର ଅନୁମୋଦନ ସତ୍ତ୍ୱେ ହୃଦୟ ଭିତରୁ ଯେଉଁ ଆହ୍ୱାନ ଆସିଥାଏ, ଆଉ ସେହି ଆହ୍ୱାନକୁ ବାସ୍ତବରେ ଉପଭୋଗ କରିବା ପାଇଁ ମନରେ ଯଦି ନିଷ୍ଠା ଥାଏ, ତେବେ ଏଥିପାଇଁ ସମୟ ଆପେ ଆପେ ଧରାଦେବ । ସେଥିପାଇଁ ଗୋଟିଏ ନିର୍ଦ୍ଦିଷ୍ଟ ସମୟକୁ ଖୋଜିବା ଦରକାର ପଡ଼େନାହିଁ ।

ସବୁଜ ଯୁଗର ମହାନାୟକ ତଥା 'ମାଟିର ମଣିଷ' ଉପନ୍ୟାସର କାଳଜୟୀ ସ୍ରଷ୍ଟା, ରଚୟିତା ପଦ୍ମଭୂଷଣ କାଳିନ୍ଦୀଚରଣ ପାଣିଗ୍ରାହୀଙ୍କ ସୁଯୋଗ୍ୟା କନ୍ୟାରତ୍ନା - ନନ୍ଦିନୀ ଶତପଥୀ ଯେଉଁ ସାରସ୍ୱତ

ସାହିତ୍ୟ ସୃଷ୍ଟି କରିଛନ୍ତି-ସେଥିରେ ଅଛି ଅନାଥ ଆତୁରଙ୍କ କାହାଣୀ, ଏକ ସାମାଜିକ ଦାୟିତ୍ୱବୋଧତା । ତାଙ୍କର ସାହିତ୍ୟରେ ଅନେକ ଭାବରେ କର୍ତବ୍ୟର ଛାପ ହିଁ ପ୍ରସ୍ଫୁଟିତ ହୋଇପାରିଅଛି । ନିଜର ଜୀବଦଶାରେ ସାହିତ୍ୟ ପାଇଁ କେବେ ପୁରସ୍କାର ପାଇବା ପାଇଁ ନନ୍ଦିନୀଦେବୀ ଚିନ୍ତା କରିନଥିଲେ । ଅମୃତାପ୍ରୀତମ୍‌ଙ୍କ 'ରେଭିନ୍ୟୁ ଟିକେଟ୍'କୁ ଓଡ଼ିଆରେ ସେ ଅନୁବାଦ କରି କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇଛନ୍ତି । ତଥାପି ସେ ଏହି ପୁରସ୍କାର ପାଇଁ ଗର୍ବ ଅନୁଭବ କରିନଥାନ୍ତି । ୧୯୯୪ ମସିହାରେ ତାଙ୍କ ଦ୍ୱାରା ଅନୁବାଦିତ ତସଲିମା ନାସରିନ୍‌ଙ୍କର 'ଲଜ୍ଜା' ବହିର ବିକ୍ରୟ ତଥା ଲୋକପ୍ରିୟତା ନନ୍ଦିନୀଦେବୀଙ୍କୁ ଏତେ ଆଗକୁ ନେଇଯାଇଥିଲା ଯେ, ଏହା ପୂର୍ବରୁ କୌଣସି ଟ୍ରାନ୍ସଲେସନ୍ ପୁସ୍ତକ ଏପରି ଲୋକପ୍ରିୟତା ଅର୍ଜନ କରିପାରିନଥିଲା । ବର୍ତମାନ ଏହାର ୧୮ତମ ସଂସ୍କରଣ ବିକ୍ରି କରାଯାଉଅଛି । ଏତଦ୍‌ବ୍ୟତୀତ କୃଷ୍ଣାକୃପାଳିନୀଙ୍କର 'ଗାନ୍ଧି କଥାମୃତ'କୁ ନନ୍ଦିନୀଦେବୀ ଓଡ଼ିଆରେ ଅନୁବାଦ କରିଥିଲେ । ଉକ୍ତ ବହିଟି କେନ୍ଦ୍ର ସାହିତ୍ୟ ଏକାଡେମୀ ଦ୍ୱାରା ପ୍ରକାଶିତ ହୋଇଥିଲା । ସାହିତ୍ୟ ଜଗତରେ ଏଥିପାଇଁ ନନ୍ଦିନୀ ନିଜକୁ ଜଣେ ସୁସାହିତ୍ୟିକା ଭାବରେ ପ୍ରତିଷ୍ଠିତ କରିପାରିଛନ୍ତି କହିଲେ ଅତ୍ୟୁକ୍ତି ହେବନାହିଁ ।

ନନ୍ଦିନୀ ଶତପଥୀ ଆଜି ଯେଉଁ ପର୍ଯ୍ୟନ୍ତ ଆସିପାରିଛନ୍ତି, ତାହା କେବଳ ସମ୍ଭବ ହୋଇପାରିଅଛି ତାଙ୍କର ଦୃଢ଼ ଇଚ୍ଛାଶକ୍ତି ବା ସାଧନା ଯୋଗୁଁ । ସମାଜସେବା, ବିପ୍ଳବ, ରାଜନୀତି ମଧ୍ୟରେ ମଧ୍ୟ ନନ୍ଦିନୀଦେବୀ ଘା[ହୋଇ ସାହିତ୍ୟକୁ ଛାଡ଼ିପାରିନାହାନ୍ତି । ୧୯୬୭ ମସିହାରେ ତାଙ୍କ ପ୍ରଥମ ଗଳ୍ପ ସଂକଳନ 'କେତୋଟି କଥା' ପ୍ରକାଶିତ ହୋଇଥିଲା । ଏହି ସଂକଳନରେ ଥିବା ଗଳ୍ପଗୁଡ଼ିକ ଏତେ ଆଦୃତ ହେଲା ଯେ, ଭାରତର ବିଭିନ୍ନ ଆଞ୍ଚଳିକ ଭାଷାରେ ଯଥା-ବଙ୍ଗଳା, ତେଲୁଗୁ, ତାମିଲ, ମାଲାୟଲମ, କନ୍ନଡ଼, ସର୍ବୋପରି ଇଂରାଜୀ ଭାଷାରେ ଏହାର ଅନୁବାଦ ପ୍ରକାଶିତ ହୋଇଥିଲା । ଏବଂ ସେହି ଭାଷାଭାଷୀମାନଙ୍କ ତଥା ପାଠକପାଠିକାମାନଙ୍କ ମଧ୍ୟରେ ବେଶ୍ ଆଦୃତ ହୋଇପାରିଥିଲା । ତାପରେ ନନ୍ଦିନୀଦେବୀ ଜାତିର ଜନକ ମହାତ୍ମାଗାନ୍ଧୀଙ୍କ ଆତ୍ମଜୀବନୀ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ଲେଖିକା କୃଷ୍ଣାକୃପାଳିନୀଙ୍କର 'ଅଲ ମେନ୍ ଆର୍ ବ୍ରଦର୍ସ'ର ଓଡ଼ିଆ ଅନୁବାଦ 'ଗାନ୍ଧୀ କଥାମୃତ' ପୁସ୍ତକକୁ ୧୯୭୦ ମସିହାରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପ୍ରକାଶିତ କରିଥିଲା । ପରେ ନନ୍ଦିନୀଦେବୀଙ୍କର ଦ୍ୱିତୀୟ ଗଳ୍ପ ସଂକଳନ 'ସପ୍ତଦଶୀ' ପ୍ରକାଶିତ ହୋଇଥିଲା । ବିଶିଷ୍ଟ ସାହିତ୍ୟିକା 'ଅମୃତପୀତମ୍'ଙ୍କ 'ରେଭିନ୍ୟୁ ଟିକେଟ'କୁ ନନ୍ଦିନୀଦେବୀ ଓଡ଼ିଆରେ ଅନୁବାଦ କରିଥିଲେ । ଯାହାକି କେନ୍ଦ୍ର ସାହିତ୍ୟ ଏକାଡେମୀ ଦ୍ୱାରା ୧୯୯୪ ଡିସେମ୍ବର ୨୪ ତାରିଖରେ ପୁରସ୍କାର ପାଇଥିଲେ । ଏତଦ୍‌ବାଦ ପ୍ରଖ୍ୟାତ ବଙ୍ଗଳା ଲେଖିକା ମହାଶ୍ୱେତାଦେବୀଙ୍କ ନିର୍ବାଚିତ ଗଳ୍ପରୁ କୋଡ଼ିଏ ଗୋଟି ଗଳ୍ପକୁ ଓଡ଼ିଆରେ ଅନୁବାଦ କରିଥିଲେ । ଏତଦ୍‌ବାଦ ନନ୍ଦିନୀଦେବୀ ତସଲିମା ନାସରିନ୍‌ଙ୍କ 'ଲଜ୍ଜା'କୁ





ସେ ଶୁଣିଥିଲା ଯେ, ପିଲାଟାକୁ ଡାକ୍ତରଖାନାକୁ ପଠାଇବେ । ତେବେ ବି କୁସୁମର ସାହସ ହେଉନଥିଲା ।

ଏଥର ଜଳଛତ୍ର ହେଉଛି ଆଷାଢ଼ ମାସରେ । ପ୍ରତିବର୍ଷ କୁସୁମ ଜଳଛତ୍ର ଦିଏ । ପାପ ଜୀବନ । ନହେଲେ ସମସ୍ତେ ଅନ୍ଧାରରେ ବାଲି ରାମ୍ପୁଡ଼ନ୍ତି କିନ୍ତୁ କୁସୁମର ଅଗଣାରେ ଏଡ଼େ ଭଲ କୂଅ ହୋଇଛି କେମିତି ?

ଏଇକ୍ଷଣି କୁସୁମର କ'ଣ ହେଲା କେଜାଣି ସେ କାନ୍ଦିବାକୁ ଲାଗିଲା । ଆଷାଢ଼ର ଖରାରେ ଚାରିଆଡ଼େ ଧୂଆଁଳିଆ । ନାଲିମାଟି ଆଉ ଧୂମାଭ ଆକାଶ ।

ଜଳଛତ୍ରରେ ପୁଲିସ୍‌କୁ ପାଣି ଦେଉ ଦେଉ ବେଶ୍ୟା କାନ୍ଦୁଛି । ଏମିତି ଦୃଶ୍ୟ କିଏ କେବେ ଦେଖିଛି ?

**(୧୦) ଭୀଷ୍ମଙ୍କ ପିପାସା :**

ମାଘ ମାସ ଶେଷରେ ବର୍ଷା ହେଲେ ଫସଲ ଭଲ ହୁଏ । କିନ୍ତୁ ଏ ବର୍ଷ ମାଘ ଶେଷବେଳକୁ ଆକାଶରେ ମେଘ ନଥିଲା । ତଥାପି ଭୀଷ୍ମ ଗରାନି ପିତ୍ତଳ ମାଠିଆରେ ପାରି ନେଇ କ୍ଷେତରେ ଯାଇ ବସିଥାଏ । ବସି ବସି ସେ ଆକାଶ ଆଡ଼କୁ ଚାହିଁ ପୁଣି ବିଲକୁ ଥରେ ଦେଖିଦେଉଥାଏ । ରବି ନାହିଁ, ବିଲରେ ରବି ନାହିଁ, ହରଡ଼ ଗଛ ସବୁ ସୁଖି ଆସିଲାଣି । ଭିକାରି ପିଲା ଭଳିଆ ଡରରେ ମୁଣ୍ଡ ହଲାଉଛି ।

ସେମାନେ ପାଣି ମାଗୁଛନ୍ତି – ଅର୍ଜୁନ । ବୁଝିଲୁ ଭାଇ, ସେମାନେ ପାଣି ମାଗି ମାଗି ମୁଣ୍ଡ ହଲାଉଛନ୍ତି । ଏହା କହି ଭୀଷ୍ମ ଢକ ଢକ ହୋଇ ବହୁତ ପାଣି ପିଇଗଲା । ଭୀଷ୍ମର ଭାରି ଶୋଷ । ତାକୁ ପାଣି ଦେଇ ଦେଇ ଅର୍ଜୁନ ବିରକ୍ତ ହୋଇଯାଏ । ଭୀଷ୍ମ ଗରାନି ଯେତେବେଳେ ଯୁବକ ଥିଲା, ସେତେବେଳେ ସେମାନେ ପାଣିକୁ ଡାକୁଥିଲେ । ଘରଦ୍ୱାରା ଛାଡ଼ିଦେଇ ସେତେବେଳେ ସେ ଦାଓଆଲାର ଝିଅ ପରାଣବାଳାର ପ୍ରେମରେ ଉନ୍ମତ । ଦାଓଆଲା ହେରିକା ବହୁତ ଦିନରୁ କ୍ଷେତ ମଜୁରିଆ । ସେମାନେ ଗୃହସ୍ଥମାନଙ୍କର କି ଜମିଦାରଙ୍କ ଠାରୁ ଜମି ନିଅନ୍ତିନି ।

ଏଇ ଜାଗାରେ ନଈ ନାହିଁ । କେନାଲ ନାହିଁ । କେବଳ ଭରସା ଟ୍ୟୁବ୍‌ୱେଲ ଉପରେ । ଏଥରକ ଟ୍ୟୁବ୍‌ୱେଲ ଭିତରୁ ବି ପାଣି ବାହାରୁନାହିଁ । ସତେଯେପରି ମାଟି ତଳର ସବୁ ପାଣି ଶୁଖି ଯାଉଛି । ଭୀଷ୍ମ କହେ ମାଟିତଳେ ଗଙ୍ଗା ବୋହୁଛି ବୋଲି ଜାଣିଛୁ ତ ଅର୍ଜୁନ ! ବହେ ଯଦି ତା'ହେଲେ ପାଣି କୁଆଡ଼େ ଗଲା । ଏଇକ୍ଷଣି ଆଉ ବହୁନାହିଁ । କାହିଁକି ବହୁନାହିଁ ବୋଲି ପଚାରିଲେ

ଏଇ ମାଇକିନା ହାତରେ ପାଣି ପିଇ ମରିବା କିଆଁ ? ମାଠିଆ ଧରି ଜମେଇକି ବସିଲେ ମାଇକିନା କ'ଣ ବ୍ରାହ୍ମଣୀ ହୋଇଯିବ ? କୁସୁମ କିଛି କହେନାହିଁ । ସମସ୍ତଙ୍କୁ ଆଖି ଉଠାଇ ଚାହେଁ ପୁଣି ଶିହରୀ ଉଠି ଆଖି ନୁଆଁଇ ଦିଏ । ଲୋକ କହୁଥିଲେ - ଟୋକାଟାକୁ ତ ମନ୍ତର କରିଛୁ । କେତେଟଙ୍କା ମାରିନେଲୁଣି । ସେ କଥାରେ କୁସୁମ କିଛି ଜବାବ ଦେଇନି । ବାରାହାଟାକୁ ଜାଲରେ ଘେରେଇଆଣି ତାର ଚାରିଗୋଡ଼କୁ କାଳି ସିକଦାର ବାନ୍ଧି ପକାଏ । ତା'ପରେ ବାଉଁଶ ବାନ୍ଧି ଝୁଲେଇ ନିଆଁ ଲଗାଇ ସିଝାଇଥାଏ । ଏହାଦ୍ୱାରା ସେହି ମାଂସ ଖାଇବାକୁ ଆନନ୍ଦ ଲାଗେ ।

କୁସୁମ କେବେ ବି ନା କହେନି । ସେମାନଙ୍କର ଦେହରେ ରକ୍ତ ମାଂସ ଚର୍ବିର ଗନ୍ଧ ଥାଏ । କିନ୍ତୁ ସେମାନେ ପଇସା ଦିଅନ୍ତି ନାହିଁ । ସେତେବେଳେ କୁସୁମର ବିଧାତା ଥିଲା ସେହି ପିଲାଟା, ଯିଏ କୁସୁମର ମଇଳାକୁ ମଧ୍ୟ ସଫା କରିବା ପାଇଁ ପଛାଏନି ।

ରାତିସାରା ଟୋପା ଟୋପା ପାଣି ଝରି ଚୁଆରେ ଜମେ । ବଡ଼ିସକାଳୁ ସ୍ତ୍ରୀ ଲୋକମାନେ ସେହି ପାଣି ନେଇଯାଆନ୍ତି । ଟିକିଏ ବେଳ ଗଡ଼ିଗଲେ ଆଉ ପାଣି ମିଳେନି । ଖରା ତାତିରେ ପାଣି ଶୁଖିଯାଏ ।

ଏଇକ୍ଷଣି ତ କୁସୁମ ସେହିସବୁ କଥା ମନେ ହେଉଛି । ମନେ ହେଉଛି - କୁସୁମ ନିଜେ ବୋଧହୁଏ ସେହି ମାଟି ଭଳି ହୋଇଯାଇଛି - ରୁକ୍ଷ, ତୃଷାର୍ତ୍ତ, କ୍ଷୁଧାର୍ତ୍ତ ।

କୁସୁମର କାହିଁକି ମନେହୁଏ ଯେ, ପିଲାଦିନ ଭଳି ସେ ଖାଲି ବାଲି ରାମ୍ପୁଡୁଛି ଆଉ ରାମ୍ପୁଡୁଛି । ସମସ୍ତେ ପାଣି ନେଇ ଯାଆନ୍ତି ଆଉ କୁସୁମ ଠିଆ ହୋଇଥାଏ ଏକୁଟିଆ, ଏକୁଟିଆ । ହାତରେ ଧରିଛି ଡାଲଟିଏ, ତା' ଚୁଆରୁ କେବେ ବି ପାଣି ବାହାରୁନି । ସେଥିପାଇଁ କୁସୁମ ବୈଶାଖ କି ଜ୍ୟେଷ୍ଠରେ ନୁହେଁ, ଆଷାଢ଼ର ମେଘଭରା ଆକାଶ ତଳେ ଜଳଛତ୍ର ଦେଲା । କେହି ଯିବେନି, ପାଣି ପିଇବେନି - ସିକନ୍ଦର କହିଲା ।

କୁସୁମ ଆବାକ ହୋଇ ଦେଖୁଥିଲା କାଳି ସିକଦାର ଘରେ କେତେ ଭଲ ଗଭୀର ନଳକୂଅ । ସରକାର ଚାଷୀମାନଙ୍କ ପାଇଁ ଏଇସବୁ ନଳକୂଅ ଦିଏ । କାଳି ସିକଦାର ଜରିଆରେ ଏଗୁଡ଼ିକ ଦିଆଯାଏ । ସେଥିପାଇଁ କାଳି ସିକଦାର ଘରେ ଗୋଟିଏ ନଳକୂଅ, ତା' ଜ୍ୱାଇଁ ଘରେ ବି ଗୋଟିଏ । ଏଇ ନଳକୂଅ ମାଟି ତଳେ ହଜାର ଫୁଟ ଯାଏ । ଯାଇ ପାଣି ଉଠାଏ । କୁସୁମ ଦେଖୁଥିଲା - ଦୁଇଟା ବାମ୍ଫି ଓ ଗୋଟିଏ ନଳକୂପ ।

ଯେତେବେଳେ କୁସୁମ ହାଟକୁ ଯାଉଥିଲା, କି ସକଦାର ଘରକୁ ଯାଉଥିଲା, ସେତେବେଳେ





ଓଡ଼ିଆରେ ଅନୁବାଦ କରି ସମଗ୍ର ଭାରତବର୍ଷର ସାହିତ୍ୟ ଜଗତରେ ବିଶେଷ ଆଲୋଡ଼ନ ସୃଷ୍ଟି କରିଥିଲେ । ଏତଦ୍‌ବାଦ ନନ୍ଦିନୀଦେବୀ ନିଜର କବିତା ସଂକଳନ 'ଉତର ପୁରୁଷ' ମଧ୍ୟ ରଚନା କରି ଓଡ଼ିଶାର କବିମାନଙ୍କ ହୃଦୟରେ ଗଭୀର ରେଖାପାତ କରିପାରିଛନ୍ତି । ସର୍ବୋପରି ଓଡ଼ିଆ ସାହିତ୍ୟକୁ ନନ୍ଦିନୀ ଶତପଥୀଙ୍କ ଅବଦାନ ଅତୁଳନୀୟ । ତାଙ୍କ ଦ୍ୱାରା ରଚିତ ସାହିତ୍ୟ କୃତି ନିମ୍ନରେ ଏକ ସାରଣୀ ପ୍ରଦାନ କରି ଉକ୍ତ ସାରସ୍ୱତ କୃତିକୁ ବିଶଦ୍ ଭାବରେ ଆଲୋଚନା କରାଗଲା—




## <u>ନନ୍ଦିନୀ ଶତପଥୀଙ୍କ ସାରସ୍ୱତ କୃତି</u>

**ଗଳ୍ପ ସଂକଳନ : "କେତୋଟି କଥା"**

ଜଣେ ନିଛକ ସାରସ୍ୱତ ସମ୍ପନ୍ନ ପରିବାରରେ ନନ୍ଦିନୀ ଶତପଥୀଙ୍କ ଜନ୍ମ ହୋଇଥିବାରୁ ବିଶେଷତଃ - ବାପା ତଥା 'ମାଟିର ମଣିଷ' କାଳଜୟୀ ଉପନ୍ୟାସର ରଚୟିତା, ସାମ୍ୟବାଦୀ ଚିନ୍ତାଧାରାର ପ୍ରତୀକ ପଦ୍ମଭୂଷଣ କାଳିନ୍ଦୀ ଚରଣ ପାଣିଗ୍ରାହୀ ଏବଂ ଦାଦା କମ୍ରେଡ୍ ତଥା 'ଶିକାରୀ' ଗଳ୍ପର ଗାଳ୍ପିକ ଭଗବତୀଚରଣ ପାଣିଗ୍ରାହୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ନନ୍ଦିନୀଦେବୀ ପିଲାଟିଦିନରୁ ସାହିତ୍ୟରେ ମନୋନିବେଶ କରିଥିଲେ କହିଲେ ଅତ୍ୟୁକ୍ତି ହେବନାହିଁ ।

ନନ୍ଦିନୀଦେବୀ ଯେତେବେଳେ କଟକରେ ରହି ବିଦ୍ୟାଳୟରେ ପାଠ ପଢୁଥିଲେ ନିଟକସ୍ଥ ଏକ ସ୍କୁଲର ମାଗାଜିନ୍‌ରେ ତାଙ୍କର ପ୍ରଥମ ଗଳ୍ପ 'ଅନାଥ' ପ୍ରକାଶ ପାଇଥିଲା । ନନ୍ଦିନୀ ସେତେବେଳେ ସପ୍ତମ ଶ୍ରେଣୀରେ ପାଠ ପଢୁଥିଲେ । ସେହିଦିନଠାରୁ ସେ ଆଉ ପଛକୁ ନଫେରି ସାହିତ୍ୟ ରଚନାରେ

ନିଜକୁ ଉତ୍ସର୍ଗୀକୃତ କରିଥିଲେ ।

ନନ୍ଦିନୀ ଶତପଥୀଙ୍କର ଗଳ୍ପ ସଂକଳନର ପ୍ରଥମ ଗଳ୍ପ 'କେତୋଟି କଥା' ପ୍ରକାଶ ପାଇଥିଲା ୧୯୬୭ ମସିହାରେ । ଏଥିରେ ତାଙ୍କର ବାଇଶଗୋଟି ଗଳ୍ପ ରଚନା ପ୍ରକାଶ ପାଇଥିଲା । ପାଠକ ଓ ପାଠିକାଙ୍କ ମନରେ ଏହା ଏତେ ସୁଦୂରପ୍ରସାରୀ ହୋଇଥିଲା ଯେ, ଏହି କେତୋଟି କଥାର ଗଳ୍ପଗୁଡ଼ିକ ଭାରତୀୟ ଅନ୍ୟ ଆଂଚଳିକ ଭାଷା ଯଥା- ବଙ୍ଗଳା, ତେଲୁଗୁ, ତାମିଲ, ମାଲାୟଲମ୍, କନ୍ନଡ଼, ସର୍ବୋପରି ଇଂରାଜୀ ଭାଷାରେ ଏହର ଅନୁବାଦ ପ୍ରକାଶିତ ହେଲା । ଯାହାକି ନନ୍ଦିନୀଦେବୀ ନିଜେ ବହୁତ ଖୁସି ହୋଇଥିଲେ ।

ନନ୍ଦିନୀ ଶତପଥୀଙ୍କ ପ୍ରଥମ ଗଳ୍ପ ସଂକଳନ 'କେତୋଟି କଥା'ରେ ବାଇଶଗୋଟି ଗପକୁ ସଂଲଗ୍ନ କରିଛନ୍ତି । ଏହି ଗଳ୍ପଗୁଡ଼ିକ ତାଙ୍କର ନିଜସ୍ୱ ସୃଷ୍ଟିଧର୍ମୀ ଗଳ୍ପ । ଯାହାକି ଓଡ଼ିଶାର ପାଠକ, ପାଠିକାଙ୍କର ହୃଦୟରେ ଗଭୀର ରେଖାପାତ କରିଅଛି । ସେହି ବାଇଶିଗୋଟି ଗଳ୍ପର ସାରସଂକଳ୍ପ ଏଠାରେ ପ୍ରତିପାଦନ କରିବାକୁ ମୁଁ ସାମାନ୍ୟ ଚେଷ୍ଟା କରିଅଛି ।

**(୧) 'ତ୍ରିଭୁଜ' :**

ନନ୍ଦିନୀ ଶତପଥୀ ତାଙ୍କର ସ୍ୱରଚିତ ତ୍ରିଭୁଜ ଗଳ୍ପରେ ନିଜର ପରାକାଷ୍ଠା ପ୍ରଦର୍ଶନ କରିଅଛନ୍ତି । ଏହି ରଚନା ତାଙ୍କୁ ଗାଳ୍ପିକ ସାହିତ୍ୟ ମଧ୍ୟରେ ଚିରକାଳ ସ୍ମରଣ କରି ରଖିବରେ ସହାୟକ ହୋଇଛି କହିଲେ ଅତ୍ୟୁକ୍ତି ହେବନାହିଁ ।

"ଧୀରେ ଧୀରେ ବଳିତା ଲିଭି ଆସୁଛି, ତାହାରି ଆଡ଼େ ଏକ ଲୟରେ ଚାହିଁରହି କେଉଁ ଅଦୃଶ୍ୟ ଦେବତାଙ୍କ ଉଦ୍ଦେଶ୍ୟରେ ପ୍ରାର୍ଥନା ଜଣାଉଛି ରମା - ତାଙ୍କର ମଙ୍ଗଳ ହେଉ ପ୍ରଭୁ । ସର୍ବକୁଶଳରେ ସେ ଫେରିଆସନ୍ତୁ ଘରକୁ । ଦେବତାର କାନରେ ସେ ମିନତୀ ପହଂଚିଲା କି ନାହିଁ, କିନ୍ତୁ ମଣିଷ କାନରେ ସେ ମିନତୀ ବାଜିଲା ନିଶ୍ଚିତ । ଠିକ୍ ସେତିକିବେଳେ ଗୋଟିଏ ମଧୁର କୋମଳ ସ୍ୱର ଶୁଣାଯାଇଥିଲା-ମଦନଭାଇ, କାଲି ଏଠାରେ ଆସି ପହଂଚିବେ ନୂଆବୋହୂ । ରମା, ଚମକି ପଡ଼ି ଦେଖିଲା, ପାଖ ପିଣ୍ଡାରେ ଠିଆହୋଇଛି ତାହାର ଲେଖାଯୋଖା ଦିଅର ବିନୋଦ । ସେଠାରେ ବିନୋଦ କହିଲା-ମଦନଭାଇ ଚିଠି ଦେଇଛି, କାଲି ଏଠାରେ ଆସି ପହଂଚିବ ।

ଠିକ୍ ଆଜକୁ ଛଅବର୍ଷ ପୂର୍ବେ ଏ ଘରେ ନବବଧୂ ରୂପରେ ପାଦ ଦେଇଥିଲା ରମା । ସେହି ସୁନ୍ଦର ମଧ୍ୟାହ୍ନ ତା'ର ଆଗମନିରେ ମୁଖରିତ ହୋଇଉଠିଥିଲା ନୀରବର ତାଳେତାଳେ । ବୃଦ୍ଧା ଶାଶୁ ଆଉ ସ୍ୱାମୀଙ୍କର ସ୍ନେହ ଆଦରର ପ୍ରାଚୁର୍ଯ୍ୟ ଭିତରେ ରମା ଅତି ଅଳ୍ପଦିନ ମଧ୍ୟରେ ଭୁଲି





କଥା । ତା' ପରେ ମନେପଡ଼େ ଯେଉଁ ରାତିରେ ଝଡ଼ ହୋଇଥିଲା । ବହୁତ ଦିନ ପରେ ସେଦିନ ରାତିରେ ସେ ପେଟ ପୁରାଇ ଖାଇଥିଲା ।

ଉଚ୍ଛବ ପୁଣି କାଠ ହାଣିବାକୁ ଲାଗିଲା । ପ୍ରତି କାଠ ଦେଢ଼ହାତ ଲମ୍ବା ହେବ । ଧାରୁଆ କଟୁରୀଟାକୁ ସେ ଉଠାଉଛି ଆଉ ପକାଉଛି । ଫୁଟନ୍ତା ଭାତର ବାସ୍ନା ତାକୁ ବଡ଼ ଉଚ୍ଚାଟ କରୁଛି । ଇଆଡ଼େ, ସିଆଡ଼େ ଚାହିଁ ବାସିନୀ ଝୁଡ଼ିଏ ଶାଗ ଧୋଇବାକୁ ଅଗଣାକୁ ଆସିଲା । ଚଟକରି ତାର ହାତରେ ଠୁଙ୍ଗାଟିଏ ଦେଇ କହିଲା, ଛତୁ ଖାଇଦେଇ ଦାଣ୍ଡପଟରେ କଳରୁ ପାଣି ପିଇଦେଇ ଆସ । ମୋଟେ ଡେରି କରିବୁନି ।

ଏସବୁ କଥା ଶୁଣି ଉଚ୍ଛବ ଛାତିରେ ଦମ୍ଭ ଆସିଲା । ଭାତ ଖାଇ ସେ ଭାତ । ଆଗ ଭାତ ଖାଇବ । ଜିଭରେ ସୁଆଦ ବାରିବ । ଆସିବାବେଳେ ଗାଁରେ ଜ୍ଞାତି କୁଟୁମ୍ବ କହିଥିଲେ -କଲିକତା ଯଦି ଯାଉଛ ତେବେ ସେମାନଙ୍କର ଶ୍ରାଦ୍ଧ କାଳୀଘାଟରେ ସାରିଦେବ । ସେମାନେ ଅପଘାତରେ ଯାଇଛନ୍ତି । ହଁ ଉଚ୍ଛବ ସେ କଥା ବି କରିବ । ମହାନାମ ଶତପଥୀ ତ ଆସି ନାହାନ୍ତି । ଆସିଲେ ନଈକୂଳରେ ଧାଡ଼ିବାନ୍ଧି ଶ୍ରାଦ୍ଧ ହେବ । ସତୀଶବାବୁ କହୁଥିଲେ ଉଚ୍ଛବର ଯେ ଖାଲି ମତିଭ୍ରମ ହୋଇଛି, ତାହା ନୁହେଁ । ସ୍ତ୍ରୀ, ପିଲା ଅପଘାତରେ ମଲେ ମଣିଷ ପାଗଳ ହୋଇଯାଏ । ଉଚ୍ଛବ ଖାଲି ଭାତ ଭାତ ହେଉଛି ଦେଖ ।

କୌଣସି ଲୋକ ଉଚ୍ଛବ କଥାରେ ଜବାବ ଦେଲେନାହିଁ । ଉଚ୍ଛବ ଘର ଭିତରେ ପଶିଲା । ପଶୁ ପଶୁ ବଡ଼ ପିଉସୀଙ୍କର ବିଳାପ ଶୁଣିଲା । ବଡ଼ ପିଉସୀ କହିଲା - ତିନିପୁଅ ଯାକ ସ୍ଥାନ ଛାଡ଼ି ପଳେଇଗଲେ ଯେ, ମାରି ମାରି ସେମାନେ ଉଚ୍ଛବକୁ ଥାନକୁ ନେଇଗଲେ । ଅସଲ ଦେବତାଙ୍କୁ ଆଉ ଉଚ୍ଛବ ଠାବ କରିପାରିଲାନି । ସେହି ଦେବତା ବଡ଼ଘରେ ଅଚଳ ହୋଇ ରହିଯାଏ ।

**(୯) ଜଳଛତ୍ର :**

ବୈଶାଖ, ଜ୍ୟେଷ୍ଠରେ ଜଳଛତ୍ର କରିବା କଥା । କୁସୁମ ତାହାହିଁ କରୁଥିଲା । କିନ୍ତୁ ଏ ବର୍ଷଟା ବଡ଼ ବେଆଡ଼ିଆ । ଭୀଷଣ ମରୁଡ଼ି, ମାଟି ଛାତି ଫଟେଇ ହାହାକାର କରି କାନ୍ଦୁଛି । ବର୍ଷାବେଳେ ବର୍ଷା ନାହିଁ, ତଳି ରୁଆ ହୋଇପାରୁନାହିଁ ବୋଲି ମାଟି କାନ୍ଦୁଛି । କୁସୁମର ପ୍ରାଣଟା ଏବେ ଅନ୍ୟ ପ୍ରକାରର । ଏଇ ନିଆଁଲଗା ଲାଲମାଟିର ଦେଶ ଭଳି । କୁସୁମର ମନ ଥିଲା ସବୁବେଳେ ଅନ୍ୟ ପ୍ରକାରର । ଯୋଗାଣ ଯନ୍ତ୍ର କରିବାର ମନ । କାଲି ସିକଦାର ସେମିତି ଗହଣାଟେ କି ଟଙ୍କା ଦେଇ ପାରୁଥିଲା । ସେମିତି କ'ଣ ଏହି ବାବୁଘର ପିଲା ଦେଇପାରିବେ ।

ଏମିତି ସାତପାଞ୍ଚ ଭାବି କୁସୁମ ଏଥର ଜଳଛତ୍ର ଦେଲା । ପାଞ୍ଚ ଲୋକେ ଅବଶ୍ୟ କହୁଥିଲେ,

ଚୋଲି ଖୋଲି ଦେଇ ଉପୀନ ଉପରକୁ ଫୋପାଡ଼ିଦେଲା । ଦେଖ ଦେଖ ଦେଖ, ଘାସ, କୁଟା, ଛିଣ୍ଡା କନା କ'ଣ ଅଛି ଦେଖ । ସ୍ତନ ନାହିଁ, ଦୁଇଟି ସୁଖିଲା ଘା । ସୁଖିଲା ଚମଡ଼ା । ଏକାଥରେ ସମତଳ ।

ଏହାର ଅନେକ ପରେ ଉଜାଣ ପହଞ୍ଚିଥିଲା । ସେତେବେଳେ ଝାରଖ୍ୱା ଶାନ୍ତ । ଗୋଦାମଘର ଜାଗାମାନଙ୍କରେ ନୂଆ ବାସ ଡିପୋ । ଗାଙ୍ଗେର ବୋଲି ଝାରଖ୍ୱାରେ କେହି ରହନ୍ତିନି । କାଗଜ କଲମରେ ନିରୁଦ୍ଦିଷ୍ଟ ଇପାନ୍ ପୁରୀର ସନ୍ଧାନ ଜାରି ରଖିଛି । ଏଭଳି ଫାଇଲଗୁଡ଼ିକର ଅନ୍ୟାନ୍ୟ ଫାଇଲ୍ ତଳେ କୁଆଡ଼େ ହଜିଯାଏ ।

ମହାଶ୍ୱେତାଦେବୀଙ୍କର ନିର୍ବାଚିତ ଗଳ୍ପର ଅନୁବାଦ ନନ୍ଦିନୀ ଶତପଥୀଙ୍କ 'ଚୋଲିକେ ପିଛେ'ର କିଛି ଅଂଶ ଉଦ୍ଧୃତ କରାଯାଇଛି ।

**(୮) ଭାତ :**

ବଡ଼ ଘରର ବଡ଼ ବୋହୂକୁ ପ୍ରଥମରୁ ଲୋକଟାର ଚାହାଣୀରୁ ଭଲ ଲାଗୁନି । କେମିତି ଗୋଟିଏ ଉଗ୍ର ଚାହାଣି । ଅଣ୍ଟାରେ ଭିଡ଼ାଯାଇଥିବା ମଇଳା ଲୁଙ୍ଗିଟା ଭାରି ଛୋଟ । ଚେହେରାଟା ବି ବଣୁଆଙ୍କ ଭଳି । କିନ୍ତୁ ପୂଜାରୀ କହିଲା, ଭାତ ମୁଠେ ଖାଇ କାମ କରିବ । ଏ ଘରେ ବଡ଼ ପିଉସୀର ନିୟମ ଚାଲେ । ଏତେବଡ଼ ଘରେ ପିଉସୀକୁ ବାହାଘର କରିପାରିନଥିଲେ । ତାଙ୍କ ଘରେ ଗୋଟିଏ ଶିବ ମନ୍ଦିର ଅଛି । ଘରର ମୁରବୀ ଏ ରାସ୍ତାରେ ଥିବା ସବୁଗୁଡ଼ିକର ଘରର ନାଁ, ଶିବଙ୍କର ନାମ ଅନୁସାରେ ଶିବ-ମହେଶ୍ୱର-ତ୍ରିଲୋଚନ ଇତ୍ୟାଦି ଦେଇଥାନ୍ତି । ବଡ଼ବୋହୂର ଗାଁରେ ଝଡ଼ବର୍ଷାରେ ଗାଁ ଭାସିଗଲା । ଆମ ବାସିନୀର ସେ ସମ୍ପର୍କୀୟ ହୁଏ । ସେହି ଡାକିଆଣିଛି । ସେ ଚବିଶ ଘଣ୍ଟା ଘରର କାମ କରିବ । ଖାଲି ପେଟକୁ ମୁଠେ ଖାଇବ ।

ବଡ଼ବୋହୂ କିଛି କହିଲେ ନାହିଁ । ସବୁଗୁଡ଼ିକ କଥା ସତ । ତା' ଶ୍ୱଶୁର ମରିବାକୁ ବସିଛନ୍ତି । ବୟାଅଶୀ ବର୍ଷରୁ ଅନେକ ବୟସ । ପୁଣି ଶ୍ୱଶୁର ଭାରି ଟାଣ ଥିଲେ । ଲୋକଟାର ନାମ ଉଚ୍ଛବ । ଚିରକାଳ ସେ ଉଚ୍ଛବ ବାରିକ ନାମରେ ପରିଚିତ ।। ପ୍ରକୃତରେ ସେ ଗତ କେତେଦିନ ହେଲା ଖାଇନାହିଁ । କପାଳ ତାହାର ଖରାପ, ଏଭଳି କହି କହି, ସେ ଯେବେ ତାହାର ସ୍ତ୍ରୀ ପିଲାଛୁଆଙ୍କୁ ଖୋଜୁଥିଲା, ସେତେବେଳକୁ ତାର ବୁଦ୍ଧି ହୋଇଯାଇଥିଲା । ଗୋଟେ ପଟେ ଭୀଷଣ ଝଡ଼ିବର୍ଷା, ପିଲାଛୁଆଙ୍କୁ ଶୀତରେ ଓ ଡରରେ ଜାବୁଡ଼ିଧରି ସ୍ତ୍ରୀ କମ୍ପୁଥିଲା ।

ସେଥିପାଇଁ ଚିନ୍ତା କରିବାକୁ ବସିଲେ ପ୍ରଥମେ ମନକୁ ଆସେ ଧାନକ୍ଷେତରେ ନିଆଁ ଲାଗିଯିବା





ଯାଇଥିଲା ପିତୃଗୃହ ତ୍ୟାଗର ଦୁଃଖ । ଏହି ଛୋଟ ପରିବାର ମଧ୍ୟରେ ତା'ର ଦିନଗୁଡ଼ିକ ବିତିଯାଉଥିଲା ।

ଗୋଟିଏ ବର୍ଷର ଏ ଆନନ୍ଦ ବିଧାତା ସହିପାରିଲାନାହିଁ । ଗାଁ, ଗଣ୍ଡାରେ ଆତଙ୍କ ସୃଷ୍ଟିକରି ଇନ୍ଦ୍ରଦେବତା ବନ୍ଦ କରିଦେଲା ବର୍ଷା, ଫସଲ ନାହିଁ, ଚାରିଆଡ଼େ ମରୁଡ଼ି । ଅନାହାରରେ ଅନେକ ନିରୀହ ପ୍ରାଣୀ ପ୍ରାଣ ହରାଇଲେ । ଠିକ୍ ସେହି ସମୟରେ ହଠାତ୍ ଶାଶୂ ତା'ର ଆକ୍ରାନ୍ତ ହୋଇପଡ଼ିଲେ ବିସୂଚିକାରେ । ମା'ର ଶେଷକାର୍ଯ୍ୟ କରି ରମାର ସ୍ୱାମୀ ମଦନ ବାହାରିଲା ଯୁଦ୍ଧକୁ ଯିବାକୁ । କେତେ କାକୁତିମିନତୀ କଲା ରମା । ଯୁଦ୍ଧକୁ ଯାଅନାହିଁ । ଏଠି ଆମେ ରହି ମରିବା ପଛେ । ମଦନ ମରିବାକୁ ଯାଉନି, ମରିବାକୁ ଚାହୁଁନାହିଁ । ଗାଁରୁ କେତେଲୋକ ଯାଉଛନ୍ତି ଯୁଦ୍ଧକୁ । ଆପେ ବଞ୍ଚିବ ଓ ରମାକୁ ବଞ୍ଚାଇବ । ମଦନ ଯୁଦ୍ଧକୁ ଚାଲିଗଲା । ରମାର କେତେ ଦୁଃଖକଷ୍ଟରେ ଦିନ ଗଡ଼ିଚାଲିଲା-ମଦନକୁ ଚାହିଁରହି । ଚାକିରିର ପ୍ରଥମ ଟଙ୍କାରେ ରମା ଗାଁ ଠାକୁରାଣୀଙ୍କୁ ଭୋଗ ଅର୍ପଣ କରିଥିଲା ।

ଠିକ୍ କିଛିଦିନ ପରେ – ମଦନର ଏକ ଚିଠି ରମାକୁ ବିନୋଦ ଲଫାପା ଖୋଲି – ପ୍ରଥମେ ମଦନର ଫଟୋଟିକୁ ବଢ଼େଇଦେଲା –ରମାକୁ । ଯୁଦ୍ଧ ପୋଷାକରେ କି ସୁନ୍ଦର ଦିଶୁଛି ମଦନ ! ରମାର ମନ ଆନନ୍ଦରେ ପୁରି ଉଠିଲା । ସ୍ୱାମୀର ଯୋଗ୍ୟତାରେ ସେ ଭୁଲିଗଲା ଅତୀତର ସବୁ ଦୁଃଖ ।

ବିନି ଚିଠି ପଢ଼ିବା ପାଇଁ ଆରମ୍ଭ କଲା । ଏ କ'ଣ, ଏମିତି କାହିଁକି – ଲେଖିଛି ମଦନ, ବିସ୍ମୟ, ବିସ୍ଫୋରକ ଚକ୍ଷୁରେ ଚାହିଁରହିଛି ରମା... ବିନି ପଢ଼ିଚାଲିଛି ଚିଠିଟିକୁ ।

ରମା, ପଇସା ମୁଁ ରୋଜଗାର କରୁଅଛି ଖୁବ୍ । ମଣିଷ ମାରି ପଇସା ରୋଜଗାର । ତୁମେ ଭାବୁଥିବ ମୁଁ ଗୋଟିଏ ବୀର ପାଲଟି ଯାଇଛି । ଏଭଳି ସ୍ୱାମୀର ସ୍ତ୍ରୀ ବୋଲି ତୁମର ଭାରି ଗର୍ବ ହେଉଥିବ । କିନ୍ତୁ ତୁମର ଲଜ୍ଜିତ ହେବା କଥା – ରମା ତୁମର ସ୍ୱାମୀ ମଣିଷ ମାରୁଛି – ଭୀରୁ ଭଳି । ତୁମରି ଭଳି କେତେ ନିରୀହାମାନଙ୍କୁ ବିଧବା କରୁଛି । ମୋର ହତଭାଗିନୀ ମା' ଭଳି କେତେ ମା'କୁ ପୁତ୍ରହରା କରୁଅଛି । ଆଉ କେତେ ଜନନୀର ଆଦରର ସନ୍ତାନଙ୍କୁ କରୁଛି ଅନାଥ । କାହିଁ ମାରୁଛି, ସେମାନେ କ'ଣ ମୋର ଶତ୍ରୁ – ଦେଶମାତୃକାର ସେବା ପାଇଁ ଏ ଲଢ଼େଇ ଜାରି ରହିଛି ।

ଦିନକର ଘଟଣା – ପାହାନ୍ତିଆ ଶୀତ ପବନରେ ରମାର ଆଖି ବୁଜିହୋଇଆସୁଅଛି । ହଠାତ୍ ବାହାରେ କାହାର ଡାକ ଶୁଣି ସେ ଉଠିପଡ଼ିଲା । କବାଟ ଫିଟାଇଦେଇ ଚିତ୍କାର କଲା ରମା ! ଏ କ'ଣ ଲୋ ମାଆ ! ଚେତନହୀନ ଶରୀରଟା ତା'ର ଭୂଇଁରେ ଲୋଟିପଡ଼ିଲା । ଦୁଆର ମୁହଁରେ ମଦନ ଠିଆ ହୋଇଛି । ଗୋଟିଏ ଗୋଡ଼ ଆଣ୍ଠୁ ପାଖରୁ କଟିଯାଇଛି । ଦୁଇଟା ଆଶାବାଡ଼ିରେ

ଭରାଦେଇ ମଦନ ହସୁଛି । ତା'ର ମୁହଁର ଗୋଟିଏ ପାଖ ପୋଡ଼ିଯାଇ ବିକଳାଙ୍ଗ ଦିଶୁଛି । ଆଉ ସେହି ବିକୃତ ହସ ଭିତରୁ ଶୁଣାଯାଉଛି – "ହଁ ହଁ ତୁମେ ବି ଟିକିଏ କାନ୍ଦ ରମା ।"

ନନ୍ଦିନୀ ଶତପଥୀଙ୍କର ନିଜସ୍ୱ ସୃଷ୍ଟି ରଚନାଧର୍ମୀ ଗଳ୍ପ ସଂକଳନ 'କେତୋଟି କଥା'ର ତ୍ରିଭୂଜ ଗଳ୍ପରୁ ଆନୀତ ।

**(୨) ତସ୍ମାତ୍ ତ୍ୱଂ ଉତିଷ୍ଠ :**

'ତସ୍ମାତ୍ ତ୍ୱଂ ଉତିଷ୍ଠ' ଗଳ୍ପରେ ନନ୍ଦିନୀଦେବୀ ଆଧୁନିକ ସମାଜର ଚାଲିଚଳଣୀ, ରୀତିନୀତି, ସଂସ୍କୃତି ଆଦିକୁ ନିଛକ ଭାବରେ ଗଳ୍ପର ପାଠକ ପାଠିକାମାନଙ୍କର ନିକଟରେ ଉପସ୍ଥାପନା କରିଛନ୍ତି । ବାସ୍ତବରେ ତାହା ଅତ୍ୟନ୍ତ ହୃଦୟସ୍ପର୍ଶୀ ହୋଇଅଛି ।

ଗୀତା ପାରାୟଣ ଶେଷ ହେଉ ହେଉ ସେହି ଦିନ ଟିକିଏ ରାତି ବେଶୀ ହୋଇଯାଇଛି । ଜଣ ଜଣ ହୋଇ ସବୁ ଶ୍ରୋତା ଉଠିଗଲେଣି । ଉଦାସ ଦୃଷ୍ଟିରେ ଚାହିଁ ରହିଛନ୍ତି – ନରେନ୍ଦ୍ର ଚୌଧୁରୀ । ଶ୍ରୀ ଚୌଧୁରୀଙ୍କ ପରିବାରକୁ ନେଇ ଗଳ୍ପଟି ଆଧାରିତ । ନରେନ୍ଦ୍ର ଚୌଧୁରୀଙ୍କ ସ୍ତ୍ରୀ ଗୌରୀ ଚୌଧୁରୀ । ତାଙ୍କର ଏକମାତ୍ର ପୁଅ ରାଜେନ୍ଦ୍ର ଓ ବୋହୂ ସୁଷମା । ରାଜେନ୍ଦ୍ର ଚୌଧୁରୀଙ୍କ ପୁତ୍ର – ସୁଶାନ୍ତ ଓ ଏକ କନ୍ୟା – ଉମାକୁ ନେଇ ନରେନ୍ଦ୍ର ଚୌଧୁରୀଙ୍କର ପରିବାର ।

ରାତ୍ରି ଅନେକ ହୋଇଗଲାଣି । ଟେବୁଲରେ ସମସ୍ତେ ଅପେକ୍ଷା କରିଛନ୍ତି – ଜେଜେ, ଡିନର ବି ଥଣ୍ଡା ହୋଇଯିବଣି । ଏହା ଥିଲା ନରେନ୍ଦ୍ରଙ୍କର ନାତି ସନ୍ତୋଷର ଜେଜେଙ୍କ ପ୍ରତି ବକ୍ତବ୍ୟ । ନରେନ୍ଦ୍ରଙ୍କର ଧ୍ୟାନଭଙ୍ଗ ପାଇଁ ପରିବାରରେ କାହାର ସାହସ ପାଏ ନାହିଁ । କେବଳ ନାତି ସନ୍ତୋଷ ହିଁ ତାଙ୍କର ଏକମାତ୍ର ଅସ୍ତ୍ର । ଏ ବଂଶର ଯେତେ ପ୍ରଜ୍ଞା, ଯେତେ ଦୀପ୍ତି, ଯେତେ ତେଜସ୍ୱୀତା ସବୁଗୁଣ ପୁଣି ପ୍ରତିଷ୍ଠା କରିବ ସନ୍ତୋଷ ।

ଏକ ଦୀର୍ଘ ନିଶ୍ୱାସ ନେଇ ନରେନ୍ଦ୍ର ଚୌଧୁରୀ ତାଙ୍କ ସମସ୍ତ ସ୍ୱପ୍ନକୁ ଧୂଳିସାତ୍ କରିବା ପାଇଁ ଯେପରି ପ୍ରତିଜ୍ଞାବଦ୍ଧ ହୋଇଅଛି – ପୁତ୍ର ରାଜେନ୍ଦ୍ର । ପିତାଙ୍କର ଚଳଣୀ ସହିତ କେଉଁଠି ଟିକିଏ ମେଳ ଖାଉନାହିଁ । ରାଜେନ୍ଦ୍ର ସେ କ'ଣ ଜାଣିଥିଲେ – ପୁଅ ତାଙ୍କର ବଂଶର ପରମ୍ପରା, ଦେଶ, ଜାତିର ଐତିହ୍ୟକୁ ପଦାଘାତ କରି ଏଣିକି ଅମଣିଷ ହେବ !

ଅଶୀବର୍ଷୀୟ ଜେଜେ ରାସ୍ତାରେ ଫେରୁଥିବା ସମୟରେ – ତାଙ୍କର ନାତି ଏକ ଝିଅ ସହ ମାଳତୀକୁଞ୍ଜର ଅନ୍ଧାରିଆରେ ଫୁସ୍‌ଫୁସ୍ ହେଉଥିବାର ସେ ଦେଖିଲେ ନାତି ସନ୍ତୋଷ । ସେ ଝିଅଟିକୁ କହୁଥିଲା ଅଶୀବର୍ଷର ବୁଢ଼ା କ'ଣ କରିବ ? ଏପଟେ ନରେନ୍ଦ୍ର ଚୌଧୁରୀର ନାତୁଣୀ, ମାନେ ପୁଅ ରାଜେନ୍ଦ୍ରର ଝିଅ – ରମା, ବିବାହ ବୟସ ହୋଇଗଲାଣି । ପାଠ ପଢୁଛି – ହଁ ଆଜିକାଲି ଯୁଗ ଉମା





ସେହି ବର୍ଷର ଜାତୀୟ ସମସ୍ୟା ଥିଲା – କ'ଣ ଅଛି ଯେଉଁ ସମୟରେ ଏଇଟି ନ୍ୟାସ୍‌ନାଲ୍ ଇସ୍ୟୁ ହୋଇପଡ଼ିଲା । ସେ ସମୟରେ ଅନ୍ୟାନ୍ୟ ସମସ୍ୟା ଯଥା – ଶସ୍ୟହାନୀ, ଭୂମିକମ୍ପ, ତାରିଆଡ଼େ ତଥାକଥିତ ସନ୍ତ୍ରାସବାଦୀ ଓ ରାଷ୍ଟ୍ରଶକ୍ତିର ସଂଘର୍ଷ ଓ ହତ୍ୟା । ହରିଆନାରେ ଅଜାତିରେ ବାହାହେବା ଅପରାଧରେ ତରୁଣ, ତରୁଣୀଙ୍କ ମୁଣ୍ଡଛେଦ, ମୋଧାପାଟେକର ଆନ୍ଦୋଳନ, ଶହ ଶହ ଧର୍ଷଣ ଓ ହତ୍ୟା ନନ୍‌ଇସ୍ୟୁ ସ୍ୱାଭାବିକ ଭାବରେ ମୁଖ୍ୟ ସମ୍ବାଦପତ୍ରରେ ପ୍ରକାଶିତ ହେବାକଥା କିନ୍ତୁ ହେଲାନାହିଁ । ଏହିସବୁ ନନ୍‌ଇସ୍ୟୁ ହୋଇ ରହିଗଲା । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହୋଇଗଲା ଚୋଲିକା ପିଛେ ।

ବମ୍ବେର ଫ୍ୟାକ୍‌ଟରୀ ମେଡ଼୍-ଗଣସଂସ୍କୃତି ହିଁ ପ୍ରକୃତ ଭାରତୀୟ ସଂସ୍କୃତି, ଯାହାକୁ କ୍ୟାସେଟ୍ ମାଧ୍ୟମରେ ଅଧା ଦୁନିଆଁରେ ନେଟ୍ ଗତିରେ ଚଲେଇ ଦିଆହୋଇଛି । ରୁଷିଆ ନାହିଁ । ମାର୍କସ୍ ଲେନିନ୍ – ମାଓ ସେ ତୁଙ୍ଗ ବ୍ୟଥ, ପ୍ରକୃତିର ଶୂନ୍ୟସ୍ଥାନ ପାଇରେଟ୍‌ଡ କ୍ୟାସେଟ୍ ଜରିଆରେ ପୂରଣ କରିବାକୁ ହେବ । ସେହି ଅର୍ଥରେ 'ଚୋଲିକେ ପିଛେ' ଏ ସମୟର ମୃତ ସଂଜୀବନୀ । ଏତେ ସବୁ ସତ୍ୱେ ଶୈଳୀର ମା ତାହାର ବୃହଦାୟନ ଓ କ୍ରମବର୍ଦ୍ଧମାନ ବପୁକୁ ଖାଲି ଗୋଟାଏ ଶାଢ଼ିରେ ଘୋଡ଼ାଇ ରଖି କହେଁ, ଜୀବନରେ ତ ବ୍ଲାଉଜ୍ ପିନ୍ଧିଲନି । ଆଉ ଚୋଲି ପିନ୍ଧିବି କ'ଣ ?

ଏକ ଗାଉଁଲୀ ଉଦ୍ଧତସ୍ତନା ଯୁବତୀ ତା'ର ଶିଶୁ ମୁହଁରେ ସ୍ତନ ଗୁଞ୍ଜିଦେଇ ଆରାମରେ ବସିଛି । ସ୍ତନଟି କାନିରେ ଘୋଡ଼ାହୋଇଅଛି । ସେହି ଝିଅଟି ପୁଣି ମୁଣ୍ଡରେ ପାଣିମାଠିଆ ଧରି ଅନେକ ଝିଅଙ୍କ ସଙ୍ଗେ ଯାଉଛି । ଛାତି ସେମାନଙ୍କର ଭରା କଳସ ଭଳି ଉଚ୍ଛୁଳି ପଡୁଛି ।

ଗାଙ୍ଗୋର ଏବଂ ତାହାର ସ୍ୱାଭାବିକ ଅତୀବ ଜଟିଳ ସ୍ୱେଦଗ୍ରନ୍ଥୀ ବା ପୟୋଧର ଉପୀନକୁ କାହିଁକି ଯେ ପାଗଳ କରିଥିଲା ସେ ଜାଣେନାହିଁ । ସ୍ତନକୁ ଗୋଟିଏ ଜଟିଳ ସ୍ୱେଦଗ୍ରନ୍ଥୀ କହିଲେ ହେବ । ସେଥିରେ ଅନେକ ଚର୍ବି । ଗ୍ରନ୍ଥୀ ସଂସ୍ଥାନଟି ଖୁବ୍ ମନଗ୍ରାହୀ । ସେଥିରେ ସତରଟି ଦୁଗ୍ଧଦାୟିନୀ ଇଉନିଟ୍ ଥାଏ । ଗ୍ରନ୍ଥୀ ଗୁଡ଼ିକର ଗନ୍ତବ୍ୟ ହେଲା ସ୍ତନ ବୃନ୍ତ । ଶିଶୁ ଜନ୍ମ ହେଲେ ଦେହର ରକ୍ତ ଦୁଧରେ ପରିଣତ ହୁଏ ।

ଶିବାଜୀଙ୍କ ଦୁନିଆଁରେ ବୁଝିସୁଝି ସ୍ତ୍ରୀ ଲୋକମାନଙ୍କ ସାଙ୍ଗରେ ଚଳିବାକୁ ହୁଏ । ଯେ ବୁଝୁନି ସେ ଶାସ୍ତି ପାଉଛି । ଗୋଟିଏ ସ୍ତ୍ରୀ ଲୋକ ପାଇଁ ପୁଲିସ୍ ଏଠାକୁ କେତେଥର ଆସିଲାଣି । ସ୍ତ୍ରୀ ଲୋକଟା ବୁଝିନି ଯେ, ପୁଲିସି ବି ମରଦ । ଆଉ ତାକୁ ରଗେଇଲେ ସେ ବି ରାଗିଯିବ । ଗାଙ୍ଗୋର କହୁଥିଲା, ଅନେକ ଦିନ ହେବ ବାବୁ ତୁମେ ଖାଲି ମୋର ଛାତିର ଫଟୋ ଉଠାଉଅଛ । ମୁଁ କିନ୍ତୁ ତୁମର ମତଲବ ଜାଣିଥିଲି ।

ଗୋଦାମ କାନ୍ଥରେ ଲଣ୍ଡନର ସିଲହଟ୍‌ରେ ଦୁଇଟି ଛାୟାର ଭାଇଓଲେଣ୍ଟ ଆଚରଣ । ଗାଙ୍ଗୋର

କରିବ । ଆଗ ସ୍ତ୍ରୀ ମରି ବି ଗଲା । ତିନିବର୍ଷ ଆଗରୁ ରେବାମଣି ଆସିଛି ।

ନିତ୍ୟାନନ୍ଦର ପୌରୁଷ ହୀନତା ଏବଂ ରେବାମଣୀର ଅତୃପ୍ତି ଜନିତ ଚିଡ଼ିଚିଡ଼ି ହେଉଥିବା ଦେଖି ଗଦା ଖୁବ୍ ଉପଭୋଗ କରେ ।

ପଦ୍ମାମଣୀର ଜମି ବି ଫେରାଇ ଦେବାକୁ ହେବ । ଭ୍ରମର ତୁମକୁ ଶାସ୍ତି ଦିଆଯିବ । ଗୋଟିଏ ବାରବୁଲି ସ୍ତ୍ରୀ ଲୋକ ବିଷୟରେ । ଆପଣ ଭଲ ଭାବରେ ଜାଣୁଥିବେ । ତା ମାନେ ! ଭ୍ରମର ମୁରୁକି ହସିକି କହିଲା, ଯେ ଭଲକି ମନ୍ଦ ଆପଣ ଜାଣିଥିବେ । ସାଇରେ ରହୁଥିବା ଯୋଗୁଁ ସେତିକି ଦେଖିଛ ।

ନିତ୍ୟାନନ୍ଦ ବୁଝିପାରୁଥିଲେ ଯେ, ହାଉଆଟା ଭ୍ରମର ଆଡ଼କୁ ବୁଲିଯାଇପାରେ । ଦେଶୀମଦ ବିରୁଦ୍ଧରେ ଆନ୍ଦୋଳନ କଥାଟି ଜନପ୍ରିୟ ହୋଇପାରେ । ସେଥିରୁ ଝାମେଲା ବି ହେବା ସମ୍ଭବ । ପଦ୍ମାମଣୀ ପ୍ରସଙ୍ଗଟା ସବୁଠୁ ବେଶୀ ଅସ୍ୱସ୍ତିକର । ନିତ୍ୟାନନ୍ଦ ଠିକ୍ କଲେ ପଦ୍ମାମଣି ସାଙ୍ଗରେ କଥାବର୍ତ୍ତା କରିନେବେ ।

ଏଭଳି ବାଜେ ସ୍ତ୍ରୀ ଲୋକ ବିଦା ହୋଇଯିବାଟା ମଙ୍ଗଳ । ବୁଢ଼ା ବୟସରେ ଭ୍ରମର ହେରିକାଙ୍କୁ ଘରକୁ ଆଣୁଛି, ରଙ୍ଗ କରୁଛି । ଆଜି ସନ୍ଧ୍ୟାରେ ପଦ୍ମାମଣୀ ଘରେ ମିଟିଂ । ପଦ୍ମା ମୁଢ଼ି ଭାଜୁଛି । ମିଟିଂରେ ନିତ୍ୟାନନ୍ଦ କହିଲେ, ମୁଁ ଆଉକିଛି କହିବିନି । ତୁମେମାନେ ଅଛ, ଜନତାର ମତ ହିଁ ଜନମତ ।

ଏସବୁ କଥା ସନାତନ କିଛି ଜାଣିପାରିଲାନି । କି ଦ୍ୱିପ୍ରହରେ ଭାତ ଖାଇବାକୁ ବସି ଖାଇପାରିଲା ନାହିଁ । ସେହି ଗନ୍ଧ ତାକୁ ବିବଶ କରୁଛି । ପଦ୍ମାବତୀ ଛାତିରୁ ଲୁଗା ଖସିପଡୁଛି । ସେ ଛାତି ପିଟି ପିଟି ଚିତ୍କାର କରି ବାଟରେ ଧାଇଁଲା । ଗାଁରେ କ'ଣ ମଣିଷ ନାହିଁରେ ଗିରିବାବୁ ଯେ ଭମରକୁ ସମସ୍ତେ କ'ଣ ମରିଗଲେ ।

ପଛରେ ପୂର୍ଣ୍ଣିମାର ଚାନ୍ଦ । ଶଙ୍ଖ ଘଣ୍ଟାର ଧ୍ୱନୀ । ଗୋଟିଏ ଅନ୍ଧ ଓ ଗୋଟିଏ ବେଶ୍ୟା ସବୁ ପଛରେ ପକାଇଦେଇ ଚାଲିଗଲେ । ଆଉ କେଉଁଠିକୁ ଯିବେ, ହୁଏତ ଯେଉଁଠି ସବୁ ସଢ଼ିପଚି ଯାଇନି ।

ଭିକାରୀ ଜୀବନର ଗନ୍ଧ ଏମିତି ଭାବରେ ମଣିଷକୁ ଘରଛଡ଼ା କରିଦିଏନି ।

**(୭) ଚୋଲିକେ ପିଛେ :**





ପାର୍ଟିକୁ ଯାଏ, ଡ୍ୟାନ୍ସ କରେ, ପିକ୍‌ନିକ୍ ଯାଇ ଦୁଇତିନି ଦିନରେ ଘରକୁ ଫେରେ । ନିତି ଘରକୁ ନୂତନ ବନ୍ଧୁ ଆସନ୍ତି । ଚୌଧୁରୀଙ୍କର ଅନ୍ତରରେ ପ୍ରବଳ ପ୍ରତିବାଦ । ଦିନେ ସେ ନାତୁଣୀ ଉମାଙ୍କୁ କହିଥିଲେ, ଏମାନଙ୍କ ମଧ୍ୟରୁ ଜଣକୁ ବାହା ହୋଇଯାଉନୁ । ଏମାନେ ସମସ୍ତେ ମୋର ବୟଫ୍ରେଣ୍ଡ ଜେଜେ, ଉମା ଜେଜେଙ୍କୁ କହିଲା – ମୁଁ ଯାହାକୁ ବାହାହେବି ସେ ଆଇ.ଏ.ଏସ୍ ହୋଇଥିବ, ବ୍ୟାଙ୍କ, ବଙ୍ଗଳା, ଚାକର, ବାକର ଥିବେ ।

ପିତୃପୁରୁଷ ନର୍କରେ ପଡ଼ିବେ । କିନ୍ତୁ ଉପାୟ କ'ଣ ? ତାଙ୍କର ଉପସ୍ଥିତିରେ ତାଙ୍କର ପୁଅ ରାଜେନ୍ଦ୍ର ମଦ ପିଏ, ବୋହୂ ସୁଷମା ଚୌଧୁରୀ ବଂଶର କୁଳଲକ୍ଷ୍ମୀ ମଦ ଢାଳିଦିଏ ଗିଲାସରେ । ବୋଧହୁଏ ଶାଶୁ ଗୌରୀ ବଂଥିଲେ ଏଭଳି ହୋଇନଥାନ୍ତା ବୋଲି ନରେନ୍ଦ୍ର ଚୌଧୁରୀର ଆଶା । ପୁରୁଷ ଅବାଟକୁ ଗଲେ ସ୍ତ୍ରୀ ତାକୁ ଫେରାଇଆଣେ । ପୁଅ ରାଜେନ୍ଦ୍ର ଓ ବୋହୂ ସୁଷମା ମଧ୍ୟ ସେମାନଙ୍କର ପୁଅ ସନ୍ତୋଷର ଗତିବିଧି ଦେଖି ବିବ୍ରତ ହୋଇପଡ଼ିଥାନ୍ତି ।

ସେହିଦିନଠୁ ତ ସଂସାର ବିଷୟରେ ସମ୍ପୂର୍ଣ୍ଣ ନିର୍ଲିପ୍ତ ହୋଇଯାଇଥିଲେ ନରେନ୍ଦ୍ର ଚୌଧୁରୀ । ଯିଏ ଯାହା କରିବ ସିଏ ତାହାର ଫଳ ପାଇବ । କିନ୍ତୁ ଏବେ ସେ ଆଉ ଚୁପ୍ ରହିପାରୁନାହାନ୍ତି । ଫଳ କିଏ ପାଉଛି–ରାଜେନ୍ଦ୍ର ଓ ତା'ପରେ ତା' ପୁଅ ସନ୍ତୋଷ । ସନ୍ତୋଷ ପରେ... ? ଆଉ ତ ଭାବି ହେଉନି – ଏ ବଂଶର ଖାଲି ତ ନୁହେଁ, ଏ ଜାତିର, ଏ ଦେଶର ପରମ୍ପରା, ଐତିହ୍ୟ, ମର୍ଯ୍ୟାଦା ସବୁ ଯେ ଧ୍ୱଂସ ହେବାକୁ ଯାଉଛି । ଉପରକୁ ଚାହିଁଲେ ଚୌଧୁରୀ ଚନ୍ଦ୍ରର ଆଖିରୁ ଝରିଆସୁଛି ରୂପାର ଲୁହ । ପବନର ସ୍ୱରରେ ସ୍ୱର ମିଶାଇ ବିଳପି ଉଠୁଛନ୍ତି – ଚୌଧୁରୀଙ୍କ ପ୍ରିୟ ଉଦ୍ୟାନର ଗଛଲତା । ସୃଷ୍ଟିରେ ଏହି ଛନ୍ଦ ସହିତ ନିଜକୁ କାହିଁ ମିଶାଇ ନଦେବେ ସେ !

ନନ୍ଦିନୀ ଶତପଥୀଙ୍କର ଗଳ୍ପ ସଂକଳନ 'କେତୋଟି କଥା'ର 'ତସ୍ମାତ୍ ତ୍ୱଂ ଉତିଷ୍ଠ' ଗଳ୍ପରୁ ସାରମର୍ମକୁ ଉପସ୍ଥାପନ କରାଯାଇଛି ।

**(୩) ଅଭିମାନ :**

ଅଭିମାନ ଗଳ୍ପର ଗାଳ୍ପିକା ନନ୍ଦିନୀ ଶତପଥୀ ଗୋଟେ ନାରୀ ଜୀବନର ଅକୁହା କଥା ଓ ପ୍ରେମ ସମ୍ପର୍କିତ କାର୍ଯ୍ୟଧାରାକୁ ଆଧାର କରି ଗଳ୍ପ ସୃଷ୍ଟି କରିଛନ୍ତି । ବାସ୍ତବିକ୍ ଏହା ପାଠକଙ୍କର ହୃଦୟସ୍ପର୍ଶୀ ହୋଇପାରିଛି ।

"ବିରାଟ ଦର୍ପଣଟା ସାମନାରେ ଠିଆହୋଇ ନିଜକୁ ଚାହିଁ ରହିଛି ସଂଘମିତ୍ରା । ଦର୍ପଣର ଛାଇ ପଡ଼ିବା ମାତ୍ରେ ମିତ୍ରାର ବିସ୍ମୟ ଯେପରି ଚତୁର୍ଗୁଣ ହୋଇଗଲା । ସୀମନ୍ତର ଦୁଇକଡ଼ରେ କେଶଗୁଚ୍ଛ ଶ୍ୱେତବର୍ଣ୍ଣ ଧାରଣ କରିଅଛି । ଚକ୍ଷୁର କୋଟରୀରେ ଅପର୍ଯ୍ୟାପ୍ତ କାଳିମା ଆଉ କପାଳର

କୁଞ୍ଚିତ ରେଖା ଅତି ସ୍ପଷ୍ଟ । ମୁଖମଣ୍ଡଳରୁ କେହି ଯେପରି ସମସ୍ତ ଶ୍ରୀ ଓ ସ୍ୱାସ୍ଥ୍ୟ ଚିପୁଡ଼ି ନିଃଶେଷ କରିନେଇଯାଇଛି । ହଠାତ୍ ମନେପଡ଼ିଲା, ମାତ୍ର ଦୁଇମାସ ତଳେ ଅତି ନିଃଶବ୍ଦରେ ତା' ଜୀବନର ଚାଳିଶଟି ବସନ୍ତ ଅପସରି ଯାଇଛି ।

ସଂସାର ଜଞ୍ଜାଳରେ ସମସ୍ତ ଚିହ୍ନ ସତେଯେପରି ସେହି ପିନ୍ଧା ଲୁଗାଟା ଉପରେ ଆତ୍ମପ୍ରକାଶ କରିବାକୁ ବ୍ୟାକୁଳ ହୋଇଉଠିଛନ୍ତି । ମଝିଆ ଝିଅ ଟୁନିର ନାକ ସଡ଼ସଡ଼, ବଡ଼ପୁଅଟା ଦୁଷ୍ଟାମୀ କରି ବଲ ଖେଳି ହାତ ମା' କାନିରେ ପୋଛିଦିଏ । ତା'ର ଅଭିଯୋଗ ଟୁନି ଯୋଗୁଁ ସିଏ ମା' କାନିରେ ହାତ ପୋଛେ । ଆଉ ସାନଝିଅ ମୁତରେ ସବୁଦିନ ତା' ଲୁଗାଟି ଓଦା ହୋଇଥାଏ । ଶେଷରେ ସ୍ୱାମୀ ସରକାରୀ ଦପ୍ତରର ଅଣ୍ଡର ସେକ୍ରେଟାରୀ ପ୍ରଶାନ୍ତ ମିଶ୍ରଙ୍କ ଲୋଡ଼ାହୁଏ ମିତ୍ରାର ଏହି ଅପରିଚ୍ଛନ୍ନ ଲୁଗା କାନିଟା, ତିନିଥର ଭାତ ଆଉ ଜଳଖିଆ ଖାଇସାରିବା ପରେ ।

ଭାବନାର ଖିଅ ହଜିଯାଇଛି - ବିନୟ ସାଙ୍ଗରେ ଆଜି ଦେଖାହେଲା ହଠାତ୍ । ବିନୟ - ଏହି ନାଁଟା ସାଥୀରେ ବହୁତ ସ୍ମୃତି ଯୋଡ଼ିହୋଇ ରହିଛି ମିତ୍ରାର । ସେହି ନାଁଟିର ସ୍ମୃତିରେ ହଠାତ୍ ମନେହେଲା - ଦର୍ପଣରେ ଯାହାର ପ୍ରତିବିମ୍ବ ପଡ଼ିଅଛି - ସେ ଚାରୋଟି ସନ୍ତାନର ଜନନୀ ଚାଳିଶ ବର୍ଷୀୟା ବିଗତ ଯୌବନା ମିତ୍ରା ନୁହେଁ, ସଦ୍ୟ ବିକଶିତ କିଶୋରୀ ସଂଘମିତ୍ରା । ଆଜି ବୋଧହୁଏ ବିନୟର ସେହି ସଂଘମିତ୍ରା ଡାକଟା ତା' ମନରେ ଏପରି ଏକ ଚମକ ସୃଷ୍ଟି କରିଦେଲା । ବିନୟର ଡାକରେ ଗୋଟିଏ ବୈଶିଷ୍ଟ ଅଛି । ସେଇଟା କଥାରେ କହି ହୁଏତ କାହାରିକୁ ବୁଝାଇହେବନି । ବାଇଶି ବର୍ଷ ତଳେ ବିନୟ ମିତ୍ରାକୁ ଏହି ନାମରେ ଡାକୁଥିଲା, ମିତ୍ରା ଉତର ଦିଏ ।

ପଚାଶ ବର୍ଷ ମଧ୍ୟରେ ମିତ୍ରାର ବିନୟ ସାଙ୍ଗରେ ଦେଖା ନହୋଇଛି - ତାହା ନୁହେଁ । ମିତ୍ରାର ସ୍ୱାମୀ ପ୍ରଶାନ୍ତର ବନ୍ଧୁ ବିନୟ । ସେ ବେଳେବେଳେ ଘରକୁ ଆସି ଚାହା ଜଳଖିଆ ଖାଇ ଗପ କରି ଚାଲିଯାଆନ୍ତି । ମିତ୍ରା - ସମାଜ, ପରିବାର, ଶୃଙ୍ଖଳା, ନୈତିକତାର ଦ୍ୱାହି ଦେଇ କେତେଥର ସେ ମନର ଦୁଆରକୁ ଅତି ନିର୍ମମ ଭାବରେ ଠେଲିଦେଇଛି ଭିତରକୁ । ସେଦିନ ତାଙ୍କର ଘରେ ବିନୟ ଉପସ୍ଥିତିରେ - ମଣିମାଳା କଥା - ଆଲୋଚନା ହେଉଛି । ସୁନ୍ଦର ସ୍ୱାମୀ ଥାଇ ତା'ର ପ୍ରେମିକ ପବିତ୍ରର ମୋହ ତା'ର ସ୍ୱାମୀ ଠାରୁ ଟାଣି ଆଣିଛି । ଏବେ ସେ ପବିତ୍ର  ସାଙ୍ଗରେ ଏକତ୍ର ରହୁଛି । ପିଲାମାନେ ବଡ଼ ହେଲେଣି । କ'ଣ ଭାବୁଥିବେ ତାଙ୍କର ମା'ଙ୍କୁ ! ମନର ଆବେଗକୁ ଲଗାମଛଡ଼ା କରିଦେବା ମଣିଷର ପରିପକତ୍ୱ ନୁହେଁ । ଆବେଗର ସ୍ରୋତରେ ଦୁନିଆଁ ଚାଲିନାହିଁ, ଚାଲିଅଛି - ସଂଯମର ଛନ୍ଦ ଭିତରେ ।

ମିତ୍ରାଙ୍କର ସ୍ୱାମୀ ପ୍ରଶାନ୍ତ ଦୈନନ୍ଦିନ କାମରେ ସଦାସର୍ବଦା ବ୍ୟସ୍ତ ରହିଥାନ୍ତି । ପ୍ରଶାନ୍ତଙ୍କ ଏହି ଉଦାସୀନତାରେ ସେତେବେଳେ ଅଧୈର୍ଯ୍ୟ ହୋଇଉଠେ ମିତ୍ରା । କିନ୍ତୁ-ପ୍ରାଣର ପ୍ରାଚୁର୍ଯ୍ୟ ଯେ ହୃଦୟ-





ଖିଆଲିକରି ଦେଖେ । ପିତାମ୍ୱର କହିଲା, କେଉଁ କାଳରୁ ଆମକୁ ପହରାଦେଇ ରଖିଛି ଇଏ । ବନ ବୋଇଲେ ତ ସେହି ଗୋଟିଏ । ବନର ସନ୍ତାନ କହିଲେ ଆମେ କେଇ ଘର । ଏଇକ୍ଷଣି ତ ସେ ଏକା । ଅର୍ଜ୍ଜୁନ ଗଛର ପତ୍ର ମଣିଷ ଜିଭ ଭଳି । ବିଶାଳ ମାହାତୋ ପରାଜୟର ଗଭୀରତା ବୁଝିବା ପାଇଁ ଆଗେଇଗଲା ।

ମହାଶ୍ୱେତାଦେବୀଙ୍କର ନିର୍ବାଚିତ ଗଳ୍ପର ଓଡ଼ିଆ ଅନୁବାଦ ନନ୍ଦିନୀ ଶତପଥୀଙ୍କ 'ଅର୍ଜ୍ଜୁନ'ରୁ କିଛି ଅଂଶ ଅଣାଯାଇଛି ।

**(୬) ଗନ୍ଧ :**

ହେ ସନାତନ ! ବାବୁ, ନାକ କାହିଁକି କୁଣ୍ଡେଇ ହେଉଛି ? ଏମିତି ଗନ୍ଧ ବାବୁ ! ଗନ୍ଧ । ନିତ୍ୟାନନ୍ଦ ଗିରି ସ୍ତବ୍ଧ ଆଖିରେ ସନାତନ ଆଡ଼କୁ ଚାହିଁଲେ । ଲୋକଟା ଛଣ କାଟୁଛି । ମୁଣ୍ଡରେ ତା'ର କୁଞ୍ଚୁକୁଞ୍ଚିଆ ବୋଝେ ବାଳ । ବଢ଼ିଲା ବଢ଼ିଲା ଦେହର ଯୁଆନ ଟୋକା । ତା'ର କାମ ଦେଖିଲେ କେହି ବୁଝିପାରିବେନି ଯେ, ସେ ଜନ୍ମାନ୍ଧ । ସେ କିଛି କମ୍ କାମ କରେନି । ଛଣ କାଟିବା, ଗୋରୁଙ୍କ ପାଇଁ ଘାସ କାଟିବା, ମାଟି ଚକଟିବା, କାନ୍ଥ ତୋଳିଦେବା ଇତ୍ୟାଦି ସନାତନ ନାନା କାମରେ ଦକ୍ଷ ।

ନିତ୍ୟାନନ୍ଦ ଗିରି ବାହାରି ପଡ଼ିଲେ, ସନାତନ ନାକ ଟେକିଲା । ମୁଣ୍ଡଟାକୁ ଏପଟ ସେପଟ କରି ବୁଲେଇଲା । କେଉଁଠି ଏପରି ଗନ୍ଧ ଆସୁଅଛି । ଏତେ ପଚାଗନ୍ଧ, ଯେପରି ପଚିସଢ଼ି ଯାଇଥିବା ଶବ ଦେହରୁ ଗନ୍ଧ ବାହାରେ । ସନାତନ ନିତ୍ୟାନନ୍ଦ ଗିରିଙ୍କର ନିମକ ଖାଉଛି । ଏଇ ଗାଁର ଗୋଟେ ମାମଲତକାର । କୁକୁର, ବିଲେଇ, ଛେଳି ମଲେ ବି ସମସ୍ତେ ସନାତନକୁ ଡାକନ୍ତି । ମୃତ ପଶୁଟିକୁ ସନାତନ ଟାଣିନେବ, ପଡ଼ିଆରେ ପୋତିବ, ତାପରେ ପୋଖରୀରେ ଯାଇ ଗାଧୋଇବ । ଦୋକାନରେ ଚା ଓ ବିସ୍କୁଟ୍ ଖାଇବାର ଖର୍ଚ୍ଚଟା ପବ୍ଲିକ୍ ତାକୁ ଦିଅନ୍ତି । ତା' କାମର ପାରିଶ୍ରମିକ । ଏସବୁ କାମରେ ସନାତନର କୌଣସି ଆପତି ନାହିଁ । ଜନ୍ତୁ କୁହ, ମଣିଷ କୁହ, ଯାହାର ସଦ୍‌ଗତି କରାଯିବ ଏଥିରେ ପୁଣ୍ୟ ହେବ । କିନ୍ତୁ ତାହାର ଗୋଟିଏ ବୈଶିଷ୍ଟ୍ୟ ଯେ, ବେଳେବେଳେ ସେ ଗନ୍ଧ ବାରିପାରେ । ବହୁତ ପଚାସଢ଼ା ଗନ୍ଧ, କେହି ନଜାଣି ପାରିଲେ ମଧ୍ୟ ସେ ଜାଣିପାରିବ ।

ସେହିଦିନର ପଚାଗନ୍ଧ ସନାତନର ଚାରପଟ ବାୟୁକୁ ଦୂଷିତ କରିଥିଲା । ପ୍ରଳୟ ପାଲ ଖୁନ୍ ହୋଇଯାଇଛି । ଆଉଥରେ ସେ ବହୁତ ପଚାଗନ୍ଧ ପାଇଥିଲା ।

ରେବାମଣି ଆଗରୁ ବାବୁଙ୍କର ସ୍ତ୍ରୀ ଥିଲା । ତା'ର ପିଲାଛୁଆ ହେଲାନି, କ'ଣ ବା ଆଉ

କାଟିବା ଯୋଗୁଁ କେତୁ ଜେଲ୍ ଯାଏ । ଆଉ ନିୟମ ବି କେତୁ ଜେଲକୁ ଗଲେ ମହନୀ କାମ ଖୋଜିଯିବ । ଏଭଳି ନିୟମର ରାଜତ୍ୱରେ ବି ଶୂନ୍ୟ କୁଟୀରର ଚାଳ ଭିତରୁ କୁହୁଡ଼ି ଗଳିଆସେ । ଶରୀର ମଦ ଚାହେଁ, ଟିକିଏ ନିଶା, ଟିକିଏ ଭୁଲି ରହିବା ।

ରାମ ହାଲଦାର ଓ ବିଶାଳ ମାହାତୋ ଦୁଇଟା ଝଣ୍ଡାର ଲୋକ ହୋଇପାରନ୍ତି । କିନ୍ତୁ କେତୁ ଆଖିରେ ଦୁହେଁଯାକ ଏକା । ସେମାନଙ୍କର ଆଖିରେ ସେ ନିଜକୁ ବୋକା ଦେଖାଏ । ଦୁଇ ଦେବତାଙ୍କୁ ତୁଷ୍ଟ କରି ନ ରଖିଲେ ଏ ଅଞ୍ଚଳରେ ରହିବା ମୁସ୍କିଲ । କେତୁର କୌତୁହଳ ହେଲା, ସାମ୍ନାରେ ଭୋଟ ଅଛି । ବିଶାଳବାବୁ ଘୁରି ବୁଲୁଛନ୍ତି । ସଭା କରୁଛନ୍ତି । ଅଥଚ ଭୋଟ କଥା ନୁହେଁ, କୌଣସି ଅସତ କଥା କହିବେ । କି କଥା ? ତିନିଛକରେ ଅର୍ଜ୍ଜୁନ ଗଛଟାକୁ ହେବ । କାହିଁକି ବାବୁ, ଏବେ ତ ଜେଲ୍‌ରୁ ଆସିଲି ବାବୁ । ଏ କଣ ରାମ ହାତଲଦାର କଥାରେ କି ଗଛଟାକୁ କାଟିଲେ ଜେଲ୍‌କୁ ଯିବୁ । ମୋ କଥାରେ ସରକାରୀ ତିନିଛକରେ ଗଛଟାକୁ କାଟିବୁ ତୋତେ ଜେଲ୍ ଦେବ କିଏ ? କେତୁ ମୁଣ୍ଡରେ କଥାଟି ଜୁଟିଲା ସେ କହିଲା – ବିଶାଳ ବାବୁ ତ ଏଇକ୍ଷଣି ହାକିମ ହୁକୁମା । ସେମାନେ ପରା ଦେଶ ଚଳାଉଛନ୍ତି । ସେଥିପାଇଁ ବିଶାଳବାବୁଙ୍କ କଥାରେ ସରକାରୀ ସଡ଼କରେ ଛାଇ ଦେଉଥିବା ଗଛଟି କାଟିଲେ ଜେଲ୍ ହାଜତ ହେବନାହିଁ ।

ପୁଣି କହିଲା – ବାବୁ ଭୋଟ ହେବ ବୋଲି କ'ଣ ସଡ଼କ ପକା ହେବ । ସେଥିପାଇଁ ଗଛକଟା ହେଉଛି । ପକା ସଡ଼କ ଏହି ରାସ୍ତାରେ – ଆରେ କେତୁ, ତିରିଶ ବର୍ଷରେ ସଡ଼କ ହୋଇନାହିଁ, ଆଉ ହେବନି । ସଡ଼କ ନୁହେଁରେ ଗଛଟା ମୋର ଦରକାର ।

ଭୀଷଣ ଭୀଷଣ ଚାପ । ବିଶାଳ ମାହାତୋ ଓ ରାମ ହାଲଦାର ଦୁଇଟି ଝଣ୍ଡାର ଲୋକ । ଜଣେ ପଞ୍ଚାୟତରେ ଅଛି, ଅନ୍ୟଜଣଙ୍କର ଜିଲ୍ଲା ବାହାରେ ଖେରା କାଠର କାରଖାନା ଅଛି । ବକ୍ତୃତାରେ ଜଣେ ଜଣଙ୍କର ବିରୋଧୀ । କିନ୍ତୁ ବିଶାଳବାବୁଙ୍କର କଥାରେ ଯଦି କେତୁହେରିକା ଅର୍ଜ୍ଜୁନ ଗଛଟିକୁ କାଟନ୍ତି, ତେବେ ରାମ ହାଲଦାର ଟ୍ରକ ସେ ଗଛ ଚାଲାଣ କରିଦେବ ।

କେତୁ ଉପରେ ଭୀଷଣ ଚାପ । ହାୟ ! ଗଛଟିକୁ ବଞ୍ଚେଇ ହେଲାନାହିଁ । ସେହି ଗଛଟି ଜମିଦାରୀ ଅମଳର ବଳଡିହ ଜଙ୍ଗଲର ଶେଷ ପ୍ରତୀକ । ଗଛଟି ଦେଖିଲେ କେତୁହେରିକାଙ୍କର ଏବେବି ଅତୀତ କଥା ମନେ ପଡ଼ିଯାଏ । ସେତେବେଳେ ଜଙ୍ଗଲ ଭଳି ଜଙ୍ଗଲ ଥିଲା । ଆଉ ଶବରମାନେ ଥିଲେ ବନଜୀବୀ । ଅର୍ଜ୍ଜୁନ ଗଛ, ନିଆଁଲଗା – ଗୋଦା ମହାପାତ୍ର । ସେହି ଗଛଟା ହିଁ ଦରକାର ତାର ।

ଅର୍ଜ୍ଜୁନ ଗଛଟି ରାସ୍ତାର ତିନିଛକରେ ଅଛି । ଅନାଦି ଅନନ୍ତ କାଳରୁ ଯେପରି ଅଛି କିଏ ବା





ପାତ୍ର ପୂର୍ଣ୍ଣକରି ଉପୁଡ଼ି ପଡୁଛି – ମିତ୍ରାର ତାହା ପ୍ରଶାନ୍ତଙ୍କ ପାଖରେ ପ୍ରକାଶ ପାଇପାରେ ନାହିଁ । ଏକ ଅଭାବନୀୟ ଶାନ୍ତ, ସୁନ୍ଦର ଜୀବନ ଭିତରକୁ କାହିଁକି ବିନୟକୁ ଟାଣି ଆଣିବାକୁ ଚାହିଁଲା ମିତ୍ରା । କେଉଁଠି ଟିକିଏ ଦୁର୍ବଳତା ରହିଛି – ବିନୟ ପ୍ରତି ।

ମିତ୍ରା ଜୀବନର ଏହି ସୁପ୍ତ ଅଂଶଟାକୁ କେବଳ ଜାଗ୍ରତ କରାଇବାରେ ବିନୟ ସହାୟକ ହୋଇପାରିବ ବୋଲି ସ୍ୱାମୀ ପ୍ରଶାନ୍ତ ଆଜି ବିନୟକୁ ତାଙ୍କ ଘରକୁ ଡାକିଛନ୍ତି । ଏହା ଜାଣିପାରେ ମିତ୍ରା । ସ୍ୱାମୀ ପ୍ରଶାନ୍ତ କ'ଣ, କେତେ ସ୍ତ୍ରୀ ମିତ୍ରା ହୃଦୟର ଖବର ରଖନ୍ତି ! ମିତ୍ରାର ଖାଇବା, ପିନ୍ଧିବା ଓ ରୋଗରେ ଔଷଧ – ଏତିକି କ'ଣ ଜଣେ ମଣିଷର ବଂ୍ରହିବା ପାଇଁ ଯଥେଷ୍ଟ ! ନାଁ, ସବୁରି ଭୁଲ୍ ବୁଝାଇ ସେ ସମାଧାନ କରିବ ଆଜି ।

ମିତ୍ରାକୁ ସ୍ୱାମୀ ପ୍ରଶାନ୍ତ କହିଥିଲା – ମାନେ ତ ଖୁବ୍ ସହଜ । ପିଲାଛୁଆ, ସାଙ୍ଗସାଥୀଙ୍କ ଚର୍ଚ୍ଚା କରୁକରୁ ହତଭାଗା ସ୍ୱାମୀଟା ପ୍ରତି ଦୃଷ୍ଟିଦେବାକୁ ମୁହୂର୍ତ୍ତକ ପାଇଁ ଯାହାଙ୍କର ଇଚ୍ଛା ବା ଅବସର ହୁଏନାହିଁ, ସେ ହଠାତ୍ ଏହିଭଳି କୃପାଦୃଷ୍ଟି ପାଇବାଟା କ'ଣ ଆଶ୍ଚର୍ଯ୍ୟ ନୁହେଁ ?

ମିତ୍ରା ଯେପରି ଏକ ଐନ୍ଦ୍ରଜାଲିକ ମାୟାରେ ପଡ଼ିଯାଇଛି । ଇଏ କ'ଣ ! ପ୍ରଶାନ୍ତର ଏହି ରୂପ ସେ ତ ଆଗରୁ ଦେଖିନଥିଲା ! ଠିକ୍ ଏତିକିବେଳେ – ଅଫିସ ଘରର ଏହି ସୁନ୍ଦର ଟେକ୍ସଟାଇଲ ପର୍ଦ୍ଦାଟା ହଠାତ୍ କିଏ ଉଠାଇ ଦେଲା !

ନନ୍ଦିନୀ ଶତପଥୀଙ୍କର ଗଳ୍ପ ସଂକଳନ "କେତୋଟି କଥା"ରୁ 'ଅଭିମାନ' ଗଳ୍ପର ସାରାଂଶ ଉପସ୍ଥାପିତ ।

**(୪) ତାସ୍‌ଘର :**

ଅଦ୍‌ଭୁତ ଏକ ଅବସ୍ଥା ଦେଖାଦେଇଛି – ପ୍ରତିମାଙ୍କ ଜୀବନରେ । ପିଲାଟି ଦିନରୁ ଯେପରି ପାରିପାର୍ଶ୍ୱିକ ଅବସ୍ଥା ଭିତରେ ବଢ଼ିଥିଲେ । ଭବିଷ୍ୟତରେ ଏକ ଧୀର ମନ୍ଥର ଜୀବନର ପରିକଳ୍ପନା ସେ ତାଙ୍କର ଅଜାଣତରେ କରିଥିଲେ । ଅସହ୍ୟ ବିରକ୍ତିରେ ରେଡ଼ିଓ ନିକଟରେ ଠିଆ ହୋଇଥିଲେ ପ୍ରତିମା, କଟକ ଷ୍ଟେସନ୍‌ର ନାରୀମହଲ ପ୍ରୋଗ୍ରାମ । ସଙ୍ଗୀତ ପରେ ସମ୍ବାଦ ପରିବେଷଣ କରିବା ପାଇଁ – କେନ୍ଦ୍ର ସରକାର ଦେଶରେ ପତିତା ନାରୀମାନଙ୍କର ଉଦ୍ଧାର ଓ ଥଇଥାନ ବ୍ୟବସ୍ଥା ପାଇଁ ମଞ୍ଜୁର କରିଛନ୍ତି... ପ୍ରତିମା ସତକୁ ସତ ଏଥର ରେଡ଼ିଓ ବନ୍ଦ କରିଦେଲେ ।

ରୋଷେଇଘରେ ଟିଂ ଟାଂ ଶବ୍ଦ – ପୂଜାରୀ ଚା' କରିଦେବ । ମାତ୍ର ପ୍ରତିମା ମନା କରିଥିଲେ ଓ ପ୍ରତିମା ଧୀରେ ଧୀରେ ଘର ଉପରକୁ ଉଠିଲେ । ବାହାରକୁ ବାହାରିବାକୁ ଚାହିଁଲେ ତ ଲୁଗା

ବାଛିବାଟା ବଡ଼କଥା । ଦୁଇଟା କାଞ୍ଜିବରମ୍ ଓ କାଶ୍ମୀର ସିଲିକ୍ ନହେଲେ ହେବନାହିଁ । ମିସେସ୍ ପ୍ରତିମା ସିଂହ, ପୁଅଟିକୁ ପାଠ ପଢ଼ିବାକୁ ଡେରାଡୁନ ପଠାଇବା ଦିନଠାରୁ ଆଉ ଦାମିକା ଶାଢ଼ି ପିନ୍ଧୁନାହାନ୍ତି । ତା' ସାଙ୍ଗରେ ଝିଅ ତିନିଜଣ ଜା' ଙ୍କର । ପୁଣି ଶାଢ଼ି ଆଉ ଫ୍ରକ୍ ଦରକାର ।

ଠିକ୍ ସେତିକିବେଳେ ଚମକି ପଡ଼ିଲେ ପ୍ରତିମା । ସାମନାର ଲାଇଫ୍‌ସାଇଜ ଦର୍ପଣଟା ଉପରେ ହଠାତ୍ ପଡ଼ିଲା ଅତି ଅବାଞ୍ଛିତ ଏକ ଆଗନ୍ତୁକଙ୍କ ଛାଇ । ଅସମୟରେ ଗୋଳମାଳ କଲି - କହି କ୍ଷମାଦେବ । ପଶିଆସିଲେ - ଶର୍ମିଳାଦେବୀ । ସେ ସଙ୍ଗେ ସଙ୍ଗେ ଚାକର ଉପରେ ରାଗିଗଲେ - ସାହେବଙ୍କ ଅମଳରେ କି ଚମତ୍କାର ଡିସିପ୍ଲିନ୍ ଥିଲା । ତା'ପରେ କହିଲେ ସାରା ଦ୍ୱିପ୍ରହର ଏକୁଟିଆ ବସି ବିରକ୍ତି ହେଉଥିଲୁ ।

ସେଇଠୁ ଶର୍ମିଳା କହିଲେ - ମହିଳା ଅଧିବେଶନର ବାର୍ଷିକ ଉତ୍ସବ । କଥା ଛଡ଼ାଇନେଲେ ପ୍ରତିମା । କହିଲେ, କ'ଣ ଚାନ୍ଦା ଦରକାର । ଶର୍ମିଳା ଉତର ଦେଲେ ନାହିଁ ମ, କ'ଣ ଅଛି ଆମର - ୪ଶ ପିଲାଙ୍କୁ କେତେଟଙ୍କା ଖର୍ଚ୍ଚ ହେଉଛି ଆପଣ ଜାଣିଛନ୍ତି । ଉତର ଦେଲେ ପ୍ରତିମା । ଶର୍ମିଳାଦେବୀ କହିଲେ - ରାଗିବେନି ପ୍ରତିମାଦେବୀ । ଆପଣଙ୍କ କଥା ଶୁଣି ମୋତେ ଲାଗୁଛି ଦେଶରେ ଦୁର୍ଭିକ୍ଷ ପଡ଼ିଛି । ଶୁଣି ଆଶ୍ଚର୍ଯ୍ୟ ହୋଇ ସେ ପଚାରିଲେ - କ'ଣ ଲୋକଙ୍କୁ ପଲାଉ ଗଣ୍ଡେ ବି ଖାଇବାକୁ ମିଳୁନାହିଁ ! ହଠାତ୍ ପ୍ରତିମା କହିଲେ ଥାଉ ଥାଉ, ଆପଣଙ୍କ ବକ୍ତୃତା ବନ୍ଦ କରନ୍ତୁ ।

ସେଠୁଁ ଶର୍ମିଳା ପ୍ରତିମାଦେବୀଙ୍କୁ କହିଲେ, ମୁଁ ଚାନ୍ଦା ପାଇଁ ଆସିନାହିଁ । ଆମର ବାର୍ଷିକ ଅଧିବେଶନରେ ଯୋଗଦେବା ପାଇଁ ନିମନ୍ତ୍ରଣ କରିବାକୁ ଆସିଅଛି । କେଉଁ ଜାଗାରେ ମିଟିଂ ହେବ, ଶର୍ମିଳା କହିଲେ । ଫକୀରପୁରର ଶରୀମାନ, ଏକ ଖୋଲା ମଣ୍ଡପରେ ସଭା ଆୟୋଜନ କରିଛନ୍ତି ।

ଏତିକି କହି ଶର୍ମିଳାଦେବୀ ସେଠାରୁ ଚାଲିଗଲେ । ମଝିଆଁ ଝିଅ ଆରତୀ କଲେଜରୁ ଫେରିଲା । ଏହି ଝିଅଟି ପାଇଁ ପ୍ରତିମାଦେବୀ ଭାରି ଗର୍ବିତ । ମା'ଙ୍କ ଆଗରେ ଠିଆ ହେଲା ଆରତୀ ନାଇଲନ୍ ଫ୍ରକ୍ ଉପରେ । ମା' ତୁମେ ତୁମର ଫ୍ରକ୍ ନିଅ, ମୋତେ ଗୋଟିଏ ଧଳା ଖଦଡ଼ କନାର ଫ୍ରକ୍ ଦିଅ । ମୁଁ ମହିଳା ମନ୍ଦିର ସମ୍ମିଳନୀରେ ମୁଖ୍ୟ ସ୍ୱେଚ୍ଛାସେବୀକା ହୋଇଛି । କିଏ ତୋତେ କରିଛି ! ଶର୍ମିଳା ମାଉସୀ, ଶର୍ମିଳା ମାଉସୀ ।

ଆରତୀ କହିଲା - ମା' ତାଙ୍କ ସାଙ୍ଗରେ ଆମେ ବସ୍ତିକୁ ଯାଇ କେତେକାମ କରିଅଛୁ । ଆରତୀ ନୀରବରେ ଶୁଣୁଥିଲା । ବିଶ୍ୱବିଦ୍ୟାଳୟରେ ଏଣିକି ସମାଜସେବା କାର୍ଯ୍ୟ ବାଧ୍ୟତାମୂଳକ ହେବ ।

**(୫) ଡଷ୍ଟବିନ୍ :**





ଦୁଃଖକଷ୍ଟରେ ଚଳନ୍ତି । ଆଜିକାଲି କବିଙ୍କ ପୁଅ ସପନ ଅନେକ ଦରମା ପାଏ । ଟି.ଭି. କିଣିଛି, ତା'ର ସ୍ତ୍ରୀ ମଧ୍ୟ ଚାକିରି କରେ । ପୁଅର ମୁହଁ ମଧ୍ୟ ଆଉ କବିପତ୍ନୀ ମନେପକାଇ ପାରୁନାହାନ୍ତି । ଯେଉଁ ସ୍ୱାମୀ ତାଙ୍କର ଉପରେ ନିର୍ଭରଶୀଳ ତାଙ୍କର ବାସନରେ ସେ ଖାଇବାକୁ ବସିପଡ଼ନ୍ତି । କବି ତାଙ୍କର ପତ୍ନୀଙ୍କୁ କହୁଥିଲେ - ଟିକେ ଦେଖିବ ହିମାଂଶୁବାବୁ ଯଦି ଚେଷ୍ଟା କରନ୍ତି, ତାହେଲେ ମୁଁ ବି ଦୁଃସ୍ଥ ଲେଖକ ବୃତି ପାଇପାରିବି । ନିଖିଳ ରିକ୍ସା ଧରି ଆସି କବିପତ୍ନୀଙ୍କୁ ସାଙ୍ଗରେ ବସେଇ ସଭାସ୍ଥଳକୁ ନେଇଗଲା ।

ପ୍ରାରମ୍ଭରେ ସଙ୍ଗୀତ ଗାନ କରାଯାଇ ସମ୍ବର୍ଦ୍ଧନା ସଭା ଆରମ୍ଭ କରାଗଲା । ହଠାତ୍ ହିମାଂଶୁବାବୁଙ୍କ ସ୍ୱର ଶୁଣିଲେ - କବି ସୁପ୍ରଭାତ ଦତ୍ତ ଚୌଧୁରୀଙ୍କର ବିଷୟରେ ଆଜିକାଲିର ପିଲାମାନେ ଶୁଣିବାର କିଛି ଆବଶ୍ୟକତା ଅଛି । 'ଉଷା ଓ ଗୋଧୂଳି', 'ଚିର ବିଦାୟ', 'ଆସ ଫେରିଆସ' କବିଙ୍କର କବିତା । କୌଣସି ପ୍ରକାରରେ କବିପତ୍ନୀ କହିଥିଲେ ମୋ ସ୍ୱାମୀଙ୍କ ତରଫରୁ ମୁଁ ଆପଣଙ୍କୁ ଧନ୍ୟବାଦ ଜଣାଉଛି । ନମସ୍କାର । ସେତେବେଳେ କବିପତ୍ନୀ କହିଲେ ଚାଲ ଚାଲ ବାପା, ସ୍ୱାମୀଙ୍କ ଭାଷଣଟି ଆଉ ଲଫାପାଟି ଜାମା ଭିତରେ ଗୁଞ୍ଜିଦେଲେ ।

କବିପତ୍ନୀ ଘରକୁ ଆସି କହିଲେ ହିମାଂଶୁବାବୁ ତୁମର କେତେଯେ ପରିଚୟ ଦେଲେ - ସତ କହୁଚ - ନିଶ୍ଚିତ । ଗୌରବର ଦିନ, ଆନନ୍ଦର ଦିନ । ଆଖିରେ ତ ପାଣି ଆସିଯିବ । ତା'ପରେ ମାନପତ୍ରଟିକୁ କବିପତ୍ନୀ ପଢ଼ିଦେଲେ କବି ଶୁଣିଲେ । କବିପତ୍ନୀ କାନ୍ଦି ଉଠିଲେ । ତାଙ୍କର ମୁଣ୍ଡ ଉପରେ ହାତ ବୁଲାଇଆଣିଲେ ସୁପ୍ରଭାତ । ସ୍ୱାମୀଙ୍କର ସଗର୍ବ ସ୍ୱୀକୃତି ପାଇବା ଆବେଗରେ ସ୍ତ୍ରୀ ନିଶ୍ଚିତ କାନ୍ଦୁଛନ୍ତି ।

କାନ୍ଦନା କାନ୍ଦନା ।

କବିପତ୍ନୀ ମୁଣ୍ଡ ହଲାଇଲେ କିନ୍ତୁ କାନ୍ଦ ବନ୍ଦ କରିପାରିଲେ ନାହିଁ ।

**(୫) ଅର୍ଜ୍ଜୁନ :**

ମାର୍ଗଶିର ଯିବାକୁ ବସିଛି, ପୌଷ ଆସିବ । ସେମିତି ଶୀତ ପଡ଼ିନି । ଖରାର ତେଜ ବି ବିଶେଷ କମିନାହିଁ । ବିଶାଳ ମାହାତୋର କ୍ଷେତରେ କାଲି ଧାନ କଟା ସରିଛି । ତଥାପି ଭାବିବାରେ ତ ଗୋଟିଏ ମଜା ଅଛି । ତା ସ୍ତ୍ରୀ ମହନୀ ନାହିଁ । ସ୍ୱାମୀ ଯେତେବେଳେ ଜେଲ ହାଜତରେ, ସେତେବେଳେ ସେ ମାନ ବଜାରକୁ ଧାନ କାଟିବା ପାଇଁ ଯିବ । କେତୁ ତ ଯେତେବେଳେ ସେତେବେଳେ ଜେଲ୍‌ରେ । ଧାନ କାଟିବା, ମାଟି ତାଡ଼ିବା, ଜଙ୍ଗଲରେ ବୁଲିବା ଏହାହିଁ ତାହାର କାମ । ଚାରିଟଙ୍କା ପାଇଲେ ସେ କେତେବେଳେ ଯେ ମଣିଷ କାଟିଦେବ । ସରକାରୀ ବଣ

ପହିଲମାନ ମାନେ ଏଇ ଖବର ପାଇ ଟାଉନ୍‌କୁ ଫେରିବେ ।

* ନନ୍ଦିନୀ ଶତପଥୀଙ୍କ ଅନୁଦିତ ମହାଶ୍ୱେତାଦେବୀଙ୍କ ନିର୍ବାଚିତ ଗଳ୍ପ 'ଛୁରୀ'ରୁ ଆନୀତ

**(୪) କବିପତ୍ନୀ :**

ପଚିଶି ବର୍ଷ ଆଗରୁ କଲୋନୀ କହିଲେ କେତେଗୁଡ଼ିଏ ଝାଟିମାଟି ଘର, ଟିଣଛପର ଘରକୁ ବୁଝାଉଥିଲା । ଏବେ ସେମିତି ଘର କମ ଅଛି – କୋଠାଘର ଦୌରାତ୍ମରେ ସେଗୁଡ଼ିକ ଲୁଚିଯାଉଛି । ଆଗରେ ତିନିରାସ୍ତାର ଛକ, ଜମାଣିଆ ଜାଗା । ମାନୁପାଲର ଦୂରଦର୍ଶୀ ବାପା ସେ ସମୟରେ ଧାନବିଲ କିଣିଥିଲେ । ପରେ ଗୁଣ୍ଠ ହିସାବରେ ବିକ୍ରିକରି ଏବେ ମାଲାମାଲ ହୋଇଯାଇଛନ୍ତି । ପୁଅ ଉପରେ ତାଙ୍କର ଭରସା ନଥିଲା । ସେତେବେଳେ ବି ମାନୁ କହୁଥିଲା ଟଙ୍କା କାଢ଼ ବେଉସା କରିବି । ବାପା କହୁଥିଲେ ମୁଁ ମଲାପରେ ଯାହା କରିବା କଥା କରିବୁ । ସବୁତକ ପାଣିରେ ପକାଇ ଦେବୁ ।

ସେହି ଘର ସାମନାରେ ମାନୁ ଦଶତାଲା ଘର ତୋଳିଛି । ଫ୍ଲାଟ୍ ବିକ୍ରିକରିଛି । ତଳତାଲାରେ ତା'ର ଟେଲିଭିଜନ୍, ଭିଡିଓ, ଓ ରେଡ଼ିଓ ଜିନିଷର ଜମଜମାଟ୍ ଦୋକାନମାନ । ସେଠାରେ ରାଜନୀତି ପାଇଁ ତରୁଣ ସଂଘ ନାମରେ ଗୋଟିଏ ଘର କରିଦେଇଛି । ସଂଘର ମୁଖ୍ୟକାମ ଗୁଡ଼ିଜନ ସମ୍ବର୍ଦ୍ଧନା, ନାଟ୍ୟୋତ୍ସବ ଇତ୍ୟାଦି । ସେହିଦିନୁ ତରୁଣ ସଂଘ ଗୁଣୀଜନଙ୍କୁ ସମ୍ବର୍ଦ୍ଧନା କରୁଛନ୍ତି । ଜଣେ ଲେଖକ, ଜଣେ ଶିଳ୍ପୀ, ଜଣେ ସଙ୍ଗୀତଶିଳ୍ପୀ, ଜଣେ ଖେଳାଳୀ, ଆମ ସାହିର ଲେଖକ, ଅନ୍ଧକବି ସୁପ୍ରଭାତ ଦତ୍ତ ଚୌଧୁରୀ, ଧେତ୍ ନାଁ ବି କେହି ଜାଣନ୍ତିନି ।

ତା'ପରେ ପ୍ରସ୍ତାବ ଅନୁଯାୟୀ ହିମାଂଶୁ ବାବୁଙ୍କୁ ସଭାପତି କରିବାକୁ ହେବ । ସେମାନେ ସମସ୍ତେ ଗୋଟିଏ ରବିବାର ସକାଳେ ସୁପ୍ରଭାତଙ୍କ ଘରକୁ ପ୍ରସ୍ତୁତି କମିଟିଟି ଗଲା । ଜୀର୍ଣ୍ଣଶୀର୍ଣ୍ଣ ଘର, ବାଉଁଶ ବାଡ଼ରେ ଘେରା ଅଗଣା । ସେହି ବାଉଁଶ ଖୁଣ୍ଟିରେ ଚିଠିବାକ୍ସ । କବିପତ୍ନୀ ଅଗଣାରେ କାଠଗୁଣ୍ଡ ମିଶାଇ ଗୋଳା ବାନ୍ଧି ରଖୁଥିଲେ । ସେମାନେ ଯେତେବେଳେ ଘର ଭିତରକୁ ଗଲେ ସୁପ୍ରଭାତ ଲୁଙ୍ଗି ପିନ୍ଧି ଚେୟାରରେ ବସିଛନ୍ତି । ଆଖିରେ କଳା ଚଷମା, ମୁଣ୍ଡବାଳ ଧଳା । ସେମାନେ କହିଲେ ଏ ବର୍ଷ ତରୁଣ ସଂଘ ତରଫରୁ ଆପଣଙ୍କୁ ସମ୍ବର୍ଦ୍ଧନା ଦେବୁ । ମୁଁ ତ ଆଉ ଚାଲିବୁଲି ପାରୁନାହିଁ । ନିଖିଳ କହିଲା, ଆଜ୍ଞା ଆପଣ ନଗଲେ ଆମ୍ଭେ ଆପଣଙ୍କର ପ୍ରତିନିଧି ଆଇଙ୍କୁ ନେଇଯିବୁ । ଏହାପରେ ସେ ତାଙ୍କର ସ୍ତ୍ରୀଙ୍କୁ କହିଲେ ମୋ ତରଫରୁ ସମ୍ବର୍ଦ୍ଧନା ନେଲେ କ'ଣ ଭାଷଣରେ କହିବ ?

କବିଙ୍କ ପେନ୍‌ସନ ମାତ୍ର ତିନିଶହ ଏଗାର ଟଙ୍କା ମାସକୁ । ସେତିକିରେ ସେମାନେ





ଡଷ୍ଟବିନ୍ ଗଳ୍ପରେ ଗାଳ୍ପିକା ନନ୍ଦିନୀ ଶତପଥୀ ଆଧୁନିକ ସମାଜରେ ପ୍ରତ୍ୟେକ ପରିବାରର ପିଲାମାନଙ୍କ ସାମ୍ପ୍ରତିକ ଚିନ୍ତାଧାରା ବିଷୟରେ ଆଲୋକପାତ କରିଅଛନ୍ତି ।

ତମବେଳକୁ ଏସବୁ ଦେଖାଗଲାଣି । ଆମ ସମୟରେ କଅଣ ଝିଅମାନେ କମ୍ କାମ କରୁଥିଲେ ନା କମ୍ କଷ୍ଟ ସହୁଥିଲେ, ହେଲେ ଏମିତି ବେଆଡ଼ା ନଥିଲେ ।

ଆଲୋ ସେ କ'ଣ ଗୋଟିଏ କଥା – ଢଙ୍କିଶାଳରୁ ଢେଙ୍କାନାଳ ପର୍ଯ୍ୟନ୍ତ ଯେତେ ଝିଅଙ୍କୁ ଦେଖିଲି, ସଭିଏଁ ଏକାପରି । ଏଇ ଯାହା ଉଣେଇଶ ବିଶ୍ । ବେଶୀ ପାଠ ପଢୁଆ ଯାହା, ଦରପାଠ ପଢୁଆ ବି ସେଇଆ । ଡାକ୍ତରାଣୀ, ପ୍ରଫେସର, ମାଷ୍ଟରାଣୀ ଯେମିତି ହେଉଛନ୍ତି; ଏହି ନର୍ସ ଗ୍ରାମସେବିକା, ଧାଈଏ ବି ହେଉଛନ୍ତି ସେମିତି ।

ଆଲୋ – ସେମାନେ ତ ଖଜୁରୀ ଗଛ, ମୂଳରୁ ପାହାଚ ପାହାଚ । ସେହି ଯୋଉଁ ଝିଅଟା ଆମଘର ପାଖରେ ଥିଲା, ବିଧବା ମାଟିଏ, ତା'ର ଖାଲି । ପାଠ ପଢ଼ିବ ବୋଲି ଯିଦ୍ ଧରିଲା । ମା'ଟି ଯା ଘରେ ତା' ଘରେ କାମ କରି ଯାହା ପଇସା ରଖିଥିଲା, ସେଥିରେ ଯାଇତାହି କରି ଝିଅଟିକୁ ଉଠାଇବା ପାଇଁ ଯୋଜନା କରିଥିଲା । ହେଲେ ଝିଅ କି ମଙ୍ଗେ ସେଥିରେ, ନର୍ସ ହେବ, ରୋଜଗାର କରିବ । ତହିଁରେ କି ସରକାର ଖଞ୍ଜିଦେଇଛନ୍ତି – ବତି । ଏବେ ପୁଣି ପାସ୍ କରି କେଉଁଠି ଗୋଟାଏ ଚାକିରି କଲାଣି । ମା'ଟାକୁ ଏଠାରୁ ନେଇଗଲା, ପାଖରେ ରଖିଛି । ମା' ରାନ୍ଧିବାଢ଼ି ଦେବ, ଝିଅଟାଏ ହୋଇ ଯେବେ ରୋଜଗାର କରେ...

ମୁଁ ଅସହିଷ୍ଣୁ ହୋଇ ପଚାରିଲି – କ୍ଷତିଟା ଏଥିରେ କ'ଣ ହେଲା ? ମୁଁ ତ ଆଦୌ ବୁଝିପାରୁନାହିଁ । ଝିଅଟି ବହୁତ ପୁଅ ସାଙ୍ଗମାନଙ୍କ ସାଥିରେ ମିଶିବାର ଲୋକ ଦେଖି ବିରକ୍ତି ଭାବ ପ୍ରକାଶ କରୁଥିଲେ । ଦେଖନ୍ତୁ–ଝିଅମାନଙ୍କୁ ବାହାରକୁ ବାହାରି କାମ କରିବାକୁ ହେଲେ – ପା* ଲୋକଙ୍କର ସାଙ୍ଗରେ ମିଶିବାକୁ ହେବ । ହସଖୁସି କଥା କହିବାକୁ ହେବ । ଆପଣମାନେ ଯେତେବେଳେ ବାହାରିଥିଲେ, ସେତେବେଳେ ତ ପୁଣି ପାଞ୍ଚଲୋକଙ୍କ ସାଙ୍ଗରେ ମିଶିଥିଲେ । ପାଞ୍ଚ କଥା ଶୁଣିଥିବେ, ଯାହାକିଛି ନୂଆ କରିବାକୁ ଗଲେ, ଏମିତି ଅସୁବିଧା ଲାଗେ । ଚଳେଇ ନେଲେ ସବୁ ଚଳିଯାଏ ।

ଭାରି ହସ ମାଡ଼ିଲା । ନର୍ସଟା ବାହା ହେଲାନାହିଁ । ସେଥିପାଇଁ ଦୋଷୀ । ସରମା ବାହା ହେବାକୁ ଇଚ୍ଛା କରୁଛି ତେଣୁ ସେ ସ୍ୱାର୍ଥପର । ଅଦ୍ଭୁତ ବିଚାରତ ! କହିଲି ତ୍ୟାଗଟା କ'ଣ ଖାଲି ଗୋଟିଏ ଦିଗରୁ ହୁଏ ଆଜ୍ଞା ! ସରମା ଏତେଦିନ ତ ଭାଇ-ଭଉଣୀମାନଙ୍କ ପାଇଁ ତ୍ୟାଗ କଲା । ଏଥର ସେମାନେ ତା' ପାଇଁ ତ୍ୟାଗ କରନ୍ତୁ !

ଭଦ୍ର ମହିଳାଙ୍କର ତିନିଗୋଟି ପୁଅ । ପୁଅଗୁଡ଼ିକୁ ବାହା କରିବାକୁ ଯାଇ ସେ ସ୍କୁଲ, କଲେଜରେ ବୁଲି ବୁଲି ଝିଅ ଖୋଜନ୍ତି । ଝିଅଟି କେବଳ ରୂପସୀ ହେଲେ ଚଳିବ ନାହିଁ । ନାଚଗୀତ ଜାଣିଥିବା ଦରକାର, ଏ ସର୍ତ୍ତ ତାଙ୍କର ଥିବାର ମୁଁ ଜାଣିଥିଲି । କହିଲି-ନାଚଗୀତ ନ ଶିଖିଲେ ତ ଆଜିକାଲି ବରଟେ ପାଇବା କଷ୍ଟ । ବାପା-ମା' ଆଉ କରିବେ କ'ଣ ? ଆପଣ ଯୋଉଁ ଇଜ୍ଜତ, ମହତ କଥା କହୁଛନ୍ତି-ମୁଁ ସେଥିରେ ଏକମତ ନୁହେଁ । ଯେ ନିଜର ମର୍ଯ୍ୟାଦା ରକ୍ଷା କରିବାକୁ ନଶିଖିଛି, ତା ପାଇଁ ଘର ବାହାର ସବୁ ଏକାକଥା । ଘରେ ବନ୍ଦ କରି ରଖିଲେ, କ'ଣ ଭଲ ହୋଇ ରହିବ ?

କ'ଣ ଆଜ୍ଞା, ଭାଙ୍ଗିବାକୁ ଆଉ କାହାରି ଘର ମିଳିଲା ନାହିଁ । ମୋର କପାଳରେ କୁଆ ଉଡ଼ିଲା । ଏଇତ ଅଧଘଣ୍ଟାଏ ହେଲା, ମୁଁ ଶୁଣୁଛି - ସଂସାର ଯାକର ମଇଳା କେବଳ ଆପଣ ଘାଣ୍ଟି ଚାଲିଛନ୍ତି ।

ଆଉକିଛି ଶୁଣିବା ପୂର୍ବରୁ ରାଗରେ ତମତମ ହୋଇ ସେ ବାହାରିଗଲେ । ଆଉ ଠିକ୍ ତାଙ୍କ ପଛେ ପଛେ, ଇଏ କହିଉଠିଲା - ଧନ୍ୟରେ ଡଷ୍ଟବିନ୍ ।

ଗାଳ୍ପିକା ନନ୍ଦିନୀ ଶତପଥୀଙ୍କ ଗଳ୍ପ ସଂକଳନ "କେତୋଟି କଥା"ରୁ 'ଡଷ୍ଟବିନ୍' ଗଳ୍ପର ସାରାଂଶ ପାଠକପାଠିକାଙ୍କ ପାଇଁ ସମ୍ୟକ ଉପସ୍ଥାପନା ।

**(୬) ଜିତାପଟ :**

ଗାଳ୍ପିକା ନନ୍ଦିନୀ ଶତପଥୀଙ୍କ ଗଳ୍ପ ସଂକଳନ "କେତୋଟି କଥା"ରେ 'ଜିତାପଟ' ଏକ ଗଳ୍ପ । ଆଧୁନିକ ସମାଜରେ ଗରିବ ଓ ଅର୍ଥାଭାବ ମଣିଷର ସାମାଜିକ ସ୍ଥିତିକୁ ଦୋହଲାଇ ଦିଏ, ସହରରେ ଭଡ଼ାଘର ନେଇ ଏକା ରହିବା ଗୋଟିଏ କର୍ମଚାରୀ ପକ୍ଷରେ ସମ୍ଭବ ହୋଇନଥାଏ । ତେଣୁ ତାକୁ ସାହାଯ୍ୟର ହାତ ବଢ଼ାଇ ଦେଇଥାଏ, ତା'ର ଜଣେ ବନ୍ଧୁ । କିନ୍ତୁ ଦୁଇ ବାନ୍ଧବୀଙ୍କ ମଧ୍ୟରେ କଳିତକରାଳ ଏହାର ମୁଖ୍ୟ ବିଷୟବସ୍ତୁ ।

ପାଖାପାଖୀ ଦୁଇଟା ଘର । ବରଂ ଗୋଟିଏ ଘରର ଦୁଇଟି କୋଠରୀ କହିଲେ ଚଳେ । ଦୁହିଁଙ୍କର ଗୋଟିଏ ଅଗଣା, ଗୋଟିଏ ପାଇଖାନା ଓ ଲଗାଲଗି ଦୁଇଟି ଛୋଟିଆ ରୋଷେଇଘର । ଗୋଟିଏ ଘରକୁ ଭଡ଼ା ଦେଇଛନ୍ତି ଏମାନେ ଦୁଇଜଣ । ଗୋଟିଏ ପରିବାର, ସ୍ୱାମୀ ଓ ସ୍ତ୍ରୀ ମିଶି ଚାରିଜଣ । ଅଥଚ ଏବେ ଅମେଳ ସେମାନଙ୍କ ମଧ୍ୟରେ ଶଙ୍କର ଓ ତାଙ୍କର ସ୍ତ୍ରୀ ସୁଶୀଳା । ଶଙ୍କର ପଞ୍ଚଅଶୀ ଟଙ୍କାର କିରାଣୀ କଟକ ସହର ବୁଲି ବୁଲି ବହୁ କଷ୍ଟରେ ଯୋଗାଡ଼ କରିଅଛନ୍ତି ଏହି ଘର ଖଣ୍ଡିକ । ଅଥଚ ଭଡ଼ା ଚାଳିଶ ଟଙ୍କା । ଭଡ଼ା ପାଇଁ ପଞ୍ଚଅଶୀ ଟଙ୍କା ଦରମାରୁ ଚାଳିଶ ଟଙ୍କା ଦେଲେ ଘର ଚଳିବ ବା କେମିତି ! ଠିକ୍ ଏତିକିବେଳେ ତାକୁ ବନ୍ଧୁତ୍ୱର ହାତ ବଢ଼ାଇଛନ୍ତି ତାଙ୍କର ବନ୍ଧୁ



ସାରସ୍ୱତସାଧିକା ନନ୍ଦିନୀ ଶତପଥୀ

ନମ୍ବରୀ ଇଟା, ଏକନମ୍ବରୀ ବାଲି, ଖାଣ୍ଟି ସିମେଣ୍ଟ ଇତ୍ୟାଦି ସବୁ ବ୍ୟବହାର କରାଗଲା । ସର୍ବମୋଟ ଥାନାର ଗୋଟାଏ ଲମ୍ବା କୋଷ୍ଠୀ ତିଆରି କରାଗଲା । ଜ୍ୟୋତିଷାର୍ଣ୍ଣବ ଗର୍ଜିଉଠିଲେ । ଏଥର ଯେଉଁ ଥାନା ତିଆରି ହୋଇଛି, ତାହା ଦୁଇଶହ ବର୍ଷ ରହିବ ।

ଥାନାବାବୁ କହିଛନ୍ତି, କାହାକୁ କାମ ବୁଝାଇବି, କାମସୂତ୍ର ତ ପଢ଼ିଛ । ମାଷ୍ଟ୍ର ଛାତ୍ରୀ କଥା ପଢ଼ିଛ । ଗୃହସ୍ଥର ଟୁଟୁକା ଓଷଦ କଥା ପଢ଼ିଛ । କ'ଣ କମ୍ ପଢ଼ିଅଛ । ମାଳତୀ କହିଲା - ଜର୍ମାନୀ ଉପରେ ମୋର ଟିକିଏ ଖୁସା ଅଛି ବାବୁ ।

ଆଜି ରାତିରେ ସିନେମା ହଲ ଆଡୁ ଯେତେବେଳେ ବୋମା ଫୁଟେଇବାର ଘନ ଘନ ଶବ୍ଦ ହେଲା, ଥାନାବାବୁ ବୁଝିଲେ ଯେ ଏଇଟା ଜର୍ମାନୀର ଆକସନ୍ । କାହା ବିରୁଦ୍ଧରେ ? ସେପଟରେ କିଏ ଥାଏ ?

ଅଖିଳବାବୁ ପ୍ରୌଢ଼, ପେଟରୋଗୀ, ଏବେ ବି ସେ ସତଲୋକ ବୋଲି ଜଣାଶୁଣା - କିନ୍ତୁ ଭାରି ବଦରାଗୀ । ଅଖିଳବାବୁ ପରାମର୍ଶ ଦେଇଥିଲେ ସେମାନଙ୍କୁ ପିଟନ୍ତୁ । ଏବଂ ଖବର ବାହାର କରିଦିଅନ୍ତୁ କିଏ କୁଆଡ଼େ ଯାଇଛି । ରାଗ ଓ ଅପମାନରେ ଜର୍ମାନୀ ଫଁ ଫଁ ହେଉଥାଏ । ଅଖିଳବାବୁଙ୍କୁ କେମିତିହେଲେ ଫୋପାଡ଼ି ଦେବାକୁ ହେବ । ସେ କମିଟିରେ ଅଛନ୍ତି ବୋଲି ପବ୍ଲିକ୍ ସାହାସୁଛନ୍ତି । ପରଦିନ ସୁଭାଷ ପାର୍କରେ ବଡ଼ ଜନସଭାଟିଏ ହେଲା । ବକ୍ତାମାନଙ୍କ ମଧ୍ୟରୁ ଅଖିଳବାବୁ ବେଶୀ ଖିଙ୍କାରି ହେଉଥିଲେ । ସୁବୋଧବାବୁ ଓ ଜଣେ ହେଡ୍‌ମାଷ୍ଟର ଶାନ୍ତ ଗଳାରେ କହୁଥାନ୍ତି । ଗରିବମାନଙ୍କ ଠାରୁ ବଟି ଆଦାୟ ଚଳିବ ନାହିଁ । ଝିଅମାନଙ୍କର ଇଜ୍ଜତ ନେଇ ଖେଳିବାଟା ଚଳିବ ନାହିଁ ।

ସବୁକଥା ଜର୍ମାନୀର କାନରେ ପଡ଼େ । ଛୋଟ ସହର । ତା' ନିଜ ଅଞ୍ଚଳର ଗଳି ମୁଣ୍ଡରେ ବି ମାଇକ୍ । ସିନେମାର କୋଳାହଳ ବି ନାହିଁ । କାରଣ ପଅରଦିନ ଯେଉଁ ବୋମାବାଜି ହୋଇଥିଲା, ତା'ର ପ୍ରତିବାଦରେ କାଲି ଓ ଆଜି ସହର ବନ୍ଦ । ନିଜକୁ ନେଇ ଜର୍ମାନୀ ବ୍ୟସ୍ତ ଥିବ ବୋଲି ଅବନୀ ଟିକିଏ ପରେ ଆସିଛି । ପରେ କ'ଣ ହେବ ସେକଥା ସେ ଭାବେନି । ଆଉ କେତୋଟି ଛୋଟ ଝିଅଙ୍କ ଭଳି ଫୁଲବାନୁ ବି ଜଣେ । ଧର୍ଷଣରେ ଯେପରି ଆନନ୍ଦ, ଝିଅଟିକୁ ହତ୍ୟା କରିପାରିଲେ ସେତିକି ଆନନ୍ଦ । ଜର୍ମାନୀ ବୁଝେଇ ପାରିବନି ଯେ ଏଥିରେ ତା'ର କେତେ ଆନନ୍ଦ ହୁଏ ।

ଅନ୍ଧାରରେ କ'ଣ ଗୋଟାଏ ଝଲସି ଗଲା । ଲମ୍ବା ଛୁରୀର ଅବ୍ୟର୍ଥ ମୁନ ଜର୍ମାନୀର ଗଳା ଫଟାଇ ଗଛ ଭିତରେ ଭେଦିଗଲା । ଦ୍ୱିତୀୟ ଛୁରୀଟା କଳିଜାରେ । ଟର୍ଚ୍ଚ ଖସି ପଡ଼ିଲା । ଜର୍ମାନୀବାବୁ, ଏଇ ମୁହୂର୍ତ୍ତଟି ପାଇଁ ମୁଁ କେତେଦିନ ହେଲା ଛୁରାଖେଳ ଦେଖାଉଛି । ବୋର୍ଡରେ ସ୍ପ୍ରିଙ୍ଗ୍ ନାଇଫ୍ ଅଭ୍ୟାସ କରୁଅଛି - କେତେବେଳେ ଥାନାବାବୁଙ୍କର ମୁଣ୍ଡରେ ଲୋଡସେଡ଼ିଙ୍ଗ ହୋଇଗଲା ।

ତୁମ ଅଘରିଆମାନେ ଲୁହାକାମ କରି ଯାହା ଧନ ପାଇବ, ସବୁ ପାଉଁଶ ହୋଇ ଉଡ଼ିଯିବ । ସେହିଦିନ ଠାରୁ ଅଘରିଆମାନେ ଗରିବ ।

ସ୍ଥାନୀୟ ଲୋକମାନେ ରାତ୍ରୀରେ ଶୋଇବା ପାଇଁ ନିଦ ଆସୁଛି କୁଆଡୁ ? ସୂର୍ଯ୍ୟ ଆଉ ଗୋଟିଏ ବାଳକ ଭିତରେ ଯୁଦ୍ଧ । ଅନ୍ଧକାର ଭିତରୁ ବିଜୁଳିଟିଏ ଚମକି ଉଠୁଛି । କେଇଟା ମୃତ ଦେହ, ବିଧବା, ବିଧବା ବ୍ରାହ୍ମଣୀ ଯେପରି ଚାଉଳରୁ ପୋକ ବାଛନ୍ତି, ସେପରି ପୋଲିସ ଜଙ୍ଗଲ ବାଛୁଛି । ଅନ୍ଧାରରେ ଅତିମାନବ ଶିଶୁମାନେ ଚାଉଳ ଚୋରି କରୁଛନ୍ତି ।

ରିଲିଫ୍ ମାଲବସ୍ତା ସବୁକୁ ସ୍ଥାନୀୟ ତହସିଲଦାର ଓ ଅଫିସରମାନେ ଜଗି ରହିଥାନ୍ତି । ଦଶଟାକୁ ଚାରିଟା ପର୍ଯ୍ୟନ୍ତ ରିଲିଫ୍ ବାଣ୍ଟିବେ, ତାପରେ ଖେଲ ଖତମ୍ ।

ଆକାଶରେ ଚାନ୍ଦ । କି ନିରୂପାୟ ସେ ଚାନ୍ଦର ଚେହେରା । କି ନିର୍ବୀର୍ଯ୍ୟ ତାହାର ଜ୍ୟୋସ୍ନା । ସୂର୍ଯ୍ୟ ଓ ଜ୍ୱାଳାମୁଖୀର ଯୁଦ୍ଧର ନିଆଁରେ ଦଗ୍ଧ ହୋଇଯିବା ପ୍ରାନ୍ତରରେ ବାଳକ ବାଳିକା ସଦୃଶ୍ୟ ଦେଖାଯାଉଥିବା ପୂର୍ଣ୍ଣବୟସ୍କମାନଙ୍କର ଭୀଷଣ ଉଲ୍ଲାସ - ପ୍ରତିହିଂସା ଚରିତାର୍ଥ କରୁଥିବା ଉଲ୍ଲାସ, ଶତ୍ରୁର ମୁଣ୍ଡକାଟି ଦେଲା ପରେ ବଳବାନ ଲୋକର ଯେପରି ଉଲ୍ଲାସ ହୁଏ, ଏହା ସେହିପରି ।

ନିଜକୁ ମନେହେଲା ପ୍ରାଣଦଣ୍ଡର ଆସାମୀ ଏବଂ ସେମାନଙ୍କର ବାମନକୃତି କାରଣରୁ ରିଲିଫ୍ ଅଫିସର ପ୍ରାଣଦଣ୍ଡ ଦେଲେ । ତାଙ୍କର ଆଖିରୁ ଲୁହ ଗଡ଼ିବାକୁ ଲାଗିଲା ।

**(୩) ଛୁରୀ :**

ସେ ଦିନର ଘନ ଘନ ବୋମାମାଡ଼ରେ ପଶ୍ଚିମବଙ୍ଗର ଏହି ବର୍ଡର ଜିଲ୍ଲାରେ ଗୋଟିଏ ଛୋଟ ସହରର ବର୍ଷାବିଷର୍ଣ୍ଣ ସନ୍ଧ୍ୟାରେ ବସ୍ ରାସ୍ତାର ଦୁଇପାଖରେ ଗଢ଼ି ଉଠିଥିବା ଦୋକାନଘର, ତା' ପଛର ବସ୍ତି ଓ ରେଲ୍ ଲାଇନ୍ କଡ଼ରେ ଥିବା ଅସଂଖ୍ୟ ଝୁମ୍ପୁଡ଼ି ଚମକି ଉଠିଲା ।

ଏହି ସ୍ୱାଧୀନତା ରକ୍ଷା ସହିତ ଅଂଚଳ ଓ କରନାର ଦଖଲର ସଂଗ୍ରାମ ବି ଚଳେଇ ରଖିବାକୁ ହେବ । ଏ ସଂଗ୍ରାମ ମହାନ୍ ସଂଗ୍ରାମ । ପାଞ୍ଚୋଟି କଣ୍ଟ୍ରୋଲରଙ୍କ ଭିତରେ ଏ ସଂଗ୍ରାମ ଚାଲେ । ମାନନ୍ତୁ ପାଞ୍ଚଜଣ ପବ୍ଲିକ୍ । ଏ ବିଷୟରେ ବହୁତ ଲେଖାଲେଖି, ବହୁତ ଘାଟିଚକଟା ହେଉଛି । କିନ୍ତୁ କାମ କିଛି ହେଇନି ।

ଭୋଳାବାବୁଙ୍କର ନିର୍ଦ୍ଦିଷ୍ଟ ସମୟରେ କାମ ଆରମ୍ଭ ହୋଇଗଲା । ପ୍ରଥମରେ ଲାଗିଛି ଏକ





ମେରୀ ଆଉଜଣଙ୍କ ସ୍ୱାମୀ । ତା'ର ସାଙ୍ଗ ଇର୍ବଟ କହିଲା ଘରଟାରେ ତୁ ଏକା ଏକା ରହିବୁ । ଆମ୍ଭେ ଦୁହେଁ ମିଶି ରହିଲେ ଚଳନ୍ତାନି । ରବର୍ଟର ସ୍ୱରରେ ଆଶା ଓ ସାହସର ସ୍ପର୍ଶ ଶଙ୍କରକୁ ସେଦିନ ଆନନ୍ଦ ବିଭୋର କରିଦେଲା । ଏବଂ ସାଙ୍ଗ ହୋଇ ଦୁହେଁ ପହିଲାଠୁ ଏକାଠି ରହିଲେ ।

ରବର୍ଟ ଓ ମେରୀଙ୍କର କ୍ଷୁଦ୍ର ସଂସାରରେ ଆସବାବ ପାଇଁ ଏହି ବଖୁରିଆ ଘରଟି ଯଥେଷ୍ଟ । ଠିକ୍ ସେହି ସମୟରେ ଶଙ୍କରଙ୍କ ସ୍ତ୍ରୀ ସୁଶୀଳା ଏହାକୁ ସହ୍ୟ କରିବାର ଅବସ୍ଥାରେ ନଥିଲା । ବେଳେବେଳେ ଶଙ୍କର ଓ ସୁଶୀଳା ମଧ୍ୟରେ ଝଗଡ଼ା ମଧ୍ୟ ଲାଗିଯାଏ । ଏଥିପାଇଁ ରବର୍ଟ ଆଉ ମେରୀ ଆଦିବାସୀ ଲୋକ, ତାହେଲେ କ'ଣ ଅଣଆଦିବାସୀ ଲୋକ ସୁଶୀଳା ସହିତ ମେରୀକୁ ତୁଳନା କରାଯାଇପାରିବ । ବଡ଼ ମୁକ୍ତ ଚାଲିଚଳନ ଏହି ମେରୀର । ପିଲାଟି ଦିନରୁ ସେ ଜଙ୍ଗଲଭରା, ପାହାଡ଼, ନଦନଦୀମାନଙ୍କ ନିକଟରେ ଚଳପ୍ରଚଳ କରିଆସିଅଛି । ଏହି ସହରୀ ଜୀବନର ଏକ କୋଠରୀ ଭିତରେ ଆବଦ୍ଧ ହୋଇ ରହିବାଟା ତାକୁ ଆଦୌ ଭଲ ଲାଗେନା । କାହାରିକୁ ଲାଜ କରି ଓଢ଼ଣା ଟାଣିବା, ସେ ସ୍ୱପ୍ନରେ ବି ଭାବିନାହିଁ । ବରଂ ଲୋକଙ୍କ ସହିତ ଭଲଭାବରେ କଥାବାର୍ତ୍ତା ନ କରିବା ତା'ପାଇଁ ଅଭଦ୍ରତା । ସ୍ୱାମୀ ଘରର ସବୁ ଛୋଟବଡ଼ କାମ ସେ କରିନିଏ ଅଣ୍ଟାରେ ଲୁଗାକାନି ବାନ୍ଧି । ତା'ର ସେହି କର୍ମଚଞ୍ଚଳ ମୁହଁହାତକୁ ଚାହିଁ ଦେଖିବାକୁ ଭଲ ଲାଗେ ଶଙ୍କରକୁ । ସେଥିରେ କ୍ଳାନ୍ତି ନାହିଁ, ଅବସାଦ ନାହିଁ, ସେ ଯେପରି ଚିରଚପଳା, ଚିର ତରୁଣୀ । ଏଥିପାଇଁ ଶଙ୍କରର ସ୍ତ୍ରୀ ସୁଶୀଳା ସବୁବେଳେ ଶଙ୍କରକୁ ଭୁଲ୍ ବୁଝିଥାଏ । କ'ଣ ହେଲା ସୁଶିଳା ମଣିଷକୁ ମଣିଷ କ'ଣ ଚାହିଁଦେଲେ ପାପ ହୋଇଥାଏ ? ମୋତେ ଆଉ ପାପ ପୂଣ୍ୟ ନ ଶିଖାଇ ଘରେ ଯାଇ ବସ । ଦିନକର ଘଟଣା, ଶଙ୍କରକୁ ଦୁଇଦିନ ହେବ ବର୍ଷା ହୋଇ ଜ୍ୱର ହୋଇଯାଇଥିଲା । ବର୍ଷାପାଣି ମୋର ଘର ଭିତରକୁ ପଶିଆସି ଥଣ୍ଡାରେ ଜ୍ୱର ହୋଇଯାଇଛି କହି ତା'ର ହାତକୁ ଧରିବାରୁ ସୁଶିଳା ରାଗିଯାଇଥିଲା । ସୁଶୀଳା ଚୁପ୍ ହେଲାନାହିଁ, ରାଗ ତା'ର ପଂଚମକୁ ଉଠିଗଲା । ସେହିଦିନଠାରୁ ଏମାନଙ୍କର କଳିଠାରୁ ଦୂରେଇ ରହିବା ପାଇଁ ବହୁ ରାତିରେ ଘରକୁ ଆସି ସକାଳୁ ଯାଏ ।

ଦିନକର ଘଟଣା । ସୁଶୀଳା ଗର୍ଭବତୀ ଯୋଗୁଁ ଗର୍ଭବେଦନା ବଢ଼ିଯିବାରୁ କଷ୍ଟ ହେଲା । ଏଣେ ସ୍ୱାମୀ ବଜାରକୁ ଯାଇଛନ୍ତି । ପାଖରେ କେହି ନାହାନ୍ତି । ଏତିକିବେଳେ ସାହାଯ୍ୟର ହାତ ବଢ଼ାଇଦେଲା ସୁଶୀଳାକୁ ମେରୀ । ସେ ସେବାଶୁଶ୍ରୁସା କରି ସୁଶୀଳାର ଏକ ପିଲାଟି ଭଲରେ ଜନ୍ମନେଲା । ରାତିବେଳକୁ ସ୍ୱାମୀ ଡାକ୍ତର ଆଣି ଫେରିଗଲେ । ନିଅ-ତୁମର ପିଲାକୁ-ଶଙ୍କରବାବୁ- ଏହା ମେରୀ କହିଥିଲା । ସୁଶୀଳା ପୁଣି ରାଗିଯାଇ ଗାଳିଗୁଲଜ କରିବ ଯେ । ତା' ହାତରେ ପିଲାଟିକୁ ଧରାଇ ଦେଇ ମେରୀ ଚାଲିଯାଉଥିବା ବେଳେ, ତା' ଶାଢ଼ି କାନିଟକୁ ପଛରୁ ଟାଣିଧରି ସୁଶୀଳା କହିଲା- ତୁମେ ତ ବେଶ୍ ଲୋକ । ମେରୀ ଅପା ନଥିଲେ ମୁଁ ଆଜି ମରିଯାଇଥାନ୍ତି ଯେ !

ଶଙ୍କର ଥରେ ମେରୀ ଓ ଥରେ ସୁଶୀଳା ମୁହଁକୁ ଚାହିଁଲା ଓ ଧୀରେ ଧୀରେ କହିଲା, ତେବେ ଶେଷରେ ତୁମ ମେରୀ ଅପାଙ୍କର ଜିତାପଟ ହେଲା - ସୁଶୀଳା !

**(୭) ଆରପାଖେ :**

ଗାଳ୍ପିକା ନନ୍ଦିନୀ ଶତପଥୀଙ୍କ ପ୍ରଥମ ଗଳ୍ପ ସଂକଳନ "କେତୋଟି କଥା"ରେ 'ଆରପାଖେ' ଗଳ୍ପଟିକୁ ରଚନା କରିଛନ୍ତି । ଏହି ଗଳ୍ପରେ ସେ ଦୁଇଜଣ ମହିଳାଙ୍କ ଏକ ଅପରାଧ ଘଟଣାରେ ଜେଲ୍ ଭୋଗୁଥିବା କାହାଣୀକୁ ଆଲୋଚନା କରିଅଛନ୍ତି ।

ବିପର୍ଯ୍ୟସ୍ତ ବହି ଗଦା ମୂଳରେ (ଭିତରେ) ମୁହଁରଖି କେତେବେଳେ ମୁଁ ଶୋଇପଡ଼ିଛି-ମୁଁ ଜାଣିନି । ଘରଭିତରେ ଅନ୍ଧାର ଜମାଟ ବାନ୍ଧିଲାଣି । ସାରାଦିନର କ୍ଳାନ୍ତିରେ ପୁଣିଥରେ ଆଖିପତା ମୁଦିହୋଇଆସୁଥିଲା । କବାଟରେ କାହାର ମୃଦୁ ଆଘାତ ଶୁଭିଲା । କବାଟଟା ଖୋଲିଦେଇ ମୁଁ ଆବାକ ହୋଇଗଲି । ଏମିତି ଅପ୍ରତ୍ୟାଶିତ ଭାବରେ ତା' ସହିତ ସାକ୍ଷାତ ହେବ, ମୁଁ କଳ୍ପନା କରିପାରିନଥିଲି । ସେ ତଳେ ମୁଣ୍ଡ ଲଗାଇ ମତେ ପ୍ରଣାମ କଲା । କହିଲା- "ନାନୀ-ମୋତେ ରଖିବୁନା, ମୁହିଁ ତୋର ପାଖରେ ରହିତେ ଆସିଛି !"

ସବଲିକୁ ମୁଁ ଧୀରେ ଧୀରେ ଡାକିଲି । ସେ ମୁହଁ ଟେକି ମୋତେ ଚାହିଁଲା । ପାଞ୍ଚବର୍ଷ ପରେ ସେ ଆଜି କେମିତି ବଦଳି ଯାଇଛି । ବୟସର ଛାପ ପଡ଼ିଗଲାଣି । ମୁହଁର ଚମଡ଼ା ଆଉ ଟିକିଏ କର୍କଶ ମନେହେଉଛି । ଜେଲ୍‌ଖାନାର ସେହି ମୋଟାଳିଆ ଖାଦ୍ୟ ଓ ପୋଷାକ କନା ବଦଳରେ ସେ ପିନ୍ଧିଛି ଖଣ୍ଡେ ସାନ୍ତାଳୀ ଶାଢ଼ି । ରାଜଦ୍ରୋହ ଅପରାଧରେ ବନ୍ଦୀ ମୁଁ । ବନ୍ଦୀ ଜୀବନ ବଡ଼ ନିଃସଙ୍ଗ, ବଡ଼ କଦର୍ଯ୍ୟ । ଏଗାର ନମ୍ବର ଓ୍ୱାର୍ଡରେ ଏକୁଟିଆ । ପାଖରେ ଦୁଇଜଣ ନାରୀ ଜମାଦାର । ପ୍ରଚୁର ସମୟ ସକାଳରୁ ସନ୍ଧ୍ୟାଯାଏ । ନିତ୍ୟକର୍ମ ଆଉ ପାଠ ପଢ଼ି ବି ଅନେକ ସମୟ ବଳିପଡ଼େ । ବେଳେବେଳେ ମନ ହେଲେ ସେହି ଲେଡି ଓ୍ୱାର୍ଡର ମାଳତୀ ସାଙ୍ଗରେ ଗପେ । ତା'ର ସ୍ୱାମୀ ମଲାପରେ ଚାଳିଶ ଟଙ୍କାରେ ପାଞ୍ଚୋଟି ଛୁଆଙ୍କୁ ଚଳାଇବା ମୁସ୍କିଲ ହୋଇପଡ଼ିଛି । ତା' କଥା କିଏ ବୁଝିବ ! ଏମିତି ଅନେକ କଥା ଗପେ ।

ଲେଡି ଓ୍ୱାର୍ଡର - ମାଳତୀ ଠାରୁ ମୁଁ ଦିନେ ଶୁଣିଲି - ସୁବ୍‌ଲି କଥା । କେନ୍ଦୁଝରର ସାନ୍ତାଳ ଝିଅଟିଏ । କି ଗୋଟିଏ ମର୍ଡର କେଶ୍‌ରେ ଆଠବର୍ଷ ହେଲା ରହିଲାଣି ଜେଲ୍‌ରେ । ମୋର ଆରପାଖ ଓ୍ୱାର୍ଡରେ । ଭାରି ଭଲ, ଭାରି କାମିକା । ଘଣ୍ଟାକେ ଦଶସେର ଗହମ ପେଷିଦେବ । ବହୁତ ପ୍ରଶଂସା ତା'ର କରେ ମାଳତୀ । ଭାରି ଇଚ୍ଛାହେଲା ସୁବ୍‌ଲିକୁ ଦେଖିବାକୁ ।





ହେଲା ।

ହେ ଦେଖ ଭାମିନି ।, ପୁଣ୍ୟଦାସୀ କହିବାକୁ ଚେଷ୍ଟା କଲା - ଏକେ ତ ମୁଁ ଚିରଦିନ ରଥଚକରେ ବନ୍ଧା । ପୁଣି ଜଗନ୍ନାଥଙ୍କର ରଥ ଚାଲୁଛି । ଆକାଶ ପାତାଳ ଧରି, କୁଆଡ଼େ ଉଠିବ ।

'ଜଗନ୍ନାଥଙ୍କ ରଥ'ଟି ମହାଶ୍ୱେତାଦେବୀଙ୍କ ନିର୍ବାଚିତ ଗଳ୍ପର ଓଡ଼ିଆ ଅନୁବାଦ - ନନ୍ଦିନୀ ଶତପଥୀଙ୍କ ପୁସ୍ତକର ଏକ ଅଂଶରୁ ଅଣାଯାଇଛି ।

**(୨) ଶିଶୁ :**

ରାଜ୍ୟର ନାଁଟା ଲୋଗୁନଡ଼ି । ସେମାନଙ୍କର ସହରର ନାମ ଥିଲା ଲୋହରି । ରାଜ୍ୟର ନାଁଟା ଏବଂ ସହରୀ ନାଁଟାରେ ଏଠାକାର ଆଦିବାସୀମାନେ ବହୁ କାଳରୁ ବସବାସ କରିଥାଆନ୍ତି । ବିଶେଷତଃ ଏ ସ୍ଥାନମାନଙ୍କରେ ରହୁଥିଲେ ଲୋହର ଲୋକମାନେ । ଅଘରିଆ । ଗପରେ କହନ୍ତି ଅଘରିଆମାନେ ଅସୁର ବଂଶର ଲୋକ । ସେମାନଙ୍କର କାମ ଥିଲା - ମାଟିରୁ ଲୁହା ଖୋଳି କମାରଶାଳାରେ ଲୁହା ଜିନିଷ ତିଆରି କରିବା । ସେମାନେ ନିଆଁ ଖାଆନ୍ତି, ନିଆଁ ନଈରେ ଗାଧାନ୍ତି । ବୋଧହୁଏ ସେଥିପାଇଁ ସେମାନଙ୍କର ସହରର ନାମ ଥିଲା ଲୋହରୀ ।

ସେମାନଙ୍କ ରାଜାଙ୍କ ନାମ ଥିଲା ଲୋଗୁନଡ଼ି । ଲୋଗୁନଡ଼ି ରାଜାଙ୍କର ନାମାନୁସାରେ ରାଜ୍ୟର ନାମ ଥିଲା ଲୋଗୁନଡ଼ି । ଲୋଗୁନଡ଼ି ରାଜାମାନେ ବାରଭାଇ । ବାରଭାଇଙ୍କର ଗୋଟିଏ ସ୍ତ୍ରୀ । ଦ୍ରୌପଦୀଙ୍କ ଠାରୁ ମଧ୍ୟ ଅଧିକ ସରସ । ଲୋଗୁନଡ଼ି ରାଜାଙ୍କର ଗର୍ବ ହୋଇଗଲା । ତାଙ୍କର ତେଜ ସୂର୍ଯ୍ୟ ଦେବତାଙ୍କର ଠାରୁ ବି ଅଧିକ । ସୂର୍ଯ୍ୟ ଦେବତା ଲୋହରି ଚାଲିଆସିଲେ । ସୂର୍ଯ୍ୟଙ୍କର ନିଆଁରେ ଲୋଗୁନଡ଼ି ରାଜା ଓ ତାଙ୍କର ଏଗାର ଭାଇ ଓ ଲୋହିର ସହର ସବୁ ଜଳିଗଲା । ସ୍ତୀଟା ଅନ୍ୟ ଗାଁରେ ଥିଲା, ବ଼୍ଚଗଲା । ସେହି ତେଜର ତାପରେ ସ୍ତୀଟା ଗୋଟିଏ କୁମ୍ଭାରଘରକୁ ପଳାଇଲା । ବଡ଼ହାଣ୍ଡିରେ ଥିବା ପାଣିରେ ବୁଡ଼ିପଡ଼ି ନିଆଁରୁ ରକ୍ଷା ପାଇଲା । ସେଇଠି ଗୋଟିଏ ଗଛତଳେ ତା'ର ଛୁଆଟିଏ ହେଲା । ତା'ର ନାଁ ଜ୍ୱାଳାମୁଖୀ ।

- ବାପାରେ ।

ସେଦିନର ଶିଶୁ ଜ୍ୱାଳାମୁଖୀ ବଡ଼ ହେବା ପରେ ସୂର୍ଯ୍ୟଙ୍କର ସାଙ୍ଗରେ ଲଢ଼େଇ କରିବାକୁ ଯାଇଥିଲା । ଦୁଇଜଣଙ୍କର ଲଢ଼େଇ ଏଇ ଲୋହରୀରେ ହେଲା । ସେହି ତେଜରେ ଏଠିକାର ମାଟି ଜଳିଗଲା । ଲଢ଼େଇ ବେଳେ ଜ୍ୱାଳାମୁଖୀ ସୂର୍ଯ୍ୟଙ୍କୁ ଅଭିଶାପ ଦେଇଥିଲା - ଯେତେବେଳେ ପୂର୍ଣ୍ଣିମା ହେଉଥିବ, ସେତେବେଳେ ତୁମମାନଙ୍କର ସ୍ତ୍ରୀ ପୁରୁଷର ମିଳନ ହେବ । ସୂର୍ଯ୍ୟଦେବତା କହିଲେ

ଚାହିଁଲା । ତା'ର ହଠାତ ମନେପଡ଼ିଲା ସାବିତ୍ରୀ ବ୍ରତର କଥାରେ ସେ ଶୁଣିଥିଲା ଯେ, ଅହ୍ୟ ସ୍ତ୍ରୀ ପ୍ରତିଦିନ ସ୍ୱାମୀର ମୁହଁ ଦେଖେ ସେ ବଡ଼ ପୂଣ୍ୟବତୀ । କେଉଁକାଳୁ ପୁଣ୍ୟଦାସୀ ମାଗନ ଦାସର ମୁହଁ ଦେଖି ଆସୁଛି । ହୁଏତ ପୂଣ୍ୟ ହୋଇଛି ।

ସେତେବେଳେ ସେ ଦେବତାମାନଙ୍କର ମହାତ୍ମା ଥିଲା ପରା । ହଁ ହେ, ଲୋକମାନେ କାହିଁକି ତେବେ କହନ୍ତି, ରଥତଳକୁ ଡେଇଁପଡ଼ିଲେ ପୁଲିସ ଧରି ନେଇଯାଏ । ଧରିନେଲେ କ'ଣ ଭାସିଗଲା, କିଛି ତ ଅନ୍ୟାୟ ସେ କରୁନାହିଁ । ତାହେଲେ କାହିଁକି ଧରିନିଅନ୍ତି ? ସେ କଥାର ଜବାବ ନଦେଇ ମାଗନ ଦାସ କହିଲା - ଏହି ପୂଣ୍ୟରୁ ବଞ୍ଚିତ କରିବାର କାହାର ଯୁ ନାହିଁ । ସେଥିପାଇଁ ତ ଆଗରୁ ଜଗନ୍ନାଥଙ୍କର ରଥତଳେ ସବୁବେଳେ ସବୁବର୍ଗ ମଣିଷ ମରୁଥିଲେ । ମଣିଷ ମରୁଥିଲେ ।

ଏଥର ଜଗନ୍ନାଥଙ୍କର ମନରେ କ'ଣ ଅଛି କିଏ ଜାଣେ । କଡ଼ ଲେଉଟାଇ ପୁଣ୍ୟଦାସୀ ଆକାଶଆଡ଼କୁ ଚାହିଁଲା । ନିଦରେ ସେ ଯେପରି ମୁକ ହୋଇଯାଇଛି । ସେମିତି ଚାହିଁଥିବାବେଳେ ଛାତିରେ ଚିନ୍ତା ମାଡ଼ିଆସେ । ଚାହିଁଦେଖି ସେ ଚମକି ପଡ଼ିଲା । ଚାରକଣିଆ ଛୋଟ ଆକାଶଟି ଭିତରେ ଦେଖାଯାଉଛି, ରଥର ଚୂଡ଼ା, ଆଉ ଜଗନ୍ନାଥଙ୍କର ରଥ ।

ବଡ଼ ଆଗ୍ରହରେ ସକାଳୁ ସକାଳୁ ରଥଯାତ୍ରା ଦିନ ପୁଣ୍ୟଦାସୀ ବାହାରିଗଲା । ମାଗନ ଦାସକୁ କହିଗଲା, ମୋର ଗୋଟିଏ ମାନସିକ ଅଛି । ଦୋକାନରୁ କିଣି ତୁମେ ଯାହାହେଲେ ଖାଇଦେବ । ମୁଁ ଆସୁଆସୁ ସନ୍ଧ୍ୟା ହେବ ।

ପୁଣ୍ୟଦାସୀ କୌଣସି କଥା ଶୁଣିଲା ନାହିଁ । ଆକାଶରୁ ପାଣି ଗଳୁଛି । ସହରରେ ପାଣି ଉଚ୍ଛୁଳିଛି । ମଣିଷ, ଗାଡ଼ିଘୋଡ଼ା କିଛି ନାହିଁ । ପାଣି ଠେଲି ଠେଲି ସେ ଯାଇ କାଠଗୋଲାର ଅଗଣାରେ ପଶିଲା । କେରପାଲରେ ରଥଚୂଡ଼ା ଘୋଡ଼ା ହୋଇଛି । କାଠଗୋଲାର ମୂଲିଆମାନେ କବାଟ ବନ୍ଦ କରି ବସିଅଛନ୍ତି ।

ଏଥର ପୁଣ୍ୟଦାସୀକୁ ଭୀଷଣ ଭୟ ଲାଗିଲା । ନିଦାରୁଣ ଭୟ, ଆଗକୁ ଚାହିଁ ଦେଖିଲା, ପାଣି ଲହରୀ ମାଡୁଛି । ତା'ର ଆଖି ଭଳି ଘୋଳାଟିଆ । ଏଇ ତ ସାମ୍ନାରେ ତା'ର ଘର, ଏତେ ଦିନର ଆଶ୍ରୟ ।

ହେ ଦଇବ ! ପୁଣ୍ୟଦାସୀ ଏଇକ୍ଷଣି ବୁଝିପାରିଲା, ଅନେକ ଆଗରୁ ରଥଚକ ତା' ଉପରେ ମାଡ଼ିଯାଇଛି । ରଥର ପ୍ରଥମ ବଳି ହେବାର ଅଲୌକିକତ୍ୱରେ ତା'ର ଘୋଳାଟିଆ ଆଖି ବିସ୍ଫାରିତ





ସୁବ୍‌ଲି ଆସିଲା । ଏକା ନୁହେଁ, ତା'ର ଆଉ ଦଶବାରଜଣ ବନ୍ଦିନୀଙ୍କ ସହିତ, ମୋ ନିମନ୍ତ୍ରଣରେ ନୁହେଁ, ଜେଲ କର୍ତୃପକ୍ଷଙ୍କ ଆଦେଶରେ । ରାଜବନ୍ଦୀଙ୍କର ସଂଖ୍ୟା ବଢ଼ି ଚାଲିଛି । ସେଥିପାଇଁ ଆଉ ଗୋଟିଏ ୱାର୍ଡ ଦରକାର, ତେଣୁ ସେମାନେ ନିଷ୍ପତି କଲେ ମୋ ସାଙ୍ଗରେ ଏହି ନାରୀ କଏଦୀଙ୍କୁ ରଖିଦେଲେ ଚଳିବ ।

ମୁଁ ବି ଭାରି ଖୁସି । ସୁବ୍‌ଲି ସାଙ୍ଗରେ ଚିହ୍ନା ହେଲା । ପଚିଶ, ଛବିଶ ବର୍ଷର ଯୁବତୀ । କିନ୍ତୁ ଆଠବର୍ଷର କଏଦୀ ଜୀବନ ତା'ର ବୟସକୁ ଆହୁରି ଦଶବର୍ଷ ଆଗେଇ ଦେଇଛି । ରୁକ୍ଷ ଅଥଚ ବଳିଷ୍ଠ ଶରୀର । ସବୁବେଳେ ହସ ହସ ମୁହଁ । ପଚାରିଲି ଦିନେ, ସୁବ୍‌ଲି, ତୁ କାହିଁକି ଜେଲ୍ ଆସିଲୁରେ । ଦେଖିଲି ମୁହଁ ତା'ର ଶୁଖିଗଲା । ନାଇଁ ତୋତେ କହିବିନି, ତୋତେ କହିଲେ ତୁ ମୋତେ ଆଉ ଭଲ ପାଇବୁନି ।

ସୁବ୍‌ଲି କହିଲା - କେନ୍ଦୁଝରର ଗୋଟିଏ ଗାଁରେ ମୋର ଘର । ଦଶବାର ବର୍ଷ ପରେ ବାପଘର ଛାଡ଼ି ଶାଶୁଘରକୁ ଆସିଲି । ପର ବିଲରେ କାମ କରେ । ତା' ସାଙ୍ଗରେ ମୁଁ ବିଲକୁ ଯାଇ କାମ କରେ, ଶାଶୁବୁଢ଼ୀଟା ମୋର ଭାରି ରାଗୀ । ଯେତେ କାମ କଲେ ବି ସେ ଖୁସି ହୁଏନି । ସେହିଦିନ ଚୁଲି ଲଗାଇବା ପାଇଁ କାଠ କାଟୁଥିଲି । ବୁଢ଼ୀ ସଂଜବେଳେ ହାଟରୁ ଆସି ଖାଇବାକୁ ମାଗିଲା । ଘରେ ତ କିଛି ନଥିଲା । ତୁ ସିନା ଚାଉଳ ଆଣିଲେ ମୁଁ ରାନ୍ଧିବି । ଦିନସାରା ମୋ ପେଟରେ ଦାନା ପଡ଼ିନଥିଲା । ବୁଢ଼ୀ କିଛି ନଶୁଣି ଗୋଟିଏ ବଡ଼ ଠେଙ୍ଗାରେ ମୋତେ ପିଟି ଚାଲିଲା । ମୋର ମୁଣ୍ଡ ବୁଲେଇଗଲା, ଚାରିଆଡ଼ ଅନ୍ଧାର ଦିଶିଲା । ହଠାତ୍ ବୁଢ଼ୀଠାରୁ ଠେଙ୍ଗାଟିକୁ ଛଡ଼ାଇ ଆଣି ତା' ମୁଣ୍ଡକୁ ପାହାରେ ପକାଇବାରୁ ସେ ହଠାତ୍ ସେଠାରେ ପଡ଼ିଗଲା ଓ ମରିଗଲା । ସେଠୁ ପୋଲିସ ମୋତେ ଧରି ଜେଲ୍ ନେଲା । ମୋର ସ୍ୱାମୀର ଅନୁରୋଧ ସତ୍ୱେ ମଧ୍ୟ ସେମାନେ ମୋତେ ଛାଡ଼ିଲେ ନାହିଁ ।

**(୮) ସୀତାନାନୀର ପୁଅ :**

ଗଳ୍ପିକା ନନ୍ଦିନୀ ଶତପଥୀ ନିଜର ଗଳ୍ପ ସଂକଳନ "କେତୋଟି କଥା"ରେ 'ସୀତାନାନୀର ପୁଅ' ଏକ କ୍ଷୁଦ୍ରଗଳ୍ପ । ସାମ୍ପ୍ରତିକ ସମାଜରେ ମାତୃତ୍ୱ ସ୍ନେହ ପିଲାଙ୍କୁ କିପରି ଆକଟ କରିଥାଏ, ଏବଂ ସେଥିରୁ ବାଦ୍ ପଡ଼ିଲେ ପିଲାମାନେ କିପରି ଅସାମାଜିକ ହୋଇଯାଇଥାଆନ୍ତି, ସେ ବିଷୟରେ ସମ୍ୟକ ସୂଚନା ଦେଇଛନ୍ତି ।

ସଉରିଆ ଶବର କିଛି - ଜାଣିଅଛୁକିରେ ବାପ... ନାଇଁ ତ ସେହିଦିନ ଠାରୁ ମୁଁ ଆଉ ତାଙ୍କୁ ଦେଖିନାହିଁ । ଉତ୍ତର ଦେବା ସଙ୍ଗେ ସଙ୍ଗେ ସୀତାନାନୀଙ୍କୁ ନମସ୍କାରଟିଏ କଲି । ମୋର ଚାରିପାଖରେ

ସୀତାନାନୀର ପିଲାମାନେ ଘେରିଗଲେଣି । ସମସ୍ତଙ୍କୁ ଆଡ଼େଇଦେଇ ସୀତାନାନୀ ଲାଗିଆସିଲା ମୋ ପାଖକୁ । ମୋତେ ପଚାରିଲା, ସଉରିଆର କିଛି ଖବର ପାଇଅଛକି ? ସୀତାନାନୀ ମୋର ଦୂର ସମ୍ପର୍କୀୟା ଭଉଣୀ । ପିଲାଛୁଆ ଗୁଡ଼ାଏ ତା'ର । ଘରପୋଡ଼ି ପଛେ ପଛେ ଦି' ବର୍ଷ ପରେ ଗାଁରେ ଯେଉଁ କଲେରା ଲାଗିଲା, ସେଥିରେ ଗାଁରୁ ଅଧେ ପଦା ହୋଇଗଲେ । ସୀତାନାନୀର ସ୍ୱାମୀଟି ମଧ୍ୟ ସେତିକିବେଳେ ଚାଲିଗଲା । ବଡ଼ପୁଅ ସଉରିଆ ଷୋହଳ କିମ୍ବା ସତର ବର୍ଷର । ବାପ ମଲା ପରଠାରୁ ପରିବାର ଭରଣପୋଷଣ ପାଇଁ ମା' ସ୍ନେହରୁ ବଂଚିତ ହୋଇ ରୋଜଗାର କରିବାକୁ କୁଆଡ଼େ ଯାଇଅଛି ଯେ, ଆଜିଯାଏ ଆସିନାହିଁ ।

ପ୍ରତିମାସରେ ସୀତାନାନୀ ଡାକବାଲାକୁ ପଚାରେ ମୋର କିଛି ମନିଅର୍ଡର ଅଛିକି ? ସେ ମନା କରେ । ସୀତାନାନୀ ଫେରିଯାଏ ସତ, ହେଲେ ତା' ମନରୁ ଆଶା ତୁଟେନାହିଁ । ସୀତାନାନୀ ଆସୁଥିବାର ଦେଖିଲେ ଗାଁର ଛତରା ଟୋକାଏ ପାଟି କରିବାକୁ ଆରମ୍ଭ କଲେ । ମୋର କ'ଣ ମନିଅର୍ଡର ଆସିଛି । ସୀତାନାନୀ ସବୁ ଶୁଣେ, କାହାରି ଉପରେ ରାଗେନି । ମୁହଁ ଖୋଲି ପଦେ କଥା ବି କୁହେନାହିଁ ।

ମୁଁ ଯେତେଥର ଛୁଟିରେ ଆସେ ସେ ସେତେଥର ମୋତେ ସଉରିଆ କଥା ପଚାରେ । ଅନ୍ୟ ବିଦେଶ ଆଗନ୍ତୁକଙ୍କୁ ମଧ୍ୟ ସେ ତା'ର ପୁଅ ସଉରିଆ କଥା ପଚାରେ । ଦଶହରା ଛୁଟିରେ ମୁଁ ଆସି ସୀତାନାନୀର ଘରକୁ ଯାଇଥାଏ । ସେ ତା'ର ପିଲାମାନଙ୍କୁ ପଟି ଖଣ୍ଡେ ଆଣିଦିଅ, ମାମୁଁ ଆସିଲେଣି ବସିବେ ବୋଲି ବଡ଼ପାଟିରେ କହିଉଠେ । ପୁଣି ସୀତାନାନୀର ସେହି ପୁରୁଣା କଥା - ସଉରିଆ କଥା । ଏଥର ସେ ମୋତେ କୁହେ ସଉରିଆ ମନିଅର୍ଡର ନକଲା ନାହିଁ, ଚିଠି ଖଣ୍ଡେ ମୋତେ ଦିଅନ୍ତାନି ?

ସାହିର କିଛି କିଛି ଲୋକେ କୁହନ୍ତି - ସେ କଟକରେ ବୁଲୁଛି - ମୋଟର ଗାଡ଼ି ଧରି । ଆଉକିଛି କୁହନ୍ତି - ସେ କଲିକତାରେ କାହା ଦୋକାନରେ ଅଛି । ଏହିପରି ନାନା କଥା ଲୋକମାନେ ସୀତାନାନୀଙ୍କୁ ତା'ର ପୁଅ ସଉରିଆ ବିଷୟରେ କହିଥାନ୍ତି । ଏହା ଶୁଣି ବୁଢ଼ି ଭାରି ବିରକ୍ତି ଭାବ ପ୍ରକାଶ କଲାଣି । ପଇସା ନହେଲେ ସୀତାନାନୀ କିଭଳି ଚଳିବ ବୋଲି ଭାବୁଛି-ମୁଁ କିଛି ବୁଝିପାରିଲି ନାହିଁ । ସେଠୁ ମୁଁ ଆଉକିଛି ନଶୁଣି ସେଠାରୁ ଚାଲିଆସିଲି ।

ଛୁଟି ସରିଲା । ତେଣୁ ମୁଁ ମୋର କର୍ମସ୍ଥାନକୁ ଯିବାକୁ ବାହାରିଲି । ମାତ୍ର - ଷ୍ଟେସନ୍‌ରେ ପହଂଚିବାର ଦଶମିନିଟ୍ ପୂର୍ବରୁ ଗାଡ଼ି ଛାଡ଼ିଦେଇଥିଲା । ରାତିରେ ଶୋଇବାକୁ ଜାଗା ନାହିଁ, ଟ୍ରେନ୍ ମଧ୍ୟ ନାହିଁ । ହେଉ, ମୁଁ ଷ୍ଟେସନ୍‌ରେ ଆଡ୍‌ଜଷ୍ଟ କରିନେଇ ରାତ୍ରିଟା ଚଳାଇଦେଲେ ସକାଳ ଟ୍ରେନ୍‌ରେ ଯିବି । ରାତ୍ରିରେ ହଠାତ୍ କ'ଣ ଗୋଟିଏ ଚିତ୍କାରରେ ନିଦ ଭାଙ୍ଗିଗଲା । ଦେଖିଲି ଚାରିଜଣ ଯାତ୍ରୀ





ମହାଶ୍ୱେତାଦେବୀଙ୍କର ପଚାଶଟି ଗଳ୍ପ ରଚନା ମଧ୍ୟରୁ ନନ୍ଦିନୀଦେବୀ କୋଡ଼ିଏ (୨୦) ଗୋଟିଏ ଗଳ୍ପକୁ ଓଡ଼ିଆରେ ଅନୁବାଦ କରି ଓଡ଼ିଶାର ଅଗଣିତ ପାଠକପାଠିକାମାନଙ୍କ ନିକଟରେ ଉପସ୍ଥାପନା କରିଛନ୍ତି । ଏଠାରେ ସେହି ଗଳ୍ପଗୁଡ଼ିକର ସାରସଂକ୍ଷେପ ମୁଁ ଏଠାରେ ଉପସ୍ଥାପନା କରୁଅଛି ।

**(୧) ଜଗନ୍ନାଥଙ୍କ ରଥ :**

ପ୍ରତିବର୍ଷ କାଠଗୋଲାର ଅଗଣାରେ ପାଲ ଚୌଧୁରୀମାନଙ୍କର ରଥ ସଜା ହୁଏ । ରଙ୍ଗ ପାଲିସ ହୁଏ । ଏଇ କଥାଟି କେମିତି କେଜାଣି ତା' ମନ ମଧ୍ୟରେ ନଥିଲା । ଏବଂ ସେହି ସମୟରେ ରଥଟି ଦେଖିଲା ଯେ, ତାହା ଭିତରେ ନିଶ୍ଚୟ ଦଇବ ଅଛି । ସେ ମନେ ମନେ ଥରେ ଦିଥର କଥାଟି କହିଲା, ଦଇବ ନାହିଁ, ଅଲୌକିକ ନାହିଁ । ଏକଥା ପୁଣ୍ୟଦାସୀ ଭଳି ଆଉ କିଏ ଜାଣିଛି । ଅନ୍ଧ ଆଖି ପାଇବାରେ ସେ କେବେ ଦେଖିନାହିଁ । ମୃତ ବି ଜୀବନ ପାଇବାରେ ଦେଖିନି । ତେବେ ବି ଦଇବର ଆଉ ଅଲୌକିକକୁ ତା'ର ଭୀଷଣ ପ୍ରୟୋଜନ । ନହେଲେ ତାହାର ଦେହ ଯେମିତି ମନବି ସେମିତି ନିଜ ନିଜ ଜାଗାରୁ ଉପୁଡ଼ି ପଡ଼ିବ । ପିତୃପୁରୁଷଙ୍କର ଭିଟା ଛାଡ଼ି ଆସି ଦେହଟା ତ ବଂଚିଛି । କିନ୍ତୁ ଦେବ ଦଇବ ନଥିଲେ ମନଟା କ'ଣ ବଞ୍ଚିଥାନ୍ତା । ଏଇକ୍ଷଣି ଛୋଟ ଛୋଟ କଥାରେ ପୁଣ୍ୟଦାସୀ ଅଲୌକିକତ୍ୱର ପ୍ରକାଶ ଦେଖେ । ଦେଖି ଡରିଯାଏ କିନ୍ତୁ ଏ ଭୟରେ ବି ସୁଖ ଅଛି । ଏଇକ୍ଷଣି ପ୍ରତିବର୍ଷ ରଥ ଯେଉଁଠି ଥାଏ ସେଇଠି ସେ ରଥଟିକୁ ଦେଖେ । ଅନ୍ଧ ହୋଇଯିବା ଫଳରେ ଜଡ଼ଭରତ ପୁଣ୍ୟଦାସୀର ମନେ ହେଲା - ଇଏ ଦଇବ । ଦେବତା ହିଁ ତାକୁ କହୁଛନ୍ତି - ପୁଣ୍ୟ ତୁ ରଥ ଚକତଳେ ମରିବୁ ।

ଡାକ୍ତରଖାନାରେ ଧାଈର କାମ ମାନେ ରୋଗୀର ସେବା । ପୁଣ୍ୟଦାସୀ ତ ସେଇଆ ଜାଣିଛି । ରୋଗୀର ସେବା ପୁଣ୍ୟ କାମ । ମାଗନ ଦାସ ଗମ୍ଭୀର ସ୍ୱରରେ କହିଥିଲା, ରୋଗୀର ସେବା କରିବା ପାଇଁ ଯଦିଓ ବୋହୂର ଟିକିଏ ହେଲେ ମୁଣ୍ଡ ବ୍ୟଥା ନଥିଲା । ରୋଗୀ ସନ୍ତାନ ଭଳି । ରୋଗୀର ଗୁହ, ମୂତ, ବାନ୍ତି, ମଇଳା ସଫା କରିବାକୁ ଘୃଣା କରିବୁନି ।

ବୁଢ଼ାବୁଢ଼ୀଙ୍କର ସଂସାର ଅଲଗା ହୋଇଯାଇଛି । ସେମାନଙ୍କର ରନ୍ଧାବଢ଼ା ପରେ ପୁଣ୍ୟଦାସୀ ଭାତ, ଗୋଟେବେଳା ଗରମବେଳେ ଗୋଟେବେଳା ପଖାଳ । କେତେବଡ଼ ଘରର ଝିଅବୋହୂ ସମସ୍ତେ ଆସୁଛନ୍ତି । ସେମାନେ ବି ଆଜିକାଲି ଆଉ ସେମିତି ନାହିଁ । ପ୍ରତିଦିନ ନୂଆ ନୂଆ ମେଟ୍ରୋନ୍ । ନୂଆ ସବୁ ସିଷ୍ଟର । ଆମକୁ ଆଉ ଡ୍ୟୁଟି ଦେବାକୁ ଚାହୁଁନାହାନ୍ତି ।

ବୋହୂର ଦେହ ଖରାପ ହେଲେ ଲୁଗା ବଦଳାଇ ରନ୍ଧାବଢ଼ା ମଧ୍ୟ କରେ, ସେମିତି ସାହାଯ୍ୟ ନ ପାଇଲେ ବୋହୂ କ'ଣ ସେମାନଙ୍କୁ ରହିବାକୁ ଦେଇଥାନ୍ତା । ପୂଣ୍ୟଦାସୀ ସ୍ୱାମୀଙ୍କର ମୁହଁକୁ

ବିଖ୍ୟାତ ବଙ୍ଗଳା ଲେଖିକା ମହାଶ୍ୱେତାଦେବୀଙ୍କ ପରିଚୟ ପ୍ରଦାନ କରିବା ମୋ ପକ୍ଷରେ ଧୃଷ୍ଟତା ହେବ ବୋଲି ନନ୍ଦିନୀ ଶତପଥୀ କହିଥାନ୍ତି । ବିଶ୍ୱ ସାହିତ୍ୟ ଇତିହାସରେ ନିଜର ସ୍ୱାକ୍ଷର ଛାଡ଼ିଦେଇ ବିଶ୍ୱ ସାହିତ୍ୟ ଜଗତର ସର୍ବୋଚ୍ଚ ପୁରସ୍କାର ଜ୍ଞାନପୀଠ ପୁରସ୍କାର, କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାର ଓ ମାଗାସେସ୍ ପୁରସ୍କାର ଇତ୍ୟାଦି ସେ ପାଇସାରିଛନ୍ତି । ଯାହାକି ମହାଶ୍ୱେତାଦେବୀଙ୍କୁ ସମ୍ମାନୀତ କରିପାରିଅଛି - ବିଶ୍ୱ ସାହିତ୍ୟ ଦରବାରରେ । ଭାରତବର୍ଷର ଲେଖିକା ଭାବରେ ସେ ଅନନ୍ୟା । ମହାଶ୍ୱେତାଦେବୀ କେବଳ ସାହିତ୍ୟରେ ମନୋନିବେଶ କରିନଥାନ୍ତି, ବରଂ ଜନସାଧାରଣ ବିଶେଷକରି ନିପୀଡ଼ିତା ମଣିଷଙ୍କ ସେବା କରିବା ପାଇଁ ସେ ସବୁବେଳେ ଆଗଭର । ବିଶେଷକରି ପାହାଡ଼, ଜଙ୍ଗଲ ଭିତରେ ଯେଉଁ ଆଦିବାସୀ ଲୋକମାନେ ରହିଛନ୍ତି ଏବଂ ଆଇନ୍‌କାନୁନ୍ ବିଷୟରେ ଯେଉଁମାନେ ଅଜ୍ଞ, ସେମାନଙ୍କର ସେବା କରିବା ପାଇଁ ସିଏ ନିଜ ଜୀବନର ଏକ ବ୍ରତ ରୂପେ ଗ୍ରହଣ କରିଛନ୍ତି ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ । ଏବେ ସେ ଏକ ସାକ୍ଷାତକାରରେ କହିଛନ୍ତି ଯେ, ସାହିତ୍ୟ ଅପେକ୍ଷା ଆଦିବାସୀମାନଙ୍କ ପାଇଁ କାମ କରିବା ତାଙ୍କ ଜୀବନର ପ୍ରଥମ କାମ/ମୂଳ ଲକ୍ଷ୍ୟ । ଅର୍ଥାତ୍ ବ୍ୟକ୍ତିଗତ ଭାବରେ ସେ ବିଭିନ୍ନ ଜାଗା ବୁଲନ୍ତି ଏବଂ ଯେଉଁଠି ଅନ୍ୟାୟ ହେଉଛି, ସେଠି ତାହାର ପ୍ରତିବାଦ ପାଇଁ ଆଗେଇ ଆସନ୍ତି । କ୍ୱଚିତ ଲେଖକ ମଣିଷ ଜୀବନକୁ ଏଭଳି ଭାବରେ ଜାଣି ଗଳ୍ପ ଉପନ୍ୟାସ ରଚନା କରିଛନ୍ତି, ସେଗୁଡ଼ିକୁ ଅନ୍ୟଭାଷାରେ ଅନୁବାଦ କରିବା ସହଜ ନୁହେଁ । ଜମିଦାର ମହାଜନ ଇତ୍ୟାଦି ଧନୀ ଲୋକମାନଙ୍କ ସାଧାରଣ ଲୋକଙ୍କ ପ୍ରତି ଯେଉଁ ବ୍ୟବହାର ସେଗୁଡ଼ିକୁ ଅତ୍ୟନ୍ତ ସାବଲୀଳ ଓ ପ୍ରାଣସ୍ପର୍ଶୀ ଭାଷାରେ ମହାଶ୍ୱେତାଦେବୀ ପ୍ରକାଶ କରିଛନ୍ତି ।

ମହାଶ୍ୱେତାଦେବୀଙ୍କର ନିର୍ବାଚିତ ଗଳ୍ପ - ଅନୁବାଦ ନନ୍ଦିନୀ ଶତପଥୀଙ୍କ ଲେଖାରୁ ଅଣାଯାଇଛି ।

ମହାଶ୍ୱେତାଦେବୀଙ୍କ ରଚିତ ପଚାଶଟି ଗଳ୍ପକୁ ଓଡ଼ିଆରେ ଅନୁବାଦ କରିବା ପାଇଁ ନନ୍ଦିନୀଦେବୀ ସାହସ କରିପାରିନଥିଲେ । ସେ କିନ୍ତୁ ଏକପ୍ରକାର ନନ୍ଦିନୀଦେବୀଙ୍କୁ ବାଧ କରିଥିଲେ ଏବଂ କହିଥିଲେ - ତୋତେ ହିଁ କରିବାକୁ ପଡ଼ିବ । ଓଡ଼ିଶାର ବିଭିନ୍ନ ସ୍ଥାନରେ ବହୁ ପ୍ରକାରର ଆଦିବାସୀ ଲୋକ ରହିଛନ୍ତି । ସେମାନଙ୍କର କଥିତ ଭାଷା ମଧ୍ୟ ଭିନ୍ନ ଭିନ୍ନ । ଅନେକ ପରିଶ୍ରମ କରି ମହାଶ୍ୱେତାଦେବୀଙ୍କ ଭାବନାକୁ ମୁଁ ଏହି ଅନୁବାଦ ମାଧ୍ୟମରେ ପ୍ରକାଶ କରିବାକୁ ଚେଷ୍ଟା କରିଅଛି । କିନ୍ତୁ ବଙ୍ଗଳାର ତେଭାଗା ଆନ୍ଦୋଳନ ବା ନକ୍ସଲବାଡ଼ି ଆନ୍ଦୋଳନ ସମ୍ପର୍କରେ ଯେଉଁମାନଙ୍କ ମୌଳିକ ଧାରଣା ନଥିବ, ସେମାନଙ୍କ ପାଇଁ କିଛି କିଛି ଗଳ୍ପ ଅବୁଝା ରହିଯିବ । ତଥାପି ମୁଁ ଆଶା କରୁଛି ଯେ, ପାଠକପାଠିକାମାନେ ଗଳ୍ପଗୁଡ଼ିକର ମର୍ମ ବୁଝିବା ପାଇଁ ଚେଷ୍ଟା କରିବେ, ତାହେଲେ ମୋର ଶ୍ରମ ସାର୍ଥକ ହେଲା ବୋଲି ମୁଁ ଅନୁଭବ କରିବି ।





ଉଠି ଗୋଟାଏ ଲୋକକୁ ପିଟୁଛନ୍ତି । ସକାଳୁ ଦାନ୍ତ ଘସିବା ପାଇଁ ବାହରିଗଲି । ପୋଲଟା ପାଖରେ- ଲୋକଗୁଡ଼ାଏ ଜମା ହୋଇଛନ୍ତି । ଯାଇ ଦେଖିଲି-ପୋଲତଳେ ସେହି ଶୁଖିଲା ନାଳଟିରେ କାଲିର ସେହି ପାଗଳଟି ପଡ଼ିଛି । ପାଖରେ ଦେଖିଲି ସୀତାନାନୀଙ୍କୁ । ସେଠାରେ ଲୋକଙ୍କୁ ଆଡ଼େଇ ସୀତାନାନୀ ଚିତ୍କାର କରି କହିଲା - ମୋ ସଉରିଆରେ କହି ସେହି ପାଗଳଟା ଉପରେ ଗଡ଼ିଗଲା ।

ଷ୍ଟେସନ୍‌ରୁ ବାଜିଉଠିଲା ଗାଡ଼ି ଆସିବାର ଶେଷ ଘଣ୍ଟି ।

**(୯) ସେ :**

ସେ ହୁଏତ ହଠାତ୍ କିଛି ବଡ଼ ଧରଣର ଆଘାତ ପାଇଅଛନ୍ତି । ଏତେବଡ଼ କ୍ଷତି ସହିବାକୁ ସେ ନିଜକୁ ପ୍ରସ୍ତୁତ କରିପାରିଥିଲେ କି ନାହିଁ ମୁଁ ଜାଣେନା । ସେଥିପାଇଁ ବୋଧହୁଏ ସେ ନିଜକୁ ସାନ୍ତ୍ୱନା ଦେଉଥିଲେ, କାରଣ ବସିରହି ସେ ସଦାସର୍ବଦା ଗୁଣୁଗୁଣୁ ହେଉଥିବାର ଜଣାପଡୁଥାଏ । ସାନ ଚାକର ପିଲାଟିଏ ଘରେ ଥିଲା । କଳା କଟକଟ ଧଡ଼ିଆ ଶୁକୁଟା ଛୁଆଟିଏ । ବଡ଼ କାମ ପାରେ ନାହିଁ; ସାନ ସାନ ବୋଲହାକ ସବୁବେଳେ ପିଲାଟି କରୁଥାଏ ।

ବାବୁ କାମିକା ଲୋକ । ବସିରହିବା ତାଙ୍କ ପକ୍ଷରେ ଅତ୍ୟନ୍ତ କଷ୍ଟକର । ନିଜ ମନକୁ ଭାବି ଅନେକ କାମ ସେ ଉଦ୍ଭାବନ କରନ୍ତି । ତାଙ୍କର ବୟସ ବେଳେ ସେ ଖୁବ୍ ଖଟୁଥିଲେ । ନିଜର ଉନ୍ନତି ସାଙ୍ଗରେ ଦେଶର ଅର୍ଥନୈତିକ ଉନ୍ନତି କଥା ସବୁବେଳେ ତାଙ୍କ ମୁଣ୍ଡରେ ଖେଳୁଥିଲା ବୋଲି ଅନେକ ଲୋକ କୁହନ୍ତି । ଏହି କାମଦାମରେ ସେ ଅନେକ ପିଲାଙ୍କୁ ଭର୍ତି କରିଛନ୍ତି । ଏତଦ୍‌ବାଦ ଏହି କାମରେ ବ୍ୟସ୍ତ ରହି ସେ କୁଆଡ଼େ ଘରଦ୍ୱାର ଭୁଲିଯାଆନ୍ତି । ସ୍ତ୍ରୀ ଓ ଏକମାତ୍ର ପୁତ୍ରକୁ ଅବହେଳା କରନ୍ତି । ସ୍ତ୍ରୀଙ୍କର ଚେଷ୍ଟାରେ ପୁଅ ଏକରକମର ମଣିଷ ହୋଇଗଲା । ସ୍ତ୍ରୀଙ୍କର ଦୁଃଖ କିନ୍ତୁ ଘୁଞ୍ଚୁନଥିଲା । ସେହି ଦୁଃଖରେ ପଥରକୁ ଛାତିରେ ବହି ସେ ସଂସାର ଛାଡ଼ିଥିଲେ । କିନ୍ତୁ - ସ୍ତ୍ରୀ ପରଲୋକରେ ସେ ମଧ୍ୟ ମୁହୂର୍ତକ ପାଇଁ ଏଭଳି ଦୁଃଖରେ ବସିଥିବାର କେହି ଦେଖିନଥିଲେ । ସେଇ ଏକାକୀ, ନିରାଡ଼ମ୍ବର, ନିସ୍ପୃହ ଜୀବନରେ ହଠାତ୍ ଏପରି ପରିବର୍ତନ ଅନେକଙ୍କୁ ଆଶ୍ଚର୍ଯ୍ୟ କରିଅଛି । କେହି କେହି କାରଣ ପଚାରୁନାହାନ୍ତି କିମ୍ବା ସାହସ କରିପାରୁନାହାନ୍ତି । ହଠାତ୍ ମନେପଡ଼ିଗଲା ବିଶୁ କଥା । ବିଶୁ ତାଙ୍କର ଅତି ବିଶ୍ୱାସୀ ବୋଲି ଲୋକେ ଜାଣନ୍ତି । ବୋଧହୁଏ ତାଙ୍କ କାରଖାନାର ମ୍ୟାନେଜର କି ଅନ୍ୟକିଛି । ବିଶୁ ବାବୁଙ୍କ ପାଖରେ ସଦାସର୍ବଦା ଥାଏ । ବିଶୁର ବିଙ୍କ ଚାହାଣିରେ ଆଖପାଖ ଲୋକ ଟିକିଏ ଶଙ୍କିତ ହୁଅନ୍ତି । କେହି କେହି କୁହନ୍ତି- ତାଙ୍କ ପରେ ବିଶୁ ତାଙ୍କର ସମସ୍ତ ସମ୍ପତ୍ତିର ମାଲିକ ହେବ । କାରଣ ତାଙ୍କ ପୁଅ ସଙ୍ଗେ ତାଙ୍କର କୁଆଡ଼େ ଆଦୌ ପଡ଼େନାହିଁ ।

ଦିନକର ଘଟଣା । ସେଦିନ ଦ୍ୱିପ୍ରହରରେ ହଠାତ୍ କବାଟ ଠକ୍‌ଠକ୍ କରି ଆସି ବିଶୁ ନମସ୍କାର

କରିଲା ଓ କହିଲା ଶୀଘ୍ର ଆସନ୍ତୁ-ଡାକ୍ତରବାବୁ । କହି ମୋର ହାତଟିକୁ ଟାଣିଆଣିଲା । ବିଶୁର ଆଖିରୁ ଲୁହ ଗଡ଼ୁଥାଏ । ମୁଁ ଯାଇ ଦେଖିଲି - ଗୋଟିଏ ପରିଚ୍ଛନ୍ନ ବିଛଣା ଉପରେ ସେ ଶୋଇଛନ୍ତି । ଆଖି ଦୁଇଟା ମୁଦ୍ରିତ । ଏ ଯନ୍ତ୍ରଣାରେ ତାଙ୍କର ମୁଖମଣ୍ଡଳ ବିକୃତ ହୋଇଯାଇଛି । ନିଶ୍ୱାସ ଘନ ଘନ ନେଇ ଶରୀରର ପ୍ରାଣ ସ୍ପନ୍ଦିତ ହେଉଅଛି । ଡାକ୍ତର କହିଲେ - ହାଇ ବ୍ଲଡ଼ପ୍ରେସର, ସାଙ୍ଗେ ସାଙ୍ଗେ ଉପଯୁକ୍ତ ଚିକିତ୍ସାରେ ଭଲ ହୋଇଯାଇଥାନ୍ତା । ଡାକ୍ତରବାବୁ କହିଲେ - କ'ଣ ହୋଇଛି ବିଶୁ । ମୋତେ ଖୋଲି କୁହ ।

ବିଶୁ କହିଲା - ସେହିଦିନର ଶାନ୍ତ ଅପରାହ୍ନରେ ସାର୍‌ଙ୍କର ପ୍ରକୋଷ୍ଠ ଭିତରେ ମିସ୍ କ୍ଲବ୍‌ୱାଲାଙ୍କ କଣ୍ଠସ୍ୱର, ସେ ଆସିଥିଲେ । ତାଙ୍କର ପରିକଳ୍ପିତ ଶିଶୁ ମନ୍ଦିର ନିର୍ମାଣରେ ଆର୍ଥିକ ସାହାଯ୍ୟ ପାଇଁ । ଦୁହିଁଙ୍କର ବୟସ ଷାଠିଏରୁ ଊର୍ଦ୍ଧ୍ୱ । ସେମାନଙ୍କ ଆଲୋଚନା ବେଳେ ଯୌବନସୁଲଭ ତେଜସ୍ୱିତା ଫୁଟି ଉଠିଥିଲା ସେମାନଙ୍କ ମୁହଁରେ । କ୍ଲବ୍‌ୱାଲା ଆଜୀବନ ଅବିବାହିତା ରହି ସମାଜସେବା କରନ୍ତି । ସ୍କୁଲ, ଡାକ୍ତରଖାନା ଇତ୍ୟାଦିକୁ ଯାଇ ସାହାଯ୍ୟ କରିଥାନ୍ତି । ଅଳ୍ପଦିନ ତଳେ ହଠାତ୍ କ୍ଲବ୍‌ୱାଲାଙ୍କର ମୃତ୍ୟୁ ହେଲା । ତାଙ୍କର ସମସ୍ତ ସମ୍ପତିର ସୁବ୍ୟବସ୍ଥା ପାଇଁ ସେ ସାର୍‌ଙ୍କୁ ଅନୁରୋଧ କରିଯାଇଥିଲେ । ଦିନେ ସାର୍ ବିଶୁକୁ ଡାକି କହିଥିଲେ- ବିଶୁ, ତୁମେ ମୋର ସମସ୍ତ ସମ୍ପତି ଓ କ୍ଲବ୍‌ୱାଲାଙ୍କର ସମସ୍ତ ସମ୍ପତିର ସୁବ୍ୟବସ୍ଥା କରିବ । ମୁଁ ତ ଆଉ ବେଶୀଦିନ ନୁହେଁ... ହଠାତ୍...

ନାଡ଼ିଦେଖି ନୀରବରେ ଡାକ୍ତରବାବୁ ଫେରିଆସିଲେ । ବହୁଦୂର ଯାଏ ପଛରୁ ଶୁଭୁଥିଲା - ବିଶୁର ବିଳାପ - "ମୋତେ କିଛି କହିଲ ନାହିଁ ଯେ..." ।

**(୧୦) ଗାୟତ୍ରୀ :**

ଗାଳ୍ପିକା ନନ୍ଦିନୀ ଶତପଥୀଙ୍କର ଗଳ୍ପ ସଂକଳନ "କେତୋଟି କଥା"ରେ 'ଗାୟତ୍ରୀ' ଏକ କ୍ଷୁଦ୍ରଗଳ୍ପ । ଗାୟତ୍ରୀ ଜଣେ ଶିକ୍ଷୟିତ୍ରୀ । ତା'ର ଜୀବନରେ କିଛି କାହାଣୀକୁ ନନ୍ଦିନୀଦେବୀ ଓଡ଼ିଶାର ଅଗଣିତ ଗଳ୍ପ ପାଠକ ପାଠିକାଙ୍କ ପାଖରେ ଉପସ୍ଥାପନା କରିଅଛନ୍ତି । ବାସ୍ତବିକ୍ ଏହି ଗଳ୍ପଟି ଅତ୍ୟନ୍ତ ହୃଦୟସ୍ପର୍ଶୀ ।

ସନ୍ଧ୍ୟାର ଅନ୍ଧକାର ଘନେଇ ଉଠୁଛି । ଆକାଶରେ ଜମି ଉଠୁଛି ତାରାର ମହୋତ୍ସବ । ଏହି ଘନାୟମାନ ଅନ୍ଧାର ଭିତରେ ଟେବୁଲରେ ପଡ଼ିରହିଛି ମୁହଁମାଡ଼ି ଗାୟତ୍ରୀ ଏକୁଟିଆ । ସେ ସତେ ଯେ ଗୋଟିଏ ବଡ଼ ବହିର ଖଣ୍ଡେ ଛିନ୍ନ ପୃଷ୍ଠା । ଆଜି ସେ ନିଃସଙ୍ଗ, ଏକକ, କିନ୍ତୁ ସେ କ'ଣ ସତେ ଏକକ । ଦୀର୍ଘ ଦୁଇମାସ ହେବ ସେ ପଳାଇ ଆସିଛି ଏଠିକି । ସବୁରି ଅଗୋଚରରେ ଧ୍ୱସ୍ତବିଧ୍ୱସ୍ତ ଜୀବନଟାକୁ କଟେଇଦେବ ଏହି ଅପରିଚିତ ସ୍ଥାନରେ । କେତେ ଆଶା ସେ କରିନଥିଲା ଜୀବନରେ !





ଧରି ପଣ୍ଡିତ ମହାଶୟେ ଦଳେ ଛାତ୍ରଙ୍କୁ ପଢ଼ଉଥିଲେ ସକାଳଓଳି ଆୟୁକର... ।

**(ଛଅ)**

ଶେଷ ରାତ୍ରିକୁ ସୁରଂଜନକୁ ନିଦ ଲାଗିଆସେ । ସେ ଗୋଟିଏ ଅଦ୍ଭୁତ ଦୁଃସ୍ୱପ୍ନ ଦେଖେ ସେତେବେଳେ । ଗୋଟିଏ ନଈକୂଳରେ ସେ ଏକୁଟିଆ ଚାଲୁଅଛି । ଚାଲି ଚାଲି ଦେଖୁଛି ନଈର ଗୋଟିଏ ଢେଉ ତାକୁ ଗଭୀରକୁ ନେଇଯାଉଛି । ସେ ଭଉଁରୀ ଭିତରେ ପଡ଼ିଯାଉଛି । ତଳକୁ ତଳକୁ ଚାଲିଯାଉଛି । ସୁରଂଜନର ଦେହ ଝାଳରେ ବୁଡ଼ିଗଲା । ସେ ସେହି ଅଚିହ୍ନା ପାଣିରେ ତଳେଇ ଯାଉଛି । ଏଭଳି ଏକ ଅସ୍ଥିର ସମୟରେ ଗୋଟିଏ ଶାନ୍ତ, ସ୍ଥିର, ହାତ ସୁରଂଜନକୁ ସ୍ପର୍ଶ କଲା । ଉଠାଇଦେଲା । ସୁରଂଜନ ଧଡ଼ପଡ଼ ହୋଇ ଉଠିବସିଲା । ତା' ମୁହଁ ଭୟରେ ନୀଳ ହୋଇଯାଇଛି । ଭଉଁରୀ ଜଳ ତାକୁ ବୁଡ଼ାଇ ଦେଉଥିଲା । ବଞ୍ଚିବା ପାଇଁ ସେ ପ୍ରାଣପଣେ ଚିତ୍କାର କରୁଥିଲା । ଗୋଟିଏ କାଠିକୁଟା ମଧ୍ୟ ସେ ଜାବୁଡ଼ି ଧରିବା ପାଇଁ ସେହି ସ୍ୱପ୍ନ ଭିତରେ ସେ ଯେମିତି ହାତ ବଢ଼ାଉଥିଲା । ସେମିତି ସେ ସୁଧାମୟଙ୍କର ହାତକୁ ଜାବୁଡ଼ି ଧରିଲା । ସୁଧାମୟ ଆସି ସୁରଂଜନର ବିଛଣାରେ ବସିଛନ୍ତି ।

କିରଣମୟୀଙ୍କ କାନ୍ଧରେ ଭରାଦେଇ ସୁଧାମୟ ଚାଲି ଚାଲି ଆସୁଛନ୍ତି । ତାଙ୍କ ଶରୀରରେ ଅଳ୍ପ ଅଳ୍ପ ଶକ୍ତି ଫେରିଆସିଛି । କିରଣମୟୀ ସୁଧାମୟଙ୍କୁ ଦି' ହାତରେ ସମ୍ଭାଳି ଧରିଛନ୍ତି ।

ବାପା ?

ଆଉ କୌଣସି କଥା କହିପାରିଲାନି ସୁରଂଜନ । ତା' ଆଖିରେ ଗୋଟିଏ ମୂକ ଜିଜ୍ଞାସା । ସେତେବେଳକୁ ଭୋର ହେଉଛି । ଝରକାର ଦି' ତିନିଟା କଣା ବାଟେ ଟିକିଏ ଆଲୁଅ ଆସୁଛି । ସୁଧାମୟ କହିଲେ, ସୁରଂଜନ ଚାଲ ଆମେ ଚାଲିଯିବା ।

ଅବାକ୍ ହୋଇ ସୁରଂଜନ ପଚାରିଲା, କୁଆଡ଼େ ଯିବା ବାପା ?

ସୁଧାମୟ କହିଲେ, ଇଣ୍ଡିଆ ।

ସୁଧାମୟଙ୍କୁ ଏକଥା କହିବାକୁ ଲଜ୍ଜା ହେଲା । ତାଙ୍କର ସ୍ୱର କମ୍ପି ଉଠିଲା । କାରଣ ଏତେଦିନ ପରେ ନିଜ ଭିତରେ ସେ ଯେଉଁ ଶକ୍ତ ପାହାଡ଼ଟି ଗଢ଼ି ତୋଳିଥିଲେ ତାହା ଦିନକୁଦିନ ଧସି ପଡ଼ିଛି ।

........

<u>ମହାଶ୍ୱେତାଦେବୀଙ୍କ ନିର୍ବାଚିତ ଗଳ୍ପ</u>

ଚଉଦ ପୁରୁଷର କାହାଘର ଇଣ୍ଡିଆରେ ଯେ, ତୁ ସେଠିକି ଯିବୁ ? ନିଜ ଦେଶ ଛାଡ଼ି ପଳେଇଯିବାକୁ ଚାହୁଁଛି – ଲଜ୍ଜା ମାଡୁନି ?

ଦେଶ ଧୋଇ କ'ଣ ପାଣି ପିଇବା ବାପା ? ଦେଶ ତୁମକୁ କ'ଣ ଦେଇଛି, ମୋତେ କ'ଣ ଦେଇଛି ? ତୁମର ଏ ଦେଶ ମାୟାକୁ କ'ଣ ଦେଲା ? ମା'ଙ୍କୁ କାହିଁକି କାନ୍ଦିବାକୁ ପଡ଼େ ? ତୁମେ ରାତିସାରା କାହିଁକି ଗଁଅ ଗଁଅ ହୁଅ ? କାହିଁକି ନିଦ ହୁଏନି ? ଦଙ୍ଗା ତ ସବୁ ଦେଶରେ ହୁଏ । ଇଣ୍ଡିଆରେ କ'ଣ ହେଉନି ? ସେଠି କ'ଣ ମଣିଷ ମରୁନାହାନ୍ତି ? ଦଙ୍ଗା ତ ଭଲ କଥା ବାପା । ଏଠି ତ ଦଙ୍ଗା ହେଉନି । ଏଠି କିନ୍ତୁ ମୁସଲମାନ, ହିନ୍ଦୁମାନଙ୍କୁ ମାରୁଛନ୍ତି ।

ସୁଧାମୟ କହିଲେ – ସୁରଂଜନ ତୁ ନିଜକୁ ହିନ୍ଦୁ ବୋଲି ଭାବୁଛୁ । ମାୟାକୁ ଯଦି ରକ୍ଷା କରିହେଲାନି, ମୁଁ କାହାକୁ ରକ୍ଷା କରିବାକୁ ଯିବି । ନିଜକୁ, ଯାହା ହରେଇଛୁ, ସେଥିପାଇଁ କ'ଣ ଶୋକ କରିବାକୁ ଏଇଠି ବସି ରହିବା । ଏହି ଭୟଙ୍କର ନିରାପତ୍ତାହୀନତାର ଭିତରେ ? ତା' ଅପେକ୍ଷା ବରଂ ଚାଲିଯିବା ଭଲ ।

ସେଠି କ'ଣ କରିବା ?

ଯାହାହେଲେ ବି କିଛି କରିବା । ଜୀବନ ସାରା ଏମିତି କୂପମଣ୍ଡୂକ ଭଳି ଜୀବନ କଟାଇବା, ଏମିତି ଟିକେ ଟିକେ କଥାରେ ଆମମାନଙ୍କ ଘରେ ହମଲା କରିବା ପାଇଁ, ଆମକୁ କାଟି ପକାଇବା ପାଇଁ ଅଭ୍ୟସ୍ତ ହୋଇଗଲେଣି ।

କିରଣମୟୀଙ୍କର କାନ୍ଦ ବନ୍ଦ ହୋଇଗଲାଣି । ସେ ଗୋଟିଏ ରାଧାକୃଷ୍ଣଙ୍କର ଛବି ପାଖରେ ଠିଆହୋଇ ରହିଛନ୍ତି । ଏଇକ୍ଷଣି ବାହାର କରି ସେ ଭଗବାନ କୃଷ୍ଣଙ୍କ ନିକଟରେ ନିରାପଞ୍ଚା, ନିର୍ଭାବନା, ନିଶ୍ଚୟତା, ନିରୁପଦ୍ରବ ଜୀବନ ପାଇଁ ମୁଣ୍ଡ ନୁଆଁଇ ପ୍ରାର୍ଥନା କରୁଛି ।

ଆଶାହୀନତାର ଅନ୍ଧକାରରେ ସୁରଂଜନ ଘୁରିବୁଲେ । ରାତ୍ରୀ ଗଭୀର ହୁଏ । ତା' ପାଇଁ ଏଇକ୍ଷଣି ପୁଲକ, ହାଇଦର, ଲୁତଫର, କାଜଲ, କେହି ସହାୟ ନୁହନ୍ତି । ତା'ର ଯେଉଁ ଶେଷ ରକ୍ଷକ ସୁଧାମୟ ଥିଲେ, ତାହା ବି ଆଉ ନାହିଁ । ସୁରଂଜନ ଏକୁଟିଆ ହୋଇଯାଏ । ମସ୍‌ଜିଦ୍‌ର ଆଯାନ ଶୁଣାଯାଉଛି । ଏକାସାଙ୍ଗରେ ଗୋଟିଏ ଦୁଇଟି ତିନୋଟି ଚାରୋଟି ମାଇକ୍‌ର ଆଯାନ ଧ୍ୱନିତ ହେଉଛି । ଗୁଣୁଗୁଣୁ ହୋଇ ସୁରଂଜନ ପିଲାବେଳର ମୁଖସ୍ତ କରିଥିବା ବିଦ୍ୟା କହେ – ସ୍ୱରେ ଅତେ ଅଯୁ କର ସକାଳବେଳା, ସ୍ୱରେ ଆତେ ଆଯାନ... ।

ନିଦ୍ରାହୀନତାରେ ରାତିସାରା ସୁରଂଜନ ଛଟପଟ ହୁଏ । ଆଉ ତା'ର ମନେପଡ଼େ ବେତ





କିନ୍ତୁ କ'ଣ ହେଲା ? ଆଜି ? ଘର ଭିତରକୁ ପଶିଆସି ସୁଜାତା ପଚାରିଲା– ଆରେ, ଏତେବେଳଯାଏ ଆଲୁଅ ଜଳୁନି, ତୋର କାଲି ପାଇଁ କ୍ଲାସ ନାହିଁ କିଛି, କିଛି ପ୍ରିପେୟାର କରୁନୁ ଯେ ! ଗାୟତ୍ରୀ କହିଲା – ମୋତେ ଏଠି ଭଲ ଲାଗୁନାହିଁ ସୁଜାତା । ଭାବୁଛି ରିଜାଇନ୍ କରି ଚାଲିଯିବି । ଅନ୍ୟ କେଉଁଠି ଭଲ ଚାନ୍‌ସ ମିଳିଛି ନା, ଏତେ ପରିଶ୍ରମ କରି ଏମ୍.ଏ. ଫାଷ୍ଟକ୍ଲାସ୍ ପାଇଥିଲି ଅନ୍ୟ ଲକ୍ଷ୍ୟ ନେଇ । ସୁଜାତା କହିଲା, ବାସ୍ତବିକ – ତୋତେ ସେମାନେ ଲେକ୍‌ଚରସିପ୍ ଦେବାର ଥିଲା । ନହେଉ, ଅନ୍ତତଃପକ୍ଷେ ରିସର୍ଚ୍ଚ ସ୍କଲାରସିପ୍‌ଟାଏ ଦେଇଥାଆନ୍ତେ ତ !

ଗାୟତ୍ରୀର ମନେପଡ଼ିଲା ସୁବ୍ରତ ଆଜି ଚିଠି ଲେଖିଛି । ଅଭାବର ଚାପରେ କ'ଣ ତୁମକୁ କହି ଦେଇଥିଲି । ସେଥିପାଇଁ ମୋ ଉପରେ ରାଗି ଚାଲିଗଲ ! ମୁଁ ଜାଣୁଛି – ତୁମେ ସେଠାରେ ଶାନ୍ତିରେ ନଥିବ । ମୋତେ ବି ଭାରି ଖରାପ ଲାଗୁଛି । ଫେରିଆସ ତୁମେ । ନା ନା ! ମନେ ମନେ ଚିତ୍କାର କରିଉଠିଲା ଗାୟତ୍ରୀ । ସେ ବଡ଼ହେବ, ଡକ୍ଟରେଟ୍ କରିବ, ଫରେନ୍ ଯିବ । ବିଶ୍ୱବିଖ୍ୟାତ ଐତିହାସିକ ଗାୟତ୍ରୀ ମିଶ୍ର । ନାଁ ସେ କେବଳ ସୁବ୍ରତ ମିଶ୍ରର ସ୍ତ୍ରୀ ନୁହେଁ ।

ଗାୟତ୍ରୀ ସିଦ୍ଧାନ୍ତ ନେଲା ଯେ, ସେ ଆଜି ସ୍କୁଲର ଶିକ୍ଷୟିତ୍ରୀ ପଦବୀରୁ ଇସ୍ତଫା ଦେବ ଏବଂ ତା'ର ସହକର୍ମୀ ଶିକ୍ଷୟିତ୍ରୀ ସୁଜାତ ହାତରେ ପ୍ରଧାନ ଶିକ୍ଷୟିତ୍ରୀଙ୍କ ନିକଟକୁ ପଠାଇଦେବ । ଏମିତିକରି ସେ ଛୁଟି ନେବାପାଇଁ ଦରଖାସ୍ତ ପଠାଇଥିବାରୁ ପ୍ରଧାନ ଶିକ୍ଷୟିତ୍ରୀ ବିରକ୍ତି ଭାବ ପ୍ରକାଶ କରିଲେ । ଛୁଟି ଦରଖାସ୍ତଟିକୁ ସୁଜାତା ହାତରେ ଧରାଇଦେଇ ଗ୍ରାୟତ୍ରୀ ଚୁପ୍‌କରି ବସିରହିଲା । ଏହି ସମୟରେ ଠିକ୍ ଡାକବାଲା ଡାକିଲା । ତିନି ଚାରୋଟି ଚିଠି । ଗାୟତ୍ରୀ ଦେଖିଲା ସରକାରୀ ଚିଠି ନାହିଁ ।

ଗାୟତ୍ରୀ ପ୍ରଥମେ ଖୋଲିଲା ତା'ର ବନ୍ଧୁ ସୁନନ୍ଦାର ଚିଠିଟିକୁ । ସୁନନ୍ଦା, ଗଲାବର୍ଷ ତାରି ସାଙ୍ଗରେ ଏମ୍.ଏ. ପାଶ୍ କରିଥିଲା । ନିତାନ୍ତ ସାଧାରଣ ଛାତ୍ରୀ । କିନ୍ତୁ ବାପା ତା'ର ଉଚ୍ଚପାହ୍ୟା ସରକାରୀ ଅଧିକାରୀ । ମାସିଟିଏ ମଧ୍ୟ ବସିବାକୁ ପଡ଼ିନି ତାକୁ । ସଙ୍ଗେ ସଙ୍ଗେ ଓଡ଼ିଶାର ସବୁଠାରୁ ବଡ଼ କଲେଜରେ ପାଇଗଲା ଅଧ୍ୟାପିକା ଭାବରେ ନିଯୁକ୍ତି । ସୁନନ୍ଦା ଲେଖିଛି, ସରକାରୀ ବତି ନେଇ ସେ ଜର୍ମାନୀ ଯାଉଛି । ଦୁଇବର୍ଷ ପରେ ଫେରିବ । ଯିବା ପୂର୍ବରୁ ଗାୟତ୍ରୀ ସାଙ୍ଗରେ ଦେଖାହୋଇପାରିଲେ ସେ ଖୁସି ହୁଅନ୍ତା । ଚିଠିଟା ଗାୟତ୍ରୀକୁ ଉପହାସ କରୁଅଛି । ତା'ର ମନେହେଲା ମୁଣ୍ଡ ଭିତରେ ସବୁ ଶିରାଗୁଡ଼ିକ ଯେମିତି ଛିଣ୍ଡି ଛିଣ୍ଡି ଯାଉଛି । ଚିତ୍କାର କରୁିଠିଲା ଗାୟତ୍ରୀ । ଚୌକିରୁ ଉଠିପଡ଼ି ଘର ସାରା ଦୌଡ଼ିଲା । ପୁଣି ହସିଉଠିଲା ଜୋର୍‌ରେ ।

କବାଟ ଠେଲି ଘର ଭିତରକୁ ପଶିଆସିଲା ସୁଜାତା । ଏସବୁ ଦେଖି ସୁଜାତା ପଚାରିଲା, କ'ଣ ହେଲା ଗାୟତ୍ରୀ ? ତା' ହାତରୁ ଚିଠିଟାକୁ ଭିଡ଼ିନେଲା ସେ । ଗାୟତ୍ରୀ ମୁହଁରେ କଥା ନାହିଁ ।

ସୁଜାତା ଚିଠିଟିକୁ ନେଇ ପ୍ରଧାନଶିକ୍ଷୟିତ୍ରୀଙ୍କୁ ଦେଲେ । ସେମିତି ସ୍ଥିର ଭାବରେ ବସିରହି ଚିଠିଟିକୁ ପଢ଼ିଲେ ପ୍ରଧାନ ଶିକ୍ଷୟିତ୍ରୀ ମନସ୍ୱିନୀ ଦେବୀ । ଦୀର୍ଘ ନିଶ୍ୱାସ ପକାଇ ଧୀରେ ଧୀରେ କହିଲେ ଗାୟତ୍ରୀ ପାଗଳୀ ହୋଇଯାଇଛି । ମୁଁ ଆଶଙ୍କା କରୁଥିଲି ଏମିତି ହେବ ବୋଲି । ଏ ଦେଶର ଗୋଟାଏ ପ୍ରତିଭାର ଅପମୃତ୍ୟୁ ଘଟିଲା ଆଜି । ଶ୍ରାବଣର ଆକାଶରୁ ନଇଁ ଆସୁଥିଲା ବିସ୍ଫୋରଣମୁଖୀ ମେଘରାଶି ।

**(୧୧) ସମୁଦ୍ର :**

ଗାଳ୍ପିକା ନନ୍ଦିନୀ ଶତପଥୀ ନିଜର ଗଳ୍ପ ସଂକଳନ "କେତୋଟି କଥା"ରେ 'ସମୁଦ୍ର'କୁ ଏକ ଗଳ୍ପ ଭାବରେ ସ୍ଥାନ ଦେଇଛନ୍ତି । ଏହି ଗଳ୍ପ ଏକ ଝିଅ ରୁମାକୁ ନଇ ମୁଖ୍ୟତ ରଚିତ ।

ସମୁଦ୍ରକୁ ମୁହଁ କରି ସେହି ଯୋଉଁ ବିରାଟ ପ୍ରାସାଦ, ତାହାରି ଭିତରେ ଚତୁର୍ଥ ମହଲାରେ ଗୋଟିଏ ଛୋଟ ଫ୍ଲାଟ୍ । ଫ୍ଲାଟ୍ର ନାମ କିଛି ନଥିଲା, କିନ୍ତୁ ଅଟ୍ଟାଳିକାର ନାଆଁ ବୋଧହୁଏ ଥିଲା 'କଲ୍ୟାଣୀ' । ସେଦିନ ସେଠାରେ ଲଞ୍ଚ ପାର୍ଟିର ଆୟୋଜନ ହୋଇଥିଲା । ଏମିତି ପ୍ରାୟ ହୁଏ କିଛି – ନୂଆକଥା ନୁହେଁ । ଖାଇବା ପୂର୍ବରୁ ପିଇବାର ବ୍ୟବସ୍ଥା । ପୁରୁଷ ଓ ସ୍ତ୍ରୀ ପ୍ରତ୍ୟେକଙ୍କର ହାତରେ ଲମ୍ବା ଲମ୍ବା ଗ୍ଲାସ୍ରେ ସୁନେଲୀ ପାନୀୟ । ବାହାରେ ଅବିଶ୍ରାନ୍ତ ବର୍ଷା । ବାଲ୍କୋନିର ବାଡ଼ରେ ମୁଁ ଆଉଜିପଡ଼ି ଦୂରକୁ ଚାହିଁଥିଲି । ସଚିବାଳୟ ସମ୍ମୁଖରେ ବିସ୍ତୃତ ରାସ୍ତା ଅତିକ୍ରମ କରି ମୋର ଦୃଷ୍ଟି ନିବଦ୍ଧ ହୋଇଥିଲା – ସମୁଦ୍ରର ତରଙ୍ଗ ରାଶି ଉପରେ । ଆପଣ ଏଠି କାହିଁକି ?

ଚମକିପଡ଼ି ପଛକୁ ଚାହିଁଲି । ରୁମା ଠିଆ ହୋଇଛି । ଦୁଇହାତରେ ଦୁଇଟା ସରବତ ଗ୍ଲାସ୍ । ତାର ହାତରୁ ଗ୍ଲାସଟିଏ ନେଇଆସିଲି । ରୁମାକୁ ଚୌକିରେ ବସିବାକୁ କହି ମୁଁ ଗୋଟିଏ ଚୌକିରେ ବସିବାକୁ ଆସିଲି । ବର୍ଷା ମଧ୍ୟ ଜୋର୍ରେ ପଡ଼ିବାରୁ ଆମ ଉପରେ ଛିଟା ଆସି ପଡ଼ିଲା । ରୁମାର ଗାଢ଼ ନୀଳରଙ୍ଗର କାଞ୍ଜିବରମ ଶାଢ଼ି ଉପରେ ବର୍ଷା ବିନ୍ଦୁକୁ ଲକ୍ଷ୍ୟ କରି କହିଲି-ତୁମେ ଭିତରକୁ ଯିବ ଯଦି ଯାଅ ରୁମା – ତୁମର ଶାଢ଼ି ଓଦା ହୋଇଯାଇଛି । ଆଖି ତଳକୁ ନୁଆଁଇ ସେ କହିଲା – ସେ କିଛି ନୁହେଁ । ଆପଣ ଯଦି ମୋର ଉପସ୍ଥିତି ନ ଚାହାନ୍ତି ମୁଁ ସେଠାରୁ ଉଠିଯିବି । ମୁଁ ତା' ହାତଧରି କହିଲି ତୁମେ ଆସିଲ, ମୁଁ ଜଣେ ବନ୍ଧୁ ପାଇଲି । ଅବଶ୍ୟ ରୁମାର ବାପା ମୋତେ ନିମନ୍ତ୍ରଣ କରି ଆଣିଛନ୍ତି ଏଠାକୁ – ରୁମା ଯୋଗୁଁ ।

ମୁଁ ତାହାର ହାତଧରି କହିଲି – ଚାଲ ରୁମା, ସମୁଦ୍ରକୂଳରେ ଟିକିଏ ବୁଲି ଆସିବା । କିନ୍ତୁ ବାହାରେ ବର୍ଷା – ଏପଟେ ଖାଇବାକୁ ଟେବୁଲରେ ବଢ଼ାହେଲାଣି । ମୁଁ ରୁମାକୁ ଚାହିଁଲି – ସତକୁ ସତ ସେ ଦୀର୍ଘ ନିଶ୍ୱାସ ପକାଉଛି । ଆଖିରେ ତା'ର ସମୁଦ୍ରର ଛାୟା । ବିଂଶ ଶତାବ୍ଦୀର ଉଚ୍ଚଶିକ୍ଷିତା





ସୁରଂଜନ । ସୁରଂଜନ ଆଖିବୁଜି ଅନୁଭବ କରେ ତା'ର ଘର୍ମାକ୍ତ କପାଳରେ ଗୋଟିଏ ହାତ ବୁଲୁଛି । କେହି କେତେବେଳେ ଖୁବ୍ ସ୍ନେହରେ ସୁରଂଜନକୁ ସ୍ପର୍ଶ କରିନାହିଁ ପରଭିନ୍ ଛଡ଼ା । ଜୀବନରେ ଯାହାକିଛି ଘଟୁ ପଛେ ଏକଥା ତ ମିଛ ନୁହେଁ ଯେ, ପରଭିନ୍ ତାକୁ ଚୁମା ଦେଉଥିଲା । ସେ ପରଭିନ୍କୁ ଆଲିଙ୍ଗନ କରି କହୁଥିଲା – ତୁ ଗୋଟିଏ ପକ୍ଷୀ । ପରଭିନ୍ ହସି ହସି ଗଡ଼ିଯାଉଥିଲା – କହୁଥିଲା – ତୁ ଗୋଟିଏ ମାଙ୍କଡ଼ । କିରଣମୟୀ ହଠାତ୍ ଘରଭିତରକୁ ପଶିଆସି ଦେଖିଲେ ଦୁହେଁଯାକ ଛଡ଼ିଛଡ଼ି ହେଉଛନ୍ତି ।

ସୁରଜଂନ ଗଭୀର ଭାବରେ ଯେତେବେଳେ ରତ୍ନା ଭିତର କଥା ଭାବିବାକୁ ଆରମ୍ଭ କରିଛି, ଠିକ୍ ସେତିକିବେଳେ କବାଟରେ ଖଟଖଟ ଶବ୍ଦ ହେଲା । କବାଟ ଖୋଲି ସୁରଂଜନ ଦେଖିଲା – ରତ୍ନା ଠିଆ ହୋଇଛି । ନିଜକୁ ସମ୍ଭାଳି ବସନ୍ତୁ ବସନ୍ତୁ କହିଲାବେଳକୁ ସୁରଂଜନ ରତ୍ନା ପଛରେ ଜଣେ ସୌମ୍ୟଦର୍ଶନ ଭଦ୍ରଲୋକଙ୍କୁ ଦେଖିଲା । ରତ୍ନା ପରିଚିତ କରାଇଦେଲା – ଯାଙ୍କ ନାମ ହୁମାୟୁନ୍, ମୋର ସ୍ୱାମୀ ।

ସୁରଜଂନର ଛାତି ଭିତରଟା ମୁହୂର୍ତ୍ତକରେ ଗୋଟିଏ ସମୁଦ୍ର ଗର୍ଜି ଉଠିଲା । ଝଡ଼ ହେଲା, ଘୂର୍ଣ୍ଣିଝଡ଼ । ଜୀବନରେ ଅନେକ ବର୍ଷ ହେଲା ହେଲାରେ କଟାଇ ଅବଶିଷ୍ଟ ସମୟ ରତ୍ନାକୁ ନେଇ ସଂସାର କରିବାର ପ୍ରଚେଷ୍ଟା ଓ ସ୍ୱପ୍ନଥିଲା । ଆଉ ରତ୍ନା କ'ଣ ନା ହସି ହସି ମୁସଲମାନ ସ୍ୱାମୀ ଧରି ଦଙ୍ଗା କବଳିତ ଦେଶରେ ବଂ ରହିବାର ବିକଳ୍ପ ବ୍ୟବସ୍ଥା ଗ୍ରହଣ କରିନେଇଛି । ତା'ର ସ୍ୱାମୀ ସହିତ ପରିଚିତ ହେବାକୁ ସୁରଂଜନର ଆଉ ଇଚ୍ଛା ନାହିଁ । ମୁଁ ଗୋଟିଏ ଜରୁରୀ କାମରେ ବାହାରକୁ ଯାଉଛି, ପରେ ଦେଖାହେବା ।

ସୁରଂଜନ କୁଆଡ଼େ ଯିବାର ନାହିଁ । ପୁଲକକୁ ଆଣିଥିବା ଟଙ୍କା ସହ ଫେରାଇଦେଇ ମୁକ୍ତ ହୋଇଯିବ । ସୁଧାମୟ ଅସ୍ୱସ୍ତିରେ ଏପଟ ସେପଟ ହୋଇ ଗଡୁଛନ୍ତି । କିରଣମୟୀ, କିରଣମୟୀ ବୋଲି ଡାକୁଛନ୍ତି । କିରଣମୟୀ ଘର କାନ୍ଥରେ ମୁଣ୍ଡ ରଖି ଯେତେବେଳେ କାନ୍ଦୁଅଛନ୍ତି ସେହି କାନ୍ଦ ବନ୍ଦ କରିବା ପାଇଁ ସୁରଂଜନ କି ସୁଧାମୟଙ୍କର କାହାରି ସାହସ ହେଲାନାହିଁ ।

ସୁରଂଜନ ବାପା ସୁଧାମୟଙ୍କୁ କହିଲା ଯେ, କାଲି ରାତିସାରା ମୁଁ ଗୋଟିଏ କଥା ଭାବୁଛି । ତୁମକୁ କହିଲେ ତୁମେ ମୋର କଥା ରଖିବନି । ବାପା କହିଲେ କ'ଣ ? ସୁରଂଜନ କହିଲା, ଚାଲ ଆମେ ଚାଲିଯିବା । କୁଆଡ଼େ ? ସୁଧାମୟ ପଚାରିଲେ । ଇଣ୍ଡିଆ ।

ଇଣ୍ଡିଆ ? ସୁଧାମୟ ଗୋଟିଏ ଅଦ୍ଭୁତ ଶବ୍ଦ ଶୁଣିଲା ପରି ଚମକି ଉଠିଲେ । ଯେପରି ଇଣ୍ଡିଆ ଅତ୍ୟନ୍ତ ଅଶ୍ଳୀଳ ଗୋଟିଏ ଶବ୍ଦ । ଗୋଟିଏ ନିଷିଦ୍ଧ ଶବ୍ଦ । ଏହାକୁ ଉଚ୍ଚାରଣ କରିବା ଅପରାଧ । ସୁଧାମୟ ବିରକ୍ତ ମୁହଁରେ କହିଲେ, ଇଣ୍ଡିଆ କ'ଣ ତୋ ବାପାର ଘର ନା ତୋ କକାର ଘର ? ତୋ

ଏଇକ୍ଷଣି ମାୟା ପାଇଁ ଆଉ କାହାର ଶୋକ ନାହିଁ । ନିଜର ଭବିଷ୍ୟତ ପାଇଁ ସମସ୍ତେ ଶୋକ କରୁଛନ୍ତି । କେଉଁଠି ଯେପରି ଅସୁବିଧା ହେଉଛି, ଏକ ସମୟରେ ସୁରଂଜନ ସାଂପ୍ରଦାୟିକ ସଂପ୍ରୀତିର କଥା କହୁଥିଲା । କହୁଥିଲା - ଏ ଦେଶରେ ସାଂପ୍ରଦାୟିକ ସଂପ୍ରୀତିର ବହୁତ ସୁନାମ ରହିଛି । ସୁରଂଜନ ଦେଖେ ଯେ, ଭାରତ ତୁଳନାରେ ଏ ଦେଶର ଦଙ୍ଗା କିଛି ନୁହେଁ । ଭାରତର ମସ୍‌ଜିଦ୍, ମନ୍ଦିର ପାଇଁ ଦଙ୍ଗା ହେଉଛି । କିନ୍ତୁ ଏ ଦେଶ ବଙ୍ଗଳାଦେଶର ଲୋକେ ଭାରତର ପାପର ପ୍ରାୟଶ୍ଚିତ କରିବେ । ଆଉ ତୁଳନା ବି କାହିଁକି କରାହେଉଛି ?

ଧର୍ମୀୟ ବୈଷମ୍ୟ ଏ ଦେଶରେ ତ ଏତେ ବେଶୀ । ତଥାପି ବଡ଼ ବଡ଼ ନେତାମାନେ ସାଂପ୍ରଦାୟିକ ସଂପ୍ରୀତିର କଥା କାହିଁକି କୁହନ୍ତି ସୁରଂଜନ ବୁଝିପାରେନି । ୧୯୫୪ରେ ଜାତୀୟ ସଂସଦରେ ମୋଟ ସଦସ୍ୟଙ୍କ ସଂଖ୍ୟା ଥିଲା - ୩୦୯ ଜଣ । ସେମାନଙ୍କ ମଧ୍ୟରୁ ସଂଖ୍ୟାଲଘୁଙ୍କର ସଂଖ୍ୟା ଥିଲା - ୭୨ ଜଣ । ୧୯୭୩ ସାଲରେ ୩୧୫ ଜଣ ସଦସ୍ୟଙ୍କ ମଧ୍ୟରୁ ୧୨ ଜଣ ଥିଲେ ହିନ୍ଦୁ ଓ ଅନ୍ୟ ସମସ୍ତେ ମୁସଲିମ୍ ସଦସ୍ୟ । ୧୯୯୧ ସାଲରେ ମୋଟ ସଦସ୍ୟ ୩୩୦ ଜଣ ମଧ୍ୟରୁ ସଂଖ୍ୟାଲଘୁ ହେଲେ ୧୨ ।

ସେନାବାହିନୀରେ କୌଣସି ସଂଖ୍ୟାଲଘୁ ବ୍ରିଗେଡିୟର ମେଜର ଜେନେରାଲ ନାହାନ୍ତି । ସତୁରୀ ଜଣରେ ଜଣେ କର୍ଣ୍ଣେଲ । ଚାରିଶହ ପଚାଶ ଜଣରେ ଲେଫ୍ଟନାଣ୍ଟ କର୍ଣ୍ଣେଲ ଆଠଜଣ, ଏକହଜାର ଭିତରୁ ଚାଳିଶଜଣ ମେଜର, ତେରଶହ ଭିତରୁ କ୍ୟାପ୍‌ଟେନ ଆଠଜଣ, ନଅଶହ ଜଣଙ୍କ ଭିତରୁ ସେକେଣ୍ଡ ଲେଫ୍ଟନାଣ୍ଟ ତିନିଜଣ, ଅଶୀ ହଜାର ସିପାହୀ ମଧ୍ୟରୁ ମାତ୍ର ପାଞ୍ଚଶହ ଜଣ ହିନ୍ଦୁ ଅଛନ୍ତି । ପୋଲିସ ବାହିନୀରେ ଅଶୀହଜାର ପୋଲିସଙ୍କ ମଧ୍ୟରୁ ଧର୍ମୀୟ ସଂଖ୍ୟାଲଘୁ ମାତ୍ର ଦୁଇହଜାର । ଡିଆଇଜି କିମ୍ବା ଆଇ.ଜି କେହି ନାହାନ୍ତି । ରାଷ୍ଟ୍ରାୟତ ଶିଳ୍ପ ପ୍ରତିଷ୍ଠାନମାନଙ୍କରେ କର୍ମକର୍ତ୍ତାଙ୍କ ସଂଖ୍ୟା ଶତକଡ଼ା ଏକ । ଶ୍ରମିକଙ୍କ ସଂଖ୍ୟା ଏକଭାଗ ମଧ୍ୟ ନୁହେଁ । ଖାଲି ସେତିକି ନୁହେଁ, ଜନତା ବ୍ୟାଙ୍କ, ସୋନାଲି ବ୍ୟାଙ୍କ, କୃଷି ବ୍ୟାଙ୍କ, ଶିଳ୍ପ ବ୍ୟାଙ୍କ ଏସବୁରେ ହିନ୍ଦୁ ସମ୍ପ୍ରଦାୟର କୌଣସି ହିନ୍ଦୁ ନାହାନ୍ତି । ଏପରିକି ସୋନାଲି ବ୍ୟାଙ୍କ, ଅଗ୍ରଣୀ ଶିଳ୍ପ ଓ କୃଷି ବ୍ୟାଙ୍କରେ କୌଣସି ଡାଇରେକ୍ଟର ନାହାନ୍ତି । ସମାଜର ସବୁକ୍ଷେତ୍ରରେ ଏବଂ ରାଷ୍ଟ୍ରର ବିଭିନ୍ନ କର୍ମକ୍ଷେତ୍ରରେ ସଂଖ୍ୟାଲଘୁ ମାନଙ୍କର ସଂଖ୍ୟା ଯଦି ନ ବଢ଼େ, ତେବେ ସଂଖ୍ୟାଲଘୁମାନଙ୍କର ମାନସିକ ନିରାପତ୍ତା ଅର୍ଜନ କରିବା ଖୁବ୍ କଷ୍ଟ ହେବ । ଖାଲି ମାନସିକ ନୁହେଁ, ଶାରୀରିକ ନିରାପତ୍ତା ମଧ୍ୟ ବିଘ୍ନିତ ହେବ ।

ରତ୍ନା ସାଙ୍ଗରେ ଅନେକ ଦିନରୁ ଦେଖା ହୋଇନାହିଁ । ରତ୍ନା କେମିତି ଅଛି । ରତ୍ନା କ'ଣ ସୁରଂଜନକୁ ବାହାହେବାକୁ ଚାହିଁବ ? ସୁରଂଜନର ମନେହୁଏ ଦିନେ ଗୋଟିଏ ବିଷର୍ଣ୍ଣ ସନ୍ଧ୍ୟାରେ ରତ୍ନା ସୁରଂଜନଙ୍କର ଟିକାଟୁଲି ଘରେ ପହଞ୍ଚି କହିବ, କେମିତି କେଜୋଣି ଖୁବ୍ ନିଃସଙ୍ଗ ଲାଗୁଛି





ରୁମା ପଟେଲ, ବମ୍ବେ ମହାନଗରୀର ବକ୍ଷରେ ଆନନ୍ଦ ଉତ୍ସବପୂର୍ଣ୍ଣ ଗୃହରେ ଏହି ସୁନ୍ଦରୀ ସୁଶ୍ରୀ ତରୁଣୀ । ରୁମା ସହିତ ମୋର ପରିଚୟ ବିଷୟରେ ମୁଁ ଏପର୍ଯ୍ୟନ୍ତ ଆପଣଙ୍କୁ କିଛି କହିନାହିଁ । ଏତିକି କହିଲେ ଯଥେଷ୍ଟ ହେବ ଯେ, ତାହା ଅତି ଆକସ୍ମିକ, ଆଉ ବୋଧହୁଏ ପ୍ରଥମ ଦେଖାରେ ହିଁ ଆମେ ପରସ୍ପର ପ୍ରତି ଆକୃଷ୍ଟ ହୋଇପଡ଼ିଥିଲୁ ।

ମୋତେ ପୁରୀର ସମୁଦ୍ର ଭଲଲାଗେ । ଆହୁରି ଭଲଲାଗେ କୋଣାର୍କର ସମୁଦ୍ର । ମୁଁ ପଚାରିଲି - ତୁମେ କ'ଣ ପୁରୀ, କୋଣାର୍କ ଯାଇଅଛ ? ରୁମା କହିଲା - ଆପଣ ଏମିତି ଆଶ୍ଚର୍ଯ୍ୟ ହେଲେ ଯେ, ଏ ଦେଶରେ ଯେଉଁଠି ପହଞ୍ଚିଲେ ସମୁଦ୍ରକୁ ଛୁଇଁହେବ । ମୁଁ ସେଠାକୁ ଯିବାକୁ ଚେଷ୍ଟା କରିଛି । ଅବଶ୍ୟ ସବୁ ଜାଗାକୁ ଏ ପର୍ଯ୍ୟନ୍ତ ଯାଇପାରିନାହିଁ । କି ଅଦ୍ଭୁତ, ତୁମେ କ'ଣ ସମୁଦ୍ରକୁ ନେଇ ରିସର୍ଚ୍ଚ କରୁଛ ନା କ'ଣ ? ମୁଁ ଜୋରରେ ପାଦ ପକାଇ ହୋଟେଲକୁ ଆସିଲି ଓ ରୁମା ଜଣେ ଡାକ୍ତର ହୋଇଥିବାରୁ ରୋଗୀସେବା ପାଇଁ ତା'ର ଗନ୍ତବ୍ୟସ୍ଥାନକୁ ଗଲା ବୋଲି ମୁଁ ଭାବିଲି ।

ପରଦିନ ସକାଳେ ପ୍ଲେନ୍‌ରେ ଫେରିବା ପାଇଁ ମୁଁ ବ୍ୟବସ୍ଥା କରୁଥିଲି । ହଠାତ୍ ଟେଲିଫୋନ୍ ବାଜି ଉଠିଲା । ରୁମାର ଫୋନ୍ ଭାବି ମୁଁ ଆଗ୍ରହରେ ଉଠାଇଲି । ମାତ୍ର ରୁମାର ବାପା କହିଲେ, କାଲି ସନ୍ଧ୍ୟାବେଳୁ ରୁମା ସମୁଦ୍ରକୂଳରୁ ଯାଇନାହିଁ । ମୁଁ ଆଶ୍ଚର୍ଯ୍ୟ ହେଲି । ମୁଁ କହିଲି, ସେ ଫେରିନାହିଁ ! - ସେ କହିଲେ, ହଁ, ଫେରିଛି, ଆମେ ତାକୁ ଫେରାଇ ଆଣିଛୁ । ସାରାରାତି ସେ ବର୍ଷାରେ ପଡ଼ିଥିଲା ଜ୍ଞାନଶୂନ୍ୟ ଅବସ୍ଥାରେ ଡାକ୍ତରମାନଙ୍କ ଚେଷ୍ଟା ସତ୍ତ୍ୱେ । ତା'ର ଜ୍ଞାନ ଫେରିନାହିଁ । ଆମେ ତାକୁ ଏକୁଟିଆ ସମୁଦ୍ର ପାଖକୁ ଛାଡୁନାହୁଁ । ସମୁଦ୍ର ଦେଖିଲେ ସେ ପାଗଳ ହୋଇଯାଏ, ଘରକୁ ଫେରିବାକୁ ଚାହେଁନାହିଁ । କିନ୍ତୁ କାହିଁକି, କାହିଁକି ଏମିତି ହୁଏ ! ମୁଁ ଚିତ୍କାର କରି ଉଠିବାରୁ - ରୁମାର ବାପା କହିଲେ, ସମୁଦ୍ରକୂଳରେ ଶିଶୁ ରୁମାକୁ ଆମେ ପାଇଥିଲୁ । ତା' ମା' ତାକୁ ସେଠାରେ ଛାଡ଼ିଦେଇ ବୋଧହୁଏ ସମୁଦ୍ରରେ ଆତ୍ମବିସର୍ଜନ କରିଥିଲା । ଏହା ରୁମା ଜାଣେନାହିଁ । ସେ ଜାଣେ ସେ ମୋର ଝିଅ । କିନ୍ତୁ ଆଶ୍ଚର୍ଯ୍ୟ ତା'ର ଏହି ସମୁଦ୍ରପ୍ରେମ ।

**(୧୨) ନବଦିଗନ୍ତ :**

ଗାଳ୍ପିକା ନନ୍ଦିନୀ ଶତପଥୀଙ୍କ ପ୍ରଥମ ଗଳ୍ପ ସଂକଳନ "କେତୋଟି କଥା"ରେ 'ନବଦିଗନ୍ତ' ଏକ ଗଳ୍ପ । ଏହି ଗଳ୍ପରେ ସେ ଭାରତମାତାଙ୍କ ବିଷୟରେ ତଥା ଲାଲବାହାଦୂର ଶାସ୍ତ୍ରୀଙ୍କ 'ଜୟଜବାନ୍ ଜୟ କିସାନ'କୁ ସୂଚାରୁରୂପେ ପ୍ରତିପାଦନ କରି ପାଠକଙ୍କର ହୃଦୟ ସ୍ପର୍ଶ କରିପାରିଛନ୍ତି ।

'ବୋଉ, ବୋଉ, ବୋଉଲୋ !'

ଡାକ ଶୁଣି, ମଣିକାଞ୍ଚନ ହାଣ୍ଡିଶାଳ ଭିତରକୁ ବାହାରି ଆସିଛନ୍ତି । ଶ୍ରୀକାନ୍ତ ଆଉ ମଣିକାଞ୍ଚନଙ୍କର ମଝିରେ ଅଗଣା । ଖରାଦିନ- ଶ୍ରୀକାନ୍ତ ଅଗଣା ପାରହୋଇ ବୋଉ ପାଖକୁ ଆସୁଛି । ତା'ର ଚାଲିବାର

ଭଙ୍ଗୀ ଦଉଡ଼ିଲାଭଳି । ଆଜି ବି ସେ ସେମିତି ପାଟି କରିଉଠେ । ସାତବର୍ଷର ବାଳକ ଶ୍ରୀକାନ୍ତ । ସତେଇଶ ବର୍ଷର ଯୁବକ ଶ୍ରୀକାନ୍ତ ମଧ୍ୟରେ କୌଣସି ପାର୍ଥକ୍ୟ ପରିଲିଖିତ ହୁଏନାହିଁ । ବୋଉ, ଦେଖୁଛ କ'ଣ ! ଲଫାପା ଭିତରୁ କାଗଜ ଖଣ୍ଡିକ ବଢ଼େଇଦେଲା ଶ୍ରୀକାନ୍ତ । ବସନ୍ତର ଚିଠିଆସିଛି । ସେ ଫିରୋଜପୁରରେ ଅଛି । ବସନ୍ତ ଅଛି ? ଏକ ଅବିଶ୍ୱାସମିଶା ସ୍ୱରରେ ଯେପରି ନିଜକୁ ନିଜେ ପଚାରୁଛନ୍ତି ମଣି, ମୋ ପାଖରେ ଚଷମା ନାହିଁ, ତୁ ପଢ଼ି ଶୁଣାଇଦେ ।

ଶ୍ରୀକାନ୍ତ ଚିଠି ପଢ଼ିବା ପାଇଁ ଆରମ୍ଭ କଲା, "ବୋଉଲୋ-ଯୁଦ୍ଧ କ୍ଷେତ୍ରରୁ ତୋ ପାଖକୁ ଏ ଚିଠି ଲେଖୁଛି । ପିଲାଟିଦିନରୁ ତୁ ମୋତେ ବାପାଙ୍କ କଥା ଶୁଣାଇଛୁ । ବାପାଙ୍କ ଆଦର୍ଶରେ ଜୀବନକୁ ଆମେ ଗଢୁ । ଏଇଆ ଖାଲି ବାପାଙ୍କର ଇଚ୍ଛା ନଥିଲା, ତୋର ବି ଇଚ୍ଛା ବୋଲି ମୋ ମନରେ ଧାରଣା ହୋଇଗଲା । ତୁ ତ ଜୀବନର ଆରମ୍ଭରୁ ଯୁଦ୍ଧ କରୁଛୁ, ଅଭାବ, ଅନଟନ ସାଙ୍ଗରେ, ଦୁଃଖ ସାଙ୍ଗରେ । ପୁଣି ଆମକୁ ମଣିଷକରି ଠିଆ କରିବା ପାଇଁ ବି ତୁ କମ୍ ସଂଗ୍ରାମ କରିନାହୁଁ । ସମ୍ମୁଖରେ ରଣକ୍ଷେତ୍ରରେ ଗୁଳିଗୁଳାର ଶବ୍ଦରେ କାନ ଫାଟିଯାଉଛି । ଚିଠି ଲେଖିବାର ବେଳ ଏ ନୁହେଁ । ଆଉ କେତେ ମିନିଟ୍ ପରେ ମୋର ଅଧିନାୟକତ୍ୱରେ ଗୋଟିଏ ସୈନ୍ୟଦଳ ଆଗକୁ ଆଗକୁ ମାଡ଼ି ଚାଲିବେ । ତା'ପରେ ଆଉ ଚିଠି ଲେଖିବାକୁ ସମୟ ନଥିବ କି ଅବସ୍ଥା ନଥିବ । ସେଥିପାଇଁ କହିଦେଇ ଯାଉଛି, ତୋର ପୁଅ ଆଉ ତା'ର ସାଥୀମାନେ ଅସୀମ ବୀରତ୍ୱ ସହକାରେ ଶତ୍ରୁ ସୈନ୍ୟ ସାଙ୍ଗରେ ଲଢୁଛନ୍ତି । ତାଙ୍କର ବୀରତ୍ୱ, ତ୍ୟାଗ ଆଉ ଦେଶପ୍ରେମ ସାଙ୍ଗରେ ବିଦେଶର ଅତି ଆଧୁନିକ ଅସ୍ତ୍ରଶସ୍ତ୍ର ତୁଚ୍ଛ ହୋଇଯାଉଛି । ଗୋଟିଏ ଗୋଟିଏ ଭାରତୀୟ ସୈନ୍ୟ ସହିତ କୋଡ଼ିଏରୁ ଶତ୍ରୁ ସୈନ୍ୟ ମଧ୍ୟ ସମକକ୍ଷ ହୋଇପାରୁନାହାନ୍ତି । ବାପା ଯେଉଁ ସ୍ୱାଧୀନତା ଆଣିବାକୁ ପ୍ରାଣ ଦେଲେ, ସେହି ସ୍ୱାଧୀନତାକୁ ରକ୍ଷା କରିବାକୁ ଯାଇ ମୁଁ ଯଦି ପ୍ରାଣ ଦିଏ, ତୁ କାନ୍ଦିବୁ ନାହିଁ । ମୁଁ କେଡ଼େ ଗର୍ବ ଅନୁଭବ କରୁଛି, ତୁ ଜାଣୁ ! ଦୁର୍ଗା ମା'ଙ୍କ ଯେଉଁ ଆଶୀର୍ବାଦ ଫୁଲ ତୁ ପଠାଇଥିଲୁ, ତାହା ମୋ ପାଖରେ ଅଛି । ଆମର ବିଜୟ ସୁନିଶ୍ଚିତ । ତୋ ସହିତ ମୋ ଦେଶ ଜନନୀକୁ ପ୍ରଣାମ ଜଣାଉଛି । ଜୟହିନ୍ଦ୍ ।

ମଣିକାଂନ ଏପରି ଏକ ଚିଠି ପାଇଥିଲା - ୧୯୪୨ ମସିହାରେ ସ୍ୱାମୀଙ୍କ ଠାରୁ । ଇଂରେଜ ସରକାରଙ୍କ ଦ୍ୱାରା ବନ୍ଦୀ ହୋଇ ସେ ସେତେବେଳକୁ କେତେ ବୟସ ହୋଇଥିଲା ମଣିକାଞ୍ଚନକୁ ! ଶ୍ରୀକାନ୍ତକୁ ମାତ୍ର ତିନିବର୍ଷ ହେବ । ଆଉ ବସନ୍ତ ଧରାର ଆଲୋକ ଦେଖିବା ପାଇଁ ସେତେବେଳେ ସେ ଅପେକ୍ଷା କରିଛି ମଣିକାଞ୍ଚନଙ୍କ ଗର୍ଭ ଭିତରେ । ବିଧବା ଶାଶୁ ମଣିକାଞ୍ଚନକୁ ଘରର ଲକ୍ଷ୍ମୀ ବୋଲି ଡାକନ୍ତି ଏବଂ ସଦାକୁ ସମ୍ଭାଳିବା ପାଇଁ କୁହନ୍ତି । ମଣିକାଞ୍ଚନର ସ୍ୱାମୀ ସଦାବ୍ରତ । ମଣିକାଞ୍ଚନ ସର୍ବଦା ସଦାନନ୍ଦଙ୍କୁ ସାହାଯ୍ୟ କରିଥାନ୍ତି ।

ପୋଲିସ୍ ମାଡ଼ରେ ଆହତ ହୋଇ ସଦାବ୍ରତ ଯେତେବେଳେ ଘରକୁ ଫେରିଲେ ତାଙ୍କୁ ଆଉ



ସାରସ୍ୱତସାଧିକା ନନ୍ଦିନୀ ଶତପଥୀ

ଅଛନ୍ତି । ହେଲେ ଏଟା ପରା ନିଜ ଦେଶ । ଆଜି ସୁଧାମୟ ମଧ୍ୟ ଭାବିଛନ୍ତି ଆଲେୟା ଆଉ କିରଣମୟୀ ଏକ ନୁହନ୍ତି । ମଣିଷ ହିସାବରେ ଏକ ହେଲେ ହେଁ ଏଇ ସମାଜ ସେମାନଙ୍କୁ ଏକ ଭାବରେ ଦେଖୁନାହିଁ । ଦିନକୁ ଦିନ ଏହି ସମାଜ ମୌଳବାଦୀମାନଙ୍କର ଦଖଲକୁ ଚାଲିଯାଉଛି ।

## (ପାଞ୍ଚ)

ବିରୁପାକ୍ଷ ସୁରଂଜନ ପାର୍ଟିର ପିଲା । ନୂଆହୋଇ ଆସିଛି । ବେଶ୍ ମେଧାବୀ । ଦିନେ ସୁରଂଜନ ଖୁବ୍ ମନମାରି ବସିଥିବାର ଦେଖି ବିରୁପାକ୍ଷ କହିଲା, ଆପଣ ଏତେ ହତାଶ କାହିଁକି ହେଉଛନ୍ତି ସୁରଂଜନ ଭାଇ ? ଆପଣ ତ ଧର୍ମ ମାନନ୍ତିନି, ପୂଜା କରନ୍ତିନି, ଗୋରୁମାସଂ ଖାଆନ୍ତି । ଆପଣ ମୁସଲମାନମାନଙ୍କୁ କୁହନ୍ତୁ ଯେ, ଆପଣ ପ୍ରକୃତ ହିନ୍ଦୁ ନୁହନ୍ତି । ଅଧା ମୁସଲମାନ ।

ସେମାନଙ୍କ ଆପତି ତ ସେହିଠାରେ ଯେ, ମୁଁ ପ୍ରକୃତ ମଣିଷ । ଉଗ୍ର ମୌଳବାଦୀ ହିନ୍ଦୁ ଆଉ ମୁସଲମାନମାନଙ୍କ ଭିତରେ କୌଣସି ବିରୋଧ ନାହିଁ । ଦେଖୁଛି ତ ଏଠାରେ ଜମାତ୍ର ନେତାମାନଙ୍କ ସହିତ ଭାରତର ବିଜେପି ନେତାମାନଙ୍କ ବନ୍ଧୁତ୍ୱ । ଦୁଇଟିଯାକ ଦେଶରେ ଦୁଇ ମୌଳବାଦୀ ଦଳ କ୍ଷମତା ହାସଲ କରିବାକୁ ଚାହାନ୍ତି । ମୁକାରରମର ସଭାରେ ନିଜାମ ନିଜେ ହିଁ କହିଛନ୍ତି ଯେ, ଭାରତର ଦଙ୍ଗା ପାଇଁ ବିଜେପି ଦାୟୀ ନୁହେଁ, ଦାୟୀ କଂଗ୍ରେସ ।

ସୁରଂଜନ ଦତ ଆଇଡିଓଲୋଜିର କଥା କେହି ଜାଣିବାକୁ ଚାହିଁଲେନି । ତା'ର ନାଁଟି ସୁରଂଜନ ଦତତ ବୋଲି ତାକୁ ରାତି ଅଧରେ ଖୁନ୍ କରିଦେଇଯିବେ, ତା'ର ଘରଦ୍ୱାର ଲୁଟ କରିବେ । ତା' ଭଉଣୀକୁ ହରଣ କରିବେ, ତାକୁ ମାଲାଉନ୍, ଶଳା ମାଲୁ କହି ଗାଳିଦେବେ । ଆଉ ତାକୁ ଭାବିବାକୁ ଶିକାଇବେ ଯେ ତୁ ଏ ଦେଶର ଲୋକ ନୁହେଁ । ତୋର ଅସଲ ଦେଶ ଇଣ୍ଡିଆ - ଦୁଇ ଜାତି ତତ୍ତ୍ୱ ଭିତିରେ ଏ ଦେଶ ବିଭାଜନ ହେଲା, ଫଳରେ ଏହି ଦେଶ ସେମାନଙ୍କର ଆଉ ସେହି ଦେଶ ମୋର ।

ମାଷ୍ଟର ଡିଗ୍ରୀ ପାସ୍ କରିବା ପରେ ସୁରଂଜନ କୌଣସି କୌଣସି ପ୍ରତିଷ୍ଠାନରେ ଇଣ୍ଟରଭ୍ୟୁ ଦେଇଥିଲା । ସେ ମୁଣ୍ଡକୁ ସାମାନ୍ୟ ନୁଆଇଁ ବିନୀତ ଭାବରେ ସେ ଘରକୁ ଯାଇଥିଲା । ଶୁଣିଲା ପରେ, ପରୀକ୍ଷକମାନେ କୁଆଡ଼େ କହିଲେ ଯେ, ପିଲାଟି ବଡ଼ ଅଭଦ୍ର । ସଲାମ୍ ବି କଲାନି । ସଲାମ୍ କଲାନି ବୋଲି ତାହାର ଚାକିରି ହୋଇପାରିଲା ନାହିଁ । ସୁରଂଜନର ଭାରି ଅଭିମାନ ହୋଇଥିଲା - ହବନି ବା କାହିଁକି ?

ନିଜ ଦେଶରେ ନିଜକୁ ପ୍ରବାସୀ ବୋଲି ସୁରଂଜନର ମନେହୁଏ । ଏହି ଧର୍ମୀୟ ବୈଷମ୍ୟର ଏହି ଦେଶରେ ନିଜର ଯୁକ୍ତି ବୁଦ୍ଧିବିବେକ ସହ ସେ ନିଜକୁ ନିଜ ଭିତରେ ଗୋଟାଇ ଆଣେ ।

ତା ସୁଧାମୟ ରାତିରେ ବେଳେବେଳେ ଦୁଃସ୍ୱପ୍ନ ଦେଖନ୍ତି । ଦେଖନ୍ତି ମାୟାକୁ ଗୋଟିଏ ବାକ୍ସ ଭିତରେ କିଏ ସବୁ ଲୁଚାଇ ରଖିଛନ୍ତି । ମାୟା ଚିତ୍କାର କରୁଛି, କାନ୍ଦୁଛି, ବିଚାରି ମାୟା । ବଡ଼ ହୋଇଗଲେ ହିନ୍ଦୁଝିଅମାନଙ୍କର ଯେ ନିରାପତ୍ତା ଦରକାର, ସେକଥା ସୁଧାମୟଙ୍କର ମନେ ପଡ଼ିଛି ।

ଚଉଷଠି ମସିହାରେ ସୁଧାମୟ ସ୍ଲୋଗାନ ଦେଇଥିଲେ ପୂର୍ବ ପାକିସ୍ତାନର ବିରୋଧ କର । ଆୟୁବ୍ ସରକାର ବିରୁଦ୍ଧରେ ଆନ୍ଦୋଳନ ଆଉ ଯେପରି ବେଶି ନ ବଢ଼େ ସେଥିପାଇଁ ସରକାର ନିଜେ ଦଙ୍ଗା ଲଗାଇ ଦେଇଥିଲେ । ସରକାର ବିରୋଧୀ ଆନ୍ଦୋଳନ କରିଥିବା ଯୋଗୁଁ ଛାତ୍ର ଓ ରାଜନୈତିକ ନେତାମାନଙ୍କ ବିରୁଦ୍ଧରେ ସରକାର ଫୌଜଦାରୀ ମାମଲା ଦାୟର କରୁଥିଲେ । ସେହି ମାମଲାରେ ସୁଧାମୟ ଜଣେ ଆସାମୀ ଥିଲେ ।

ଲୋକେ କହୁଥିଲେ ଆୱାମୀ ଲିଗ୍ ହିନ୍ଦୁମାନଙ୍କୁ ରକ୍ଷା କରିବେ । ସୁଧାମୟ ଏଇକ୍ଷଣି ଆଉ ଆୱାମୀ ଲିଗ୍ ଉପରେ ଆସ୍ଥା ରଖିପାରୁ ନାହାନ୍ତି । ପ୍ରଧାନମନ୍ତ୍ରୀ ଆୟୁବ୍ ଖାଁ ଯେଉଁ ଶତ୍ରୁ ସମ୍ପତି ଆଇନ୍ କରିଥିଲେ, ଆୱାମୀ ଲିଗ୍ର ଆଇନ୍‌ମନ୍ତ୍ରୀ ମନୋରଂଜନ ଧର ବି ତାକୁ ପୁଣି ପାର୍ଲାମେଣ୍ଟରେ ପାଶ୍ କରିଦେଲେ । ଖାଲି ତାହାର ନାଁଟି ବଦଳି ହୋଇଛି ଅର୍ପିତ ସମ୍ପତି ଆଇନ୍ । ସୁଧାମୟ ଜାଣନ୍ତି ଯେ, ଏ ଆଇନ୍‌ଟା ଯେତେଦିନ ପର୍ଯ୍ୟନ୍ତ ଏ ଦେଶରେ ଥିବ, ସେତେଦିନ ଯାଏଁ ହିନ୍ଦୁମାନଙ୍କର ନାଗରିକ ଅଧିକାର ଲଂଘନ ହେବ ।

ମାଣିକଗଞ୍ଜାରୁ ନନୀଗୋପାଳ ବୋଲି ସୁଧାମୟଙ୍କ ଏକ ଲେଖାଯୋଖା ଭାଇ ତାଙ୍କ ସ୍ତ୍ରୀ ଲଳିତା, ଆଉ ଦୁଇ ପୁଅଝିଅଙ୍କୁ ଧରି ସୁଧାମୟଙ୍କ ଘରକୁ ଆସିଥିଲେ । ପ୍ରକୃତରେ ଘରେ ଗୋପନରେ ଏହି ଆଶାଟି ରଖିଯାଇଛି ଯେ, ଧର୍ଷିତା, ନିର୍ଯ୍ୟାତିତା, କ୍ଷତବିକ୍ଷତ ମାୟା ଦିନେ ଘରକୁ ଫେରିଆସିବ । ଏ ଦେଶରେ ହିନ୍ଦୁଙ୍କର ସଂଖ୍ୟା ଯଦି ଆହୁରି କମିଯିବ (ସୁଧାମୟ ଲଳିତାକୁ ଦେଖି କହିଲେ) ତେବେ ସେମାନଙ୍କ ଭିତରେ ବେଶି ଅତ୍ୟାଚାର ହେବ । ସୁଧାମୟ ଅନୁମାନ କରନ୍ତି ଯେ, କାହାର ଲାଭ ହେବନାହିଁ ବରଂ ସମସ୍ତଙ୍କର କ୍ଷତି ହେବ ।

କିରଣମୟୀଙ୍କ ପାଇଁ ସୁଧାମୟଙ୍କ ଭଲପାଇବା ଓ ବନ୍ଧନ ଏତେ ତୀବ୍ର ହୋଇପାରିବା ପଛରେ ସ୍ୱାର୍ଥପରତା ଥିଲା । ଏଇ ତୀବ୍ରତା ଦେଖି କିରଣମୟୀ ଯେମିତି ଭାବନ୍ତୁ ଯେ, ଏଭଳି ଭଲପାଇବାରେ କ'ଣ ପେଟ ପୁରେ ? ଏତେକାଳ ପରେ ସୁଧାମୟଙ୍କର ମନେହୁଏ ଯେ, ଖାଲି ଭଲ ପାଇବାରେ ଖାଲି ମଣିଷର ମନ ଭରେନି । ଆଉ କି କିଛି ପ୍ରୟୋଜନ ହୁଏ ।

ପଡ଼ୋଶୀ ଶରିଫ୍ ଆହେମଦ୍‌ର ସ୍ତ୍ରୀ ଆଲେୟା ବେଗମ୍ କହିଲେ -ତୁମ ଦେଶ ଇଣ୍ଡିଆରେ କୌଣସି ଆତ୍ମୀୟସ୍ୱଜନ ନାହାନ୍ତି, ସେଠାକୁ ଚାଲିଯାଉନାହାନ୍ତି ? କିରଣମୟୀ କହିଲେ - ସମସ୍ତେ





ଚିହ୍ନିବାର ଉପାୟ ନଥିଲା । ମଣି ତାଙ୍କର ସେବା ଶୁଶ୍ରୁଷା କରିଥିଲେ । ସମ୍ପୂର୍ଣ୍ଣ ଆରୋଗ୍ୟ ହେବା ପୂର୍ବରୁ ପୁଣି ଯେବେ ତାଙ୍କୁ ବନ୍ଦୀ କରି ନିଆଗଲା, ତାଙ୍କର ଶେଷକଥା କହିଥିଲେ ଯେ, ପିଲାମାନଙ୍କୁ ଦେଶକାମରେ ଉଦ୍‌ବୁଦ୍ଧ କରିବ । ମୋର କଥା ସେମାନଙ୍କୁ ମନେପକାଇ ଦେଉଥିବ । ବୋଧହୁଏ ଏହା ଥିଲା ତାଙ୍କର ଶେଷ ଦେଖା ।

ବୋଉ କାଲି ରେଡ଼ିଓରେ ଲାଲ୍‌ବାହାଦୂର ଶାସ୍ତ୍ରୀ ଦେଶବାସୀଙ୍କୁ କହୁଥିଲେ - ଯେଉଁମାନେ ସମ୍ମୁଖ ରଣାଙ୍ଗନରେ ଲଢୁଛନ୍ତି, ସେମାନେ ଦେଶର ଯେତିକି ଗୌରବ, ଯେଉଁ ଚାଷୀମାନେ ଦେଶକୁ ଖାଦ୍ୟ ଯୋଗାଇବା ପାଇଁ ମୁଣ୍ଡଝାଳ ତୁଣ୍ଡରେ ମାରି କାମ କରି ଯାଉଛନ୍ତି, ସେମାନେ ମଧ୍ୟ ଦେଶର ସେତିକି ଗୌରବ । ମଣିକାଞ୍ଚନ ପୁଅ ଶ୍ରୀକାନ୍ତ ମୁଣ୍ଡରେ ହାତ ବୁଲାଇଲେ । ବସନ୍ତ ଭଳି ସେ ମଧ୍ୟ ଦେଶପାଇଁ ଲଢୁଛି । ବାପାଙ୍କ ଶେଷ ଇଚ୍ଛା ପୂରଣ କରିଛି । କୃଷିବିଦ୍ୟାରେ ଡିଗ୍ରୀ ହାସଲ କରି ନିଜ ଗାଁର ସଶ୍ୟକ୍ଷେତ୍ରକୁ ଉତ୍ପାଦନ ବଢ଼ାଇବାକୁ ଚେଷ୍ଟା କରୁଥିଲା । ସମବାୟ ସମିତିର ସଭ୍ୟମାନେ ଘର ଭିତରକୁ ପଶିଆସି କହିଲେ ଶ୍ରୀକାନ୍ତ ଭାଇ, ଶାସ୍ତ୍ରୀଜୀଙ୍କର ନୂଆ ସ୍ଲୋଗାନ୍ ଶୁଣିଲଣି ! ଜୟ ଜବାନ୍, ଜୟ କିଷାନ୍ । ଏହା ହିଁ ଥିଲା ନବଦିଗନ୍ତ ।

**(୧୩) ମନଗହ୍ୱର :**

ଗାଳ୍ପିକା ନନ୍ଦିନୀ ଶତପଥୀ ତାଙ୍କର ଗଳ୍ପ ସଂକଳନ "କେତୋଟି କଥା"ରେ 'ମନଗହ୍ୱର' ବୋଲି ଏକ ଗଳ୍ପ ରଚନା କରିଅଛନ୍ତି । ମୁଖ୍ୟତଃ ଜଣେ ନାରୀର ମାନସିକ ସ୍ଥିତିକୁ ସେ ପାଠକପାଠିକାମାନଙ୍କ ନିକଟରେ ଉପସ୍ଥାପନା କରିଛନ୍ତି । ଯାହା ବେଶ୍ ପ୍ରଣିଧାନଯୋଗ୍ୟ ଓ ହୃଦୟସ୍ପର୍ଶୀ ।

ଆଖିରେ ତା'ର ସ୍ୱପ୍ନ ଭରିଯାଉଥିଲା - ଆଉ ମନରେ ଥିଲା ମଧୁ । କେତେ ରଙ୍ଗୀନ କଳ୍ପନା ପ୍ରାଣ ପୁଲକାଇ ଦେହ ଉଲୁସାଇ ଦେଇ ଚାଲିଯାଉଥିଲା । ଆଶା ତା'ର ପୂରଣ ହେବ ଦିନେ, ଆଜି ହେଉ ଅବା କାଲି ହେଉ । ବିଳମ୍ବ ହେଉ ବା ଶୀଘ୍ର ହେଉ । ସ୍ୱପ୍ନ ତା'ର ବାସ୍ତବ ରୂପ ନେବ । ସମୟ ଗଡ଼ଇଚାଲିଛି, କେତେ ଗ୍ରୀଷ୍ମ, ବର୍ଷା ଓ ଶୀତ ଅତୀତ ହୋଇଯାଇଛି । ପୁରୁଣା ତା'ର ଏହି ଦେହଟାରେ କେହି ତେବେ ଆଉ ଆସିଲେନି ନୂତନ ରଙ୍ଗ ସମ୍ଭାରର ସ୍ପର୍ଶ ଦେବାକୁ । ଅତ୍ୟନ୍ତ ଭାରି ମୁଣ୍ଡଟାକୁ ଥରକ ପାଇଁ ଉଠାଇ ଆଗକୁ ଦୃଷ୍ଟି ନିକ୍ଷେପ କଲା ବାସନ୍ତୀ ।

ସମ୍ମୁଖରେ ଅପାର ନୀଳ ପାରାବାର, କେଉଁ ପ୍ରିୟର ପ୍ରତୀକ୍ଷାରେ ଅଛି ଏହି ସାଗର । ଉଚ୍ଛ୍ୱସିତ ସାଗରର ଏକ ପ୍ରଶାନ୍ତ ମୂର୍ତ୍ତି । ଆକାଶ ତାକୁ ସ୍ପର୍ଶ କରିଅଛି ଦିଗନ୍ତରେ । ସେଠି ଆକାଶ ଶାନ୍ତ, ଆଉ ଶାନ୍ତ ଏହି ସାଗର । ତେବେ କ'ଣ ଆଜିଯାଏ ବାସନ୍ତୀର ଉଚ୍ଛ୍ୱାସ ଶାନ୍ତ ହୋଇନାହିଁ । ଏତେ

ଗଭୀର ହତାସ୍ କ'ଣ ତା'ର ଦେହ ଓ ମନକୁ ପ୍ରଶାନ୍ତ କରିପାରିନାହିଁ । ବୋଧହୁଏ ନା । ସେଥିପାଇଁ ବୋଧହୁଏ, ତା'ପାଇଁ ମିଳନର ଦିଗନ୍ତ ଆଜି ବହୁ ଦୂରରେ । ପାଖ ହୋଟେଲରେ ଦଳ ଦଳ ଲୋକ । ସାନ ସାନ ପିଲା ଡେଇଁ ଚାଲିଛନ୍ତି ବାଲି ଉପରେ ସମୁଦ୍ରରେ ସ୍ନାନ କରିବାକୁ । ସମୁଦ୍ର ବାଲିରେ ବସିଛନ୍ତି ନବଦମ୍ପତି ଓ କେଉଁଠି ପ୍ରେମିକ ପ୍ରେମିକା । ତଳୁ ଜଣେ ଭଦ୍ରଲୋକ ମୁଣ୍ଡ ଟେକି ଝରକା ଆଡ଼କୁ ଅନେଇଲେ - ଅପା ଚା' ଆଣିଛି । ବହୁ ପୁରାତନ ଭୃତ୍ୟ ରଘୁ, ଝରକା ଆଡ଼କୁ ଅନେଇଲେ । ସେହି ଚା' ଜଳଖିଆ ପାଇଁ ଅପାଙ୍କୁ ଡାକୁଛି । ବାସନ୍ତୀ, ରଘୁକୁ କହୁଛି- ତୋତେ ପରା ମନା କରିଥିଲି ଅପା ନ ଡାକି ମା' ଡାକିବୁ ବୋଲି । ମୁଁ ତ ଘରର ସର୍ବେସର୍ବା ।

ଏଥର ମନକୁମନ ହସି ଉଠିଲା ବାସନ୍ତୀ । କ'ଣ ତା'ର ଅଭାବ । ଶିକ୍ଷାଦୀକ୍ଷାର ଅଭାବ ନାହିଁ । ବୟସ ଚାଳିଶ ଛୁଇଁବ ଛୁଇଁବ । ମଧ୍ୟ ଯୌବନ ଯେପରି ତା'ଠାରୁ ବିଦାୟ ନେବାକୁ ସଂପୂର୍ଣ୍ଣ ଅନିଚ୍ଛୁକ । ଆଉ ଧନ ସମ୍ପତି, ବାପା ତାକୁ ଯାହା ଦେଇଛନ୍ତି ବସି ଖାଇଲେ ସରିବନି । ଚା' ପିଇସାରି ବାଥ୍‌ରୁମ୍‌କୁ ପଶିଲା ଓ ନିଜର ପୋଷାକ ପରିଷ୍କାର ପରିଚ୍ଛନ୍ନ କରିଦେଲା । ନୂତନ ବସ୍ତ୍ର ପରିଧାନ କଲା । ଏଥର ପୁଣି ସେହି ଝରକା ଦେଇ ବାହାରକୁ ଚାହିଁ ରହିବାର ପାଳି । ଅତ୍ୟନ୍ତ କର୍ମହୀନ ନିରୁଦ୍‌ବିଗ୍ନ ଜୀବନ ଖିଏ । ଆଃ ! ବଡ଼ ଅସହ୍ୟ । ଦୀର୍ଘନିଶ୍ୱାସ ପକାଇଲା ବାସନ୍ତୀ । ପାଖର ପଡ଼ିଶାମାନେ ସ୍ୱାମୀ ସୋହାଗିନୀ, ସନ୍ତାନର ଜନନୀ, ଅଥଚ ସେ ! ନିଜେ, ରୂପ, ଧନ, ଶିକ୍ଷା ସବୁ ଥାଇ ବି କିଛି ନାହିଁ ତା'ର ।

ଅଳ୍ପଦୂରରେ ସ୍ୱଚ୍ଛ ପରିଚ୍ଛଦାପୂର୍ଣ୍ଣ କେହି ଜଣେ ତରୁଣ ସ୍ନାନ ଉଦ୍ଦେଶ୍ୟରେ ଅଗ୍ରସର ହେଉଛି- ସମୁଦ୍ର ଆଡ଼େ । ଚାଲିବାର ଭଙ୍ଗୀ ବେଶ୍ ଦୃପ୍ତ । ଗୋରା ତକ୍‌ତକ୍ ଚେହେରା । ହଠାତ୍ କ'ଣ ଭାବି ପଛକୁ ମୁହଁ ଫେରାଇଲା ବାସନ୍ତୀ । ପରେ ସେ ବାଲି ଉପରେ ପାଦ ଥାପି ଥାପି ନିକଟତର ହେଲା ସେହି ଯୁବକଙ୍କର । ଠିକ୍ ତା'ର ପଛପଟେ ବାସନ୍ତୀ ଆଣ୍ଠେଇପଡ଼ି କହିଲା, ଆ ! ମରିଗଲି । ଯୋଜନା କାର୍ଯ୍ୟକାରୀ ହେଲା । ଯୁବକଟି କହିଲା, କ'ଣ ହେଲା ? ବାସନ୍ତୀ ଦେଖେ ତ ସେ ତା'ର ବଡ଼ଭାଇ ପୁଅ ସୌମିତ୍ରୀ । ଅପା କ'ଣ ହେଲା ? ନାଇଁ ତୁ ଯା' ଗାଧୋଇବୁ । ରାତ୍ରୀରେ ନଖାଇ ବାସନ୍ତୀ ଶୋଇ ରହିଅଛି ।

ସକାଳୁ ରଘୁ ଚା' ନେଇକରି ଆସି ସବୁ ଝରକା ବନ୍ଦ ଥିବାର ଦେଖି ଚାଲିଗଲା । ଆଠଟା ବାଜିଲା-ବାସନ୍ତୀ ବହୁଦୂରରେ ଚାଲିଯାଇଛି । ରଘୁ ବାସନ୍ତୀର ବଡ଼ଭାଇର ପରିବାରକୁ ଖବର ଦେଲା । ଭାଇ-ଭାଉଜ ନୁହେଁ, ବନ୍ଧୁବାନ୍ଧବ ମଧ୍ୟ ଆସିଲେ । ସମସ୍ତଙ୍କର ପ୍ରଶ୍ନ - ବାସନ୍ତୀ ତା'ର ଏତେଗୁଡ଼ିଏ ସ୍ଥାବର, ଅସ୍ଥାବର ସମ୍ପତ୍ତି କାହାକୁ ଦେଇଗଲା ! ଯେଉଁ ଡାକ୍ତରଙ୍କୁ ରଘୁ ଡାକି ଆଣିଥିଲା, ସେ ମତ ଦେଇଥିଲେ ଯେ, ଅତ୍ୟଧିକ ମାନସିକ ଉତ୍ତେଜନା ବଶତଃ ବାସନ୍ତୀଙ୍କର ମୃତ୍ୟୁ ଘଟିଛି ।





ଭାସୁଥିବାର ସେ ଦେଖିଛି । ଥାନାରେ ସୁରଂଜନ ଏଫ୍‌ଆଇଆର୍ ଦେଇଛି । ସନ୍ଦେହ କରୁଥିବା ଲୋକମାନଙ୍କ ଭିତରେ ସେ ରଫିକ୍‌ର ନାଁଟି କହିଛି ।

ହାଇଦର ସୁରଂଜନକୁ କହୁଛି ଯେ, ତୁମେ ବୋଧେ ଶୁଣିଥିବ ପରବିନ୍‌ର ଡାଇଭର୍ସ ହୋଇଯାଇଛି । ସେ ଏବେ ଏଠି ଅଛି । ସବୁ ଶୁଣି ସୁରଂଜନ କିଛି କହିଲା ନାହିଁ । ପରଭିନ୍‌ର ଡିଭୋର୍ସ ହୋଇଛି ବୋଲି ଶୁଣି ତାହାର କୌଣସି କଷ୍ଟ ହେଲାନି । ବରଂ ଭାବିଲା ବେଶ୍ ହୋଇଛି । ଏଥରକ ମଜା ବୁଝ । ହିନ୍ଦୁ ସାଙ୍ଗରେ ବାହାଘର ନ କରି ମୁସଲମାନ ସାଙ୍ଗରେ ବାହାଘର କରିଥିଲ, ଏବେ ଫଳ ବୁଝ । ମନେ ମନେ ସେ ଥରେ ପରଭିନ୍‌କୁ ରେପ୍ କଲା ।

ସୁଧାମୟ କହିଲେ - ତୋରି ପାଇଁ ମୋର ଭାରି ଚିନ୍ତା ହେଉଛି । କାହିଁକି ? ତୁ ତ ଏତେ ରାତିରେ ଘରକୁ ଫେରୁଛୁ । ମାଣିକଗଞ୍ଜର ଗୋଟିଏ ମନ୍ଦିର ମଧ୍ୟ ଅକ୍ଷତ ନାହିଁ । ଗାଁମାନଙ୍କରେ ହିନ୍ଦୁ ଘର ସବୁ ପୋଡ଼ି ଦେଇଛନ୍ତି । ନିର୍ବିଚାରରେ ଝିଅମାନଙ୍କୁ ରେପ୍ କରିଛନ୍ତି ।

ସୁରଂଜନ ହସିଦେଇ କହିଲା - ଏଗୁଡ଼ିକ କ'ଣ ନୂଆ ଖବର ! ହୁଏତ ନୂଆ ଖବର ନୁହେଁ । କିନ୍ତୁ ସୁରଂଜନ ତୋ ପାଇଁ ମୋର ବହୁତ ଭୟ । ଏ ଦେଶ ଦିନେ ଇସଲାମ୍ ରାଷ୍ଟ୍ର ଭାବରେ ପରିଚିତ ହେବ ବୋଲି ସୁରଂଜନର ଅନୁମାନ । ବଙ୍ଗଳାଦେଶ ସରକାରଙ୍କର ଗଣପ୍ରଜାନେତ୍ରୀ ନାଁଟି ଲିଭିଯିବ । ଦେଶରେ ସାରିଆତ ଆଇନ୍ ବିରାଜ କରିବ । ଝିଅମାନେ ବୁର୍ଖା ପିନ୍ଧି ରାସ୍ତାକୁ ବାହାରିବେ । ଏ ଦେଶରେ ଟୋପି, ଦାଢ଼ି, ପଞ୍ଜାବୀ ପିନ୍ଧା ଲୋକମାନଙ୍କର ସଂଖ୍ୟା ସବୁ ବଢ଼ିଯିବ । ସ୍କୁଲ, କଲେଜ ବଦଳରେ ଏ ଦେଶରେ ଧୀରେ ଧୀରେ ମସ୍‌ଜିଦ୍ ମାଦ୍ରାସା ବଢ଼ିଯିବ ।

ସୁଧାମୟଙ୍କ ଆଦର୍ଶକୁ ଧୋଇ ପାଣି ପିଇବାକୁ ସୁରଂଜନ ଆଉ ଚାହେଁନା । ସୁଧାମୟେ ବାମପନ୍ଥୀ ବିଶ୍ୱାସର ମଣିଷ ଥିଲେ । ସୁରଂଜନକୁ ବି ସେହି ଧାରାରେ ଗଢ଼ିଥିଲେ । ସୁରଂଜନ ଏବେ ଆଉ ସେସବୁ ବିଶ୍ୱାସ କରେନାହିଁ । ସେ ଅନେକ ବାମପନ୍ଥୀଙ୍କୁ ବି ଦେଖିଛି । ସୁରଂଜନ ଯେବେ ସପ୍ତମ ଶ୍ରେଣୀରେ ପାଠ ପଢୁଥିଲା, ସେତେବେଳେ ସାଙ୍ଗସାଥୀ ମାନେ ତା' ସାଙ୍ଗରେ ଥଟ୍ଟା ହେଉଥିଲେ । ଘରକୁ ଫେରି ସୁରଂଜନ ଖୁବ୍ କାନ୍ଦୁଥିଲା । ସୁଧାମୟଙ୍କୁ କହିଲା ବାପା ସେମାନେ ଷଡ଼ଯନ୍ତ୍ର କରି ମୋତେ ଗୋରୁମାଂସ ଖୁଆଇ ଦେଇଛନ୍ତି ।

କିରଣମୟୀ ଗୋରୁମାଂସ ରାନ୍ଧନ୍ତି ନାହିଁ । ସେଥିପାଇଁ ରାତି ଅଧଯାଏ ସୁଧାମୟ ତାକୁ ବୁଝାଉଥିଲେ ଯେ, ଏସବୁ କୁସଂସ୍କାରର କୌଣସି ମାନେ ନାହିଁ । ଅନେକ ବଡ଼ ବଡ଼ ମନିଷୀ ଏସବୁ କୁସଂସ୍କାର ମାନୁନଥିଲେ । ଧୀରେ ଧୀରେ ପିଲାଦିନରୁ ସେହି ଲଜ୍ଜା, ଭୟ, କ୍ଷୋଭ, ସଂସ୍କାର ସୁରଂଜନ ମନରୁ କଟି ଯାଇଥିଲା ।

ଝିଅଟି ବୋଧହୁଏ ଏମିତି ଅଦ୍ଭୁତ ହିଂସ୍ର ଖରିଦ୍‌ଦାର ଆଗରୁ ଦେଖିନି । ସାମିନା ଲୁଗାପଟା ସଜାଡ଼ି ଠିଆହେଲା । ସୁରଂଜନ ଏକ୍ଷଣି ଖୁବ୍ ଶାନ୍ତ । ଏଇ ଝିଅଟାକୁ ଏକ୍ଷଣି ଗୋଇଠାମାରି ଘରୁ ବାହାର କରିଦେଲେ ତାହାର ଆନନ୍ଦ ହେବ । ଏବଂ ଗଳାଧକ୍କା ଦେଇ ଝିଅଟିକୁ ଘରୁ ବାହାର କରିଦେବାପାଇଁ ଭାବିଲା । ତା'ର ବାରମ୍ବାର ମାୟା କଥା ମନେପଡୁଛି । ମାୟାକୁ କ'ଣ ସେମାନେ ସାତଜଣ ଧର୍ଷଣ କରିଛନ୍ତି ? ମାୟାର ନିଶ୍ଚେ ଖୁବ୍ କଷ୍ଟ ହୋଇଥିବ । ମାୟାର ଚିତ୍କାର କ'ଣ କେହି ଶୁଣିପାରିନାହାନ୍ତି ? ଜଣେ ବି କେହି ନୁହେଁ ? ଏ ସହରରେ ମାୟା ଏଇକ୍ଷଣି କେଉଁଠି ଅଛି - ସହରଟି ଛୋଟ । ମାୟା କେଉଁଠି ?

ସୁରଂଜନର ଆଚରଣରେ ଝିଅଟିକୁ ବୋଧହୁଏ ଭୟ ଲାଗିଛି । ଜଲଦି ଜଲଦି ଲୁଗାପଟା ପିନ୍ଧିସାରି କହିଲା ଟଙ୍କା ଦିଅନ୍ତୁ ।

ସୁରଂଜନ ଧମକାଇ କହିଲା, ଖବରଦାର - ଏଇକ୍ଷଣି ବାହାରିଯାଆ । ସାମିନା କବାଟ ଆଡ଼କୁ ଯାଉ ଯାଉ କରୁଣ ଆଖିରେ ସୁରଂଜନକୁ ଚାହିଁଲା । କହିଲା ଦଶଟା ଟଙ୍କା ହେଲେ ବି ତ ଦିଅନ୍ତୁ । ସୁରଂଜନର ଟିକିଏ ମାୟା ହେଲା । ଗରିବ ଝିଅଟିଏ । ସେ ହୁଏତ ଏଇ ଟଙ୍କା ନେଇ ଚାଉଳ କିଣିବ, ଭାତ ରାନ୍ଧି ଖାଇବ । ସୁରଂଜନ ପ୍ୟାଣ୍ଟ ପକେଟରୁ ବାହାର କରି ସାମିନାକୁ ଦଶଟି ଟଙ୍କା ଦେଇ ପୁଣି ପଚାରିଲା- ତୁ ମୁସଲମାନ ତ ? ହଁ ।

ସାମିନା ଚାଲିଗଲା । ସୁରଂଜନକୁ ଆଜି ଖୁବ୍ ଆରାମ ଲାଗିଲା । ତା'ର ଆଜି ଆଉ ଦୁଃଖ ନାହିଁ । ତା'ର ଆଜି ବିଜୟର ଦିନ । ସମସ୍ତେ ଆନନ୍ଦ ଉଲ୍ଲାସରେ ମାତିଛନ୍ତି । ଏକୋଇଶି ବର୍ଷ ଆଗରୁ ଏହି ଦିନରେ ଦେଶ ସ୍ୱାଧୀନ ହେଇଥିଲା । ଏହିଦିନ ବି ସାମିନା ଅକତାର ସୁରଂଜନ ଦତ୍ତର ଘରକୁ ଆସିଛି । ବାଃ ସ୍ୱାଧୀନତା ବାଃ । ସାମିନାକୁ ଥରେ ବି ସୁରଂଜନ ତା'ର ନାଁ କହିଲା ନାହିଁ । ସେ ଯେ ସୁରଂଜନ ଦତ୍ତ ଏକଥା ସାମିନାକୁ କହିବା ଉଚିତ ଥିଲା । ତା'ହେଲେ ସାମିନା ଜାଣିପାରିଥାନ୍ତା ଯେ, ଯେଉଁ ଯୁବକଟି ତାକୁ ରାମ୍ପୁଡ଼ି, କାମୁଡ଼ି ରକ୍ତାକ୍ତ କରିଛି ସେ ଗୋଟିଏ ହିନ୍ଦୁ । ହିନ୍ଦୁମାନେ ମଧ ଧର୍ଷଣ କରିପାରନ୍ତି, ସେମାନଙ୍କର ବି ହାତ, ଗୋଡ଼, ମୁଣ୍ଡ ଅଛି, ତାଙ୍କର ଦାନ୍ତରେ ବି ଧାର ଅଛି । ସାମିନା ଗୋଟିଏ ନୀରିହ ଝିଅ, ତେବେ ବି ତ ମୁସଲମାନ । ଏଇକ୍ଷଣି ମୁସଲମାନଙ୍କର ଗାଲରେ ଗୋଟିଏ ଥାପଡ଼ ମାରିପାରିଲେ ସୁରଂଜନର ଆନନ୍ଦ ହୁଏ ।

ସକାଳ ଦଶଟା ହେବାରୁ ସୁରଂଜନ ବିଛଣାରୁ ଉଠିଲା । ସମସ୍ତ ନିତ୍ୟକର୍ମ ସାରିଲା । ଘରର ସମସ୍ତେ ମନେ ମନେ ବିଶ୍ୱାସ କରିଯାଇଛନ୍ତି ଯେ, ମାୟା ଆଉ ଫେରିବ ନାହିଁ । କିଏ ଜଣେ ସେଦିନ ଘରକୁ ଆସି କହିଗଲା - ଗେଣ୍ଡୁରିଆ ଲୁହା ପୋଲ ତଳେ ମାୟା ଭଳିଆ ଗୋଟିଏ ଝିଅ





ସୌମିତ୍ରୀର ମା'ର ଆଖି ଦେଖିଲା, ସୌମିତ୍ରୀର ନାମଲେଖା ଏକ ଲଫାପା । ସେ ଚିଠି ପଢ଼ି ଦେଖିଲା ଯେ, ସେସବୁ ସୌମିତ୍ରୀର ନାମରେ ଉଇଲ୍ କରି ଯାଇଛନ୍ତି ।

ମୃତ ପିଉସୀଙ୍କ ନୀଳଭ ମୁଖମଣ୍ଡଳରେ ଶେଷଥର ପାଇଁ ଦୃଷ୍ଟିଦେଇ ଅପସରି ଯାଉଥିଲା ସୌମିତ୍ର ।

**(୧୪) ଡାକଘର ହେବା ନୋହିଲା :**

ଗାଳ୍ପିକା ନନ୍ଦିନୀ ଶତପଥୀ ତାଙ୍କର ଗଳ୍ପ ସଂକଳନ "କେତୋଟି କଥା"ରେ 'ଡାକଘର ନୋହିଲା' ଏକ ଗଳ୍ପ ପାଠକ ପାଠିକାଙ୍କ ନିକଟରେ ଉପସ୍ଥାପନା କରିଅଛନ୍ତି । ପଦ୍ମପୁର ଗାଁରେ ଗୋଟିଏ ଡାକଘର ବସାଇବା ପାଇଁ ସରକାର ଅନୁମତି ଦେଇଛନ୍ତି । ମାତ୍ର ପୋଷ୍ଟମାଷ୍ଟର ପଦବୀକୁ ନେଇ ଗାଁରେ ଗଣ୍ଡଗୋଳ ଦୁଇଗୋଷ୍ଠୀଙ୍କ ମଧ୍ୟରେ ହେବାଯୋଗୁଁ ଡାକଘର ହୋଇପାରି ନଥିଲା । ଏହା ଥିଲା ଏହି ଗଳ୍ପର ମୁଖ୍ୟ ସାରକଥା ।

ପଦ୍ମପୁର ମୌଜାଖଣ୍ଡ ଆଜି ଉଠୁଛି ପଡୁଛି । ଠା'କୁ ଠା' ଦଳ ଦଳ ଲୋକ ଠିଆହୋଇ କ'ଣ ଟୁପୁଟାପ ହେଉଛନ୍ତି । ଡେଙ୍ଗୁରାବାଲା ଗାଁରେ ଡେଙ୍ଗୁରା ଦେଇ ଆଜି ସନ୍ଧ୍ୟାରେ ମଧୁ ପଧାନଙ୍କର ଦାଣ୍ଡ ପିଣ୍ଡାରେ ଡାକଘର ହେବାପାଇଁ ବୈଠକ ହେବ ବୋଲି କହୁଥିଲା । ଗାଁରେ ଉପର ସାହିରେ ଫକୀର ମିଶ୍ର ଟିକିଏ ଜାଣିବା ଶୁଣିବା ଲୋକ । ଗଲାସନ ସେ କଟକରୁ ମାଟ୍ରିକ୍ ପାଶ କରି ଆସି ଗାଁରେ ରହିଛି । ଏ ପାଖ ଆଖ ଗାଁରେ ତା' ଭଳି ଶିକ୍ଷିତ ଲୋକ କେହି ନଥିବାରୁ ଭଲ ମନ୍ଦ, ଲୋକମାନେ ତା' ପାଖକୁ ବୁଝିବାକୁ ଆସନ୍ତି । ମାତ୍ର ମଧୁ ପ୍ରଧାନଙ୍କର ଭଳି ପୁରୁଖା ଲୋକ ଫକୀରଟାକୁ ଜମା ପାସଙ୍ଗରେ ପକାନ୍ତି ନାହିଁ । ଫକୀର-ପାଣୁଆକୁ କହିଲା, ତୋତେ କିଏ କହିଛି ଡେଙ୍ଗୁରା ଦେବାପାଇଁ, ସୁନାପୁଅ ଭଳି ଘରକୁ ଯାଆ । ପାଣୁଆ ଡରିବା ଲୋକ ନୁହେଁ । ମଧୁ ପଧାନର ସେ ପୁରୁଣା ଲୋକ । ଭାରି ନିମକସଚ୍ଚା । କ'ଣ କହିଲ ଫକୀର ସାଆନ୍ତେ-ଡେଙ୍ଗୁରା ବାଡ଼େଇବିନି, ଏହା କ'ଣ ତୁମ ଦାଣ୍ଡକି ? ଫକୀର ମଧ ଅଣ୍ଟାରେ ଗାମୁଛା ପକାଇ ଦାଣ୍ଡରେ ତା' ସାଙ୍ଗରେ ପାଟି କଲା । ଗାଁ ଲୋକ କଳି ଭାଙ୍ଗିଲେ, ଏଥିରେ ଫକୀର ଲଜ୍ଜିତ ହେଲା ।

ସେଠାରେ ଥିବା ମଦନା କହିଲା, ଫକୀର ଭାଇନା, ତୁମେ ଜାଣିନ ପରା । ଡାକଘରକୁ ବଡ଼ ସାହବ ଆଜି ସକାଳୁ ଆସି ଆମ ଗାଁରେ ମଧୁପଧାନ ଘରେ ରହିଛନ୍ତି । ମୋତେ ଲାଗୁଛି ସେହି ଏହି ସଭା ଡାକୁଛନ୍ତି । ଫକୀର ଟିକିଏ ଦବି ଗଲା । ଏତିକିବେଳା କଳି କରିବା ଠିକ୍ ହେବନି । ଡାକଘରଟା ବସାଇବା ପାଇଁ ସେ କେତେ ଦଉଡ଼ାଦଉଡ଼ି କରିଛି । କେତେ ଲୋକଙ୍କ ଠାରୁ ଦସ୍ତଖତ ଆଣିଛି । ତା' ବିରୁଦ୍ଧରେ ଗାଁ ବାଲା ଏକାଠି ହୋଇ ବୁଢ଼ା ବଇସମଟାକୁ ପୋଷ୍ଟମାଷ୍ଟର କରିଦେବେ ବୋଲି ଚିନ୍ତା କରିଛନ୍ତି । ନା, ଫକୀର ଥିବାଯାଏ ଏକଥା କରେଇଦେବ ନାହିଁ । ସେ ଭାବିଲା

ଡାକ ସାହେବଙ୍କୁ ସବୁକଥା କହିଦେବ । ଫକୀର ବଇଦକୁ କହିଲା-ଚାଲ ଗାଁ ଲୋକଙ୍କୁ ଡକାଡକି କରି ଡାକସାହେବଙ୍କ ପାଖରେ ଠିଆହେବା । ଅନେକ ଦିନୁ ଫକୀର ମଦନକୁ କଥାଦେଇଛି – ସେ ପୋଷ୍ଟମାଷ୍ଟର ହେଲେ ମଦନକୁ ପୋଷ୍ଟପିଅନ କରିଦେବ ।

ସନ୍ଧ୍ୟାବେଳକୁ ଚଉପାଢ଼ୀରେ ଗାଁ ଲୋକ ଜମା ହୋଇଗଲେ । ମଝିରେ ଖଣ୍ଡିଏ ଚଉକି ପଡ଼ିଛି । ତା' ପାଖରେ ବସିଛନ୍ତି ଡାକସାହେବ । ସଭା ଆରମ୍ଭ ହେବା ପରେ ଡାକ ସାହେବ ଚୌକିରୁ ଉଠି କହିଲେ ଗାଁରେ ଡାକଘର ହେବା ପାଇଁ ସରକାରୀ ଅର୍ଡର ମିଳିଅଛି । କିନ୍ତୁ ଗାଁରେ କଳିତକରାଳ ଲାଗି ପୋଷ୍ଟମାଷ୍ଟର ପଦବୀକୁ ନେଇ ମୋ ପାଖରେ ଅନେକ ଦରଖାସ୍ତ ପହଞ୍ଚିଲାଣି । ସେ ସବୁର ଗୋଟିଏ ମୀମାଂସା ନହେଲେ ଡାକଘର ବସିପାରିବ ନାହିଁ । ସେଥିପାଇଁ ତୁମମାନଙ୍କୁ ମୁଁ ଏଠାକୁ ଡାକିଛି ।

ଫକୀର ଠିଆହୋଇ କହିଲା-ଆଜ୍ଞା, ଡାକଘର ପାଇଁ ମଞ୍ଜୁରୀ ମିଳିବାକୁ ମୁଁ ଅନେକ ଚେଷ୍ଟା କରିଛି । ଗାଁ ଲୋକଙ୍କୁ ପଚାରନ୍ତୁ, ମୁଁ ମାଟ୍ରିକ୍ ପାସ୍ କରିଛି । ମୋତେ ପୋଷ୍ଟମାଷ୍ଟର ନକଲେ, ଲୋକେ ଅସନ୍ତୁଷ୍ଟ ହେବେ । ଡାକସାହେବ ହସି କହିଲେ ବସ । ବଇଶମ ବୁଢ଼ାପୁଅ ଶରତ, ଗାଁ ସ୍କୁଲରେ ଶିକ୍ଷକ, ପରିବାର ବଡ଼ଯୋଗୁଁ ସେ ନିଜ ବାପାଙ୍କୁ ପୋଷ୍ଟମାଷ୍ଟର କରିବା ପାଇଁ ପ୍ରସ୍ତାବ ଦିଏ । ଶରତର କଥା ନସରୁଣୁ ମଦନା ପାଟିକରି ଉଠିଲା – କାଲବୁଢ଼ା ଭାରି ଦାୟିତ୍ୱ ନେବ ! ମଶାଣିକୁ ବାଟ ଖୋଜିଲାଣି... । ଶରତର ଦଳ ପାଟିକରି ଆସିଲେ କିଏରେ ସେ କହିଲା – କାଲବୁଢ଼ା ! ମଦନା ବି ତା' ଦଳ ଧରି ଓହ୍ଲେଇ ଆସିଲା । ଡାକସାହେବ ମନା କରୁକରୁ ଦୁଇଦଳ ମଧ୍ୟରେ ହାତ ଉଠାଉଠି ହୋଇଗଲା । ମାଡ଼ ଭୟରେ ଡାକସାହେବ ସଭାଛାଡ଼ି ପଳାଇଗଲେ । ପ୍ରଧାନେ ଘର ଭିତରକୁ ଉଠିଗଲେ । ନବେ ବରଷର ବୁଢ଼ୀମା ଘର ଭିତରେ ଗୋଡ଼ ଲମ୍ବାଇ ବସିଥିଲା – ଶବ୍ଦବାରି କହିଲା – ସଭାରେ କ'ଣ ହେଲାକିରେ ବାପା ?ଚାଲି ଯାଉଯାଉ ପ୍ରଧାନ କହିଲେ-ନାଇଁ ବୋଉ, ଏ ଗାଁରେ ଡାକଘର ନୋହିଲା ।

**(୧୫) ଟେଲିଗ୍ରାମ୍ :**

ଟିଂ...ଟିଂ...ଟିଂ...

ସବୁଦିନ ପରି ଆଜି ମଧ୍ୟ ସେ ଦାଣ୍ଡକୁ ଦୌଡ଼ିଗଲା ସାଇକେଲ ଘଣ୍ଟି ଶୁଣି । ଦାଣ୍ଡ ପାଖରେ ଠିଆହୋଇ ପଚାରିଲା – କ'ଣ ? ଟେଲିଗ୍ରାଫ୍ ପିଅନ ଇତଃସ୍ତତ ହେଲା । ସେ କିନ୍ତୁ ଦଣ୍ଡାୟମାନ । ବାବୁଙ୍କୁ କୁହ ଟେଲିଗ୍ରାମ ଆସିଅଛି । ବୈଠକଖାନାରୁ ଟେଲିଗ୍ରାମ ଶୁଣି ସୁରବାବୁ ବାହାରକୁ ପଳାଇ ଆସିଲେ । ସେଇଟା କ'ଣ ଆସିଛି-ବାପା ! ବାପା ନିରୁପାୟ । ଅନେକ ସମୟ ପରେ କହିଲେ-





ସଚଳ ସକ୍ଷମ ମଣିଷ ଏଭଳି ନିସ୍ୱ, ନିର୍ଜନ ଓ ଅସହାୟତା ଅବସ୍ଥାରେ ପଡ଼ିରହିଥିବାର ଦେଖି ସୁରଂଜନ ସହିପାରେନି । ମାୟାକୁ ଏତେଯାଏ ଖୋଜି ନ ପାଇବାର ଯନ୍ତ୍ରଣାରେ ସୁଧାମୟ ଛଟପଟ ହେଉଛନ୍ତି । ବାର କାଉନସିଲ ଛକରେ ସୁରଂଜନ ରିକ୍ସାଟିକୁ ଅଟକାଇଲା । ସିଗାରେଟ୍ ଟାଣିଲା । ଅଳ୍ପ ସମୟ ପରେ ଚାଲି ଚାଲି ଆସୁଥିବାର ଝିଅଟିକୁ ଦେଖିଲା । ଡାକିଲା – ଏଇ !

କହୁ କହୁ ଝିଅଟି ଆସି ରିକ୍ସା ପାଖରେ ଠିଆହୋଇ ହସିଲା । ସୁରଂଜନ ପଚାରିଲା – ତୁମର ନାଁ କ'ଣ ?

ଝିଅଟିର ବୟସ ଉଣେଇଶି କି କୋଡ଼ିଏ ହେବ । ମୁହଁରେ ରଙ୍ଗ ଲଗାଇଲେ ମଧ୍ୟ ଚେହେରାରେ ତା'ର ଗୋଟିଏ ପ୍ରକାରର ସାରଲ୍ୟ ଅଛି । ଝିଅଟି ହସିପକାଇ କହିଲା, ପିଙ୍କି । ପୁରା ନାଁଟି କହ ? ସାମିନା ଆକତାର । ବାପାଙ୍କର ନାଁ ଅବଦୁଲ ଜଲିଲ । ଘର ? ଫେନି । ତୁମ ନାଁ କ'ଣ କହିଲ – ସାମିନା । ଠିକ୍ ଅଛି, ରିକ୍ସାରେ ବସ ।

ସାମିନା ରିକ୍ସାରେ ବସିଗଲା । ସୁରଂଜନ ରିକ୍ସାବାଲାକୁ ଟିକାଟୁଲି ଆଡ଼କୁ ଯିବାକୁ କହିଲା । ନିଜ ଘରଟିକୁ ବାହାରେ ସେ ତାଲା ପକାଇ ଆସିଛି । ସଦର କବାଟରେ ନ ଡ଼ାକି ତାଲା ଖୋଲି ଘର ଭିତରକୁ ମଧ୍ୟ ଯାଇହେବ । ସୁରଂଜନ ଘର ଭିତରକୁ ପଶିଲା । ସାମିନା ମଧ୍ୟ ଗଲା ତା' ପଛେ ପଛେ । ଆଜି ସେ ଯାହା କରୁଛି ସୁସ୍ଥ ମୁଣ୍ଡରେ କରୁଛି । କୌଣସି ପ୍ରକାରର ନିଶା ସେ କରିନି । ତାର ମସ୍ତିଷ୍କ କୌଣସି ରାସାୟନିକ ପଦାର୍ଥ ଦ୍ୱାରା ଆକ୍ରାନ୍ତ ହୋଇନି ।

ଘର ଭିତରେ ପଶି ସାମିନା ଖୁବ୍ ଜୋର୍‌ରେ କଥା କହିବାକୁ ଲାଗିଲା । ସୁରଂଜନ କହିଲା – ଚୁପ୍ ! ଗୋଟିଏ ବି କଥା ନୁହେଁ । ଏକାଥରେ ଚୁପ୍ । ସେପଟ ଘରୁ କୌଣସି ଶବ୍ଦ ଶୁଣାଯାଉନାହିଁ । ବୋଧହୁଏ ସେମାନେ ଶୋଇ ପଡ଼ିଛନ୍ତି । ସେମାନେ କ'ଣ ବୁଝିପାରୁଛନ୍ତି – ସେମାନଙ୍କ ମେଧାବୀ ପୁତ୍ରମଣି ଗୋଟିଏ ବେଶ୍ୟା ନେଇ ଏ ଘରକୁ ଆସିଛି ? ସୁରଂଜନ ଅବଶ୍ୟ ସାମିନାକୁ ବେଶ୍ୟା ବୋଲି ଭାବୁନାହିଁ । ଭାବୁଛି ଖାଲି ଗୋଟିଏ ମୁସଲମାନ ଝିଅ । ଗୋଟିଏ ମୁସଲମାନ ଝିଅକୁ ଧର୍ଷଣ କରିବାକୁ ତା'ର ଖୁବ୍ ଇଚ୍ଛା ହେଉଛି ।

ସେ ସାମିନାକୁ ଧର୍ଷଣ କରିବ, ଖାଲି ଧର୍ଷଣ । ଘରର ଆଲୁଅ ସିଏ ଲିଭାଇଦେଲା । ସାମିନାର ଲୁଗାପଟା ଖୋଲି ପକାଇଲା । ତା'ର ଶ୍ୱାସ ଦ୍ରୁତ ହେଉଛି । ଧକ୍କା ଦେଇ ସାମିନାକୁ ତଳେ ପକାଇ ତା' ଉପରକୁ ଡେଇଁ ପଡ଼ିଲା ସୁରଂଜନ । ସୁରଂଜନ ବୁଝିପାରିଲା ଯେ, ଅଯଥାରେ ସେ ଝିଅଟିର ଚୁଟି ଟାଣୁଛି । ଝିଅଟାର ଛାତିକୁ ଜୋରରେ କାମୁଡ଼ି ପକାଉଛି । ତା'ର ତଳିପେଟ, ପେଟ ଓ ଉରୁରେ ଧାରୁଆ ନଖରେ ଆଞ୍ଚୁଡ଼ି ପକାଉଛି । ଝିଅଟାକୁ ତଚ୍ଛନଚ୍ଛ କରି ସୁରଂଜନ ଧର୍ଷଣ କଲା ।

ଯେଉଁ ତୃପ୍ତି ହୁଏ ସେଇଟା କ'ଣ ଲାଭ ନୁହେଁ ?

## (ଚାରି)

ଉତର ପ୍ରଦେଶର ଅଯୋଧ୍ୟାରେ କରସେବକମାନଙ୍କ ଦ୍ୱାରା ୧୯୯୨, ଡିସେମ୍ବର ୬ ତାରିଖରେ ବାବ୍ରୀ ମସ୍‌ଜିଦ୍ ଭାଙ୍ଗି ଦେବା ପରେ ଭାରତବର୍ଷରେ ରକ୍ତକ୍ଷୟୀ ସଂଗ୍ରାମର ମାତ୍ରା କମି କମି ଆସିଛି । ଭାରତରେ ମୃତକଙ୍କ ସଂଖ୍ୟା ଆଠଶହରୁ ଅଧିକ ହୋଇଗଲାଣି । ଶାନ୍ତି ଆଉ ସଂପ୍ରୀତି ପାଇଁ ବଙ୍ଗଳାଦେଶ ରାଜଧାନୀ ଢାକାରେ ସର୍ବଦଳୀୟ ସ୍ୱତଃସ୍ଫୁର୍ତ ପଟୁଆର ହେଉଛି । ଜିଲ୍ଲା ସହରର ମନ୍ଦିର ସବୁ ଭାଙ୍ଗି ତୁଟି ଦେବାବେଳେ, ପୁଲିସ, ମାଜିଷ୍ଟ୍ରେଟ୍ ଜିଲ୍ଲା ପ୍ରଶାସନ ସମସ୍ତେ ନୀରବରେ ଠିଆ ହୋଇଛନ୍ତି । ଗୋଲକପୁରରେ ଦିନବେଳାରେ ଧର୍ଷଣ ହେଉଛି । ମୁସଲମାନମାନଙ୍କ ଘରେ ଆଶ୍ରୟ ନେଇଥିବା ଝିଅମାନେ ମଧ୍ୟ ଧର୍ଷିତା ହେଉଛନ୍ତି । ସେନପଡ଼ାରେ ମଧ୍ୟ ଜଣେ ଗୃହବଧୂକୁ ଧର୍ଷଣ କରାଯାଇଛି ।

ଦିନାଜପୁରରେ ପ୍ରାୟ ଶହେଖଣ୍ଡେ ଦୋକାନର ସାଇନ୍‌ବୋର୍ଡ ଭାଙ୍ଗି ପକାଇଛନ୍ତି । ଉଡ଼େକାଲୀ ମନ୍ଦିରକୁ ମଧ୍ୟ ଭାଙ୍ଗି ଦିଆଯାଇଛି । ଫିରୋଜପୁରରେ ଏପର୍ଯ୍ୟନ୍ତ କୋଡ଼ିଏ ଗୋଟି ମନ୍ଦିର ଭାଙ୍ଗି ସାରିଲେଣି । ବିଭିନ୍ନ ଘଟଣାର ପ୍ରାଥମିକ କ୍ଷୟକ୍ଷତିର ପରିମାଣ ଶହେ ଚଉରାଳିଶ କୋଟି ଟଙ୍କା । ଦେଶସାରା ହଜାର ହଜାର ଘର, ଦି ହଜାର ବାଣିଜ୍ୟିକ ପ୍ରତିଷ୍ଠାନ । ସାଢ଼େ ତିନିହଜାର ମନ୍ଦିର ଉପାସନାଳୟ ବି କ୍ଷୟକ୍ଷତି ହୋଇ ଧ୍ୱଂସ ହୋଇଛି ।

ସୁରଂଜନ ଆଜି ଖୁବ୍ ଫ୍ରେସ୍ ଦିଶୁଛି । ଦିନସାରା ଘରୁ ସେ ବାହାରକୁ ଯାଇନାହିଁ । ହିନ୍ଦୁମାନେ ସବୁ ଘରେ ଲୁଚିଛନ୍ତି । ସେ ବି ଲୁଚି ରହିବ । ସାହସ କରି ବୁଲିବାର ବା ଦରକାର କ'ଣ ? ସୁରଂଜନ ଭାବିଲା - ମାୟାର ବୟସ ଯଦି ଆଉକିଛି କମ୍ ହୋଇଥାନ୍ତା କି ବେଶୀ ହୋଇଥାନ୍ତା, ତାହାହେଲେ ସେ ବୋଧହୁଏ ବଂ୍ଯାଇଥାନ୍ତା । ତାକୁ ଟାଣି ଓଟାରି କେହି ନେଇପାରିନଥାନ୍ତେ । ଯେପରି ସେ ଛଅ ବର୍ଷ ବୟସରେ ଘରୁଯାଇ ଫେରି ଆସିଥିଲା । ତା'ହେଲେ ପ୍ରକୃତି ହିଁ ଜାଣେ ଯେ ଏହାପରେ ସଂସାରର ଗତି କୁଆଡ଼େ ଯିବ ।

ଆଜି ବିଜୟର ଦିବସ । ଦେଶସାରା ବିଜୟ ଦିବସର ଅନୁଷ୍ଠାନ ହେଉଛି । ଆଲୋକ ସଜା ହେଉଛି । ବାଣ ଫୁଟୁଛି, ଇତ୍ୟାଦି ଇତ୍ୟାଦି । ମାୟାର ଆଶା ଛାଡ଼ିଦେବା ପାଇଁ ସୁରଂଜନ ତା'ର ବାପା ଓ ମାଆଙ୍କୁ ସବୁବେଳେ କହୁଛନ୍ତି । ସେମାନେ ଭାବନ୍ତୁ ଯେ, ମାୟା ସଡ଼କ ଦୁର୍ଘଟଣାରେ ମରିଯାଇଛି ।

ସେମାନେ କ'ଣ ଭାବୁଛନ୍ତି - ସୁରଂଜନ କିଛି ଜାଣିନାହିଁ । ଏକ ସମୟରେ ଏତେ ସରଳ/





ଆଜି ଆମକୁ ଯିବାକୁ ହେବ ।

ପନ୍ଦର ବର୍ଷର ଝିଅ ସେ, ଦେଖିବାକୁ ଭଲ । ନାଁଟି ମଧ୍ୟ ଜ୍ୟୋତ୍ସ୍ନା, ମୁହଁଠାରୁ ପାଦପର୍ଯ୍ୟନ୍ତ ଖୁଣଟିଏ ବାହାର କରିବା କଠିନ । କିନ୍ତୁ ମଣିଷ ଜୀବନରେ ଶ୍ରେଷ୍ଠବସ୍ତୁ ତା'ର ଅଭାବ । ଅତି ପିଲାବେଳୁ କୌଣସି ଭୟଙ୍କର ରୋଗରେ ତା'ର ସ୍ମୃତିଶକ୍ତି ଲୋପପାଇଛି । କିଛି ବୁଝେନି, କିଛି ଭାବେନି । ଖୁସିରେ କୁହେ - ମା ମୁଁ ଆଜି ରାନ୍ଧିବି, ତୁମେ ଯାଇ ଆଜି ବସିବ । ଅପାର ଶାଢ଼ି ପ୍ରତି ମୋର ଠିକ୍ ସେହିପରି ଶାଢ଼ି ଆଣିବ, ଅପାର ପାଉଁଡର ପରି ମୋର ଆଣିବ ଇତ୍ୟାଦି । ବାପାଙ୍କ ନିକଟରେ ତା'ର ସର୍ବଦା ଅଳି । କିନ୍ତୁ ସବୁଥିରେ ଖୁସିହୁଏ ।

ବାପାଙ୍କର ବଦଳି ହେଲା । ଟେଲିଗ୍ରାମ ଆସିଲା । ଶୀଘ୍ର କର୍ମସ୍ଥାନରେ ଯୋଗଦେବା ପାଇଁ । ସ୍ତ୍ରୀ କିନ୍ତୁ ଯିବେ କିପରି ? ତାଙ୍କର ଶରୀର ଅସୁସ୍ଥ । ଶେଷରେ - ସୁରବାବୁ ଦୁଇଟି ଝିଅ ଓ ବଡ଼ପୁଅଟିକୁ ଧରି ବାହାରିଲେ । ସ୍ତ୍ରୀଙ୍କ ପାଖରେ ରହିଲେ ବଡ଼ଝିଅ ଓ ମଝିଆଁ ପୁଅ । 'ଦୋ' ସୁରବାବୁଙ୍କ ସାଙ୍ଗରେ ଯାଉ ବୋଲି କାହାର ଇଚ୍ଛା ନଥିଲା । ସେ ଗଲେ ଭାରି ହେରାଣ । କିଛି ଶୁଣିବନି କି ବୁଝିବନି, ଯାହା ଦେଖିବ ସେଇଆ ପାଇଁ ଜିଦ୍ କରିବ । ଯିବାର ସବୁ ଯୋଗାଡ଼ କରାଗଲା । ଜିନିଷପତ୍ର ମଧ୍ୟ ବନ୍ଧାବନ୍ଧି ସରିଲା । ଗାଡ଼ି ଆସି ଦୁଆର ମୁହଁରେ ଠିଆହେଲା । ସମସ୍ତେ ଗାଡ଼ିରେ ଚଢ଼ି ଦେଖିଲେ 'ଜୋ' ଗାଡ଼ିର ଚକାଟିକୁ ଧରି ଶୋଇ ରହିଛି । ସେ ଯିବାପାଇଁ ଜିଦ୍ ଧରିଲା । ଅନେକ ତର୍କବିତର୍କ ପରେ ତାକୁ ନେଇଯିବା ପାଇଁ ସ୍ଥିର କରାଗଲା । 'ଜୋ' ଆନନ୍ଦରେ ଗାଡ଼ିଭିତରେ ଚଢ଼ିଲା । ମା' ବଡ଼ପୁଅକୁ କହିଲେ- 'ଜୋ' ତୋତେ ଲାଗିଲା । ତାକୁ ଟାଣକଥା କହିବୁନି । 'ଜୋ' ରେଳଗାଡ଼ି ଭିତରେ ବସି ତାକୁ ଭାରି ଖୁସି ଲାଗିଲା ।

କିଛିଦିନ ପରେ...

ଲାଲ ସାଇକେଲରୁ ଓହ୍ଲାଇ ପିଅନ ଡାକିଲା - ଟେଲିଗ୍ରାମ୍ ନିଅ । 'ଜୋ' ଭାବିଲା ପୁଣି ରେଳରେ ଚଢ଼ିବା ମଜା କରିବା । ସୁରବାବୁଙ୍କର ଛାତି ଧଡ଼କରି ହେଲା । ଆଜି କି ଟେଲିଗ୍ରାମ ! ବଡ଼ପୁଅକୁ ଡାକି ସୁରବାବୁ କହିଲେ- ମା' ଦେହ ଭୀଷଣ ଖରାପ । ଆଜି ଘରକୁ ଯିବାକୁ ହେବ । ପୁଣି ଜିନିଷପତ୍ର ବନ୍ଧାବନ୍ଧି ହେଲା । 'ଜୋ' ମା' ଦେହ ଖରାପ ଶୁଣି କାନ୍ଦିଲା ଓ ପରେ ସବୁ କାମଦାମ କଲା । ସେ ଜାଣିଥିଲା - ଟେଲିଗ୍ରାମ ଅର୍ଥ ରେଳଗାଡ଼ିରେ ବସି ଯିବା ଓ ମଜା କରିବା । ମାତ୍ର ସୁରବାବୁ ଏଥର 'ଜୋ'କୁ ନେବାପାଇଁ ଇଚ୍ଛା କଲେନାହିଁ । ମାଉସୀ ତାଙ୍କ ପାଖରେ ଏଠାରେ 'ଜୋ'କୁ ଛାଡ଼ିଦେଇ ଯିବାପାଇଁ ପ୍ରସ୍ତାବ କଲେ । ସୁରବାବୁ ତାକୁ ସେଠାରେ ଏକୁଟିଆ ରଖିବାକୁ ରାଜିହେଲେ ନାହିଁ । ଶେଷରେ ସବୁ ପିଲା ସେଠାରେ ରହିବାକୁ ସ୍ଥିର କଲେ ।

ମାଉସୀର ଝିଅ ନିନି 'ଜୋ'କୁ ପାଖରେ ବସାଇ ଗପ କହିଲା । ବାପା ଚାଲିଗଲା ପରେ 'ଜୋ' ଖୁବ୍ ଜୋର୍‌ରେ ଦୌଡ଼ିଆସି ଘୋଡ଼ାଗାଡ଼ିରେ ବାପା ବସିଥିବାର ଦେଖିଲା ଓ ତା'ର ଟ୍ରେନ୍‌ରେ ବସିବାଟା ମନେ ପଡ଼ିଗଲା । ତା' ପଛେ ପଛେ ତା'ର ଭାଇ ଦୌଡ଼ିଲା । ଧରିବାକୁ ଚେଷ୍ଟା କଲା । ମା'ର ବିଦାୟବେଳ ମନେପକାଇ ଚିତ୍କାର କରିଲାଗିଲା । ପାହାଡ଼ ଉପରକୁ ଚଢ଼ିବାକୁ ଦୌଡ଼ିଯାଇ ଗୋଡ଼ଖସି ତଳକୁ ଗଳିପଡ଼ିଲା । ଭାଇ ଦୌଡ଼ିଗଲା ଧରି ପକାଇବାକୁ । ଠିକ୍ ସେତିକିବେଳେ ରେଳଗାଡ଼ିର ଚକାଗୁଡ଼ାକ ତା'ର ଛାତି ଉପରେ ଘରଘର କରି ଚାଲିଗଲା ।

ଏହା ଥିଲା 'ଟେଲିଗ୍ରାମ୍'ର ମୁଖ୍ୟ କାହାଣୀ ।

**(୧୬) ଆଶ୍ରୟପ୍ରାର୍ଥୀ :**

ଆଜି ସେହି ଅଲୋଡ଼ା ଅପଚରା ଷ୍ଟେସନଟିରେ ଏଭଳି କୋଳାହଳ କାହିଁକି ? ପଥୁରିଆ ରାଇଜର ଗୋଡ଼ିମାଟି ପରସ୍ପରକୁ ପଚାରି ଲାଗିଛନ୍ତି । ଏ ଅପନ୍ତରା ରାଇଜକୁ ଏତେ ନାରୀ, ବୃଦ୍ଧ, ଶିଶୁ, ଯୁବକ, ଆସିଲେ କେଉଁଆଡୁ ! ସଦ୍ୟ ବିଧବା ଅଠର ବର୍ଷର ଯୁବତୀ ଭଉଣୀ ଲତା ଆଉ ଚକ୍ଷୁହୀନା ମାତାଙ୍କ ହାତଧରି ଅମର ଚା ଦୋକାନର ପିଣ୍ଡା ଉପରକୁ ଉଠିଗଲା । ଏଖାନେ ଚା ମିଲ୍‌ତେ ପାରବେ-ମଶାହ ? ଦୋକାନୀ ସାନୁସାହୁ ଘୁମ ଭାଙ୍ଗିଗଲା । ମିଳିବ ବାବୁ, ବସନ୍ତୁ । ଚାରବାଟିଆ ଚଉଦୁଆର ମିଲ୍ ବୁଲିବାକୁ ଆସିଛନ୍ତି ବାବୁ, ହଁ ଭାରି ଭଲ ଜାଗା । ବଡ଼ ଖୋଲା, ସହରର ସିନା ସବୁ ସୁଖ, ହେଲେ ଏମିତି ଖୋଲା ହାଉଆ ପବନ ପାଇବେ ସେଠି ? ଅମର ଏହି ସରଳ ଲୋକଟି ଆଡ଼କୁ କରୁଣ ଦୃଷ୍ଟିପାତ କରି କହିଲା, ନା, ଅମର । ହାଉଆ ଖାତେ ଆସିବା । ଆମରା ଆଶ୍ରୟପ୍ରାର୍ଥୀ । ହଁ ସେମାନେ ଧନ, ଜନ, ଗୃହହରା - ଭାରତ ସରକାରଙ୍କ ଆଶ୍ରୟପ୍ରାର୍ଥୀ ।

ଅମର କହିଗଲା, ନିଜ କଥା - ଗୋଟିଏ ପଡ଼ାରେ ହିନ୍ଦୁ, ମୁସଲମାନ ମିଶି ପଚାଶଘର । ଚାରିଆଡ଼େ ଗଣ୍ଡଗୋଳ ଲାଗିଛି । ସେମାନେ କିନ୍ତୁ ପିତାଙ୍କ ଦୁଇ ମୁସଲମାନ ବନ୍ଧୁ ଯୋଗୁଁ କେତେଦିନ ବେଶ୍ ନିରାପଦରେ ଥିଲେ । ଘର ଛାଡ଼ି ଚାଲିଯିବାର ପକ୍ଷପାତୀ ନଥିଲେ । ଅମର ଆଉ ଲତା । ବଙ୍ଗଳାର ଅସଂଖ୍ୟ ଦେଶପ୍ରେମୀ ଉଚ୍ଛୃଙ୍ଖଳ ଯୁବକ, ଯୁବତୀଙ୍କ ଭଳି ଏ ଦୁହେଁ ଯେଉଁ ଆଦର୍ଶକୁ ଆପଣାର କରିଥିଲେ, ତାହାର ଖିଅ ଧରି ବିଚାରୁଥିଲେ ଦୁଇଟା ଜାତି ଭିତରେ କନ୍ଦଳ ପାଇଁ ଦାୟୀ ତୃତୀୟ ପକ୍ଷ-ଆର୍ଥିକ ଅବସ୍ଥା ।

ଅମରଙ୍କ ଅନୁପସ୍ଥିତରେ ତା'ର ପିତା, ଆଉ ଭଗ୍ନୀ ପତିଙ୍କୁ ହତ୍ୟା କରାଗଲା ନିର୍ମମ ଭାବରେ । ମା' ନିଜେ ନିଜର ଆଖି ଦୁଇଟାକୁ ଫୁଟାଇଦେଲେ ସେତେବେଳେ । ତା' ପରେ ମା' ଓ ଭଉଣୀଙ୍କର ଉପରେ... ଓଃ । ଅମର ଆଉ କହିପାରିଲାନି । ଲତାର ନିଷ୍ପ୍ରାଣ ଚକ୍ଷୁ ଦୁଇଟାରୁ ଝରିଆସିଲା ଅଜସ୍ର





ମାୟାକୁ ବସାଇ ନେଇଗଲେ । ଏକୋଇଶି ବର୍ଷର ଗୋଟେ ପ୍ରାଣବାନ ତରୁଣୀ ମାୟା । ତାକୁ କାହିଁକି ସେମାନେ ନେଇଗଲେ ? ହିନ୍ଦୁ ବୋଲି ? ଆଉ କେତେ ଧର୍ଷଣ, କେତେ ରକ୍ତ ଓ କେତେ ଧନ ସମ୍ପଦର ବିନିମୟରେ ହିନ୍ଦୁମାନଙ୍କୁ ଏ ଦେଶରେ ବଂଚିରହିବାକୁ ହେବ । ସୁରଂଜନ ଏକଥା ଜାଣିବାକୁ ଚାହିଁଲା, ମାତ୍ର ତା'ର ନିଜ ଲୋକ ପାଖରେ ଉତ୍ତର ନାହିଁ । ମାୟା କ'ଣ ଫେରିଆସିପାରିବ । ଏ ସମାଜରେ ଧର୍ଷଣ ଆଉ ମରଣ ପ୍ରାୟ ଏକାକଥା । ଏଠି ଧର୍ଷିତା ଝିଅମାନଙ୍କୁ ସୁସ୍ଥ ଓ ଜୀବିତ ମଣିଷ ବୋଲି କେହି ଗଣନା କରନ୍ତିନି । ଝିଅମାନେ ବି ତ ଗୋଟିଏ ସମ୍ପଦ ଭଳି । ଛ ବର୍ଷ ଆଉ ଏକୋଇଶି ବର୍ଷର ଝିଅ ତ ସମାନ ନୁହେଁ ।

ସୁରଂଜନ ଯାଇ ହାଇଦରକୁ କହିଲା - ଏ ସାହିର ରଫିକ୍ କିଏ । ସୁରଂଜନକୁ ହାଇଦର କହିଲା, ମୁଁ ପତ୍ତା ଲଗାଇଛି । ଖବର ମିଳିଲେ ଜଣାଇଦେବି । କିରଣମୟୀ ଗୋଟିଏ ଅଦ୍‌ଭୁତ ଲୋକ । ସର୍ବସଂହା ମାଟି ଭଳି । ସେ ସ୍ୱାମୀଙ୍କୁ ସର୍ବଦା ଜଗି ରହିଛନ୍ତି । ତାଙ୍କର କ୍ଳାନ୍ତ ନାହିଁ । ସେ ସମାଜ ସଂସ୍କାର ସହିତ ନିଜକୁ ଖାପ ଖୁଆଇବାର ଅଭ୍ୟାସ କରିନେଇଥିଲେ ।

ଡା. ସୁଧାମୟଙ୍କ ବଦଳି ଚାକିରି । ଆଜି ଏ ଜିଲ୍ଲା ତ କାଲି ସେ ଜିଲ୍ଲା । କିନ୍ତୁ କିରଣମୟୀ ବ୍ରାହ୍ମପଲ୍ଲୀରେ ଦୁଇଟି ପିଲାଙ୍କୁ ଧରି ଘରଛାଡ଼ି କୁଆଡ଼େ ଯାଇନାହାନ୍ତି । ସ୍ୱାମୀଙ୍କ ସାଙ୍ଗରେ ବୁଲାବୁଲି କରିବାର ଇଚ୍ଛା ଥିଲେ ହେଁ ପିଲାମାନଙ୍କ ପଢ଼ାଶୁଣାର କ୍ଷତି ହେବ ବୋଲି, ସେ ନିଜକୁ ସଂଯତ କରିଛନ୍ତି । ଆଉ ବାହାହେବାର ସାତ ଆଠ ବର୍ଷ ପର୍ଯ୍ୟନ୍ତ ଶ୍ୱଶୁରଘର ସେବା କରିବାକୁ ପଡ଼ିଅଛି । କିରଣମୟୀଙ୍କ ବାପା ବ୍ରାହ୍ମଣବାଡ଼ିଆର ଖୁବ୍ ନାମଜାଦା ଲୋକ ଥିଲେ । ବଡ଼ ଓକିଲ । ଝିଅ କିରଣମୟୀଙ୍କୁ ମାଟ୍ରିକ୍ ପାସ୍ କରାଇଦେଇ ଡା ସୁଧାମୟଙ୍କ ସାଙ୍ଗରେ ବାହାଘର କରାଇଦେଇ ବାପା, ମା', ଭାଇ ସମସ୍ତେ କଲିକତା ଚାଲିଗଲେ । ଖାଲି ଦେଶରେ କିରଣମୟୀଙ୍କ ଦୁଇଜଣ ମାଉସୀ ଝିଅ ଭଉଣୀ ଓ ଜଣେ ପିଉସୀ ରହିଗଲେ । ବାପା, ମା, ଦଦେଇ, କକେଇ, ବଡ଼ ପିଉସୀ, ମାଉସୀ ଦୁଇଜଣ ଯାକ ମାମୁଁ, ମାଇଁ ସମସ୍ତେ ଜଣ ଜଣ କରି ଚାଲିଗଲେ । କିରଣମୟୀଙ୍କୁ ସ୍ୱାମୀ ଡାକ୍ତର ସୁଧାମୟ ଖୁବ ଭଲ ପାଉଥିବା ଯୋଗୁଁ ତାଙ୍କର ସବୁ ଏକାକୀତ୍ୱ ହିଁ ସେ ଦୂର କରିଦେଇଥିଲେ ।

ଡା ସୁଧାମୟ ସବୁବେଳେ ତାଙ୍କର ଉପାର୍ଜନର ଯାହାକିଛି ଟଙ୍କା ମାସର ପ୍ରଥମ ସପ୍ତାହରେ କିରଣମୟୀଙ୍କୁ ଧରାଇ ଦିଅନ୍ତି । ସଂସାରକୁ ଠିକ୍ ଭାବରେ ଚଲାଇବାର ଦାୟିତ୍ୱ କିରଣମୟୀଙ୍କ ଉପରେ ଥିଲା । ଏକସ୍ତରୀ ମସିହାରେ ମିଲିଟାରୀମାନେ ସୁଧାମୟଙ୍କର ପେନିସ୍ କାଟି ଦେଇଥିଲେ । ସେହିଦିନ ଠାରୁ ପ୍ରାୟ ୨୧ ବର୍ଷ ହେବ ସୁଧାମୟ ଯୌନଜୀବନ ଯାପନ କରିପାରୁନଥିବା ଜଣେ ମଣିଷ । ଯଦି ପ୍ରେମରେ, ଶ୍ରଦ୍ଧାରେ, ଭଲପାଇବାରେ ବଡ଼ କୌଣସି ସ୍ୱାର୍ଥତ୍ୟାଗ ସେ କରେ, ତାହେଲେ

ବ୍ୟସ୍ତ । ମୁସଲମାନ ଦେଶରେ ଚାକିରି ପାଇବା ଭାରି କଷ୍ଟ । ପୁଲକ ଠାରୁ ଟଙ୍କା ନେଇ ସୁରଂଜନ ଜଲଦି ଚାଲିଗଲା । ତା' ଇଚ୍ଛା ସିଧା ଘରକୁ ଯାଇ କିରଣମୟୀଙ୍କ ହାତରେ ଟଙ୍କାତକ ଦେବ । କିରଣମୟୀ କିପରି ଯେ ସଂସାର ଚଳାଉଛନ୍ତି ସେସବୁ ବାସ୍ତବରେ ସୁରଂଜନ କଦାପି ଭାବିନି । ଡା. ସୁଧାମୟ ଅସୁସ୍ଥ ହେବା ପରେ ଯେତେବେଳେ ପ୍ରଥମେ ପୁଅ ଉପରେ ଦାୟିତ୍ୱ ପଡ଼ିଲା, ସେତେବେଳେ ସେ ସଚେତନ ହେଲା । ଅବଶ୍ୟ ତାକୁ କେହି ଦାୟିତ୍ୱ ଦେଇନାହିଁ । ସେ ନିଜେ ସବୁ ଅନୁଭବ କରିଅଛି । ସମସ୍ତେ ବୋଧହୁଏ ଭାବିଛନ୍ତି ଦେଶପ୍ରେମୀଙ୍କର ପୁଅ ଦେଶର ମଙ୍ଗଳ ଚିନ୍ତାରେ ଦିନରାତି ନଖାଇ ନଶୋଇ କଟାଇ ଦେଇଛି । ନିଜର ସୁଖ ଓ ସୁବିଧା ପାଇଁ ବାହା ମଧ ହୋଇନାହିଁ । ସେଥିପାଇଁ ଆଉ ତାକୁ ଦାୟିତ୍ୱ ଦେବା କ'ଣ ଦରକାର । ଘରକୁ ଫେରିବା ଆଗରୁ ସୁରଂଜନ ସ୍ଥିର କରିଥିଲା ଯେ, ଆଦିମ୍‌ପୁରର ରତ୍ନା ଘରକୁ ଯିବ । ରତ୍ନା ଘରେ ଥିଲା । କିନ୍ତୁ ଘରର ଜଣେ ମୁସଲମାନଙ୍କ ଘରେ ଆଶ୍ରୟ ନେଉଥିଲା । ସୁରଂଜନ ଭାବିଲା ଯେ, କୌଣସି ଭଣିତା ନକହି ରତ୍ନାକୁ କହିବ ଚାଲ ଆମେ ବାହାହେବା ।

ରତ୍ନା ସାଙ୍ଗରେ ସୁରଂଜନର ଅଳ୍ପ ଦିନର ପରିଚୟ । ଏତେ ଅଳ୍ପଦିନ ମଧରେ ବାହାଘର କଥାଟା କହିବା ଶୋଭନୀୟ ନୁହେଁ । ତାହାଛଡ଼ା ରତ୍ନା ଜାଣେ ଯେ, ସେ ଗୋଟିଏ ବେକାର ଲୋକ । ଏପରି ଲୋକଙ୍କୁ ବାହାହେଲେ ରତ୍ନାର ଲାଭ ବା କ'ଣ ?

ସୁରଂଜନ ଘରକୁ ଯିବାକ୍ଷଣି ଦେଖିଲା, କବାଟଟା ଠିଆ ମେଲା ହୋଇଛି । ଘରର ଜିନିଷ ପତ୍ର ସବୁ ଛିନ୍ନଛତ୍ର ହୋଇ ପଡ଼ିଛି । ସେ ଘରକୁ ଯାଇ ଦେଖେ - ବାପା ସୁଧାମୟ ତଳେ ପଡ଼ି କୁନ୍ଥେଉଛନ୍ତି । କିରଣମୟୀ କିମ୍ବା ମାୟା କେହି ନାହାନ୍ତି । ସୁରଂଜନ ବାପାଙ୍କୁ କହିଲା - ବାପା ଘରେ କ'ଣ ହେଲା । ବାପା ଧୀରେ ଧୀରେ କହିଲେ - ମାୟାକୁ ସେମାନେ ଧରି ନେଇଛନ୍ତି । କିରଣମୟୀ ତା' ପଛେ ପଛେ ଦୌଡୁଛନ୍ତି । ତୁ ମାୟାକୁ ଫେରାଇଆଣେ । ସେମାନେ ମଧ ସୁଧାମୟଙ୍କୁ ମାରିଛନ୍ତି । ସୁରଂଜନ ବାପାଙ୍କୁ ବିଛଣାରେ ଶୋଇଦେଇ ଦେଖିଲେ - ତାଙ୍କର ନିଶ୍ୱାସର ଗତି ଦ୍ରୁତ । ରାତ୍ରି ସାଢ଼େ ଦଶଟା ବାଜିଲାଣି । ସେ ଏବେ ମାୟାକୁ କେଉଁଠି ଖୋଜିବ । ସୁରଂଜନ ରାତିରେ ହାଇଦର ଘରକୁ ଯାଇ କହିଲା, ଆମ ମାୟାକୁ ଫେରାଇଦିଅ । ହାଇଦର ବୁଝିପାରିଲାନି ସୁରଂଜନର କ'ଣ ହୋଇଛି । ମାୟାକୁ ଖୋଜାଖୋଜି କରି ନ ପାଇ ରାତି ୪ଟାରେ ସୁରଜଂନ ଘରକୁ ଫେରିଲା । ମା କିରଣମୟୀ ତା'ର ଚଲାବାଟକୁ ଅନାଇ ରହିଥିଲେ ।

କିରଣମୟୀ କହିଲେ - ଏହି ସାହିର ରଫିକ୍ ଥିଲା ତାଙ୍କ ସାଙ୍ଗରେ । ସେମାନେ ସମୁଦାୟ ସାତଜଣ ଥିଲେ । ସେ ଘରର ସବୁ ସୁନାତକ ନେଇଗଲେ । ତଳେ ଥିବା ସ୍କୁଟରରେ ସେମାନେ





ଲୁହଧାର । ଏ କାହାଣୀ ଅମର ଠାରୁ ଶୁଣି ସାନୁସାହୁ ଦୁଃଖିତ ହେଲା । ଅଭାବ ସମସ୍ତଙ୍କର ମନରୁ ପୁଣି ଭେଦଭାବ ଭୁଲେଇଛି । ସଭିଙ୍କର ଲକ୍ଷ୍ୟ ଗୋଟାଏ-ବଞ୍ଚିରହିବା ।

ଡାକ୍ତରବାବୁଙ୍କ ଆଗରେ ଠିଆହୋଇ ଲତା ମାଗିଲା ଔଷଧ । ମା'କୁ ତା'ର ଚାରିଦିନ ହେଲା ଭୀଷଣ ଜ୍ୱର । ଡାକ୍ତରବାବୁ ଔଷଧ ସହିତ ବୋତଲରେ ଦୁଧ ଆଉ ଚିନି ଅଯାଚିତ ଭାବରେ ବଢ଼େଇଦେଲେ ଲତା ହାତରେ । ପଛକୁ ଡାକି ଡାକ୍ତରବାବୁ କହିଲେ, କାଲିଆସି ଅବସ୍ଥା ବିଷୟରେ ଖରବ ଦେବ ।

ଅମର ଘରେ ନାହିଁ । ଚାକିରି ଯୋଗାଡ଼ ଆଶାରେ ଆସିଛି କଟକ । ଲତା ସବୁଦିନ ଡାକ୍ତରଖାନା ଆସି ଅଯାଚିତ ଭାବରେ ଡାକ୍ତରଙ୍କ ଠାରୁ କେବେ ଜିନିଷ ନେଇଯାଆନ୍ତି । ମା'ର ଦେହ ବଳେଇଛି । ରାତ୍ରି ଦଶଟାରୁ ବେଶୀ ହେଲାଣି । ଲତା ବାହାରିଲା ଡାକ୍ତରଙ୍କ ପାଖକୁ । ରାସ୍ତାଟା ନିର୍ଜନ, ନିଷ୍ପନ୍ଦ, ଏତେ ରାତିରେ କିଏ ବା ଯିବ ତା' ସାଙ୍ଗେ । ଲତା ଏତେ ରାତିରେ କୁଆଡେ-ଲତା ଚମକି ପଡ଼ିଲା - ଡାକ୍ତରଖାନା ଯାଉଛି । ଆଜି କ'ଣ ଡାକ୍ତରବାବୁଙ୍କ ସଙ୍ଗରେ ରାତି ଅଭିସାର । ରାଗ ଓ ଉତ୍ତେଜନାରେ ଚିତ୍କାର କରି କହିଲା-ଚୁପ୍ ବଦମାସ ! ପରଦିନ ସକାଳୁ ଅମର ଫେରିଲା କ୍ୟାମ୍ପକୁ । ଦେଖିଲା ଦୁଆର ଖୁମ୍ବକୁ ଜାବୁଡ଼ିଧରି ପଡ଼ିଛି ଅନ୍ଧୁଣୀ ମା' । ମୁଣ୍ଡରେ ଦୁଇଧାର ରକ୍ତ, ଦେହରେ ଜୀବନ ନାହିଁ । ଭିଡ଼ ଭିତରେ ଲତା ନାହିଁ । ଛୁଆଟିଏ ଧାଇଁଆସି ଖବର ଦେଲା ଲତା କାଲି ରାତ୍ରିରୁ ଡାକ୍ତରଖାନା ଯାଇଛି, ଫେରିନାହିଁ । ତା'ପରେ ଅମରକୁ ଆଶ୍ରୟପ୍ରାର୍ଥୀ କ୍ୟାମ୍ପରେ ଆଉ କେହି ଦେଖିବାକୁ ଯାଇନାହାନ୍ତି ।

ଗାଳ୍ପିକା ନନ୍ଦିନୀ ଶତପଥୀଙ୍କ ଗଳ୍ପ ସଂକଳନ "କେତୋଟି କଥା"ରେ 'ଆଶ୍ରୟସ୍ଥଳୀ' ଗଳ୍ପଟିକୁ ସେ ପାଠକମାନଙ୍କର ନିକଟରେ ଉପସ୍ଥାପିତ କରିଅଛନ୍ତି । ବାସ୍ତବିକ ଏହି ଗଳ୍ପଟି ଗୋଟିଏ ହୃଦୟ ବିଦାରକ କାହାଣୀ ।

**(୧୭) ଉଦ୍‌ଘାଟନ :**

ଆଜିର ଦିନଟା ଆଉ ଶେଷ ନ ହୁଅନ୍ତାକି ? ସମୟ ଯେତେଯେତେ ନିକଟ ହୋଇଆସୁଛି ପୁନା ମନରେ ଏକ ପ୍ରକାରର ଉତ୍ସୁକ ଓ ଉତ୍ତେଜନା ସେମିତି ବଢ଼ିଚାଲିଛି । ଘର ଭିତରେ ଅତି ସାମାନ୍ୟ ଆସବାବ । ରାତି ଅଧରୁ ଉଠି ଭଙ୍ଗାମାଟିରେ ଅତି ଚିକ୍କଣ କରି ଘରଟାଯାକ ଲିପିପୋଛି ପକାଇଛି ସେ । ଧଳା ପିଠଉରେ ତା' ଉପରେ ଝୋଟି ଲେଖିଛି । ଘର ବୋଲି ତ ବଖରାଏ । ଏଇତକ ଛାଡ଼ିଦେଇଯାଇଥିଲା ସନିଆ ତା' ପାଇଁ । ମନ ଭିତରେ ଭାବନାର ଲହରୀ ଉଠିଲା ସନିଆର ବାହା ହେବାର ଚାରିଟା ବରଷ ରାତିର ସପନ ପରି ଚାହିଁ ଚାହିଁ କଟିଯାଇଥିଲା । ଅଭାବ

ତ ଥିଲା ବହୁତ । ସ୍ୱାମୀ ସନିଆର ମୁହଁରୁ କେବେ ହସ ଲିଭିଥିବାର ଦେଖିନାହିଁ ପୁନା । ସନିଆ ପରା ପାଞ୍ଚହାତ ମରଦଟା । ଭିତରେ ଭିତରେ କି ନିଉଛୁଣା ରୋଗ ହେଲାଯେ, ମାସ ତିନିଟାରେ ଖାଲି ରକ୍ତବାନ୍ତି କରି କରି ମରିଗଲା-ଲୋକଟା । ପଥ୍ୟ ଟିକିଏ ନାହିଁ, ଆଉ ଔଷଧ ପାଇଥାନ୍ତା କେଉଁଠୁ !

ନିଜର ସଞ୍ଚୟ କଥା ମନେପଡ଼ିଲା - ପୁନାର । ନିତି ତ ରୋଜଗାର ଦୁଇଟଙ୍କା - ପାଖରେ ତ କେତେଗୁଡ଼ାଏ ପଇସା ଅଛି । ପୁଣି ସେଦିନ କିଏ ଜଣେ ମାଇପି ଲୋକ ଆସି ଡାକଘରେ ତା' ନାଁରେ ଟଙ୍କା ଜମା କରାଇବାକୁ ତାକୁ ଡାକି ନେଇଥିଲା । ଆହା ! ସନିଆ ଆଜି ଯଦି ବଞ୍ଚିଥାନ୍ତା ! ଆଉ ଔଷଧ, ଡାକ୍ତରଖାନା ସବୁ ତ ଆମପାଇଁ ମାଗଣା । ସେଦିନ ସୁଲେଇର ବର ରଘୁଆକୁ କମ୍ପାନୀ ବଡ଼ଡାକ୍ତରଖାନାକୁ ପଠାଇଦେଲା ଏବଂ ତା'ର ରୋଗ ଭଲ ହୋଇ ଜୀବନ ଫେରି ପାଇଲା । ପୁନାର ବୁକୁ ଫଟାଇ ଗୋଟିଏ ଦୀର୍ଘ ନିଶ୍ୱାସ ବାହାରି ଆସିଲା ।

କିଲୋ - ତୋ ଦାଣ୍ଡରେ କ'ଣ ଆଜି ନୂଆ ଚିତା ? ବାବୁଙ୍କ ଡାକରେ ଚମକି ଠିଆହୋଇପଡ଼ିଲା ପୁନା । ତା' ପଛ ପଟରେ ଅନ୍ୟବାବୁମାନେ ଆସି ଠିଆହୋଇପଡ଼ିଲେ । ତା' ମନରୁ ଭାବି ପୁନା ଆଙ୍କିଛି ଗୋଟିଏ ବଡ଼ ବନ୍ଧ । ଗାଁ ଚାରିପାଖରେ ଗଢ଼ିଉଠିବ, କେତେ ଛୋଟବଡ଼ କାରଖାନା । ସାନପିଲାମାନେ ସଫାଜାମା ପିନ୍ଧି ସ୍କୁଲକୁ ପାଠ ପଢିବାକୁ ଯାଉଥିବେ । ପୁନା ମନର ରଙ୍ଗରେ ରଙ୍ଗେଇ ହୋଇଛି-ମାଟିର ବାରଣ୍ଡା । ବାବୁମାନେ କହିଲେ ପୁନା, ଘର ଆଗରେ ବଗିଚାଟିଏ କଲୁନାହିଁ ? ପୁନା କହିଲା, ଜାଗା ଥିଲେ କରିଥାନ୍ତି । ସତକୁସତ ସହରର ମଝିରେ ଅଙ୍କାଯାଇଛି ଗୋଟିଏ ବଡ଼ ଫୁଲ ବଗିଚା । ତା' ଭିତରେ ଦୋଳି, ଚକ୍ରି, ସିଡ଼ି ଏମିତି କେତେ ପିଲାଙ୍କ ଖେଳ ସରଞ୍ଜାମ । ବାବୁମାନଙ୍କ ମଧ୍ୟରୁ ଜଣେ କହିଲା-ଏ ତ ଏକ ଟାଉନ୍ ପ୍ଲାନିଂ ତିଆରି ହୋଇଯାଇଛି ।

ଶ୍ରମିକନେତା ସନ୍ତୋଷବାବୁ ସଙ୍ଗେ ସଙ୍ଗେ ଉତ୍ତର ଦେଲେ ଏମାନଙ୍କ ଭିତରେ ବଡ଼ ବଡ଼ ଇଂଜିନିୟର ଲୁଚି ରହିଛନ୍ତି । ଆମେ ବସିବା ପାଇଁ ଆସିନାହୁଁ, ଗୋଟିଏ କଥା ତୁମକୁ ସଙ୍ଗେ ସଙ୍ଗେ କହି ଚାଲିଯିବୁ । ପୁନା ଭାବିଲା, ବାବୁମାନେ ମୋ ପାଖକୁ କ'ଣ ପାଇଁ ଆସିଛନ୍ତି ! ପୁନାର ଭାବନାରେ ବାଧାଦେଇ ଆରମ୍ଭ କଲେ ବଡ଼ବାବୁ-ସେ ଜଳସେଚନ ଯୋଜନାର ପ୍ରଧାନ ଇଂଜିନିୟର - ତମେ ଜାଣିଚ ଆଜି ତା'ର ଉଦ୍‌ଘାଟନ ଉତ୍ସବ । ଏଥିପାଇଁ ପ୍ରଧାନମନ୍ତ୍ରୀ ନେହେରୁଙ୍କୁ ଡାକିଥିଲୁ । ପୁନା କହିଲା ସେ ଆସିବେନିକି ? ସନ୍ତୋଷବାବୁ କହିଲେ, ସେ ଆସିବେ ନିଶ୍ଚିତ । କିନ୍ତୁ - ତାଙ୍କର ଇଚ୍ଛା - ଯେଉଁମାନେ ବର୍ଷ ବର୍ଷ ଧରି ରକ୍ତକୁ ପାଣି ଫଟାଇ ଏ ଯୋଜନାକୁ ସଫଳ କରିଛନ୍ତି, ସେମାନଙ୍କ ଭିତରୁ କେହି ଜଣେ ଏହାକୁ ଉଦ୍‌ଘାଟନ କରୁ । ତୁମେ ତ ମୂଳରୁ ଏତେ କାମ କରି ଆସିଛ । ତୁମେ ହିଁ ଆଜି ଉଦ୍‌ଘାଟନ କର ।





ଆଜି ସାଂପ୍ରଦାୟିକ, ଫାସିଷ୍ଟ ଶକ୍ତିଙ୍କ ବିରୁଦ୍ଧରେ ମାନବ ବନ୍ଧନ ହୋଇଛି । ହାଇଦର କହିଲା, ଚାଲ ଚାଲ ମାନବ ବନ୍ଧନକୁ ଯିବା । ବିଶ୍ୱ ମାନବତାର ଐକ୍ୟର ପ୍ରତୀକତାରେ ଜାତୀୟ ସମନ୍ୱୟ କମିଟିର ଡାକରେ ସାରା ଦେଶରେ ମାନବ ବନ୍ଧନ ଚାଲିଛି । ସେଥିରେ ମୋର କ'ଣ ଗଲା ? ସୁରଂଜନ ପଚାରିଲା । ତୁମର ମାନେ ? ତୁମର କିଛି ନାହିଁ । ସୁରଂଜନ ଶାନ୍ତ, ସ୍ଥିର । କହିଲା, ନା । ହାଇଦର ଏତେ ବିସ୍ମିତ ହୋଇଗଲା ଯେ, ସେ ଠିଆ ହୋଇଥିଲା, ବସିପଡ଼ିଲା ।

ବାହାଦୂରଶାହା ପାର୍କ ଠାରୁ ଜାତୀୟ ସଂସଦ ଭବନ ପର୍ଯ୍ୟନ୍ତ ମାନବ ବନ୍ଧନର ରୁଟ୍ । ସକାଳ ଏଗାରଟାରୁ ଦିନ ଗୋଟାଏ ପର୍ଯ୍ୟନ୍ତ ଏହି ରୁଟ୍‌ରେ ଯାନବାହନ ବନ୍ଦ । ସାଂପ୍ରଦାୟିକ ସଂପ୍ରୀତି ବଜାୟ ରଖିବା ପାଇଁ ସବୁ ମହଲାରେ ଧର୍ମ, ବର୍ଣ୍ଣ, ନିର୍ବିଶେଷରେ ଶାନ୍ତି ବ୍ରିଗେଡ୍ ଗଢ଼ିବାକୁ ହେବ । ଏହାଫଳରେ କ'ଣ ହିନ୍ଦୁମାନେ ଅର୍ଥାତ୍ ଆମ୍ଭେମାନେ କ'ଣ ରକ୍ଷା ପାଇବୁ ? ମାନେ ପ୍ରାଣରେ ବଞ୍ଚିଯିବୁ ?

ହାଇଦର ସୁରଂଜନର ଅନେକ ଦିନର ବନ୍ଧୁ । ଗୋଟିଏ ବିଶ୍ୱାସର ମଣିଷ ସେମାନେ । ହାଇଦରର ଭଉଣୀ ନାଁ ପରଭିନ୍ । ପରଭିନ୍ ଉପରେ ଯେତେବେଳେ ସୁରଂଜନକୁ ତ୍ୟାଗ କରିବା ପାଇଁ ପରିବାର ପକ୍ଷରୁ ବାଧା ଆସିଥିଲା, ସେତେବେଳେ ହାଇଦର କେଉଁ ପକ୍ଷରେ ଥିଲା ଏବେବି ସୁରଂଜନକୁ ଜଣା ନାହିଁ । ସୁରଂଜନ ଶୁଣିଛି, ପରଭିନ୍ ସାଙ୍ଗରେ ତାହାର ସମ୍ପର୍କ ବିଷୟରେ ହାଇଦର ସବୁବେଳେ ନୀରବ ରହୁଥିଲା । ନୀରବ ରହିବାଟା ସୁରଂଜନକୁ ସେତେବେଳେ ଜମା ଭଲ ଲାଗୁନଥିଲା ।

ଅନେକ ସମୟର ନୀରବ ପରେ ହାଇଦର କହିଲା - ପରଭିନ୍ ବୋଧହୁଏ ତାହାର ହଜ୍‌ବ୍ୟାଣ୍ଡକୁ ଡିଭୋର୍ସ କରିବ । ଆଜକୁ ପାଞ୍ଚବର୍ଷ ହେଲା ସୁରଂଜନ ପରଭିନ୍‌କୁ ଦେଖିନାହିଁ । ଇଚ୍ଛା କରି ରତ୍ନାର ମୁହଁଟା ମନେ ପକାଇଲା । ରତ୍ନା ମିତ୍ର । ଚମତ୍କାର ଝିଅଟିଏ । ସୁରଂଜନ ସାଙ୍ଗରେ ଭଲ ବି ମାନିବ । ଗୋରା ମୁହଁ, କପାଳରେ ସିନ୍ଦୁରଟୋପା, ସାଧା ସୂତାରେ ସିନ୍ଦୁର, ପ୍ରତିମା ଭଳିଆ ଦିଶିବ ନିଶ୍ଚୟ ।

କିରଣମୟୀ ନିଜେ ଯାଇ ମାୟାକୁ ନେଇ ଆସିଛନ୍ତି । ଆସୁ ଆସୁ ମାୟା ବାପାଙ୍କ ଉପରେ ପଡ଼ି ହାଉ ହାଉ ହୋଇ କାନ୍ଦି ଉଠିଲା । ଲୁହ ଗଡ଼ାଇ ଜଗତରେ କିଛି ହୁଏ ନାହିଁ । ତା' ଅପେକ୍ଷା ଟଙ୍କା ଯୋଗାଡ଼ କରି ଅସୁସ୍ଥ ଲୋକଟେ ପାଇଁ ଖାଦ୍ୟ ଓ ଫଳମୂଳ, ଔଷଧ ସହ ନିୟମିତ ଡାକ୍ତର ଦେଖାଇବା ଉଚିତ ।

ଡାକ୍ତର ସୁଧାମୟ ଦତଙ୍କ ଷ୍ଟ୍ରୋକ୍ ହୋଇଛି । ତାଙ୍କର ସ୍ତ୍ରୀ ଓ କନ୍ୟା ଆପାତତଃ ତାଙ୍କୁ ନେଇ

ସୁରଂଜନ ପୁଣି ପ୍ରଶ୍ନ କଲା, ସଂସଦର କି ଅଧିକାର ଅଛି ଗଣ ପ୍ରଜାତନ୍ତ୍ରୀ ବାଂଲାଦେଶରେ ସମ୍ବିଧାନ ବର୍ଣ୍ଣିତ ଅନ୍ୟତମ ମୂଳନୀତି ଧର୍ମନିରପେକ୍ଷତାର ନୀତି ପରିବର୍ତନ କରିବା ? ହାଇଦର ମନଦେଇ ସବୁ କଥାଗୁଡ଼ିକ ଶୁଣିଲା, କହିଲା - ନା, ନିଶ୍ଚିତ ନୁହେଁ ।

ସୁରଂଜନ ପୁଣି ପ୍ରଶ୍ନ କଲା, ଦେଶର ସାର୍ବଭୌମତ୍ୱ ସବୁ ମଣିଷଙ୍କ ପାଇଁ ସମାନ ଅଧିକାର ଉପରେ ଭିତିକରି ପ୍ରତିଷ୍ଠିତ ହୋଇଅଛି । ସେହି ଭିତିଗୁଡ଼ିକ ମୂଳରେ ସମ୍ବିଧାନ ସଂଶୋଧନ ନାମରେ କ'ଣ କୁଠାରଘାତ କରାଯାଉନି ।

ଏଇଥର ହାଇଦର ସୁରଂଜନ ଆଡ଼କୁ ଚାହିଁଲା । ସୁରଂଜନ ଥଟ୍ଟା କରୁଛି ନା ସିରିୟସଲି କହୁଅଛି । ପୁଣି ସୁରଂଜନ ପ୍ରଶ୍ନ କଲା, ଇସ୍‌ଲାମକୁ ରାଷ୍ଟ୍ରୀୟ ଧର୍ମ ବୋଲି ଘୋଷଣା କରିବା ଦ୍ୱାରା ଅନ୍ୟ ଧର୍ମାବଲମ୍ବୀ ଲୋକମାନଙ୍କୁ ରାଷ୍ଟ୍ରୀୟ ଆନୁକୂଲ୍ୟ ବା ସ୍ୱୀକୃତିରୁ ବଞ୍ଚତ କରାଯାଉନାହିଁକି ?

ସୁରଂଜନ ତା' ସିଗାରେଟ୍‌ର ଶେଷ ଅଂଶଟିକୁ ଆଷ୍ଟ୍ରେରେ ପକାଇ କହିଲା, ବ୍ରିଟିଶ୍ ଭାରତରେ ଭାରତବର୍ଷ ଠାରୁ ଅଲଗା କରି ଅଲଗା ଗୋଟିଏ ରାଷ୍ଟ୍ର ସୃଷ୍ଟି କରିବା ଯୋଗୁଁ ଏ ଯେଉଁ ଦୁଇ ଜାତିତତ୍ତ୍ୱର ଜଟିଳ ଆବର୍ତ ପ୍ରବର୍ତିତ ହେଲା, ସେଥିରେ ପୁଣି ବଙ୍ଗଳାଦେଶରେ ଜଡ଼ିତ କରିବାର ଏ ଅପଚେଷ୍ଟା କାହାର ସ୍ୱାର୍ଥରେ ହେଉଛି ? ବାବ୍ରୀ ମସ୍‌ଜିଦ୍ ଘଟଣାରେ ଭାରତରେ ମୃତମାନଙ୍କର ସଂଖ୍ୟା ଚାରିଶହରୁ ଅଧିକ ହେଲାଣି । ପୁଲିସ ଆଠଜଣ ମୌଳବାଦୀ ନେତାଙ୍କୁ ଗିରଫ କରିଛନ୍ତି । ଏମାନଙ୍କ ମଧ୍ୟରେ ବିଜେପି ସଭାପତି ପ୍ରଫେସର ଡକ୍ଟର ମୂରଲୀ ମନୋହର ଯୋଶୀ, ଲୋକସଭାର ବିରୋଧୀଦଳ ନେତା ଲାଲକୃଷ୍ଣ ଆଡଭାନୀ ମଧ୍ୟ ଅଛନ୍ତି । ବାବ୍ରୀ ମସ୍‌ଜିଦ ଧ୍ୱଂସର ପ୍ରତିବାଦରେ ଭାରତ ସାରା ବନ୍ଦ ପାଳନ ହେଉଛି । ବମ୍ବେ, ରାଞ୍ଚ, କର୍ଣ୍ଣାଟକ ଓ ମହାରାଷ୍ଟ୍ରରେ ଦଙ୍ଗା ଚାଲିଛି । ମଣିଷ ମରୁଛନ୍ତି । ଏ ଦେଶରେ ସାଂପ୍ରଦାୟିକ ଦଳଟି ମୁହଁରେ କହୁଛନ୍ତି - ବାବ୍ରୀ ମସ୍‌ଜିଦ୍ ଧ୍ୱଂସ ପାଇଁ ଭାରତ ସରକାର ଦାୟୀ । ଭାରତ ସରକାରଙ୍କର

ଏହି ଦୋଷ ପାଇଁ ବଙ୍ଗଳାଦେଶର ହିନ୍ଦୁମାନେ ଦାୟୀ ନୁହନ୍ତି । ବଙ୍ଗଳାଦେଶର ହିନ୍ଦୁ ଓ ମନ୍ଦିର ଭିତରେ ଆମର କୌଣସି କ୍ଷୋଭ ନାହିଁ । ସାଂପ୍ରଦାୟିକ ଦଳର ଏହି ବକ୍ତବ୍ୟ ଟେଲିଭିଜନ ଓ ସମ୍ବାଦପତ୍ରରେ ପ୍ରଚାରିତ ହେଉଛି । ଷଡ଼ଯନ୍ତ୍ର ହେଉଛି, ସୁରଂଜନ ତାହା ଅନୁମାନ କରିପାରୁଛି । ସାରା ଉପମହାଦେଶରେ ଧର୍ମ ନାମରେ ଯେଉଁ ଦଙ୍ଗା ଆରମ୍ଭ ହୋଇଛି; ସଂଖ୍ୟାଲଘୁମାନଙ୍କ ମଧ୍ୟରେ ଯେଉଁ ନୃଶଂସ ନିର୍ଯ୍ୟାତନା ସୁରଂଜନ ନିଜେ ସଂଖ୍ୟାଲଘୁ ହୋଇ ସେହି ନରସଂହାରର ଭୟାବହତା ବୁଝିପାରିଛି ।



ସାରସ୍ୱତସାଧିକା ନନ୍ଦିନୀ ଶତପଥୀ

ପୁନା ସତେକି ଆକାଶରୁ ଖସି ପଡ଼ିଲା । ଉଦ୍‌ଘାଟନ ସେ ଯେତେ ଦେଖିଛି- ମନ୍ତ୍ରୀ ଓ ବଡ଼ ଅଫିସରଙ୍କ କାମ ସବୁ । ଏହାପରେ ପଣ୍ଡିତ ନେହେରୁଙ୍କ ସାଙ୍ଗରେ ପୁନା ଠିଆହେଲା ଏବଂ ଥରି ଥରି ଉଦ୍‌ଘାଟନ କଲା - ଏବଂ ଥରି ଥରି ପୁନା ଭୂମିରେ ମୁଣ୍ଡ ନୁଆଇଁଲା ।

ଗାଳ୍ପିକା ନନ୍ଦିନୀ ଶତପଥୀଙ୍କର ଏହି 'ଉଦ୍‌ଘାଟନ' ଗଳ୍ପ ବେଶ୍ ହୃଦୟସ୍ପର୍ଶୀ ।

**(୧୮) ବାବୁଲି :**

ବାବୁଲି ଭାରି ଚାଲାଖ । ପିଲା ବୋଲି ବକଟେ । କିନ୍ତୁ ସାତଟା ବଡ଼ ମଣିଷର । ବହୁତ ଗୀତ ଶିଖିଛି, କେତେ ପୁଣି ଇଂରାଜୀ ଶବ୍ଦ ମନେ ରଖିଛି । ଦୁନିଆଁଯାକର ଖବର ତାକୁ ଜଣା । ସାଇପଡ଼ିଶା ଓ ବନ୍ଧୁବାନ୍ଧବ ସଭିଙ୍କର ମୁହଁରୁ ବାବୁଲିର ପ୍ରଶଂସା । ରବିବାବୁଙ୍କ ଖୁଡ଼ିଲେଖା ହେବ - ମଦନା ବୋହୂ - ଗଲାସନ ଦଶହରା ଦେଖିବା ପାଇଁ ଆସିଥିଲା - କଟକ । ବାବୁଲିକୁ ପଚାରିଥିଲା - ବାପା, ପାଠ ପଢ଼ିଲୁଣି ? ଗମ୍ଭୀର ହୋଇ ବାବୁଲି ଜବାବ୍ ଦେଲା-ଅନେକ । ଚଉତିଶା ଶିଖିଛୁ ? ବାବୁଲି ଚୁପ୍ ହୋଇ ବସିଲା । ମା' ଅନିମା ପୁଅ ମୁହଁକୁ ଚାହିଁ ହସିଲେ । ଅନିମା କହିଲା - ନାହିଁ ଖୁଡ଼ି, ସେହି ପୁରୁଣାକାଳିଆ ଗୀତଗୁଡ଼ାକୁ ସେ ଶିଖିନାହିଁ । ଇଂରାଜୀ ଗୀତ ସେ ଜାଣେ । ବାବୁଲି ବୋଲିଲା - ଡିଙ୍ଗ ଡଙ୍ଗ ବେଲ, ପୁଷି ଇନ୍ ଦ ୱେଲ । ବୁଢ଼ୀ କ'ଣ ବୁଝିଲେ ଗୀତରୁ କହିଲେ ବାଃ - ପୁଅ ତ ଏଇଦିନୁ ଏତେ ବିଲାତି ପାଠ ଶିଖିଲାଣି, ଷଠି ଖାଲି ତାକୁ ଆୟୁଷ ଦେଇଥାଉ । ପୁତ୍ର ଗରବିଣୀ ଅନିମା ହସିଲେ ।

ରବିବାବୁ ଆଉ ଅନିମାଙ୍କର ଭିତରେ ବିଚାର ଚାଲେ - ପୁଅ 'ବାବୁଲି' କ'ଣ ହେବ । ଅନିମା କୁହନ୍ତି- ସେ ବଡ଼ ହେଲେ ବୈଜ୍ଞାନିକ ହେବ । ଆଇନଷ୍ଟାଇନଙ୍କ ଭଳି । ମୁଁ ତ ପାଠ ପଢ଼ିପାରିଲି ନାହିଁ । ଆଇ.ଏସ୍‌ସି ପରେ ବାପା ମୋର ବାହାଘର କରାଇଦେଲେ ସିନା ! ମୋ ପୁଅକୁ କିନ୍ତୁ ନିଶ୍ଚିତ ସାଇଣ୍ଟିଷ୍ଟ୍ କରିବି । ରବିବାବୁ ହସନ୍ତି-କୁହନ୍ତି-ଜାଣ ସେ ମୋ ପୁଅ । ମୋର ଇଚ୍ଛା ସେ ଲେଖକ ହେବ - ଠିକ୍ ବର୍ଣ୍ଣାଡ ଶ'ଙ୍କ ଭଳି । ଆଜିଠୁ ତା'ର ଚମତ୍କାର ଭାଷା ତୁମେ ଲକ୍ଷ୍ୟ କରିପାରୁନ !

ଅନିମା ପାଟିକରି ଉଠନ୍ତି - ରଖ ତୁମର ସେ କିରାଣୀ ବୁଦ୍ଧି । ଲେଖକ ହୋଇ ପେଟକୁ କ'ଣ ସେ ଧୋବାଘରେ ପକେଇବ ! ଆପେ ତ ଗଧଭଳି ଖଟି ଖଟି ଘର ଚଳେଇପାରୁନାହାନ୍ତି । ପୁଣି ପୁଅକୁ ବି ଦରିଦ୍ର କରିବାକୁ ଇଚ୍ଛା । ରବିବାବୁ ତୁନି ପଡ଼ନ୍ତି । ତାଙ୍କର ଆତ୍ମାଭିମାନରେ ଆଘାତ ଲାଗେ । ସେ କିରାଣୀ ସତ, କିନ୍ତୁ ବାବୁଲିକୁ ସେ କ'ଣ କିରାଣୀର ପଅ ଭଳି ରଖିଛନ୍ତି ! କାହିଁକି ଅନିମା ବାରମ୍ବାର ଏହି କଥା କହି ତାଙ୍କୁ କଷ୍ଟ ଦିଏ । ମୁହଁ ଭାରିକରି ସେ ଉଠିଯାଆନ୍ତି । ଆଲୋଚନା

ଛାଏଁ ବନ୍ଦ ହୋଇଯାଏ । ବାବୁଲିର ଭବିଷ୍ୟତ ଆଉ ନିର୍ଦ୍ଧାରିତ ହୋଇପାରେନାହିଁ ।

ପିଲାମାନଙ୍କ ସାଙ୍ଗରେ ନ ଖେଳିବାକୁ ବାବୁଲିକୁ ତା'ର ମା' ଅନିମାଦେବୀ ସଦାସର୍ବଦା ବାରଣ କରିଥାନ୍ତି । ଏଡ଼େ ଦାମୀ ପୋଷାକ ପିନ୍ଧି କ'ଣ ଧୂଳିରେ ଖେଳନ୍ତି ? ପିଲାମାନଙ୍କ ଆଡ଼କୁ ବାବୁଲି ଚାହିଁଥାଏ । ସେମାନେ ଧୂଳିରେ ଗଡୁଥାନ୍ତି । ଶଗଡ଼ ଉପରେ ଝୁଲୁଛନ୍ତି । ସେ ଯଦି ଟିକିଏ ଯାଇପାରନ୍ତା ! ଖାଇଲାବେଳକୁ ବାବୁଲି ବୋଉକୁ କୁହେ, ମୋ ପାଇଁ ଖଣ୍ଡେ କଳା ପ୍ୟାଣ୍ଟ କିଣିଦେ, ଯେମିତି ବିପନର ଅଛି । ମୁଁ ତାହାକୁ ପିନ୍ଧି ଖେଳିବାକୁ ଯିବି । ଅନିମା କହିଲା – ସେମାନେ ଗରିବ ପିଲା, ଭଦ୍ରଘରର ପିଲାମାନେ କ'ଣ ସେମିତି ରହନ୍ତି ! ସାଙ୍ଗେ ସାଙ୍ଗେ ବାବୁଲି ପଚାରିଲା – ଆମେ କାହିଁକି ଭଦ୍ର ହେଲେ ବୋଉ ? ବୋଉ କହିଲେ – ପାଠ ପଢ଼ିଲେ ଧନୀ ହୁଅନ୍ତି ଓ ଭଦ୍ର ହୁଅନ୍ତି । କିଛିଦିନ ପରେ ଅନିମା ଦେଖିଲେ ବାବୁଲି, ପାଠ ପଢ଼ିବାକୁ ମନ ଦେଉନି । ଗୀତ ମଧ୍ୟ ଗାଉନାହିଁ । ଖାଲି ଦାଣ୍ଡ ପିଣ୍ଡାରେ ଠିଆହୋଇ ସେ ଖେଳପିଲାମାନଙ୍କୁ ଦେଖୁଅଛି । ଅନିମା ଏସବୁ ରବିବାବୁଙ୍କ ଆଗରେ ଏକଥା କହିଲେ । ଏହି ସମୟରେ ବାବୁଲି ଆଡ଼ିଘର ଭିତରକୁ ଆସିଲା ଓ ସେ ତା'ର ନୂଆଜାମା ବିପିନକୁ ପିନ୍ଧାଇ ତା'ର ଜାମା ପିନ୍ଧି ଖେଳୁଥିଲା ଓ ତା'ର ନୂଆଜାମା ଆଣି ବୋଉକୁ ଦେଖାଇଲା ।

ଦୌଡ଼ି ଦୌଡ଼ି ବାବୁଲି ଚାଲିଗଲା – ଦାଣ୍ଡକୁ । ଅନିମାର ରୋଷଦୀପ୍ତ ଚକ୍ଷୁଆଡ଼େ ଚାହିଁ ଟିକିଏ ହସିଲେ, ରବିବାବୁ ।

ଗାଳ୍ପିକା ନନ୍ଦିନୀ ଶତପଥୀଙ୍କ ଗଳ୍ପ ସଂକଳନ "କେତୋଟି କଥା"ରେ 'ବାବୁଲି' ଏକ କ୍ଷୁଦ୍ରଗଳ୍ପ ଅଟେ ।

**(୧୯) ସ୍ମୃତିସଭା :**

ସଭାଗୃହ ଭିତରକୁ ପଶିଆସି ସବୁରି ଅଲକ୍ଷ୍ୟରେ ବିଶ୍ୱଜିତ୍ ବାବୁ ଆପଣା ଜାଗାଟି କରିଦେଲେ – ଗୋଟିଏ କୋଣରେ । ଓଡ଼ିଶାର ଅନ୍ୟତମ ଶ୍ରେଷ୍ଠ କଳାକାର ଶର୍ମାଙ୍କର ଆଜି ଶ୍ରାଦ୍ଧଦିବସ । ବିଶ୍ୱଜିତ୍‌ଙ୍କ ସହ ଶର୍ମାଙ୍କ ପରିଚୟ ବହୁକାଳରୁ । ଅବସ୍ଥାଚକ୍ରରେ ପଡ଼ି ବିଶ୍ୱଜିତ ନିଜ କଳା ବିନିମୟରେ ଜୀବିକା ଅର୍ଜନ କରିବାର ପନ୍ଥା ଖୋଜିନେଇଛନ୍ତି । କିନ୍ତୁ ଶର୍ମାଙ୍କର ଏଇଥିରେ ଥିଲା ଅହମିକା ।

ରୋଗଶଯ୍ୟାରେ ପଡ଼ି ଶର୍ମା କହୁଥିଲେ – ବୁଝିଲେ ବିଶ୍ୱଜିତବାବୁ, ମୋତେ ମାରିଲେ ପଛେ ସହିବି, କିନ୍ତୁ କଳାକୁ ନେଇ ବ୍ୟବସାୟ କରିବା କଥା ମୋତେ କହିବନି । ବିଶ୍ୱଜିତ ସେହିଦିନ ତୁନି ହୋଇ ରହିଲେ । ଶର୍ମା ଭାରି ଏକବାଗିଆ । ନଖାଇ ଉପାସରେ ଦିନ ଦିନ ପଡ଼ିରହିବେ କିନ୍ତୁ କାହାକୁ କହିବେନି । ଛବି କରି କାହାକୁ ଦେଖାଇବେ/ଦେଇଥିଲେ ତା'ଠାରୁ ପାରିଶ୍ରମିକ ନନେଇ





ସୁରଂଜନ ଯାଇ ଡାକ୍ତର ହରିପଦଙ୍କ ଘରେ ପହଂଚିଲା । ଘରେ ଡାକ୍ତର ନଥିଲେ । କବାଟରେ ତାଲା ଲାଗିଛି । ଦୁଇଟା ଘର ଛାଡ଼ି ଡାକ୍ତର ସାମାତ୍‌ଙ୍କ ଘର । ସେ ଦୟାକରି ଆସିଲେ ଆଉ ଦେଖିଲେ । ସୁଧାମୟଙ୍କ ବ୍ଲଡ୍‌ପ୍ରେସର ଠିକ୍ ଅଛି । ବିଛଣାରେ ବେଡ୍‌ପ୍ୟାନ୍ ବ୍ୟବହାର କରିବାକୁ ହେବ ।

ଏଇକ୍ଷଣି କ'ଣ ଆବଶ୍ୟକ । ଏ ଘରଟା ହିନ୍ଦୁର ନା ଏ ଘରେ ଜଣେ ଅସୁସ୍ଥ ମଣିଷ ଅଛି । ହିନ୍ଦୁଘର ହେଲେ ଯେକୌଣସି ସମୟରେ ଆକ୍ରମଣର ଭୟ ଅଛି । ଆପାତତଃ ଆକ୍ରମଣର ଭୟରୁ ସେ ଉଦ୍ଧାର ପାଉନାହିଁ । ଏଥର କମାଲ ଆସିନାହିଁ । ଖୋଜଖବର ନେବାପାଇଁ, କାହା ଘରେ ରହିଯିବାର ପ୍ରଶ୍ନ ଉଠୁନାହିଁ ।

ସୁରଂଜନ ଦିନକୁ ଦିନ ବଡ଼ ଏକା ହୋଇଯାଉଛି । ସୁରଂଜନ ମନଇଚ୍ଛା ବୁଲୁଥିଲା । ସଂସାର ବୁଦ୍ଧି ହୋଇନାହିଁ । ସୁରଂଜନର ଗ୍ଲାନି ହେଉଛି ନିଜ ପ୍ରତି ଗ୍ଲାନି । ମାୟାଟା ବି କ'ଣ ? ଏ ପର୍ଯ୍ୟନ୍ତ ସେ ଜାଣିନାହିଁ ବାପାଙ୍କର ଦେହ ଖରାପ ଅଛି । ସୁରଂଜନର ଆଶଙ୍କା ମାୟା ବଂଚିବାର ପ୍ରଚଣ୍ଡ ଲୋଭରେ ଫିରୋଜ ବେଗମ୍ ଜାତୀୟ କିଛି ଗୋଟେ ହେଇଯିବ ।

## (ତିନି)

ସୁରଂଜନ ଘରକୁ ହାଇଦର ଆସିଛି । ସେ କେମିତି ଅଛି ସେ କଥା ଜାଣିବାକୁ ନୁହେଁ, ଖାଲି ଆଡ଼ା ମାରିବାକୁ । ହାଇଦର ଆୱାମୀ ଲିଗ୍ ଲୋକ । ଟିକିଏ ସମୟ ପାଇଲେ ହାଇଦର ରାଜନୀତି କଥା ଗପେ । ରାଷ୍ଟ୍ରଧର୍ମ ଇସଲାମ୍ ବିଷୟରେ ସେ ଗୋଟିଏ ଲମ୍ବା ବକ୍ତୃତା ଦେଲା । ସୁରଂଜନ ତା' ବିଛଣାରେ ଅଧାଶୁଆ ହୋଇ ପ୍ରଶ୍ନ କଲା, ଆଚ୍ଛା ହାଇଦର ତୁମ ରାଷ୍ଟ୍ର ବା ସଂସଦର କ'ଣ ଅଧିକାର ଅଛି ବିଭିନ୍ନ ଧର୍ମର ମଣିଷଙ୍କ ମଧ୍ୟରେ ବିଭେଦ ସୃଷ୍ଟି କରିବାରେ ? ହାଇଦର ହସି କହିଲା – 'ତୁମର ରାଷ୍ଟ୍ର ମାନେ' – ଏ କ'ଣ ତୁମର ନୁହେଁ ?

ସୁରଂଜନ ଓଠ ଚିପି ହସିଲା । କହିଲା, ମୁଁ ତୁମକୁ ଯେଉଁ ପ୍ରଶ୍ନ ପଚାରୁଛି, ତାହାର ଜବାବ୍ ମୁଁ ତୁମଠାରୁ ଚାହୁଁଛି । ହାଇଦର ଉତ୍ତର ଦେଲା – ବିଭିନ୍ନ ଧର୍ମର ମଣିଷଙ୍କ ମଧ୍ୟରେ ବିଭେଦ ସୃଷ୍ଟି କରିବା ରାଷ୍ଟ୍ରର କୌଣସି ଅଧିକାର ନାହିଁ । ସୁରଂଜନ ସିଗାରେଟରେ ଲମ୍ବା ଟାଣ ମାରି ପୁଣି କହିଲା – ରାଷ୍ଟ୍ର ବା ସଂସଦର କି ଅଧିକାର ଅଛି, କୌଣସି ଧର୍ମକୁ ଅନ୍ୟଧର୍ମ ଅପେକ୍ଷା ପ୍ରାଧାନ୍ୟ ବା ବିଶେଷ ଆନୁକୂଲ୍ୟ ଦେଖାଇବା ପାଇଁ ?

ହାଇଦର ସାଙ୍ଗେ ସାଙ୍ଗେ ଉତର ଦେଲା – ନା ।

କାନ୍ଦି କାନ୍ଦି କିରଣମୟୀ କହିଲେ, ତୋ ବାପାଙ୍କ ଡାହାଣ ହାତଗୋଡ଼ ଅବଶ ହୋଇଯାଉଛି । ପାଟି ବି ଖନି ମାରୁଛି ।

ସାଙ୍ଗେ ସାଙ୍ଗେ ସୁଧାମୟଙ୍କ ଆଡ଼କୁ ସୁରଂଜନ ଆଖି ଫେରାଇଲା । ସେ ଶୋଇଛନ୍ତି । ଅସ୍ଥିର ଶରୀର । କଥା କହୁଛନ୍ତି କିନ୍ତୁ ତାହା ବୁଝାପଡୁନାହିଁ ।

ସୁରଂଜନ ସୁଧାମୟଙ୍କ ପାଖରେ ବସି ଡାହାଣ ହାତଟି ଧରି ବୁଝିପାରିଲା - ଯେ ତାଙ୍କ ହାତରେ କୌଣସି ଚେତନା ନାହିଁ କି ଶକ୍ତି ନାହିଁ । ଏଇକ୍ଷଣି ଡାକ୍ତର ଡାକିଲେ ସେ କହିବେ ଏବେ ଖାଲି ଶୋଇ ରହିବା ଦରକାର ଏବଂ ଫିଜିଓଥୋରାପି ଦେବାକୁ ହେବ । ବ୍ଲଡ଼ପ୍ରେସର ଦେଖି ପ୍ରେସର କମାଇବା ପାଇଁ ନିୟମିତ ଔଷଧ ଦିଅନ୍ତି । କିନ୍ତୁ ଅବଶ ହାତଗୋଡ଼ ଗୁଡ଼ାକ ଜଲ୍‌ଦି ଭଲ କରିଦେବାକୁ କୌଣସି ଔଷଧ ନାହିଁ ।

ସୁରଂଜନ ବଡ଼ ପୁଅ । ତା'ରି ଉପରେ ହିଁ ସମସ୍ତ ଦାୟିତ୍ୱ ପଡ଼ିବ । ସୁରଂଜନର କୌଣସି ଚାକିରି ସ୍ଥାୟୀ ହୋଇନି । ସୁଧାମୟଙ୍କ ପେନ୍‌ସନ୍ ଟଙ୍କା ଏବଂ ଘରେ ଯେଉଁ ରୋଗୀ ଦେଖା ହେଉଛି, ସେହି ପଇସାରେ ଘର ଚଳୁଛି ।

ସୁଧାମୟଙ୍କ ଅସୁସ୍ଥତା ପରେ ସୁରଂଜନ ଅନୁଭବ କଲା ଯେ, ସେ ତାହାର ସମ୍ପର୍କୀୟ କେହି । ତାଙ୍କରି ପାଇଁ ସୁରଂଜନର ଭାରି ମାୟା ହୁଏ । ସୁରଂଜନ ଏଇକ୍ଷଣି ହରିପଦ ଡାକ୍ତରଙ୍କୁ ଡାକିବାକୁ ଯିବ, ତାଙ୍କ ଘର ରାସ୍ତାର ଶେଷ ଆଡ଼କୁ । ସେ କ'ଣ ଆସିବେ ଘରକୁ ।

ସୁରଂଜନ ପଚାରିଲେ ମା'ଙ୍କୁ ମାୟା ଫେରିନି । ମା' କହିଲେ ନା... ସେ ତାର ସାଙ୍ଗ ପାରୁଲ ଘରକୁ ଯାଇଛି । ଯେଉଁମାନେ ଘରକୁ ଲୁଟ୍ କରିବା ପାଇଁ ଆସିବେ, ସେମାନେ ମାୟାକୁ ମଧ୍ୟ ଲୁଟ୍ କରିଦେଇ ନେଇଯାଇପାରନ୍ତି । ଝିଅମାନେ ତ ସମ୍ପଦ ଭଳି ।

କିରଣମୟୀ ସୁରଂଜନ ଆଡ଼କୁ ଆବାକ ଦୃଷ୍ଟିରେ ଚାହିଁରହିଛି । ତାଙ୍କୁ ସୁରଂଜନ ଭାଷା ଆଚରଣ ସବୁ ଅଦ୍‌ଭୁତ ଭଳି ଲାଗୁଅଛି । ତା'ର ବାପା ଅସୁସ୍ଥ । ପାରାଲିସିସ୍ ହୋଇଯାଇଛି । ଆଉ ସେତିକିବେଳେ ମାୟା କାହିଁକି ମୁସଲମାନମାନଙ୍କ ଘରକୁ ଗଲା, ଏଥିପାଇଁ ସୁରଂଜନ ରାଗୁଅଛି । କିରଣମୟୀ କହିଲେ ମୁଁ ଡାକ୍ତର ଡାକିବା ପାଇଁ ଯାଉଛି ।

ସୁରଂଜନ କହିଲା- ବସ, ମୁଁ ଯାଉଛି ଡାକ୍ତରଙ୍କୁ ଡାକିବା ପାଇଁ । ଦୁଇଟା ଟୋକାର ଧମକରେ ମାତ୍ର ଦୁଇଲକ୍ଷର ଘରଟାକୁ ବିକ୍ରି କରିଦେଲ । ଆଉ ଝିଅ ଯାଉଛି - ମୁସଲମାନମାନଙ୍କୁ ବାହା ହେବାକୁ ।





ବି ଉପହାର ସୁଧା ଗ୍ରହଣ କରିବେନି । ଏମିତି ଅବସ୍ଥାରେ ସେ ବହୁଦିନ ଅନାହାରରେ କଟାଇଛନ୍ତି । ବହୁଥର ଅଦେଖା ଅଶୁଣା ହୋଇ ରୋଗ ଶେଯରେ ପଡ଼ି ରହିବାକୁ ହେଉଛି । ତଥାପି ସେ କାହା ନିକଟରେ କୃପାପ୍ରାର୍ଥୀ ହୋଇନାହାନ୍ତି ।

ବିଶ୍ୱଜିତ୍ ପୁଣିଥରେ ସହାସରେ କହିଲେ, ବୁଝିଲେ ଶର୍ମା, ଦୁସ୍ଥ ଶିଳ୍ପୀ ଓ କଳାକାରମାନଙ୍କ ପାଇଁ ସରକାର ଭତା ବ୍ୟବସ୍ଥା କରିଅଛନ୍ତି । ତୁମେ ଖଣ୍ଡିଏ ଦରଖାସ୍ତ କର । ମୁଁ ମନ୍ତ୍ରୀଙ୍କୁ କହି ତୁମର ଭତାଟିକୁ କରାଇଦେବି । ତୁମର ସହାନୁଭୂତି ପାଇଁ ଧନ୍ୟବାଦ ବିଶ୍ୱଜିତ । ଯେଉଁ ଦେଶ ମୋତେ ଶିଳ୍ପୀ ଓ କଳାକାର ଭାବରେ ନିଜେ ନ ଚିହ୍ନିଛି, ସେ ଦେଶରେ ନିଜକୁ ଚିହ୍ନାଇ ମୋର ଦୂରାବସ୍ଥା ପାଇଁ, ସାହାଯ୍ୟ ଭିକ୍ଷା କରିବି କାହାଠୁ ? ମନ୍ତ୍ରୀଙ୍କୁ ତୁମେ ହୁଏତ କହିବ କିନ୍ତୁ କହିଲେ ଦେଖିବ ଭାଇ, ଶିଳ୍ପୀତ୍ୱର ଦ୍ୱାହିରେ ସାହଯ୍ୟ ଭିକ୍ଷା କରିବା ଅପେକ୍ଷା ଏଇ ମରଣ ସହସ୍ରଗୁଣରେ ଭଲ ନୁହେଁକି ?

ସତକୁ ସତ ଶର୍ମା ମରିଗଲେ, ବିନା ଔଷଧରେ, ବିନା ଚିକିତ୍ସାରେ । ଆଜି ପୁଣି ତାଙ୍କର ଶ୍ରାଦ୍ଧସଭା । ଶର୍ମାଙ୍କ ସେଦିନ ହସ ଭଳି ଆଜି ବିଶ୍ୱଜିତଙ୍କ ହସିବାକୁ ଇଚ୍ଛା ହେଲା ।

ସଭାଗୃହ କ୍ରମେ ଲୋକରଣ୍ୟ ହୋଇଉଠୁଛି । ମଞ୍ଚ ଉପରେ ଶର୍ମାଙ୍କ ଗୋଟିଏ କ୍ଷୁଦ୍ର ପ୍ରତିକୃତି । ତା' ଉପରେ ଟଗର ହାର । ଯାହାଙ୍କର ହାତର ଛବି ଏ ଦେଶର କଳା ଭଣ୍ଡାରକୁ ସମୃଦ୍ଧ କରିଥିଲା । ତାଙ୍କ ନିଜର ଖଣ୍ଡେ ବଡ଼ ପ୍ରତିକୃତି ମିଳିପାରିଲା ନାହିଁ । ବିଶ୍ୱଜିତ୍‌ଙ୍କର ଚିନ୍ତା ହଠାତ୍ ଭାଙ୍ଗିଗଲା ସଭାଗୃହର ନୀରବତାରେ । ସବୁରି ଦୃଷ୍ଟିକୁ ସଜାଗ କରାଇ ବିଶିଷ୍ଟ ଲୋକଙ୍କ ଗହଣରେ ମୁଖ୍ୟମନ୍ତ୍ରୀ ପ୍ରବେଶ କଲେ ସଭାଗୃହରେ । ଆଜିକାର ସଭାରେ ସେ ନିର୍ବାଚିତ ପୁରୋଧା ।

କବି ବୁଝିଲେ ବିଶ୍ୱଜିତ୍‌ର ଅନ୍ତରର କଥା । କହିଲେ ନାହିଁ ବିଶ୍ୱଜିତ୍‌ବାବୁ, ମୁଁ ବି ଆସିଛି- ଆପଣଙ୍କ ଭଳି ନୀରବ ଦର୍ଶକ । ଏଇ ଦେଖନ୍ତୁ ମୁଁ ମଞ୍ଚ ଉପରେ । ବିଶ୍ୱଜିତଙ୍କର ଦୃଷ୍ଟି ମଞ୍ଚ ଉପରେ ପଡ଼ିଲା । କବି, ଅଧ୍ୟାପକ ପଣ୍ଡା ଓଜସ୍ୱୀନି ଭାଷାରେ ତାଙ୍କର ବକ୍ତୃତା ଆରମ୍ଭ କଲେ-ଶର୍ମାଙ୍କର ସହ ମୋର ଚକ୍ଷୁସ ପରିଚୟ ନଥିଲେ - ମୁଁ ତାଙ୍କର ଗଭୀର ପ୍ରତିଭା ଏବଂ ମହତ୍ୱର ପରିଚୟ ବିଭିନ୍ନ କ୍ଷେତ୍ରରେ ଲାଭ କରିଛି । ଯେତେବେଳେ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋତେ ଡାକି ଏ ରାଜ୍ୟର କଳାକାରମାନଙ୍କ ଏକ ତାଲିକା ପ୍ରସ୍ତୁତ କରିବାକୁ ଅନୁରୋଧ କରିଥିଲେ - ମୁଁ ସେତେବେଳେ ଶର୍ମାଙ୍କ ନାମଟିକୁ ତାଲିକାରେ ଅନ୍ତର୍ଭୁକ୍ତ କରିଥିଲି । ମନ୍ତ୍ରୀ ମହାଶୟ, ଶର୍ମାଙ୍କ ମୃତ୍ୟୁରେ ଗଭୀର ଶୋକ ପ୍ରକାଶ କଲେ । ଶର୍ମା ଆଉ ଇହ ଜଗତରେ ନାହାନ୍ତି ସତ, କିନ୍ତୁ ତାଙ୍କର କଳା ଏ ଜାତିର କଳାଭଣ୍ଡାରରେ ଅମୂଲ୍ୟ ସମ୍ପଦ ରୂପେ ସାଇତା ହୋଇ ରହିବ ।

ନୀରବରେ ସବୁକଥା ଶୁଣି ଗୋଟିଏ ଗଭୀର ଦୀର୍ଘନିଶ୍ୱାସ ପକାଇଲେ ବିଶ୍ୱଜିତ ଓ କହିଲେ-

ପ୍ରକୃତରେ ମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ବ୍ୟବସାୟୀଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ କି କଳାପ୍ରେମ !

ବାସ୍ତବିକ, ଗାଳ୍ପିକା ନନ୍ଦିନୀ ଶତପଥୀଙ୍କ 'ସ୍ମୃତିସଭା' ଗଳ୍ପରେ ଓଡ଼ିଶାର ଭାସ୍କର୍ଯ୍ୟ ଓ କଳାକୁ ଶିଳ୍ପୀ ମାଧ୍ୟମରେ ବର୍ଣ୍ଣନା କରିଅଛନ୍ତି ।

**(୨୦) ମହାକାଶ :**

ଗାଳ୍ପିକା ନନ୍ଦିନୀ ଶତପଥୀଙ୍କର ପ୍ରଥମ ଗଳ୍ପ ସଂକଳନ "କେତୋଟି କଥା"ରେ ଏକ କ୍ଷୁଦ୍ରଗଳ୍ପ – 'ମହାକାଶ' । ଏହି ଗଳ୍ପରେ ନନ୍ଦିନୀଦେବୀ ପାଇଲଟ ସୁବ୍ରତଙ୍କ ଭିତରେ ମାତୃହରା ଏକ ଅସହାୟ ଶିଶୁର ହୃଦୟ ସ୍ପନ୍ଦନକୁ ଉପସ୍ଥାପିତ କରିଅଛନ୍ତି । ବାସ୍ତବିକ ଏହି ଗଳ୍ପଟି ଓଡ଼ିଶାର ଗଳ୍ପପ୍ରେମୀମାନଙ୍କର ମଧ୍ୟରେ ଆନନ୍ଦ ଦେଇଛି ।

'ସୁବ୍ରତ' ରୀତାର ଏହି ଡାକରେ ରୀତିମତ କାରୁଣ୍ୟ ଭରି ରହିଥିଲା । ସୁବ୍ରତ କିନ୍ତୁ ଫେରି ଚାହିଁଲାନି । ଶଯ୍ୟାର ଗୋଟିଏ ଧାରରେ ତଳକୁ ମୁହଁ କରି ନିରୀହ ଶିଶୁ ଭଳି ପଡ଼ିରହିଛି । ଛୋଟ ଫ୍ଲାଟ୍‌ଟିରେ ଏଇ ଗୋଟିଏ ମାତ୍ର ସୁସଜ୍ଜିତ ଶୟନକକ୍ଷରେ ରୀତା ଆଶ୍ଚର୍ଯ୍ୟ ହାତାଶ ଦୃଷ୍ଟି ମେଲି ଚାହିଁ ରହିଥିଲା ଶାୟିତ ସୁବ୍ରତ ଆଡ଼େ । ଘର ଭିତରେ ଛୋଟ ଲାମ୍ପଟିରୁ ବିଛୁରିତ ହେଉଥିଲା – ଏକ କ୍ଷୀଣ ନୀଳାଭ ରଶ୍ମି । ସେହି ଅସ୍ପଷ୍ଟ ଆଲୋକରେ ସ୍ୱାସ୍ଥ୍ୟବାନ ସୁଦର୍ଶନ ସୁବ୍ରତ ମନେ ହେଉଥିଲା – ସ୍ୱପ୍ନପୁରୀର ରାଜକୁମାର ଭଳି ।

ବିମାନଚାଳକ ସୁବ୍ରତ ଯେଉଁଦିନ ବିମାନ ଚଳାଇ ଘରକୁ ଫେରିଆସେ, ସେଦିନ ସେ ଯେପରି ଅନ୍ୟ ଏକ ମଣିଷ । ଆଖି ଦୁଇଟାରେ ଅନନ୍ତ ଆକାଶର ଛାୟା । ପୃଥିବୀର ମନୁଷ୍ୟ ବା ବସ୍ତୁ ସେଥିରେ ଧରାପଡ଼ନ୍ତି ନାହିଁ । ଆଉ ହୃଦୟର ଗଭୀର ସମୁଦ୍ରକୁ ସ୍ପର୍ଶ କରିପାରେନାହିଁ କାହାର ବାଣୀ । ସେ ଖାଇବାକୁ ଚାହେଁନାହିଁ, କଥାବାର୍ତ୍ତା କରିବାକୁ ଭାରି ବିତୃଷ୍ଣା । ପୋଷାକ ନ ବଦଳାଇ ସେ ସୋଫା ଉପରେ ପଡ଼ିରହେ ସ୍ଥାଣୁ ଭଳି । ତା'ପରେ ରୀତାର ବହୁ ଅନୁରୋଧ ଓ ଆହ୍ୱାନ ପରେ ତରତର ହୋଇ ପୋଷାକ ବଦଳାଇ ଶଯ୍ୟାରେ ଆଶ୍ରୟ ନିଏ ସୁବ୍ରତ ।

କୌଣସି ଆକାଶଚାରିଣୀର ପ୍ରେମ କ'ଣ ତାଙ୍କୁ ପାଗଳ କରିଛି ! ଶିକ୍ଷିତା ସୁନ୍ଦରୀ ରୀତା ବିବାହର ବହୁଦିନ ପର୍ଯ୍ୟନ୍ତ ନିଜକୁ ନିଜେ କେବଳ ଏଇ ପ୍ରଶ୍ନ ପଚାରିଛି, ଆଉ କାହାରିକୁ ପଚାରିବା ବା ଏ କଥା ! ନିଜକୁ ନିଜେ ଅନେକଥର ସେ ବିଶ୍ଳେଷଣ କରିଛି, ତାହାର ଅଜ୍ଞାତସାରରେ କୋଉଠି କିଛି ତ୍ରୁଟି ପରିଲକ୍ଷିତ ହୋଇଛି, ଯାହାଫଳରେ ନବବିବାହିତା ସ୍ୱାମୀର ଏଇ ନିଷ୍ଠୁର ଉପେକ୍ଷା । ସୁବ୍ରତର ରୁଚି ଜାଣିବାକୁ ଚେଷ୍ଟା କରି ମଧ୍ୟ ସେ ବିଫଳ । କିନ୍ତୁ ବେଳେବେଳେ ଆଶାର ସାମାନ୍ୟ





ସରଳ ଦେ, ନିଖିଳ ସାନ୍ୟାଲ୍ ଏ ସମସ୍ତଙ୍କର ଖବର ବୁଝିବାକୁ ସୁରଂଜନକୁ ଭଲ ଲାଗିଲା । ଏତେଦିନ ପରେ ଅନେକ ପରିଚିତମାନଙ୍କ ସହ ପରିଚିତ ହେଲା ଓ କଥା ହେଲା । ଏକପ୍ରକାର ଆତ୍ମୀୟତା ମଧ୍ୟ ସେ ଅନୁଭବ କଲା ।

ପୁଲକ ତା'ର ଆହୁରି ନିକଟକୁ ଘୁଞ୍ଚିଆସି କହିଲା – ଆଜି ଆଉ ଯାଅନି । ଏଇଠି ରହିଯାଅ । ଏଇ ସମୟରେ ଆମ୍ଭେମାନେ କେହି ରାସ୍ତାକୁ ବାହାରିବାଟା ଠିକ୍ ହେବନାହିଁ । କିନ୍ତୁ – ସୁରଂଜନ ଅନୁଭବ କଲା – ପୁଲକର କଥାରେ ଆନ୍ତରିକତା ଅଛି । ରାତ୍ରି ଆଠଟା ପରେ ପୁଲକର ଘରୁ ନିଜ ଘରକୁ ଯିବା ପାଇଁ ସୁରଂଜନ ଗୋଟିଏ ରିକ୍ସା ଧରିଲା । ପୁଲକ ତା'ର ବିଶ୍ୱବିଦ୍ୟାଳୟର ବନ୍ଧୁ । ବ୍ୟବସାୟ କରି ବାହାସାହା ହୋଇ ଛୋଟ ସଂସାରଟିଏ କରିଅଛି । ସୁରଂଜନର ହିଁ ଖାଲି ସଂସାର ହୋଇନାହିଁ । ଅନେକ ବୟସ ହୋଇଯାଇଛି । ଏଇ ବୟସରେ ଆଉ କ'ଣ ବାହାଘର ହୁଏ । ମାସେ ହେବ ରତ୍ନା ବୋଲି ଗୋଟିଏ ଝିଅ ସାଙ୍ଗରେ ତା'ର ପରିଚିତ ହୋଇଛି । ଝିଅଟି ଗୋଟିଏ ଏନ୍‌ଜିଓରେ କାମ କରେ । ଦିନେ ରତ୍ନା ତାଙ୍କୁ ଏପରି ପଚାରିଲା – ଏଇକ୍ଷଣି ଆପଣ କ'ଣ କରୁଛନ୍ତି ?

ଗୁଣ କହିଲେ ତୁମେ ତ ଅନ୍ୟମାନଙ୍କର ଖୋଜଖବର ନେଇ ବୁଲୁଛ । ତୁମର ବି ତ ନିଜର ନିରାପତ୍ତା ଅଛି । ସୁରଂଜନ ଭାବିଲା ସତରେ ବି କ'ଣ ତା'ର କିଛି ନିରାପତ୍ତା ଅଛି । ଦେଶରେ ଯେଉଁ ଅରାଜକତା ସୃଷ୍ଟି ହୋଇଛି, ସୁରଂଜନର ମନେହେଲା ଏ ଦେଶରେ ଏକ୍ଷଣି କିଛି ଆଉ ଅସମ୍ଭବ ନୁହେଁ ।

ନିର୍ମଳେନ୍ଦୁ ଗୁଣ ବେଶ୍ ଅଛନ୍ତି । ସେ ଆମେରିକାର ଲାସ୍ ଭେଗାସେର କ୍ୟାସିନୋରେ ବସି ଜୁଆ ବି ଖେଳିପାରନ୍ତି । ପୁଣି ପଲାସିର ବସ୍ତିରେ ବସି ମଶା କାମୁଡ଼ା ବି ଖାଇପାରନ୍ତି । ଯେକୌଣସି ପରିବେଶରେ ସେ ଚମତ୍କାର ହସିପାରନ୍ତି ଏବଂ ହସାଇ ବି ପାରନ୍ତି । ସୁରଂଜନ ଭାବେ ସେ କିପରି ଏତେ ଅମ୍ଳାନ ଆନନ୍ଦ ଭିତରେ ରହିଥାନ୍ତି ।

କିରଣମୟୀ ଭଗବାନ ଭଗବାନ କହି ଚିତ୍କାର କରି କାନ୍ଦି ଉଠିଲେ । କିରଣମୟୀ – ଭଗବାନଙ୍କୁ ଡାକୁଛନ୍ତି । ସୁରଂଜନ ଏମିତି ଦୃଶ୍ୟ କେବେ ବି ଘରେ ଦେଖିନାହିଁ । ଏମିତି ମୁଣ୍ଡିଆ ମାରିଲେ ସୁରଂଜନର ଦେହ ଶିରିଶିରି ହୋଇଉଠେ ।

ସୁରଂଜନ କିରଣମୟୀଙ୍କର ବାହୁ ଦୁଇଟାକୁ ଧରି ଠିଆ କରାଇଦେଇ ପଚାରିଲା, ତୁମର କ'ଣ ହୋଇଛି କୁହ । କାନ୍ଦୁଛ କାହିଁକି ? ପୁଣି ଏସବୁକୁ ମୂର୍ତ୍ତିଧରି ବସିଅଛ କାହିଁକି ? ମୂର୍ତ୍ତି କ'ଣ ତୁମକୁ ରକ୍ଷା କରିବ ।

ସନ୍ତାନକୁ ଯଦି ମୁଁ କୌଣସି ଧର୍ମରେ ଶିକ୍ଷିତ କରିବା ଦରକାର ମନେ କରିବି ତାହେଲେ ସ୍କୁଲ କର୍ତ୍ତୃପକ୍ଷ ଜବରଦସ୍ତି ଧର୍ମ ଶିଖାଇବାର ଦାୟିତ୍ୱ ନେଇପାରିବେ ନାହିଁ ।

ସୁରଂଜନ ପିଲାଟିଦିନରୁ ଛାତ୍ର ରାଜନୀତିରେ ଜଡ଼ିତ ଥିଲା । ଆନନ୍ଦ ମୋହନ କଲେଜରେ ଛାତ୍ର ୟୁନିୟନ୍ ତରଫରୁ ସେ ଯୁଗ୍ମ ସମ୍ପାଦକ ପଦବୀରେ ନିର୍ବାଚନ ଲଢ଼ି ବିଜୟୀ ହୋଇଥିଲା । କଲେଜରେ ତାହାର ଜନପ୍ରିୟତା ଯେମିତି ଥିଲା, ପ୍ରଭାବ ବି ସେମିତି । ସେହି ସମୟରେ ସୁରଂଜନ ସହର ଛାଡ଼ି ଢାକାକୁ ଆସିଲେ ।

ଅନେକ ବର୍ଷ ହେବ, ସେହି ସାହିର ସମସ୍ତ ଲୋକମାନଙ୍କ ସୁଧାମୟ ଫ୍ରି ଡାକ୍ତରୀ ଚିକିତ୍ସା କରନ୍ତି । ସାହିର ପିଲାମାନେ ସବୁବେଳେ କୌଣସି ନା କୌଣସି କାମରେ ସୁରଂଜନଙ୍କୁ ସଦାସର୍ବଦା ଖୋଜିଥାଆନ୍ତି । ସୁରଂଜନ ନିଜେ କୌଣସି ଦିନ ଧର୍ମ ମାନିନାହିଁ । ବାପା ଶିଖାଇ ନାହାନ୍ତି । କିରଣମୟୀ ବାହା ହେବା ପରେ ଘରେ ଲକ୍ଷ୍ମୀ ଫଟୋ ରଖିଥିଲେ । ସୁଧାମୟଙ୍କ ବାରଣ ଯୋଗୁଁ ସେ ସବୁକୁ ହଟାଇ ନିଆଗଲା । ୧୯୭୪ର ଦୁର୍ଭିକ୍ଷ ବେଳେ ଦଳର ପତାକା ଧରି ଦଳ ବାନ୍ଧି ଗୀତ ଗାଇ ଘରକୁ ଘର ଡାଲି, ଚାଉଳ ମାଗି ଆଣୁଥିଲେ । ବନ୍ୟା ବେଳେ ମଧ୍ୟ ଦଳରେ କାମ ବଢ଼ିଯାଏ । ସାଲାଇନ୍ ତିଆରିକରି ବାଣ୍ଟ, ଏସବୁ କାମରେ ସୁରଂଜନ ସବୁଠାରୁ ଆଗୁଆ ।

ଲୋକଙ୍କ ଭିତରେ ଗୁଞ୍ଜନ ବଢ଼ିଚାଲିଲା । ସାମ୍ବାଦିକମାନେ ବି ଠାଆକୁ ଠାଆ ଏକାଠି ହେଉଛନ୍ତି । ସମସ୍ତଙ୍କ ମୁହଁରେ ଗୋଟିଏ କଥା । ବାବ୍ରି ମସ୍‌ଜିଦ୍ । ଏ ପର୍ଯ୍ୟନ୍ତ ଦଙ୍ଗାରେ ଭାରତରୁ ଦୁଇଶହ ଲୋକେ ମଲେଣି । ଆହତ ହୋଇଛନ୍ତି କେତେ ହଜାର । ଆର୍.ଏସ୍.ଏସ୍ ଓ ଶିବସେନାମାନଙ୍କ ସହିତ ମୌଳବାଦୀ ଦଳଗୁଡ଼ିକୁ ମଧ୍ୟ ବାଦ କରି ଦିଆଯାଇଛି । ଲୋକସଭାରୁ ବିରୋଧୀଦଳ ନେତା ପଦବୀରୁ ଲାଲକୃଷ୍ଣ ଆଡଭାନୀଙ୍କ ପଦତ୍ୟାଗ । ସୁରଂଜନ ଲକ୍ଷ କରୁଛି – ତାକୁ ସମସ୍ତେ ରକ୍ଷା କରିବା ପାଇଁ କରୁଣା କରିବା ପାଇଁ ଚେଷ୍ଟା କରୁଅଛନ୍ତି ।

୧୯୯୦ରେ ଘରବାଡ଼ି, ସୁନା ଦୋକାନ ଲୁଟ୍ ହୋଇଗଲା । ଧାର୍ମିକମାନେ କ'ଣ କେବେହେଲେ ବିଧର୍ମୀର ସମ୍ପଦ ଲୁଟ୍‌କରି ନିଜର ଧର୍ମ ରକ୍ଷା କରିପାରନ୍ତି ? ଇଏ ପ୍ରକୃତରେ ଧାର୍ମିକମାନଙ୍କ କାମ ନୁହେଁ । ଇଏ ହେଉଛି ଗୁଣ୍ଡା ବଦମାସିଙ୍କ କାମ । ଆଉ ସବଳମାନେ ତ ଦୁର୍ବଳମାନଙ୍କ ଉପରେ ନିଶ୍ଚିନ୍ତ ଆକ୍ରମଣ କରିବେ ।

ପୁଲକ ଘରେ ଫୋନ୍ ଅଛି । ଚିହ୍ନ ଓ ଅଳ୍ପ ଚିହ୍ନା ହିନ୍ଦୁ ବନ୍ଧୁବାନ୍ଧବମାନଙ୍କୁ ସୁରଂଜନ ଫୋନ୍ କଲା । ଦିଲିପ୍ ଦେଙ୍କୁ ପଚାରିଲା, କେମିତି ଅଛନ୍ତି । କିଛି ଅସୁବିଧା ନାହିଁ ତ ? ମହାଦେବ ଭଟ୍ଟାଚାର୍ଯ୍ୟ, ଅସିତ୍ ବର୍ଦ୍ଧନ, ନିର୍ମଳ ସେନଗୁପ୍ତ, ସଜଳ ଧର, ମାଧବୀ ଘୋଷ, କୁନ୍ତଳା ଚୌଧୁରୀ,





ରଶ୍ମି ମେଘାଚ୍ଛନ୍ନ ଆକାଶ ମଧ୍ୟରୁ ଉଙ୍କିମାରେ । ମାଂସଟା ମସଲାରେ ନଦେଇ ଘିଅରେ ଦେଲେ, ମୋତେ ଭାରି ଭଲ ଲାଗେ ରୀତୁ । ରୀତା ଅତି ଆଗ୍ରହରେ ଆଉକିଛି ଶୁଣିବା ପାଇଁ ପାଖରେ ବସିପଡ଼େ ।

ବନ୍ଧୁବାନ୍ଧବ କାହାରି ସାଙ୍ଗରେ ସମ୍ପର୍କ ରଖେନାହିଁ ସୁବ୍ରତ । ଅନ୍ୟ ବିମାନ କର୍ମଚାରୀ, ନାଚ, ଗୀତ ପାନ ଭୋଜନରେ ବ୍ୟସ୍ତଥିବା ବେଳେ ସୁବ୍ରତ ନୀରବରେ ପୁସ୍ତକରେ ମନୋନିବେଶ କରିଥାଏ । ଅଥଚ ଘରକୁ କେହି ସାଙ୍ଗସାଥୀ ଆସିଲେ ଆତିଥ୍ୟ ଆପ୍ୟାୟନରେ ସୀମା ରହେନାହିଁ । ସେତିକି ରୀତାର ଆନନ୍ଦ, ସେହି ସମୟତକ ସେ ଅନୁଭବ କରେ ସୁବ୍ରତ ଏକ ସରସ ଜୀବନ୍ତ ମଣିଷ । ରୀତା ଶେଷରେ ଅଧୈର୍ଯ୍ୟ ହୋଇ ଧାଇଁଯାଇଥିଲା । ସେ ଆଇ.ଏସ୍‌ସିର ମ୍ୟାନେଜର ପାଖକୁ ଓ ସୁବ୍ରତର ସମସ୍ତ ବ୍ୟବହାର ଜଣାଇ ପ୍ରତିକାରର ଭିକ୍ଷା କରିଥିଲା ।

କିନ୍ତୁ ହାୟ, ମ୍ୟାନେଜରଙ୍କର କଥା ତାକୁ ହତାଶରୁ ରକ୍ଷା କରିପାରିଲା ନାହିଁ । ସମସ୍ତ ଖୋଜଖବର ପରେ ସେ ରୀତାକୁ ଜଣାଇ ଦେଇଛନ୍ତି ଯେ, କୌଣସି ମହିଳାଙ୍କ ସହିତ ସୁବ୍ରତଙ୍କ କୌଣସି ସମ୍ପର୍କ ନାହିଁ । ଏପରିକି – ଆକାଶଚାରିଣୀଙ୍କ ସହିତ ଆବଶ୍ୟକ କଥା କହିବାକୁ ମଧ୍ୟ ସେ କୁଣ୍ଠାବୋଧ କରେ ।

ଦିନକର ଘଟଣାରେ ଘରେ–ରୀତା କହିଲା– ଗରମପାଣି ବାଥ୍‌ରୁମ୍‌ରେ ରଖିଦେଇଛି । ଏବଂ ସୁବ୍ରତକୁ ଉଠାଇ ଦେଇଥିଲା ଶୀଘ୍ର କାର୍ଯ୍ୟ ସାରିବା ପାଇଁ । ସୁବ୍ରତ ହସି ହସି କହିଲା– "କ'ଣ ମୋତେ ବିଦାୟ କରିଦେବାକୁ ଭାରି ତରବର ! କୁଆଡ଼େ ଯିବାର ଅଛି ନା କେହି ଆସିବାର ଅଛି ?" ରାଗିଗଲା ରୀତା । ଅସଭ୍ୟ, ସମସ୍ତେ କ'ଣ ତୁମଭଳି ହୋଇଛନ୍ତି ! ରୀତା କହିଲା ମୋର ଭୁଲ ହେଇଛି, କ୍ଷମାକର । ଚାଲ ଡ୍ରଇଁରୁମ୍‌କୁ ଯିବା, ବୈଠକ ଘର ନୁହେଁ ବେଡ୍‌ରୁମ୍‌କୁ । ସୁବ୍ରତର ଗୋଟିଏ ହାତ ରୀତାର କଟୀବେଷ୍ଟନ କରି ରଖିଥିଲା । ସୁବ୍ରତର ବାହୁବନ୍ଧନରୁ ମୁକ୍ତ ହେବାପାଇଁ ସେ ଛଟପଟ ହେଉଥିଲା । କିନ୍ତୁ ସୁବ୍ରତ ଗଭୀର ଧ୍ୟାନରେ ।

କଲିଂବେଲ୍ ବାଜିଲା–ଚିଠିବାଲା ଚିଠି ଦେଲା । ଯାହାକୁ ପଢ଼ି ସୁବ୍ରତ ଆଶ୍ଚର୍ଯ୍ୟ ହେଲା – ଯିବାକୁ ହେବ । ରୀତା କହିଲା– ମୋର ଯିବାଟା – ରୀତୁ, ତୁମେ ଯାଇପାରିବ ନାହିଁ । କାହିଁକି ସେ ପ୍ଲେନ୍‌କୁ ଯିବାକୁ ମନା କଲା ! ତୁମେ ତ ଜାଣ ମୋ ମା ପ୍ଲେନ୍ ଦୁର୍ଘଟଣାରେ ହଜିଗଲା, ତା'ର ଶବବି ଆମେ ପାଇଲୁ ନାହିଁ । ତୁମକୁ ମୁଁ ଆଉ ହଜିଯିବାକୁ ଦେବିନାହିଁ । ମୋଟେ ନୁହେଁ । ସୁବ୍ରତ କହିଚାଲିଛି – ଦେଶ ମଧ୍ୟରେ, ବିଦେଶରେ ବହୁବାର ମା' ପ୍ଲେନ୍ ଯାଆନ୍ତି । ସାଧାରଣ କଥା – ମା'କୁ ଛାଡ଼ି କୌଣସି ଶିଶୁ ଦୁଃଖିତ ହେବ । ମା' ମୋତେ ଜାହାଜରେ ନେବ ଭାବି ମୁଁ ପାଇଲଟ୍

ହେଲି । ଆମେ ଦିନେ ଖବର ପାଇଲୁ ଏକ ପର୍ବତରେ ବାଡ଼େଇହୋଇ ଉଡ଼ାଜାହାଜଟା ଖସିପଡ଼ିଲା । ମୁଁ ପ୍ରତିଦିନ ସ୍ୱପ୍ନ ଦେଖେ, ମା ମୋତେ ଡାକୁଛି । ମୋତେ ଏଠାରୁ ଉଠାଇ ନେ ସୁବ୍ରତ । ସେଥିପାଇଁ ମୁଁ ପାଇଲଟ ହେବି । ମୁଁ ଆକାଶରେ ଉଡ଼ିଲେ ମୋ ମନ ମା'କୁ ଖୋଜି ନ ପାଇଲେ ହତାଶ ଲାଗେ ।

ନିର୍ବାକ ବିସ୍ମୟରେ – ରୀତା କେବଳ ଦେଖୁଥିଲା ପାଇଲଟ୍ ସୁବ୍ରତ ଭିତରେ ମାତୃହରା ଏକ ଅସହାୟ ଶିଶୁକୁ ।

**(୨୧) ଅପରାହ୍ନର ସଙ୍ଗୀତ :**

ଘାସ ଉପରେ ଧୀରେ ଧୀରେ ପାଦ ଚାଲି ଏ ପାଖରୁ ସେପାଖ ଯାଏ, ଯିବାପାଇଁ ଖୁବ୍ ଭଲ ଲାଗେ । ଭଲ ଲାଗେ ପାଦତଳର ନରମ ଘାସ । ସକାଳ କାକରରେ ଭିଜା ତା'ର ଥଣ୍ଡାସ୍ପର୍ଶ । ଘାସର ସବୁଜ ଦେହରେ ମଣିଷର ନିଷ୍ଠୁର ପାଦ ବାଜି ବାଜି ଠାଏ ଠାଏ, ସେ ପୁଣି ନିଜର ରଙ୍ଗ ହଜାଇ ପକାଉଛି । ଖାଲି ରଙ୍ଗ ନୁହେଁ, ଏହି ପାଦର ଆଶୀର୍ବାଦରେ ସେ ଆଉ କେଉଁଠି ବା ତା'ର ଅସ୍ତିତ୍ୱ ମଧ୍ୟ ହରାଇ ପକାଇଛି ।

ଗାର୍ଡେନ ଚେୟାର ଉପରେ ଅଳସ ଭଙ୍ଗୀରେ ବସିରହି ଶାନ୍ତନୁ ରାୟ ଅନ୍ୟମନସ୍କ ଭାବରେ ଦେଖୁଥିଲା ଝରାପତ୍ରର ଏହି ବିଦାୟୀ ସମାରୋହ । ପାଖ ଘରେ ବୋଧହୁଏ ଝିଅ ଅନୁରାଧା ରେଡ଼ିଓ ଖୋଲିଦେଇଛି । କୌଣସି ବଙ୍ଗାଳୀ ଶିଳ୍ପୀଙ୍କର କଣ୍ଠରୁ ଭାସିଆସୁଛି–

"ତୋମାର ପ୍ରଥମ ଲେଖା, ଏ ମନେତ ରଏଛେ ପଡ଼େ

ତୁମି ନାଇ, ତୁମି ନାଇ

ତୁମି ତ ଆମର ନାଇ ।"

ପ୍ରୌଢ଼ ଶାନ୍ତନୁ ଦୀର୍ଘଶ୍ୱାସ ପକାଇଲେ । ପରିପୂର୍ଣ୍ଣ ଓ ସଫଳ ମଣିଷ ଶାନ୍ତନୁ ରାୟଙ୍କ ଆଖିଆଗରେ ଲନ୍, ବଗିଚା, ଧାଡ଼ିଧାଡ଼ି ଗୋଲାପ ପତ୍ରର ବିଭିନ୍ନ ରଙ୍ଗର ଫୁଲ କ୍ଷଣକ ପାଇଁ ଝାପସା ଦେଖାଗଲା । ପ୍ରଖ୍ୟାତ ବ୍ୟବସାୟୀ ଶାନ୍ତନୁ ରାୟ କ'ଣ କାନ୍ଦୁଛନ୍ତି ! ଆଜିକାଲି ନିଜର ଭାବନାକୁ ମଧ୍ୟ କେହି ଦେଖିପକାଉଛି ବୋଲି ବେଳେବେଳେ ଏକ ଅଦ୍‌ଭୁତ ଭୟ ହୁଏ ଶାନ୍ତନୁଙ୍କର ।

ପୋର୍ଟିକୋରେ ଗାଡ଼ି ରହିବାର ଶବ୍ଦ ହେଲା । ସୁଖଦା ବୋଧହୁଏ ଫେରିଲେ । ହସ, ଖୁସି ଓ ଗଳ୍ପରେ ଯେପରି ମୁହୂର୍ତ୍ତକ ମଧ୍ୟରେ ଉଦାସ ଅଟ୍ଟାଳିକା ଚଞ୍ଚଳ ହୋଇଉଠିଲା । ଆଜି କିନ୍ତୁ ଘରପଛର ଏହି ଲନ୍‌ରେ ଏକୁଟିଆ ବସିବାକୁ ତାଙ୍କୁ ଭଲ ଲାଗୁଥିଲା । କେହି ମଧ୍ୟ ତାଙ୍କୁ ଖୋଜିଲେ ନାହିଁ,





ତା'ର ମନେ ହେଉଛି ଯେ, ଯେପରି ଏ ଦେଶର କେହି ନୁହେଁ । ସେ ଏ ଦେଶର ପ୍ରବାସୀ । ତାଙ୍କୁ ଅନେକ କହିଛନ୍ତି – ତୁମେମାନେ କାହିଁକି ବାବ୍ରୀ ମସ୍‌ଜିଦ୍‌ରେ ହାତ ଦେଲ ! 'ତୁମେମାନେ' ! ସୁରଂଜନ ଅ ଅବକା ହେଉଛି – ତୁମ୍ଭେମାନେ କିଏ ? ଭାରତର ହିନ୍ଦୁ ଆଉ ସୁରଂଜନ କ'ଣ ଏକା ଲୋକ ? ତାହେଲେ କ'ଣ ସୁରଂଜନର ପ୍ରକୃତ ଦେଶ ଭାରତ ? ଏ ଦେଶରେ ସେ ଜନ୍ମରୁ ପ୍ରବାସୀ ?

ଦେଶ ବିଭାଜନ ପରଠାରୁ ଜୀବନଟା ବଞ୍ଚାଇବା ପାଇଁ, ସେ ଲଢ଼େଇ କରି ଆସିଛନ୍ତି । ଏବେ ବି ତାଙ୍କୁ ଲଢ଼େଇ କରିବାକୁ ପଡୁଛି । ଦୂରରୁ ଗୋଟିଏ ଶୋଭାଯାତ୍ରାର ବିରାଟ ପଟୁଆର – ସ୍ଲୋଗାନରେ ଶୁଣାଯାଉଛି – ଗୋଟିଏ ଦି'ଟା ହିନ୍ଦୁ ଧର, ସକାଳେ ସନ୍ଧ୍ୟାରେ ଜଳଖିଆ କର । ସୁଧାମୟ ମଧ୍ୟ ଶୁଣନ୍ତି ପଟୁଆରର ଭାଷା, କମ୍ପି ଉଠନ୍ତି ସେ । ସୁରଂଜନର ହାତର କପ୍‌ଟା ବି ଚହଲି ଉଠେ ।

## (ଦୁଇ)

ପିଲାଦିନେ ଗୋଟିଏ କଥା ସୁରଂଜନର ମନେପଡ଼େ । ସେତେବେଳେ ସେ ମଇମନ ସିଂ ଜିଲ୍ଲା ସ୍କୁଲରେ ପଢୁଥିଲା । ଖାଲେଦ୍ ବୋଲି ଗୋଟାଏ କ୍ଲାସ୍‌ମେଣ୍ଟ ସହିତ ପଢ଼ା ସମୟରେ ତାହାର ତର୍କ ହୋଇଥିଲା । ତର୍କ ଯେତେବେଳେ ବଢ଼ିଗଲା ଖାଲେଦ୍ ତାକୁ ଗାଳିଦେଲା । ଗାଳି ଭିତରେ କୁକର ପିଲା ଇତ୍ୟାଦି ହିନ୍ଦୁ ଶବ୍ଦଟି ଥିଲା । ସେ ଭାବିଥିଲା କୁକୁର ପିଲାଭଳି ହିନ୍ଦୁ ବି ଗୋଟିଏ ପ୍ରକାରର ଗାଳି । ବଡ଼ ହେଲାପରେ ସୁରଂଜନ ବୁଝିଲା ହିନ୍ଦୁ ଗୋଟିଏ ସଂପ୍ରଦାୟର ନାମ ଏବଂ ସେ ସେହି ସମ୍ପ୍ରଦାୟର ମଣିଷ ।

ସୁଧାମୟ ନାସ୍ତିକ ଲୋକ । ସେ କେବେ ବି ଘରେ ପୂଜା ଫୁଜାର ବ୍ୟବସ୍ଥା କରନ୍ତି ନାହିଁ । କିନ୍ତୁ ତାଙ୍କର ପିଲାମାନଙ୍କୁ ସମାଜରେ ହିନ୍ଦୁ ବୋଲି ପରିଚୟ ଦେବାକୁ ହୁଏ । ସ୍କୁଲର ପାଠ୍ୟ ବିଷୟ ଭିତରେ ଧର୍ମ ଗୋଟିଏ ବାଧ୍ୟତାମୂଳକ ବିଷୟ ଥିଲା । ଏକା ଗୋଟିଏ ହିନ୍ଦୁ ଝିଅ କ୍ଲାସ୍ ବାହାରେ ବାରଣ୍ଡାରେ ରେଲିଂ ଧରି ଠିଆ ହେଉଥିଲା । ସେ ନିଜକୁ ବହୁତ ନିଃସଙ୍ଗ ମନେ କରୁଥିଲା । ସମସ୍ତେ କ୍ଲାସ୍‌ରେ ରୁହନ୍ତି କିନ୍ତୁ ମୋତେ ନିଅନ୍ତି ନାହିଁ । କାରଣ ମୁଁ ହିନ୍ଦୁ ।

ଏକଥା ଶୁଣି ସୁଧାମୟ ସେତେବେଳେ ମାୟାକୁ ଛାତିରେ ଜାକି ଧରିଥିଲେ । ଅପମାନରେ କଷ୍ଟରେ ସେ ସେଦିନ ଶିକ୍ଷକଙ୍କ ଘରକୁ ଯାଇ କହିଦେଇ ଆସିଲେ – ମୋ ଝିଅକୁ କ୍ଲାସ୍ ବାହାରକୁ ପଠାଇବେ ନାହିଁ । ମାୟାର ମାନସିକ ସମସ୍ୟା ସିନା ଦୂର ହେଲା, କିନ୍ତୁ ଆଲିଫ୍ ବେ ତେ ସେର ମୋହରେ ସେ ପଡ଼ିଗଲା । ସୁଧାମୟ ସ୍କୁଲର ପ୍ରଧାନଶିକ୍ଷକଙ୍କୁ ଏକ ପତ୍ର ଲେଖି ଜଣାଇଲେ – ମୋ

ସୁରଂଜନ କେବଳ ଅନେକ ଡେରିରେ ବିଛଣା ଛାଡ଼ିଲା । ସୁଧାମୟଙ୍କର ଘର ଭିତରକୁ ଯାଇ ପ୍ରଥମେ ଟି.ଭି.ଟା ବନ୍ଦ କଲା । ବାଥରୁମ୍ କାମ ସାରି ଘରେ ବସିରହିଲା । କିରଣମୟୀ ପୁଅ ପାଇଁ ଚା ଆଣିଲେ । ସୁରଂଜନ ଜାଣିଛି – ମାୟା ସାଙ୍ଗରେ ଜାହାଙ୍ଗୀର ବୋଲି ଗୋଟିଏ ପୁଅ ସାଙ୍ଗରେ ପ୍ରେମ ଥିଲା । ଜାହାଙ୍ଗୀର ବିଶ୍ୱବିଦ୍ୟାଳୟରେ ପଢୁଅଛି । ମାୟାର ଦୁଇ କ୍ଲାସ୍ ଉପରେ । ହୁଏତ ସେମାନେ କେତେବେଳେ ବାହା ବି ହୋଇପଡ଼ିବେ । ପ୍ରେମରେ ସେ ଯେ ଏତେ ନିମଗ୍ନ ସତ, କିନ୍ତୁ ପୁଅଟି ଶେଷ ପର୍ଯ୍ୟନ୍ତ ତାକୁ ବାହାହେବ ତ ! ସୁରଂଜନ ତା' ନିଜ ଅନୁଭୂତିରୁ ଜାଣିଅଛି – ପରଭିନ୍ ସାଙ୍ଗରେ ଶେଷ ପର୍ଯ୍ୟନ୍ତ ବାହାଘର ହେବ ବୋଲି ହୋଇପାରିଲା ନାହିଁ ।

ସୁରଂଜନ ଆଡ଼କୁ ସୁଧାମୟ ସେହିଭଳି ଶୂନ୍ୟ ଦୃଷ୍ଟିରେ ଚାହିଁଥିଲେ । ଭାରତକୁ ନ ଯାଇ ସେ କ'ଣ ଭୁଲ କରିଛନ୍ତି ? ଭାରତକୁ ଚାଲି ଯାଇଥିଲେ ଅବସ୍ଥା ନିଶ୍ଚିତ ବଦଳି ଯାଇଥାଆନ୍ତା । ଏହିଭଳି ନିରାପଦ ଆଶ୍ରୟ ପାଇଁ ପୁଅ ମୁହଁକୁ ହଁ କରି ଚାହିଁବସିବାକୁ ହୋଇନଥାନ୍ତା ।

ଘରଟାକୁ ବିକ୍ରି କରିବା ପାଇଁ ସୁଧାମୟ ବାଧ୍ୟ ହୋଇଥିଲେ । ମାୟାକୁ ଯେତେବେଳେ ଛ ବର୍ଷ ବୟସ ସେତେବେଳେ ସ୍କୁଲରୁ ଘରକୁ ଫେରିବା ବାଟରେ କିଛି ଲୋକମାନେ ତାକୁ ଧରି ନେଇଥିଲେ । ସେମାନେ କିଏ ସୁରଂଜନ ଜାଣିଥିଲା । ସୁରଂଜନର ଅନୁମାନ ଏଇ କାଣ୍ଡଟି ସେମାନେ କରିଥିଲେ । ମାୟା ଦୁଇମାସ କାଳ ଅସ୍ୱାଭାବିକ ଆଚରଣ କରିଥିଲା । ମଣିଷ ଦେଖିଲେ ଭୟ ପାଉଥିଲା । ମଝିରେ ମଝିରେ ରାତିରେ ଚିତ୍କାର କରୁଥିଲା । ଏହାପରେ ସୁଧାମୟ ସିଦ୍ଧାନ୍ତ ନେଲେ ଯେ, ସେ ନିଜର ଘର ଛାଡ଼ି ସହର ଛାଡ଼ି ଅନ୍ୟଆଡ଼େ ଚାଲିଯିବେ । ରଇସଉଦ୍ଦୀନ ନାମରେ ଜଣେ ଆଡ୍‌ଭୋକେଟଙ୍କ ତାଙ୍କ ଘର ପାଖରେ ଥିଲା । ସୁଧାମୟ ତାଙ୍କୁ ତାଙ୍କର ଦଶଲକ୍ଷ ଟଙ୍କାର ଘର ଦୁଇଲକ୍ଷ ଟଙ୍କାରେ ବିକିଦେଇ ଚାଲିଆସିଲେ । ସୁରଂଜନ ଏହାର ବିରୋଧି ଥିଲେ । ସେ ଚାହୁଁନଥିଲେ ଘର ଛାଡ଼ି ଯିବା ପାଇଁ । ବିଭିନ୍ନ ସମୟରେ ତାଙ୍କର ଘରକୁ ବିଭିନ୍ନ ଧମକପୂର୍ଣ୍ଣ ଚିଠି ଆସେ ।

ସୁଧାମୟ ରିଟାୟାର୍ଡ କଲେଣି । ସୁରଂଜନକୁ କହିଲେଣି ମୋର ଆଉ କେତେଦିନ । ତୁ ଚାକିରି ବାକିରି ପାଇଁ ଚେଷ୍ଟା କର । ହାର୍ଟ ବେମାରୀ, ବେଶିଦିନ ଆଉ ବଂ଼ିବିନି । ମା' କିରଣମୟୀ କହନ୍ତି – ସୁରଂଜନ ତୁ ମାୟାକୁ ନେଇ କଲିକତା ଚାଲିଯାଆ । ଏ ଦେଶରେ ଆଉ ରହିବା ପାଇଁ ଯଦି ସମ୍ଭବ ହେଲାନି, ଆମ୍ଭେ ଦୁଇଜଣ ଏଇଠି ରହି, ଜୀବନ କଟାଇଦେବୁ ।

କଲିକତା ଯିବା ଶୁଣିବା କ୍ଷଣି ସୁରଂଜନର ମୁଣ୍ଡକୁ ପିତ୍ତ ଚଢ଼ିଗଲା । କାହିଁକି ସେ ଯିବ କଲିକତା ? କଲିକତାରେ ସୁରଂଜନର ମାମୁଁ ଓ ମାଉସୀ ଅଛନ୍ତି । ବିଶେଷକରି ୧୯୯୦ ପରେ





ଚା, ଜଳଖିଆ ବାସନାର ଶବ୍ଦ, ଗପ ଓ ହସର ଲହରୀ ଆସି ଶାନ୍ତନୁଙ୍କ କାନରେ ବାଜୁଥିଲା । ନିଜର ଅଜାଣତରେ ସେ ବୋଧହୁଏ ସୁଖଦାଙ୍କ ନିମନ୍ତ୍ରଣକୁ ଅପେକ୍ଷା କରି ରହିଥିଲେ । ସୁଖଦା ଆସିଲେ ନାହିଁ, ଶାନ୍ତନୁଙ୍କ ଅନୁପସ୍ଥିତି କିମ୍ବା ଘରେ ନଦେଖି କିନ୍ତୁ – ସୁଖଦା ମଧ୍ୟ ଜାଣନ୍ତି – ଏହି ସମୟରେ ସେ ବାହାରକୁ ଯାଆନ୍ତି ନାହିଁ । କିନ୍ତୁ ଏହି ଲନ୍‌ରେ ବସି ବସି ସେ କାହିଁକି ସୁଖଦା କଥା ଭାବୁଛନ୍ତି ! ସେ ତ ଆଉ ତାଙ୍କ ଭାବନାରେ ନାହାନ୍ତି ।

ଆଃ – ସୁଖଦା ଭାବନାରୁ ମୁକ୍ତି ପାଇବାକୁ ପ୍ରୟାସ କରୁଥିଲେ ଶାନ୍ତନୁ ରାୟ । ଏଇ ଭାବନାରୁ ହୁଏତ ତାଙ୍କୁ ଜଣେ ମୁକ୍ତି ଦେଇପାରିଥାନ୍ତା । ସେ କିନ୍ତୁ ଚାହିଁଲା ନାହିଁ । ଅନେକ ଦୂରରେ । ତା'ଠାରୁ ଅନେକ ଦୂରରେ ରହିଗଲେ ସେ ।

ବାପା – ଚମକି ପଡ଼ିଲେ ଶାନ୍ତନୁ । ହାତରେ ଚା' ଟ୍ରେ ଧରି ଝିଅ ଅନୁରାଧା ଠିଆହୋଇଛି । କି ଅଦ୍ଭୁତ ! ଅନୁରାଧାର ମଲ୍ଲିକା ଚେହେରା ସହିତ ଏତେ ସାମଞ୍ଜସ୍ୟ ହେଲା କେମିତି ! ଠିକ୍ ଏହି ବୟସରେ ବୋଧହୁଏ ସେ ପ୍ରଥମେ ମଲ୍ଲିକାକୁ ଦେଖିଥିଲେ । ଅଠର କିମ୍ବା ଉଣେଇଶ ବର୍ଷର ଝିଅ ମଲ୍ଲୀ । ଅତି ସାଧାରଣ ବେଶଭୂଷା । ଚେହେରା ବି ସାଧାରଣ, କିନ୍ତୁ ଗୋଟାଏ ଅଦଭୁତ ସ୍ନିଗ୍ଧତା ଥିଲା ସେହି ରୂପରେ । ଯାହାକୁ କେବଳ ଦେଖିବାକୁ ବାରମ୍ବାର ଇଚ୍ଛା ହୁଏ କିନ୍ତୁ ଛୁଇଁବାକୁ ସାହସ ହୁଏନାହିଁ ।

ସନ୍ଧ୍ୟାର ଅନ୍ଧକାର ଗାଢ଼ ହେଲା । ସମସ୍ତ ଆକାଶରେ ଜଳି ଉଠିଲା ତାରାର ରୋଷଣୀ । ଚତୁର୍ଦ୍ଦିଗର ଅଟ୍ଟାଳିକା ଆଲୋକିତ ହେଲା । ଶାନ୍ତନୁଙ୍କର କାରର କବାଟ ଖୋଲା ରହିଲା । କିନ୍ତୁ ମଲ୍ଲୀ ଆଉ ଫେରିଲା ନାହିଁ । ଏକ ନିଷ୍ଠାବାନ ପ୍ରେମିକ ପରି ଆଜି ପୁଣି ଏତେ ନିବିଡ଼ ଭାବରେ ମଲ୍ଲୀକୁ କାହିଁକି ସେ ସ୍ମରଣ କରୁଅଛନ୍ତି । ତାଙ୍କର ହୃଦୟ କ'ଣ ପୂର୍ଣ୍ଣ ହୋଇନାହିଁ । ସୁଖଦା ଭଳି ସୁନ୍ଦରୀ, ଶିକ୍ଷିତ ଓ ଆତ୍ୟାଧୁନିକା ସ୍ତ୍ରୀ, ଗୁଣବତୀ ଝିଅ ଅନୁରାଧା, ଘର, ଗାଡ଼ି, ଟଙ୍କା, ସୁନା, ଯାହା ମଣିଷ ଜୀବନର ଆବଶ୍ୟକତା ସବୁ ତ ସେ ପାଇଛନ୍ତି । ନିଜ ବୁଦ୍ଧିରେ ଓ ନିଜର ଶକ୍ତିରେ ଉପାର୍ଜନ କରିଅଛନ୍ତି । ଏ ଐଶ୍ୱର୍ଯ୍ୟ ସହିତ ପୁଣି ସେ ତୃପ୍ତି ଜଡ଼ିତ ରହିଛି ।

ମଲ୍ଲିକା ଦୀର୍ଘ ତିରିଶ ବର୍ଷର ବ୍ୟବଧାନ ପରେ ଡାକବଙ୍ଗଳାର ପଛପଟ ଲନ୍‌ରେ ହଠାତ୍ ଶାନ୍ତନୁ ରାୟଙ୍କ ସହିତ ଦେଖା ହୋଇଥିଲା । ତା'ର ଦୁଇ କାନ୍ଧକୁ ଦୋହଲାଇ ଦେଇ କହିଲା, ମଲ୍ଲୀ–ତୁମେ ! ଚମକି ପଡ଼ିଲା ମଲ୍ଲିକା ମୁହୂର୍ତ୍ତକ ପାଇଁ । କେବେ ବି ସେହି ଭାଷ୍ୟ ବୁଝିବାକୁ କଷ୍ଟ ହେଲାନାହିଁ ଶାନ୍ତନୁଙ୍କର । ଆଶ୍ଚର୍ଯ୍ୟ ମଲ୍ଲୀ କ'ଣ ତାଙ୍କୁ ମନେ ରଖିଛି । ମଲ୍ଲୀ ତାଙ୍କ ଜୀବନରେ ଏକା ନଥିଲା । କିନ୍ତୁ ମଲ୍ଲୀ ଜୀବନରେ ସେ ଏକକ ଥିଲେ । ମଲ୍ଲୀ ହତାଶା ହେଇଛି – କାହିଁକି ସେ

କ'ଣ ବିବାହ କରିଛି । କେବେ ବାହାହେଲା, କାହାକୁ-ଆଦି ଅନେକ ପ୍ରଶ୍ନ ଶାନ୍ତନୁଙ୍କ ମନରେ ।

ଶାନ୍ତନୁ, ମୁଁ ଏଠାରେ ଏକ ସ୍କୁଲ ପରିଦର୍ଶନରେ ଆସିଥିଲି । ମୋର କାମ ସରିଗଲା - ମୁଁ କାଲି ଫେରିଯିବି । ତା'ପରେ ମଲ୍ଲୀ ଆଉ ସେଠାରେ ରହିଲା ନାହିଁ । ବାହାରେ ଡିନର ଖାଇ ଦେଖିଲେ ମଲ୍ଲିକା ଟ୍ରେନ୍‌ରେ ପଳାଇଯାଇଛି । ସୁଖଦା, ଘର ଭିତରେ ପାଟିକରି ଚାକରକୁ ପଚାରିଲେ, କିରେ ବାବୁ କୁଆଡ଼େ ଯାଇଛନ୍ତି, ଶାନ୍ତନୁ ହସିଲେ ।

ଗାଳ୍ପିକା ନନ୍ଦିନୀଙ୍କ ଗଳ୍ପ ସଂକଳନ "କେତୋଟି କଥା"ର 'ଅପରାହ୍ନର ସଙ୍ଗୀତ' ଏକ କ୍ଷୁଦ୍ରଗଳ୍ପ ।

**(୨୨) ଜନପଥ :**

ଗାଳ୍ପିକା ନନ୍ଦିନୀ ଶତପଥୀ ତାଙ୍କର ଗଳ୍ପ ସଂକଳନ "କେତୋଟି କଥା"ରେ 'ଜନପଥ' ଏକ ସଫଳ ଗଳ୍ପ । ବିଶେଷତଃ ଏହା ପାଠକପାଠିକାଙ୍କ ମନରେ ଗଭୀର ରେଖାପାତ କରିଅଛି ।

ନୂଆଦିଲ୍ଲୀର ଜନାକୀର୍ଣ୍ଣ ରାଜପଥ ମଧ୍ୟରେ ଅବସ୍ଥିତ ଏହି ଶୀତତାପ ନିୟନ୍ତ୍ରିତ ରେସ୍ତୋରାଁଟିରେ କ୍ରମେ ଭିଡ଼ ଜମିଉଠିଲା । ସନ୍ଧ୍ୟାର ଚା'ର ସମୟ ଅତିକ୍ରାନ୍ତ ହୋଇଯାଇଛି । ଥରକୁ ଥର ଓଜନିଆ କାଚ କବାଟଟି ଖୋଲି ହେଉଛି ଓ ପୁଣି ବନ୍ଦ ହେଉଛି । ଏଥର ଯେଉଁମାନେ ଭିତରେ ପ୍ରବେଶ କରୁଛନ୍ତି - ଜଣେ ନାରୀ ଆଉ ଜଣେ ପୁରୁଷ । ସେମାନେ ନିଶ୍ଚିତ ଦମ୍ପତି ନୁହନ୍ତି । ପ୍ରେମିକ ପ୍ରେମିକା ମଧ୍ୟ ନୁହନ୍ତି । ସ୍ତ୍ରୀ ଲୋକଟିର ଚଞ୍ଚଳତା ଲକ୍ଷ୍ୟ କରୁଛି । କଫି ମଧ୍ୟରୁ ଆବେଗ ମଧ୍ୟରେ ମୋର ଏହି ଦାର୍ଶନିକ ମନ୍ତବ୍ୟ ଏକାନ୍ତ ଅପ୍ରତ୍ୟାଶିତ ।

ହଠାତ୍ ମନେହେଲା - ଆଜି ଦୋଳପୂର୍ଣ୍ଣିମା । ଆଉ ଏକ ଆଲୋକ ଜହ୍ନର । ସାମାନ୍ୟ ନଇଁପଡ଼ି ଆକାଶରେ ଜହ୍ନକୁ ଆବିଷ୍କାର କରିବାର ଏକ ବୃଥା ଚେଷ୍ଟା କଲି । ଦିଲ୍ଲୀର ଆକାଶରେ କାହିଁକି ଉଠେ ଏଇ ନିର୍ଲଜ ଜହ୍ନ ! ବାଦ୍ୟଯନ୍ତ୍ର ଝଲକି ଉଠିଲା ଆଉ ଆଖିଦୁଇଟା ଟାଣି ହୋଇଗଲା ସେହିଆଡ଼କୁ । ଯେଉଁମାନଙ୍କର ବିଭିନ୍ନ ଅଙ୍ଗ ପ୍ରତ୍ୟେଙ୍ଗର ସଞ୍ଚାଳନ ସେମାନଙ୍କୁ ଜୀବନ୍ତ କରି ତୋଳିବ, ସେମାନେ ଆଜି ଆସିବାରେ ବିଳମ୍ବ କରିଛନ୍ତି । ଆଉ ମୋ ଭିତରେ ଧୀରେ ଧୀରେ ବଢି ଉଠିଛି ଏକ ଅଦ୍ଭୂତ ପ୍ରତୀକ୍ଷାର ଅସ୍ଥିରତା ।

ଏକ ମାଇକି ଆଗରେ ଠିଆହେଲା-ତୋରା ଶଙ୍କ ଧବଳ ଗ୍ରୀବା ଉପରେ ପ୍ରସାଧନର ପ୍ରଲେପ ଅତ୍ୟନ୍ତ ଦୃଷ୍ଟିକଟୁ । ମୁଖମଣ୍ଡଳରେ ଦୂରରୁ ଲାଲ ଟିକକ ଲିଫଷ୍ଟିକ ବିଜୁଳି ଆଲୋକରେ ଚକଚକ କରୁଛି । ନେରା ଗାଲିଚା । ଏଇ ରାସ୍ତାରେ ଗ୍ରାହକମାନଙ୍କ ଆମୋଦ ପାଇଁ ମାଲିକ ତାକୁ ନିଯୁକ୍ତ କରିଅଛି । ବଡ଼ କଦର୍ଯ୍ୟ ତାଙ୍କର ନାଚ ଗୀତ । ବଲ୍ଲୁ ପୁଣି କହିଲେ । ଏହି ଝିଅମାନେ ଆଉ କ'ଣ





ଆକ୍ରମଣରେ ଘର ଲୁଟ୍ କରିନେଲେ । ନିଜର ଜୀବନ ବଞ୍ଚାଇବା ପାଇଁ ସୁରଂଜନ ସେମାନଙ୍କୁ ନେଇ ଅଲଗା ରହିଥିଲେ । ସଂପଦଶାଳୀ ସୁକୁମାର ଦତଙ୍କ ସଂପତି ବୋଲି ରହିଅଛି - ପୁଅ ସୁଧାମୟ ଦତର ଜୀବନ ଏବଂ ସୁଧାମୟ ଦତଙ୍କ ଦୁଇ ସନ୍ତାନ ସୁରଂଜନ ଓ ମାୟା । ଏହାଛଡ଼ା ଆଉକିଛି ଧନସମ୍ପତି ରକ୍ଷା କରିବା ସୁଧାମୟଙ୍କ ପକ୍ଷରେ ସମ୍ଭବ ହୋଇନାହିଁ ।

ହିନ୍ଦୁମାନେ ଆଶା କରିଥିଲେ - ସ୍ୱାଧୀନ ଅସାମ୍ପ୍ରଦାୟିକ ବାଂଲାଦେଶରେ ସେମାନେ ରାଜନୈତିକ, ଅର୍ଥନୈତିକ, ସାମାଜିକ ଓ ଧର୍ମୀୟ ସ୍ୱାଧୀନତା ବଜାୟ ରଖିବେ । ପାର୍ଲାମେଣ୍ଟରେ ଅଷ୍ଟାଦଶ ସଂଶୋଧନ ବିଲ୍ ପାସ ହୋଇଥିଲା । ଏ ଦେଶର ରାଷ୍ଟ୍ରଧର୍ମ ବର୍ତମାନ ଇସ୍‌ଲାମ । ଯେଉଁ ମୌଳବାଦୀ ଦଳଟି ଏକସ୍ତରୀର ମୁକ୍ତିଯୁଦ୍ଧକୁ ବିରୋଧ କରିଥିଲେ, ଆଉ ଦେଶ ସ୍ୱାଧୀନ ହେବାପରେ ଗାତ ଭିତରେ ଲୁଚିଥିଲେ, ସେମାନେ ଆଜି ଗାତ ଭିତରୁ ମୁଣ୍ଡ ବାହାର କରିଛନ୍ତି ।

ସୁଧାମୟ ମୁଣ୍ଡ ନୁଆଁଇ ବସିଛନ୍ତି । ଏଥର କ'ଣ ହେବ ସେ ଜାଣିନାହାନ୍ତି । ବାବ୍ରୀ ମସ୍‌ଜିଦ୍ ଭାଙ୍ଗି ପକାଉଛନ୍ତି ଉଗ୍ର ଉନ୍ମତ୍ତ ହିନ୍ଦୁମାନେ । ସେମାନଙ୍କର ପାପର ପ୍ରାୟଶ୍ଚିତ ଏଣିକି ବଙ୍ଗଳାଦେଶର ହିନ୍ଦୁମାନଙ୍କ କହିବାକୁ ପଡ଼ିବ ଏଥର ବି ସୁଧାମୟଙ୍କୁ ମୂଷାଗାତରେ ଲୁଚିବାକୁ ହେବ । ସୁଧାମୟ ହଠାତ୍ ଆଶଙ୍କାରେ କମ୍ପିଉଠିଲେ । ସେ କ'ଣ ଏହି ମାଟିର ସନ୍ତାନ, ଯେଉଁ ମାଟିରେ ତାଙ୍କର ଅଛି ଜନ୍ମଗତ ଅଧିକାର ? ତାହାହେଲେ କାହିଁକି ଏଇ ଦେଶରେ ହିଁ ତାଙ୍କର ପ୍ରତିବେଶୀମାନଙ୍କୁ ଭୟରେ ଲୁଚିବାକୁ ହେବ । ହିନ୍ଦୁବୋଲି ? ଯେହେତୁ ହିନ୍ଦୁମାନେ ସେଠାରେ ମସ୍‌ଜିଦ୍ ଭାଙ୍ଗିଛନ୍ତି ? ଏଥିପାଇଁ ସୁଧାମୟ କାହିଁକି ଦାୟୀ ହେବେ । ହଠାତ୍ ସୁଧାମୟ ଯନ୍ତ୍ରଣାରେ କମ୍ପି ଉଠିଲେ, କିରଣମୟୀ ତାଙ୍କୁ ବିଛଣାରେ ଶୁଆଇଦେଲେ । ମାୟା କହିଲା ତୁମେମାନେ ଏଠାରେ ଏପରି ପଡ଼ିଥାଅ, ମୁଁ ଯାଉଛି । କିରଣମୟୀ ପଚାରିଲେ, କୁଆଡ଼େ ଯିବୁ ?

ଯିବି, ଭାଇ ତ ଶୋଇଛି । ପେପର ପଢୁଛି, ତା'ର ତ କିଛି ଚିନ୍ତାନାହିଁ, ମୋର ବଂ୍ରହିବା ଜରୁରୀ । ମୁଁ ଯାଉଛି - ଦେଖେ ପାରୁଲ ନହେଲେ ରିଫାତ୍ ହେରିକାଙ୍କ ଘରକୁ ଯାଇ ବସିଥିବି ।

ମାୟା ! କିରଣମୟୀ ଧମକ ଦେଲେ । ସୁଧାମୟ ଶୂନ୍ୟ ଦୃଷ୍ଟିରେ ଥରେ ମାୟା ଆଡ଼କୁ ଥରେ କିରଣବାଳା ଆଡ଼କୁ ଚାହିଁଲେ । ମାୟା ୪୭ର ଦେଶ ବିଭାଜନ ଦେଖିନାହିଁ । ପଚାଶର ଦଙ୍ଗା ଦେଖିନାହିଁ । ଏକସ୍ତରୀର ମୁକ୍ତିଯୁଦ୍ଧ ବି ଦେଖିନାହିଁ । ବୁଦ୍ଧିହେବା ପରଠାରୁ ଦେଖିଛି ଦେଶର ରାଷ୍ଟ୍ରଧର୍ମ ଇସଲାମ୍, ଦେଖିଛି ୯୦ର ବିଭସ୍ସ ନିଆଁ, ଜୀବନ ବଂଚାଇବା ପାଇଁ ମାୟା ଏଣିକି ଯେକୌଣସି ଚାଲେଞ୍ଜ ନେବାକୁ ପ୍ରସ୍ତୁତ ।

ନୁହେଁ ।

ପ୍ରକୃତରେ ସୁଧାମୟଙ୍କର ଘର ବେଶ ବଡ଼ । ବ୍ରାହ୍ମପଲ୍ଲୀର ବଡ଼ ପୋଖରୀ ଓ ବଡ଼ ଜାଗା ଥିବାରୁ ଏଇ ଗୋଟିକ ଘର, ଘରର ଚାରିପଟେ ସାରି ସାରି ଗୁଆଗଛ । ସୁନ୍ଦର ଗେଟ୍ ଖୋଲି ପଶିଲେ ହିଁ ଫୁଲ ବଗିଚା । ଗଛପତ୍ର ଘେରା ଏ ଘରଟି ପୁରୁଣା ସ୍ଥାପତ୍ୟର । ସୁଧାମୟ ତାଙ୍କ ବାପାଙ୍କ ଏକମାତ୍ର ସନ୍ତାନ ଥିଲେ । ବାପା ଥିଲେ ନାମଜାଦା ପୋଲିସ୍ ଅଫିସର ସୁକୁମାର । ସୁଧାମୟଙ୍କ ଜେଜେବାପା ଜ୍ୟୋତିର୍ମୟ ଥିଲେ ଶଶିକାନ୍ତ ଜମିଦାରଙ୍କର ନାଏବ । ହୁଏତ ଘରଟି ତିଆରି କରିଥିଲେ କିମ୍ୱା କିଣିଥିଲେ ।

ସେମାନେ ତିନିଜଣ ଥିଲେ । ସେମାନେ ସୁଧାମୟଙ୍କ ବାହୁକୁ ଶକ୍ତକରି ଧରି, ଲୁଙ୍ଗି ଖୋଲି ବିଧା ଗୋଇଠା ମାରିଲେ ତାଙ୍କ ପେଟକୁ । ସୁଧାମୟଙ୍କୁ ବେଳେବେଳେ ଆଶଙ୍କା ଲାଗେ ସେମାନେ ତାଙ୍କୁ କାହିଁକି ମାରିଦେଲେନି । ସହରର ରାସ୍ତାରେ ଗୋଟିଏ ହିନ୍ଦୁଙ୍କୁ ପାଇ ସେମାନେ ଛାଡ଼ିଦେଲେ । ଦେଶ ଛାଡ଼ିବା ପୂର୍ବରୁ ସୁଧାମୟ ନିଜର ନାମ ଦେଲେ ଅବଦୁଶ୍ ସାଲାମ । ସ୍ତ୍ରୀ କିରଣମୟୀଙ୍କ ନାମ ଦେଲେ ସାବେର ଓ ଛଅମାସର ଝିଅ ମାୟାର ନାମ ଦେଲେ ଫାରିଆ ।

ଭାରତର ବିଭାଜନ ପରେ ଅନେକ ହିନ୍ଦୁ ଦେଶ ତ୍ୟାଗ କରିଛନ୍ତି । ସାମ୍ପ୍ରଦାୟିକ ଭିତରେ ଭାରତ ଓ ପାକିସ୍ଥାନ ଭାଗ ହେବା ପରେ ସଂଖ୍ୟାଲଘୁମାନଙ୍କ ପାଇଁ ସୀମାନ୍ତ ଖୋଲା ଥିଲା । ସେ ସମୟରେ ଅନେକ ହିନ୍ଦୁ ବିଶେଷତଃ ଉଚ୍ଚ, ମଧ୍ୟବିତ ଓ ଶିକ୍ଷିତ ଶ୍ରେଣୀ ଭାରତକୁ ଚାଲିଗଲେ ।

ସୁଧାମୟ ଏଇକ୍ଷଣି ପ୍ରାୟ ବୃଦ୍ଧ । ସେ ସୁରଂଜନ କଥାର ମୂଲ୍ୟ ଦେବାପାଇଁ ଯଥାସାଧ୍ୟ ଚେଷ୍ଟା କରନ୍ତି । ସୁରଂଜନ ଆଜି ଚାହୁଁଛି, ସେମାନଙ୍କୁ ଘରୁ ନେଇଯାଇ ଅନ୍ୟ କେଉଁଠି ଲୁଚେଇ ରଖିବାକୁ । ୭୧ରେ ସୁଧାମୟଙ୍କ ବ୍ରାହ୍ମପଲ୍ଲୀ ଘରେ ଜିନିଷପତ୍ର ଆଉକିଛି ନଥିଲା । ତେବେ ନୂଆ ବେଶରେ ନୂଆକରି ବ˚ରହିବା ଆଶାରେ ସୁଧାମୟ ପୁଣି ଘରଦ୍ୱାର ପରିଷ୍କାର କଲେ । କହିଲେ, କିରଣମୟୀ, ତୁମେ ମନ ଖରାପ କରନାହିଁ । ନୂଆ ଦେଶ ତ । ଭଙ୍ଗାଭଙ୍ଗି ଲୁଟ୍‌ପାଟ କୁଆଡ଼େ କେତେ ହୋଇଛି ଦେଖ । ସମସ୍ତେ ନୂଆକରି ସବୁ ଗଢ଼ିଦେଉଛନ୍ତି । ପ୍ରଥମେ ପ୍ରଥମେ କଷ୍ଟ ହେବ, ପରେ ଦେଖିବ ସବୁ ଠିକ୍ ହୋଇଯିବ । କିରଣମୟୀ ପ୍ରତିବେଶୀମାନଙ୍କର ତୁଳନା ଦେଲେ କାହିଁ, ସେମାନଙ୍କର ଘର ତ ଲୁଟ୍ ହୋଇନି । ବାଛି ବାଛି ଆମ ଘର କାହିଁକି ?

୧୯୭୫ ସାଲରେ ବ୍ରାହ୍ମପଲ୍ଲୀର ଘର ବିକ୍ରି କରିଦେଇ ଢାକାରେ ଘରଭଡ଼ା ନେଇ ସୁଧାମୟ ନୂଆକରି ସଂସାର କରିଛନ୍ତି । ଏହି ଘର ମଧ୍ୟ ଛିନ୍ନଛତ୍ର ହୋଇଅଛି । ଲୁଟ୍ ହୋଇଛି, ପୋଡ଼ିଛି । ୧୯୯୦ ଅକ୍ଟୋବର ୩୦ ଓ ୩୧ ତାରିଖରେ କି ବିଭତ୍ସ କାଣ୍ଡ ଘଟିଗଲା ଏହି ଦେଶରେ ।





ସମ୍ଭ୍ରାନ୍ତ ବ୍ୟବସାୟ କରିପାରନ୍ତେ ନାହିଁ ? ଏମାନଙ୍କୁ ବୟକଟ କରିଦିଅ ।

ଗମ୍ଭୀର ହୋଇଗଲେ ସେ । ନା ଥଟ୍ଟା ନୁହେଁ । ମୁଁ ଅତ୍ୟନ୍ତ ଘୃଣା କରେ ଏହି ଝିଅମାନଙ୍କୁ । ଯୌବନ କେଉଁଦିନୁ ସେମାନଙ୍କୁ ରିକ୍ତ କରି ଚାଲିଗଲାଣି । ନେରା କଫି ପିଉ ପିଉ ଆର ହାତରେ ସିଗାରେଟ୍ ଧରିବ ଓ ଅନ୍ୟ ବନ୍ଧୁମାନଙ୍କୁ ବଢ଼େଇଦେବ ସିଗାରେଟ । ନିଜ ମନର ଗତି ବିଷୟରେ ଉତର ପାଇବା ପୂର୍ବରୁ ବଲୁ ଉଠି ଠିଆହେଲେ । ଫେରିଯିବାକୁ ହେବ । କର୍ମଜଞ୍ଜାଳ ଭିତରେ ବୁଡ଼ିଯିବାକୁ ହେବ । ରାତି ଅଧଯାଏ । ସେଠି ନେରା ପାଇଁ ଭାବିବାର ଅବସର ନଥିବ । ରହିପାରିବ ନାହିଁ ସହଜ ଭାବପ୍ରବଣତା କିମ୍ୱା ଦରଦୀ ପ୍ରାଣର ଖିଅ ଟାଣି ଟାଣି ଆଉ ଗୋଟିଏ ଜୀବନର ବ୍ୟଥା ବେଦନାକୁ ଛୁଇଁ ଯିବାର ପ୍ରଚେଷ୍ଟା, ସେଠି କେବଳ କାମ ଆଉ କାମ ।

ଯିବାପାଇଁ ହେବ ଏଠି – ଇଚ୍ଛା–ଅନିଚ୍ଛାର ପ୍ରଶ୍ନ ନାହିଁ । ମୁଁ ବି ଆସନ ଛାଡ଼ି ଉଠିଲି । ଆଉ ଠିକ୍ ଦ୍ୱାର ନିକଟରେ ଦେଖାହୋଇଗଲା ନେରା ସହିତ । ନେରା ମୁଣ୍ଡ ନୁଆଁଇ ଅଭିବାଦନ କଲା – ଗୁଡ ଇଭନିଂ ।

ତୁମେ କ'ଣ ତାଙ୍କୁ ଚିହ୍ନ । ଏକ କୌତୁହଳ ଓ ତାତ୍ସଲ୍ୟ ମିଶା ସ୍ୱରରେ ସେ ମୋତେ ପ୍ରଶ୍ନ କଲେ । ଆଖିରେ ତାଙ୍କର ସନ୍ଦେହର ଛିଟା । ହଁ ତାକୁ ମୁଁ ଜାଣେ, କେବଳ ତାକୁ ନୁହେଁ ତା'ର ପରିବାର, ତା'ର ଘର ସବୁ ମୋତେ ଜଣା । ମୁଁ ବେଶ ସହଜ  ସ୍ୱରରେ ଜବାବ୍ ଦେଲି । ଆଶ୍ୱାସନାର ସ୍ୱରରେ କହିଲି, ତୁମେ କିଛି ଭୟ କରନାହିଁ । ମୁଁ ତୁମକୁ ସବୁକଥା କହିବି । ଅନେକ ଚେଷ୍ଟାରେ ମୁଁ ନେରାର ଜୀବନ କାହାଣୀ ସଂଗ୍ରହ କରିଛି । ଆଶ୍ଚର୍ଯ୍ୟ ! ଆଶ୍ଚର୍ଯ୍ୟ କିଛି ନୁହେଁ । ଜଣେ ଲେଖକର ଯେତିକି କର୍ତବ୍ୟ ସେତିକି ମାତ୍ର ମୁଁ କରିଛି । ମଣିଷ ଚରିତ୍ରର ବିଭିନ୍ନ ଦିଗକୁ ନ ଜାଣିଲେ ଲେଖକ ତାର ମୂଳକୁ ସ୍ପର୍ଶ କରିବ କିପରି ? ରାତ୍ର ଅଧିକ ହେବାରୁ ସମସ୍ତେ ସମସ୍ତଙ୍କର ଘରକୁ ଗଲୁ ।

ଏତେବେଳେ ଦିଲ୍ଲୀର ରାଜପଥ ଗଭୀର ନିଦ୍ରାରେ ମଗ୍ନ । ନେରାର ଜୀବନ ମଧ୍ୟ ଏମିତି ନିଃସଙ୍ଗ । ସେହିଦିନୁ ନେରାକୁ ମୁଁ ପଚାରିଲି – ଆଉକିଛି ସମ୍ଭ୍ରାନ୍ତ କାମ ପାଇଲନି ! ସେ ମୋତେ ତା'ର ଘରକୁ ନିମନ୍ତ୍ରଣ କଲା । ତା'ର ଘର ହେବାରୁ ପିଲାଟିଏ କବାଟ ଖୋଲିଲା, ତା'ର ପାଟି ଶୁଭିଲା, ମମ୍ମି ଏ କିଏ ? ମୁଁ ଚମକି ପଡ଼ିଲି । ସେ କ'ଣ ବିବାହିତା ! ଅସଂଖ୍ୟ ପ୍ରଶ୍ନର ଝଡ଼ ମୋ ମନରେ । ତା'ର ଦୁଇଟି ଖଟ ଥିଲା – ଗୋଟିଏ ଖଟରେ ଥିଲେ ଜୀର୍ଣ୍ଣଶିର୍ଣ୍ଣ ବୃଦ୍ଧା–ଶ୍ୱାସରୋଗଗ୍ରସ୍ତା, ସେ କହିଲା, ଶାଶୁ । ଅନ୍ୟଟିରେ – ରୋଗୀଣା ମୁହଁଟି – ବଡ଼ କଷ୍ଟରେ ସେ ଜୀବନ୍ତ କହୁଛି, ଘରକୁ ଏଥର ନାଗର ଆସିଲେଣି । ମୁଁ ଚମକି ପଡ଼ିଲି, ନେରା ପାଗଳ ପରି ହସିଉଠିଲା । ସେ ମୋର

ସ୍ୱାମୀ, ଯକ୍ଷ୍ମାରୋଗୀ, ସ୍ୱାମୀ ଦେବତା ମୋର । ସହଜେ ତ ପୁଅଟି ତା'ର ଦୁଇ କାଖରେ ଦୁଇଟି ଆଶାବାଡ଼ି ଧରିଅଛି । ଛୋଟା ପୁଅଟେ । ଏହା ଥିଲା ନେରା ପରିବାର । ଆମେ ବନ୍ଧୁଦ୍ୱୟ ବାସ୍ତବରେ ହୃଦୟଙ୍ଗମ କଲୁ, ନିଜର ପରିବାରର ଭରଣପୋଷଣ ପାଇଁ ନେରା ଏଭଳି ଜୀବିକାକୁ ଆଦରି ନେଇଛି ।

ବାସ୍ତବିକ ଏହା ହେଉଛି ଏକ ଜନପଥ ।

ଗାଳ୍ପିକା ନନ୍ଦିନୀ ଶତପଥୀଙ୍କ ପ୍ରଥମ ଗଳ୍ପ ସଂକଳନ "କେତୋଟି କଥା"ରେ ବାଇଶଟି ଗଳ୍ପକୁ ସେ ସେଥିରେ ସ୍ଥାନଦେଇ ୧୯୬୭ରେ ପ୍ରକାଶ ପାଇଥିଲା । ତାଙ୍କର "କେତୋଟି କଥା" ଜଣେ ନିଛକ ସାରସ୍ୱତ ସାହିତ୍ୟିକା ପରିବାରର ଦାୟାଦ ଭାବରେ ନନ୍ଦିନୀଦେବୀ ଓଡ଼ିଆ ସାହିତ୍ୟକୁ ବିଶେଷତଃ ଗଳ୍ପ ବିଭାଗରେ ନିଜର ସ୍ୱହସ୍ତାକ୍ଷର ଛାଡ଼ିଯାଇଛନ୍ତି କହିଲେ ଅତ୍ୟୁକ୍ତି ହେବନାହିଁ । ସାହିତ୍ୟ ଜଗତର ବିଭିନ୍ନ ବିଭାଗରେ ତାଙ୍କର ପାରଦର୍ଶିତା ଥିଲା । ଗଳ୍ପ ସଂକଳନ 'ସପ୍ତଦଶୀ' ଏବଂ କବିତା ସଂକଳନ 'ଉତର ପୁରୁଷ' ଏବଂ ଅନୁବାଦ କ୍ଷେତ୍ରରେ ସିଦ୍ଧହସ୍ତା ଥିଲେ ଯଥାର୍ଥରେ ଲେଖିକା ।

**ନନ୍ଦିନୀ ଶତପଥୀଙ୍କ ସାରସ୍ୱତ କୃତିରେ-**

**ନନ୍ଦିନୀଙ୍କ ଗଳ୍ପ ସଂକଳନ "ସପ୍ତଦଶୀ" :**

ନନ୍ଦିନୀ ଶତପଥୀ ଜଣେ ନିଛକ ସାହିତ୍ୟିକ ପରିବାରରେ ଜନ୍ମ ଗ୍ରହଣ କରିଥିବାରୁ ପିଲାଟି ଦିନରୁ ତାଙ୍କ ଉପରେ ପଡ଼ିଥିଲା ପରିବାରର ପ୍ରଭାବ । ତୁଳସୀ ଦୁଇପତ୍ରରୁ ବାସିଲା ଭଳି ନନ୍ଦିନୀଙ୍କ ଅତି ସାନ ବେଳରୁ ତାଙ୍କ ସାହିତ୍ୟିକ ପ୍ରତିଭାର ଉନ୍ମେଷ ଘଟିଥିଲା । ତାଙ୍କ ବାପା ତଥା "ମାଟିର ମଣିଷ" କାଳଜୟୀ ଉପନ୍ୟାସର ରଚୟିତା ପଦ୍ମଭୂଷଣ ଡକ୍ଟର କାଳିନ୍ଦୀ ଚରଣ ପାଣିଗ୍ରାହୀ ତଥା ସାମ୍ୟବାଦୀ ଚିନ୍ତାଧାରାର ପ୍ରତୀକ ଏବଂ 'ଶିକାରୀ' ଗଳ୍ପର ଗାଳ୍ପିକ ତାଙ୍କ କକେଇ ଭଗବତୀ ଚରଣ ପାଣିଗ୍ରାହୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ନନ୍ଦିନୀଦେବୀ ବାଲ୍ୟକାଳରୁ ସାହିତ୍ୟରେ ମନୋନିବେଶ କରିଥିଲେ ।

ନନ୍ଦିନୀ ଦେବୀ ଯେତେବେଳେ କଟକରେ ରହି ପାଠ ପଢୁଥିଲେ, ନିକଟସ୍ଥ ସ୍କୁଲରେ ଏକ ମାଗାଜିନ୍‌ରେ ତାଙ୍କର ପ୍ରଥମ ଗଳ୍ପ - 'ଅନାଥ' ପ୍ରକାଶ ପାଇଥିଲା । ସେ ଏକ ପିତୃ-ମାତୃହରା ଅନାଥ ପିଲାଟିର କାହାଣୀ ଗଳ୍ପରେ ଉଲ୍ଲେଖ କରିଥିଲେ । ସେତେବେଳେ ସେ ସପ୍ତମ ଶ୍ରେଣୀରେ ପାଠ ପଢୁଥିଲେ । ସେ ସେହିଦିନ ଠାରୁ ସାହିତ୍ୟ ଚର୍ଚ୍ଚାରେ ନିଜକୁ ନିୟୋଜିତ କରିଥିଲେ ।

ନନ୍ଦିନୀ ଶତପଥୀଙ୍କ ପ୍ରଥମ ଗଳ୍ପ ସଂକଳନ "କେତୋଟି କଥା" ପ୍ରକାଶ ପାଇଥିଲା ୧୯୬୭ ମସିହାରେ । ଏହି ଗଳ୍ପ ସଂକଳନରେ ନନ୍ଦିନୀ 'ବାଇଶଗୋଟି' ଗଳ୍ପକୁ ସଂଲଗ୍ନ କରିଥିଲେ । ପାଠକ-





ପାଇବା ପାଇଁ ସେ ପ୍ରାଣପଣେ ଚେଷ୍ଟା କରୁଥିଲେ । ଇଏ କିଛି ଲୋଭ ନୁହେଁ । ଇଏ ହେଉଛି ପ୍ରାପ୍ୟ । ଫରିଦ ସାହେବ କୁହନ୍ତି - ଆଜି ଆସନ୍ତୁ, କାଲି ଆସନ୍ତୁ, ପନ୍ଦରଦିନ ପରେ ଆସନ୍ତୁ ଇତ୍ୟାଦି ଇତ୍ୟାଦି । ଏପରି ହୋଇ ଦେଢ଼ବର୍ଷ ଗଲାପରେ ପଦୋନ୍ନତିର ଆଶା ଛାଡ଼ିଦେଲେ ସୁଧାମୟ । ଶେଷ ପର୍ଯ୍ୟନ୍ତ ସହକାରୀ ଅଧ୍ୟାପକ ଭାବରେ ଅବସର ଗ୍ରହଣ କଲେ ସୁଧାମୟ ଦତ । ସୁଧାମୟ ଅବଶ୍ୟ ବୁଝିପାରୁଥିଲେ ଯେ, ମୁସଲମାନମାନଙ୍କର ଏହି ଆବାସ ଭୂଇଁରେ ନିଜ ପାଇଁ ବେଶୀ ଗୋଟାଏ ସୁବିଧା ସୁଯୋଗ ଆଶା କରିବା ଠିକ୍ ନୁହେଁ ।

୧୯୪୭ର ସାମ୍ପ୍ରଦାୟିକ ଭିତିରେ ପାକିସ୍ଥାନ ସୃଷ୍ଟି ହେବାପରେ ପ୍ରୟୋଜନ ଓ ଅପ୍ରୋୟଜନରେ ଦେଶର ଶାସକ ଶକ୍ତିଙ୍କ ପକ୍ଷରୁ ସ୍ୱରଣ କରିଦିଆଯାଏ ଯେ, ଏଇଟି ମୁସଲମାନମାନଙ୍କର ଆବାସଭୂମି । ନିଜ ଜନ୍ମମାଟିରେ ଯଦି ନିଶ୍ଚୟତା ନ ରହେ, ତେବେ ପୃଥିବୀର କେଉଁଠି ନିଶ୍ଚୟତା ରହିବ ? ସୁଧାମୟ ଦତ୍ତ ସ୍ୱଷ୍ଟ କଣ୍ଠରେ ଉତ୍ତର ଦେଲେ ଦେଶ ଛାଡ଼ି ଆମେ ପଳାଇପାରିବୁ ନାହିଁ । ତୁମେ ଯଦି ଯାଉଛ ଯାଅ । ଇଏ ମୋ ବୁଢ଼ାବାପାଙ୍କ ଭିଟାମାଟି, ନଡ଼ିଆ ଗୁଆ ବଗିଚା । ଷୋଳ ଏକର (ବିଘା) ଜାଗା ଉପରେ ଘର, ଏସବୁ ଛାଡ଼ି ସିଆଲଦା ଷ୍ଟେସନ୍‌ରେ ରିଫ୍ୟୁଜି ହେବାକୁ ମୋର ଇଚ୍ଛା ନାହିଁ । ସୁଧାମୟ ଦେଶରେ ରହିଗଲେ, ତା'ଛଡ଼ା ସୁଧାମୟଙ୍କର ବାପା ସୁକୁମାର ଦତଙ୍କର ବି ଆଗ୍ରହ ନଥିଲା, ପରିବାର ପରିଜନଙ୍କୁ ନେଇ ଦେଶତ୍ୟାଗ କରିବାକୁ । ସେ ଥିଲେ କଡ଼ା ମିଜାଜ୍‌ର ଲୋକ । ତାଙ୍କର ଡର ଭୟ କିଛି ନଥିଲା । ଦେଶ ବିଭାଜନର ଚାରିବର୍ଷ ପରେ ସେ କିରଣମୟୀଙ୍କୁ ବିବାହ କରି ସୁଧାମୟ ସଂସାର ଆରମ୍ଭ କଲେ । ସେତେବେଳେ କିରଣମୟୀ ଷୋହଳବର୍ଷର ତରୁଣୀ । ବ୍ରାହ୍ମଣ ବାଡ଼ିଆର ଝିଅ । କିରଣମୟୀଙ୍କର ନାମ ସୁଧାମୟ କଲେଜରେ ଲେଖାଇଦେଲେ । କିରଣମୟୀ ଭଲ ପଢ଼ାଶୁଣା କରୁଥିଲେ ଏବଂ ଭଲ ଗୀତ ମଧ୍ୟ ଗାଉଥିଲେ ।

ଅନେକ ସଂଘାତ ଭିତରେ ସୁରଂଜନ ବଡ଼ ହୋଇଛନ୍ତି । ସତଚାଳିଶ ମସିହାର ସାମ୍ପ୍ରଦାୟିକ ଦେଶ ବିଭାଜନ ସେ ଦେଖିନାହାନ୍ତି । ତାଙ୍କର ଜନ୍ମ ୧୯୫୮ ମସିହାରେ । ଉଣେଇଶ ଶହ ଏକସ୍ତରୀ ମସିହାରେ ସୁଧାମୟଙ୍କର ଜୀବନରେ ଅଦ୍‌ଭୁତ ଏକ ପରିବର୍ତନ ଆସିଥିଲା । ସେ ସେତେବେଳେ 'ମଇମନ୍‌ସିଂ'ରେ ନିଜ ଅଞ୍ଚଳରେ ଏସ୍.କେ.ହସ୍‌ପିଟାଲ୍‌ରେ ଡାକ୍ତର । ୭ ତାରିଖରେ ଏକ ଆହ୍ୱାନ ତାଙ୍କର କାନରେ ବାଜିଲା । ଶେଖ୍ ମୁଜିବର ରହମନ୍ - ରେସ୍‌କୋର୍ସ ପଡ଼ିଆରେ ବିଶାଳ ଜନସଭାରେ କହିଥିଲେ - ଆମର ସଂଗ୍ରାମ ମୁକ୍ତିର ସଂଗ୍ରାମ । ଆମର ସଂଗ୍ରାମ ସ୍ୱାଧୀନତାର ସଂଗ୍ରାମ । ସୁଧାମୟଙ୍କ ଛାତିରେ ଆଲୋଡ଼ନ ହୁଏ । ତାଙ୍କର ମଧ୍ୟ ଇଚ୍ଛା ହୁଏ ମୁକ୍ତିଯୁଦ୍ଧକୁ ଯିବାପାଇଁ, କିନ୍ତୁ ତାଙ୍କ ପକ୍ଷରେ ତ ସଂସାରକୁ ପଛରେ ପକାଇ ଯୁଦ୍ଧକୁ ଯିବା ସମ୍ଭବ

ଭାରତରେ ଯଦି ଗୋଟିଏ ଘା ମାତିଯିବ, ତେବେ ତାହାର ଯନ୍ତ୍ରଣା କେବଳ ଭାରତ ଭୋଗ କରିବନି, ପ୍ରତିବେଶୀ ଦେଶଗୁଡ଼ିକ ମଧ୍ୟ ସେ ଯନ୍ତ୍ରଣା ଭୋଗିବେ ।

ସୁରଂଜନ ଆଖିମୁଜି ଶୋଇଥାଏ । ମାୟା କହିଲା – ବାପା, ମା' ତୁମ ଭରସାରେ ବସିଛନ୍ତି । ସୁରଂଜନ କହିଲା – ତୁମେମାନେ ଚାଲିଯାଅ । ଏ ଘର ଛାଡ଼ି ମୁଁ କୁଆଡ଼େ ଯିବିନାହିଁ । ମାୟା ରଡ଼ି ଛାଡୁଛି । ତୁମେମାନେ ନଯାଅ । ମୁଁ ଏକୁଟିଆ ତାହାହେଲେ ଯାଉଛି । ପାରୁଲ ଘରେ ଯାଇ ବସିଥିବ । ଭାଇ ତ କୁଆଡ଼େ ନେଇଯିବ ବୋଲି ମନେ ହେଉନି । ତା'ର ବଞ୍ଚିବାର ଦରକାର ନଥାଇପାରେ କିନ୍ତୁ ମୋର ଦରକାର ।

ମାୟାର ଧାରଣା ହେଉଛି, ଯେକୌଣସି କାରଣରୁ ହେଉ, ସୁରଂଜନ ସେମାନଙ୍କୁ ଆଜି କାହା ଘରକୁ ଲୁଚାଇବାକୁ ନେବନାହିଁ । ଅଗତ୍ୟା ସେ ନିଜେ ହିଁ ନିଜର ନିରାପତ୍ତା କଥା ଭାବୁଛି । ନିରାପତ୍ତା ଶବ୍ଦଟି ସୁରଂଜନକୁ ବହୁତ ବାଧେ ।

ଦଙ୍ଗମାନେ ମାରପିଟ୍ । ଗୋଟିଏ ସଂପ୍ରଦାୟ ସାଙ୍ଗରେ ଆଉ ଗୋଟିଏ ସଂପ୍ରଦାୟର ସଂଘର୍ଷ । ନାମ ହେଉଛି ଦଙ୍ଗା କିନ୍ତୁ ଏହାକୁ ତ ଦଙ୍ଗା କୁହାଯିବନି ! ଇଏ ଗୋଟିଏ ଗୋଟିଏ ସଂପ୍ରଦାୟର ହମଲା, ଅତ୍ୟାଚାର ଓ ନିର୍ଯ୍ୟାତନା ।

ସୁରଂଜନ ଏହି ବଙ୍ଗଳାଦେଶର ମଣିଷ । ଡାକ୍ତର ସୁଧାମୟ ଦତଙ୍କ ଜ୍ୟେଷ୍ଠ ସନ୍ତାନ ଶ୍ରୀ ସୁରଂଜନ ଦତ । ସ୍କୁଲ ଓ କଲେଜର ମେଧାବୀ ଛାତ୍ର । ପଦାର୍ଥ ବିଜ୍ଞାନରେ ସ୍ନାତକୋତ୍ତର ଡିଗ୍ରୀ ନେଇ ଘରେ ବସିଛି । ଗୋଟିଏ ଦୁଇଟା ଫାର୍ମରେ କାମ କରି ମଧ୍ୟ ଛାଡ଼ିଦେଇଛି । ତାକୁ ଭଲ ଲାଗୁନି, ଇଚ୍ଛା ଥିଲା, ପିଏଚ୍.ଡି କରିବ ଓ ବିଶ୍ୱବିଦ୍ୟାଳୟରେ ଅଧ୍ୟାପକ ହେବ । ସେ ଇଚ୍ଛାଟି ମଧ୍ୟ ମରିଯାଇଛି । ତା'ର ଆଉ ସୁଖ ସ୍ୱଚ୍ଛଳତାର ସ୍ୱପ୍ନ ଦେଖିବାକୁ ଇଚ୍ଛା ହୁଏନାହିଁ । ସୁରଂଜନ ତା'ର ବାପାଙ୍କ ଭିତରେ ମଧ୍ୟ ଏହି ଯନ୍ତ୍ରଣା ଦେଖିଛି । ସେ ଥିଲେ ମେଡିକାଲ କଲେଜର ଆସିଷ୍ଟାଣ୍ଟ ପ୍ରଫେସର । ଆସୋସିଏଟ୍ ପ୍ରଫେସର ହେବାପାଇଁ ତାଙ୍କର ବହୁତ ଇଚ୍ଛା ଥିଲା । କିନ୍ତୁ ସମ୍ଭବ ହେଲାନାହିଁ । ପଦୋନ୍ନତି ହୋଇଛି ସଇଫୁଦ୍ଦିନ୍ଙ୍କର । ସାଲାମ ତାଦୁକଦାରଙ୍କର । ପଦୋନ୍ନତିର ଆବେଦନ ଫାଇଲ୍ ନେଇ ମିନିଷ୍ଟ୍ରିରେ ଦଉଡ଼ାଦଉଡ଼ି କରିଛନ୍ତି କେବଳ ସୁଧାମୟ । କିରାଣୀମାନଙ୍କ ରୁମ୍‌ରେ ଡାଃ ସୁଧାମୟ ଦତ ବସିରହିଛନ୍ତି ଅନେକ ଆଶାଧରି । ସେମାନେ କୁହନ୍ତି, ଡାକ୍ତରବାବୁ ମୋର ଝିଅର ଅମାଶୟ (ଡିସେଣ୍ଟ୍ରି) ହୋଇଛି, ଗୋଟିଏ ଭଲ ଔଷଧ ଲେଖିଦିଅନ୍ତୁ । ମୋର ଛାତିର ଡାହାଣ ପଟରେ ଦୁଇ ସପ୍ତାହ ହେଲାଣି ବହୁତ କଷ୍ଟ ହେଉଛି । କ'ଣ କରିବି କୁହନ୍ତୁତ !

ସୁଧାମୟଙ୍କ ରିଟାୟାରମେଣ୍ଟର ସମୟ ପାଖେଇ ଆସୁଛି । ଆସୋସିଏଟ୍ ପ୍ରଫେସର ପଦବୀ





ପାଠିକାମାନଙ୍କ ମଧ୍ୟରେ ଏହା ଏତେ ସୁଦୂରପ୍ରସାରୀ ହୋଇଥିଲା ଯେ, "କେତୋଟି କଥା"ର ଗଳ୍ପଗୁଡ଼ିକ ଭାରତୀୟ ଅନ୍ୟାନ୍ୟ ଆଞ୍ଚଳିକ ଭାଷା ଯଥା– ବଙ୍ଗଳା, ତେଲୁଗୁ, ତାମିଲ, ମାଲାୟଲମ୍, କନ୍ନଡ଼, ସର୍ବୋପରି ଇଂରାଜୀ ଭାଷାରେ ଏହାର ଅନୁବାଦ ପ୍ରକାଶିତ ହୋଇଥିଲା ।

ନନ୍ଦିନୀ ଶତପଥୀଙ୍କର ଦ୍ୱିତୀୟ ତଥା (ଶେଷ) ଗଳ୍ପ ସଂକଳନ "**ସପ୍ତଦର୍ଶୀ**" ସତର ଗୋଟି ଗଳ୍ପକୁ ନେଇ ରଚିତ ହୋଇଥିଲା । ଏହା ଡିସେମ୍ବର ୧୯୮୮ ମସିହାରେ ପ୍ରକାଶିତ ହୋଇଥିଲା । ଏହାର ପ୍ରକାଶକ ଥିଲେ ଶ୍ରୀ ଅଭିରାମ ମହାପାତ୍ର, ଗ୍ରନ୍ଥମନ୍ଦିର, ବିନୋଦବିହାରୀ, କଟକ । ଏହି 'ସପ୍ତଦର୍ଶୀ'ର ସତରଗୋଟି ଗଳ୍ପକୁ ନିମ୍ନରେ ବିଷଦ୍ ଭାବରେ ଉପସ୍ଥାପନା କରାଗଲା–

**(୧) ବିଷର ବଳୟ :**

ଗାଳ୍ପିକା ନନ୍ଦିନୀ ଶତପଥୀ ତାଙ୍କର ଗଳ୍ପ ସଂକଳନ "ସପ୍ତଦଶୀ"ରେ 'ବିଷର ବଳୟ' ଏକ କ୍ଷୁଦ୍ରଗଳ୍ପ । ସାମ୍ପ୍ରତିକ ସମାଜରେ ଏକ ବାପ–ମା ସେମାନଙ୍କର ପିଲାଙ୍କ ଭବିଷ୍ୟତ ପାଇଁ କିଭଳି ସୁନେଲୀ ସ୍ୱପ୍ନ ଦେଖୁଥିବାବେଳେ, ତେଣେ ପିଲାମାନେ କିପରି ସାଙ୍ଗସାଥୀ ମେଳରେ ଖରାପ ବାଟକୁ ଗତି କରିଥାଆନ୍ତି, ଏହାହିଁ ଏହି ଗଳ୍ପରେ ମୁଖ୍ୟ ସାରସଂକ୍ଷେପ । ବାସ୍ତବିକ୍ ଏହା ଖୁବ୍ ହୃଦୟସ୍ପର୍ଶୀ ହୋଇପାରିଛି ।

ପଦାକୁ ଯିବାପାଇଁ ଅର୍ଦ୍ଧରାତ୍ରିରେ ଦାଣ୍ଡ କବାଟଟା ଫିଟାଇ ବାହାରକୁ ଉଠିଆସିଲା ବୀରପ୍‌ପା । ଖାଲି ଟିକକ ଦୂରରେ ଥିବା ରାସ୍ତର ବତୀଖୁଣ୍ଟରୁ ଆଲୁଅ ଚେନାଏ ଆସି ପିଣ୍ଡାର ଗୋଟିଏ ପାଖରେ ପଡୁଅଛି । ସେଇଠି ଗାମୁଛାଟା ଉପରେ ଶୋଇଛି – ଶିବୁ । ମେଞ୍ଚାଏ ମଶା ତା' ମୁହଁ ଉପରେ ଗଣଗଣ ହେଉଛନ୍ତି । ସେ ଶିବୁ ପାଖକୁ ଆସି ଦେଖିଲା ସେ ଠିକ୍ ଭାବରେ ଶୋଇଅଛି । ନିଶ୍ୱାସ ଚାଲୁଛି । ତଥାପି ସେ ତା'ର ପୋଷାକ ଓହ୍ଲାଇ ଦେଖିଲା – କେଉଁଠି କିଛି ଆଘାତର ଚିହ୍ନ ନାହିଁ । ସେ ନିଜେ ଆସି ଏଠାରେ ଶୋଇଛି ।

ବାବନ ବଜାର, ତେପନ ଗଳିର କଟକ ସହର ଆଉ ସେହି ସହର ହୋଇ ନାହିଁ । କେତେ ଗଳି ଓ କେତେ ବଜାର ସାହିସାହିରେ । ତିରିଶ ବର୍ଷ ତଳେ ତେପନ ଗଳିରୁ ଗୋଟିଏ ଗଳିରେ ବୀରପ୍‌ପା ଦିନେ ଆସି ପହଂଚିଥିଲା । ସୁଦୂର ଆନ୍ଧ୍ରପ୍ରଦେଶର ଆନ୍‌କାପଲ୍ଲୀରୁ କଟକ ସହରର ବଢ଼େଇ ସାହି ତା' ପାଇଁ ସେତେବେଳେ ଥିଲା ଅନେକ ଦୂର । ସେହି ଦୂରତ୍ୱକୁ ସଂକୁଚିତ କରି ଶାମ ମିସ୍ତ୍ରୀର ବାହାରପଟ ଚାଳିଆରେ ସେଦିନ ମୁଣ୍ଡ ଗୁଞ୍ଜିଥିଲା ବୀରପ୍‌ପା । ତା'ପରେ ଅନେକ ଦୂରତା ସେ ଅତିକ୍ରମ କରି କଟକର ମାଲଗୋଦାମରେ ମୋଟ ବୁହେ, ମଜୁରି ଖଟେ ଓ ରିକ୍‌ସା ଚଳାଏ ।

ଶାମ ମିସ୍ତ୍ରୀଙ୍କ ପରିବାରରେ ପାଞ୍ଚଜଣ ମଣିଷ । ସ୍ୱାମୀ–ସ୍ତ୍ରୀ, ଦୁଇଟି ପୁଅଝିଅ ଓ ଆଉ

ବୁଢ଼ିମାଆଟି । କାଠ କାମରୁ ଯେତିକି ରୋଜଗାର ହୁଏ, ପାଞ୍ଚୋଟି ପେଟକୁ ସେଥିରୁ ଭଲଭାବରେ ପୁରାଇ ହୁଏନାହିଁ । ସେଥିରେ ଭାଗ ବସାଇଥିଲା ବୀରପ୍ପା । ତୁ ଆମ ସାଙ୍ଗରେ ରହ, ତୋର କାମ ପାଇଲା ପରେ ତୋ କଥା ତୋର । ହାତ ମୁହଁ ଧୋଇ ଆସିବା ଆଗରୁ ଲକ୍ଷ୍ମୀ ମୁଢ଼ି, ତା' ସାଙ୍ଗରେ ଚାହା ଆଣି ପରଶି ଦେଇଥିଲା । ବାର, ତେର ବର୍ଷ ବୟସର ଲକ୍ଷ୍ମୀ ଭାରି ସୁନ୍ଦର ଦିଶୁଥିଲା । ଶିବୁ ଦାଣ୍ଡପିଣ୍ଡାରେ ଶୋଇଥିଲା । ଉଠିଲାଣି ଲକ୍ଷ୍ମୀ ? ନାଇଁତ ଶିବୁ ଶିବୁ ହୋଇ ଲୋକଟା ପାଗଳ ହୋଇଯିବ କି କ'ଣ ? ନହେବ ବା କେମିତି, ଗୋଟିଏ ବୋଲି ପୁଅ, କେତେ ଆଶା ମନରେ ବାନ୍ଧି ବୀରପ୍ପା ଓ ଲକ୍ଷ୍ମୀ ତାକୁ ବଢ଼େଇଥିଲେ । ଶେଷକୁ... ତା' ପିଇସାରି ବୀରପ୍ପା ସାହିକି ଗଲା । ଶିବୁ କଥା ପଚାରିବ ବୋଲି । ପ୍ରତିଦିନର ରୋଜଗାର ତକ ସଂଜ ବେଳକୁ ଫେରି ଶାମ ହାତରେ ଧରାଇ ଦେଉଥିଲା ବୀରପ୍ପା । ଶାମ କହିଲା, ତୋ ପଇସା ତୋର ରଖ, ତମେ ନଥିଲେ, ମେତେ ବିଦେଶ ଭୂଇଁରେ କିଏ ଆଶ୍ରା ଦେଇଥାନ୍ତା । ଆଜିକାଲି ଯୁଗରେ କିଏ ଏତେ ବିଶ୍ୱାସ ରଖିବ । ବୀରପ୍ପା କିନ୍ତୁ ବିଶ୍ୱାସ ରଖିଥିଲା, ଆଉ ସେହି ବିଶ୍ୱାସ ବି ରଖିଥିଲା ଶାମ ।

ତା'ପରେ ଶିବୁ ଆସିଲା ତା' ସଂସାରକୁ । ବୀରପ୍ପା ବି ଶାମର କଥା ମାନିନେଇଥିଲା । ଶିବୁକୁ ଖୁବ୍ ପାଠ ପଢ଼ାଇବ ବୋଲି ଠିକ୍ କରିଥିଲା । ଶିବୁ ଯେଉଁଦିନ ମାଟ୍ରିକ୍ ପାସ କରିଥିଲା, ତା' ମା ଲକ୍ଷ୍ମୀ ସେହିଦିନ ସାହିଯାକ ମିଠା ବାଣ୍ଟିଥିଲା । ବହୁ କଷ୍ଟରେ ଟଙ୍କା ଯୋଗାଡ଼ କରି ସେ ଶିବୁକୁ କଲେଜରେ ପାଠ ପଢ଼ାଇଲା । ମାତ୍ର ଶିବୁ ସାଙ୍ଗମାନଙ୍କ ସାଙ୍ଗରେ ସିନେମା, ହୋଟେଲକୁ ଯାଇ ନଷ୍ଟ ହୋଇଗଲା । ଶିବୁର ସାଙ୍ଗମାନଙ୍କର ପ୍ରଭାବ ପାଖରେ ବାପା ବୀରପ୍ପାର ସ୍ୱାଭିମାନ ହାର ମାନିଗଲା । ତା'ପରେ ଥାନା, ପୋଲିସ, ଘର ଖାନତଲାସ । ଲକ୍ଷ୍ମୀ ଓ ବୀରପ୍ପାଙ୍କ ସାଇ ଲୋକଙ୍କ ସାଙ୍ଗରେ ସମ୍ପର୍କ ତୁଟିଗଲା । ଶିବୁ ମଧ୍ୟ ଖରାପ କାମ କରି ଜେଲ ଯାଏ । ଗୋଟିଏ କେଶ୍‌ରେ ସେ ବାପାଙ୍କ ନିକଟତର ହେଲା ଓ ବାପାଙ୍କ ଅଭୟବାଣୀ ପାଇଲା । ଶେଷରେ ପୋଲିସ ଶିବୁକୁ ନେଇଗଲା । ଟ୍ରାଫିକ୍ ଆଇଲାଣ୍ଡ ଉପରେ ଠିଆ ହୋଇଥିବା ବୀରପ୍ପାର ଏକ ଦୀର୍ଘନିଶ୍ୱାସ ବାହାରିଆସୁଥିଲା ।

**(୨) ଶତ୍ରୁ :**

ନନ୍ଦିନୀ ଶତପଥୀଙ୍କ ଗଳ୍ପ ସଂକଳନ "ଶପ୍ତଦଶୀ"ର ଏକ ଗଳ୍ପ 'ଶତ୍ରୁ' । ନନ୍ଦିନୀଦେବୀ ଏଠାରେ ଦୁଇ ମହିଳାଙ୍କ କାହାଣୀକୁ ଉପସ୍ଥାପିତ କରିଅଛନ୍ତି । ଏକ ସୁଦୂର ଟ୍ରେନ୍ ଯାତ୍ରାରେ ଘଟିଥିବା କାହାଣୀ ହେଉଛି – ଶତ୍ରୁ ।

ଏଇ ଛୋଟ ଅଥଚ ବିଖ୍ୟାତ ସହରରେ ନନ୍ଦିନୀଦେବୀଙ୍କୁ ତାଙ୍କର ଗଳ୍ପ 'ଶତ୍ରୁ'ରେ ମୁଖ୍ୟ





ଆଜି ଡିସେମ୍ବର ସାତ ତାରିଖ । ଗତକାଲି ଦ୍ୱିପ୍ରହରେ ଅଯୋଧ୍ୟାର ସରଯୁ ନଦୀ କୂଳରେ ଘଟିଗଲା ଘୋର ଅନ୍ଧକାର । କର ସେବକମାନେ ସାଢ଼େ ଚାରିଶହ ବର୍ଷର ପୁରୁଣା ମସ୍‌ଜିଦ୍‌ଟିକୁ ଭାଙ୍ଗି ପକାଇଛନ୍ତି । ବିଶ୍ୱ ହିନ୍ଦୁ ପରିଷଦ ଯେଉଁ ସମୟରେ କରସେବା ଆରମ୍ଭ କରିବା ପାଇଁ କହିଥିଲା, ତା'ର ପଚିଶ ମିନିଟ୍ ଆଗରୁ ଘଟଣାଟି ଘଟିଗଲା । କରସେବକମାନେ ପ୍ରାୟ ପାଞ୍ଚ ଘଣ୍ଟା ଚେଷ୍ଟା କରି ତିନୋଟି ଗମ୍ବୁଜ ସହ ସମ୍ପୂର୍ଣ୍ଣ ସୌଧଟିକୁ ଧୂଳିରେ ମିଶାଇଦେଲେ । ସମସ୍ତ ଘଟଣାଟି ଘଟିଲା ବିଜେପି, ବିଶ୍ୱହିନ୍ଦୁପରିଷଦ, ଆର୍.ଏସ୍.ଏସ୍, ବଜରଙ୍ଗ ଦଳର ସମସ୍ତ ନେତାମାନଙ୍କର ଉପସ୍ଥିତିରେ । କେନ୍ଦ୍ରୀୟ ନିରାପତ୍ତା ବାହିନୀ, ପି.ଏ.ସି ଏବଂ ଉତ୍ତର ପ୍ରଦେଶର ପୁଲିସ ନିଷ୍କ୍ରିୟ ଭାବରେ ଠିଆହୋଇ କରସେବକମାନଙ୍କର ନୃଶଂସ କାଣ୍ଡ ଦେଖିଲେ । ଦ୍ୱିପ୍ରହର ଦୁଇଓଟା ପଇଁଚାଳିଶ ମିନିଟ୍‌ରେ ଗୋଟିଏ ଗମ୍ବୁଜ ଭଙ୍ଗାଗଲା । ଚାରିଟାରେ ଦ୍ୱିତୀୟ ଗମ୍ବୁଜ ଓ ଚାରିଶ ପଇଁଚାଳିଶରେ ତୃତୀୟ ଗମ୍ବୁଜକୁ ମଧ୍ୟ ଭାଙ୍ଗି ପକାଇଲେ ଉନ୍ମତ୍ତ କରସେବକମାନେ । ସୌଧ ଭାଙ୍ଗିବାକୁ ଯାଇ ଚାରିଜଣ କରସେବକ ଧ୍ୱଂସସ୍ତୂପ ତଳେ ଚାପା ପଡ଼ି ନିହତ ହେଲେ ଏବଂ ଆହତ ହେଲେ ଶତାଧିକ ଲୋକ ।

ସୁରଂଜନ ଶୋଇ ଶୋଇ ଖବରକାଗଜ ପୃଷ୍ଠାରେ ଆଖି ବୁଲାଇଥିଲା । ଆଜି ସବୁ କାଗଜର ମୁଖ୍ୟ ହେଡିଙ୍ଗ୍ ବାବ୍ରୀ ମସ୍‌ଜିଦ ଧ୍ୱସ୍ତବିଧ୍ୱସ୍ତ । ସୁରଂଜନ ବାବ୍ରୀ ମସ୍‌ଜିଦ୍ ଦେଖିନାହିଁ । ଦେଖିବ କ'ଣ, କେବେ ବି ସେ ଅଯୋଧ୍ୟାକୁ ଯାଇନାହିଁ କି ଦେଶ ବାହାରକୁ ଯାଇନାହିଁ । ରାମ କେଉଁଠି ଜନ୍ମ ହୋଇଥିଲେ ଆଉ କେଉଁ ମାଟି ଫୁଟାଇ ମସ୍‌ଜିଦ ବାହାରିଛି, ଏସବୁ କଥା ତା' ପାଇଁ ନିତାନ୍ତ ତୁଚ୍ଛ ।

ବାବ୍ରୀ ମସ୍‌ଜିଦ ଯୋଗୁଁ ବାଂଲାଦେଶରେ ବି ପ୍ରଚଣ୍ଡ ତାଣ୍ଡବ ଆରମ୍ଭ ହୋଇଯିବ । ମନ୍ଦିରଗୁଡ଼ିକ ଧୂଳିସାତ ହେବ । ହିନ୍ଦୁମାନଙ୍କର ଘରବାଡ଼ି ପୋଡ଼ା ହେବ । ଦୋକାନ ବଜାର ଲୁଟ୍ ହେବ । ବିଜେପିର ଉସକାଣିରେ କରସେବକମାନେ ବାବ୍ରୀ ମସ୍‌ଜିଦ୍ ଭାଙ୍ଗି ଏ ଦେଶର ମୌଳବାଦୀ ଦଳକୁ ଆହୁରି ହୃଷ୍ଟପୃଷ୍ଟ କରିଅଛନ୍ତି । ବିଶ୍ୱ ହିନ୍ଦୁପରିଷଦ, ବିଜେପି ଓ ସେମାନଙ୍କର ସହଯୋଗୀ ମାନେ କ'ଣ ଭାବିଛନ୍ତି ଯେ, ସେମାନଙ୍କର ଉନ୍ମତ୍ତ ଆଚରଣର ପ୍ରଭାବ କେବଳ ଭାରତର ଭୌଗୋଳିକ ସୀମାରେ ଆବଦ୍ଧ ରହିବ ? ଭାରତରେ ଆରମ୍ଭ ହୋଇଯାଇଛି ପ୍ରଚଣ୍ଡ ସାଂପ୍ରଦାୟିକ ଦଙ୍ଗା । ପାଂଶହ, ଛଅଶହ କି ହଜାରେ ଲୋକ ମଲେଣି । ଘଣ୍ଟାଘଣ୍ଟା କରେ ମୃତ୍ୟୁ ସଂଖ୍ୟା ବଢ଼ିବଢ଼ି ଯାଉଛି । ହିନ୍ଦୁର ସ୍ୱାର୍ଥରକ୍ଷକମାନେ କ'ଣ ଜାଣନ୍ତିନାହିଁ ଯେ, ଅନ୍ତତଃ ଦୁଇକୋଟି ହିନ୍ଦୁ ଏହି ବଙ୍ଗଳାଦେଶରେ ଅଛନ୍ତି । ଖାଲି ବଙ୍ଗଳାଦେଶ କାହିଁକି, ପଶ୍ଚିମ ଏସିଆର ପ୍ରାୟ ପ୍ରତ୍ୟେକ ଦେଶରେ ହିନ୍ଦୁ ରହିଛନ୍ତି । ସେମାନଙ୍କର କି ଦୁର୍ଦ୍ଦଶା ହେବ, ଥରେ ବି କ'ଣ ଏହି ହିନ୍ଦୁ ମୌଳିକତାବାଦୀମାନେ ଭାବିଛନ୍ତି ? ରାଜନୈତିକ ଦଳ ଭାବରେ ଭାରତୀୟ ଜନତା ପାର୍ଟି ଜାଣିବା ଉଚିତ, ଭାରତ ଗୋଟିଏ ବିଚ୍ଛିନ୍ନ ଜମ୍ବୁଦୀପ ନୁହେଁ ।

ନିର୍ବିଶେଷରେ ଯେଉଁଟା ଭୁଲ, ତାହାକୁ ସେ ଭୁଲ ବୋଲି କହିବା ପାଇଁ ସାହସ କରିପାରିଛନ୍ତି । ତାଙ୍କ ଚରିତ୍ରର ଏହି ବିଶେଷତ୍ୱ ଯୋଗୁଁ "ଲଜ୍ଜା" ବର୍ତ୍ତମାନ ଭାରତ ଓ ବଙ୍ଗଳାଦେଶରେ ଚହଳ ପକାଇବାରେ ଲାଗିଛି । ବର୍ତ୍ତମାନ ସାରା ପୃଥିବୀରେ ତଥା ଭାରତରେ ସାଂପ୍ରଦାୟିକତା ଯେପରି ଭୀଷଣ ଆକାର ଧାରଣା କରିଛି, ସବୁଧର୍ମର ମୌଳିକତାବାଦୀମାନେ ଯେପରି ସେମାନଙ୍କର Tentacle ବିସ୍ତାର କରିଛନ୍ତି, ତସଲିମାନଙ୍କର "ଲଜ୍ଜା" ତାହାର ଏକ ସାହସିକ ବିରୋଧ । ନନ୍ଦିନୀଦେବୀ ସେଥିପାଇଁ ବହିଟି ଅନୁବାଦ କରି ଓଡ଼ିଆ ପାଠକମାନଙ୍କ ସମ୍ମୁଖରେ ରଖିବା ପାଇଁ ଆଗ୍ରହୀ ହୋଇଥିଲେ । କାରଣ ନନ୍ଦିନୀ ଥିଲେ ସବୁ ସାଂପ୍ରଦାୟିକତାର ବିରୋଧୀ ।

ଏହି ବହିଟିର ଆମୂଳଚୂଳ ଅନୁବାଦ ମୁଁ ଶ୍ରୀମାନ ଆଶିଷ ରଂଜନ ମହାପାତ୍ରଙ୍କୁ ଡାକିଛି (Dictation) । ସେ ରାତି ଅଧ ପର୍ଯ୍ୟନ୍ତ ଏତେ ପରିଶ୍ରମ କରି ଲେଖିନଥିଲେ ମୋ ପକ୍ଷରେ ଏତେଶୀଘ୍ର ଅନୁବାଦ କରିବାଟା ସମ୍ଭବ ହୋଇପାରିନଥାନ୍ତା । ତସଲିମା ନାସରିନ୍ ଏ ବହିଟିକୁ ମୋତେ ଅନୁବାଦ କରିବାକୁ ଅନୁମତି ଦେଇଥିବାରୁ ସେ ଧନ୍ୟବାଦର ପାତ୍ରୀ ।

**"ଲଜ୍ଜା"ର ସାରସଂକ୍ଷେପ**

**(ଏକ)**

ସୁରଂଜନ ଶୋଇ ରହିଛି, ମାୟା ଥରକୁ ଥର ଆସି ତାକୁ ତାଗିଦା କରୁଛି – ଭାଇ, ଉଠ, କିଛି ବ୍ୟବସ୍ଥା କର । ଡେରିହେଲେ କିଛି ଅଘଟଣ ଘଟିଯାଇପାରେ । ସୁରଂଜନ ଜାଣିଛି ଯେ, ଏହି ବ୍ୟବସ୍ଥାର ଅର୍ଥ କ'ଣ କୌଣସି ଗୋଟିଏ ଜାଗାରେ ଯାଇ ଲୁଚି ରହିବା । କାହିଁକି ତାକୁ ନିଜ ଘର ଛାଡ଼ି ପଳାଇଯିବାକୁ ହେବ – ତା ନାଁ ସୁରଂଜନ ଦତ୍ତ, ତା' ବାପାଙ୍କ ନାମ ସୁଧାମୟ ଦତ୍ତ, ମା'ଙ୍କ ନାମ କିରଣମୟୀ ଦତ୍ତ, ଭଉଣୀ ନାଁ ନୀଳାଞ୍ଜନା ଦତ୍ତ ।

୩୦, ଅକ୍ଟୋବର ସକାଳେ କମାଲ ତା' ଘରୁ କିଛି ଗୋଟିଏ ଆଶଙ୍କା ସନ୍ଦେହ କରି ସୁରଂଜନ ଘରକୁ ଦୌଡ଼ି ଆସିଥିଲା । ସୁରଂଜନକୁ ନିଦରୁ ଉଠାଇ କହିଥିଲା, ଶୀଘ୍ର ଚାଲ । ଦି'ଚାରିଟା ଲୁଗା ଚଞ୍ଚଳ ସଜାଡ଼ି ଦେ । ଘରେ ତାଲାଦେଇ ସମସ୍ତେ ଚାଲ । କମାଲ ଘରେ ସେମାନଙ୍କ

ଆଶ୍ରୟ ନେବାକୁ ହେବ । କମାଲ ତା'ର ଅନେକ ଦିନର ବନ୍ଧୁ । ଆତ୍ମୀୟ ସ୍ୱଜନଙ୍କୁ ନେଇ ତା' ଘରେ ସେ କିଛିଦିନ ରହିପାରେ, କିନ୍ତୁ ତାକୁ ସବୁବେଳେ ରହିବାକୁ ହେବ କାହିଁକି ? ତାକୁ କାହିଁକି ନିଜ ଘର ଛାଡ଼ି ପଳେଇଯିବାକୁ ପଡୁଛି ?





ନାୟିକା ଭାବରେ ଜଣାଶୁଣା ପରିବାର ଶ୍ରୀମତୀ ଦେଓଙ୍କୁ ସମସ୍ତେ ଶ୍ରଦ୍ଧା ଓ ସମ୍ମାନର ଚକ୍ଷୁରେ ଦେଖୁଥିଲେ । ଯେଉଁମାନେ ତାଙ୍କୁ ଦେଖିଛନ୍ତି, ସେମାନେ ସେହି ଦୂରତ୍ୱ ଭାଙ୍ଗିବା ପାଇଁ କେବେ ସାହସ କରିନାହାନ୍ତି । ସହରର ଏହି ବିଶିଷ୍ଟ ଅଞ୍ଚଳରେ ଥିବା ଆଭିଜାତ୍ୟ ସମ୍ପନ୍ନ ଘରେ କେବେଠାରୁ ବାସ କରୁଛନ୍ତି – କାହାକୁ ଜଣାନାହିଁ । ସେହି ଗୃହରେ ଭୃତ୍ୟ, ଡ୍ରାଇଭର, ମହିଳା ସେକ୍ରେଟାରୀଙ୍କ ବ୍ୟତୀତ ଅନ୍ୟକାହାରିକୁ କେହି କେବେ ଦେଖିନାହାନ୍ତି । ସେଥିପାଇଁ ଶ୍ରୀମତୀ ଦେଓ କୁମାରୀ, ବିବାହିତା, ବିଧବା କି ସ୍ୱାମୀ ପତିତ୍ୟାଗିନୀ, ସେକଥା ମଧ୍ୟ ସେହିଭଳି ଅଜଣା । ଫାଟକ ନିକଟରେ ମାର୍ବଲ ଉପରେ କେବଳ ଓଡ଼ିଆ ଅକ୍ଷରରେ ଲେଖାହୋଇଛି – ଶ୍ରୀମତୀ ର. ଦେଓ । ତାଙ୍କର ନାମ ରମା, ରତ୍ନା କିମ୍ବା ରଂଜିତା ତାହା ଜଣାପଡୁନାହିଁ । ଧରି ନିଆଯାଉ– ନାମଟି ରତ୍ନା । ରତ୍ନାଙ୍କର ବୟସ ଆନୁମାନିକ ଚାଳିଶ ଓ ପଇଁଚାଳିଶ ମଧ୍ୟରେ । ଆବଶ୍ୟକ ଠାରୁ ଅଧିକ ବ୍ୟୟ କରିବା କେହି କେବେ ରତ୍ନାକୁ ଦେଖିନଥିଲେ । ସେ ଥିଲେ ସହରର ସବୁଠାରୁ ସୁରୁଚିସମ୍ପନ୍ନା ଆଧୁନିକ ମହିଳା । ବେଳେବେଳେ ଘରକୁ ସେ ନିମନ୍ତ୍ରିତ ଅତିଥିମାନଙ୍କୁ ଡାକି ଆପ୍ୟାୟିତ କରୁଥିଲେ । ସମୟ ସମୟରେ ରତ୍ନାଙ୍କର ବୈଠକଖାନାର ରେକର୍ଡ ପ୍ଲେୟାରରୁ ସୁମଧୁର ଉଚ୍ଚକୋଟୀର ଶାସ୍ତ୍ରୀୟସଂଗୀତ ଆସୁଥାଏ । ରତ୍ନା କେବେକେବେ ଘରଛାଡ଼ି ଦଶ ପନ୍ଦର ଦିନ ପାଇଁ ବାହାରକୁ ଚାଲିଯାଉଥିଲେ ।

ଏଥର ରତ୍ନାଦେବୀ ପ୍ରଥମଶ୍ରେଣୀ ଶୀତତାପ ନିୟନ୍ତ୍ରିତ ବଗିରେ ଟ୍ରେନ୍‌ରେ ଯାତ୍ରା ଆରମ୍ଭ କରିଥିଲେ । ତାଙ୍କ ଡ୍ରାଇଭର ଓ ଭୃତ୍ୟ ସମସ୍ତ ସାମଞ୍ଜସ୍ୟ ସହିତ ରତ୍ନାଦେବୀଙ୍କୁ ଷ୍ଟେସନ୍‌ରେ ବସାଇ ରହିଯାଇଥାନ୍ତି । ସେତେବେଳକୁ ଭିଡ଼ କମିଗଲାଣି ପ୍ଲାଟ୍‌ଫର୍ମରେ । ସମସ୍ତେ ଗାଡ଼ିକୁ ଉଠୁଛନ୍ତି – ଠିକ୍ ସେତିକିବେଳେ ଜଣେ ସ୍ଥୂଳକାୟ ମହିଳା ତାଙ୍କ ନିକଟରେ ଆସି ବସିଗଲେ । ତାଙ୍କର ଚାଲିଚଳଣୀ ରତ୍ନାଙ୍କୁ ଆଦୌ ଭଲ ଲାଗୁନଥିଲା । କିଛି ସମୟ ପରେ ଟ୍ରେନ୍‌ର ଡାଇନିଂ କାରର ବୟଟି ଆସି ରାତ୍ରିଭୋଜନ ପାଇଁ ଅର୍ଡର ନେଲା । ମାତ୍ର, ରତ୍ନାଦେବୀ ମନା କରିଦେଇଥିଲେ, ପାଖରେ ଥିବା ମହିଳାଜଣକ – ମାଛ ଓ ମିଠା ପାଇଁ ଅର୍ଡର ଦେଲେ । ପରେ ଦୁହେଁ ମିଶି ଆରାମରେ ଭୋଜନ କଲେ ଓ ଦୁହେଁ ଗପରେ ମଜିଗଲେ । ବହି ଉପରକୁ ଆଖି ଫେରାଇ ଆଣି ରତ୍ନା ପୁଣି ପଢ଼ିବାକୁ ଚେଷ୍ଟା କରିଥିଲେ । ସେହି ମହିଳାଙ୍କର ଆୟାଚିତ ଅଭିବାବକତ୍ୱ ରତ୍ନାଦେବୀଙ୍କୁ ଆଦୌ ଭଲ ଲାଗୁନଥିଲା ।

ଗାଡ଼ିର ଗତି ବଢ଼ିଚାଲିଥିଲା । ରାତ୍ରି ବି ବଢ଼ି ଚାଲୁଛି । ହଠାତ୍ କବାଟର ଜୋର ଠକ୍‌ଠକ୍‌ରେ ରତ୍ନାଦେବୀ ଆଖି ଖୋଲିଲେ । ସମୟ ସାଢ଼େ ପାଞ୍ଚଟା । ପରେ ଦେଖିଲେ ସେ ଭଦ୍ରମହିଳା ସେଠାରେ ନାହାନ୍ତି । ଏତେ ସକାଳୁ ଟିକେଟ୍ ଚେକରଙ୍କୁ ଦେଖି ବିରକ୍ତ ହେଲେ ରତ୍ନା । ମାତ୍ର ଟି.ସି କହିଲେ ଆପଣଙ୍କ ପାଖରେ ଥିବା ମହିଳାଙ୍କ ଟୟଲେଟ୍ ଭିତରେ ମୃତ୍ୟୁ ହୋଇଯାଇଛି । ସେଠିକାର ଲୋକ

ସବୁ କୁହାକୁହି ହେଲେ ଯାଙ୍କର ସହଯାତ୍ରିଣୀ ରାତ୍ରିରେ କଷ୍ଟ ପାଇଲେ, ସକାଳୁ ବାଥରୁମ୍‌ରେ ପଡ଼ି ମରିଗଲେ । ମାତ୍ର ଯାଙ୍କୁ କିଛି ଜଣାନାହିଁ !

ରତ୍ନାଦେବୀ ଘରେ ପହଞ୍ଚି ଚାକର ହାତରେ ଟେଲିଗ୍ରାମ ଫର୍ମ ମଗାଇ ନିଜର ସେକ୍ରେଟାରୀଙ୍କ ପାଖକୁ ଟେଲିଗ୍ରାମ କରି ଲେଖିଲେ, ଟ୍ରେନ୍‌ରେ ମୃତ୍ୟୁବରଣ କରିଥିବା ମହିଳା ଅନ୍ୟଜଣେ ।

**(୩) ସୁଡ଼ଙ୍ଗର ଶେଷରେ :**

ଗାଳ୍ପିକା ନନ୍ଦିନୀ ଶତପଥୀ ତାଙ୍କର ଦ୍ୱିତୀୟ ଗଳ୍ପ ସଂକଳନ "ସପ୍ତଦଶୀ" ୧୯୮୮ରେ ପ୍ରକାଶିତ ହୋଇଥିଲା । ସତରଗୋଟି ଗଳ୍ପଗୁଚ୍ଛକୁ ନେଇ "ସପ୍ତଦଶୀ" ରଚିତ । ଏଥିରେ 'ସୁଡ଼ଙ୍ଗର ଶେଷରେ' ଏକ କ୍ଷୁଦ୍ରଗଳ୍ପ । ଏହା ବେଶ୍ ପ୍ରାଣସ୍ପର୍ଶୀ ।

ବହୁଦିନର ପୁରୁଣା ପରିଚିତ ଘରଟା ହଠାତ୍ କେମିତି ଜେଲ୍‌ଖାନା ପାଲଟିଗଲା । ଆଉ ମୁଁ ବି ତା' ଭିତରେ କଏଦୀ । ଆମେ ଅନେକ ଲୋକ ସେ ଘର ଭିତରେ ରହୁଥିଲୁ । ସମସ୍ତେ ମୋର ନିଜ ଲୋକ- ପୁଅ, ଝିଅ, ବୋହୂ, ନାତି ଓ ନାତୁଣୀଗଣ । ସେମାନେ କୁଆଡ଼େ ଗଲେ, ମୋ ପାଖରେ ମୋର ସହ କଏଦୀ  କୋ-ପ୍ରିଜନର, ସବୁରି ଦେହରେ ଗୋଟିଏ ପ୍ରକାରର ପୋଷାକ, ସମସ୍ତଙ୍କ ଭିତରେ ସେହି ମଲ୍ଲୀଫୁଲିଆ, ଆଲୁଅ ଭିତରୁ ମୁହଁଟିଏ ବାହାରି ଆସିଲା । ଦେହର ଆଉ ଅଙ୍ଗପ୍ରତ୍ୟଙ୍ଗ କିଛି ଦିଶାଯାଉନାହିଁ । କେବଳ ମୁହଁଟିଏ । ସେ ମୁହଁରେ ହସ ଫୁଟି ଉଠିଲା ।

ରାତ୍ରିରେ ସମସ୍ତେ ଶୋଇପଡ଼ିଥିଲେ । ଖୁବ୍ ଆରାମରେ କ୍ଷଣକ ପାଇଁ ମନେହେଲା- ସେମାନଙ୍କର ଭିତରେ ମୋର ପୁଅ ଓ ଝିଅମାନେ ଅଛନ୍ତି । ସେହି ଛାଇ ଅନ୍ଧାର ଭିତରେ ମୋତେ ସିଏ ଅତି ଆପଣାର ମନେହେଲା । କି ସୁନ୍ଦର ଆଲୁଅ ପଡ଼ିଛି-ଅଗଣାରେ, ଦେଖିବୁ ଯଦି ଉଠିଆ । ପ୍ରତିଦିନ ପ୍ରାୟ ଏହି ଗୋଟିଏ ଘଟଣା ପୁନରାବୃତ୍ତି ହେବାକୁ ଲାଗିଲା । ସେହି ଆବଦ୍ଧ କୋଠରୀ, ସେହି ଡୋରିଆ ପୋଷାକ ପିନ୍ଧିଥିବା କଏଦୀ ଦଳ । ଦିନେ ସତକୁ ସତ ବର୍ଥର ତାଲା ଖୋଲିଗଲା । ଜେଲ୍‌ର ଓ୍ୱାର୍ଡର ଖୋଲି ଦେଇଥିଲେ ।

ମୁଁ ଚାଲୁଥିଲି । ମୋ ସାମନାରେ ସେହି 'ମୁହଁ'ଟା ସେ ଯେମିତି ମୋତେ ବାଟ କଢ଼ାଇ ନେଉଥିଲା । ମୋହଗ୍ରସ୍ତ ଭଳି ମୁଁ ଆଗେଇ ଯାଉଥିଲି । ଜାଣିନଥିଲି କୁଆଡ଼େ ଯାଉଛି । ଭାରି ପରିଚିତ ଲାଗୁଥିଲା - ବେଳେବେଳେ ସେହି ମୁହଁ । ସେତେବେଳେ ମୁଁ 'ମୁହଁ'ଟିକୁ ଭଲକରି ଦେଖିବାକୁ ବ୍ୟଗ୍ର ହୋଇପଡ଼ିଥିଲି । ଜାଣିବାକୁ ଚାହିଁଥିଲି କିଏ ସେ, ଯାହାର ଡାକରାରେ ଡେଇଁ ଆସିଲି ଏଇ ବିରାଟ ବାଧା-ବନ୍ଧନ । ସେ ପାଖକୁ ଆସୁନାହିଁ । ମୁଁ ତାକୁ ଛୁଇଁପାରୁନାହିଁ, ଅଥଚ





ଯେତେବେଳେ ଲୋକମାନେ ଦେଖିବେ, ସେତେବେଳେ ମୋର ଅବସ୍ଥା କ'ଣ ହେବ ? କିନ୍ତୁ କିଛି ଅସୁବିଧା ହେଲାନାହିଁ । ଫଟୋ ବାହାରିଲା, କିନ୍ତୁ କାଗଜରେ କିଛି ଲେଖା ଦିଶୁନଥିଲା । ଅଲେଖା କାଗଜ ।

କିନ୍ତୁ ପ୍ରକୃତରେ ତ ଅଲେଖା କାଗଜ ନଥିଲା । ଆଜି ସେହି ଅଲେଖା କାଗଜର ଇଜ୍ଜତ ସେମିତି ରହିଛି । ଏହି ରସିଦ୍ ଟିକଟରେ ମୋର ଭଲ ପାଇବାର ଚିତ୍ର ରହିଛି । ସାହିର୍ ଏହାକୁ ପଢ଼ିଥିବେ ।

ମୋ ପାଖରେ ବି ଆଜି ଆଉ କିଛି ଅକ୍ଷର ନାହିଁ, ରସିଦ୍ ଟିକଟର ପୃଷ୍ଠାରେ ଯାହା ଅଛି, ତାହା ଦିଶୁଥାଏ ଅଲେଖା କାଗଜ କେବଳ ।

<u>**ଅନୁବାଦ : ତସଲିମା ନାସରିନ୍‌ଙ୍କ "ଲଜ୍ଜା"**</u>

ତସଲିମା ନାସରିନ୍ ବଙ୍ଗଳାଦେଶର ଜଣେ ବିଖ୍ୟାତ ଲେଖିକା । ତାଙ୍କର ଅନେକ ଉପନ୍ୟାସ ପ୍ରକାଶିତ ହୋଇଅଛି । ସେଥିମଧ୍ୟରୁ ପ୍ରକାଶିତ ହୋଇଥିବା "ଲଜ୍ଜା" ନାମକ ଉପନ୍ୟାସଟି ଆଜି ବଙ୍ଗଳାଦେଶ ତଥା ଆମ ରାଷ୍ଟ୍ର ଭାରତରେ ବିଶେଷ ଆଲୋଡ଼ନ ସୃଷ୍ଟି କରିଛି । ଏହି ବହିଟିକୁ ବଙ୍ଗଳାଦେଶ ସରକାର ବ୍ୟାଜାପ୍ତ କରିଅଛନ୍ତି । ବଙ୍ଗଳାଦେଶର ଗୋଟିଏ ମୌଳବାଦୀ ସଂଗଠନ ସାହାବା ସୌନିକ ପରିଷଦ (ଏସ୍‌ଏସ୍‌ଏଫ୍) ନାସରିନ୍‌ଙ୍କ ବିରୁଦ୍ଧରେ ଗୋଟିଏ ଫତୁଆ (Decres) ଜାରି କରିଛନ୍ତି । ବଙ୍ଗଳାଦେଶ ସରକାର ମଧ୍ୟ ତସଲିମାଙ୍କ ବିଷୟରେ ହେଉଥିବା ଆଲୋଚନାକୁ ଗୁରୁତ୍ୱ ଦେଉନାହାନ୍ତି । ଫଳରେ ତସଲିମା ନାସରିନ୍ ଆଜି ପର୍ଯ୍ୟନ୍ତ ନିରାପଦରେ ରହିଅଛନ୍ତି । ତସଲିମାଙ୍କ ଲଜ୍ଜା ବହିର ପ୍ରଥମ ସଂସ୍କରଣ ୧୯୯୪ ମସିହାରେ ହୋଇଥିଲା  ଏହି ପୁସ୍ତକର ବହୁଳ ପ୍ରସାର ଫଳରେ ଅଷ୍ଟମ ସଂସ୍କରଣ ୨୦୦୬ରେ ହୋଇଅଛି ।

ଏପରି ଏକ ବହିର (ବଙ୍ଗଳା ଭାଷାରେ ଲିଖିତ) ଓଡ଼ିଶାର ପାଠକପାଠିକାଙ୍କ ନିକଟରେ ଉପସ୍ଥାପନା କରିବା ପାଇଁ ନନ୍ଦିନୀ ଶତପଥୀ ଏହାକୁ ଓଡ଼ିଆରେ ଅନୁବାଦ କରିଥିଲେ । ତସଲିମାଙ୍କ ସହିତ ଟେଲିଫୋନ୍‌ରେ କଥାବାର୍ତ୍ତା କଲାବେଳେ ନନ୍ଦିନୀ ପ୍ରଥମେ ତାଙ୍କୁ କହିଥିଲେ - ମୁଁ ଭାବିଥିଲି ଆପଣ ବିଜେପିର ଲୋକ । କିନ୍ତୁ ତୁମ ସହ କଥାବାର୍ତ୍ତା କରିବା ପରେ ଏବେ ଜାଣିପାରିଲି ଯେ, ଆପଣଙ୍କର ବିଜେପି ସହିତ କୌଣସି ସମ୍ପର୍କ ନାହିଁ ।

ତସଲିମାଙ୍କର ଲେଖା ସାଂପ୍ରଦାୟିକ ଅତ୍ୟାଚାର ବିରୁଦ୍ଧରେ । ଦେଶ, କାଳ, ପାତ୍ର

ଇନ୍ଦିରାଜୀଙ୍କର ଘର କାନ୍ଥ ଉପରେ ନେହେରୁ ଓ ମୋତିଲାଲଜୀଙ୍କର କେତୋଟି ଫଟୋ ଅଛି । ସୁଟିଂ ସମୟରେ ବାସୁଦା କହିଲେ, ଫଟୋଟିରୁ ମଳି ପୋଛିଦେବା ପାଇଁ । ସେତିକିବେଳେ ଇନ୍ଦିରାଜୀ ଏହାକୁ ପୋଛିଦେଲେ । ଥରେ ସୁଟିଂ ସମୟରେ ମୁଁ ପଚାରିଲି ଇନ୍ଦିରାଜୀ, ଆପଣ ତ ନାରୀ, ଏହି କାରଣ ଯୋଗୁଁ କ'ଣ ଆପଣଙ୍କର ଚଲାବାଟରେ କେହି ବାଧା ସୃଷ୍ଟି କରିଛି । ଉତ୍ତରରେ ସେ କହିଲେ - ଏହାର କିଛି ଆଡ୍‌ଭାନ୍‌ଟେଜ ଅଛି ଏବଂ କିଛି ଡିସ୍‌ଆଡ୍‌ଭାନ୍‌ଟେଜ ବି । କିନ୍ତୁ ଏ କଥା ଉପରେ ମୁଁ କେବେ କୌଣସି ଗୁରୁତ୍ୱ ଦେଇନାହିଁ । ପୁରୁଷ ଓ ନାରୀ ଭିତରେ କ'ଣ ପାର୍ଥକ୍ୟ ଅଛି - ମୁଁ ଚିନ୍ତା ନ କରି ମୁଁ ନିଜକୁ ସବୁବେଳେ ଜଣେ ମଣିଷ ବୋଲି ଭାବିଆସିଛି ।

କେତେକ ବନ୍ଧୁ ମୋତେ ପରାମର୍ଶ ଦେଇଛନ୍ତି ଏହି ବହିକୁ ମୁଁ ପଞ୍ଜାବୀ ଭାଷା ବ୍ୟତୀତ ଅନ୍ୟ ଭାଷାରେ ଅନୁବାଦ କରିଲେ କୌଣସି ଅସୁବିଧା ନାହିଁ । କିନ୍ତୁ ମୁଁ ଜାଣିଛି ଯେ, ମୋ ଭାଷାର ଗମ୍ଭୀର ପାଠକମାନେ ଏକଥା ପସନ୍ଦ କରିବେ ନାହିଁ । ମୋର ଭାଷା ଓ ପାଠକମାନଙ୍କୁ ମୁଁ କେବେ ବି ଛୋଟ କରିଦେଇପାରିବି ନାହିଁ ।

ଏଥିପାଇଁ ଯେତେ ମୂଲ୍ୟ ଦେବାକୁ ହେବ ମୁଁ ଦେବାପାଇଁ ପ୍ରସ୍ତୁତ ।

**ଅଲେଖା କାଗଜ :**

ପଚିଶ ଓ ଛବିଶ ଅକ୍ଟୋବର ରାତି ଦୁଇଟା ବେଳେ ଫୋନ୍‌ରେ ଖବର ପାଇଲି ଯେ, ସାହିର ଆଉ ନାହାନ୍ତି । ଆଜିର ରାତି, କୋଡ଼ିଏ ଦିନ ତଳର ଆଉ ଗୋଟିଏ ରାତି ସହ ମିଶି ଏକାକାର ହୋଇଗଲା । ବୁଲଗେରିଆରେ ଥିଲି । ସେଠାରେ ଡାକ୍ତର କହିଲେ ଯେ, ମୋର ହାର୍ଟ ଖରାପ ଅଛି । ସେଦିନ ରାତିରେ ମୁଁ ଗୋଟିଏ କବିତା ଲେଖିଥିଲି । ଅଚାନକ ମୁଁ ମୋର ହାତକୁ ଚାହିଁଲି, ଏଇ ହାତରେ ମୋ ହୃଦୟର ଦରିଆରେ ନିଜ ହାଡ଼ ସବୁ ଭସାଇ ଦେଇଥିଲି । କିନ୍ତୁ ସେ ହାଡ଼ଗୁଡ଼ିକ ବଦଳିଗଲା କିପରି ? ଏଇ ଭ୍ରାନ୍ତି କ'ଣ ମୃତ୍ୟୁର ନା ହାତର ?

ମୋର ଓ ସାହିର୍‌ଙ୍କ ବନ୍ଧୁତ୍ୱ ଥିଲା - ନୀରବ ସୌନ୍ଦର୍ଯ୍ୟର ଏକ ସୁନ୍ଦର ସମ୍ପର୍କ । ତାଙ୍କ ଉଦ୍ଦେଶ୍ୟରେ ଯେଉଁ କବିତା ଲେଖିଥିଲି, ତାହା ସାହିତ୍ୟ ଏକାଡେମୀ ପୁରସ୍କାର ଲାଭ କରିଥିଲା । ସେହିଦିନ ପ୍ରେସ୍ ରିପୋର୍ଟର ମାନେ ମୋର ଫଟୋ ଉଠାଇବା ବେଳେ ମୋତେ କାଗଜରେ କିଛି ଲେଖାଇବାକୁ କହିଲେ । ଫଟୋ ଉଠାଇସାରି ଯେତେବେଳେ ସେମାନେ ଚାଲିଗଲେ, ଦେଖିଲି ଯେ, କାଗଜରେ ମୁଁ କେବଳ ଲେଖିଛି - ସାହିର୍... ସାହିର୍... ସାହିର୍... । ଏହି ପାଗଳାମୀ କଟିଗଲା ପରେ ମୋର ଖିଆଲ ହେଲା ଯେ, ସକାଳେ ଖବରକାଗଜରେ ଫଟୋ ସହିତ ଏହି ନାମ





ତା'ର ଭରସାରେ ମୁଁ ଚାଲିବାରେ ଲାଗିଛି । ସବୁରି ମେଳରେ ସେ ନିଜକୁ ହଜାଇ ଦେଇଛି । ମୁଁ କିନ୍ତୁ ତାହାର ସେହି ସ୍ୱତନ୍ତ୍ର ସତ୍ତାଟିକୁ ଖୋଜି ଚାଲିଛି । ବାଟ କଡ଼ାଇ ନେଇଯିବ ବୋଲି ହାତ ବଢ଼ାଇ ଦେଇଛି ।

ଚାଲୁଚାଲୁ କେତେବେଳେ ମୁଁ 'ସୁଡ଼ଙ୍ଗ ଭିତରେ' ପଶିଯାଇଛି । ମୋ ଆଖିରେ ଆଉ ସେହି 'ମୁହଁ' ଚାଲୁନାହିଁ । ବଜାରର ଗହଳି ଭିତରେ ସେ ହଜିଯାଇଛି ଅନେକବେଳୁ । ଏଥର ମୁଁ କ'ଣ ତେବେ ଏକୁଟିଆ ଚାଲୁଛି । ପ୍ରତିପାଦର ଅନ୍ଧାର ଏଠି ଗଭୀରରୁ ଗଭୀରତର ହୋଇଯାଉଛି । ଆଗକୁ ପାଦ ପକାଇବାକୁ ଭୟ ଲାଗୁଛି । ଅସହାୟ-ଆଖିଟା ମୋର ସେହି ଅନ୍ଧକାର ଭିତରେ ବି ଖୋଜିଚାଲିଛି - 'ମୁହଁ'ଟିକୁ କାଳେ ଅବା ଫେରିଆସିଥିବ ଗହଳି ଭିତରୁ । ଜେଲ ପାଚେରୀ ଡେଇଁ ଚାଲିଆସିବାକୁ - ଯିଏ ଡାକିଥିଲା ସୁଡ଼ଙ୍ଗର ଅନ୍ଧକାରରେ - ମୁଁ ପଶିଗଲା ବେଳେ ସେ କ'ଣ ପଛରେ ରହିଯିବ । ଛାଡ଼ିଦେଇ ଚାଲିଯିବ । ସୁଡ଼ଙ୍ଗ ଆହୁରି ଅନ୍ଧାର ହୋଇଯାଉଛି ।

ଜେଲ୍‌ଖାନା ଭିତରେ ସେହି ଦରଦୀ ସହବନ୍ଦୀଟି ସୁଡ଼ଙ୍ଗର ଗୋଟିଏ କୋଣରେ ଠିଆହୋଇ ହସିଉଠିଲେ । ମୁଁ ଥକି ପଡ଼ିଥିଲି ସୁଡ଼ଙ୍ଗର ଅନ୍ଧାର ଭିତରେ କିଛି ବି ଦେଖିପାରୁନଥିଲି । ମନ ହେଉଥିଲା ଶୋଇପଡ଼ିବାକୁ ସେହି ଥଣ୍ଡା ସିମେଣ୍ଟ ବେଞ୍ଚ ଉପରେ । ଦେଖିଲି କେହି ନାହାନ୍ତି, ମୁଁ ଅଛି ତ ? ନିଜ ଦେହରେ ହାତମାରି ଅସ୍ତିତ୍ୱ ଅନୁଭବ କଲି । ତା'ପରେ ପୁଣି ଚାଲିବାକୁ ଲାଗିଲି ।

**(୪) ବିବର୍ତ୍ତନ :**

ଗଳ୍ପିକା ନନ୍ଦିନୀ ଶତପଥୀଙ୍କ ଗଳ୍ପ ସଂକଳନ "ସପ୍ତଦଶୀ"ରେ 'ବିବର୍ତ୍ତନ' ଏକ ଗଳ୍ପ । ଆଧୁନିକ ଯୁଗର ପରିବର୍ତ୍ତନକୁ ନେଇ ଏହି ଗଳ୍ପଟିର ସୃଷ୍ଟି । କାହାଣୀର ସାରସଂକ୍ଷେପ ହେଲା-

କାହିଁକି କାନ୍ଦୁଛ,

ନା କାନ୍ଦୁନାହିଁ ତ ।

କିନ୍ତୁ-ତୁମ ଆଖିରେ ଯେ ଲୁହ । ତଥାପି ତ ଲୁହ ଝରେ । ବାଧା କିଛି ମାନେନାହିଁ । ଏମିତି ଗୁଡ଼ାଏ ସଂଳାପ ଓ ଏହା ଅନେକଗୁଡ଼ାଏ ପୁରୁଣା ! ପୃଥିବୀରେ ନୂଆବୋଲି କ'ଣ ବା ଅଛି । କୋଟି କୋଟି ବିବାହ ହୋଇଛି ଏ ଦୁନିଆରେ । ତଥାପି ଲୋକେ କୁହନ୍ତି - ନୂଆବୋହୂ,

ଘଣ୍ଟାକେ କୋଟି କୋଟି ଛୁଆ ଜନ୍ମ ହେଉଛନ୍ତି । କିନ୍ତୁ ଯାହାର ପିଲା ତା' ଘରେ ତାହାର ନବଜାତ । ପ୍ରତିଦିନ ଜଳି ଯାଉଥିବା ସୂର୍ଯ୍ୟ ଚିର ନୂତନ, ଚିର ପୁରାତନ ପ୍ରେମ । ତେବେ ବି ବ୍ୟକ୍ତି ଜୀବନରେ ତା'ର ଆବିର୍ଭାବ ଚିର ନୂତନ ।

ହାତ ପାପୁଲିରେ ଲୁହପୋଛି ଶାନୁ ଠିଆହୋଇପଡ଼ି ରାଣାର ଭାବନା ଭାଙ୍ଗିଦେଲା । କ'ଣ ଭାବୁଛ ? ହସିବାକୁ ଚେଷ୍ଟା କରି ମଧ୍ୟ ହସିପାରିଲା ନାହିଁ ରାଣା । ରାଣାର ଚରିତ୍ର ସାଙ୍ଗରେ ତା'ର ବଳିଷ୍ଠ ପେଶୀ ବହୁଳ ଶରୀର ସାଙ୍ଗରେ ଏପରି କଥା ଖାପ ଖାଏନାହିଁ । ଅନ୍ତତଃ ସାନୁର ତାହାହିଁ ମନେହେଲା । ରାଣାର ମନ ନିଉନ ଏଭଳି ଭାବରେ ତା' ଆଗରେ ଠିଆହୋଇଯାଇଛି । ଶାନୁର ରୂପ ତା'ର ସ୍ତ୍ରୀର ରୂପ ନେଇ । ନିଜକୁ ସେ ଅବିଶ୍ୱାସ କରିପାରୁନାହିଁ, ବିଶ୍ୱାସ କରିବା ବି କଷ୍ଟ । ମନର ଶକ୍ତି, ଆତ୍ମାର ଶକ୍ତି କିଛି ପାଉନାହିଁ ସେ । ଶନିଆ ଭୋଇର ପୁଅ ରାଣା କଟକ କଲେଜରେ ପାଠ ପଢ଼ିବ ବୋଲି, ଯେଉଁଦିନ ବାହାରି ଆସିଥିଲା ଗାଁର ଲୋକମାନେ ଟିକିଏ ଆଖି ଉଠାଇ ଚାହିଁଥିଲେ । ରାଣା ସେତେବେଳେ ବୁଝିପାରିନଥିଲା । ସବୁ ସାଙ୍ଗସାଥୀମାନଙ୍କର ମେଳରେ ସେ ବି ମେଟ୍ରିକ୍ ପାଶ୍ କଲା । ରାଣାର କାନ୍ଧରେ ହାତ ରଖି ଶାନୁ କହିଥିଲା, ଜମି ଆମକୁ ମିଳିଲା, ଆମେ ତ ଚାଷକଲେ, ଫସଲ ଫଳାଇଲେ । ଏଭଳି କଥା ହେବା କଥା ନୁହେଁ ଶାନୁର । ସେ ତ ଖୁବ୍ ପଇସା ବାଲା ଲୋକ, ମାଡ଼ ଦେବ, କ'ଣ ଦେଶରେ ଆଇନ୍ କାନୁନ୍ ପଳେଇଲା । ରାଣାର କଥାରେ ଟିକିଏ ଦବିଗଲା – ଶାନୁ । କେତେ ନୂଆ ଆଇନ୍ ବଳରେ ଚାଷ କରୁଥିବା ଜମିକୁ ନିଜର କରିପାରୁଛନ୍ତି । ଶାନୁ ମେଳି କଥା କହୁଛି – ସର୍ବହରା ସଂଗଠନ ।

ଗାଁରେ ମେଳିହୋଇ ମକଦ୍ଦମା କରିବା ବିଚାର ଚାଲିଥିବା ବେଳେ, ସୁବ୍ରତ ବାପାଙ୍କ ସାମନାରେ ଠିଆହୋଇଗଲେ । ଠିକ୍ ସେତିକିବେଳେ ରାଜ ମକଦମଙ୍କର ମୁହଁରେ ଏ ରହସ୍ୟମୟ ହସ, କବାଟ ଖୋଲି ବାହାରକୁ ବାହାରି ଆସିଲେ ସେ – ଝାପ୍‌ସା ଆଲୁଅରେ ଅଗଣାରେ କୋଡ଼ିଏ ଜଣ କଳା କଳା ଲୋକ । ନ ଜାଣିଥିଲେ ପ୍ରେତଆତ୍ମା ବୋଲି ମନେ ହୋଇଥାନ୍ତା ସୁବ୍ରତଙ୍କର । ଫୁସ୍‌ଫୁସ୍ କଥା ବନ୍ଦ ହୋଇଗଲା । ଭୋଳି ଭୋଇ ବାପାଙ୍କ ଆଡ଼କୁ ମାଡ଼ିଆସୁଛି । ସୁବ୍ରତ ଚମକି ପଡ଼ିଲା । ଏ ଗାଁର ଭୋଇମାନଙ୍କର ମୁଖିଆ ଭୋଳି ବିଭିନ୍ନ କାର୍ଯ୍ୟରେ ସାହିଯାକକୁ ଏକତ୍ର କରିଥାଏ । ଭୋଳିର ସ୍ୱରରେ କିନ୍ତୁ – ଉତେଜନାଂ, କ'ଣ କରିପାରିବ ରାଣା । କାଲି ତା'ର ପାଠୋଇ ଭାର୍ଯ୍ୟା, ଦୀନାଭାଇ ଘରକୁ ଆସି କାନ୍ଦୁଥିଲେ, କହୁଥିଲା– ମକଦମ ଏମିତି ଅନ୍ୟାୟ କାମ କରିବ !

ବୁଝିପାରିଲା ନାହିଁ ସୁବ୍ରତ ପ୍ରଥମେ, ଧୀରେ ଧୀରେ ସକାଳର ଆଲୁଅ ସବୁକଥା ପରିଷ୍କାର କରିଦେଲା । ପୌଷ ସକାଳର ଖରା ଟାଣ ହେବାକୁ ଡେରିଅଛି । ପାଚିଲା ଧାନକ୍ଷେତ ଉପରେ





ଧରିନିଆଯାଏ । କିନ୍ତୁ ଏହା ଲେଖକର ନିଜର ଆବଶ୍ୟକତା – ଗୋଟିଏ ଯଥାର୍ଥରୁ ଆଉ ଗୋଟିଏ ଯଥାର୍ଥକୁ ପହଂ୍ଚିବାର ପ୍ରକ୍ରିୟା ।

କେତେଗୁଡ଼ିଏ କଥା ବିନା ଚେଷ୍ଟାରେ ଆଖିରେ ପଡ଼ିଯାଏ । ଆଉ କେତେଗୁଡ଼ିଏ ବିଷୟକୁ ପରିଶ୍ରମ କରି ଦେଖିବାକୁ ହୁଏ । ବିଚାରର ମାଟିକୁ ଛାଣି ତା' ଭିତରୁ ବାହାର କରିବାକୁ ହୁଏ । ଏସବୁ ଗୁଡ଼ିକ ଯଥାର୍ଥ ବାସ୍ତବ ।

ସବୁ କଳା, ନିର୍ମାଣରୁ ପ୍ରତିନିର୍ମାଣର ଅନ୍ୟ ଏକ ନାମ । ଏହି ଯଥାର୍ଥରେ ପ୍ରତି ନିର୍ମାଣ ମଧ୍ୟ ଯଥାର୍ଥ । ସତ୍ୟର ଗର୍ଭରେ ପଡ଼ି ପୁଣି ସେହି ଗର୍ଭରୁ ଜନ୍ମ ନେଇଥିବା ସତ୍ୟ, ଏହି ଯଥାର୍ଥର ପ୍ରତିନିର୍ମାଣ ପର୍ଯ୍ୟନ୍ତ ପହଂ୍ଚିବାର ପ୍ରକ୍ରିୟା ।

ଗଳ୍ପ, ଉପନ୍ୟାସର ପାଠକ, ଚରିତ୍ରମାନଙ୍କ ଚେହେରା କଳ୍ପନା କରେ, ସେମାନଙ୍କ ମନର ଭାବନାକୁ ନିଜେ ଉପଲବ୍ଧି କରିବାକୁ ଚେଷ୍ଟା କରେ । କିନ୍ତୁ ଆତ୍ମକାହାଣୀର ପାଠକ ତାହାର ସମସ୍ତ ଧ୍ୟାନ ଗୋଟିଏ ଜଣାଶୁଣା ଚେହେରା ଉପରେ କେନ୍ଦ୍ରୀଭୂତ କରିଥାଏ । ଏଥିରେ ଲେଖକ ଓ ପାଠକ ପରସ୍ପର ସମ୍ମୁଖୀନ ହୋଇଥାନ୍ତି । ଏହି ଲେଖକ ସବୁ ସଂକୋଚକୁ ତ୍ୟାଗ କରି ପାଠକଙ୍କୁ ତା' ଘରର ଅନ୍ଦର ମହଲକୁ ନିମନ୍ତ୍ରଣ କରିଥାଏ । ସବୁ ସତ୍ୟକୁ ପ୍ରକାଶ କରିବା ପାଇଁ ଲେଖକ ଯେତେବେଳେ ସାହସ ସଞ୍ଚୟ କରିପାରେ, ସେତିକିବେଳେ କେବଳ ଏହା ସମ୍ଭବ ହୁଏ । କୌଣସି ପ୍ରକାରର ଅସତ୍ୟ ଏଥିରେ ରହିଗଲେ, ତାହା ଅତିଥି ପ୍ରତି ଅପମାନ କେବଳ ନୁହେଁ, ଲେଖକର ନିଜ ପ୍ରତି ମଧ୍ୟ ।

କଳାର ନଦୀକୁ ଦୁଇଭାଗ କଲେ, ଗୋଟିଏ ପଟର ଯଥାର୍ଥ ଯେପରି ଅନ୍ୟ ପଟର ଯଥାର୍ଥ ହୋଇଥାଏ । ମୋର ଏହି ଆତ୍ମକଥାରେ ରହିଛି, ତାହାର ଏକ ପ୍ରକ୍ରିୟା । ଏହା ଚରନାର ନିଜସ୍ୱ ପ୍ରକ୍ରିୟା ।

ମୁଁ ଏହାକୁ ଯଥାର୍ଥରୁ ଯଥାର୍ଥ ବୋଲି କହିବାକୁ ଚାହେଁ ।

**ସଂଗ୍ରାମ ଚାଲିଛି :**

ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଉପରେ ନିର୍ମିତ ହୋଇଥିବା ଚଳଚ୍ଚିତ୍ର ପାଇଁ ମୁଁ ଯେଉଁ ଲେଖା ଲେଖୁଛି, ଉପରୋକ୍ତ ଶୀର୍ଷକଟି ତାହାର । ଏହି ଫିଲ୍ମଟିକୁ ବାସୁ ଭଟ୍ଟାଚାର୍ଯ୍ୟ ତିଆରି କରୁଛନ୍ତି । ମୁଁ କେବଳ ଫିଲ୍ମଟିର ରଚନାତ୍ମକ କ୍ରିୟା ଲେଖୁଛି । ଇନ୍ଦିରାଜୀଙ୍କର ସୁଟିଂ ସମୟରେ ମୁଁ ମଧ୍ୟ ଉପସ୍ଥିତ ରହୁଅଛି । ସେତେବେଳେ ଦେଶର ଅବସ୍ଥା ସମ୍ପର୍କରେ ତାଙ୍କ ସହ ମୁଁ ଯାହା ଯାହା କଥାବାର୍ତ୍ତା ହୋଇଛି – ସେସବୁକୁ ଲେଖୁଛି ।

ଯୌତୁକରେ ସେ ନଗଦ ଏତେ ହଜାର ଟଙ୍କା ଦେଇଛନ୍ତି ।

ଏହି ବିବାହରେ ମୋର ବାପା ଖୁବ୍ ସନ୍ତୁଷ୍ଟ ଥିଲେ । ମୁଁ ବି । କିନ୍ତୁ ଏହି ଖବରକୁ ବାପା ଗୋଟିଏ ସୂଚନା ବୋଲି ବିଚାରିଲେ । ତାଙ୍କ ପାଖରେ ଏତେଗୁଡ଼ାଏ ନଗଦ ଟଙ୍କା ନଥିବାରୁ ସେ ବ୍ୟତିବ୍ୟସ୍ତ ହୋଇପଡ଼ିଲେ । ମୋତେ ସେ ଏକଥା କହିଲେ । ସେହି କାରଣରୁ ମୁଁ ଭାବିଥିଲି ଯଦି ସେହି ରାତ୍ରିରେ ମୁଁ କେମିତି ମରିଯାଇପାରନ୍ତି ।

ପରେ ଜଣାଗଲା ଯେ,  ଏଇ ଖବରରେ କୌଣସି ସୂଚନା ଦିଆଯାଇନଥିଲା । ସେମାନେ ନଗଦ ଟଙ୍କା ମାଗୁନଥିଲେ । କେତେକ ବନ୍ଧୁ ବାନ୍ଧବଙ୍କୁ ଭୁଲାଇବା ପାଇଁ ଏମିତି କଥାଟିଏ ପ୍ରଚାର କରିଥିଲେ । ବିଶ୍ୱାସ ତୁଟି ଯିବାର ଦେଖିଛି । କିନ୍ତୁ ନିରାଶ ମନର ଗଭୀରକୁ ଛୁଇଁ ପାରିନାହିଁ । ରାସ୍ତାରେ କେଉଁଠି ଅଟକି ଯାଇଛି । ଦୁନିଆଁର ଭଲପଣିଆ ଉପରେ ବିଶ୍ୱାସ ଅତୁଟ ରହିଛି ।

**ଶେଷ ପଂକ୍ତି :**

ଅନେକ ଦିନ ପୂର୍ବେ - 'ଗ୍ରୀକ୍ ପ୍ୟାସନ୍' ପଢୁଥିଲା ବେଳେ ମେଣ୍ଢା ଜଗାଳି ପିଲାଟିର ଚରିତ୍ର ମୋ ମନକୁ ସ୍ପର୍ଶ କରିଥିଲା । ଯିଶୁଖ୍ରୀଷ୍ଟ ନାଟକରେ ସେ ଯିଶୁଙ୍କର ପାଟ୍ କରୁଥିଲା । ଏହି ଭୂମିକା କରିବା ପାଇଁ ସେ ସାଧନା କରୁ କରୁ ସେହି ଚରିତ୍ରର ଅସ୍ତିତ୍ୱରେ ବିଲୀନ ହୋଇଯାଇଥିଲା । ସାରା ଗାଁର ବିରୋଧ ସତ୍ୱେ ତା'ର ଦୃଷ୍ଟିରେ ଯାହା ନ୍ୟାୟ, ସେଥିପାଇଁ ସେ ଲଢୁଥିଲା । ଏବଂ ଗାଁ ବାଲାମାନେ ସତକୁ ସତ ତାହା ଉପରକୁ ପଥର ଫୋପାଡ଼ି ଫୋପାଡ଼ି ତାକୁ ମାରିଦେଲେ । ସେହି ଗାଁର ଜଣେ ଲୋକ ପିଲାଟିର ଚରିତ୍ର ବୁଝିପାରିଲା । ସେ ତାକୁ ସମାଧି ଦେବାପାଇଁ ପାହାଡ଼ ଉପରକୁ ନେଇଯାଇ କହିଲା, ଆଜି ଏହାର ନାମ ବରଫରେ ଲେଖାହେବ । ବରଫ ଯେତେବେଳେ ତରଳି ବହିଯିବ, ସେତେବେଳେ ତାହାର ନାମ ନଦୀ, ନାଳମାନଙ୍କର ପାଣିରେ ଲେଖାହେବ ।

ଏଇ କଥାକୁ ଯଦି ନିଜ ପାଇଁ କହିବି ତେବେ ମୋତେ କହିବାକୁ ହେବ ଯେ, ମୋ ଭିତରେ ଯାହା ଥିଲା ସେସବୁ ଆଜି ବରଫ ତଳେ ଦବି ଯାଇଛି । ବରଫ ତରଳିଗଲେ, ଏହା ନଦୀ ଓ ନାଳରେ ବହିଯିବ । ନୂତନ ଯୁଗର ଯେଉଁ ଲେଖକ ଗଭୀର ବିଶ୍ୱାସରେ ନୂଆ କଲମରେ ଲେଖିବେ, ସେହିମାନେ ହେବେ ଏହି ନଦୀ ଓ ନାଳ ।

ବରଫର ଚାପରେ ମୋ ଭିତରେ ଆଜି ଯାହା ନୀରବ ହୋଇଯାଇଛି, ସେମାନଙ୍କ କଲମମୁନରେ ତାହା ପୁଣି ଜୀବନ୍ତ ହୋଇଉଠିବ ।

**ଯଥାର୍ଥରୁ ଯଥାର୍ଥ ଯାଏଁ :**

ଆତ୍ମକଥାକୁ ଏକ ଝକମକ ସତ୍ୟ ବୋଲି ଆତ୍ମଶ୍ଳାଘାର ଏକ କଳାତ୍ମକ ମାଧ୍ୟମ ବୋଲି





ଶିତୁଳିଆ ପବନଟା ଭୟ ଆଉ ସଙ୍କୋଚରେ ଧାନଗଛଗୁଡ଼ାକୁ ଛୁଇଁ ଛୁଇଁ ଯାଉଛି ।

ଅଳ୍ପ ଦୂରରେ ହିଡ଼ ଉପରେ ମୂର୍ତି ତିନୋଟି । ହାତରେ ଠେଙ୍ଗା ନାହିଁ କି ଦା' ନାହିଁ । ରଣା, ରଣାର ବାପା ସନିଆ ଆଉ ଶାନୁ । ନିଦ୍ରାହୀନ ନିଷ୍ପ୍ରଭ ଛଅଟି ଆଖି ଥରେ ଚାହିଁଛନ୍ତି ଆକାଶକୁ, ପୁଣିଥରେ ମାଟି ଉପର ଧାନଗଛକୁ । ସେ ଆଖିରେ କ'ଣ ଅଶ୍ରୁ, ଘୃଣା, କ୍ରୋଧ, ହତାଶ ?

**(୫) ଅଶରୀରି ଆତ୍ମାର କାହାଣୀ :**

ନନ୍ଦିନୀ ଶତପଥୀଙ୍କ ଗଳ୍ପ ସଂକଳନ "ସପ୍ତଦଶୀ"ରେ 'ଅଶରୀରୀ ଆତ୍ମାର କାହାଣୀ' ଏକ କ୍ଷୁଦ୍ର ଗଳ୍ପ । ଏହି ଗଳ୍ପଟିରେ ଗାଳ୍ପିକା ନନ୍ଦିନୀଦେବୀ ଏକ ଅଭୂତ ଧରଣର ଜିନିଷକୁ ଉପସ୍ଥାପନା କରିପାରିଛନ୍ତି ପାଠକ-ପାଠିକାଙ୍କ ନିକଟରେ ।

ମୁଁ ଆଉ ସେହି ଗଳ୍ପଟିକୁ ଶେଷ କରିପାରିଲି ନାହିଁ । କାରଣ ତାହା ପ୍ରକୃତରେ ଗଳ୍ପ ନଥିଲା । ଥିଲା - ମୋ ଜୀବନର କାହାଣୀ । ତା' ବୋଲି ବିଚାର ନାହିଁ ଯେ, ମୁଁ ଶାନ୍ତିରେ ଶେଷ ନିଶ୍ୱାସ ତ୍ୟାଗ କରିଛି । ଗଳ୍ପ ଶେଷ ନକରି ପାରିବାର ଏହି ଅବଶୋଷ ମୋର ଏହି ଅଶରୀରୀ ଆତ୍ମାକୁ ବି ବିକଳ କରୁଛି । ପୃଥିବୀର ସୀମା ସରହଦ ଭିତରେ ଶରୀରରେ ବୁଲିବାର ଅଧିକାର ହରାଇବା ପରେ ମୁଁ ବି ଆଜି ଏହି ପ୍ରଶ୍ନର ଉତ୍ତର ଖୋଜୁଛି । ଆକାଶରେ ଯେପରି ଚନ୍ଦ୍ର ଅଛି-ଜୀବନରେ ସେପରି ଚନ୍ଦ୍ର ବାରମ୍ବାର ଉଦୟ ହେଉଥିବ ନିର୍ଶ୍ଚିତ । ଯେଉଁଦିନ ମଣିଷ ଚନ୍ଦ୍ରାଲୋକରେ ପଦାର୍ପଣ କଲା, ସେହିଦିନ ଏକ ଅଭୂତ ଶିଷ୍ଟୁର ଆନନ୍ଦ ଜାତ ହୋଇଥିଲା ମନରେ ।

ମାଳବିକାର ଜୀବନରେ ସେଦିନ ସନ୍ଧ୍ୟା ନଇଁ ଆସିଥିଲା । ସେ ମୋର ବନ୍ଧୁ ଥିଲା । ଆଧୁନିକ ସମାଜର ଗାର୍ଲଫ୍ରେଣ୍ଡ - ତା' ନୁହେଁ । ମାଳବିକା ଥିଲା କିନ୍ତୁ - ଏକାନ୍ତ, ନିଃସଙ୍ଗ । ତଥାପି କାହିଁ ନଇଁ ଆସିଥିଲା ଏକ ବିଷର୍ଣ୍ଣ ନିଷ୍ଠୁର ସନ୍ଧ୍ୟା ତା' ଜୀବନରେ । ସେ କ'ଣ ଥିଲା ଏକ ଅତୃପ୍ତ ଜୀବ ! ସାଧାରଣ ଝିଅ ସେ । ଅଥଚ କ'ଣ ତାକୁ ଏକ ଶକ୍ତି ଦେଇଛି-ସବୁ ପ୍ରଲୋଭନକୁ ଏଡ଼ାଇ ଦେବାର ଏ ଦୁର୍ବାର ନିଷ୍ଠା । ତାକୁ ଉଭାବନ କରିବାର ନିଶା ମୋତେ ପାଗଳ କରିଦେଲା । ସବୁ ଭୁଲର ଆରମ୍ଭ ହେଲା ସେଇଠି, ଜୀବନର ମୋଡ଼ ଘୁରିଗଲା ।

ଆକାଶ ଆଉ ପୃଥିବୀ ଯେଉଁ ଷଡ଼ଯନ୍ତ୍ର ମୋ ବିରୁଦ୍ଧରେ ଆରମ୍ଭ କରିଦେଇଥିଲେ, ତାକୁ ଭାଙ୍ଗିଦେବା ପାଇଁ ବେଳକୁ ବେଳ ମୋର ମନ ବଦ୍ଧପରିକର ହୋଇଉଠିଲା । ଆଗରେ ଦେଖାଗଲା ଗୋଟିଏ ଜନପଦ । ହଠାତ୍ ଏକ ଗାଡ଼ି ଧକା ହୋଇଗଲା ଆମର ସାମ୍ନାରେ, ସେ ଯାହାହେଉ ରୀତା (ତାଙ୍କର ସ୍ତ୍ରୀଙ୍କ ନାମ), ସେତିକିବେଳେ ମୁଁ ଉଦ୍ଧାର କରିଥିଲି - ଏକ ନିଃସହାୟ ନାରୀକୁ ସେହି ଗାଡ଼ି

ଭିତରୁ । ସେହି ନାରୀ ଥିଲେ ମାଳବିକା । ମୁଁ ଅଫିସ୍ ନ ଯାଇ ଯାଇଥିଲି ଡାକ୍ତରଖାନାକୁ । ଡାକ୍ତରଖାନାରେ ଭର୍ତିକରିଦେଲା ପରେ ପୋଲିସକୁ ଖବର ଦେବାକୁ ଗଲି । ଜୀବନରେ ପ୍ରଥମଥର ପାଇଁ ଟେଣ୍ଡର ଦେଇପାରିଲି ନାହିଁ । ଅନ୍ତତଃ ମୋ ଜୀବନରେ ସେଇଟା ପ୍ରେମ । ଆଉ ସେ ଗୋଟିଏ ଅଦ୍ଭୁତ ନିଶା । ବନ୍ଧୁମାନେ ସମସ୍ତେ ଆଶ୍ଚର୍ଯ୍ୟ ହେଲେ । କ୍ଲବ୍ ବଦଳରେ ପ୍ରତିଦିନ ସନ୍ଧ୍ୟାରେ ମାଳବିକାର ରୋଗଶଯ୍ୟା ପାଖରେ ପହଂଚିବାର ନିଶା ମୋତେ ବେଶୀ ଘାରିଲା । ଏ କାହାଣୀ ସାଧାରଣ ମଣିଷ ଜୀବନର କଥା ନୁହେଁ । ଅତି ଅପ୍ରାକୃତିକ ଘଟଣା ତା' ସାଙ୍ଗରେ ମିଶିବାର ମୁହୂର୍ତଗୁଡ଼ିକ । ସବୁକଥା ବୁଝାଇବାକୁ ଚେଷ୍ଟା ମଧ୍ୟ କରିବା ଏକ ମସ୍ତବଡ଼ ବୋକାମୀ । ନିଜର ଦୁଇହାତରେ ସେ ମୋର ହାତକୁ ମୁଠାଇ ଧରିଛି - କିନ୍ତୁ - ସେ ହାତର ସ୍ପର୍ଶରେ ତ କେବେ ମୁଁ ଦୈହିକ ପ୍ରେମର ସ୍ପର୍ଶ ପାଇନାହିଁ । ତା'ପର ସବୁ ତୁମକୁ ଜଣା । ତୁମେ ମସ୍ତବଡ଼ କଣ୍ଟ୍ରାକ୍ଟରର ଗୃହୀଣୀ । ଘରେ ବି ତୁମେ ସୁତାଶାଢ଼ି ପିନ୍ଧିବାକୁ ପସନ୍ଦ କରନାହିଁ । ସେହିପରି ଗୋଟିଏ ସାଧାରଣ ବାଳିକା ସ୍କୁଲର ହେଡ୍‌ମିଷ୍ଟ୍ରେସ୍‌ର କେତେ ବା ଆଉ ସମ୍ବଳ । ଚାରୋଟି ପିଲା । ସପାର୍ଜନ ସହିତ ସ୍ୱାମୀ ଆଉ ସ୍ୱାମୀଙ୍କ ଏକ ବିରାଟ ପରିବାର । ସବୁ ଦାୟିତ୍ୱ ନିଜ ଉପରେ ବହନ କରିଥିଲା - ମାଳବିକା ।

ହଠାତ୍ ଦିନେ ନିଜର ଅଜାଣତରେ ମାଳବିକାକୁ ମୁଁ ସ୍ପର୍ଶ କଲି । ଦୁହେଁ ଚମକି ଉଠିଲୁ । ନିଛକ ବନ୍ଧୁତ୍ୱ ଓ କୃତଜ୍ଞତାର ବୋଧହୁଏ ପୂର୍ଣ୍ଣଚ୍ଛେଦ ପଡ଼ିଗଲା । ସେଥିପାଇଁ ଆଜି ଭାବୁଛି ଅଶରୀରୀ ହେବାରେ ଏକ ଅଦ୍ଭୁତ ଆନନ୍ଦ ଅଛି । ରୀତା, କେତେ ପରିଶ୍ରମ ମୁଁ ନକରିଛି । ତୁମକୁ ତୃପ୍ତ କରିବା ପାଇଁ, ତୁମର ଶରୀର ଆଉ ମନକୁ । ସମାଜସେବା ପାଇଁ ଏହି କଣ୍ଟ୍ରାକ୍ଟରକୁ ପଦ୍ମଶ୍ରୀ ପଦବୀ ପାଇଁ । ତଥାପି ତୃପ୍ତି ଆସେନାହିଁ । ଇଚ୍ଛା-ଅନିଚ୍ଛାର ଦ୍ୱନ୍ଦ୍ୱଭିତରେ କରେ - ଆଉ ପରିଣାମ ବି ଡାକିଆଣେ ଇଚ୍ଛାକରି । ତା'ର କୃତକର୍ମର ଫଳ ସେ ଭୋଗକରେ । ତାହା ହିଁ ସତ୍ୟ ।

**(୬) ଭସାମେଘ :**

ଗାଳ୍ପିକା ନନ୍ଦିନୀ ଶତପଥୀଙ୍କ ଦ୍ୱିତୀୟ ଗଳ୍ପ ସଂକଳନ "ସପ୍ତଦଶୀ"ରେ 'ଭସାମେଘ' ଗୋଟିଏ ମନୋଜ୍ଞ ଗଳ୍ପ । ବାସ୍ତବିକ ଆଧୁନିକ ସମାଜରେ ମାତୃତ୍ୱର ମୂଲ୍ୟ କିଛି ନାହିଁ । ଏହାହିଁ ପରିପ୍ରକାଶ ହୋଇଛି ଏହି ଗଳ୍ପର ମୁଖ୍ୟ ସାର ସଂକ୍ଷେପରେ ନାୟିକା ରାଧା ଚରିତ୍ରକୁ ନେଇ ।

ରାଧାର ନରମ କଅଁଳ ହାତ ପାପୁଲି ଧୀରେ ଧୀରେ ଟାଣ ହୋଇଯାଉଛି । କେତେକ ଜାଗାରେ ଟାଣ ହୋଇଯାଉଛି ଚମଡ଼ା । ନଖକୋଣର ମାଟି, ହଳଦୀ ମସଲାର ଦାଗ । ଆଖି ତଳ କଳା ପଡ଼ିଆସୁଛି । କେତେଥର ରାଧା ଭାବିଛି ଟ୍ରଙ୍କମୂଲ୍ୟରେ ସାବୁନ ଆଣି ହାତମୁହଁ ଧୋଇଦେବ ।





**ଏକ ଗମ୍ବୁଜ :**

ମୁଁ ଏବେ ମଧ୍ୟ ମୋର ପିତାଙ୍କ ପ୍ରଶସ୍ତ କପାଳ ପରିଷ୍କାର ଭାବରେ ଦେଖିପାରେ । ଚାଳିଶ ବର୍ଷ ଧରି ସେ ମୋର ଚଲାପଥକୁ ଅତି ତୀକ୍ଷ୍ଣ ଭାବରେ ନିରୀକ୍ଷଣ କରୁଅଛନ୍ତି ।

୧୯୩୬ ମସିହା ପ୍ରାରମ୍ଭରେ ମୋର ପ୍ରଥମ ପୁସ୍ତକ ପ୍ରକାଶିତ ହୋଇଥିଲା । ଏଥିରେ ଖୁସିହୋଇ କପୁରତଲା ମହାରାଜା ତାଙ୍କର ଆଶୀର୍ବାଦ ସହ ମୋ ପାଖକୁ ଦୁଇଶହ ଟଙ୍କା ପଠାଇଥିଲେ । କିଛିଦିନ ପରେ ନାଭାର ମହାରାଣୀ ମୋର ବହିକୁ ପ୍ରଶଂସା କରି ମୋର ପାଖକୁ ଏକ ଶାଢ଼ୀ ପାର୍ସଲ କରି ପଠାଇଥିଲେ । ସେ କିଛିଦିନ ମୋ ବାପାଙ୍କର ଶିଷ୍ୟା ଥିଲେ । ଏ ଦୁଇଟିଯାକ ଜିନିଷ ଡାକରେ ଆସିଥିଲା । ସେତେବେଳେ ମୋତେ ଚାହିଁ ମୋର ବାପାଙ୍କ କପାଳରେ ଯେଉଁ କୁଂଚିତ ରେଖା ଦେଖା ଦେଇଥିଲା, ଆଜି ବି ତାହା ମନେପଡ଼ିଲେ ଶରୀରରେ କମ୍ପନ ଜାତ ହୁଏ ।

ସେତେବେଳେ ମୁଁ ବୁଝିପାରିନଥିଲି ଯେ, ମୋର ବାପା ମୋ ଭିତରେ ଯେଉଁ ବ୍ୟକ୍ତିତ୍ୱ ଦେଖିବାକୁ ଚାହୁଁଥିଲେ, ସେହି ଗୋଟିଏ ବାକ୍ୟ କହି ମୁଁ ତାଙ୍କ ଠାରୁ ଅନେକ ଛୋଟ ହୋଇଗଲି ।

ଯେତେବେଳେ ଜାଣିଲି ଯେ ମୋର ପିତାଙ୍କ ବଦଳରେ ମୋର ନିଜ ଦୃଷ୍ଟି ତାହା ନିରୀକ୍ଷଣ କଲା, ଏହି ଦୃଷ୍ଟି ମୋତେ ଏଭଳି ଭାବରେ ରକ୍ଷା କଲା ଯେ, ମୋର ଅଚେତନ ମନରେ ବି କେବେ ଆଉ ସେଭଳି ଇଚ୍ଛା ଜାତ ହେଲାନାହିଁ ।

ଯେଉଁ ଦୃଷ୍ଟି ଦୁନିଆଁରୁ କିଛି ପାଇବାର ଆକାଂକ୍ଷାରୁ ମୋତେ ମୁକ୍ତ କରିଅଛି, ତା' ପ୍ରତି ମୋର ଗଭୀର ଶ୍ରଦ୍ଧା ଜାତ ହେବା ସ୍ୱାଭାବିକ । ବାପାଙ୍କର ସେହି ଦୃଷ୍ଟି ସେଦିନ ମୋ ଉପରେ ନ ପଡ଼ିଥିଲେ, ହୁଏତ ମୋ ମନରେ ଏଭଳି ଭାବନା କେତେବେଳେ ଜାତ ହୋଇଥାଆନ୍ତା ଏବଂ ମୁଁ ନିଜକୁ ନିଜେ ଅପମାନିତ କରିପକାଇଥାନ୍ତି ।

**ଅନ୍ୟ ଏକ ରାତି :**

ଆଉ ଏକ ରାତିର କଥା । ଚାଳିଶବର୍ଷ ପୂର୍ବେ ମୋର ବିବାହ ରାତିରେ ମୁଁ ଛାତ ଉପରକୁ ଯାଇ ଖୁବ୍ କାନ୍ଦିଥିଲି । ସେତେବେଳେ କେବଳ ଗୋଟିଏ କଥା ଭାବୁଥିଲି - ମୁଁ କେମିତି ମରିପାରିବି । ବାପା ମୋ ମନକଥା ଜାଣିଥିଲେ । ସେଥିପାଇଁ ଖୋଜି ଖୋଜି ଛାତ ଉପରକୁ ଆସିଲେ । ମୁଁ ତାଙ୍କୁ ଗୋଟିଏ ମାତ୍ର ମିନତୀ କଲି - ମୁଁ ବିବାହ କରିବି ନାହିଁ ।

ବରଯାତ୍ରୀ ଆସିଯାଇଥିଲେ । ରାତିର ଭୋଜି ବି ପ୍ରସ୍ତୁତ ହୋଇସାରିଥିଲା । ବାପାଙ୍କ ପାଖକୁ ଗୋଟିଏ ଖବର ଆସିଲା ଯେ, ଯଦି ବନ୍ଧୁବାନ୍ଧବ କେହି ପଚାରିବେ, ତେବେ ସେ କହିବେ ଯେ,

ସାହିତ୍ୟିକ ସମାଜର କୁଟିଳ ସମାଲୋଚନା ସହିବାକୁ ପଡ଼ିବ ।

ମନର ସ୍ୱପ୍ନ କ'ଣ ଥିଲା, କିଏ ଥିଲା, ସେ ସବୁ ଆଲୋଚନା ଭିତରକୁ ଯିବା ଦରକାର ନାହିଁ । କିଏ ସେହି ଅସାଧାରଣ ବ୍ୟକ୍ତି ଯେ କେବଳ ମୋ ବ୍ୟକ୍ତିଗତ ଜୀବନ ନୁହେଁ, ସମଗ୍ର ମଣିଷ ଜାତିର କଥା କହୁଥିଲା । ତାହାରି ସହିତ ବାସ୍ତବରେ ପ୍ରେମ ହୋଇଗଲା । ଯେଉଁ ରଚନାଗୁଡ଼ିକ ଜନ୍ମ ହେଲେ, ଅବୈଧ ସନ୍ତାନ ଭଳି ସେମାନେ କାଗଜ ଉପରେ ଘୁରି ବୁଲିଲେ ।

ମୋର ଏବେ ବି ବିଶ୍ୱାସ ଯେ ଏହି ଦଶଧାଡ଼ି ହିଁ ମୋର ସମ୍ପୂର୍ଣ୍ଣ ଆତ୍ମକଥା ।

**ଏକ କବିତା :**

ମୁଁ ୧୯୬୩ରେ (ଚକ୍ ନଂ ୩୬) ଉପନ୍ୟାସଟି ଲେଖିଥିଲି । ୧୯୬୪ରେ ତାହା ଛପା ହେଲା । ସେତେବେଳେ ପ୍ରଚାର ହେଲା ଯେ, ପଞ୍ଜାବ ସରକାର ଏହାକୁ ବ୍ୟାନ୍ କରିଦେବେ । କିନ୍ତୁ ପ୍ରକୃତରେ ସେପରି କିଛି ହେଲାନାହିଁ । ବରଂ ୧୯୬୫ରେ ଏହା ହିନ୍ଦୀରେ ଓ ୧୯୬୬ରେ ଏହା ଉର୍ଦ୍ଦୁରେ ଛପାହେଲା ।

ଏହି ଉପନ୍ୟାସଟିକୁ ଚଳଚ୍ଚିତ୍ର କରିବା କଥା ଭାବୁଥିଲି । ସେତିକିବେଳେ ରେବତୀ ଶରଣ ଶର୍ମା କହିଲେ ନା, ଏ ଉପନ୍ୟାସ ସମୟର ଏକ ଶତାବ୍ଦୀ ପୂର୍ବରୁ ଲେଖାହୋଇଛି । ଭାରତବର୍ଷ ଏହାକୁ ବର୍ତ୍ତମାନ ବୁଝିପାରିବ ନାହିଁ । ବାସୁ ଭଟ୍ଟାଚାର୍ଯ୍ୟ କହିଲେ, ଏହି ଉପନ୍ୟାସ ଉପରେ ଯେଉଁ ଚଳଚ୍ଚିତ୍ର ତିଆରି ହେବ, ତାହା ଏ ଦେଶର ପ୍ରଥମ ଆଡଲ୍ଟ ଫିଲ୍ମ ହେବ । ଏହି ଉପନ୍ୟାସକୁ ମୋର ବନ୍ଧୁ କୃଷ୍ଣା ୧୯୭୪ରେ ଇଂରାଜୀରେ ଅନୁବାଦ କଲେ । ସେହି ଅନୁବାଦ ପଢ଼ିବା ବେଳେ ଉପନ୍ୟାସର ଚରିତ୍ର 'ଅଳକା' ମୋ ମନକୁ ସଂପୂର୍ଣ୍ଣ ଭାବରେ ଆଚ୍ଛନ୍ନ କରି ପକାଇଲା ।

ଏହାର ନାୟକ 'କୁମାର' ନାୟିକା 'ଅଳକା'କୁ କହୁଛି – ଯେ ଦେହର ଭୋକ ମେଣ୍ଟାଇବା ପାଇଁ ସେ ପ୍ରତିଦିନ ୨୦ ଟଙ୍କା ଦେଇ ଜଣେ ସ୍ତ୍ରୀ ଲୋକ ପାଖକୁ କେତେଦିନ ହେବ ଯାଉଥିଲା । ସେ କଥା ଶୁଣି ଅଳକା କହୁଛି, ମୁଁ ଭାବୁଛି, ୨୦ ଟଙ୍କା ଦେଇ ପ୍ରତିଦିନ ଯାହା ପାଖକୁ ଯାଉଥିଲେ, ମୁଁ ହେଲେ ସେହି ସ୍ତ୍ରୀ ଲୋକ ହୋଇଥାଆନ୍ତି ।

ଥରେ ଇମ୍‌ରୋଜ କହୁଥିଲେ, ଦେହର କ୍ଷୁଧାରେ ପୀଡ଼ିତ ହୋଇ ମୁଁ ବଜାରରେ ଥିବା ଏକ ସ୍ତ୍ରୀ ଲୋକ ପାଖକୁ ଯିବାକୁ ଚାହୁଁଥିଲି, ସଙ୍ଗେ ସଙ୍ଗେ ମୋ ମୁହଁରୁ ବାହାରି ଆସିଲା – ତୁମେ ଏଭଳି ସ୍ତ୍ରୀ ଲୋକ ପାଖକୁ ଯିବାକୁ ଚାହୁଁଥିଲ । ମୋର ଇଚ୍ଛା ହେଉଛି ମୁଁ ବି ସେହି ସ୍ତ୍ରୀ ଲୋକ ହୋଇଥାଆନ୍ତି ।

ମୋର ସ୍ୱଚ୍ଛ ଚରିତ୍ରକୁ ସମ୍ବୋଧିତ କରି ଲେଖିଥିବା ଏହା ମୋର ଏକମାତ୍ର କବିତା ।





ଯା, ନଣନ୍ଦଙ୍କ ସାଙ୍ଗରେ ନଈକୁ ତ ଯିବାପାଇଁ ଲାଜମାଡ଼େ । କୂଅମୂଳେ ତ ସବୁବେଳେ ଲୋକ । ମରଦ ଦଳଦଳ । ରାଧାର ମନେହେଲା ତା'ର ଜନ୍ମଠାରୁ ଆଜିପର୍ଯ୍ୟନ୍ତ ତା' ପଛେ ପଛେ କ୍ୟାମେରାବାଲା ଚାଲି ଚାଲି ସିନେମା ତିଆରି କରିଅଛନ୍ତି । ପିଲାଦିନେ ବାପାଙ୍କ ସାଙ୍ଗରେ ଯାଇ ସେ ସିନେମା ଦେଖୁଥିଲା । ଆଜିର ଘଟଣା କ'ଣ ସେହି ଅଦୃଶ୍ୟବାଲା କ୍ୟାମେରାରେ ଉଠାଇ ନେଇଥିବ, ସତେକି । ଅମିତ ଆଜି ଆସିଥିଲା । ତା'ର ସ୍ତ୍ରୀକୁ ଧରି ରାଧାକୁ ଦେଖିବାକୁ । ଆଗରୁ ଯଦି ସୁପରିଟେଣ୍ଡେଣ୍ଟବାବୁ କହିଦେଇନଥାନ୍ତେ, ତାହେଲେ ରାଧା ସେମାନଙ୍କୁ ଚିହ୍ନି ପାରିନଥାନ୍ତା । କେମିତି ବା ଚିହ୍ନନ୍ତା ! ବର୍ଷକର ପିଲାକୁ ଛାଡ଼ିଦେଇ ସେ ଆସିଥିଲା । ଛାଡ଼ି ତ ଦେଇ ଆସିନଥିଲା, ତା'ଠାରୁ ଛଡ଼ାଇ ନିଆ ହୋଇଥିଲା ।

ନିର୍ଧୂମ୍ ଖରାବେଳେ ସବୁକାମ ସାରି ରାଧା ଯେତେବେଳେ ସେଦିନ କ୍ଲାନ୍ତ ହୋଇ ଟିକିଏ ଗଡ଼ିପଡ଼ିବାକୁ ଘର ଭିତରକୁ ପଶିଆସିଲା, ଖାଇପିଇ ପୁଅ ଅମିତ୍ ଶୋଇପଡ଼ିଥିଲା । କିନ୍ତୁ ପୁଅ ଉଠି ଚଗଲା ହେବାରୁ ରାଗରେ ଚଟକଣାଟାଏ ପକାଇଦେଲା – ରାଧା ପୁଅକୁ । ଅମିତ୍‌ହେରିକା ଗାଡ଼ିରେ ବସିସାରିଲେଣି । ଏଠିକା ଲୋକେ କହୁନ୍ତି ଷ୍ଟେସନ୍ ବେଶିଦୂର ନୁହେଁ । ସେ ଷ୍ଟେସନ୍ ବାଟରେ ଆସିଥିଲା ଅନେକ ଦିନ ତଳେ । ସେହିଦିନ ଠାରୁ ସେ ଏହି ଚାରିକାନ୍ଥ ମଧ୍ୟରୁ ପଦାକୁ ଯାଇନାହିଁ । ପୁଅଟିକୁ ସେହିଦିନୁ ତା' ଶାଶୁ ତା' ହାତରୁ ଛଡ଼ାଇ ନେଇଥିଲେ । ତା'ପରେ ରାଧା ଉପରେ ବର୍ଷଣ ହେଲା – ବିଧା, ଗୋଇଠା, ଚୁଟିଟଣା ଇତ୍ୟାଦି ଇତ୍ୟାଦି । ଏପରିକି ବେଳେବେଳେ ଶାଶୁ ଓ ରାଧା ମଧ୍ୟରେ କଳିତକରାଳ ହୁଏ–ହତବମ୍ଭ ହୋଇ ଠିଆହୋଇଛି ରାଧା, କପାଳରୁ ତା'ର ରକ୍ତ ଝରୁଛି । କେହି ତାକୁ ପଚାରୁନାହାନ୍ତି କିଭଳି ମୁଣ୍ଡ ଫାଟିଗଲା । ପାଖରେ ଥୁଆ ହୋଇଥିବା ଥାଳିଟିକୁ ରାଧା ଚାହିଁଲା । ସବୁଦିନ ଭଳି ରୁଟି ଆଉ ମିଶାମିଶି ତରକାରୀଟାଏ । ଗିନାରେ ପାଣିଭଳି ଡାଲି ଟିକିଏ । ଖାଇବାକୁ ମନ ହେଉନଥିଲା । କେତେଦିନ ଅବା ନଖାଇ ଏଭଳି ରହିବ ସେ ।

ରାଧାର ସ୍ୱାମୀ ସେହିଦିନ ସନ୍ଧ୍ୟାବେଳେ ଫେରିଆସି ସବୁ ଶୁଣିଲେ ସେ ତାଙ୍କର ମା'ଙ୍କ ଠାରୁ । ସେଠାରେ ଥିବା କାଠ ଫାଳିଆଟାକୁ ଧରି ଦୌଡ଼ିଆସିଲେ, ରାଧା ଭୟରେ ଲୁଚିଗଲା । ମାଡ଼ରେ ରାଧାର ମୁଣ୍ଡ ଫାଟିଗଲା । ହାତଗୋଡ଼ ଖଣ୍ଡିଆ ହେଲା । କିଛି ସମୟ ପରେ, ତାହାର ଆଉ ଚେତା ନଥିଲା । ତା'ପରେ ସ୍ୱାମୀ ରାଧାକୁ ନେଇ ବାପଘରେ ଛାଡ଼ିଆସିଲେ । ପୁଅ ଅମିତ୍ ପାଇଁ ସବୁବେଳେ ତା'ର ପ୍ରାଣ ଉହଳ ବିକଳ । ମନକୁ ମନ ରାଧା କେବେ କାନ୍ଦିଲା ତ, କେବେ ଚୁପ୍‌ଚାପ ବସିରହିଲା । ସମସ୍ତେ କହିଲେ, ତା'ର ମୁଣ୍ଡ ଖରାପ ହୋଇଯାଇଛି । ସେ ପାଗଳୀ ହୋଇଯାଇଛି । ତାର ଚିକିତ୍ସା ଦରକାର । ଏହି ସମୟରେ ଭାଇ ତା'ର ପ୍ରତିବାଦ କଲା । କହିଲା, ସେ ରାଞ୍ଚି ଗଲେ ଅଧିକ ପାଗଳୀ ହୋଇଯିବ । ରାଧାକୁ ଅଣାଗଲା ଏଠିକୁ । ପ୍ରଥମେ ଥରେ ଅଧେ

ତା'ର ଭାଇ ଆସିଲା ତାକୁ ଦେଖିବାକୁ । କିନ୍ତୁ ସ୍ୱାମୀ ଓ ଭାଇଙ୍କର ପାଖକୁ ଡାକ୍ତର ଚିଠି ଲେଖିଲେ, କହିଲେ, ତାଙ୍କୁ ଆସି ନେଇଯାଅ । ଅନେକ ବର୍ଷ ହୋଇଗଲାଣି, କୌଣସି ଉତ୍ତର ନାହିଁ ।

ଆଜି ରାଧାର ପୁଅ ଅମିତ୍ ଆସିବାର ଶୁଣି ତା'ର ହୃଦୟ ନାଚିଉଠୁଥିଲା । ଏତେଦିନ ପରେ ଜଗନ୍ନାଥ ତା'ର ଡାକ ଶୁଣିଲେ । ଯେତେହେଲେ ପୁଅତ ! ବଡ଼ହୋଇ ଲୋକଙ୍କ ପାଖରୁ ମା'ର ଅତ୍ୟାଚାର କଥା ଶୁଣି ତା'ର ପ୍ରାଣ କାନ୍ଦୁଥିବ । ଆଜି ସେ ଅମିତ୍ ସାଙ୍ଗରେ ଫେରିଯିବ । ଶାଶୁଘରକୁ ଯିବନାହିଁକି ବାପଘରକୁ ଯିବ ନାହିଁ । ଅମିତ୍ ଆଶ୍ଚର୍ଯ୍ୟ ହୋଇ ମା'କୁ ଦେଖୁଥିଲା । ପାଖରେ ଥିଲା ତା'ର ସ୍ତ୍ରୀ । ମାତ୍ର ସ୍ତ୍ରୀର କଥାରେ ଅମିତ ମୋହିତ ହୋଇ – ମା'କୁ ପରେ ନେବ ବୋଲି କହି ଚାଲିଆସିଲା ସେଠାରୁ । ମା'ର ମାତୃତ୍ୱ ପୁଅ ଅମିତ ପାଖରେ ତୁଚ୍ଛ ହୋଇଗଲା ।

ଆକାଶର ଖଣ୍ଡ ଖଣ୍ଡ ଧଳାବଉଦ ତା' ତଳେ ଭାସିଭାସି ଯାଉଛନ୍ତି । ଏହି ଭଷାମେଘଗୁଡ଼ିକ କୁଆଡ଼େ ସବୁ ଯାଉଛନ୍ତି । ରାଧାଭଳି, ଅସହାୟ, ଅବାଞ୍ଛିତ କ'ଣ ସେମାନେ ? ତଥାପି ରାଧା କାହାରି ସହିତ ଆକ୍ରୋସ ରଖିନାହିଁ । ମନଦୁଃଖ କରିନାହିଁ, କଳାମେଘ ପରି ସେ ତା'ର ଭାଗ୍ୟକୁ ଅଜାଣତରେ ଆଦରି ନେଇଛି ।

**(୭) ଏ ମନ ଭାବୁଥାଇ ଯାହା :**

ନନ୍ଦିନୀ ଶତପଥୀଙ୍କ ଗଳ୍ପ ସଂକଳନ "ସପ୍ତଦଶୀ"ରେ 'ଏ ମନ ଭାବୁଥାଇ ଯାହା' ଏକ କ୍ଷୁଦ୍ର ଗଳ୍ପ । ନନ୍ଦିନୀଦେବୀ ଏ ଗଳ୍ପରେ ଜଣେ ମାତୃତ୍ୱର କାହାଣୀକୁ ଉପସ୍ଥାପନା କରିଅଛନ୍ତି । ନିଜ ଜୀବନରେ ଘଟିଥିବା ଘଟଣା – ନିଜ ଝିଅ ଜୀବନରେ ନ ଘଟୁ, ଏହାହିଁ ଏହି ଗଳ୍ପଟିର ସାରାଂଶ ।

ଗଳିଟି ଆଗରୁ ଅନ୍ଧାର ଥିଲା । ଏବେ ଗଳିମୁଣ୍ଡରେ ଖୁବ୍ ଉଜ୍ଜ୍ୱଳ ଆଲୋକ ଲାଗିଛି । ଦିନପରି ଲାଗୁଛି ରାତିଟା । କିନ୍ତୁ– ରାତିର ବି ଗୋଟିଏ ଅଲଗା ଆବେଗ ଅଛି । ଗଳିର ସବୁ ଘରର ଦାଣ୍ଡବାରଣ୍ଡାମାନଙ୍କରେ ପଡ଼ିଥିବା ଛିଣ୍ଡା କାଗଜ କି କୁଟାକାଠି ବାରିହୋଇ ଜଣାପଡୁଛନ୍ତି ।

ଗଳି ଭିତରକୁ ପଶିବା ଆଗରୁ ସୀମା ସେହି ବତୀଖୁଣ୍ଟ ତଳେ ଦଣ୍ଡେ ଠିଆହୋଇ ପଡ଼ିଲା । ବିଭାସ ବି ଅଟକି ଗଲା ଟିକିଏ । ସୀମା ଆଖିରେ ଆଖି ରଖିଲା, ହସିଲା, ସୀମା ବୋଧହୁଏ କିଛି କହିବ ବୋଲି ସେ ଆଶା କରୁଥିଲା । ନିର୍ଲିପ୍ତ ଭଙ୍ଗୀରେ ଗଳି ଭିତରକୁ କିନ୍ତୁ ପାଦ ବଢ଼ାଇଲା ସୀମା । ଏଥର ବିଭାସ ତା' ସାଙ୍ଗରେ ଦୁଇପାଦ ଆଗକୁ ଗଲା । କହିଲା, କିଛି ନକହି ଚାଲିଯାଉଛ ଯେ – ଦିନେହେଲେ ତ ଘରକୁ ତୁମର ଡାକିପାରନ୍ତ ମୋତେ । ସୀମାର ଭାବକୁ କିଛି ବୁଝିପାରିଲା ନାହିଁ ବିଭାସ । ଆମେ ତ ଏଠି ଦେଖା ସବୁବେଳେ, ପୁଣି ଘରକୁ ! ତଥାପି ତୁମକୁ ତୁମର ଘର





କେତେ ଅଦେଖା କଥା ମଣିଷର ବେଳେବେଳେ ଅତି ଆପଣାର ହୋଇଯାଇ ତା'ର ହାଡ଼ମାଂସରେ ମିଶିଯାଏ । ଦିନେ ରାତିରେ ମହାଭାରତ ପଢୁ ପଢୁ ଶୋଇପଡ଼ିଲି । ସ୍ୱପ୍ନ ଦେଖିଲି, ଗୋଟିଏ କପୋତ ଉଡ଼ି ଉଡ଼ି ଆସି ମୋ କୋଳରେ ଆଶ୍ରୟ ନେଉଛି । ତା' ପଛରେ ଗୋଟିଏ ଛଂ*ାଣ ମଧ୍ୟ ଉଡୁଥିଲା । ସେ ମୋତେ କପୋତଟିକୁ ମାଗୁଥିଲା । କପୋତଟି ନିଜର ଜୀବନ ରକ୍ଷା ପାଇଁ ମୋର ଦେହରେ ଲେପ୍‌ଟି ହୋଇରହିଥିଲା । ଛଞ୍ଚାଣଟି କହିଲା, ଯଦି କପୋତଟି ଦେବନାହିଁ, ତା ଦେହର ଓଜନର ମାଂସଟିକୁ କାଟି ତୁମ ଦେହରୁ ମୋତେ ଦିଅ । ମୁଁ ମୋ ଦେହରୁ ମାଂସ କାଟି ଦେବାପାଇଁ ଚାହିଁଲି । କିନ୍ତୁ କପୋତଟିର ଓଜନ ଏତେ ବେଶୀ ହୋଇଗଲା ଯେ, ମୁଁ ମୋର ଜୀବନ ଦେବାକୁ ପ୍ରସ୍ତୁତ ହୋଇଗଲି । ସଙ୍ଗେ ସଙ୍ଗେ କାନରେ ଏକ ଗୁଞ୍ଜନ ଶୁଣିଲି ଏବଂ ମୋର ମନେହେଲା, ଏହି କପୋତ ମୋ ଲେଖନୀର ପ୍ରତୀକ ଏବଂ ଏକ ବିରୋଧ ଏହାକୁ ଜୀବନରେ ମାରିଦେବାକୁ ଏହା ପଛରେ ଗୋଡ଼ାଉଛି ।

ମୁଁ କପୋତଟିକୁ ଆହୁରି ଜୋରରେ ଜାକି ଧରିଲି । ସେତିକିବେଳେ ମୋର ଆଖି ଖୋଲିଗଲା । ସାମନାରେ ମହାଭାରତର ଦ୍ୱାଦଶ ଅଧ୍ୟାୟ ଖୋଲା ହୋଇ ପଡ଼ିଥିଲା । ସେଇଥିରେ ଲେଖାଯାଇଛି – ଅଗ୍ନି ଦେବତା କପୋତ ବେଶରେ ରାଜା ଉଶୀନରଙ୍କ ଶରଣ ନେବାକୁ ଆସିଥିଲେ । ଉଶୀନର ତା' ବଦଳରେ ନିଜ ଦେହର ମାଂସ ଦେବାପାଇଁ ପ୍ରସ୍ତୁତ ହୋଇଗଲେ । ଛଞ୍ଚାଣ ହାତରେ କପୋତକୁ ସମର୍ପି ଦେଲେ ନାହିଁ ।

ଏହି ଘଟଣାଟିରେ ମୁଁ ମୋର ମନ ଭିତରକୁ ଯେ ଖାଲି ଚିହ୍ନିଗଲି, ତାହା ନୁହେଁ । ଆଖିରେ ବି ଦେଖିଦେଲି ।

**ଗୋଟିଏ ଦିନ :**

ମୁଁ ଭାବିଥିଲି, ଯଦି କେବେ ଆତ୍ମକାହାଣୀ ଲେଖିବି ତେବେ ବିସ୍ତାରିତ ଭାବରେ ନୁହେଁ, ମାତ୍ର ଦଶ ପଂକ୍ତିରେ ଶେଷ କରିବି । ସେହି ଦଶଟି ପଂକ୍ତି ମଧ୍ୟ ଲେଖି ରଖିଥିଲି । ସେଗୁଡ଼ିକ ବର୍ତ୍ତମାନ ମଧ୍ୟ ମୋର ସମ୍ମୁଖରେ ଅଛି । ସେତେଗୁଡ଼ିକ ସେତେବେଳେ ମୋ ପାଇଁ ଯେତିକି ସତ୍ୟ ଥିଲା, ଆଜି ବି ସେତିକି ଅଛି । ସେଗୁଡ଼ିକ ହେଲା–

ମୋର କବିତା, କାହାଣୀ, ଉପନ୍ୟାସ ଇତ୍ୟାଦି ସମସ୍ତ ରଚନା ଏକ ଅବୈଧ ସନ୍ତାନ ଭଳି । ମୋ ଦୁନିଆଁର ନିଷ୍ଠୁର ବାସ୍ତବତା ମୋ ସ୍ୱପ୍ନ ସହିତ ପ୍ରେମରେ ପଡ଼ିଲା । ଏବଂ ସେହି ସଂଯୋଗରୁ ଏହି ରଚନାର ଜନ୍ମ ।

ମୁଁ ଜାଣେ, ଏହାର ଭାଗ୍ୟ ଏକ ଅବୈଧ ସନ୍ତାନର ଭାଗ୍ୟ ଭଳି । ଏହାକୁ ସାରା ଜୀବନ

**ଡାଏରୀରୁ କିୟଦଂଶ :**

ଡାଏରୀ ଲେଖିବାଟା ମୋର ଅଭ୍ୟାସ ନୁହେଁ । ଅନେକଥର ଚେଷ୍ଟା କରିଛି କିନ୍ତୁ ଦୁଇଚାରିଦିନ ପରେ ସେହି ନିୟମକୁ ମୁଁ ରକ୍ଷା କରିପାରିନାହିଁ । ସେତେବେଳେ ସାନ ଥିଲି । ଯେବେ ବି ଡାଏରୀ ଲେଖେ, ତାଲା ବନ୍ଦ କରିଦେଇ ଲେଖେ ।

ଆଉ ଟିକିଏ ବଡ଼ ହେଲାପରେ ମୋର ଏହି ପ୍ରତିଜ୍ଞା ମୋତେ ପିଲାଳିଆମି ଭଳି ମନେହେଲା । ଏହି ପ୍ରତିଜ୍ଞା ଭାଙ୍ଗି ପୁଣି ଡାଏରୀ ଲେଖିବାକୁ ଚେଷ୍ଟା କଲି । କେତେଦିନ ଯାଏ, ଲେଖିଚାଲିଲି । ମୁଁ ଆଉ ନିୟମିତ ଭାବରେ ଡାଏରୀ ଲେଖିପାରିଲି ନାହିଁ । ହଁ, କେବେକେବେ ମନର ଭାବନାର ଢେଉ ଉଠେ । ବର୍ଷେ କି ଛ' ମାସ କିଛି ଲେଖିପକାଏ ।

ସେପ୍ଟେମ୍ବର ୬, ୧୯୬୮ ।

ପ୍ରାୟ ଅଧରାତିରେ ଗୁଲଜାରଙ୍କ ଟେଲିଫୋନ ଆସିଲା । ଏତେ ରାତିରେ ଟେଲିଫୋନ୍ ଭୟ ଲାଗିଲା । ମୁଁ ହସିଦେଇ କହିଲି, ଭଦ୍ରଲୋକ, ଡରିବାର କ'ଣ ଅଛି ? ମୁଁ ଷ୍ଟାଲିନିଷ୍ଟ ନୁହେଁ ।

ପି.ସି. ଜୋସି ଏକ ଚମତ୍କାର ବିଶ୍ଳେଷଣାତ୍ମକ ପ୍ରବନ୍ଧ ଲେଖିଥିଲେ । ତାହା ପଢ଼ିସାରିବା ପରେ ତାଙ୍କ ସହ କଥା କହିବାକୁ ଇଚ୍ଛା ହେଲା । ପଚରାଉଚରା କରି ତାଙ୍କର ଟେଲିଫୋନ୍ ନମ୍ବର ଟିପିଦେଲି । ସେ କହିଲେ ଯେ ଏହି ପ୍ରବନ୍ଧ ଯୋଗୁଁ ବନ୍ଧୁମାନେ ତାଙ୍କ ଉପରେ ଅସନ୍ତୁଷ୍ଟ ହୋଇଛନ୍ତି । ବିଶେଷତଃ ଅରୁଣା ଆସଫ ଅଲ୍ଲୀ । ପୁରି ସେ କହିଲେ – ତୁମର ଓ ମୋର ଦୁଃଖର କାରଣ ହେଉଛି ଯେ, କେବଳ ପଲଟିକାଲ ନେତାମାନେ ନୁହନ୍ତି, ଲେଖକମାନେ ମଧ୍ୟ ଅନ୍ୟର ହାତବାରିଶ ହୋଇଯାଉଛନ୍ତି ।

ଅଗଷ୍ଟ ୩୧, ୧୯୭୨ ।

ଆଜି ସମ୍ବାଦପତ୍ରରେ ବାହାରିଛି – ରାମଧାରୀ ସିଂ ଦିନକର ଆଉ ନାହାନ୍ତି । ଏକ ସପ୍ତାହ ହୋଇଗଲାଣି । ଆଜି ୨୫ ତାରିଖ, ଆଉ ସେ ଦିନ ଥିଲା ୧୬ ତାରିଖ । ଷ୍ଟାରବୁକର ଉତ୍ସବରେ ଦିନକରଙ୍କ ସହ ଦେଖା ହୋଇଥିଲା । ସେ ତାଙ୍କର କାର୍‌ରେ ବସିବା ପୂର୍ବରୁ ଦୂରରୁ ଦେଖି ମୋତେ ହାତଠାରି ଡାକିଲେ । ମୋତେ କହିଲେ – ଦେଖ, ମରିଯିବ ନାହିଁ, ତୁମେ ମରିଗଲେ ଏ ଦେଶର ସବୁଜିମା ମରିଯିବ । ମୋ ମନ ଆନ୍ଦୋଳିତ ହୋଇଗଲା । ଦେବୀନ୍ଦରଙ୍କର ମନ ମଧ୍ୟ । ସେ କହିଲେ ଦିଦି, ଆମ ସାହିତ୍ୟରେ ଏପରି ଲୋକ କାହିଁକି ଜନ୍ମ ହେଉନାହାନ୍ତି ?

**ଗୋଟିଏ ରାତି :**





ଭିତରେ ଦେଖିବାର ଗୋଟିଏ ଚାର୍ମ ଅଛି ସୀମା । କ'ଣ ଡର ହେଉଛିକି ? ସୀମା କହିଲା, ଡର ନାହିଁ, ତେବେ ଚାଲ । ବାଟରେ ଦୋକାନୀମାନେ ତାଙ୍କୁ ସମସ୍ତେ ଅନାଉଥାଆନ୍ତି । ଘରମୁହଁରେ ସୀମା ଠିଆହୋଇ ଚାବି ଖୋଲିଲା । ସୀମା କବାଟଟିକୁ ଠକ୍ ଠକ୍ କଲା । ଖୋଲିଲେ ଜଣେ ମଧ୍ୟବୟସ୍କା ଭଦ୍ର ମହିଳା । ଗୌରବର୍ଣ୍ଣା, ଦୀର୍ଘ ଚେହେରା, ଦୀର୍ଘ ରଜୁ ଭଙ୍ଗୀ ବେଷଭୂଷା, ରୁଚି ଆଭିଜାତ୍ୟ ପୂର୍ଣ୍ଣ । କିଏ ସେ ଏ ମହିଳା !

ସୀମା ବ୍ୟାଗଟିକୁ ତଳେ ପକାଇଦେଇ ମହିଳାଙ୍କର କଣ୍ଠଲଗ୍ନା ହୋଇଗଲା । ତୁମେ କେତେବେଳୁ ଆସିଲଣି ମା, ମୋତେ ଅଫିସକୁ ଟେଲିଫୋନ କରିଦେଇନଥାନ୍ତ ! ମୁଁ ଜଲଦି ପଳାଇ ଆସିଥାନ୍ତି । ଅପର୍ଣ୍ଣାଦେବୀ ସ୍ମିତ ହସି ଝିଅଟିକୁ ନିଜ ପାଖରୁ ବିଭାସକୁ ଚାହିଁଲେ । ପରେ ତାଙ୍କର ଭାଷା ବଦଳିଗଲା । ମୋ ସାଙ୍ଗରେ ଯେଉଁ ଭଦ୍ରଲୋକ ଆସିଛନ୍ତି ତାଙ୍କ କଥା ଆଗ ବୁଝ । ସୀମା ମା'ଙ୍କୁ ପରିଚୟ କରାଇଦେଲା – ବିଭାସ, ମା'ଙ୍କୁ ନମସ୍କାର ଜଣାଇଲା । ମା' ଏଇ ମୋ ଅଫିସରେ ମୋ ସାଙ୍ଗରେ କାମ କରନ୍ତି । ତୁମେ କଥା ହେଉଥାଅ, ମୁଁ ତୁମପାଇଁ ଚା ଓ ଜଳଖିଆ ଧରି ଆସୁଛି । ବିଭାସ ମା' ଓ ଝିଅଙ୍କର କଥାବାର୍ତ୍ତା ଶୁଣିଲା । କି ମାତୃଭକ୍ତି ସେ ଜାଣିପାରିଥିଲା । ମା' ଅପର୍ଣ୍ଣା ଯେଉଁସବୁ ଜିନିଷ ନିଜ ହାତରେ ରୋଷେଇ କରିଥିଲେ ସମସ୍ତେ ମିଶିକରି ଖାଇଲେ ଓ ସେମାନଙ୍କ ମଧ୍ୟରେ ଆଲୋଚନା ଆରମ୍ଭ ହେଲା ।

ବିଭାସ ସୀମାର ପରିବାର ବିଷୟରେ ଜାଣିବା ପାଇଁ ଚାହିଁଲେ । ତା'ର ମା' ଅପର୍ଣ୍ଣା ଦେବୀ ଏହି ସହରର ତଳି ଅଞ୍ଚଳରେ ଘରଭଡ଼ା ଦେଇ ରହୁଛନ୍ତି । ସେ ତାଙ୍କୁ ଯେବେ ନଅବର୍ଷ ବୟସ ହୋଇଥିଲା ସେ ବିବାହ କରିଥିଲେ । ଏ ଦୁଃଖ ସେ ଜୀବନରେ ଭୁଲିପାରିନାହାନ୍ତି । ଠିକ୍ ସେହିପରି, ତା'ର ଝିଅ ସୀମାକୁ ପରିବାର ଲୋକ ପିଲାଟିଦିନରୁ ବାହାଘର କରୁଥିଲେ । ବେଦୀରୁ ସୀମାକୁ ତା'ର ମା' ଅପର୍ଣ୍ଣାଦେବୀ ଉଠାଇଆଣିଲେ ଏବଂ ସୀମାର ବାପା, ଜେଜେବାପା, ଜେଜେମା'ଙ୍କୁ ବିରୋଧକରି ନିଜେ ଭଡ଼ାଘରେ ରହି ଝିଅ ସୀମାକୁ ମଣିଷ କରିଛନ୍ତି । ସେହିଦିନ ଠାରୁ ତାଙ୍କର ପରିବାର ସହିତ କୌଣସି ସମ୍ପର୍କ ନାହିଁ । ଏହା ଶୁଣି – ବିଭାସ ମନେ ମନେ ଚିନ୍ତା କଲା ଯେ, ସୀମାପାଇଁ ମା' କ'ଣ ନକରିଛନ୍ତି । ଏବେ ସୀମା ବଡ଼ ହୋଇଛି, ସ୍ୱାଧୀନତା ପାଇଛି ମା'ଙ୍କ ଠାରୁ, ସେ ତା'ର ଜୀବନସାଥୀ ନିଜେ ବାଛିବ, ଇତ୍ୟାଦି ଇତ୍ୟାଦି ।

କପରେ ଚା' ଥଣ୍ଡା ହୋଇଗଲା । ଗଳି ମୁଣ୍ଡରେ ପହଞ୍ଚିବା ଯାଏ, ଏତେଦିନ ଧରି ସୀମାର ବ୍ୟବହାର ଗୋଟି ଗୋଟି କରି ମନେ ପଡ଼ିଯାଉଥିଲା – ବିଭାସର – ସତେକି ସେ କହୁଥିଲା – ଏ ମନ ଭାବୁଥାଇ ଯାହା ।

**(୮) ଭଲ ପାଉନଥିବା ଲୋକମାନେ :**

ଗାଳ୍ପିକା ନନ୍ଦିନୀ ଶତପଥୀଙ୍କ ଗଳ୍ପ ସଂକଳନ "ସପ୍ତଦଶୀ"ରେ 'ଭଲ ପାଉନଥିବା ଲୋକମାନେ' ଏକ କ୍ଷୁଦ୍ର ଗଳ୍ପ ଅଟେ । ଏହାର ସାରମର୍ମ ଖୁବ୍ ହୃଦୟସ୍ପର୍ଶୀ ।

ସେ ମୋତେ ଭଲ ପାଉନଥିଲେ । ଖାଲି ସେ ନୁହନ୍ତି, ତାଙ୍କ ଭଳି ଆହୁରି ଅନେକ ଲୋକ । ମୋତେ ଦେଖିଲେ ସେମାନଙ୍କ ମଧ୍ୟରେ ବିରକ୍ତି ଭାବ ଫୁଟି ଉଠିଥିଲା । ବେଳେବେଳେ ଘୃଣାର ବି । କିନ୍ତୁ - ଏ ଦୁଇଟା ଭାବ ଭିତରେ ପାର୍ଥକ୍ୟ ଜାଣିବା ସହଜ ନଥିଲା । ନମସ୍କାର କଲେ ସେମାନେ କେବେ ପ୍ରତି ନମସ୍କାର କରୁନଥିଲେ । ଅନ୍ୟମାନଙ୍କ ଆଗରେ ମୋ ସମ୍ପର୍କରେ ସେମାନେ ଅସୁନ୍ଦର ଓ ଆଶାଳୀନ ମନ୍ତବ୍ୟ କରୁଥିବାର ମଧ୍ୟ କେବେ ମୋ କାନକୁ ଆସିଛି । ମୋଟାମୋଟି ମୁଁ ଜାଣିଥିଲି ସେମାନେ ମୋତେ ପସନ୍ଦ କରନ୍ତି ନାହିଁ ।

କିନ୍ତୁ କାହିଁକି କରନ୍ତି ନାହିଁ, ବେଳେବେଳେ ଏ ପ୍ରଶ୍ନ ମୋ ମନକୁ ଆସେ । ମୁଁ କିଛି ସମୟ ଅଟକିଯାଇ ଏହାର ଉତ୍ତର ଖୋଜିବାକୁ ଚେଷ୍ଟା କରେ । ଆପଣ ଭାବୁଥିବେ ମୁଁ ଅତ୍ୟନ୍ତ ଅହଂକାରୀ- ଆତ୍ମକୈନ୍ଦ୍ରିକ । ନିଜର ଦୋଷ ଜାଣିବାକୁ ଚେଷ୍ଟାକରେ ନାହିଁ । କେଉଁ ଦୋଷଯୋଗୁଁ ମୁଁ ସେହି ଲୋକମାନଙ୍କର ଅଶ୍ରଦ୍ଧାଭାଜନ ହୋଇଛି ତାହା ଖୋଜି ବାହାର କରିବାକୁ ମୁଁ ତତ୍ପର କି ଆଗ୍ରହୀ ନୁହେଁ । ତେଣୁ ଏହି ଗୋଟିଏ ପଏଣ୍ଟ ବି ଯଥେଷ୍ଟ, ସେମାନେ ମୋତେ ଭଲପାଉଥିବା ପାଇଁ । କିନ୍ତୁ କଥାଟା ପ୍ରକୃତରେ ସେପରି ନୁହେଁ, ହୁଏତ କିଛି ଅଂହଭାବ ମୋ ଭିତରେ ଥାଇପାରେ । କିନ୍ତୁ ସେଥିପାଇଁ ମୁଁ ମୋର ଦୋଷ ଦୁର୍ବଳତାକୁ ସମୀକ୍ଷା ନକରେ ତା' ନୁହେଁ, କରେ - ବରଂ ଯେତିକି ଦରକାର ତା'ଠାରୁ ଅଧିକ । କିନ୍ତୁ ସେମାନଙ୍କ ପାଇଁ ମୁଁ କ'ଣ କରିଛି - ଅତି ଏକାନ୍ତ ମୁହୂର୍ତ୍ତରେ ହୁଏତ ଦୋହରାଉଛି - ଦୁଇପଦ :

"ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ
ଦେଖୁ ଦେଖୁ କେବା ସହୁ
ମୋ ଜୀବନ ପଛେ ନର୍କେ ପଡ଼ିଥାଉ
ଜଗତ ଉଦ୍ଧାର ହେଉ ।"

କିନ୍ତୁ - ନିଜ ଇଚ୍ଛାରେ ନର୍କ ବରିନେବା ଏବଂ କେହି ନର୍କ ଭିତରକୁ ଠେଲିଦେବା ଭିତରେ ପାର୍ଥକ୍ୟ ଅଛି । ସେହି ଠେଲିଦେବାକୁ ଚେଷ୍ଟା କରୁଥିବା ଲୋକମାନଙ୍କ ଉଦ୍ଦେଶ୍ୟରେ ବି ଭୀମଭୋଇଙ୍କର ପଦକୁ ଆଉଡ଼ଉଥିବାବେଳେ ଘଟଣାଟି ଘଟିଥିଲା ।





ଗୋଟିଏ ବାହାରେ । ଯେଉଁ ସୀମିତ ବୁଝାମଣା ଅଛି, ତାହାଠାରୁ ଅଧିକ ମୁଁ ଆଉ କିଛି ଚାହେଁନାହିଁ । ଏକ କବିତା ଭଳି ପଞ୍ଜାବ ବଞ୍ଚିରହୁ । ମୁଁ ନୀରବରେ ତାହାର ଏକ ଅର୍ଥ ଭଳି ବାହାରି ଯିବାକୁ ଚାହେଁ । ଯାହା ଲେଖିବାର ମୁଁ ଲେଖିଦେଇଛି ଏବଂ ଶେଷରେ ବିଦାୟ ବି ମାଗିନେଇଛି ।

**ଫୋନିକ୍ସ ସାମ୍ରାଜ୍ୟ :**

ଇତିହାସରୁ ଜଣାଯାଏ ଯେ ଫୋନେସିଆନ୍‌ମାନେ ନିଜର ନାମକୁ ଫୋନିକ୍ସ ଦ୍ୱାରା ଚିହ୍ନିତ କରାଇଛନ୍ତି । ଫୋନିକ୍ସ ନିଜର ପାଉଁଶରୁ ବାରମ୍ବାର ଉଦ୍ଭବ ହୁଏ । ଯେଉଁ ମନୁଷ୍ୟ ଜାତି ଧ୍ୱଂସର ମୁଖରୁ ପୁଣି ନୂତନ ଶକ୍ତି ନେଇ ଜାଗିଉଠେ ସେ ମୃତ ବା ମୃତ୍ୟୁମୁଖୀକୁ ବି ବଳ ଦିଏ । ଏହା ହିଁ ଫୋନିକ୍ସ କାହାଣୀର ବୈଶିଷ୍ଟ୍ୟ ।

ଯେଉଁ ସୂର୍ଯ୍ୟ ପ୍ରତିଦିନ ବୁଡିଯାଏ ଏବଂ ପୁଣି ସକାଳୁ ଉଠିଆସେ, ସେହି ସୂର୍ଯ୍ୟ ପୂଜା ସହିତ ଫୋନିକ୍ସ କାହାଣୀ ସମ୍ବନ୍ଧିତ । ଫୋନିସିଆନ୍‌ମାନଙ୍କ ଉତ୍ପତି ସ୍ଥାନ ସମ୍ପର୍କରେ ଇତିହାସ ଆଜିଯାଏ ନୀରବ । ସେମାନେ ସର୍ବଦା ସୂର୍ଯ୍ୟପୂଜା କରନ୍ତି । ସୂର୍ଯ୍ୟଙ୍କର ଅନ୍ୟନାମ - 'ଓନ୍' ।

ଇସ୍ରାଇଲର ଯେଉଁ ବାରୋଟି ଗୋଷ୍ଠୀ କାଳକ୍ରମେ ପୃଥିବୀର ବିଭିନ୍ନ ସ୍ଥାନରେ ବସବାସ କରିବାକୁ ଚାଲିଗଲେ ସେମାନଙ୍କ ମଧ୍ୟରେ ମଧ୍ୟ କିଛି ଫୋନେସିଆନ୍ ଥିଲେ । ଏଭଳି ଏକ ଇତିହାସର କଥା ଏଠାରେ ଉତ୍‌ଥାପନ କରିବାର ମୋର ଏକମାତ୍ର ଉଦ୍ଦେଶ୍ୟ ହେଉଛି ଯେ, ଫୋନିକ୍ସ ସହିତ ମୋର ଏକ ନିକଟ ଏବଂ ଗଭୀର ସମ୍ପର୍କ ରହିଛି ବୋଲି ମୋତେ ମନେହୁଏ ।

ବହୁତ ବର୍ଷ ତଳେ - 'ସୂର୍ଯ୍ୟ ଓ ଜାଡ଼ା' ଶୀର୍ଷକ ଏକ ଲେଖାରେ ମୁଁ ଲେଖିଥିଲି - ଅସ୍ତଗାମୀ ସୂର୍ଯ୍ୟ ସହିତ ପ୍ରତିଦିନ ମୋର କିଛି ଅଂଶ ବୁଡିଯାଏ । ଏବଂ ସୂର୍ଯ୍ୟ ଉଦୟ ହେଲେ କିଛି ଅଂଶ ଆକାଶକୁ ଉଠିଯାଏ । ରାତି, ମୋ ପାଇଁ ସବୁବେଳେ ଏକ ଅନ୍ଧକାର ଟନେଲ ସଦୃଶ । ଏହର ଅପରପାର୍ଶ୍ୱରେ ସୂର୍ଯ୍ୟ ଅଛି ବୋଲି ପ୍ରତିଦିନ ମୁଁ ଏହାକୁ ଅତିକ୍ରମ କରିଯିବାକୁ ଚେଷ୍ଟା କରେ ।

କୁହାଯାଏ, ଫୋନିକ୍ସ ପକ୍ଷୀ ଲମ୍ବା ଚଉଡ଼ାର ଚିଲ ଆକାରର । ତାହାର ପକ୍ଷ ଉଜ୍ଜ୍ୱଳ ଓ ସୁନେଲି । ମିଶରର ପୁରୁଣା ଇତିହାସରେ ସୂର୍ଯ୍ୟ ଯେଉଁଠାରୁ ଉଦୟ ହୁଏ ସେଠାରେ ଏହି ପକ୍ଷୀର ଘର ବୋଲି ବର୍ଣ୍ଣିତ ଅଛି । ସେଥିପାଇଁ ଐତିହାସିକମାନେ ଏହି ପକ୍ଷୀର ଆଦିବାସସ୍ଥାନ ଆରବ କିମ୍ବା ଭାରତବର୍ଷ ବୋଲି ମନେ କରନ୍ତି । କେତେକ ମଧ୍ୟ ଏହାକୁ କୁମାରୀ ମାତା ଗର୍ଭରୁ ଜାତ ଖ୍ରୀଷ୍ଟଙ୍କ ସହ ସମ୍ବନ୍ଧିତ କରନ୍ତି । ସେ ଯେଉଁ ଦେଶ କିମ୍ବା ଯେଉଁ ଶତାବ୍ଦୀର ହୁଅନ୍ତୁନା କାହିଁକି, ପ୍ରତ୍ୟେକ ସଚ୍ଚୋଟ ଲେଖକଙ୍କ ସହ ମୁଁ ଏହାକୁ ତୁଳନା କରିବାକୁ ଚାହେଁ ।

ରୂପରେ ହିଁ ହୋଇଥିଲା । ଏହି ବଡ଼ ସତ୍ୟ ଥଟ୍ଟା ତାମସା ଭିତରେ ବି କେତେବେଳେ ଛୋଟ ହୋଇଯାଇନାହିଁ । ଇମ୍‌ରୋଜ କେତେ ମିନିଟ୍ ଯାଏ ଚୁପ୍ ରହିଲେ ତା'ପରେ କହିଲେ – ମୁଁ ବି ଈଶ୍ୱରଙ୍କ ବିବାହକୁ ଆସିଛି । ମୋତେ ହସ ଲାଗିଲା । କହିଲି- ହଁ ହଁ କିନ୍ତୁ ତୁମେ କନ୍ୟା ପକ୍ଷର, ମୁଁ ବର ପକ୍ଷର । ପ୍ରକୃତରେ ଇମ୍‌ରୋଜଙ୍କ ବନ୍ଧୁତ୍ୱରେ ମୁଁ ଈଶ୍ୱରଙ୍କର ବିବାହ ଦେଖିଛି ।

ମୁଁ କେବଳ ମନରେ ନୁହେଁ, ଟ୍ରଙ୍କ, ଆଲମିରା ପ୍ରଭୃତିରେ ବି ଛୋଟ ଛୋଟ ଜିନିଷ ସାଇତି ରଖୁଥିଲି । ପରଜନ୍ମରେ କ'ଣ ହେବ, ସେକଥା ଜାଣିନାହିଁ । କିନ୍ତୁ ପୂର୍ବଜନ୍ମରେ ନିଶ୍ଚୟ ମୁଁ କିଛି ସଂଚୟ କରି ରଖିଥିଲି, ଯେଉଁଥିପାଇଁ ଆଜି ଜୀବନ ମରୁଭୂମିରେ ଚାଲିଲାବେଳେ ମୋତେ ତାହା ପାଣି ଗିଲାସ ଭଳି ମିଳିଯାଉଛି । ଈଶ୍ୱର କରନ୍ତୁ, ତାଙ୍କ କଥା ଠିକ୍ ହେଉ । ତାଙ୍କର କିଛି ଅଂଶ ମୁଁ ପରଜନ୍ମ ପାଇଁ ସାଇତି ରଖେ ।

**ଏକ କବିତାର ବ୍ୟାଖ୍ୟା :**

୧୯୭୩ ମସିହା ସେପ୍ଟେମ୍ବର ୫ ତାରିଖ ରାତି । ସାଢ଼େ ଦଶଟା ବାଜିଥାଏ । ମୁଁ କାଜାନଟ୍‌ଜାକିସ୍‌ଙ୍କ ରକ୍ ଗାର୍ଡନ ପଢୁଥିଲି । ସେତିକିବେଳେ ଟେଲିଫୋନ୍ ବାଜିଲା । ଗୋଟିଏ ୟୁନିଭରସିଟିର ଭାଇସ୍-ଚାନ୍‌ସେଲର କହିଲେ, ସକାଳେ ସିନେଟ୍ ବୈଠକ ଅଛି । ସେଠାରେ ତୁମର କାହାଣୀ 'ଏକ ସହରର ମୃତ୍ୟୁ' ବିରୁଦ୍ଧରେ ପ୍ରସ୍ତାବ କରାଯିବାର କଥା ରହିଛି । ମୁଁ ତୁମର ପିତାଙ୍କ ବନ୍ଧୁ ଥିଲି, ତାଙ୍କୁ ସମ୍ମାନ କରୁଥିଲି । ତୁମେ ଏଭଳି ଲେଖା ଲେଖ ଯାହାଫଳରେ ଆମ୍ଭେ ତୁମକୁ ସମ୍ମାନ କରିପାରିବୁ ।

ମୋ ଭଳି ମୋ ସମ୍ମାନ ମଧ୍ୟ ଜୀବନ ସାରା କାହାରି ଉପରେ ଆଶ୍ରିତ ହୋଇ ରହିନାହିଁ । ସେହି ସମୟରେ କେତେକ ବଛା ବଛା ଭାରତୀୟ ଗଳ୍ପର ଏକ ସଂକଳନ ପାଇଁ ସୁରେଶ କୋହଲି ଉକ୍ତ କାହାଣୀଟିକୁ ଇଂରାଜୀରେ ଅନୁବାଦ କରୁଥିଲେ । ସେତେବେଳେ ମୋ ସମ୍ପର୍କରେ ଦେବେନ୍ଦ୍ର ସତ୍ୟାର୍ଥୀଙ୍କ ସବୁଥର ଭଳି ଗୋଟିଏ ସ୍କାଣ୍ଡାଲ ଲେଖା ବାହାରିଥାଏ । ସତ୍ୟାର୍ଥୀ ସାହେବ ଜୀବନରେ କେବେ ବି ମୋର ବିଶେଷ ପରିଚିତ ନଥିଲେ । କିନ୍ତୁ କେଜାଣି କାହିଁକି ମୋ ସମ୍ପର୍କରେ ଲେଖିଲାବେଳେ ତାଙ୍କର ମାନସିକ ସଙ୍କଟ ହୋଇଥାଏ ।

କୌଣସି କବିତାକୁ ବ୍ୟାଖ୍ୟା କରିବା ମୋ ପାଇଁ ଏକ ପ୍ରିୟତମର ରୂପ ଭଳି । କିନ୍ତୁ ସେହି ପ୍ରିୟତମଙ୍କୁ ଘେରି ରହିଛି ଏକ ସ୍ୱାର୍ଥାନ୍ୱେଷୀ ଅସହିଷ୍ଣୁ ଜନତା ।

ମୋର ଅସ୍ତିତ୍ୱ ପାଇଁ ମୁଁ ଗର୍ବିତ । ପଞ୍ଜାବର ମାଟି ଯଦି ଏକ କବିତା ହୁଏ, ତେବେ ମୁଁ ସେହି କବିତାର ଅର୍ଥ । ଅର୍ଥ ବାହାର କରାଯାଏ, ଆଜି ଯଦି ଗୋଟିଏ ଅର୍ଥ ବାହାରିଛି, କାଲି ଆଉ





ପରିବେଶ ଅବଶ୍ୟ ସାଧାରଣ ନଥିଲା, ଥିଲା ଏକ ଉତ୍ସବର । ଆୟୋଜନଟା ଥିଲା ଏକ ବିବାହ ଭୋଜିର । ଆଜିକାଲି ବି ବିବାହ ଦିନ ଭୋଜିର ବ୍ୟବସ୍ଥା ହେଉନାହିଁ । ସେଥିପାଇଁ ବିବାହ ଉତ୍ସବ ଦେଖିବାକୁ ସୁଯୋଗ ଆଉ ନିମନ୍ତ୍ରିତ ଅତିଥି ଭାବରେ ଦେଖିବାକୁ ମିଳୁନାହିଁ । ବାଣଫୁଟାର ରୋଷଣୀ କରି ବର ଆସୁଥିବା ବେଳର ଉଦ୍ଦୀପନା, ଜମା ହୋଇଥିବା କୁମାରୀ ଓ ବିବାହିତା ଯୁବତୀମାନଙ୍କ ଭିତରେ ସୃଷ୍ଟିହେବା ସମ୍ଭବ ହେଉନାହିଁ । ସମସ୍ତେ ଆସୁଛନ୍ତି ଭୋଜିସଭାକୁ ନବଦମ୍ପତିଙ୍କୁ ଦେଖିବା ଅପେକ୍ଷା ନିଜକୁ ଦେଖାଇବାରେ ଅଧିକ । ମୋ ଭାବନାରେ ପୂର୍ଣ୍ଣଚ୍ଛେଦ ଟାଣି ବନ୍ଧୁଙ୍କ ଗୃହ ସମ୍ମୁଖରେ ଗାଡ଼ି ଅଟକିଲା । ଗାଡ଼ିରୁ ଓହ୍ଲାଇବା କ୍ଷଣି ତାଙ୍କର ଆଲିଙ୍ଗନ ଭିତରେ ମୁଁ ନିଜକୁ ମୁକ୍ତ କରିବାକୁ ଚେଷ୍ଟା ତ କଲିନାହିଁ, ବରଂ ତାଙ୍କୁ ଅଧିକ ନିବିଡ଼ଭାବରେ ଜାବୁଡ଼ି ଧରିଲି । ଜୀବନର ସବୁଠାରୁ ଆନନ୍ଦମୟ ମୁହୂର୍ତ୍ତଟି ଏମିତି ଭାବରେ ଆଚ୍ଛାଦିତ କରିଦିଏ, ବିଷାଦ ସ୍ମୃତି ।

ମୁହଁରେ କ୍ରୋଧ, ଈର୍ଷାରେ କି ଘୃଣାରେ କେଜାଣି କେମିତି ବିକୃତ ଦିଶିଲା – ମୁଁ ଟିକିଏ ଶଙ୍କିଗଲି । କ'ଣ ଭୁଲ୍ କଥା କହିଦେଲି କି ବୋଲି ମନ ଭିତରେ ଅସ୍ତବ୍ୟସ୍ତ ହୋଇ ଅଣ୍ଡାଳି ପକାଇଲି । କିଛି ପାଇଲି ନାହିଁ । ସେତିକିବେଳେ ଦେଖିଲି ହଠାତ୍ ସେ ଚୌକିଛାଡ଼ି ଗେଟ୍ ଆଡ଼କୁ ଯିବାକୁ ଲାଗିଲେ । ତାଙ୍କୁ ଅଟକାଇବାକୁ ଚେଷ୍ଟା କରୁନଥିବା ଭଦ୍ରଲୋକଟିକୁ ଦେଖି ମୁଁ ବିବ୍ରତବୋଧ କଲି । କିନ୍ତୁ ଆଉକିଛି କରିପାରିଲି ନାହିଁ ।

**(୯) ସୁଚରିତାସୁ :**

ଗଳ୍ପିକା ନନ୍ଦିନୀ ଶତପଥୀଙ୍କ ଗଳ୍ପ 'ସୁଚରିତାଷସୁ' ତାଙ୍କ ଗଳ୍ପ ସଂକଳନ "ସପ୍ତଦଶୀ"ର ଏକ ଅଂଶବିଶେଷ ଅଟେ ।

ଆଗପଛ ହୋଇ ଦୁଇଟି କାର ଠିଆ ହୋଇଥିଲା ଗାଁ ଦାଣ୍ଡରେ । କେତେ ଧୂଳି ଉଠିଆସିଥିଲା । ଏ ପର୍ଯ୍ୟନ୍ତ ତାହା ଅସ୍ପଷ୍ଟ କରି ରଖିଛି ଦାଣ୍ଡ ଦୁଆରେ ବନ୍ଧା ହୋଇଥିବା ଗାଇଗୋରୁମାନଙ୍କୁ । ଗାଡ଼ିର ଆରୋହୀ ଆରୋହିଣୀମାନେ ଦୁଆର ଖୋଲି ବାହାରି ଆସୁଛନ୍ତି । ହସ ହସ ମୁହଁରେ ବନଲତାଦେବୀ ପାହାଚ ଅତିକ୍ରମ କରି ତଳକୁ ଯାଉଛନ୍ତି ସେମାନଙ୍କୁ ସ୍ୱାଗତ କରିବାକୁ । ପୁଅ ବୋହୂ, ଝିଅ ଜ୍ୱାଇଁ, ନାତିନାତୁଣୀ ଦୁଇଟି ଏକାଠି ହୋଇଛନ୍ତି ଗାଁରେ ।

ପଛଗାଡ଼ିରୁ ବାହାରି ସାନବୋହୂ ରୁଲି ଶାଶୁଙ୍କୁ କୁଣ୍ଢାଇ ପକାଇଲା । ବଡ଼ବୋହୂ ଶିବାନୀ ଶାଶୁଙ୍କୁ ପ୍ରଣାମ କରିବାକୁ ଚାଲିଆସିଲା । ଶିବାନୀର ଝିଅ ଚୁଆ ମଧ୍ୟ ଦୌଡ଼ିଆସିଲା । ଦାଣ୍ଡ ପିଣ୍ଡାରେ ଠିଆହୋଇ ସମସ୍ତ ଦୃଶ୍ୟର ମୂଲ୍ୟାୟନ କରିବାକୁ ଚେଷ୍ଟା କରୁଛନ୍ତି ସୁମନ୍ତ ଦାସ । ଏହି ଗାଁ, ଏହି ଘରେ ସୁମନ୍ତ ଦାସଙ୍କର ଜନ୍ମ, ଶୈଶବରୁ ଯୌବନ ଯାଏ ବହୁ ବର୍ଷ କଟିଛି । ଏହି ଧୂଳିମାଟିରେ

ଯେତେ ଲୋକ ଅଛନ୍ତି - ତାଙ୍କର କକେଇ, ଦଦେଇ, ମଉସା, ପିଉସା କି ଭାଇ, ପୁତୁରା ।

ସେହି ଗାଁରେ ସୁମନ୍ତ ଦାସଙ୍କର ପିଲାଏ ଆଜି ଅଚିହ୍ନା, ନୂଆଲୋକ, ଭିନ୍ନଦେଶୀ । ନାତୁଣୀ ପାଞ୍ଚବର୍ଷର ଝିଅ ଚୁଆକୁ ସେ ସର୍ବଦା ଗେଲ କରିଥାନ୍ତି । ବଡ଼ପୁଅ ଜୟନ୍ତ ସ୍ୱଳ୍ପବାକ, ଆଖିବୁଜି ଚଉକିରେ ସେ ଆଉଜି ପଡ଼ିଛି । ସାନପୁଅ ସୁମନ୍ତ ଚାରିବର୍ଷର ପୁତୁରା ଚନ୍ଦନର ବଲ ଧରିବାରେ ବ୍ୟସ୍ତ । ସୁମନ୍ତବାବୁଙ୍କର ଏହି ବୋହୂଟି ବେଶ ସ୍ମାର୍ଟ, ଶାଢ଼ି ନ ପିନ୍ଧି ଜିନ୍ସ ବାନିଅନ୍ ପିନ୍ଧନ୍ତି ।

ସ୍ତ୍ରୀ ବନଲତାକୁ ଲକ୍ଷ୍ୟ କରି ହଠାତ୍ ସେ କହିପକାଇଲେ ଦୁଇ ଚାରିଦିନ ପାଇଁ ଆମେ ଗାଁକୁ ଆସିଛେ । ଏଠାର ଚଳଣୀ ସାଙ୍ଗରେ ଟିକିଏ ମନାଇ ନେଇଗଲେ ସମସ୍ତଙ୍କ ପାଇଁ ଭଲ ହେବ । ଏଭଳି ଏକ ଅପ୍ରସାଙ୍ଗିକ କଥା ଶୁଣି ପରସ୍ପର ସ୍ୱାମୀ ସ୍ତ୍ରୀ ମୁହଁ ଚାହାଁଚୁହିଁ ହେଲେ । କଥାଟି କିନ୍ତୁ - ବୁଝିଲେ - ବନଲତା ଦେବୀ । ରୁଲିର ନିର୍ଲିପ୍ତ ହସ ସୁମନ୍ତବାବୁଙ୍କର ମନେହେଲା ଏକ ଅବଜ୍ଞା ଓ ଔଦ୍ଧତ୍ୟର ହସଭଳି । କନିଷ୍ଠମାନଙ୍କ ଠାରୁ ସମ୍ମାନ ଓ ବିନୟ ଆଶା କରାଯାଏ । ଏକଥା ସେ ପିଲାଟିଦିନରୁ ଶିଖିଆସିଛନ୍ତି । ବହୁତ ଦେଖିଶୁଣି ବନ୍ଧୁ ଶିବାନନ୍ଦଙ୍କ ଝିଅ ସାଙ୍ଗରେ ସେ ବିବାହ ଠିକ୍ କରିଥିଲେ । ସୁମନ୍ତର ପୁଅ କହିଥିଲେ ରୁଲିକୁ ବିବାହ କରିବା ପାଇଁ । ସେ ନିଷ୍ପତି ମନେ ଅଛି । ଏ କ୍ଷେତ୍ରରେ ସୁମନ୍ତ ମା'ଙ୍କ ପୂର୍ଣ୍ଣ ସହଯୋଗ ପାଇଥିଲା । ସ୍ୱାମୀମାନଙ୍କର ଭାବନା ବୁଝିଲା ପରି ପରିବେଶକୁ ହାଲୁକା କରିଦେବା ପାଇଁ ବନଲତା କହିପକାଇଲେ - ସମୟ ବଦଳୁଛି । ବାହାରେ ହଠାତ୍ ଜଣେ ପିଲାର ଚିତ୍କାର ଶୁଭିଲା । ସୁମନ୍ତବାବୁ ଚାରି ପାଞ୍ଚ ବର୍ଷର ପିଲାଟିକୁ ଟେକି ଆଣିଲେ ଦୁଇହାତରେ । ବନିତାର ପୁଅ ଖେଳୁ ଖେଳୁ ମୁଣ୍ଡ ଫାଟିଯାଇଥିଲା । ରୁଲି ଏହାର ଠିକ୍ ପ୍ରାଥମିକ ଚିକିତ୍ସା କଲେ । ସୁମନ୍ତବାବୁ ଏକ ଲୟରେ ଚାହିଁ ରହିଥାନ୍ତି ରୁଲିକୁ । ସବୁକାମ ସାରି ଦେଖିଲାବେଳକୁ ରୁଲିକୁ ସମସ୍ତେ ଅନେଇ ଚାହିଁଛନ୍ତି । ପରମୁହୂର୍ତ୍ତରେ ରୁଲି ଦେଖିଲା, ମୁଣ୍ଡପାତି ଧୀରେ ଧୀରେ ଚାଲିଯାଉଛନ୍ତି ସୁମନ୍ତବାବୁ ।

**(୧୦) ଏକକ :**

ଗାଳ୍ପିକା ନନ୍ଦିନୀ ଶତପଥୀଙ୍କ ଗଳ୍ପ ସଂକଳନ "ସପ୍ତଦଶୀ"ର ଏକ କ୍ଷୁଦ୍ରଗଳ୍ପ 'ଏକକ' । ଏହା ବେଶ୍ ଚିତାକର୍ଷକ ଓ ପାଠକପାଠିକାଙ୍କ ହୃଦୟସ୍ପର୍ଶୀ ହୋଇଛି ।

ବୟସଟା ହଠାତ୍ ଯେମିତି କୋଡ଼ିଏ ବର୍ଷ ପଛକୁ ହଟିଗଲା । ଅସୀମା ଜୀବନରେ ଅନେକ ଦିନୁ ଏକ ସୀମାରେଖା ଟଣା ହୋଇଯାଇଛି । ବୟସର, ସମାଜର, ଉଚିତ ଓ ଅନୁଚିତକୁ ପୁଣି ନିଜପାଇଁ ନିଜେ ଉଠିପଡ଼ି ତିଆରି କରିବା ସ୍ଥାନର, ଅନେକ କଥା - ମନକୁ ଆସିଲେ ତାକୁ ଜବରଦସ୍ତ ଠେଲି ଫୋପାଡ଼ି ଦେବାକୁ ହୁଏ । ଆମକୁ ଭାବିବାକୁ ବିଳମ୍ବ ଲାଗେ । ପ୍ରକାଶ କରିବା





ସୀତାର ବଜାଇଲି ଲାହୋର ରେଡ଼ିଓ ଷ୍ଟେସନ୍‌ରେ । ଲାହୋରର ଲରେନ୍ସ ଗାର୍ଡନ ପଛପଟ ଲନ୍‌ରେ ଯାଇ ଟେନିସ୍ ଶିଖିଥିଲି । କିନ୍ତୁ ଦେଶ ବିଭାଜନ ହେବା ସଙ୍ଗେ ସଙ୍ଗେ ମୋର ସମସ୍ତ ସଉକ ଭାଙ୍ଗିଗଲା । ଏସବୁ ସଉକ ପାଇଁ ଜୀବନରେ ଆଉ ଅବସର କି ସୁଯୋଗ ରହିଲା ନାହିଁ । ବଞ୍ଚି ରହିବା ପାଇଁ ସଂଗ୍ରାମ ଆରମ୍ଭ ହୋଇଗଲା ।

ନିଜର ଜୀବିକା ନିର୍ବାହ ପାଇଁ ଦିଲ୍ଲୀର କୌଣସି ଷ୍ଟେସନ୍‌ରେ ବାରବର୍ଷ ଚାକିରି କଲି । ଦେଖିଲି ଜୀବନର ସବୁ ଉତ୍ତରଣ-ଅବତରଣ ସମୟରେ ମୋର ସାଙ୍ଗରେ ରହିଛି କେବଳ ମୋର ଲେଖନୀ । ଜୀବନ ବୋଧହୁଏ ଏହାହିଁ ମୋ ପାଇଁ ନିଷ୍ପତି କରିଥିଲା ।

ଇମ୍‌ରୋଜ ମୋ ଠାରୁ ସାଢ଼େ ଛ' ବର୍ଷ ଛୋଟ । ପଞ୍ଜାବର ଏମିତି କୌଣସି ଖବରକାଗଜ ନାହିଁ, ଯାହାକୁ ଖୋଲିଲେ ମୁଁ ବୁଝି ନପାରିବି ଯେ ମୋ ବିରୁଦ୍ଧରେ ସେଥିରେ କ'ଣ ଲେଖାହୋଇଛି । ମୋ ବିରୁଦ୍ଧରେ ପେପରକୁ ଇମ୍‌ରୋଜ ପଢ଼ିବା ପୂର୍ବରୁ ଚିରି ଦିଅନ୍ତି ।

ଇମ୍‌ରୋଜ ଓ ମୋର ପିଲାମାନଙ୍କ ଦ୍ୱାରା ହିଁ ମୋର ଶେଷକୃତ ହେବ-ତାହା ସେହିମାନଙ୍କର ହିଁ ପ୍ରାପ୍ୟ । ଯେଉଁ ଲେଖନୀ ଏହି ସଂପୂର୍ଣ୍ଣ ରାସ୍ତାରେ ମୋ ସହିତ ରହିଛି, ଜୀବନ ଶେଷରେ ବି ସେ ମୋ ସହିତ ରହୁ ବୋଲି ମୁଁ ଇଚ୍ଛାକରେ ।

**ଛୋଟ ସତ୍ୟ ବଡ଼ ସତ୍ୟ :**

ପ୍ରତିଦିନ ସକାଳେ ଗଛ ପତ୍ରରେ ପାଣି ଦେବା ମୋର ଅନ୍ୟତମ ପ୍ରିୟ କାମ । ସକାଳେ ଯେତେ ସମୟ ମୁଁ ଗଛରେ ପାଣି ଦେଉଥାଏ, ସେତେ ସମୟ ଯାଏ ଇମ୍‌ରୋଜ ମୋ ସହିତ ଚାଲି ଚାଲି ଖବରକାଗଜ ପଢ଼ି ମୋତେ ଶୁଣାଇଥାଏ । କେବେ କେବେ ଆନନ୍ଦ ଓ ଦୁଃଖ ଏକ ସଙ୍ଗରେ ଅନୁଭୂତ ହୁଏ ।

ଦିଲ୍ଲୀ ୟୁନିଭରସିଟିରେ ମୋତେ ଡି.ଲିଟ୍ ମିଳିଥିବା ଯୋଗୁଁ ସେହିଦିନ ସନ୍ଧ୍ୟାରେ ଖାଲସା କଲେଜ ମୋତେ ସମ୍ବର୍ଦ୍ଧିତ କରିଥିଲେ । ଇମ୍‌ରୋଜଙ୍କ ସହିତ ଜୀବନ ମଧ୍ୟ ସମତଳ ରାସ୍ତାରେ ବିତିନାହିଁ । ଅନେକ ଉଠାଣି, ଗଡ଼ାଣି ମଧ୍ୟରେ ଯିବାକୁ ପଡ଼ିଛି । ଇମ୍‌ରୋଜର ବ୍ୟକ୍ତିତ୍ୱ ନଦୀର ସ୍ରୋତ ଭଳି । ନଦୀ ଏକ ସୀମା ମାନିନିଏ କିନ୍ତୁ କେନାଲ ଭଳି ପକା ବନ୍ଧ ମାନେ ନାହିଁ । ଇଚ୍ଛା କଲେ ସେ ବନ୍ଧ ଭାଙ୍ଗି ତା'ର ଗତିପଥ ବଦଳାଇ ଦିଏ । କୌଣସି ସମ୍ପର୍କ ଯେ ପର୍ଯ୍ୟନ୍ତ ବନ୍ଧନ ନୁହେଁ ସେ ପର୍ଯ୍ୟନ୍ତ ଇମ୍‌ରୋଜ ସେ ସମ୍ପର୍କକୁ ସ୍ୱୀକାର କରେ ।

ତାଙ୍କ ସହିତ ମୋର ପ୍ରଥମ ଦେଖାର ପ୍ରଭାବ ମୋ ଦେହରେ ଜ୍ୱରର ଉତାପ ବଢ଼ାଇବା

ଅଗଷ୍ଟ ୧୮ ତାରିଖ ୧୯୭୩ ମସିହାରେ ଅଶୋକା ହୋଟେଲରୁ ଗୋଟିଏ ଟେଲିଫୋନ ଆସିଲା – ପାକିସ୍ତାନରୁ ଆସିଥିବା ଶାନ୍ତି ପ୍ରତିନିଧି ଦଳର ମୁଁ ଜଣେ ମେମ୍ବର କହୁଛି । ସେ ସଙ୍ଗେ ସଙ୍ଗେ ବିଷୟବସ୍ତୁରେ ଉତର ଦେଲେ – ଆଲ୍ଲା ଚାହିଁଲେ ନିଶ୍ଚୟ ଶାନ୍ତି ପ୍ରତିଷ୍ଠା ହେବ ।

ସେହି ଭଦ୍ରବ୍ୟକ୍ତିଟି ଯିବାପରେ ଚିଠି ଖୋଲିଲି । ମନେହେଲା କଳା ସ୍ୟାହିରେ ଗାଧୋଇ ଅକ୍ଷରଗୁଡ଼ିକ ସୁନେଲୀ ହୋଇଯାଇଛନ୍ତି । ଏମିତି ତୁମକୁ ଚିଠି ଲେଖିବାର କୌଣସି ସୁଯୋଗକୁ ମୁଁ ହରାଏ ନାହିଁ । ଯେତେବେଳେ କୌଣସି ଭଦ୍ରବ୍ୟକ୍ତି ସୀମା ଅତିକ୍ରାନ୍ତ କରନ୍ତି, ସେତେବେଳେ ମୁଁ ଏ ସୁଯୋଗ ନିଏ । ଆମର ପ୍ରଥମ ପ୍ରେସିଡେଣ୍ଟଙ୍କ ସାଙ୍ଗରେ ଯାଇଥିବା ଜଣେ ବନ୍ଧୁ ତୁମକୁ ମୁଁ ରୋମ୍‌ରୁ ଲେଖିଥିବା ଚିଠିଟିକୁ ପୋଷ୍ଟ କରିଦେଇଥିଲା । ମୁଁ ଆଶା କରୁଛି, ତୁମେ ତାହା ପାଇଥିବ । ଏ ଚିଠିଟି ମଧ୍ୟ ତୁମେ ନିଶ୍ଚିତ ପାଇବ ବୋଲି ମୋର ବିଶ୍ୱାସ । ପତ୍ରବାହକ ମୋର ଜଣେ ପ୍ରିୟ ବନ୍ଧୁ । ସେ ତୁମ ସହିତ ମଧ୍ୟ ଦେଖାକରିବାକୁ ଚାହିଁବେ । ମୁଁ ତୁମକୁ ଦେଖିବାକୁ ଏତେ ବ୍ୟାକୁଳ ଯେ ମୋର ଏହି ବନ୍ଧୁଙ୍କ ଆଖିରେ ବି ଟିକିଏ ଦେଖିଦେଲେ ଖୁସିହେବି । ମୁଁ କେବଳ ମୁହୂର୍ତକ ପାଇଁ ଯଦି ତୁମକୁ ଦେଖିପାରନ୍ତି !

ଖଲିଲ୍ ଜିବ୍ରାନ୍ ଲେଖିଥିଲେ – ଜୀବନର ଲକ୍ଷ୍ୟ ହେଉଛି – ତାହାର ଗୋପନୀୟତାକୁ ଉଦ୍‌ଘାଟନ କରିବା । ଏଥିପାଇଁ ପାଗଳାମୀ ହିଁ ଏକମାତ୍ର ରାସ୍ତା । ମୁଁ ଭାବିଲି ସଜ୍ଜାଦ ହିଁ ସେତେବେଳେ ଥିଲା ମୋର ଖଲିଲ ଜିବ୍ରାନ୍ ।

ମୁଁ ମୋର ପାଗଳାମୀ ପାଇଁ ଗର୍ବ ଅନୁଭବ କରୁଥିଲି, କିନ୍ତୁ ଆଜି ସଜ୍ଜାଦ ପାଖରେ ତାହା ମଧ୍ୟ ମୁଣ୍ଡ ନୁଆଁଇ ପ୍ରଣତି ଜଣାଇଲା ।

**ଈଶ୍ୱରଙ୍କ ଭଳି ଭରସା :**

ଜୀବନରେ ଏପରି ଅନେକ ଦିନ ଆସିଛି, ଯେତେବେଳେ ହାତରେ ଅଟକି ଯାଇଥିବା କଲମକୁ ମୁଁ ଗଳାରେ ଲଗାଇ କାନ୍ଦିଛି । କେତେବେଳେ କିଏ ଆସି ତୁମକୁ ଭଗବାନଙ୍କ ଭଳି ସାହାଯ୍ୟ କରେ, ଏକଥା କହିବା କଠିନ । ମୋର କଲମ ଏକ ଜାଗ୍ରତ ଦେବତା ଭଳି । ତାକୁ ମୁଁ ଆଖିରେ ଦେଖିପାରେ, ହାତରେ ଛୁଇଁପାରେ, ପୁଣି ଏକ ଅଲେଖା କାଗଜ ଭାବରେ ଛାତିରେ ଜାକି ଧରେ । ତା'ର ଓ ମୋର ସମ୍ପର୍କକୁ ଏକ କବିତାରେ ତୋଳି ଧରିଥିଲି ।

ବିଗତ ଅର୍ଦ୍ଧଶତାବ୍ଦୀ ଭିତରେ ମୋର ଅନେକ ବିଷୟରେ ଆଗ୍ରହ ଜାତ ହୋଇଛି । ପ୍ରଥମେ ଫଟୋଗ୍ରାଫିରେ ଥିଲା, ତା'ପରେ ନୃତ୍ୟ ଆଡ଼କୁ ମୋ ମନ ଟାଣିହୋଇଗଲା । ପରେ ପରେ କିଛିଦିନ





ତ ବହୁତ ଦୂରର କଥା । ବେଳେବେଳେ ସହି ମନ ବିବ୍ରତ କରିଥାଏ । ପ୍ରଶ୍ନ କର କେବଳ କାହିଁକି ? ପୃଥିବୀର ଚତୁର୍ଦ୍ଦିଗରେ ଏତେ ଆନନ୍ଦ, ଏତେ ଉତ୍ସବର ସମାରୋହ ମୁଁ କାହିଁକି କେବଳ ମୋ କାମରେ ବୁଡ଼ି ରହିଥିବି । କାହିଁକି ମୋ ମନ ପ୍ରଜାପତିର ଡେଣା ଲଗାଇ ଉଡ଼ିବୁଲିବ ନାହିଁ ଗୋଟିଏ ଉଦ୍ୟାନରୁ ଅନ୍ୟଟିକୁ । ସବୁବେଳେ ମନର ଲଗାମ୍‌କୁ ଟାଣି ଧରିଥିବି ମୁଁ କାହିଁକି ?

ସୂର୍ଯ୍ୟ ଅସ୍ତଯାଏ । ଶାରଦ ଆକାଶର ଜହ୍ନ ଆପଣାର ଉନ୍ମୁକ୍ତ ଯୌବନ ନେଇ ପ୍ରକାଶିତ ହୁଏ । ଅଦ୍ଭୁତ ଗୋଟିଏ ଥଣ୍ଡା ହାଉଆ ହଠାତ୍ ଦେହ ଓ ମନପ୍ରାଣରେ ଖେଳାଇଦିଏ । ଅପୂର୍ବ ଶୀହରଣ, ବର୍ଷେ ହେବ ବଡ଼ପୁଅ ଚାକିରି କଲାଣି ବିଦେଶରେ । ଏବେ ଆଇ.ସି.ଏସ୍ ସ୍ୱାମୀ ରିଟାୟାର୍ଡ କରିବେ । ତା'ର ଯେ ବୟସ ହୋଇଗଲା, ବୋଧହୁଏ ବୟାଳିଶ । ସେ ବୟସକୁ ମନେ ପକାଏନାହିଁ କିମ୍ବା ମନେ ପକାଏନି କମଳେଶ, ସୁଭେନ୍ଦୁ ଓ ଅଜୟ ପ୍ରଭୃତିଙ୍କର । ମହିଳାମାନେ ଜାଣିଲେ କ୍ଷତି ନାହିଁ ବିଶେଷ – ସେମାନଙ୍କ ନିକଟରେ ସେ ତ ସୁକୁମାରର ମାଆ । ସବିତାବରଣଙ୍କ ସ୍ତ୍ରୀ । ତଥାପି ତା'ର କ'ଣ ନିଜତ୍ୱ ନାହିଁ – ସେ କ'ଣ ଅସୀମା ନୁହେଁ, ସେ କ'ଣ ବିଶ୍ୱମ୍ଭରବାବୁଙ୍କ ଝିଅ ନୁହେଁ ! ବାପା ଏବେ ମଧ୍ୟ ବଂଚିଛନ୍ତି । ଭାଇ ଭାଉଜମାନେ ଏବେ ଘରର ମାଲିକ । ଯିବା ଆସିବା ନାହିଁ, ଥରେ ବାପାଙ୍କ ପାଖକୁ ଆସିଲେ ଆଉ ଫେରିବାର ମନ ହୁଏନାହିଁ । ଦୁଇଚାରି ଓ ଆଠଦିନ ପରେ କ୍ଲାନ୍ତ ହୋଇ ପୁଣି ଅସୀମା ଫେରିଆସେ ସବିତାବରଣଙ୍କ ପାଖକୁ । ସୁରୁମାର ଅନେକ ଦିନ ହେବ କିଛି ଖବର ନାହିଁ । ବାହାରେ ସେ କାହାର ପ୍ରେମରେ ପଡ଼ିବା ଆଗରୁ ଏଠାରେ ତା' ପାଇଁ ବୋହୂଟିଏ ଖୋଜିବାକୁ ହେବ । ସୁଭେନ୍ଦୁ ସାଙ୍ଗରେ ସେ ଦିନେ ହଠାତ୍ ଦେଖା ହୋଇଗଲା । କଲେଜରେ ସେମାନେ ଏକାସାଙ୍ଗରେ ପଢୁଥିଲେ । ବନ୍ଧୁ, କିନ୍ତୁ – ବୟଫ୍ରେଣ୍ଡ ନୁହେଁ । ସ୍ୱାମୀଙ୍କ ସହିତ ପରିଚିତ କରାଇଦେବାକୁ ଅସୀମା ଏହିଭଳି କହିଥିଲା ।

ବୈଠକଘରେ କଫି ପିଉପିଉ ସୁଭେନ୍ଦୁ ପଚାରିଲା – ତୁମ ସ୍ୱାମୀ ବୋଧହୁଏ ଆମପରି ସାଧାରଣ ଲୋକଙ୍କୁ ପସନ୍ଦ କରନ୍ତି ନାହିଁ । ଏ କଥାଗୁଡ଼ିକୁ ଅସୀମାକୁ ଶୁଣିବାକୁ ଭଲ ଲାଗେନି । ସୁଭେନ୍ଦୁ ହସିଲା ଓ ସ୍ୱାମୀ ନିନ୍ଦା ସତୀଙ୍କର ଅସହ୍ୟ ହେଉଛି କି, ତୁମେ କେମିତି ଏତେ ବଦଳିଗଲ ଅସୀମା ।

ସବିତାବରଣଙ୍କର କ୍ଲବକୁ ଯିବାକୁ ବେଳ ହେଲାଣି ବୋଧହୁଏ । ତାକୁ ଖୋଜୁଛନ୍ତି ଯେତେବେଳେ । ଚାକରବାକରଙ୍କୁ କଡ଼ା ହୁକୁମ ଅଛି – ଅସୀମାର, ତାକୁ ଅଯଥା ବିରକ୍ତି ଯେମିତି କେହି ନକରନ୍ତି । ଅଥଚ – ଅଜୟ, ଶୁଭେନ୍ଦୁ ଶ୍ୟାମଳା ସେ ଦିନର ସେହି ପଢ଼ାସାଥୀମାନେ କେତେ ଅନୁଭବ କରନ୍ତି ତାହାର ଅନୁପସ୍ଥିତ । ଅଜୟ ବିଲାତରୁ ଫେରିଥିଲା – ଡାକ୍ତର ହୋଇ । ସେ ଅଥଚ – କ'ଣ ବା ସମ୍ପର୍କ ଅଜୟ ସାଙ୍ଗରେ – ବନ୍ଧୁତ୍ୱ ବା କେତେଦିନର ।

ବିବାହିତ ଅଜୟର ପରିବାର ତାକୁ ନେଇ କାଳେ ଅଶାନ୍ତି ହୋଇପାରେ - ଏହି କାରଣରୁ ଅସୀମା ତାକୁ ବରାବର ଆଡ଼େଇ ଯାଇଥିଲା ।

ଅଚାନକ ଭାବରେ ଟ୍ରେନ୍‌ରେ ଦେଖାହୋଇଗଲା ସେଦିନ । କଲିକତାରୁ ଏକା ଡବାରେ ସେମାନଙ୍କର ରିଜର୍ଭେସନ ହୋଇଯାଇଥିଲା । ଅଜୟ ଅନ୍ତରଙ୍ଗ ହେବାକୁ ଚେଷ୍ଟା କଲା - ଅଭିମାନ କଲା ମଧ ଟିକିଏ । ଅସୀମା ହସିଦେଇ କହିଥିଲା ତମେ ତ ଜାଣ କୌଣସି ଜାଗାରେ, କାହାରି ପାଖରେ କ୍ୟୁରେ ଠିଆହୋଇପାରେ ନାହିଁ ମୁଁ । ସବୁସ୍ଥଳରେ ମୁଁ ଏକକ ହେବାକୁ ଚାହେଁ - ଆଜି ପର୍ଯ୍ୟନ୍ତ ହୋଇଛି ମଧ ।

ଅଥଚ ମନ ଭିତରେ କିଏ ଯେମିତି କହୁଥିଲା - ଅସୀମା, ଏଠି ବି ତୁ ଏକକ !

**(୧୧) କାଳର କପୋଳ ତଳେ :**

ଗାଳ୍ପିକା ନନ୍ଦିନୀ ଶତପଥୀଙ୍କ ଦ୍ୱିତୀୟ ଗଳ୍ପ ସଂକଳନ "ସପ୍ତଦଶୀ"ର ଏକ କ୍ଷୁଦ୍ରଗଳ୍ପ 'କାଳର କପୋଳ ତଳେ' । ଏଠାରେ ମଗଧ ରାଜାଙ୍କ ରାଜସ୍ୱ କାହାଣୀ ବର୍ଣ୍ଣିତ ଅଛି ।

ତଳେ କ୍ଷୀଣଧାରରେ ବହିଯାଉଛି - ଦୟାନଦୀର ପାଣି । ହଠାତ୍ ଫୁଲି ଫୁଲି ଉଠିଲ । ଆଉ ଅଙ୍ଗଦ ଚୌଧୁରୀଙ୍କ ଆଖି ଆଗରେ ଚାହୁଁ ଚାହୁଁ ପାଣିର ରଙ୍ଗ ବଦଳିଯାଇ, ହୋଇଗଲା ଲାଲ- ପାଣି ନୁହେଁ ରକ୍ତର ନଦୀ ।

ଧଉଳି ପାହାଡ଼ର ପାଦଦେଶରେ ଏକ ବଡ଼ ପଥର ମୁଣ୍ଡିଆଟା ଉପରେ କେତେବେଳୁ ବସି ରହିଛନ୍ତି ସେ । ଅଙ୍ଗଦ ଚୌଧୁରୀ ଇତିହାସର ଛାତ୍ର । ଆସିଛନ୍ତି - ନାଳନ୍ଦା ବିଶ୍ୱବିଦ୍ୟାଳୟରୁ ଗବେଷଣା କାର୍ଯ୍ୟରେ । ବହୁବର୍ଷ ଧରି ମଗଧରୁ ଆସି ସମ୍ରାଟ ଅଶୋକ କଳିଙ୍ଗ ବିଜୟ କରିଥିଲେ । କିନ୍ତୁ କିଏ ଥିଲେ କଳିଙ୍ଗର ରାଜା ଓ କାହାକୁ ପରାଜିତ କରି ଅଶୋକ ଉଡ଼ାଇଥିଲେ ନିଜର ବିଜୟ କେତନ ।

ଅଶୋକଙ୍କର ଶିଳାଲେଖା ପଢ଼ିଛନ୍ତି ଅଙ୍ଗଦ । ସେଥିରେ ଅହିଂସା, ଦୟା, କ୍ଷମା ଇତ୍ୟାଦି ବିଷୟରେ ଉଲ୍ଲେଖ ଅଛି । ଆହୁରି ମଧ ଉଲ୍ଲେଖ ରହିଛି ରାଜାର ରନ୍ଧନଶାଳା ଏବଂ ସାଧାରଣ ପ୍ରଜାର ରନ୍ଧନଶାଳାରେ କେତୋଟି ମୟୂର ମାଂସ ରନ୍ଧନ କରାଯାଇପାରିବ । କିନ୍ତୁ କଳିଙ୍ଗ ରାଜାଙ୍କ ବିଷୟରେ ତ କେଉଁଠି କିଛି ଲେଖା ହୋଇନାହିଁ ।

ଧଉଳି ପାହାଡ଼ର ଚାରିପଟେ ବୁଲି ବୁଲି ଶେଷରେ ସେ ଆସି ବସିପଡ଼ିଛନ୍ତି ଏଇ ପଥର





ଚାଲିବାକୁ ହୁଏ, ମୁଁ ବି ଚାଲିଛି ।

ଶବ୍ଦର ବୃକ୍ଷରୁ ଧୀରେ ଧୀରେ ଅର୍ଥର ପତ୍ର ଝଡ଼ିଲା ଭଳି ଯେଉଁ ସମସାମୟିକ ଲେଖକମାନଙ୍କର ସମ୍ପର୍କରେ ବାରମ୍ବାର ଏକ ପ୍ରକାରର ଅନୁଭୂତି ହୋଇଥିଲା, ସେମାନଙ୍କ ମଧ୍ୟରେ ଦଲୀପ ଟିବାନା ନଥିଲେ । ବହୁତ ବର୍ଷ ପରେ ଯେବେ ବି ତାଙ୍କ ସାଙ୍ଗରେ ଦେଖା ହେଉଥିଲା, ସେତେବେଳେ ଖୁସି ଲାଗୁଥିଲା । କିନ୍ତୁ ତା' ସହିତ ମଧ ମନେ ହେଉଥିଲା ଯେ, ଅନ୍ତରର କୌଣସି ଆଦାନପ୍ରଦାନ ଚାଲୁନାହିଁ । ଭାବୁଥିଲି - ଏହା ହିଁ ଯଥେଷ୍ଟ । ଯଦି କୌଣସି ଜିନିଷ ଦୂରେ ଅଛି, ତାହା ସେହିଭଳି ସବୁବେଳେ ରହିପାରିଲେ ବି ଯଥେଷ୍ଟ ହେବ । ପାଖକୁ ନ ଆସିଲେ ମଧ ଚଳିବ ।

କିନ୍ତୁ ଦିନେ ହଠାତ୍ ଦଲୀପଙ୍କ ଠାରୁ ଚିଠିଟିଏ ଆସିଲା - ଏକ ରହସ୍ୟର ଜାଲ ଘେରାହୋଇ - ଗୋଟିଏ କଥା ଲେଖାଅଛି, ମୁଁ ଚାହୁଁଛି - ଆଜିକୁ ତିନିଦିନ ପରେ ବୁଧବାର ଦିନ ଆପଣ ମୋ ପାଖକୁ ଯିବେ । ପୁଣି ଚିଠି ଆସିଲେ ଆପଣ ବର୍ତ୍ତମାନ ମୋ ପାଖକୁ ଆସନ୍ତୁ ନାହିଁ ।

ମୋର ଦୃଷ୍ଟିରେ ଦଲୀପଙ୍କର ମୋ ପ୍ରତି ମାନସିକ ସୌନ୍ଦର୍ଯ୍ୟ ପ୍ରତି ଥିଲା, କିନ୍ତୁ ତାଙ୍କର ଥିଲା ଶାରୀରିକ ସୌନ୍ଦର୍ଯ୍ୟ ପ୍ରତି । ମାର୍ଚ୍ଚ ୩୦ରେ ଦଲୀପଙ୍କୁ ଆୱାର୍ଡ ମିଳିବା କଥା ତାହା ତାଙ୍କର ବିବାହକୁ ଆହୁରି ମଧୁର କଲା । ଇମ୍‌ରୋଜ କନ୍ୟାଦାନ କଲେ ଏବଂ ଭାଇର ସ୍ଥାନ ମୋ ପୁଅ ପୂରଣ କଲା ।

ବହୁଦିନ ପରେ ଦଲୀପ ସାଙ୍ଗରେ ଯେବେ ଦେଖାହେଲା, ତାକୁ କହିଲି - ତୁମର ପ୍ରକାଶିତ ପୁସ୍ତକର ସମର୍ପଣରେ ତୁମେ ଲେଖିଛ - ଇତିହାସ କେବଳ ବହିରେ ଲେଖାହୋଇ ନଥାଏ । ବହିରେ ଲେଖା ହେବାର ବହୁ ପୂର୍ବରୁ ଇତିହାସ ଲୋକଙ୍କର ଶରୀରରେ ଲେଖା ହୋଇଯାଏ ।

ତାହାହେଲେ ସେଭଳି ଲୋକର ଇତିହାସ ଲେଖ, ଯାହା, ତୁମ ଉପରେ ବିତିଯାଇଛି - ମୁଁ କହିଲି ।

ସେ ଧୀରେ ଧୀରେ କହିଲା, ସବୁକଥା କ'ଣ ଶବ୍ଦରେ ପ୍ରକାଶ କରିହୁଏ । ଭାବିଲି ଜୀବନ ରାସ୍ତାରେ ଇଏ ଏକ ମୋଡ଼ । ଏହି ମୋଡ଼ ପୁଣି ବଦଳି ଯାଇ ତାକୁ ସେହି ପୁରୁଣା ରାସ୍ତାରେ ଯେ ନ ପହଂଚାଇଦେବ, ସେକଥା କିଏ କହିବ ?

କିନ୍ତୁ ବନ୍ଧୁର ଦୁଃଖ ଦେଖିବା ବଡ଼ କଷ୍ଟକର ଅନୁଭୂତି ।

**ଏକ ପ୍ରଣତି :**

ମୁଁ ସାଧାରଣତଃ ମୋର ଚରିତ୍ରମାନଙ୍କ ସହ ଏତେ ଏକାତ୍ମ ହୋଇଯାଏ ଯେ, ସେମାନଙ୍କର ଦୁଃଖକଷ୍ଟ ମୋର ନିଜର ବୋଲି ମୋର ଅନୁଭବ ହୁଏ । ସେମାନଙ୍କ ସହ ମୋର ଏକ ସମ୍ପର୍କ ପ୍ରତିଷ୍ଠା ହୋଇଯାଇଥାଏ । କିନ୍ତୁ ଧୃସଓ୍ୱାନଙ୍କ ଭଳି ଚରିତ୍ର ମୋ ଭିତରେ କେବଳ ଶ୍ରଦ୍ଧା ଓ ସହାନୁଭୂତି ସୃଷ୍ଟି କରନ୍ତି ନାହିଁ, ନିଜ ପାଇଁ ସମ୍ମାନ ମଧ୍ୟ ଜାଗ୍ରତ କରନ୍ତି ।

**ଗଭୀର କଳାମେଘ :**

ଦିନେ ହଠାତ୍ କବିତାଟିଏ ଲେଖା ହୋଇଗଲା । ଆଜି ମୋ ଥାକରେ ଥିବା ବହିମାନେ ଆଉ ଯେତେ ଖବରକାଗଜ, ଏକ ଆରେକର ପତ୍ର ଛିଣ୍ଡାଇ ଫୋପାଡ଼ି ଲଢ଼ିବାରେ ଲାଗିଲେ । ଏପରି ଯେ, ପରସ୍ପର ସଙ୍ଗେ ମୋ ଭାବନାର 'ଦର୍ପଣ' ଫାଟିଗଲା ଖଣ୍ଡ ଖଣ୍ଡ ହୋଇ ।

ପୃଥିବୀର ମାନଚିତ୍ରରେ, ଥିଲା ଯେତେ ସୀମାରେଖା ଜଣେ ଆରେକର ହାତପାଦ ମୋଡ଼ିମାଡ଼ି ଫୋପାଡ଼ିଲା । ଦୁନିଆରେ ଥିଲା ଯେ ବାଦ ଓ ବିଶ୍ୱାସ, ଜଣେ ଅନ୍ୟଟିର ଗଳା ଟାଣିନେଲା ।

ଯୁଦ୍ଧର ଘନଘଟା, ବହିଲା ରକ୍ତର ନଇ... କିନ୍ତୁ କି ଆଚମ୍ବିତ ଘଟଣା । ଥିଲେ କିଛି ଏପରି ବହି, କାଗଜ, ବାଦ୍ୟ ଓ ଚିତ୍ର ଯେ, ସେମାନଙ୍କ ଶରୀରରୁ ଶୁଦ୍ଧ ଲହୁ ବହିଲାନି, ବହିଗଲା କଳାବିଷ ।

ମନେ ହେଉଥିଲା – ଯେପରି ବିନ୍ଦୁ ବିନ୍ଦୁ ଦୁଃଖ ଏକତ୍ରିତ ହୋଇ ଜମାଟ ବାନ୍ଧି ଯାଉଛି । ମୋ ମୁଣ୍ଡ ଉପରେ ସତେକି ଘୋର କଳାମେଘ ଛାଇଯାଇଛି । ସେହି ମେଘ ମୋ ସମୟର ଶସ୍ତା ସାମ୍ପ୍ରଦାୟିକତା ଠାରୁ ଆରମ୍ଭ କରି ଧର୍ମ, ରାଜନୀତି, ମତବାଦ, ସମ୍ପର୍କମାନଙ୍କ ଉପରେ ତା'ର ଛାୟା ବିସ୍ତାର କରି ସେମାନଙ୍କ ଶିରା ପ୍ରଶିରାରୁ ଲାଲ ରକ୍ତ ବଦଳରେ କଳାବିଷ ଝରାଉଥିଲା ।

ଏଭଳି ତୀବ୍ର ଯନ୍ତ୍ରଣା ପାଇବାର କାରଣ ବୋଧହୁଏ ଥିଲା ଯେ, ମୁଁ ସେତେବେଳେ ସବୁରି ଉପରେ ଏହି ଲିଖିତ କାଗଜକୁ ରଖିଥିଲି । ଚୀନାମାନେ ୭୫୧ ଖ୍ରୀ.ଅ.ରେ ଯେତେବେଳେ ସମରକନ୍ଦ ଆକ୍ରମଣ କରି ଆରବମାନଙ୍କ ଦ୍ୱାରା ପରାସ୍ତ ହେଲେ ଏବଂ ଆରବମାନେ ସେମାନଙ୍କ ଠାରୁ କାଗଜ ତିଆରି କୌଶଳ ଶିଖିଲେ, ସେତେବେଳେ ଏହି ପ୍ରଥମ କାଗଜ ଉପରେ ଯିଏ ପ୍ରଥମ କବିତା ଲେଖିଥିଲେ, ତାଙ୍କ ହାତର ଶିହରଣ ମୋ ହାତକୁ ସଂରିଗଲା ! ହେ ଭଗବାନ !

**ଆଉ ଏକ ତିକ୍ତ ଅନୁଭୂତି :**

ବନ୍ଧୁ ଓ ପରିଚିତମାନଙ୍କୁ ଧୀରେ ଧୀରେ ଦୂରେଇଯାଉଥିବାର ଦେଖିବା ଓ ନିଜେ ସେମାନଙ୍କର ପ୍ରତି ଉଦାସୀନ ହେଉଥିବା ଏକ କଠୋର ଅନୁଭୂତି । କିନ୍ତୁ ଜୀବନରେ ଏପରି ରାସ୍ତାରେ ବି





ଉପରେ । ସୂର୍ଯ୍ୟର ଶେଷ କିରଣ କେତେବେଳୁ ଦୟାନଦୀର ଛାତି ଉପରୁ ଅପସରି ଗଲାଣି । ରକ୍ତର ସୁଅକୁ ଚାହିଁ ଚମକି ଉଠିଲେ । ଚାରିଆଡ଼ର କ୍ଷେତବାଡ଼ି କୁଆଡ଼େ ମିଳେଇ ଗଲାଣି । ଘଂ ଜଙ୍ଗଲରେ ଭରି ଗଲାଣି ସମଗ୍ର ଅଂଳ । ତାହାରି ଭିତରୁ ଶୁଣାଯାଉଛି ଅସଂଖ୍ୟ ଘୋଡ଼ାଟାପୁର ଶବ୍ଦ । ସେ ଆହୁରି ଟିକିଏ କାନ ଡେରିଲେ, ଘୋଡ଼ା ଟାପୁ ଆଉ ହେସ୍ରାରାବ ସହିତ ଅସ୍ତ୍ରର ଝଣତ୍କାରରେ କମ୍ପି ଉଠିଲା ଧଉଳି ପର୍ବତ ।

ଦୁଇ ଆଣ୍ଠୁ ଭିତରେ ମୁହଁକୁ ଗୁଞ୍ଜି ବସିରହିଲେ ଅଙ୍ଗଦ । ଭୟରେ ସମଗ୍ର ଶରୀର ତାଙ୍କର କମ୍ପି ଉଠୁଥିଲା । କେତେବେଳଯାଏ ସେ ବସି ରହିଛନ୍ତି, ଖିଆଲ ନାହିଁ । ହଠାତ୍ କାନ୍ଧ ଉପରେ କାହାର ସ୍ପର୍ଶରେ ଚମକିପଡ଼ି ମୁଣ୍ଡ ଟେକିଲେ । ସାମନାରେ ଠିଆ ହୋଇଛନ୍ତି ଜଣେ ଦୀର୍ଘଦେହୀ ପୁରୁଷ । ବେଶପୋଷାକରୁ ମନେ ହେଉଛି ରାଜବଂଶର ଲୋକ । ଆଖି ଦୁଇଟାରେ ଅସାମାନ୍ୟ ଦୀପ୍ତି । ଗୋଟିଏ ଅଭୟ ହାତ ସେ ବଢ଼ାଇ ଦେଇଛନ୍ତି ଅଙ୍ଗଦଙ୍କ ଆଡ଼କୁ । ହଠାତ୍ ଅଙ୍ଗଦର ଯେପରି ସବୁ ଭୟ ଦୂର ହୋଇଗଲା । ସେ ସେହି ପ୍ରସାରିତ ହାତଟିକୁ ଧରି ଠିଆହୋଇପଡ଼ି ପଚାରିଲେ- ଆପଣ କ'ଣ କଳିଙ୍ଗର ମହାରାଜ ? ନାଁ, ମୋ ସହିତ ଆସ, ମୁଁ ତୁମକୁ ମହାରାଜାଙ୍କ ସହିତ ପରିଚିତ କରାଇଦେବି ।

ମହାରାଜାଙ୍କର ସ୍ୱାସ୍ଥ୍ୟ ଖରାପ ଥିଲା । ସମସ୍ତ ଉଦ୍‌ବେଗର ଅବସାନ ଘଟାଇ ମହାରାଣୀ କାରୁବାକୀ ଘୋଷଣା କଲେ – ମହାରାଜାଙ୍କର ଶାରୀରିକ ଅବସ୍ଥାରେ କୌଣସି ପରିବର୍ତ୍ତନ ହୋଇନାହିଁ । ମହାରାଣୀ କାରୁବାକୀ କହିଲେ – ଆମର ଏକମାତ୍ର ଦାୟାଦ ରାଜଜେମା ରାଜେଶ୍ୱରୀଙ୍କୁ ମହାରାଜ ଏ ରାଜ୍ୟର ଦାୟିତ୍ୱ ଅର୍ପଣ କରିବାକୁ ଚାହାନ୍ତି । ତାଙ୍କର ଅନୁପସ୍ଥିତିରେ ବର୍ତ୍ତମାନ ଠାରୁ ସେ ସମସ୍ତ କାର୍ଯ୍ୟ ପରିଚାଳନା କରନ୍ତୁ ବୋଲି ମହାରାଜାଙ୍କର ଇଚ୍ଛା । ଆପଣମାନଙ୍କ କ'ଣ ଏଥିରେ ସମ୍ମତି ଅଛି ? କି ଅଦ୍‌ଭୁତ ଏ କଥା ! ରାଜା ନିଜର ଉତ୍ତରାଧିକାରୀ ମନୋନୀତ କରିବେ । ଇଏତ ଗଣତନ୍ତ୍ରର ନିୟମ । ପୁତ୍ର ଭଳି କନ୍ୟାକୁ ମଧ୍ୟ ରାଜ ସିଂହାସନ ପ୍ରଦାନ କରିବା ଏ ରାଜ୍ୟରେ ରହିଛି । ମଗଧ ସମ୍ରାଟ ଅଶୋକ ବିପୁଳ ସେନାବାହିନୀ ଧରି କଳିଙ୍ଗ ଆକ୍ରମଣ କରିଛନ୍ତି । ରାଣୀ ରାଜେଶ୍ୱରୀ ତାଙ୍କୁ ପରାହତ କରିବାକୁ କହିଲେ ବାରଜଣ ଯୋଦ୍ଧା ମୋ ସାଙ୍ଗରେ ଯିବେ ।

ଅଙ୍ଗଦଙ୍କର ସମ୍ମୁଖରେ ପୁଣି ସେହି ପୁରୁଷ ଗୁରୁଗାମ୍ଭିର୍ଯ୍ୟ ସ୍ୱରରେ ନିର୍ଦ୍ଦେଶ ଦେଲେ ଚାଲ, ଧଉଳି ଉଠୁଛି – ପଡୁଛି । ଶିବିର ଭିତରେ ବସିଛନ୍ତି ଚିନ୍ତାନ୍ୱିତ ଅଶୋକ । ସେ ଦ୍ରୁତ ପଛକୁ ଚାଲିବାକୁ ଆସିଲେ । ଅଙ୍ଗଦ ପାଟିକରି ଉଠିଲେ, ଆପଣ କ'ଣ ଇତିହାସ ପୁରୁଷ ? ଅଙ୍ଗଦ ଆଖି ଖୋଲିଲେ, ରାତି ଶେଷ ହୋଇଆସୁଛି । ଶାନ୍ତିସ୍ତୁପ ଉପରେ, ଆକାଶରେ କେବଳ ଗୋଟିଏ ତାରା ଉଜ୍ଜ୍ୱଳହୋଇ ଦେଖାଯାଉଛି ।

**(୧୨) ବୀରସା ଭୋଇ :**

ଗାଳ୍ପିକା ନନ୍ଦିନୀ ଶତପଥୀ ନିଜର ଗଳ୍ପ ସଂକଳନ "କେତୋଟି କଥା" ପରେ ଦ୍ୱିତୀୟ ଗଳ୍ପ ସଂକଳନ "ସପ୍ତଦଶୀ" ପ୍ରକାଶିତ କରିଥିଲେ । ସେଥିରେ 'ବୀରସା ଭୋଇ' ଏକ କ୍ଷୁଦ୍ରଗଳ୍ପ । ବୀରସାର କାହାଣୀକୁ ନେଇ ଗଳ୍ପଟିଏ ।

ଅନେକ ବର୍ଷ ପରେ ଗାଁକୁ ଯାଇଛି - ମୋ ମନରେ ସାମାନ୍ୟ ଉତ୍ତେଜନା, ବୋଧହୁଏ କିଛିଟା ଚାଞ୍ଚଲ୍ୟ । ଗାଁର ରାସ୍ତା ବଦଳି ନାହିଁ - ତିରିଶ ବର୍ଷପରେ ଯେପରି ଥିଲା - ଆଜି ସେପରି । ଖାଲି ମୁଖ୍ୟ ରାସ୍ତାଟି ପକ୍କା ହୋଇ ବସ, ମୋଟରଗାଡ଼ି ଚଳାଚଳ କରୁଅଛି । ସୌଖିନ ବୁଲାବୁଲି ପାଇଁ ନୁହେଁ । ବିଶେଷ ଗୋଟିଏ କାମରେ ମୁଁ ଗାଁକୁ ଆସିଛି । ସେଠାରେ ମୋର ପିଅନକୁ ମୁଁ ଆଦେଶ ଦେଲି ଯାଅ - ଭୋଇସାହିରୁ ବୀରସା ଭୋଇକୁ ଡାକିଦେବ ।

ପିଣ୍ଡା ତଳେ ବୀରସା ଠିଆହୋଇଛି । ଖାଲିଦେହ, ଅଣ୍ଟାରେ ଛୋଟ କନାଟିଏ, ପଞ୍ଜରାହାଡ଼ ଗଣିହୋଇଯାଉଛି । ମୁଣ୍ଡବାଳ ସବୁ ପାଚିଗଲାଣି । ତଥାପି - ବୀରସାକୁ ଚିହ୍ନିବାରେ ମୋର କୌଣସି ଅସୁବିଧା ହେଲାନାହିଁ । ମୁଣ୍ଡକୁ ମାଟିରେ ଲଗାଇ ବୀରସା ଜୁହାର ହେଲା । ପିଲାଦିନେ ଯେବେ ଗାଁକୁ ଆସିଥିଲି ବୀରସା ବାପା ଘେରିକାଙ୍କୁ ଏମିତି ଜୁହାର ହେବାରେ ମୁଁ ଦେଖିଛି । ମୁଁ ବୀରସା କାନ୍ଧରେ ବସି ଗଛରୁ କଷି ଆମ୍ବ ତୋଳିଲାବେଳେ ମୋର ମନେ ହେଉଥିଲା ମୁଁ ଆଉଟିକିଏ ଉପରକୁ ଉଠିଲେ ଚାନ୍ଦକୁ ଛୁଇଁ ଦେଇପାରିବି । ଉପରକୁ ନ ଆସି ବୀରସା ପାହାଚରେ ବସିଲା - ଆଖିରେ ତା'ର ଲୁହର ଧାର ।

ସାମନାର ଖଳାବାଡ଼ିରେ ଶୁଖିଲା ନଡ଼ିଆ ବାହାଙ୍ଗାଟିଏ ଖସିଲା । ଏହା ମଧୁ ମକଦ୍ଦମଙ୍କ ବାରି । ସେହି ମଧୁ ମକଦ୍ଦମ ତାଙ୍କର ଦୂର ସମ୍ପର୍କୀୟ କକେଇ । ମଧୁ ମକଦ୍ଦମ କି ତାଙ୍କ ପିଲାମାନେ ଗାଁକୁ ନ ଆସି ସହରରେ ରହିଥାନ୍ତି । ବୀରସା ଖଣ୍ଡିଏ ଜମି ପାଇଥିଲା । ମଧୁ ମକଦ୍ଦମର ସିଲିଂ ଜମିରୁ ଖଣ୍ଡିଏ । ସେହି ଜମି ଖଣ୍ଡିକଟିରେ ସେ ଚାରିପାଞ୍ଚ ପ୍ରାଣୀ କୁଟୁମ୍ବ ଚଳାଉଥିଲା । ବୀରସା ତା କଥା କହୁଥିଲା - କହୁକହୁ ଗଳା ତା'ର ରୁଦ୍ଧ ହୋଇଯାଉଥିଲା । ବଡ଼ ଦୁଃଖି ସିଏ । ଦୁଇଟି ଝିଅ ଓ ଗୋଟିଏ ପୁଅ ତା'ର । ବଡ଼ପୁଅଟି କାମକୁ ପାରିଉଠିବା ବେଳକୁ ଏକ ଅଘଟଣ ହେଲା । ହଠାତ୍ - ଦୁଇଟିଯାକ ଆଖିରେ ସେ ଆଉ ଦେଖିପାରିଲା ନାହିଁ । ଅନ୍ଧ ହୋଇଗଲା । ବଜ୍ର ପଡ଼ିଗଲା ବୀରସା ମୁଣ୍ଡରେ । ଦୁଇ ଝିଅଙ୍କୁ କାହାଘରେ ପାଇଟି ପାଇଁ ପଠାଇଲା । କିନ୍ତୁ - ବିଧିର ନିଷ୍ଠୁର ବିଡ଼ମ୍ବନା । ବର୍ଷଟିଏ ନ ପୁରୁଣୁ ସେପରି ହଠାତ୍ - ବଡ଼ଝିଅଟି ଦୃଷ୍ଟିଶକ୍ତି ହରାଇଲା । ତା'ର କେତେମାସ ପରେ ସାନ ଝିଅ ବି । ଓଃ କି କରୁଣ ଜୀବନ ! ତିନୋଟି ଅନ୍ଧ ପିଲାଙ୍କ ଭାର ବୋହୁଛି - ବୀରସା ।





ସ୍ୱତନ୍ତ୍ର । ଏଭଳି ଏକ ବିଚିତ୍ର ମାନସିକ ଅବସ୍ଥାରେ ୧୯୪୭, ଜୁଲାଇ ୩ ତାରିଖରେ ମୋର ପୁଅ ଜନ୍ମହେଲା, ଯେତେବେଳେ ପ୍ରଥମେ ତା'ର ମୁହଁ ଦେଖିଲାକ୍ଷଣି ସାହିରଙ୍କ ମୁହଁ ହିଁ ମନେ ପଡ଼ିଗଲା ।

କଳ୍ପନାର ଏହି ଦୁନିଆଁ ଯେ, ସୃଷ୍ଟି କରେ ତାହା କେବଳ ତାହାରି - ସେଠାରେ ସୃଷ୍ଟିକର୍ତ୍ତା ଈଶ୍ୱର ମଧ୍ୟ ସମ୍ପୂର୍ଣ୍ଣ ଏକୁଟିଆ । କୋଟି କୋଟି ବର୍ଷ ତଳେ ସୃଷ୍ଟିର ଆଦିକାଳରେ ଯେତେବେଳେ ପୃଥିବୀ ଏକ ଜ୍ୱଳନ୍ତ ଅଗ୍ନି ପିଣ୍ଡୁଳା ଥିଲା, ସେଥିରେ ସମସ୍ତ ଦୋଷକୁ ଉଷ୍ମକରି ଯେଉଁ ଜୀବଟି ବାହାରି ଆସିଲା, ସେ ଥିଲା ଏକୁଟିଆ ।

ସଂସାରର ଏହି ଆଦିକର୍ମ କେବଳ ମିଥ୍ ନୁହେଁ ବା ତା' ଅତୀତର ଇତିହାସ ନୁହେଁ । ଏହା ସବୁ ସମୟର ଇତିହାସ । ଛୋଟ ଛୋଟ ମଣିଷଙ୍କ ଛୋଟ ଛୋଟ ଇତିହାସ । ମୋର ବି...

**ଜଣେ ଲେଖକର ସତତା :**

ନେପାଳରେ ଲେଖକ ସାୟମୀ ଧୂସଓ୍ୱାନ୍ । ତାଙ୍କ ଏମ୍ବାସିର କଲଚରାଲ ସେକ୍ରେଟାରୀ ହୋଇ ଦିଲ୍ଲୀ ଆସିଥିଲେ । ତାଙ୍କ ସହ କେତେଥର ଦେଖାହେବା ପରେ ମୋର ମନେହେଲା ଯେ, ତାଙ୍କ ଭିତରର ଲେଖକ ତାଙ୍କର ଡିପ୍ଲୋମାଟିକ୍ ରୂପ ଠାରୁ ଅନେକ ବଡ଼ । ତାଙ୍କ ଅନ୍ତରର ଏହି ବିରୋଧଭାଷ ତାଙ୍କ ପାଇଁ ସୁଖକର ନଥିଲା । ଜଣେ ବନ୍ଧୁ ଭାବରେ ଏହି କଥା ଓ ତାଙ୍କର ଅନ୍ୟାନ୍ୟ ସମସ୍ୟା ସବୁ ସେ ମୋତେ କହୁଥିଲେ ।

ସବୁ କାହାଣୀର ପାତ୍ର-ପାତ୍ରୀମାନେ ଯେଉଁ ଦେଶର ଲୋକ, ତଳେ ସେହି ଦେଶର ନାଁ ଲେଖିଥିଲି । ତେଣୁ 'ଅଦାଲତ' କାହାଣୀରେ ପାତ୍ର ନେପାଳର ବୋଲି ଲେଖା ହୋଇଥିଲା । ଧୂସଓ୍ୱାନ ସାହବ ସେହି କାହାଣୀ ତଳେ ନେପାଳ ନାଁଟି ଦେବାକୁ ମୋତେ କହିଲେ । ସେଦିନ ଧୂସଓ୍ୱାନ ମୋ ଦୃଷ୍ଟିରେ ଆହୁରି ଉଚ୍ଚକୁ ଉଠିଗଲେ । ଏହା ତାଙ୍କର ଲେଖକ ହୃଦୟର ସତତା ଥିଲା । ମୁଁ ଶ୍ରଦ୍ଧାରେ ମୁଣ୍ଡ ନୁଆଁଇ ଦେଲି ।

ତା' ଭିତରେ ସମସ୍ତ ଭାବନା ଓ ବିଚାର ମୋ ଅନ୍ତରରେ ଯନ୍ତ୍ରଭଳି ଟ୍ରାନ୍ସମିଟ୍ ହୋଇଯାଉଥିଲା । ତା' ସାମନାରେ ତିନିପ୍ରକାର ବସ୍ତ୍ର ପିନ୍ଧି ତିନିଜଣ ଯୁବତୀ ଠିଆହୋଇ ପଡ଼ିଲେ । ପୁରୁଷଟି ବ୍ୟସ୍ତ ହୋଇପଡ଼ିଲା । କାରଣ ସେମାନଙ୍କ ମଧ୍ୟରୁ ଜଣେ ତା'ର ପ୍ରେମିକା ଥିଲା । ତୁ ଏହି ବନ୍ଧନରେ କାହିଁକି ବାନ୍ଧି ହେଉଛୁ । ଏ ପୁରୁଷ ତ ବିବାହିତ । ସେ ଗୋଟିଏ ଭ୍ରମର । ଝିଅଟି ସାଙ୍ଗେ ସାଙ୍ଗେ ଉତ୍ତର ଦେଲା - ମୁଁ ଏସବୁ କଥା ଜାଣେ । ତା' ସତ୍ତ୍ୱେ - ତାକୁ ଆପଣାର କରିଦେଇଛି ।

ବିଶ୍ୱାସ ତୁଟିଗଲା ।

୧୯୭୪ ପ୍ରାରମ୍ଭରେ 'ପିଘଳତି ଚଟ୍ଟାଣ' ଗଳ୍ପଟି ମୁଁ ଲେଖିଥିଲି । ତାହା ମୋହର ଯେଉଁ ଅଚେତନ ମନର ଅଭିବ୍ୟଞ୍ଜନ ଥିଲା, ସେତେବେଳେ ବୁଝିପାରିନଥିଲି । ୧୯୬୦ରେ ମୁଁ ନେପାଳ ଯାଇଥାଏ କବି ସମ୍ମିଳନୀରେ ଯୋଗ ଦେବାପାଇଁ । ମୋର ଧରିତ୍ରୀ, ସାଗର ଓ ସିପିଆଁ ଉପନ୍ୟାସ ଉପରେ ଆଧାରିତ କାଦମ୍ବରୀ ଚଳଚ୍ଚିତ୍ର ୧୯୭୫ରେ ତିଆରି ହୋଇଥିଲା । ମୋର 'ଆଲନା' ଉପନ୍ୟାସର ନୀନା ଏକ ସମ୍ପୂର୍ଣ୍ଣ କାଳ୍ପନିକ ଚରିତ୍ର ଥିଲା । 'ଜେବ୍‌କଟ' ଉପନ୍ୟାସଟି ମୋ ପୁଅର କୈଶୋର ଜୀବନ ଉପରେ ଆଧାରିତ ।

ଯେଉଁମାନଙ୍କର ମୋର ଜୀବନ ସହ କୌଣସି ସମ୍ପର୍କ ନାହିଁ, ସେହିମାନେ କେବଳ ମୋ ମନରେ ଦୁଃଖ ଦେଇଛନ୍ତି । ସେମାନଙ୍କର ସହିତ ମୋ ମନରେ ଏକମାତ୍ର ଦୁଃଖାନ୍ତ ସମ୍ପର୍କ ଥିଲା, ମୁଁ ସେମାନଙ୍କର ସମକାଳୀନ ଲେଖିକା ।

ଆଜି ମୋ ମନର ଭିତରଟା ମୁଁ କାଗଜ ଉପରେ ଉତାରି ଦେଇଛି ।

**କଳ୍ପନାର ଯାଦୁ :**

ଏମିତି ଗୋଟିଏ ସମୟ ବି ମୋ ଜୀବନରେ ଆସିଥିଲା, ଯେତେବେଳେ ସବୁ ବିଚାର ଉପରେ ମୋ କଳ୍ପନାର ଯାଦୁ ଲାଗିଯାଉଥିଲା । ପିଲାଦିନେ ଗପ ଶୁଣିଲା ବେଳେ ଯାଦୁ ଶବ୍ଦଟି ବେଳେବେଳେ କାନରେ ପଡ଼ିଥିଲା । କିନ୍ତୁ ଦିନେ ମୋର ଗର୍ଭ ଭିତରେ ପଶିଯାଇ ମୋ ଶରୀରର ରକ୍ତ ମାଂସରେ ବଢ଼ିବାକୁ ଲାଗିଲା ।

ଏହା ୧୯୪୬ର ଶେଷ ବେଳର କଥା ସେତେବେଳେ ମୋ ପୁଅ ମୋର ଶରୀରର ଅଂଶ ହୋଇଯାଇଥାଏ । ବହିପତ୍ରରେ ପଢ଼ିଥିଲି ଯେ, ଆସନ୍ନପ୍ରସବା ମା'ର ମନରେ ଯେଉଁ ଫଟୋ ଲାଗିଥିବ ଅଥବା ସେ ଯେଉଁ ଲୋକର ଚେହେରା ମନରେ କଳ୍ପନା କରୁଥିବ, ତା' ପିଲାର ରୂପ ସେହିଭଳି ହୋଇଯିବ । ସେତିକିବେଳେ ମୋର କଳ୍ପନା ତୁନିକରି ମୋର କାନରେ କହିଲା, ମୁଁ ସାହିରଙ୍କ ଚେହେରା ଯଦି ସବୁବେଳେ ଧ୍ୟାନ କରିବି, ତା'ହେଲେ ମୋର ପିଲାର ରୂପ ତାଙ୍କ ପରି ହୋଇଯିବ ।

ଜୀବନରେ ଯାହା ପାଇନଥିଲି, ଏଭଳି ଭାବରେ ତାହା ପାଇଯିବା ପାଇଁ ମୁଁ ଅଦ୍ଭୁତ ଭାବରେ ଚେଷ୍ଟା କରୁଥିଲି । ଈଶ୍ୱରଙ୍କ ଏଭଳି ସୃଷ୍ଟି କରିବାର ଚେଷ୍ଟା... । ଶରୀରର ଏହା ଥିଲା ଏକ ସ୍ୱତନ୍ତ୍ର କର୍ମ । ଯାହା କେବଳ ସଂସାର ଠାରୁ ସ୍ୱତନ୍ତ୍ର ନଥିଲା, ରକ୍ତମାଂସର ବାସ୍ତବତା ଠାରୁ ମଧ୍ୟ ଥିଲା





ତାହାର କାହାଣୀ ମୋତେ ଅସ୍ଥିର କରୁଥିଲା ।

ଜମିରେ ଯେତିକି ଧାନ କରୁଛି, ମୋର ବର୍ଷଯାକ ଚଳିଯାଉଛି ? ମୁଁ ପଚାରିଲି ତାକୁ । ଦୀର୍ଘ ନିଶ୍ୱାସଟାଏ ବୀରସାର ଛାତିକୁ ଫଟାଇ ବାହରି ଆସିଲା ଯେମିତି । ଜମି ଆଉ କାହିଁ ନାନୀ ? ବର୍ଷଯାକ କେତେ କଷ୍ଟ କରି ଫସଲ କରିଥିଲି । ଜପହରି ଲୋକ ଲଗାଇ ଧାନସବୁ କାଟିନେଲା । ଜମିଟା ପୁଣି ମଧୁ ମକଦ୍ଦମଙ୍କ ହାତକୁ ଚାଲିଗଲା ବୋଲି କହିଲା । ପୁଣି – ମଧୁ ମକଦ୍ଦମଙ୍କ ପାଖକୁ ଚାଲିଗଲା ! – ଏ କେମିତି କଥା । ତୋ ପାଖରେ ତ ତା'ର ପଟ୍ଟା ପାଉତି ଥିବ, ତହସିଲ ଅଫିସରେ ଯାଇ କାହିଁ ଦେଖାଇଲୁ ନାହିଁ ? କହିଲା – ସେହି କଥାତ ଆପଣଙ୍କୁ କହିବାକୁ ଆସିଛି ନାନୀ । ସବୁ ଦେଖାଇଲି । ମୋ ଠାରୁ କାଗଜତକ ତହସିଲଦାରବାବୁ ନେଇଗଲେ । କହିଲେ – ସେସବୁ ଭୁଲ କାଗଜ । ସେହି ଜମିର କାଗଜ ନୁହେଁ । ସେ ପଥରମୁଣ୍ଡିଆ ପାଖରେ ଖଣ୍ଡିଏ ଟାଙ୍ଗଡଣ ଜମି ଦେଖାଇଦେଇ କହିଲେ – ଯା, ସେଇଠି ଚାଷ କରିବୁ । କାଗଜତକ ଦେଖିବାକୁ ବୀରସାକୁ ମାଗିଲି । ବୀରସା କାନ୍ଦି କହିଲା – ସେହି କାଗଜତକ କ'ଣ ତହସିଲଦାର ବାବୁ ଫେରାଇଛନ୍ତିକି ?

ବୀରସାର ଅସହାୟତା ଧୀରେ ଧୀରେ ମୋ ଭିତରେ ସଂକ୍ରମିତ ହୋଇଯାଉଥିଲା । କ୍ରୋଧରେ ମୁଁ ଜର୍ଜରିତ ହୋଇଯାଉଥିଲି । ତୁ ତ ଭୋଇମାନଙ୍କର ସର୍ଦ୍ଦାର ଥିଲୁ – ଜପହରି ତୋର ଧାନ କାଟିନେଲା, ପ୍ରତିବାଦ କଲୁନାହିଁ ! ଆଜ୍ଞା, ଭୋଇସାହି ସମସ୍ତଙ୍କୁ ସେ ତହସିଲଦାର ବାବୁଙ୍କ ଭଳି ତା' ସପଟରେ କରିନେଇଛି । ଅନ୍ଧ ପୁଅଟାକୁ ଧରି ବିଲରେ ଠିଆ ହୋଇଥିଲି । ପିଟି ପିଟି ପୁଅର ମୁଣ୍ଡଟା ଫଟାଇଦେଲେ ଓ ମୋର ଗୋଡ଼ଟାକୁ ଭାଙ୍ଗିଦେଲେ । କେତେ ଭରସାରେ ବୀରସା କାହା ହାତରେ ଦରଖାସ୍ତଟିଏ ଲେଖି ମୋ ପାଖକୁ ପଠାଇଥିଲା । ତାକୁ ପାଇ ମୁଁ ଧାଇଁ ଆସିଥିଲି କିଛି ପ୍ରତିକାର କରିବା ପାଇଁ । ବୀରସା ବୋଧହୁଏ କିଛି ଗୋଟିଏ କହୁଥିଲା । ସେଗୁଡ଼ଇକ ସବୁ ଗୋଳେଇ ମିଶିଯାଇ ଗୋଟାଏ ଧ୍ୱନୀ ଖାଲି ବାହାରୁଥିଲା – ହାହାକାର ଧ୍ୱନୀ ।

**(୧୩) ଆଜିର ଜୀବନ-ଦେବତା :**

ଗାଳ୍ପିକା ନନ୍ଦିନୀ ଶତପଥୀଙ୍କ ଗଳ୍ପ ସଂକଳନ "ସପ୍ତଦଶୀ"ରେ 'ଆଜିର ଜୀବନ-ଦେବତା' ଏକ ଗଳ୍ପ ଅଟେ । ଏଠାରେ ଗାଳ୍ପିକା ନନ୍ଦିନୀଦେବୀ ଆଧୁନିକ ସମାଜରେ କିପରି ସ୍ୱାର୍ଥସର୍ବସ୍ୱ ତା'ର ବର୍ଣ୍ଣନା କରିଅଛନ୍ତି । ମୁଖ୍ୟତଃ ଶଶିନାନୀର ପାରିବାରିକ ଜୀବନ ଏଠାରେ ବର୍ଣ୍ଣିତ ।

ଖବର ନେଇ ଲୋକ ଆସିଛି । ହଠାତ୍ ଷ୍ଟ୍ରୋକ୍ ହୋଇ ଅଜ୍ଞାନ ହୋଇଯାଇଛନ୍ତି – ଶଶୀନାନୀ । ଅତି ଗୁରୁତର ଅବସ୍ଥା । କେତେବେଳେ କ'ଣ ହୋଇଯିବ କିଛି କହିହେବ ନାହିଁ ।

ପୁଣିଥରେ - ବାହାରିଆସିଲା ବେଳକୁ ଡ୍ରାଇଭରକୁ ଡାକି ପୁଅ ବାହାରି ଆସିଲା । ପୁଣି କୁଆଡ଼େ ବାହାରିଲୁ ? ଦିନଯାକ ପରା ବୁଲାବୁଲି କରିକି ଆସିଲୁ । ପୁଅ ପଚାରିଲା - କୁଆଡ଼େ ଯାଉଛୁ - ତୋର ସେହି ଶଶୀନାନୀ ଘରକୁ । ତା'ର ପୁଅ ଝିଅତ କେହି ଆସୁନାହାନ୍ତି - ତାକୁ ଦେଖିବାକୁ । ସେ ମୃତ୍ୟୁଶଯ୍ୟା ନିକଟରେ - ଆମ କର୍ତ୍ତବ୍ୟ ଆମେ କାହିଁ ନ କରିବା, ପୁଅ କହିଲା - ତୋର କର୍ତ୍ତବ୍ୟ କର ।

ଏଇ ବି ପ୍ରକୃତରେ ଗୋଟିଏ ସମସ୍ୟା, ଖାଲି ଶଶିନାନୀଙ୍କ ନୁହେଁ, ତଥାକଥିତ ଆଧୁନିକ ମଣିଷର । ଦିନକୁଦିନ ମଣିଷ ସାନ ହୋଇଯାଉଛି । ଆଧୁନିକ ମାପର ଗଜଟା - ମଣିଷର ରକ୍ତମାଂସ ଦେହର ନୁହେଁ । ମାପ ତା'ର ହୃଦୟର । ମଣିଷ କ୍ରମଶଃ ତା'ର ହୃଦୟର ବିଶାଳତାକୁ ହରାଉଅଛି । ଏ କଥାକୁ ତ ହସିଦେଇ ଉଡ଼ାଇ ଦେଇହେବନାହିଁ । ଦେଖୁଛତ ପ୍ରତିଦିନ ମଣିଷର ହୃଦୟର ପରିଧି କିପରି ସଂକୀର୍ଣ୍ଣ ହୋଇଯାଉଛି - କ୍ରମେ କ୍ରମେ । ଯେଉଁଠି ଗୋଟିଏ ବିରାଟ ଗୋଷ୍ଠୀ ପାଇଁ ଜାଗା ଥିଲା । ଥିଲା - ପ୍ରତିବେଶୀ, ଆତ୍ମୀୟ, କୁଟୁମ୍ବ ସମସ୍ତଙ୍କର ପାଇଁ ଜାଗା, ସେଠି ଆଜି ବାପା, ମା, ଭାଇ ଭଉଣୀଙ୍କ ପାଇଁ ଜାଗା ଅଣ୍ଟୁନାହିଁ । ସନ୍ତାନସନ୍ତତିଙ୍କ ପାଇଁ ମଧ୍ୟ ସ୍ଥାନ ନାହିଁ । ଶୈଶବ ଅତିକ୍ରମ କଲାପରେ ସନ୍ତାନ ମଧ୍ୟ ଅବାନ୍ତର ତାଲିକା ମଧ୍ୟରେ ପଡ଼ିଯାଉଛି ।

ଏଇ ତ ଶଶୀନାନୀ । ଆମର ଅତି ନିକଟ ଆତ୍ମୀୟ । ତିନୋଟି ଝିଅ ତାଙ୍କର, ଗୋଟିଏ ବୋଲି ପୁଅ । ଝିଅ ତିନୋଟି ବାହାହୋଇ ଯାଇଛନ୍ତି, ପୁଅଟିର ବାହାଘର ହେବ । ବଡ଼ ଚାକିରି କରି - ଅବସର ନେଇଛନ୍ତି ବାପା । ବେଶ୍ ଅବସ୍ଥାସମ୍ପନ୍ନ ଲୋକ, ବଡ଼ ଘର । କିନ୍ତୁ ଝିଅମାନେ ବାପଘରକୁ ଆସି ରାତିଟିଏ କଟାଇପାରନ୍ତି ନାହିଁ । ଏତେ କମ୍ ଜାଗା, କେଉଁଠି ରହିବେ ସେମାନେ !

ପୁଅ ତ ସେହି ପିଲାଦିନରୁ ବାହାରେ ବାହାରେ । ଛଅ ସାତ ବର୍ଷ ବୟସରୁ ଦାର୍ଜିଲିଂରେ ରହି ପାଠ ପଢୁଛି, (ହଷ୍ଟେଲରେ ରହି)  ପାସ୍ କରି ବିଲାତ ଯାଇଥିଲା । ଅନେକ ବର୍ଷ ପରେ ଫେରିଛି - ମା'ର କୋଳକୁ । ପୁଅ ବାହାଘର ପାଇଁ ଖୁବ୍ ତୋଡ଼ ଜୋଡ଼ ଜୋଡ଼ ଲାଗିଲା । ଧୂମଧାମ୍‌ରେ ବାହାଘର ମଧ୍ୟ ହୋଇଗଲା । ବାହାଘର ପରେ ବାପା ଘୋଷଣା କଲେ ଗୋଟିଏ ଭଲ ଭଡ଼ାଘର ଦେଖ । ଏଠି ତ ଜାଗା ନାହିଁ, ତା'ଛଡ଼ା ତୁ ତ ଜାଣୁ ତୋ ମାଆ ଆଦୌ ଗୋଳମାଳ ସହିପାରନ୍ତି ନାହିଁ ।

ବିଲାତ ଫେରନ୍ତା ପୁଅ ଏହି କଥା ଶୁଣି  ବଜ୍ରାହତ ପରି ସ୍ତବ୍ଧ ହୋଇଗଲା - ପରେ ସେ ଅବଶ୍ୟ ଘର ଠିକ୍ କରି ଖୋଜିନେଲା । ପୁଅବୋହୂ ଯେଉଁଦିନ ନୂଆ ଭଡ଼ାଘରକୁ ବାପା ମାଆଙ୍କୁ





ସାହିତ୍ୟିକ ଜଗତରେ ସନ୍ତସିଂ ସେଖୋଁଙ୍କ ସମ୍ବନ୍ଧରେ ମୋର ମୂଳରୁ ଧାରଣା ଥିଲା ଯେ, ଜଣେ ସମାଲୋଚକ ଭାବରେ ସେ ଆଦୌ ଦାୟିତ୍ୱଶୀଳ ବା ସଚ୍ଚୋଟ ନୁହନ୍ତି । ସମୟକ୍ରମେ ମୋର ଏହି ଧାରଣା ସତ୍ୟ ବୋଲି ପ୍ରମାଣିତ ହେବାକୁ ବସିଲା ।

ମୋନହ ସିଂଜୀଙ୍କ ସମ୍ପର୍କରେ ମୋର ଧାରଣା ଥିଲା ଯେ, ସେ କେବଳ ଜଣେ ଭଲ କବି ନୁହନ୍ତି, ହୃଦୟବାନ ବ୍ୟକ୍ତି ମଧ୍ୟ । କିନ୍ତୁ ସେ ଦୁର୍ବଳ । ମୂଲ୍ୟବୋଧ ପାଇଁ ଅଡ଼ିବସିବା ବାଲା ସେ ନୁହନ୍ତି । ମୋର ଏହି ବିଚାର ପରବର୍ତୀ ସମୟରେ ଠିକ୍ ବୋଲି ଜଣାଗଲା ।

୧୯୬୦ରେ ଏକ ସମୟରେ ଇମ୍‌ରୋଜଙ୍କୁ ସାଥୀ ଭାବରେ ବାଛିବା ବେଳେ ମୋ ମନରେ ଦ୍ୱନ୍ଦ୍ୱ ଉପୁଜିଥିଲା । ସେତେବେଳେ, ମୋର ଜନ୍ମଦାତା, ଯିଏ ଆଉ ସଂସାରରେ ନଥିଲେ । ତାଙ୍କର ରୂପଧ୍ୟାନ କରୁଥିଲି ।

୧୯୭୫ରେ ନାଗପୁରରେ ବିଶ୍ୱହିନ୍ଦୁ ସମ୍ମିଳନୀରେ ୩୦ଟି ଦେଶରୁ ଆସିଥିବା ଲେଖକ ଭାଗ ନେଇଥିଲେ । ୧୫ଟି ଭାଷାର ଲେଖକଙ୍କୁ ସମ୍ମାନିତ କରାଯାଇଥିଲା । ସେମାନଙ୍କ ମଧ୍ୟରୁ ପଞ୍ଜାବୀ ଭାଷାରେ ମୁଁ ଥିଲି ।

**ଦେଖିଥିବା, ଶୁଣିଥିବା ଓ ଘଟିଥିବା ଘଟଣାମାନ :**

ଜୀବନରେ ଦେଖିଥିବା, ଶୁଣିଥିବା ଓ ଘଟିଥିବା ଘଟଣା ସବୁ କେତେବେଳେ ସଚେତନ ଅଥବା କେତେବେଳେ ଅଚେତନ ଅବସ୍ଥାରେ ଲେଖକର ରଚନାର ଏକ ଅଙ୍ଗ ହୋଇଯାଏ, ତାହାର ହିସାବ ଦେବା ସମ୍ଭବ ନୁହେଁ । ରବୀନ୍ଦ୍ର ନାଥଙ୍କ ସହ ଦେଖା ହେଲାବେଳେ ବହୁତ ଛୋଟ ଥିଲି । ସେତେବେଳେ ବି କବିତା ଲେଖୁଥିଲି । କିନ୍ତୁ ସେଗୁଡ଼ିକ ପିଲାଳିଆ ।

ମୋର 'ଆକ କେ ପତେ' ଉପନ୍ୟାସରେ ଏକ ଷ୍ଟେସନ୍‌ରେ କାହାଣୀକୁ ବର୍ଣ୍ଣନା କରିଥିଲି । 'ଯାତ୍ରୀ' ଉପନ୍ୟାସ ୧୯୬୮ରେ ଲେଖିଥିଲି । ସେଥିରେ ସୁନ୍ଦରାନ ବୋଲି ଏକ ସମ୍ପୂର୍ଣ୍ଣ କଳ୍ପିତ ଚିତ୍ର ଥିଲା ।

ଲେଖକର ନିଜ ଜୀବନର ଘଟଣାଗୁଡ଼ିକ କାହାଣୀ ଉପନ୍ୟାସରେ ବହୁ ସମୟରେ ଫୁଟିଉଠେ । ଏଗୁଡ଼ିକ ଛାତି ଭିତରୁ ଉଠିଆସି କାଗଜ ଉପରେ ଓହ୍ଲେଇ ଯାଆନ୍ତି । ମୋ ମା'ଙ୍କ ମୃତ୍ୟୁ ବେଳକୁ ମୋତେ ଏଗାର ବର୍ଷ ପୁରିନଥିଲା । ମା'ଙ୍କ ଜୀବନର ଶେଷ ଦିନଟି ମୋର ସମ୍ପୂର୍ଣ୍ଣ ମନେ ଅଛି । ମୁଁ ଭଗବାନଙ୍କ ନିକଟରେ ପ୍ରାର୍ଥନା କରୁଥିଲି ମୋର ମା'କୁ ମାରନାହିଁ । କାରଣ ଈଶ୍ୱର ପିଲାମାନଙ୍କର ଡାକ ନିଶ୍ଚୟ ଶୁଣନ୍ତି । କିନ୍ତୁ ମା'ଙ୍କର ମୃତ୍ୟୁ ହୋଇଗଲା । ଏବଂ ମୋର ମଧ୍ୟ ଈଶ୍ୱରଙ୍କ ଉପରୁ

ଭାବିବୁ ନାହିଁ ଏହି ଅଙ୍କାବଙ୍କା ଧାଡ଼ିଗୁଡ଼ିକ
ଧରି ରଖିବ ତୋ ଅଗ୍ନି
ସେଇ ହାଓ୍ୱା ପୁଣି ବହିଯାଏ ଆଗକୁ
କହିଯାଏ,
ତୋର ଅଗ୍ନିର ବୟସ ଝରିଯାଉ
ଅକ୍ଷରଙ୍କର ଉପରେ ।

ମୋର ଜୀବନର ଅଗ୍ନିରୁ ଏହି ଅକ୍ଷରଗୁଡ଼ିକରେ ନିଆଁ ଜଳିଉଠୁ । ଏହାହିଁ ମୋର ଜୀବନର ଏକମାତ୍ର କାମନା । ଆଜି ଆପଣମାନେ ଦିଲ୍ଲୀ ୟୁନିଭରସିଟିରେ ଏହି ଅକ୍ଷରମାନଙ୍କୁ ଚିହ୍ନିଲେ, ଏହର ଅଗ୍ନିକୁ ଚିହ୍ନିଲେ । ଆପଣମାନଙ୍କର ଏପରି ଚିହ୍ନିବା ଯୋଗୁଁ ଅକ୍ଷରମାନଙ୍କର ତରଫରୁ ଆପଣମାନଙ୍କୁ ମୁଁ ଧନ୍ୟବାଦ ଜଣାଉଛି ।

**ଧର୍ମଯୁଦ୍ଧ :**

କୌରବ ଓ ପାଣ୍ଡବମାନଙ୍କ ମଧ୍ୟରେ ଯୁଦ୍ଧ ଆରମ୍ଭ ହେବା ପୂର୍ବରୁ ଯୁଧିଷ୍ଠିର ଏକାକୀ ଶତ୍ରୁସେନା ମଧ୍ୟରେ ପଶି ନିଜର ସଙ୍ଗୀ ଓ ଆତ୍ମୀୟମାନଙ୍କ ନିକଟରୁ ଯୁଦ୍ଧ କରିବା ପାଇଁ ଅନୁମତି ଭିକ୍ଷା କରିଥିଲେ ।

ଭୀଷ୍ମ ପିତାମହ କହିଥିଲେ – ଏ ଯୁଦ୍ଧରେ ମୋର ଶରୀର ତ ଦୁର୍ଯ୍ୟୋଧନଙ୍କ ସପକ୍ଷରେ ରହିବ, କାରଣ ମୁଁ ତାଙ୍କର ଅନ୍ନ ଖାଉଛି । କିନ୍ତୁ ଧର୍ମରେ ଯୁକ୍ତ ହୋଇଥିବା ମନ ତୁମ ତରଫରେ ରହିବ । ସେ ତୁମର ମଙ୍ଗଳ କାମନା କରିବ, ତୁମର ବିଜୟ କାମନା କରିବ ।

ମୋର ସମସାମୟିକ ଲେଖକମାନଙ୍କ ଲେଖାକୁ ସମ୍ମାନ ଜଣାଇ ମୁଁ ଏତିକି କହୁଛି ଯେ, ସେମାନଙ୍କର ବିଷୟରେ ଏ ପୁସ୍ତକରେ ଯାହା ମୁଁ ଲେଖିବାକୁ ଯାଉଛି, ସେଥିପାଇଁ ସେମାନଙ୍କର ଶୁଭେଚ୍ଛା କାମନା କରୁଛି । ମୋର ଜୀବନକାଳ ମଧ୍ୟରେ ସେମାନଙ୍କ ସହିତ ସିଦ୍ଧାନ୍ତର ଯେତେ ଲମ୍ବା ଲଢ଼େଇ ଲଢ଼ିଛି, ତାହା ଏଠାରେ ଠିକ୍ ଭାବରେ ଉଲ୍ଲେଖ କରିପାରିବାର ଆଶା ରଖିଛି ।

ଏହି ଯୁଦ୍ଧ ମୋ ପର୍ଯ୍ୟନ୍ତ ଏବଂ ମୋ ପରେ ମଧ୍ୟ ଚାଲୁ ରହିବ । କେବଳ ଆଜିର ନୁହେଁ, ଆସନ୍ତାକାଲିର ମଧ୍ୟ ଯେକୌଣସି ଲେଖକ ସତ୍ୟର ସପକ୍ଷରେ ଲେଖନୀ ଚାଳନା କରିବ । ସମୟ ତାକୁ ସ୍ୱାଗତ କରିବ ।

ରୂପକଥାରେ କେତେ ଚରିତ୍ର ଅଜ୍ଞାତ ରୂପ ଧାରଣା କରି ଅନ୍ୟକୁ ଛଳନା କରିଥାଆନ୍ତି । ଜୀବନରେ ମଧ୍ୟ ଅନେକ ବିଶ୍ୱାସ, ଅନେକ ଆଶା ଛଳନାରେ ପରିଣତ ହୋଇଯାଏ ।





ଛାଡ଼ି ଚାଲିଗଲେ, ଶଶୀନାନୀ ସେଦିନ କେତେ କାନ୍ଦିଥିଲା । ପରେ ସେ କି ଅପୂର୍ବ ଘର ତିଆରି କରିଛନ୍ତି । ମୁଁ ତାଙ୍କୁ କହିଥିଲି – ତୁମ ଘର ବେଶ୍ ବଡ଼ । ବେଡ୍‌ରୁମ୍ ଅଛି – ବାପା ମାଆଙ୍କୁ ଆଣି ରହ । ସେ କହିଲା, ଦୁଇଟି ବେଡ୍‌ରୁମ୍‌ରେ ଆମେ ରହୁଛୁ, ସେମାନଙ୍କ ପାଇଁ ଜାଗା କାହିଁ ? ଏହାଛଡ଼ା ଆଉକିଛି ଭାବିବାର କ୍ଷମତା ନାହିଁ ଏମାନଙ୍କର । ଅସୁବିଧାରେ ପଡ଼ିଯିବା ପାଇଁ ଏମାନେ ସର୍ବଦା କାକୁସ୍ଥ ହୋଇଥାଆନ୍ତି । କିନ୍ତୁ ଆଧୁନିକତାର ଦ୍ୱାହିରେ ସମାଜର ଗତି ଯୁଆଡ଼କୁ ଯାଉଛି, ତା ତ ସମସ୍ତେ ଦେଖିପାରୁଛନ୍ତି ।

ତାଙ୍କ ଘର ସାମନାରେ ଗାଡ଼ି ରହିଲା – ଯାଇ ଦେଖିଲି – ଘର ଭିତରେ ଡାକ୍ତର, ନର୍ସ ଆଉ ଭିଣୋଇ ନିର୍ବାକ୍ ହୋଇ ବସିଛନ୍ତି । ପ୍ରାୟ ଶେଷ ଅବସ୍ଥା । ବୈଠକଖାନାରେ ଝିଅଜ୍ୱାଇଁ ବସିଛନ୍ତି – ତାଙ୍କ ସହିତ ପୁଅ, ବୋହୂ ବି । ସେମାନଙ୍କର ମଧ୍ୟରେ କଥା ହେଉଛନ୍ତି – ମୋ ବୁଢ଼ୀମା ମଧ୍ୟ ପକ୍ଷାଘାତରେ ପଡ଼ିଥିଲେ, ଚାରିବର୍ଷ ପରେ ଚାଲିଗଲେ । ମୋ ବୋଉ – ଖୁଡ଼ୀ ଦିନରାତି ତାଙ୍କରି ସେବାରେ ଲାଗିଛନ୍ତି । ଆମେ ପିଲାମାନେ ସାନଖୁଡ଼ିଙ୍କର ହେପାଜତରେ ଥାଉ । ଆମ କଥା ବୁଝିବାକୁ ତାଙ୍କର ସମୟ ନଥାଏ । ଅଥଚ ଦେଖ ଏବେ – ନିଜ ସଂସାରରେ ଟିକିଏ ଅସୁବିଧା ହେବ ବୋଲି ଶାଶୁ, ଶ୍ୱଶୁର ମରିଗଲେ ବି ଦେଖିଆସିବାକୁ ତାଙ୍କର ସମୟ ନାହିଁ ।

ସାମାନ୍ୟ ହସି କହିଲି – ଭାଇନା, ଏ ଯୁଗର ଜୀବନ ଦେବତା ପରା ହେଲେ ଏଇ "ସୁବିଧା" ।

**(୧୪) ଦୁହିତା :**

ମିତାଲୀ ଯେ ଶେଷପର୍ଯ୍ୟନ୍ତ ଏମିତି ଗୋଟାଏ କିଛି କରି ବସିବ, ଏକଥା ପ୍ରଥମରୁ ବୁଝାଯାଉଥିଲା । ତମେ ତ ତାକୁ ମୂଳରୁ ଆକଟ କଲନାହିଁ । ଏଇକ୍ଷଣି ଆଉ ବ୍ୟସ୍ତ ହେଲେ କ'ଣ ଲାଭ ? ଶମିତା ଆଉ ରମା ପରସ୍ପରକୁ ଟିକିଏ ଚାହିଁଦେଇ ମିନତୀ ଆଡ଼କୁ ଦୃଷ୍ଟି ନିକ୍ଷେପ କଲେ । ଅପରାଧିନୀ ଭଳି ମିନତୀ ତଳକୁ ମୁହଁ ପୋତି ବସିଥିଲା । ଶମିତା ଲେଖାଯୋଖାରେ ନମିତାର ସାନ ଯା ହେବ । ଦେଖ ଅପା, ଏବେ ମଧ୍ୟ ବେଳ ଯାଇନି । ତୁମେ ମିତାଲିକୁ ଟିକିଏ ବୁଝେଇବାକୁ ଚେଷ୍ଟା କର । ବହୁ କଷ୍ଟରେ ମିନତୀ ମୁହଁ ଖୋଲିଲେ । ନା ନା ତୁମେ କେହି ତା' ସାଙ୍ଗରେ କଥା ହୁଅନାହିଁ, ଯାହା କରିବା କଥା ମୁଁ କରିବି । ସେମାନେ କହିଲେ ବାଃ ବାଃ ଝିଅଟିକୁ ଏତେ ଡର, ଯେଉଁ ତ ଗୁଣର କାମ କରିଛି, ବନ୍ଧୁ ବାନ୍ଧବ, ସାଇ ପଡ଼ିଶା ସମସ୍ତଙ୍କ ମୁହଁରେ ତ କାଳି ବୋଳି ସାରିଲାଣି ।

ସତକୁ ସତ ମିତାଲିର କାନରେ କଥାଟା ବାଜିଗଲା । ସେ ସୁଟ୍‌କେଶ ଖୋଲି ତା' ପୁରୁଣା

ଆଲମିରାରୁ ଲୁଗାପଟା କାଢ଼ି ରଖୁଥିଲା । ମା'ର ବାନ୍ଧବୀମାନଙ୍କ କଥା ଶୁଣି ସେ ରୁମ୍‌ରୁ ବାହାରି ପଡ଼ିଲା । ଏମାନଙ୍କୁ କିଛି କହିବାର - ପ୍ରକୃତରେ ମିତାଲୀର ଆଗ୍ରହ ନଥିଲା । କିନ୍ତୁ - ଏମାନଙ୍କର କବଳରୁ ବିଚାରୀ ମା'ଙ୍କୁ ତ ଉଦ୍ଧାର କରିବାକୁ ହେବ । ମିତାଲୀ ପଚାରିଲା - କ'ଣ ହେଲା ଖୁଡ଼ୀ ? ତୁମେମାନେ କ'ଣ ଏଜିଟେଟେଡ୍ ଜଣାପଡୁଛ । ସେମାନେ ସମସ୍ତେ କଳ୍ପନା। କରିପାରୁନଥିଲେ । ନିଜକୁ ସମ୍ଭାଳି ରମା ପ୍ରଥମେ କହିଲା, ତୁ ଯେଉଁ କାମଟା କଲୁ, ଭଲ ହେଲାନାହିଁ ବୋଲି ସମସ୍ତେ କହୁଛନ୍ତି । ସେହିକଥା କହିବାକୁ ଆମେ ଆସିଥିଲୁ ମିନତୀଦେବୀଙ୍କ ପାଖକୁ । ମିତାଲୀ ଜୀନ୍‌ସରେ ସାର୍ଟଟିକୁ ଇନ୍‌ସର୍ଟ କରୁକରୁ ହସିଦେଲା - ଟିକିଏ ମା' ମୁହଁକୁ ଚାହିଁଲା । ମା' ମିନତୀ ଟିକିଏ ସାହସ ପାଇଗଲା । ଏମାନଙ୍କର କଥା କିନ୍ତୁ ମିଳାଲିକୁ ଖାତିର ନାହିଁ ।

ଏଇ ସ୍ତ୍ରୀଲୋକମାନେ କ'ଣ ଜାଣିବାକୁ ଚାହୁଁଥିଲେ ମିତାଲୀ ଠାରୁ ? ସେ ସ୍ୱାମୀଘର ଛାଡ଼ି ଚାଲିଆସିଲା । ତିନିବର୍ଷ ସେ ସେଇଘରେ ବିତାଇଛି । ସେ ଅନୁମାନ କଲା ତା'ର ସେଠାରେ କିଛି ପ୍ରାଇଭେସି ନାହିଁ । ବାହାହୋଇଛି - ଗୋତ୍ର ବିସର୍ଜନ କରିଛି ବୋଲି ନିଜର ଗୋଟିଏ ଜଗତ ରହିବ ନାହିଁ । ଏଇ କିଭଳି କଥା । ସ୍ୱାମୀ ସରୋଜ ଏହି ଏକାକୀତ୍ୱକୁ ସମ୍ମାନ କରିପାରିଲା ନାହିଁ । ତା'ର ଦେହଟାକୁ ନିଜର ଜମିଦାରୀ ବୋଲି ବିଚାରିଲା । ସେ ତ ଚାକିରି କରେ - ଦିନଯାକ ସେଇ ବନ୍ଧନ ଭିତରେ ବି ସେ ଏକ ପ୍ରକାରର ସ୍ୱାଧୀନତା ଅନୁଭବ କରେ । ଅଥଚ ଘରକୁ ଫେରିବା ପରେ ତା'ର କୌଣସି ସମ୍ମାନ ନାହିଁ । ସାରାଦିନର କର୍ମକ୍ଳାନ୍ତି ପରେ ନିଜକୁ କ୍ରୀତଦାସ ବୋଲି ଭାବିବାକୁ ମିତାଲୀକୁ ଘୃଣା ଲାଗେ ଖୁବ୍ । ତା' ଭିତରୁ କିଛି ଗୋଟାଏ ହଜିଗଲାଭଳି, ବୋଧହୁଏ ଭିତରଟା ଶୂନ୍ୟ ଶୂନ୍ୟ ଲାଗେ । ମିତାଲୀ ଭାବେ ତା' ଦେହର ସମ୍ମାନ ନାହିଁ କାହିଁକି ? ତା' ମନରେ ସମ୍ମାନ ନାହିଁ କାହିଁକି । କେଉଁ ଭାବରେ ସେ ସରୋଜ ଠାରୁ ଊଣା । ସମସ୍ତଙ୍କୁ ପଚାରିଛି, ମାତ୍ର କେହି ତାଙ୍କୁ ସନ୍ତୋଷଜନକ ଉତ୍ତର ଦେଇନାହାନ୍ତି । ଏହା ଭାବି ସେ ବାପଘରକୁ ପଳାଇ ଆସି ରହୁଛି ।

ଆଧୁନିକତାର ଝିଅ ଅନୁରାଧାକୁ ନାରୀ ନିର୍ଯ୍ୟାତନା ଏକ ବଡ଼ ଶିକାର ଭାବରେ ଧରିନେଇଥିଲା - ମିତାଲୀ । ସେଥିପାଇଁ ତା' ମନରେ ମିତାଲୀ ପ୍ରତି ଦରଦ ଥିଲା । କି ସୁନ୍ଦର ଝିଅ ସେ ପାଠ ବି ପଢ଼େ । ମାତ୍ର ତା'ର ଏକ ଦୁର୍ବଳତା ଯେ ସେ ଧର୍ଷିତା । ଅଥଚ ତାକୁ ଯେଉଁମାନେ ଧର୍ଷଣ କରିଥିଲେ - ସେ ଛାତିରେ ହାତ ହଲାଇ ରାସ୍ତାରେ ବୁଲୁଛନ୍ତି । ମିତାଲୀ ରୁମ୍‌ରୁ ବାହାରି ବାପାଙ୍କ ପାଖକୁ ଆସିଲା । ଅମରେଶ ମିଶ୍ରଙ୍କ ସ୍ନେହଭରା ଚାହାଣୀ ମିତାଲୀର ମୁହଁରୁ ପାଦଯାଏ ବୁଲିଆସିଲା । ବାପାଙ୍କ ବୟସ ୭୦ରୁ ଅଧିକ । ବାପାଙ୍କ ସହ କିଛି ସମୟ କଥା ହେବାପରେ ସେ ଜାଣିପାରିଲା, ସେ ନୀତି ଅପେକ୍ଷା ସତ୍ୟକୁ ବଡ଼କରି ଦେଖୁଛନ୍ତି । ମିତାଲୀର ବଡ଼ଭଉଣୀ ଚଇତାଳିର ବିବାହ





ରହିବି ନାହିଁ । ମୋର କେବଳ ଗୋଟିଏ ଆକାଂକ୍ଷା ଯେ ମୁଁ ମୋ ହୃଦୟ ଏବଂ ମୋର ପାଠକମାନଙ୍କ ହୃଦୟରେ ଗୋଟିଏ କୋଣରେ ରହିବି ।

ପୁସ୍ତକର ଯୋଗ୍ୟତା ସମ୍ପର୍କରେ ଲୋକମାନଙ୍କର ମତ ଭିନ୍ନ ହୋଇପାରେ । କିନ୍ତୁ ଏଠାରେ ଯୋଗ୍ୟତାର ପ୍ରଶ୍ନ ନଥିଲା - ଥିଲା ଜିଦ୍‌ର । ତେଣୁ ଜିଦ୍ ହାସଲ ହୋଇଗଲା ଏବଂ ସେ ଅନୁସାରେ ଆୱାର୍ଡର ବ୍ୟବସ୍ଥା ମଧ୍ୟ କରାଗଲା ।

୧୯୭୩ ଜାନୁଆରୀ ଏକ ତାରିଖରେ ସାହିତ୍ୟ ଏକାଡେମୀର ଏକ୍‌ଜ୍ୟୁକିଟିଭ୍ ମେମ୍ବର ଭାବରେ ପାଞ୍ଚବର୍ଷ ରହିବା ପରେ ମୁଁ ମୁକ୍ତ ହୋଇଥିଲି ।

ମେମ୍ବରସିପ୍‌ର ଶେଷ ବର୍ଷ ଜାନୁଆରୀ ପହିଲାରେ ଯେତେବେଳେ ସରିଗଲା ସେତେବେଳେ ମୁକ୍ତିର ଅନୁଭୂତି ହିଁ ହେଲା । ମନେହେଲା ବର୍ଷର ପ୍ରଥମ ଦିନଟି ମୋର ଏହି ମୁକ୍ତି ପାଇଁ ଏ ବର୍ଷର ଶୁଭେଚ୍ଛା ଜଣାଉଅଛି ।

**ସମ୍ବାଦପତ୍ରର ବିଚିତ୍ର ଟିପ୍ପଣୀ :**

୧୯୭୩ ମସିହା ମେ ୧୫ ତାରିଖ ଦିନ ଦିଲ୍ଲୀ ୟୁନିଭରସିଟି ମୋତେ ଅନରାରୀ ଡି.ଲିଟ୍ ଉପାଧି ପ୍ରଦାନ କରିଥିଲେ । ଯେଉଁମାନଙ୍କୁ ଏହି ଉପାଧି ମିଳିଥିଲା, ସେମାନଙ୍କୁ କିଛି କହିବା ପାଇଁ କୁହାଯାଇଥିଲା । ମୁଁ ମଧ୍ୟ ଉକ୍ତ ସମାବର୍ତନ ଉତ୍ସବରେ କିଛି କହିଲି । କିନ୍ତୁ ପରଦିନ ଟାଇମ୍‌ସ ଅଫ୍ ଇଣ୍ଡିଆରେ ମୋ ସମ୍ପର୍କରେ ଓ ଶୁଭଲକ୍ଷ୍ମୀଙ୍କ ସମ୍ପର୍କରେ ଗୋଟିଏ ଅଦଭୂତ କମେଣ୍ଟ୍ ଲେଖାଯାଇଥିଲା ଯେ, ଆମେ ଦୁହେଁ ଖୁସିରେ ଉତ୍‌ଫୁଲ୍ଲ ହୋଇ ଗୀତ ଗାଇବାରେ ଲାଗିଲୁ । ମୁଁ ଯାହା କହିଥିଲି ଏବେ ମଧ୍ୟ ଆକ୍ଷରିକ ଭାବରେ ମୋର ମନେ ଅଛି । କେବଳ ସେହି କମେଣ୍ଟର ଉତ୍ତର ଦେବାକୁ ମୁଁ ଉଦ୍ୟମ କରିଥିଲି ।

ଏହା ଥିଲା ପଥର ନଗରୀ
ସୂର୍ଯ୍ୟ ଆଉ ଚନ୍ଦ୍ରଙ୍କର ସାମ୍ରାଜ୍ୟ
ସେମାନେ ରହୁଥିଲେ ସେଠି
ଆଉ କହୁଥିଲେ-
ଗୋଟିଏ ଥିଲା ଶିଳା
ଆଉ ଗୋଟିଏ ଥିଲା ପଥର
ସେଇ ନଗରୀରେ ହେଲା ସେମାନଙ୍କ ସଂଯୋଗ

ଦେଖାଯାଉନଥିଲେ ମଧ୍ୟ ତାହା ନିଜର ଅସ୍ତିତ୍ୱର ଏକ ଅଂଶ ହୋଇଯାଏ । ନିଜ ଶରୀରର କୌଣସି ପୁରୁଣା କ୍ଷତ ଭଳି ।

ଇମ୍‌ରୋଜ ଜାଣିଥିଲେ ଯେ, ମୋହନ ସିଂଜୀଙ୍କ ପ୍ରତି ମୋର ଆଦରରେ ପ୍ରେମ ନଥିଲା । ଥରେ ସେ ତାଙ୍କର ବହି 'ଜନ୍ଦରେ'ର କଭର ଡିଜାଇନ୍ କରୁଥିଲେ । ବହିର ମୁଖ୍ୟ କବିତାଟି ଅନୁସାରେ ଟାଇଟିଲ୍ ଉପରେ ଦୁଇଟି ତାଲା ଆଙ୍କିବା କଥା । ମୋର ଦୁଇଟି ପିଲା ମୋହନ ସିଂଙ୍କ ବିଚାରରେ ଦୁଇଟି ଫୁଲର ତାଲାଭଳି ଥିଲେ । କିନ୍ତୁ ଇମ୍‌ରୋଜ ତିନୋଟି ତାଲା ଆଙ୍କିଥିଲେ । ଗୋଟିଏ ପିଲାର ମା ଓ ଅନ୍ୟଦୁଇଟି ପିଲା ।

ଅନ୍ୟ ଏକ ଦେଶରୁ ତୋତେ ଚିଠି ଲେଖିଲାବେଳକୁ ମନେ ପଡ଼ିଗଲା – ଆଜି ବି ଅଗଷ୍ଟ ପନ୍ଦର । ଆମ ଦେଶର ସ୍ୱାଧୀନତା ଦିବସ । କୌଣସି ମନୁଷ୍ୟକୁ ଗୋଟିଏ ତାରିଖରେ ପ୍ରତୀକ ଭାବରେ ଚିହ୍ନାଯାଏ । ତେବେ କହିବି ତୁ ମୋର ପନ୍ଦର ଅଗଷ୍ଟ – ମୋର ଅସ୍ତିତ୍ୱ ଓ ମନର ଅବସ୍ଥାର ସ୍ୱତନ୍ତ୍ରତା ଦିବସ ।

**ଏକ ପ୍ରସଙ୍ଗ :**

୧୯୭୨ ଫେବୃୟାରୀ ୫ ତାରିଖରେ ଷ୍ଟେଟ୍‌ସ ପତିକ୍ରାରେ ମୁଁ ଏକ ଲେଖା ଲେଖିଥିଲି । ଗୋଟିଏ ରୁମାନିଆନ୍ କବିତାରେ ଜଣେ କବି ତାଙ୍କର ପଡ଼ୋଶୀମାନଙ୍କ ଠାରୁ ଚୌକିସବୁ ମାଗିଆଣୁଥିଲେ ଏବଂ ସେହି ଖାଲି ଚୌକିଗୁଡ଼ିକୁ ନିଜର କବିତା ଶୁଣାଉଥିଲେ । ସେ ଭାବୁଥିଲେ ଖାଲି ଚୌକିଗୁଡ଼ିକ ସବୁଠାରୁ ଭଲ ଶ୍ରୋତା ।

ପୁଣି ସେହି ବର୍ଷ ମଧ୍ୟଭାଗରେ ଏହି ଘଟଣାର ଆଉଗୋଟିଏ ହାସ୍ୟାସ୍ପଦ ରୂପ ଦେଖିବାକୁ ମିଳିଲା । ଜୁଲାଇ ମାସର ଶେଷ ସପ୍ତାହରେ ଦିନେ ସେହି ଲେଖକ ଅନ୍ୟ ଜଣେ ସମକାଳୀନ ଲେଖକଙ୍କ ଘରେ ମଦ୍ୟପାତ୍ର ହାତରେ ଧରି ଖୁବ୍ ଖୁସିରେ ନାଚିଉଠି କହିଲେ, ଆସିଗଲା... ଦିଦି ମୋ କବ୍‌ଜାକୁ ଆସିଗଲା । ତିନିବର୍ଷ ପାଇଁ ଆସିଗଲା ମୋ କବ୍‌ଜାକୁ ଦିଦି ।

ମୁଁ ସେଠି ଯଦି ଥାଆନ୍ତି, ତେବେ ଜଣଙ୍କୁ 'ଏକାଡେମୀ ମୁବାରକ' ଓ ଅନ୍ୟକୁ 'ଜ୍ଞାନପୀଠ ମୁବାରକ' ଜଣାଇଥାଆନ୍ତି । କିନ୍ତୁ ସେଠି କେବଳ ମୋହନ ସିଂହଜୀ ଥିଲେ । ସେ ଏଭଳି ପିଲାଳିଆମୀ ଦେଖି ଦୁଃଖିତ ହୋଇ ତା'ପରଦିନ ମୋ ଘରକୁ ଆସି ମୋତେ ତାହା ଶୁଣାଇଥିଲେ ।

ପ୍ରଶଂସା ଓ କୋଳାହଳରେ ପୁରସ୍କାର ଭିତରେ ଠିଆହୋଇ ଏହି ଲୋକମାନେ ଅକାରଣରେ ପବନରେ ଖଣ୍ଡା ବୁଲାଉଥାଆନ୍ତି । ମୁଁ ସେହି ଦଳରେ ନାହିଁ । କେବେ ନଥିଲି କି କେବେ ମଧ୍ୟ





ହେଉଛି – ସାତ କି ଆଠବର୍ଷ ତଳେ । ପାଠ ପଢୁ ପଢୁ ସେ ନିଜର ବିବାହ ନିଜେ ସ୍ଥିର କରିଥିଲା । ବାପାଙ୍କ ବି ସମ୍ମତ ଥିଲା । କିନ୍ତୁ ଶ୍ୱଶୁରଘରେ ତା' ପ୍ରତି ବ୍ୟବହାର ଥିଲାଅତି କଦର୍ଯ୍ୟ । କିନ୍ତୁ ପରେ ତା'ର ଜୀବନଟା ଶେଷ ହୋଇଯାଇଥିଲା ।

ମିତା କହିଲା – ବାପା, ସରୋଜ ପାଖରୁ ଚାଲିଆସି ମୁଁ ଏଠି ତୁମ ପାଖରେ ରହିବାକୁ ଚାହୁଁନାହିଁ । ମୁଁ ଚାକିରି କରୁଛି ଏକଲା ମଧ୍ୟ ଜୀବନ ବିତାଇପାରିବି । ବାପା କହିଲେ, ମୁଁ ଜାଣେ ତୋର ଆତ୍ମମର୍ଯ୍ୟାଦା ଓ ଆତ୍ମବିଶ୍ୱାସ ତୋତେ ଠିକ୍ ବାଟରେ ଚଳାଇନେବ ।

ଏହାହିଁ ଥିଲା 'ଦୁହିତା' ଗଳ୍ପର ସାର ସଂକ୍ଷେପ । ଗାଳ୍ପିକା ନନ୍ଦିନୀ ଶତପଥୀଙ୍କ ଗଳ୍ପ ସଂକଳନ – "ସପ୍ତଦଶୀ"ର ଏକ କ୍ଷୁଦ୍ରଗଳ୍ପ – 'ଦୁହିତା' ।

**(୧୫) ଅନ୍ୟ ପୃଥିବୀ :**

ଗାଳ୍ପିକା ନନ୍ଦିନୀ ଶତପଥୀ ତାଙ୍କର ଦ୍ୱିତୀୟ ଗଳ୍ପ ସଂକଳନ "ସପ୍ତଦଶୀ"ରେ 'ଅନ୍ୟ ପୃଥିବୀ' ଏକ ଗଳ୍ପ ଅଟେ । ଏହା ପାଠକଙ୍କ ହୃଦୟରେ ଗଭୀର ରେଖାପାତ କରିଅଛି କହିଲେ ଅତ୍ୟୁକ୍ତି ହେବନାହିଁ ।

ସାନ୍ତାକ୍ରୁଜ ବିମାନଘାଟିରେ ଉଡ଼ାଜାହାଜ ଅବତରଣ କରିବାକୁ ଆଉ ଅଳ୍ପ ସମୟ ଅଛି । ତରବରରେ ଛୋଟ ହାତ ବ୍ୟାଗ୍‌ଟିକୁ ଧରି ଜୟଶ୍ରୀ ଟୟଲେଟ୍ ଭିତରକୁ ପଶିଗଲା । ବିମାନର ଯାତ୍ରୀମାନେ ସମସ୍ତେ ମଧ୍ୟ ଚଳଚଞ୍ଚଳ ହୋଇଉଠିଛନ୍ତି । ଦୀର୍ଘ ସାତବର୍ଷ ପରେ ସେ ଦେଶକୁ ଫେରିଛି । ଏଇ ସାତବର୍ଷ ଭିତରେ ଦେଶରେ କେତେ ପରିବର୍ତ୍ତନ ହୋଇଗଲାଣି । ବିଦେଶ ସମ୍ବାଦପତ୍ରରୁ ସେ କିଛି କିଛି ଜାଣିଛି । ଅନେକ ଭାବନା ମନରେ ଖେଳିଯାଉଛି । ଛାଡ଼ି ଯାଇଥିବା ଆପଣାର ଲୋକ ଓ ଗାଁ ଭୂମିକୁ ଦେଖିବା ପାଇଁ ମନରେ ଗୋଟାଏ ପ୍ରକାର ଉଦବେଗ ହେଉଛି । ବିମାନ ଅବତରଣ କରିବାର ସଂକେତ ବାଜିଉଠିଲା । ସିଟ୍ ପାଖରେ ତାଙ୍କୁ ଦେଖି ହଠାତ୍ ଚମକି ପଡ଼ିଲା ରୁବିନା । ବମ୍ବେ ନଗରୀର ଉଜ୍ଜ୍ୱଳ ଆଲୋକମାଳାକୁ ରୁବିନା ଉପଭୋଗ କରୁଛି । ଜୟଶ୍ରୀ ସ୍କାର୍ଟସ୍ ବଦଳରେ ମୋଟା ଖଦଡ଼ ଶାଢ଼ି ପିନ୍ଧିଛି । ସ୍ୱାମୀ ଚନ୍ଦନ ପାଖରେ ଜୟଶ୍ରୀର ଏ ପୋଷାକ ପୁରୁଣା, ମାତ୍ର ରୁବିନା ପାଖରେ ନୂଆ । ଜୟଶ୍ରୀ ସହିତ ନ୍ୟୁୟର୍କରେ ତା'ର ପରିଚିତ ହୋଇଥିଲା । ଜୟଶ୍ରୀ, ଚନ୍ଦନ ଓ ରୁବିନା ବିମାନରେ ସୁଦୂର ନ୍ୟୁୟର୍କରୁ ଭାରତର ବମ୍ବେକୁ ଆସିଛନ୍ତି । ଦୁଇଜଣଙ୍କର କଥାକୁ ନୀରିକ୍ଷଣ କରି ଶୁଣୁଥିଲା ଚନ୍ଦନ ।

ଚନ୍ଦନ ଓ ଜୟଶ୍ରୀର ବିଭାଘରର ମାତ୍ର ପନ୍ଦରଦିନ ପରେ ଦେଶ ଛାଡ଼ି ଯାଇଥିଲେ । ବିଦେଶରେ କାମ କରୁଥିବା ଇଂଜିନିୟର ଚନ୍ଦନ ବିବାହ କରିବାକୁ ଆସିଥିଲା ସ୍ୱଦେଶକୁ । ଉଚ୍ଚଶିକ୍ଷିତ,

ଉଚ୍ଚପଦବୀରେ ଅଧିଷ୍ଠିତ ସୌମ୍ୟଦର୍ଶନ ଯୁବକ ଚନ୍ଦନକୁ ସ୍ୱାମୀ ରୂପରେ ପାଇବା ପାଇଁ ବହୁ ବିଦେଶୀ ତରୁଣୀ ଆଗ୍ରହୀ ଥିଲେ । ମାତ୍ର ଚନ୍ଦନ ତାହା ଚାହୁଁନଥିଲେ ବାପା ମାଆଙ୍କ ନିର୍ଦ୍ଦେଶରେ ସେ ସ୍ୱଦେଶ ଆସିଥିଲେ ବିବାହ କରିବାପାଇଁ । କିନ୍ତୁ ଚନ୍ଦନର ପିତାମାତା ରକ୍ଷଣଶୀଳ ନଥିଲେ । ଆଧୁନିକ ଉଚ୍ଚଶିକ୍ଷିତ ପୁଅର ମତାମତକୁ ନ ନେଇ ସେ ନିଜର ଇଚ୍ଛାକୁ ଲଦିଦେଇନଥିଲେ ପୁଅ ଉପରେ । ତିନୋଟି ଝିଅ ପ୍ରସ୍ତାବ ମଧ୍ୟରୁ ଚନ୍ଦନ ଜୟଶ୍ରୀକୁ ବିବାହ କରିବା ପାଇଁ ନିଜେ ସ୍ଥିର କରିଥିଲେ । ବିମାନ ଅବତରଣ ପରେ ସେମାନେ ଇଣ୍ଡିଆରେ ପହଞ୍ଚିଲେ । ଜୟଶ୍ରୀ ଓ ସେମାନଙ୍କୁ ଏୟାରପୋର୍ଟରୁ ନେବାକୁ ଜୟଶ୍ରୀର ମାଆ ଆସି ସେଠାରେ ଉପସ୍ଥିତ ଥିଲେ । ହଠାତ୍ ଜୟଶ୍ରୀ ମାଆଙ୍କୁ ଦେଖି କୁଣ୍ଢେଇ ପକାଇଲା । ଏ ଦୃଶ୍ୟ ରୁବିନା ଦେଖୁଥାନ୍ତି । ରୁବିନା-ଚନ୍ଦନକୁ କହିଲେ ତୁମର ଅଭିବାଦନ ପ୍ରଣାଳୀ ଭାରି ସୁନ୍ଦର ।

ଅର୍ଦ୍ଧରାତ୍ରୀର ଆଭିଜାତ୍ୟପୂର୍ଣ୍ଣ ବମ୍ବେ ନଗରୀରେ ସେମାନେ ଓହ୍ଲାଇ ଦୁଇଟି ରୁମ୍ ନେଲେ ରାତ୍ରି ଯାପନ ପାଇଁ । ଗୋଟିଏ ରୁମ୍‌ରେ ଚନ୍ଦନ ଓ ଜୟଶ୍ରୀ, ଅନ୍ୟ ରୁମ୍‌ଟିରେ ରୁବିନା ଓ ଜୟଶ୍ରୀର ମାଆ ଅନୁରାଧାଦେବୀ । ଅନୁରାଧାଦେବୀ ଜଣେ ଦେଶସେବୀ ବୋଲି ସେ ଜୟଶ୍ରୀଠାରୁ ଶୁଣିଛି । ସେଠାରେ ରୁବିନା ୟୁନିଭରସିଟିରେ ପଢୁଥିବାବେଳେ ଅନେକ ଆନ୍ଦୋଳନରେ ଯୋଗ ଦେଇ କରାବରଣ କରିଥିଲେ । ୟୁନିଭରସିଟିରୁ ପାସ୍ କଲାପରେ ସେ ସାମ୍ବାଦିକତା କରୁଥିଲେ । ଭାରତବର୍ଷ ବିଷୟରେ ଜାଣିବା ଓ ଲେଖିବା ତାଙ୍କର କାମ ଥିଲା । ସେଥିପାଇଁ ତା'ର ବନ୍ଧୁ ଚନ୍ଦନ ଓ ଜୟଶ୍ରୀ ଯେତେବେଳେ ସ୍ୱଦେଶ ଭାରତକୁ ଆସିବାକୁ ବାହାରିଲେ ରୁବିନା ଏ ସୁଯୋଗ ଛାଡ଼ିଲେ ନାହିଁ । କିଛି ସମୟ ଶୋଇଲାପରେ ରାତ୍ରୀ ଚାରିଟାରେ ସେ ଦେଖିଲେ - ଅନୁରାଧାଦେବୀ ସ୍ନାନ କରି କ'ଣ ପଢୁଛନ୍ତି । ତାଙ୍କୁ ପଚାରି ସେ ଜାଣିପାରିଲେ ସେ ଗୀତା ପଢୁଛନ୍ତି । ସକାଳରେ ଏକ ସମ୍ବାଦପତ୍ରରେ ସମ୍ବାଦ ପଠନ କରି ତାଙ୍କର ମନରେ ଆଲୋଡ଼ନ ସୃଷ୍ଟି ହେଲା ସେ ତାହା ଅନୁରାଧାଦେବୀଙ୍କୁ ପଚାରି ବୁଝିଲେ । ଜଣେ ନବବଧୂକୁ ଯୌତୁକ ଜନିତ ହତ୍ୟା କରାଯାଇଛି ।

ରୁବିନା ଅନୁରାଧାଦେବୀଙ୍କୁ କହିଥିଲେ - ଆପଣ ଜଣେ ଦେଶସେବୀ । ଆପଣମାନେ ଏହାର ପ୍ରତିକାର କରିପାରୁନାହାନ୍ତି ? ଏହାପରେ ତାଙ୍କ ଉପରେ ଅନୁରାଧାଦେବୀ ଟିକିଏ ବିରକ୍ତିଭାବ ପ୍ରକାଶ କରିଥିଲେ । ଏବଂ କହିଥିଲେ ଏହା ମୋର କାମ ନୁହେଁ । ଏହା ସ୍ୱାଧୀନ ଦେଶର - ଏହା ସରକାରଙ୍କର କାମ । ତାଙ୍କର ବ୍ୟବହାରରେ ରୁବିନା ଆହତ ହେଲାନାହିଁ । ଆଶ୍ଚର୍ଯ୍ୟ ହେଲା, ଚନ୍ଦନର କଥାଟି - ହଠାତ୍ ତା'ର ମନେ ପଡ଼ିଯାଉଥିଲା । - ବେଶୀ ମୁଗ୍ଧ ହୋଇଗଲେ ହତାଶ ହେବାକୁ ପଡ଼େ ।

ରୁବିନା ଭାବୁଥିଲା - କେତେ ଦୈନ୍ୟ ଓ ଗ୍ଲାନି ବିଛାଡ଼ି ହୋଇ ପଡ଼ିଛି ଦୁନିଆ ସାରା । ଅତି





କୌଣସି ଖାନ୍ ନଥିଲା ସତ, କିନ୍ତୁ ତାଙ୍କ ମନର ଗଭୀରରେ କେଉଁଠି ଏକ ଦ୍ୱନ୍ଦ୍ୱ ରହିଯାଇଥିଲା । ଯାହା ସେ ନିଜେ ମଧ୍ୟ ବୁଝିବାକୁ ସମର୍ଥ ହୋଇପାରୁନଥିଲେ । ମୋର ଓ ତାଙ୍କର ଚେଷ୍ଟା ଯତ୍ନ ଫଳରେ ଏହି ଦ୍ୱନ୍ଦ୍ୱଟି ଏତେ ଗଭୀରକୁ ପଶିଯାଇ ଲୋପ ହୋଇଯାଉଥିଲା ।

ତିନିବର୍ଷ ପର୍ଯ୍ୟନ୍ତ ଆମେ ପରସ୍ପର ଠାରୁ ଦୂରେଇ ରହିଲୁ । ଫଳରେ ଦୁହେଁ ଦୁହିଁଙ୍କୁ ଭଲ ଭାବରେ ଚିହ୍ନି ପାରିଲୁ । ଇମ୍‌ରୋଜଙ୍କ ବିଶ୍ୱାସ ହୋଇଗଲା ଯେ, ତାଙ୍କର ଦୁନିଆଁରେ କେବଳ ମୋର ହିଁ ଆବଶ୍ୟକତା ରହିଛି ।

ସତ୍ୟର ଧାରା ଚଳାଇବା କେତେ କଠିନ ମୁଁ ଜାଣିଛି । କିନ୍ତୁ ନିଜେ ନିଜର କଳ୍ପିତ ମାନସ ଚିତ୍ର ସହିତ ଏକାକାର ହେବା ମଧ୍ୟ ଏକ ଶାଶ୍ୱତ ସଂଘର୍ଷ ।

ସତ୍ୟ ଗୋଟିଏ ରିଲେଟିଭ୍ ଟର୍ମ । ଅନେକ ସମୟରେ ଆଜିର ସତ୍ୟ କାଲି ସତ୍ୟ ହୋଇ ରହେନାହିଁ । କିନ୍ତୁ ଏଠାରେ ମୁଁ ଯେଉଁ ସତ୍ୟକଥା କହୁଛି, ତାହା ହେଉଛି ସେହି ସତ୍ୟ, ଯାହା ଦେହର କର୍ମ ଭିତରେ ସାମଞ୍ଜସ୍ୟ ଆଣିଦିଏ । ଏକ ବାଦ୍ୟଯନ୍ତ୍ରର ତାର ସବୁକୁ ଏକ ସୁରରେ ବାନ୍ଧିଲା ଭଳି ।

**ଇମ୍‌ରୋଜ :**

'ମୋ ଜୀବନର ଏହି କାଗଜ ଉପରେ ତୁମର ପ୍ରେମ ଟିପଚିହ୍ନ ମାରିଛି, କିଏ ଦେବ ତାହାର ହସିାବ...' ୧୯୬୪ରେ ଇମ୍‌ରୋଜ ଯେତେବେଳେ ପଟେଲ ନଗରରେ ତାଙ୍କର ଘର ଛାଡ଼ି ହାଉଜଖସରେ ରହିବାକୁ ଆସିଥିଲେ ତାଙ୍କ ପାଖରେ ଟଙ୍କା ନଥାଏ । କିନ୍ତୁ ସେ ଗୋଟିଏ ଆଡ୍‌ଭାଟାଇଜିଂ ଫାର୍ମରେ ଚାକିରି କଲେ । ବାରଶହ ଟଙ୍କା ଦରମା ପାଉଥିଲେ ।

ଇମ୍‌ରୋଜ ଦଶହଜାର ଟଙ୍କା ସେତେବେଳେ ଖର୍ଚ୍ଚ କରିସାରିବା ପରେ ତାଙ୍କର ଏକମାତ୍ର ଜମି ଖଣ୍ଡିକ ସାଢ଼େ ଛ ହଜାର ଟଙ୍କାରେ ବିକ୍ରି କରିଦେଲେ । ଇମ୍‌ରୋଜଙ୍କୁ ବୁଝିବା କଷ୍ଟ ନୁହେଁ । ତାଙ୍କ ହାତରେ ନୁହେଁ, ମସ୍ତିଷ୍କର ଭାବନାରେ ଏଭଳି ଏକ ରେଖା ଅଛି, ଯାହା ବରାବର ଚଳମାନ । ତାଙ୍କ ମନ ଭିତରେ ଅହରହ ନାନା ପ୍ରକାରର ଚିତ୍ର ସୃଷ୍ଟି ହେଉଥାଏ ।

ଇମ୍‌ରୋଜ ଘଡ଼ିର ଡାଏଲ ଡିଜାଇନ୍ କରିବାକୁ ଆରମ୍ଭ କଲେ । ଚାଳିଶ - ପଚାଶ ଟଙ୍କା ଜମା ହୋଇଗଲେ ସେ ଗୋଟିଏ ଘଡ଼ି ଆଣି ତାହାର ଡାଇଲି ଡିଜାଇନ୍ କରନ୍ତି । ଏହିଭଳି ଭାବରେ ଇମ୍‌ରୋଜଙ୍କ ମଧ୍ୟ କେତେଗୁଡ଼ିଏ କ୍ୟାଲେଣ୍ଡର ଡିଜାଇନ୍ ମଧ୍ୟ ଅଛି । ଏଗୁଡ଼ିକ ସବୁ ଆମ ଦେଶ ଓ ବିଦେଶରେ ପ୍ରଦର୍ଶିତ ହୋଇଥିଲେ ଭାରତବର୍ଷର ଖୁବ୍ ନାଁ ହୋଇଥାଆନ୍ତା । ଆଖିରେ

ବି । ମୋ ପାଇଁ ମୋ ପିଲା ଦୁହିଁଙ୍କ ପତ୍ର ବି ସେଭଳି ଅବସ୍ଥାର ଗୋଟିଏ ଅଂଶ ।

ପଞ୍ଜାବୀ କାହାଣୀକାର ଅଜିତ୍ କାଉର୍‌ଙ୍କ ସମ୍ପର୍କରେ ଥରେ ମୁଁ ଲେଖିଥିଲି ଯେ, ତାଙ୍କ ନିକଟରେ ଲିଭିଯାଇଥିବା ଅକ୍ଷରକୁ ଜଳାଇ ଦେବାର କଳା ଅଛି । ମୋର ଫକୀର ଶୂନ୍ୟ ହାତରେ ହଠାତ୍ ଦିନେ ସେ ଅମୀରର ହୀରା ମୁଦି ପିନ୍ଧାଇଦେଲେ । ମୋ ଆଙ୍ଗୁଠି ତ ହୀରାର ଜ୍ୟୋତିରେ ଚମକି ଉଠିଲା । କିନ୍ତୁ ବନ୍ଧୁତା ହୀରା ଠାରୁ ଆହୁରି ମୂଲ୍ୟବାନ ହୋଇଗଲା । ତାହାକୁ ସାଇତି ରଖିବା ପାଇଁ ମୁଁ ମୋର ହାତ ତାଙ୍କରି ଆଡ଼କୁ ବଢ଼ାଇ ଦେଇଥିଲି ।

ମୋ ଓଠରେ ସେହିମାନଙ୍କ ପାଇଁ ଧନ୍ୟବାଦ ରହିଛି, ଯେଉଁମାନେ ଦୂରଦୂରାନ୍ତର ବନ୍ଧୁଙ୍କ ପାଇଁ ସମୟ ବ୍ୟୟ କରିଛନ୍ତି । ମନ ବ୍ୟୟ କରିଛନ୍ତି । ମୋର କେତେକ କାହାଣୀ ଓ କବିତାକୁ ନିଜ ନିଜ ଭାଷାର ଲୋକଙ୍କ ନିକଟରେ ପହଞ୍ଚାଇ ଦେଇଛନ୍ତି ।

ମୁଁ ଜୈନେନ୍ଦ୍ର କୁମାରଙ୍କୁ ସେତେବେଳେ ଦେଖିନଥିଲି । ସେ ପ୍ରଥମେ ହିନ୍ଦୀ ଲେଖକ, ଯିଏ ମୋର ଉପନ୍ୟାସ ପଢ଼ି କୌଣସି ଏକ ବନ୍ଧୁଙ୍କୁ ଏକ ପତ୍ର ଲେଖିଥିଲେ । ସେହି ବନ୍ଧୁ ଉକ୍ତ ଚିଠିଟି ମୋ ପାଖକୁ ପଠାଇ ଦେଇଥିଲେ । ସେହି ଚିଠିଟି ମୁଁ ଆଜି ଖୋଜି ପାଉନାହିଁ । କିନ୍ତୁ ଜୈନେନ୍ଦ୍ରଜୀ ସବୁବେଳ ପାଇଁ ବନ୍ଧୁ ହୋଇ ରହିଯାଇଛନ୍ତି ।

ଫାଇଲିରେ ଥିବାଅନେକ ଚିଠି ଗୁଡ଼ିକ ପଢ଼ିଲାବେଳେ ସେଗୁଡ଼ିକର ଲେଖକମାନଙ୍କୁ ମୁଁ ସ୍ମରଣ କରେ ।

**ଅଗ୍ନିସ୍ନାନ :**

ଯେତେବେଳେ ନିଜର ଚେହେରା ସେହି କଳ୍ପିତ ଚେହେରା ସହ କିଛି ଅଂଶରେ ମିଶିଯାଏ, ସେତେବେଳେ କଳ୍ପିତ ମୁହଁଟି ଆହୁରି ସୁନ୍ଦର ହୋଇ ଦୂରରେ ଯାଇ ଠିଆ ହୋଇଯାଏ । କେବଳ ଏତିକି କହିପାରେ, ଜୀବନଯାକ ମୁଁ ସେହି କଳ୍ପିତ ମୁଁ ପର୍ଯ୍ୟନ୍ତ ପ୍ରଯତ୍ନ କରିଚାଲିଛି ।

ଏହି ପ୍ରଯତ୍ନ ମୋତେ ସାହସ ଦେଇଛି । କାରଣ ଅଠର ବର୍ଷ ବୟସରେ ମୋର ସ୍ୱାମୀଙ୍କ ସହିତ ବିଚ୍ଛେଦ ହେଲାବେଳେ ମୁଁ ତାଙ୍କୁ କହିଥିଲି, "ତୁମର ଅନ୍ତର ଭିତରେ ତୁମେ ଗ୍ରହଣ କରିନେଇଛ ଯେ, ଆମେ ଦୁହେଁ ନିଜ ନିଜ ବାଟରେ ଯିବା ଉଚିତ । ସତ୍ୟକୁ ସାମ୍ନା କରିବାର ସାହସ ହିଁ ଦେହ ଓ ମନକୁ ବଳ ଦେଇଥିଲା ।

ଏହିଭଳି ଏକ ଘଟଣା ୧୯୬୦ରେ ବି ଘଟିଥିଲା । ମୋ ପ୍ରତି ଇମ୍‌ରୋଜଙ୍କ ପ୍ରେମରେ





ଉଦାର ଆଉ ମହତ ମଣିଷ ବି ଏଥିରୁ ବାଦ ଯାଇନାହାନ୍ତି । ସ୍ୱାର୍ଥର ସଂଘାତ ହେଲେ - କ'ଣ ସେହି ଦୈନ୍ୟ ଆଉ ଗ୍ଲାନି ଏହିଭଳି ଆତ୍ମପ୍ରକାଶ କରିପକାଏ ? ଏହାହିଁ - ଅନ୍ୟ ପୃଥିବୀ !

**(୧୬) ଜଣେ ଡେଙ୍ଗାଲୋକର ଇତିବୃତ୍ତ :**

ଗାଳ୍ପିକା ନନ୍ଦିନୀ ଶତପଥୀଙ୍କ ଗଳ୍ପ ସଂକଳନ "ସପ୍ତଦଶୀ"ରେ 'ଆଜିର ଜୀବନ-ଦେବତା' ଏକ ଗଳ୍ପ ଅଟେ ।

ମୁଁ ହଠାତ୍ ଡେଙ୍ଗା ହୋଇଗଲି, ଘର ଭିତରେ ସିଧାହୋଇ ଠିଆହେବା ମୋ ପକ୍ଷରେ ଆଉ ସମ୍ଭବ ହେଲାନାହିଁ । ଗୋଟିଏ ଦିନରେ କ'ଣ ଏତେ ଡେଙ୍ଗା ହୋଇଗଲି କେଜାଣି ! ମୁଁ ମୋର ଉଚ୍ଚତା ମାପୁଥିଲି । ଧୀରେ ଧୀରେ ଉଚ୍ଚତା ମାପଟାକୁ ଛାଡ଼ିଦେଲି, କେଜାଣି ଅନେକ ହିତାକାଂକ୍ଷୀଙ୍କର ଧାରଣା ହେଲା ଭିନ୍ନ ପ୍ରକାରର । ସେମାନେ ଭାବିଲେ ମୋର ନିଶ୍ଚିତ କିଛି ଗୋଟିଏ ରୋଗ ହୋଇଛି । ନହେଲେ ଏଭଳି ଅସ୍ୱାଭାବିକ ଭାବରେ କିପରି ଡେଙ୍ଗା ହୋଇଯାଉଛି । ସେମାନେ ସମସ୍ତେ ମୋତେ ଡାକ୍ତରଙ୍କୁ ଦେଖାଇବାକୁ ପରାମର୍ଶ ଦେଲେ । ଗୋଟିଏ ସମୟରେ ମୋର ବି କିଛି ଭୟ ରହିଗଲା । ସତରେ କ'ଣ କିଛି ଆଉ ଗୋଟିଏ ରୋଗ ହୋଇଗଲାକି ? ସବୁ ସମ୍ଭବ ଏହି ବିଂଶ ଶତାବ୍ଦୀରେ । ମଣିଷ ଯେତିକି ବିଜ୍ଞାନୀ ହେଉଛି ସେତିକି ତ ରୋଗ ମାତ୍ରା ବଢ଼ି ବଢ଼ି ଚାଲୁଛି । କେତେ ପ୍ରକାରର ରୋଗ, ଅଚିହ୍ନା, ଅଜଣା ।

ତେବେ କ'ଣ ଖାଇବେ, ଶେଷକୁ ଡାକ୍ତର କହୁଛନ୍ତି ଯେପରି ଭାବରେ ରାସାୟନିକ ସାର ଆଉ ପୋକମରା ଔଷଧ ଖାଦ୍ୟଶସ୍ୟ ଓ ପନିପରିବାରେ ବ୍ୟବହୃତ ହେଉଛି ଏସବୁ ରୋଗ ତାହାରି ଫଳ । ବଜାରରେ ମିଳୁଥିବା ଜିନିଷ ଛଡ଼ା କ'ଣ ଆଉ କିଛି ମିଳିବାର ବ୍ୟବସ୍ଥା ଅଛି ? ନାହିଁ, ତେଣୁ ଖାଇବାକୁ ହେବ, ରୋଗରେ ପଡ଼ିବାକୁ ହେବ । ଏହା 'ଜନ୍ମହେଲେ ମୃତ୍ୟୁ ନିଶ୍ଚିତ' ଭଳି ଏକ ସତ୍ୟ । ହୋଇପାରିଥାଏ ବିଂଶ ଶତାବ୍ଦୀରେ ଗୋଟିଏ ବେମାରୀ ଭଳି ମୋର ଏ ଏକ ବେମାରୀ ।

ଅଗତ୍ୟା ଡାକ୍ତରଖାନାର ଜଣେ ବଡ଼ ଡାକ୍ତରଙ୍କୁ ମନେ ଥିଲା । ଏ ରୋଗ ବାବଦରେ ମୁଁ ଦେଖାନ୍ତି । ଯେଉଁ ଡାକ୍ତରଙ୍କ ଉପରେ ମୋର ବିଶ୍ୱାସ, ଏକାନ୍ତରେ କହିପାରନ୍ତି । ତାଙ୍କର ନିଜସ୍ୱ ଚାମ୍ବର ନାହିଁ, ସେ ସରକାରୀ ଡାକ୍ତର । ଚାକିରି କରନ୍ତି । ଏବେ ଆଇନ୍ ବଦଳିଗଲାଣି । ସରକାରୀ ଡାକ୍ତର ଆଉ ରୋଗୀ ଦେଖିପାରିବେନି ଘରୋଇ ଭାବରେ । ପ୍ରାଇଭେଟ୍ ପ୍ରାକ୍‌ଟିସ କରିବେ ନାହିଁ । କଲେ ଭିଜିଲାନ୍‌ସ ଧରିବ, ବିନା ପଇସାରେ ଚିକିତ୍ସା କଲେ ମଧ୍ୟ । ଏହି ଡେଙ୍ଗା ରୋଗ ବାବଦରେ ଲାଇନ୍ ଲଗାଇ ଡାକ୍ତରଖାନାରେ ଠିଆ ହେବା ପାଇଁ ମୋ ମନ କାହିଁକି ମାନିଲା ନାହିଁ ।

ସିଦ୍ଧାନ୍ତ ବଦଳାଇଦେଲି । ଡାକ୍ତରଙ୍କୁ ଆଉ ଦେଖାଇବି ନାହିଁ । ପୃଥିବୀରେ ଅନେକ ଲୋକ

ଏହିଭଳି ଡେଙ୍ଗା ଅଛନ୍ତି । ସେମାନଙ୍କର କଥା ଖବରକାଗଜରେ ବାହାରୁଛି - ଫଟୋ ମଧ୍ୟ । ଲୋକେ ସେସବୁ ପଢ଼ି ଖୁସି ହେଉଛନ୍ତି । ଆଲୋଚନା କରୁଛନ୍ତି ସେ ବିଷୟରେ । ମନକୁ ଚିନ୍ତାକଲି - ମୋ ବିଷୟରେ ଖବରକାଗଜରେ ବାହାରିଲେ ଲୋକେ ପଢ଼ି ମୋତେ ଦେଖିବାକୁ ଦୌଡ଼ିଆସିବେ । ଆଜିକାଲି ମୁଁ ଆଉ ମୋ ଖଟରେ ଶୋଇପାରୁନାହିଁ । ଖଟ ସାନ, ମୋ ସାଇଜ୍‌ଟି ବଡ଼ । ଡାକ୍ତରଙ୍କ ପାଖକୁ ନ ଯାଇ ଇଚ୍ଛା ହେଉଛି ଘରଟିକୁ ଲମ୍ବା କରିଦେବାକୁ । ତାହେଲେ ଘରଟା ବି ବହୁତ ଲମ୍ବା ହୁଅନ୍ତା । ପ୍ରାୟ ଅଣ୍ଟା ପର୍ଯ୍ୟନ୍ତ ନଇଁଆସି ଅଗଣାରେ ଠିଆହେଲି । କିଛି ସମୟ ପରେ ଦେଖିଲି ମୋ ଉଚ୍ଚତା ବଢ଼ିବା ସଙ୍ଗେ ସଙ୍ଗେ ମୋର ଜାମା ସବୁ ଛୋଟ ହୋଇଗଲାଣି । ନୂଆ ଜାମା ବନାଇବା ପାଇଁ ସମୟ ଲାଗିବ । ମୁଁ ବର୍ତ୍ତମାନ କରିବି କ'ଣ ? ଇତ୍ୟାଦି ଭାବନା ଭିତରେ ପାଖ ଲୋକମାନେ ନିଜ ଘରୁ ବାହାରି ଆସି ମୋତେ ମୋର ଚାରିପଟରୁ ଲକ୍ଷ୍ୟ କରି ଦେଖୁଥାନ୍ତି ।

ମୁଁ କିନ୍ତୁ ସେତେବେଳକୁ ଅଧାଶୁଆ ହୋଇ ମୋ ମୁଣ୍ଡ ଉପରେ ଓ ଗୋଡ଼ତଳେ ଲମ୍ବି ଯାଉଥିବା ବାରଣ୍ଡାଟିକୁ ଦେଖୁଥିଲି । ପୁଣି ଚାହୁଁଥିଲି - ଆକାଶକୁ । ମୋତେ ନିଜକୁ ଲାଗିଲା ବାମନଟିଏ ବୋଲି । ଆଉ ଡାକ୍ତରଙ୍କର କଥା ଶୁଣି ହସ ମଧ୍ୟ ମାଡୁଥିଲା ।

**(୧୭) ଗରଳର ଗାରିମା :**

ଗାଳ୍ପିକା ନନ୍ଦିନୀ ଶତପଥୀଙ୍କ ଦ୍ୱିତୀୟ ଗଳ୍ପ ସଂକଳନ "ସପ୍ତଦଶୀ"ରେ 'ଆଜିର ଜୀବନ-ଦେବତା' ଏକ ଚମତ୍କାର ଗଳ୍ପ ଅଟେ । ଏହା ଏକ ନାରୀର ଆବେଗପୂର୍ଣ୍ଣ ଭାବଭଙ୍ଗୀ ବା ବାସ୍ତବତାର କାହାଣୀ ଓ ବେଶ୍ ହୃଦୟସ୍ପର୍ଶୀ ।

ଅନଘର ଅପ୍ରତ୍ୟାଶିତ ପ୍ରତ୍ୟାବର୍ତ୍ତନରେ ସମସ୍ତେ ଯେତିକି ଆଶ୍ଚର୍ଯ୍ୟ ହୋଇଗଲେ ତା'ଠାରୁ ବେଶୀ ଆଶ୍ଚର୍ଯ୍ୟ ହେଲେ ତା'ର ମତିଗତି ଦେଖି । ଶୁଭ ଖବରଟା ଦେଲା - ବଡ଼ଭଉଣୀ ଚନ୍ଦ୍ରକାନ୍ତା, ଅଥଚ ଇଏ କ'ଣ ସଙ୍ଗେ ସଙ୍ଗେ ଅନଘର ମୁହଁର ରଙ୍ଗ ବଦଳିଗଲା । ମାଳା ଅଧଘଣ୍ଟାଏ ହେଲା ଅନଘର ଫେରିବା ଖବର ପାଇଗଲାଣି । ବହୁକଷ୍ଟରେ ଖଟରୁ ତଳକୁ ଓହ୍ଲାଇ ଆସିଛି । ଗୋଡ଼ଦୁଇଟା ଭାଙ୍ଗିଯାଇଛି । ପେଟର ଯନ୍ତ୍ରଣାଟା ହଠାତ୍ ଯେପରି ବଢ଼ିଉଠିଲା । ସହିନପାରି ତଳେ ବସିପଡ଼ିଲା ମାଳା । ଚନ୍ଦ୍ରକାନ୍ତ ଉପରକୁ ଉଠି ଆସୁଛନ୍ତି । ଜମିଦାର ଶମ୍ଭୁନାଥ ଚୌଧୁରୀଙ୍କ ବିଧବା କନ୍ୟା, ମାଳା ଚନ୍ଦ୍ରକାନ୍ତଙ୍କର ମୁହଁ ଗମ୍ଭୀର । ଆହୁରି ଗମ୍ଭୀର ସ୍ୱରରୁ ଗୋଟିଏ ଶବ୍ଦ ବାହାରି ପଡୁଛି - ଅନୁ କାହିଁ ?

ଏ ଘରର ଚଳଣି ଏମିତି, ପ୍ରବଳ ପ୍ରତାପୀ ଶମ୍ଭୁନାଥ ଚୌଧୁରୀ ବଂଥିବା ବେଳେ ଚନ୍ଦ୍ରକାନ୍ତା ତିନିମାସର ଛୁଆକୁ କୋଳରେ ନେଇ ଫେରିଆସିଥିଲେ ମନୋହରପୁରରୁ ପିତୃଗୃହକୁ, ସବୁଦିନ





ଖରାପ ଶବ୍ଦ ଗୁଡ଼ିକ ଶୁଣିବାରେ ମୋର କାନ ଅଭ୍ୟସ୍ତ ହୋଇଯାଇଥିଲା ।

ଏହିଭଳି ବଙ୍ଗଳାଦେଶର ସଙ୍ଘର୍ଷ ସମୟରେ ଦିନେ ଜଣେ ସିପାହୀଙ୍କ ଠାରୁ ଟେଲିଫୋନ ଆସିଲା । ସନ୍ଧ୍ୟାବେଳେ ଦେଖା କରିବାକୁ ଆସି ଭାରତରେ ଆଶ୍ରୟ ନେଇଥିବା ବଙ୍ଗାଳୀ ରିଫିଦ୍ ସ୍ତ୍ରୀଲୋକମାନଙ୍କ ସମ୍ପର୍କରେ ସେ କହିଲେ, ଅନେକ ଗୁଡ଼ାଏ ବୁଢ଼ୀ ସ୍ତ୍ରୀ ଲୋକ ଅଛନ୍ତି, କେତେକ ଯୁବତୀ ମଧ୍ୟ ଅଛନ୍ତି । ମୁଁ ଆପଣଙ୍କୁ କହିବାକୁ ଚାହେଁ ଯେ, ଯେଉଁମାନେ ଆପଣଙ୍କ ନଭେଲ ପଢ଼ିଛନ୍ତି - ସେମାନେ ସ୍ତ୍ରୀ ଲୋକମାନଙ୍କ ପ୍ରତି ଅସଦ୍ ବ୍ୟବହାର କରନ୍ତି ନାହିଁ । କିମ୍ବା ଅସମ୍ମାନ ଦେଖାନ୍ତି ନାହିଁ । ମନେହେଲା ମୋର ଲେଖିବାଟା ସମ୍ପୂର୍ଣ୍ଣ ସାର୍ଥକ ହୋଇଯାଇଛି ।

ଜୁନ୍ ୧୯୭୨ରେ ନେପାଳର ଜଣେ ଔପନ୍ୟାସିକ ଧୁସମା ସାୟମି ନେପାଳ ଏମ୍ବାସିର କଲଚରାଲ କାଉନସିଲ ଭାବରେ ଦିଲ୍ଲୀ ଆସିବା ପରେ ମୋତେ ଭେଟିବାକୁ ଆସିଥିଲେ । କହିଲେ ମୋ ଡାଏରୀରେ ଗୋଟିଏ ଜାଗାରେ ଲେଖା ହୋଇଛି - "When I read, Amrita Pritam, my anti Iadian feelings vanished."

କଲମ ମୋର ଭାଙ୍ଗି ଦେଇଛି ଭେଦର ପାଚେରୀ । ମୋ ପ୍ରେମ ମୋତେ ପହଞ୍ଚାଇ ଦେଇଛି ସେଇ ଇଲାକାରେ । ସୀମାନ୍ତର ଗୋଟିଏ ଅଞ୍ଚଳରେ ବସି ୧୯୬୦ରେ ଏହି କବିତା ଲେଖିଥିଲି । ଆଜି ଆଉ ଏକ ଇଲାକା, ଯାହା ଦୂରଦୂରାନ୍ତ ଲୋକଙ୍କ ପ୍ରେମର ଇଲାକା, ଏଠି ପହଞ୍ଚି ମୁଁ ଆଶ୍ଚର୍ଯ୍ୟ ମଧ୍ୟ ହୋଇଛି ଏବଂ କୃତଜ୍ଞ ମଧ୍ୟ ହୋଇଛି ସେହି ରାସ୍ତା ପ୍ରତି । ଯେ ମୋତେ ଶେଷରେ ଆଣି ଏଇ ଇଲାକାରେ ପହଞ୍ଚାଇ ଦେଲା ।

**ସୂର୍ଯ୍ୟରଶ୍ମୀରୁ ଚେନାଏ :**

ଦେଶ ବିଭାଜନ ପୂର୍ବରୁ ଗୋଟିଏ ଜିନିଷକୁ ମୁଁ ଅତି ହେପାଜତରେ ମୋ ପାଖରେ ସାଇତି ରଖିଥିଲି । ଏହା ଥିଲା ସାହିରଙ୍କ କବିତା - 'ତାଜମହଲ' । ଯାହାକୁ ଫ୍ରେମ୍‌ରେ ବାନ୍ଧି ସେ ମୋତେ ଦେଇଥିଲେ । ଏହିପରି ଅନେକ କିଛି ମୂଲ୍ୟବାନ ସମ୍ପତି ଭଳି ମନେ ହୋଇଛି ।

ମୋ ବାପାଙ୍କ ପାଖରେ ଗୋଟିଏ ଅତି ସୁନ୍ଦର ପିତଳ ଡବା ଥିଲା । ତାହା ଭିତରେ ରେଶମ କନା ଉପରେ ଗୋଟିଏ ପତଳା ଚମଡ଼ାର ଖଣ୍ଡିଏ ଅତି ଯତ୍ନରେ ରଖାଯାଇଥିଲା । ତାହା ଥିଲା ତାଙ୍କ ଗୁରୁ ଗୋବିନ୍ଦ ସିଂହଙ୍କ ପିନ୍ଧା ଜୋତାରୁ ଟିକିଏ ଚମଡ଼ା । କି ଭକ୍ତି ଭାବନା ! ମୁଁ କବର ବିଷୟରେ କହୁଥିଲି, ପ୍ରତି ମୁହୂର୍ତ୍ତରେ କବର ଯେଉଁଥିରେ ମାନବୀୟ ସୌନ୍ଦର୍ଯ୍ୟ ଦିବ୍ୟରେ ରୂପାନ୍ତରୀତ ହୋଇଛି । ତାହାରି ଭିତରେ ପଡ଼ିରହିଛି ଇମ୍‌ରୋଜଙ୍କର କିଛି ପତ୍ର ଏବଂ କିଛି ସହଜାତ ଏବଂ ସାହିରଙ୍କ ପତ୍ର

ମୁଁ କେବେ ଏଭଳି ସମ୍ମିଳନୀରେ ଆଗ୍ରହ ପ୍ରକାଶ କରେନାହିଁ ।

୧୯୭୨ରେ ସ୍ୱାଧୀନତାର ୨୫ ବର୍ଷ ପୂର୍ତ୍ତି ଉତ୍ସବର ଆୟୋଜନ କରିବା ପାଇଁ ଏକ ସରକାରୀ ମିଟିଂ ଡକାଯାଇଥାଏ । କିଭଳି ଭାବରେ କବି ସମ୍ମିଳନୀ ଏବଂ ମୁସାଇରା ଇତ୍ୟାଦି ହେବ ସେ ସମ୍ପର୍କରେ ଆଲୋଚନା ହେବାପରେ ମୁଁ କହିଥିଲି – କବିତା, ଗୀତ ଓ ନାଟକ ବିଷୟରେ ଚିନ୍ତା କଲାବେଳେ, ଆମକୁ କେତେକ ମୌଳିକ ବିଷୟ ପ୍ରତି ଦୃଷ୍ଟି ଦେବାକୁ ହେବ । ପ୍ରଥମଟି ହେଲା – ଏହି ୨୫ ବର୍ଷ ମଧ୍ୟରେ ଆମେ କ'ଣ କରିଛେ । ଦ୍ୱିତୀୟତଃ ସାଧାରଣ ଲୋକର ଜୀବନ ଗଠନ କରିବାରେ ସାହିତ୍ୟର ଭୂମିକା ବିଷୟର ଆମର ଚିନ୍ତା ସ୍ପଷ୍ଟ ହେବା ଉଚିତ । ଏବଂ ଶେଷରେ ଆମର ରାଜନୈତିକ ନେତାମାନେ ନିଜ ଭିତରେ କିଭଳି ପରିବର୍ତ୍ତନ ଆଣିବା ଦରକାର, ଯାହାଫଳରେ ଲୋକମାନଙ୍କର ସେମାନଙ୍କ ପ୍ରତି ବିଶ୍ୱାସ ଜାତ ହେବ ।

କବି ଓ ସାହିତ୍ୟିକମାନଙ୍କ ଦ୍ୱାରା ପୂର୍ଣ୍ଣ ହୋଇଥିବା ହଲରେ ନୀରବତା ଛାଇଗଲା । ରାଜନୈତିକ ଲୋକଙ୍କୁ କିଛି କହିବା ପୂର୍ବରୁ ସାହିତ୍ୟିକ ମାନେ ପ୍ରଥମେ ନିଜକୁ ଦେଖିବା ଦରକାର ।

ମନେପଡ଼େ – ଥରେ ଏକ ୟୁନିଭରସିଟି ପାଇଁ କିଛି ପୁସ୍ତକ ଦାଖଲ କରାଯାଇଥିଲା । ବୋର୍ଡ ଏଗୁଡ଼ିକୁ ଗ୍ରହଣ କରିସାରିବାପରେ ଜଣାଗଲା – କୌଣସି ଏକ ପୁସ୍ତକର ସଂପାଦକ ଜଣେହେଲେ କବିଙ୍କ ଠାରୁ ତାଙ୍କର ରଚନା ବ୍ୟବହାର କରିବା ପାଇଁ ଅନୁମତି ନେଇନାହାନ୍ତି । କେତେକ ଏ ସମ୍ପର୍କରେ ଆପତି କଲେ । କିନ୍ତୁ ପ୍ରକାଶକଙ୍କ ଠାରୁ ପଇସା ପାଇ ଚୁପ୍ ହୋଇଗଲେ । ମୋର ଆପତିର ଏକ ମୌଳିକ କାରଣ ଥିଲା – ଶିଷ୍ଟାଚାର ଦୃଷ୍ଟିରୁ କୌଣସି ଲେଖକଙ୍କ ଲେଖା ବ୍ୟବହାର କଲେ ଅନୁମତି ନେବା ଆବଶ୍ୟକ । ମନେହୁଏ, ଏଭଳି ବୋର୍ଡଗୁଡ଼ିକ ଦୋଷପୂର୍ଣ୍ଣ । ଏହି ବୋର୍ଡଗୁଡ଼ିକ କେତେବେଳେ ନିଷ୍ପତି କରିପାରନ୍ତି ଯେ, ସବୁ କବିତାକୁ ବାହାର କରିଦିଅ । କିଛି ଅସୁବିଧା ହେବନାହିଁ ।

**କଳା ବାଦଲରେ ଆଲୋକର ବଳୟ :**

କଳାମେଘରେ ବି ସୁନେଲି ଜରିର ଧଡ଼ି ଲାଗିଯାଏ । ଆଶ୍ଚର୍ଯ୍ୟ ହୋଇ ମୁଁ ଆକାଶ ଆଡ଼କୁ ଚାହିଁରହିଲି ।

ଦିନେ ଅତି ଉଦାସ ଲାଗୁଥିଲା । ଗୋଟିଏ ଆମେରିକାନ ଉପନ୍ୟାସ ଅନୁବାଦ କରୁଥିଲି । ଏପରି କେତୋଟି ଶବ୍ଦ ଥିଲା ଯାହାର ଅର୍ଥ କୌଣସି ଡିକ୍ସନାରୀରେ ମିଳିଲା ନାହିଁ । ମୋର ସମସାମୟିକ ମାନେ ଡିକ୍ସନାରୀର ସବୁଠାରୁ ଖରାପ ଖରାପ ଶବ୍ଦମାନ ବାଛି ମୋ ପ୍ରତି ପ୍ରୟୋଗ କରୁଥିଲେ ।





ପାଇଁ । ସେତେବେଳେ ସ୍ୱାମୀ ବିଶ୍ୱମୋହନ ଜୀବିତ । ପୁରାତନ ଜମିଦାରର ପୁଅ ବିଶ୍ୱମୋହନ ଉଚ୍ଚଶିକ୍ଷିତ, ଦୃଷ୍ଟିଭଙ୍ଗୀ ଆଧୁନିକ । ତାଙ୍କର କଲେଜ ପଢୁଆ (ଝିଅ) ଭଉଣୀ ରେବା ନିଜେ ସ୍ୱାମୀ ମନୋନୀତ କଲା ଅନ୍ୟ ଜାତିରେ, ଆଉ ଶମ୍ଭୁନାଥ ଚୌଧୁରୀଙ୍କର ପାଲିଙ୍କି ଠିଆହେଲା – ବିଶ୍ୱମୋହନଙ୍କ ଦାଣ୍ଡରେ । ଚୌଧୁରୀ ବଂଶର ଝିଅ ଚନ୍ଦ୍ରକାନ୍ତା ସେହିଦିନ ବାପାଙ୍କ ସାଙ୍ଗରେ ପାଲିଙ୍କିରେ ଚଢ଼ି ପଳାଇ ଆସିଥିଲା । ସ୍ୱାମୀଙ୍କ ମୃତ୍ୟୁଖବର ପାଇ ମଧ୍ୟ ସେଠାକୁ ସେ ଯାଇନାହାନ୍ତି ଆଉ । ଚମକି ପଡ଼ିଲା ମାଳା, ସାମନାରେ ଚନ୍ଦ୍ରକାନ୍ତ ଠିଆ ହୋଇଛନ୍ତି । ଅଥଚ ସେ କ'ଣ ଭାବିଚାଲିଛି ।

ଚନ୍ଦ୍ରକାନ୍ତା ତଳକୁ ଓହ୍ଲାଇ ଯାଉଛନ୍ତି । ସିଡ଼ିରେ ପାଦଶବ୍ଦ ଶୁଭୁଛି । ଆଭିଜାତ୍ୟର ବିଳୟମାନ ପଦଧ୍ୱନୀ । ଛଅବର୍ଷ ହେବ ଏ ଘରକୁ ଆସିଥିଲା ମାଳା – ଶମ୍ଭୁନାଥ ଚୌଧୁରୀ ତାଙ୍କୁ ବୋହୂକରି ଆଣିଥିଲେ । ଥରକ ପାଇଁ ବଂଶମର୍ଯ୍ୟାଦା, ଆଭିଜାତ୍ୟ ଓ ଏକାକିନୀର ବିଚାର ଜୀବନରେ ତାଙ୍କୁ ବନ୍ଦ କରି ରଖିବାକୁ ପଡ଼ିଥିଲା । ଏକମାତ୍ର ପୁତ୍ର ଅନଘର ଜିଦ୍ ନିକଟରେ ନୀରବରେ ମୁଣ୍ଡ ନୁଆଁଇ ଦେଇଥିଲି ।

ମାଳା ଆସିଲା – ରୂପର ମାଧୁରୀ ଆଉ ଗୁଣର ସମ୍ଭାରରେ ଶମ୍ଭୁନାଥ ଚୌଧୁରୀଙ୍କର ପୁରୁଣା ମହଲ ଭିତରେ ନୂଆ ସୁଷମାର ସ୍ରୋତ ବୋହିଲା । ଖୁସିହେଲେ ସମସ୍ତେ । ସମସ୍ତେ ପ୍ରଶଂସା କଲେ ମାଳାକୁ । ଶମ୍ଭୁନାଥ ଚୌଧୁରୀଙ୍କ ସେହି ଅତ୍ୟାଚାରର କାହାଣୀ ଆଉ ସେତେବେଳେ ମନେ ପଡ଼ିଲା ନାହିଁ କାହାର । ଉତ୍ସବମୁଖର ଘର ପୁଣି ଦିନେ ନୀରବ ହୋଇଗଲା । ଶମ୍ଭୁନାଥ ଚୌଧୁରୀଙ୍କ ବଂଶରକ୍ଷା ହେବାର କୌଣସି ଲକ୍ଷଣ ଆଉ ଦେଖାଗଲା ନାହିଁ । ହତାଶ ଚୌଧୁରୀ ଏକ ଆହତ ମନ ନେଇ ଆରପାରିକୁ ଚାଲିଗଲେ ।

ମାଳାର ଅନୁରାଗ ଭରା ବିକଳ କାନ୍ଦଣାକୁ ଶାନ୍ତ କରୁ କରୁ ସେଦିନ ଅନଘ କହିଥିଲା – ଦେଖ ମାଳା ! ଏଇ ବଂଶରକ୍ଷାଟା ଗୋଟିଏ ପୁରୁଣାକାଳିଆ ମନୋଭାବ । ଆମ ଦୁହିଁଙ୍କର ସମ୍ପର୍କ ନିବିଡ଼ତା ଭିତରେ ମୁଁ ତ କାଲି ତୃତୀୟ ବ୍ୟକ୍ତିର ଉପସ୍ଥିତି ଦରକାର କରୁନାହିଁ । ମାଳାର ତଳକୁ ଓହ୍ଲାଇଯିବାର ଇଚ୍ଛା ହେଉଛି କିନ୍ତୁ ଦୁର୍ବଳ ଶରୀର । ସେଥିପାଇଁ ଅନୁମତି ଦେଉନାହିଁ । ଡାକ୍ତରଙ୍କ ଚେକ୍ଅପ୍ ଆଉ ଦରକାର ହେବନାହିଁ । ରକ୍ତହୀନ ଦୁର୍ବଳ ଶରୀରଟା ମାଳାର କମ୍ପିଉଠିଲା ଆନନ୍ଦରେ । ମାଳାର ଶରୀରକୁ ଡାକ୍ତରଙ୍କୁ ଦେଖାଇବାକୁ ଶାଶୁ କହୁଛନ୍ତି । ମାତ୍ର ଚନ୍ଦ୍ରକାନ୍ତ ରାଜି ହେଉନାହାନ୍ତି । ଦୁନିଆଟାଯାକ ସବୁ ସ୍ତ୍ରୀ ଲୋକ ଛୁଆ ଜନ୍ମ କରୁଛନ୍ତି ନା ଏହି ଏକା । ହଠାତ୍ ଦ୍ୱାର ପାଖରେ ଅନଘକୁ ଦେଖି ଚମକି ଉଠିଲା ମାଳା ।

ଶେଷକୁ ମୁହଁ ଖୋଲିଲା ଅନଘ –

ତୁମର ଗର୍ଭରେ କାହାର ସନ୍ତାନ ମାଳା ? ବିକୃତ ଦିଶିଲା ଅନଘର ମୁହଁ । ମାନେ ? ମାଳାର ସମସ୍ତ ଶରୀର କମ୍ପିଉଠିଲା । ମାନେ ବହୁତ ସହଜ ମାଳା । ମୋର ବିଶ୍ୱାସକୁ ତୁମେ ଏଭଳି ଭାଙ୍ଗିଦେବ ବୋଲି ମୁଁ କଳ୍ପନା କରିପାରୁନାହିଁ । କ୍ରୋଧର ଚାପରେ ଗର୍ଜନ କରୁଛି ଅନଘ । ସନ୍ତାନର ପିତା ହେବାପାଇଁ ମୋର କ୍ଷମତା ନାହିଁ । ଡାକ୍ତର କହିଛନ୍ତି ମୋତେ । ଏହା ଶୁଣି ମାଳା ଚେତା ହରାଇଲା ।

ସେହି ଅଚେତ ଶରୀରଟା ଉପରେ ଓ ଘୃଣାର ବିଷ ଅଜାଡ଼ିଦେଇ ଅନଘ ଘରୁ ବାହାରିଗଲା । ଅତ୍ୟନ୍ତ ଉତ୍କଣ୍ଠାରେ ଶାଶୁ ଦୁଆର ମୁହଁରେ ଠିଆ ହୋଇଛନ୍ତି । ଡାକ୍ତର ପରୀକ୍ଷା କରୁଛନ୍ତି ମାଳାକୁ । ଡାକ୍ତର କହିଲେ - ଡାକନ୍ତୁ ଅନଘବାବୁଙ୍କୁ । ଯାଙ୍କୁ ଘରେ ଅପରେସନ କରିଦେବା ଦରକାର । ଘଣ୍ଟାଏ କାଳ ଅପରେସନ ଚାଲିଲା । ବୈଠକଖାନାରେ ବସି ଅନଘ ଭାବୁଛନ୍ତି । ଏଇଠି ଯଦି ଏ ଲଜ୍ଜାର ପରିସମାପ୍ତି ହୋଇଯାଆନ୍ତାକି । ଡାକ୍ତର ଆସି କହିଲେ ଗର୍ଭାଶୟରେ ମସ୍ତବଡ଼ ଗୋଟିଏ ଟ୍ୟୁମର । ପୁଣି ଦେହ ଅତ୍ୟନ୍ତ ଦୁର୍ବଳ, ପୁଣି ରକ୍ତହୀନ । ରୋଗୀଣୀକୁ ରକ୍ଷା କରିପାରିଲି ନାହିଁ ଅନଘବାବୁ ।

ଡାକ୍ତରଙ୍କର ଅପସୃୟମାଣ ମୁହଁକୁ ଚାହିଁ ନିଃଶଙ୍କୋଚରେ ଚିତ୍କାର କରୁଥିଲା ଅନଘ - ଟିଉମର ! ସନ୍ତାନ ନୁହେଁ, ଟିଉମର, ଡାକ୍ତର !

ବାସ୍ତବିକ - ଗାଳ୍ପିକା ନନ୍ଦିନୀ ଶତପଥୀଙ୍କ ଦ୍ୱିତୀୟ ଗଳ୍ପ ସଂକଳନ "ସପ୍ତଦଶୀ"ର ଗଳ୍ପଗୁଡ଼ିକ ବେଶ୍ ହୃଦୟସ୍ପର୍ଶୀ ଓ ମନୋମୁଗ୍ଧକର ଓ ସାମାଜିକ ଶିକ୍ଷଣି ଅଟେ ।

**ନନ୍ଦିନୀ ଶତପଥୀଙ୍କର 'କବିତା ସଂକଳନ' - "ଉତର ପୁରୁଷ"**

ଓଡ଼ିଆ କବିତାରେ ପ୍ରଗତିଶୀଳ ଚିନ୍ତାଧାରା :-

ଓଡ଼ିଆ ସାହିତ୍ୟରେ ପ୍ରଗତିଶୀଳ ଚିନ୍ତାଧାରାର ଇତିହାସ ସହିତ ବିଂଶ ଶତକର ତୃତୀୟ ଦଶକରେ ବିଶ୍ୱ ସାହିତ୍ୟର ଚିନ୍ତାଧାରାରେ ଯେଉଁ ନୂତନ ପରିବର୍ତନ ସଂଗଠିତ ହୋଇଥିଲା, ତାହା ଜଡ଼ିତ । ସମାଜର ବାସ୍ତବ ଦିଗଗୁଡ଼ିକୁ ସାହିତ୍ୟରେ ଦେଖାଇ ଦିଆଯାଏ । ଅଥଚ ଏହାର ସୁସ୍ଥ ସମାଧାନ କେଉଁଠି, ସେ ପାଇଁ କୌଣସି ପନ୍ଥା ନିର୍ଦ୍ଦେଶ କରାଯାଏ ନାହିଁ । ଆମ ଦେଶରେ ମଣିଷ ନିଜର ସାମାଜିକ ଶୋଷଣ ବ୍ୟବସ୍ଥା ବିରୁଦ୍ଧରେ ପ୍ରତିବାଦ କରି ଶିଖିଛି ଓ ଏହି ସମୟରୁ ପ୍ରଗତିଶୀଳ ସାହିତ୍ୟର ଜନ୍ମ । ପ୍ରଗତିଶୀଳ ସାହିତ୍ୟରେ ଓଡ଼ିଆ ମାଟିର ଉଦ୍‌ଭାବକ ମାନଙ୍କ ଭିତରେ ରହିଛନ୍ତି - ଭଗବତୀଚରଣ ପାଣିଗ୍ରାହୀ ।





୧୯୭୨ ମସିହା ମାର୍ଚ୍ଚରେ ହିନ୍ଦୁ ସମାଲୋଚକ ନାମବର ସିଂଙ୍କୁ ଯେତେବେଳେ ସାହିତ୍ୟ ଏକାଡେମୀ ପୁରସ୍କାର ମିଳିଲା, ଆଲୋଚନା ବିଭାଗ ପାଇଁ, ସେତେବେଳେ ପାଞ୍ଚ ମିନିଟ୍‌ର ଭାଷଣ ଦେଇ ସେ କହିଥିଲେ - ଆଲୋଚନା ଏହା ଏକ ଭଲ ବ୍ୟାଖ୍ୟା । କିନ୍ତୁ ଏକତରଫା, ମୁଁ ଅନେକ ବେଳଯାଏ ଚିନ୍ତା କଲି । ଯଦି ସାହିତ୍ୟ ଗୋଟିଏ ଘର ହୁଏ, ତେବେ କ'ଣ ନିଜ ଭିତରର ଧୂଳିମଳିକୁ ଅନ୍ୟର ଦୁଆରେ ଫୋପାଡ଼ିଦେବାର ରୁଚି ।

ସ୍କୁଲ, କଲେଜର ପାଠ୍ୟକ୍ରମର ପାଠ୍ୟ ପୁସ୍ତକ ଯେଉଁମାନଙ୍କର କର୍ତୃତ୍ୱରେ ଥିଲା, ସେମାନେ ସେଗୁଡ଼ିକୁ ମଧ୍ୟ ବଦଳାଇବାକୁ କୁଣ୍ଠିତ ହେଲେନାହିଁ । ବହିର ପୃଷ୍ଠାଗୁଡ଼ିକ ଆତ୍ମସ୍ତୁତି ଓ ପରନିନ୍ଦାରେ ପୂର୍ଣ୍ଣ ହେବାକୁ ଲାଗିଲା । ଦିନେ ଅତି ଦୁଃଖର ସହ ବିର୍କ ଏ ସମ୍ପର୍କରେ କହିଲେ - ଦୁନିଆଁରେ ଆଉ ଏଭଳି କୌଣସି ଭାଷାରେ ହୁଏନାହିଁ । କେବଳ ପଞ୍ଜାବୀ ଭାଷା ଛଡ଼ା । ଭାବିଲେ ଯେଭଳି ପିତାମାତା ବାଛିବା ଆମ ହାତରେ ନାହିଁ । ସେଭଳି ନିଜର ଭାଷାରେ ମଧ୍ୟ ନଥାଏ । କଲମ ଧରିବି ବୋଲି ଯେଉଁଦିନ ଠିକ୍ କରିନେଇଥିଲି, ସେହିଦିନ ଏହିସବୁ କଥା ମଧ୍ୟ ଗ୍ରହଣ କରାଯାଇଥିଲା ।

ବିର୍କ କହୁଥିଲେ - ତୁମେ ଭଲ ବା ମନ୍ଦ ଯାହା ଲେଖ, କାହାର କ'ଣ ଯାଏଆସେ । ମୁଁ ବି ସବୁବେଳେ ଏହି ଗୋଟିଏ ପ୍ରଶ୍ନ ସମସ୍ତଙ୍କୁ ପଚାରି ବୁଝୁଥିଲି । ଯଦି ମୋର ଗଳ୍ପ ଓ କବିତାରୁ କେହି ଲାଭବାନ ହେଲେ ନାହିଁ, ତାହାହେଲେ ଲାଭ କ'ଣ ? ମୋର ଲେଖା ପାଇଁ ମୁଁ କେବେ କୌଣସି ସ୍ୱୀକୃତି ଚାହେଁନାହିଁ ।

ବିର୍କ ମୋର ମନର କଥାକୁ ହିଁ ଦୋହରାଇଥିଲେ । ମୁଁ ତାଙ୍କର ଓ ମୋର ମନକୁ ଜାଣିବା ପାଇଁ ତାଙ୍କୁ ମୋର ନୂଆ ଉପନ୍ୟାସ ଦେଖାଇଲି । ଏହି ଉପନ୍ୟାସ 'ଅକାଦା ବୁଟା' ଆକ ଗଛ କଟୁଶବ୍ଦର ପ୍ରତୀକ । ଆକ ଗଛରେ କେହି ଲଗାନ୍ତି ନାହିଁ । ଏହା ଆପେ ଆପେ ଉଠିଥାଏ । ସତେ ଯେପରି ତା'ର ଡେଣାରେ ସବୁ ବୀଜ ଲାଗି ରହିଛି । ଆକ୍ ର ବୀଜ ଉଡ଼ି ଉଡ଼ି ଦୁନିଆର କେଉଁଠି ଯେ କେତେବେଳେ ପହଂଯାଏ... । ଘରମାନଙ୍କର ପକ୍ଷ କେବଳ ଲୋକକଥାରେ ଦେଖିଥିଲି । କିନ୍ତୁ ମହାନୁଭୂତିର ବୀଜ ପକ୍ଷ ଲଗାଇ ଉଡ଼ଇଲାବେଳେ, ଏହି ଧାରଣା ଉପରେ ବି ମୁଁ ତାଙ୍କୁ ଦେଖିଲି ।

**ଏକ ନୀରବତା :**

ଯେପରି କବି ସମ୍ମିଳନୀରେ ସବୁ ହୁଏ, ସେଥିରେ ମୋର କବିତା ଖାପ ଖାଏନାହିଁ । ତେଣୁ

ଦାୟିତ୍ୱ ଥିଲା ।

କିନ୍ତୁ ମୁଁ ଏକାକୀ ନଥିଲି । ମୋ ସହିତ ଠିଆ ହୋଇଥିଲା ଏକ ସୁନ୍ଦର ସମୟ । ଆମ୍ଭେ ବିବ୍ରତ ହୋଇଗଲୁ, କିନ୍ତୁ ଦୁଃଖିତ ନୁହେଁ ।

**ଏକ ବନ୍ଧୁତାର ମୃତ୍ୟୁ :**

"ମୁଁ ତୁମକୁ ଭ୍ରମରେ ପକାଇଥିଲି । ସେଥିପାଇଁ ମୁଁ ଦୁଃଖିତ । ଗୋଟିଏ ମୁହୂର୍ତ୍ତ ଏହି କଥା କହିଲାବେଳେ ଅନ୍ୟ ମୁହର୍ତଟି କହୁଛି ମୁଁ ତୁମର ଭ୍ରମ ଦୂର କରିଦେଲି, ସେଥିପାଇଁ ମୁଁ ଆନନ୍ଦିତ ।

ଜଣେ ଉଦୀୟମାନ ପଞ୍ଜାବୀ କବିଙ୍କ ସହ ଏହା ଥିଲା ବନ୍ଧୁତ୍ୱର କଥା । ଭାବିଲେ ଭାରି ମୋତେ ଆଶ୍ଚର୍ଯ୍ୟ ଲାଗେ । ମନର ଭୂଇଁରେ ଯେତେବେଳେ ବର୍ଷା ଝରେ, ସେଥିରୁ ଏକ ପ୍ରକାର ସୁଗନ୍ଧି ବିଚ୍ଛୁରିତ ହୁଏ । ପୁଣି ସେତେବେଳେ ତାହା ଶୁଷ୍କ ହୋଇଯାଏ । ସେଥିରୁ ଧୂଳି ହିଁ ଉଡ଼େ । ସେହି ପର୍ଯ୍ୟନ୍ତ, ଯେ ପର୍ଯ୍ୟନ୍ତ ମଣିଷ ପଥର ହୋଇ ନ ଯାଇଛି । ମୁଁ ପଥର ହୋଇନାହିଁ, କାରଣ ଏ ପର୍ଯ୍ୟନ୍ତ ବି ବିସ୍ମିତ ଚକ୍ଷୁ ମେଲି ଦୁନିଆକୁ ଦେଖୁଛି ।

ମୋର ଶେଷ କଥା ଥିଲା, ବନ୍ଧୁ ମୋ ଜୀବନର ଏହା ଏକ କଠିନ ଦିନ । ମୋ ଭଳି ମୋ ନିଜର ପିଲା ବା ଇମରୋଜ୍ ଭଳି ବନ୍ଧୁ ବିଦେଶରୁ ଫେରୁଛି ଏବଂ କିଛି ଟଙ୍କା ପାଇଁ ମୋର ସାମନାରେ ମିଛ କହୁଛ । ଆଉ କାହାକୁ ଦେଖି ମୁଁ ମୁକ ପାଲଟି ଯାଉଛି ।

କେବଳ ଗୋଟିଏ ଶବ୍ଦ ଥିଲା, "ଆମି" - ଯେଉଁ ନାମରେ ମତେ ଖାଲି ସମ୍ବାଦ ହିଁ ଡାକୁଥିଲେ । ଯେତେବେଳେ ଭାରତ ଓ ପାକିସ୍ଥାନ ବିଭାଜନ ହେଲା - ମୋ କାନ ସେହି ଶବ୍ଦ ଶୁଣିବା ପାଇଁ ବଂ୍ଚିତ ହେଲା । ମୁଁ ଇମରୋଜଙ୍କୁ କହୁଥିଲି ବାରମ୍ବାର, ମୋତେ ସେହି 'ଆମି' ନାମରେ ଡାକିବା ପାଇଁ । ଦିନେ ସନ୍ଧ୍ୟାରେ କଥାହେବା ସମୟରେ 'ସଜ୍ଜାଦ'ଙ୍କର ପ୍ରସଙ୍ଗ ଏବଂ ତାହା ସହିତ ଏହି ନାମ କଥା ମଧ୍ୟ ଉଠିଥିଲା । ସେ ମୋତେ ଏହି ନାମରେ ଡାକିବାର ଅଧିକାର ମାଗିନେଲେ । ତା' ପରଠାରୁ ମୋତେ ସେହି ନାମରେ ସମ୍ବୋଧନ କରୁଥିଲେ । କିନ୍ତୁ ଯେଉଁଦିନ ସିଏ ଅଚିହ୍ନା ହୋଇଗଲେ ସେହିଦିନ ଏହି ନାମ ଭୁଲିଗଲେ... ଏହାହିଁ ସ୍ୱାଭାବିକ ଥିଲା ।

ସେ ଚାଲିଯିବା ପରେ ଏବଂ ଆଜି ଶେଷ ବିଚାରର ଦିନରେ... ମୁଁ ନିଶ୍ଚିନ୍ତରେ ନିରୀକ୍ଷଣ କରୁଥିଲି, ଯେଉଁ ମୁହୂର୍ତ୍ତଟି ଏହି ବନ୍ଧୁତ୍ୱକୁ ଜନ୍ମ ଦେଇଥିଲା, ତାହା ବିଷର୍ଣ୍ଣ ମୁହଁରେ ମୋତେ ଅତିକ୍ରମ କରି ଚାଲିଯାଇଛି । କିନ୍ତୁ ତାହାର ମୃତ୍ୟୁର ମୁହର୍ତଟି ବିଷାଦପୂର୍ଣ୍ଣ ନୁହେଁ ।

**ସତ୍ୟର ବୀଜ :**





ସର୍ବଭାରତୀୟ ସ୍ତରରେ ମଧ୍ୟ ସାମ୍ୟବାଦ ଭାବନା ପ୍ରବେଶ କରିସାରିଥିଲା । ଭାରତର ରାଜନୀତିରେ ମଧ୍ୟ ଏହାର ପ୍ରଭାବ ଫଳରେ କଂଗ୍ରେସରୁ କମ୍ୟୁନିଷ୍ଟ ମାନେ ଅଲଗା ହୋଇଯାଇଥିଲେ । ଯେଉଁ ସାହିତ୍ୟ ଶକ୍ତି ବା ଗତିଶୀଳତା ଆଣିଦିଏନାହିଁ, ଯାହା ଆମ ସୌନ୍ଦର୍ଯ୍ୟବୋଧର ଜାଗୃତି ଘଟାଇପାରେ ନାହିଁ ଏବଂ ଯଥେଷ୍ଟ ସଂକଳ୍ପର ସହିତ ଯାହା ଆମକୁ ଜୀବନର ନିରାଟ ବାସ୍ତବତାଗୁଡ଼ିକର ସମ୍ମୁଖୀନ ହେବାରେ କୌଣସି ସାହାଯ୍ୟ କରେନାହିଁ, ଆଜି ଆମ ଲାଗି ସେ ସାହିତ୍ୟର ଆଦୌ ପ୍ରୟୋଜନ ନାହିଁ ।

ଯେଉଁ କେତେଜଣ ପ୍ରଗତିଶୀଳ ସାହିତ୍ୟ କ୍ଷେତ୍ରରେ ଆଗୁଆ ଥିଲେ, ସେମାନେ ସମସ୍ତେ ଥିଲେ ରାଜନୀତି କ୍ଷେତ୍ରରେ ବାମପନ୍ଥୀ ଆଭିମୁଖ୍ୟଙ୍କ ପୋଷକ । ଏବେ ସୁଦ୍ଧା କେତେକ କବି ଏହି ଆଭିମୁଖ୍ୟ ନେଇ କବିତା ଲେଖୁଛନ୍ତି । ଯେଉଁ କେତେଜଣ କବି, ଭଗବତୀଚରଣ ପାଣିଗ୍ରାହୀଙ୍କ ନେତୃତ୍ୱରେ ପ୍ରତିଷ୍ଠିତ 'ନବଯୁଗ ସାହିତ୍ୟ ସଂସଦ'ର ପ୍ରଗତିଶୀଳ ଆଭିମୁଖ୍ୟକୁ ବଞ୍ଚାଇରଖି ସାହିତ୍ୟ କ୍ଷେତ୍ରରେ ନୂତନତ୍ୱର ପରିଚୟ ପ୍ରଦାନ କରିଅଛନ୍ତି, ସେମାନଙ୍କର ସାଧନା ସାହିତ୍ୟକାଶରେ ଚିରସ୍ମରଣୀୟ ।

ଓଡ଼ିଆ କବିତାରେ ପ୍ରଗତିବାଦୀ ଚେତନାର ପଦଧ୍ୱନୀ :-

ଓଡ଼ିଆ କବିତାରେ ପ୍ରଗତିବାଦୀ ଚେତନାର ପଦଧ୍ୱନୀ ନିଖୁଣ ଭାବରେ ପ୍ରତିପାଦିତ ହୋଇଥିଲା । ସର୍ବତ୍ର, ସମଦର୍ଶନ, ବସୁଧାର ସମସ୍ତଙ୍କୁ ଆପଣାର କୁଟୁମ୍ବ ମନେ କରିବା ଭାରତୀୟ ଦର୍ଶନର ଏକ ସମୁଚ୍ଚ ଆଦର୍ଶ ଭାବରେ ସ୍ୱୀକୃତି ଲାଭ କରିଅଛି । ଯୁଗ ଯୁଗ ଧରି ପାରମ୍ପରିକ ବିଶ୍ୱାସ ବିରୁଦ୍ଧରେ ଅବଶ୍ୟ ଏଠାରେ ପ୍ରତିବାଦର ସ୍ୱର ମଧ୍ୟ ଧ୍ୱନିତ ହୋଇଛି । ମାତ୍ର ଏହା ଥିଲା ଅତୀବ କ୍ଷୀଣ । ସମାଜରେ କୌଣସି ସମ୍ପତ୍ତି ବ୍ୟକ୍ତିଗତ ହୋଇ ରହିବ ନାହିଁ । ସମସ୍ତ ସମ୍ପଦ ହେବ ରାଷ୍ଟ୍ରର ଅଧିକାରଭୁକ୍ତ । ସଂକ୍ଷେପରେ କହିଲେ, ବ୍ୟକ୍ତିଗତ ସମ୍ପତ୍ତିର ଉଚ୍ଛେଦ ହୋଇଛି, ଏହି ମତବାଦର ମୂଳତତ୍ତ୍ୱ ଏହି ବିଚାରଧାରାକୁ ଭିତିକରି ଗଢ଼ି ଉଠିଥିଲା - ପ୍ରଗତିବାଦୀ ଚେତନା, ଭାରତର ବହୁ ବୁଦ୍ଧିଜୀବୀ, ଜନନାୟକ ଏହି ରାଜନୈତିକ ସିଦ୍ଧାନ୍ତକୁ ସ୍ୱାଗତ କରିଥିଲେ । ଭାରତର ବିଭିନ୍ନ ପ୍ରାନ୍ତରେ ପ୍ରଗତିବାଦୀ ଆଦର୍ଶରେ ଅନୁପ୍ରାଣିତ ହୋଇ ଜନଚେତନା ସୃଷ୍ଟି ତଥା ନୂତନ ସାହିତ୍ୟ ସୃଷ୍ଟି ପାଇଁ ପ୍ରଚୁର ଆଗ୍ରହ ପ୍ରକାଶ ପାଇଥିଲା ।

ସ୍ଥୁଳତଃ ମାର୍କ୍ସବାଦ ପ୍ରଭାବିତ ସାହିତ୍ୟ ସମ୍ପ୍ରତି ପ୍ରଗତିଶୀଳ ସାହିତ୍ୟ ନାମରେ ଓଡ଼ିଆ, ବଙ୍ଗଳା, ହିନ୍ଦୀ ପ୍ରଭୃତି ସାହିତ୍ୟରେ ପରିଚିତ । ଏହି ମତବାଦର କବି ଓ ଲେଖକଗଣ ସାହିତ୍ୟକୁ ଜନକ୍ରାନ୍ତର ମାଧ୍ୟମ ଭାବରେ ଗ୍ରହଣ କରିଅଛନ୍ତି । ସାହିତ୍ୟ ସୃଷ୍ଟି ମାଧ୍ୟମରେ କୃଷକ ଓ ଶ୍ରମିକମାନଙ୍କୁ ବିଦ୍ରୋହ ଭାବପୂର୍ଣ୍ଣ କରିବା ଏମାନଙ୍କର ଉଦ୍ଦେଶ୍ୟ । ନିମ୍ନ ଓ ଦଳିତ ଶ୍ରେଣୀର ସମସ୍ୟା ଚିତ୍ରଣ ଓ ଉଚ୍ଚଶ୍ରେଣୀର

ନୀତି ଓ ଛଦ୍ମାଚରଣକୁ ଉନ୍ମୋଚିତ କରି ବାସ୍ତବର ସହିତ ତାହାକୁ ଉପସ୍ଥାପନା, ସମାଜର ପ୍ରାଚୀନ ଚଳଣି ଓ ଆଦର୍ଶର ବିରୋଧ, ନାରୀ ସ୍ୱାଧୀନତା ପ୍ରତି ସମର୍ଥନ ଏହି ମତବାଦୀ ସାହିତ୍ୟର ଆଦର୍ଶ ।

୧୯୩୪ ମସିହାରେ 'ସାରଥୀ' ନାମକ ଏକ ସାପ୍ତାହିକ ପତ୍ରିକାକୁ କେନ୍ଦ୍ରକରି ଓଡ଼ିଶାରେ ସମାଜବାଦୀ ଚେତନା ପ୍ରସାରଣର ଅୟମାରମ୍ଭ ହୋଇଥିଲା । ସେହିବର୍ଷ ମାର୍ଚ୍ଚମାସରେ ଏହା ପ୍ରଥମେ ନବକୃଷ୍ଣ ଚୌଧୁରୀ, ମାଳତୀଦେବୀ ଓ ଭଗବତୀ ଚରଣ ପାଣିଗ୍ରାହୀଙ୍କ ଉଦ୍ୟମରେ ପ୍ରକାଶିତ ହୋଇଥିଲା । ଓଡ଼ିଶାରେ ଏହି ପ୍ରଗତିବାଦୀ ଚେତନାକୁ କବିତା, ଗଳ୍ପ, ଉପନ୍ୟାସ ଓ ପ୍ରବନ୍ଧ ମାଧ୍ୟମରେ ଅଭିବ୍ୟକ୍ତି କରିବାରେ ଯେଉଁମାନେ ସର୍ବାଦୌ ଉଦ୍ୟମ କରିଥିଲେ - ସେମାନେ ହେଉଛନ୍ତି ଭଗବତୀ ଚରଣ ପାଣିଗ୍ରାହୀ, ସଚ୍ଚିଦାନନ୍ଦ ରାଉତରାୟ, ଅନନ୍ତ ପଟ୍ଟନାୟକ, ଗୁରୁଚରଣ ପଟ୍ଟନାୟକ, ରାମପ୍ରସାଦ ସିଂ, ପ୍ରାଣନାଥ ପଟ୍ଟନାୟକ ପ୍ରଭୃତି ଲେଖକଗଣ ।

ଏହି ଉଦାର ମାନବବାଦୀ ଚେତନାର ପ୍ରସାର ଫଳରେ ଓଡ଼ିଶାର ରୋମା[ିକ୍ କବିମାନଙ୍କ ଦୃଷ୍ଟିରେ ମଧ୍ୟ ପରିବର୍ତ୍ତନ ଘଟିଥିଲା । କାଳିନ୍ଦୀଚରଣ ପାଣିଗ୍ରାହୀ, ବୈକୁଣ୍ଠନାଥ ପଟ୍ଟନାୟକ, ଗୋଦାବରୀଶ ମହାପାତ୍ର, କୁଞ୍ଜବିହାରୀ ଦାସ, କୃଷ୍ଣଚନ୍ଦ୍ର ତ୍ରିପାଠୀ, ଲକ୍ଷ୍ମୀଧର ନାୟକ, ପ୍ରଭୃତି ଏ ସମ୍ପର୍କରେ ସ୍ମରଣୀୟ । କ୍ରମେ ଏହି ଚେତନାର ବୈପ୍ଲବିକ ଓ ସଂଗ୍ରାମୀ ଆଭିମୁଖ୍ୟ କେତେକ ପରିମାଣରେ ବଦଳି ଯାଇଛି । ଏହି ଚେତନାର ପ୍ରସାର ଫଳରେ କବିତା କ୍ଷେତ୍ରରେ ପାରମ୍ପରିକ ପ୍ରକାଶଭଙ୍ଗୀ ଅନୁପ୍ରବିଷ୍ଟ ହୋଇଅଛି ।

କବିତାକୁ ଜନସାଧାରଣଙ୍କ ନିକଟରେ ଉପସ୍ଥାପିତ କରାଇବା ଏହି କବିମାନଙ୍କ ଉଦ୍ଦେଶ୍ୟ ହୋଇଥିଲେ ହେଁ ଏହା ସାର୍ଥକ ହୋଇପାରିଛି ବୋଲି କୁହାଯାଇ ନ ପାରେ । କବିତା ଅବା ସାହିତ୍ୟର ଲକ୍ଷ୍ୟ କେବଳ ସମାଜର ନିମ୍ନବର୍ଗଙ୍କ ସମସ୍ୟା ଚିତ୍ରଣରେ ସୀମିତ ରହିବ ଓ ପ୍ରଚାରଧର୍ମୀ ହେବ, ସମର୍ଥନନୀୟ ହେବ - ଏକଥା ମନେହୁଏନାହିଁ । ସାମ୍ୟବାଦୀ ଚେତନା ସାମ୍ପ୍ରତିକ ସାହିତ୍ୟ କ୍ଷେତ୍ରରେ ଉଦାର ମାନବବାଦୀ ଚେତନା ରୂପରେ ଜୀବିତ ରହିବା ସଙ୍ଗେ ସଙ୍ଗେ ଲାଭ କରିଛି - ବଳିଷ୍ଠ ସ୍ୱୀକୃତି ।

ବାପା କାଳିନ୍ଦୀଚରଣ ଓ ଦାଦା ଭଗବତୀଚରଣଙ୍କର ଆଦର୍ଶରେ ଅନୁପ୍ରାଣିତ ଥିଲେ - ନନ୍ଦିନୀ ଶତପଥୀ । ତାଙ୍କର କବିତା ସଂକଳନ - 'ଉତର ପୁରୁଷ' କବିତା ଗୁଚ୍ଛରେ ସାଧାରଣତଃ ପାଠକ ଓ ପାଠିକାମାନଙ୍କ ପାଇଁ ଓଡ଼ିଆ କବିତାରେ ପ୍ରଗତିବାଦୀ ଚେତନାର ପଦଧ୍ୱନୀ ପ୍ରତିଫଳିତ କରିଅଛନ୍ତି କହିଲେ ଅତ୍ୟୁକ୍ତି ହେବନାହିଁ ।

ସେହି ପ୍ରଗତିଶୀଳ ଚିନ୍ତାଧାରାର ସାରଥୀ - କମ୍ରେଡ୍ ଭଗବତୀ ଚରଣ ପାଣିଗ୍ରାହୀଙ୍କ ଉତରଦାୟିନୀ – ନନ୍ଦିନୀ ଶତପଥୀ । ପିଲାଟି ଦିନରୁ କକେଇ ଭଗବତୀଚରଣ ପାଣିଗ୍ରାହୀଙ୍କ ସାହିତ୍ୟିକ





ଅଧିବେଶନରେ ଯୋଗ ଦେବାପାଇଁ ୧୯୭୩ରେ ମସ୍କୋ ଯାଇଥିଲି ।

ମୋର ଡାଏରୀ ଲେଖିବାର ଅଭ୍ୟାସ ନାହିଁ । ମାତ୍ର ଯାତ୍ରା ସମୟରେ ମୁଁ ବାରମ୍ବାର ଡାଏରୀ ଲେଖେ । ଅଦ୍ଭୁତ ଭାବରେ ଏକାକୀ ଲାଗୁଥିଲା । ଉଡ଼ାଜାହାଜ ଝରକାରୁ ବାହାରକୁ ଚାହିଁବା ବେଳେ ମନେ ହେଉଥିଲା କିଏ ସତେକି ଆକାଶକୁ ଚିରି ଦୁଇଭାଗ କରିଦେଇଛି । ପ୍ରତୀତ ହେଉଥିଲା, ସେହି ଚିରା ଆକାଶରୁ ଖଣ୍ଡେ ମୁଁ ତଳେ ବିଛାଇ ଦେଇଛି ଓ ଆଉ ଖଣ୍ଡେ ଉପରେ ଘୋଡ଼ାଇ ହୋଇଛି ।

ଯେତେବାଟ ଯାଏ ଦୃଷ୍ଟି ଯାଉଛି - କେବଳ ଧରଣୀ ଉପରେ ବାଦଲର କିଆରୀ ଦେଖାଯାଉଛି ।

**ପାଞ୍ଚ ଶହ ବର୍ଷର ଯାତ୍ରା :**

ଆଉ ଏକ ମୁହର୍ତ ମୋ ସାମନାରେ ଠିଆହୋଇ ସ୍ମିତହାସ୍ୟ କରୁଅଛି । ୧୯୭୯ ଆରମ୍ଭର ଗୋଟିଏ ରାତ୍ରିର ଦ୍ୱିତୀୟ ପ୍ରହର । ଟେଲିଫୋନ୍ ଘଣ୍ଟି ବାଜିଉଠିଲା । ବରୋଦା ୟୁନିଭରସିଟି ହଷ୍ଟେଲରୁ ମୋ ପୁଅ ଟ୍ରଙ୍କକଲ କରୁଥିଲା । ମୁଁ ବ୍ୟସ୍ତ ହୋଇ ତାକୁ ଯେଉଁ ଚିଠି ଲେଖିଥିଲି, ତାହାର ଉତ୍ତରରେ ସେ କହିଲା, ମାମା, ମୁଁ ଏକଦମ ଠିକ୍ ଅଛି । ବହୁତ ଦିନ ପରେ ତାହା ଏହି ସ୍ୱର ମୋ କାନରେ ବାଜି ଦେହରେ ସଞ୍ଚରିଗଲା ।

ଅନ୍ଧାରରେ ବିଜୁଳି ସମକି ଗଲା ଭଳି, ମୋର ଖିଆଲ ହେଲା ଯେ, ମୁଁ ଏକ ସାଧାରଣ ମା' । ଯଦି ଗୋଟିଏ ସାଧାରଣ ପିଲାର ସ୍ୱର ଶୁଣି ମୋର ହୃଦୟ ଏଭଳି ନାଚି ଉଠୁଛି, ତେବେ ନାନକଙ୍କ ଭଳି ପୁଅକୁ କୋଳରେ ଧରି ମାତା ତୃପ୍ତାଙ୍କ କି ନୈସର୍ଗିକ ଅନୁଭବ ହୋଇନଥିବ ।

ଏହା ଗୁରୁ ନାନକଙ୍କ ପ*ଶତାବ୍ଦୀ ଉତ୍ସବର ବର୍ଷ ଥିଲା । ଜଣେ ପ୍ରକାଶକ ମୋତେ ଏଥିପାଇଁ ଏକ ଦୀର୍ଘ କାବ୍ୟ ଲେଖିବା ପାଇଁ କହିଥିଲେ । କିନ୍ତୁ ମୁଁ ମନା କରିଦେଇଥିଲି । ଯଦି ଲେଖିଥାନ୍ତି, ତାହା ମୋର ଅନ୍ତରର ଅନୁଭୂତିରୁ ବାହାରି ନଥାନ୍ତା ।

ପଞ୍ଜାବର କେତେଗୁଡ଼ିଏ ଖବରକାଗଜ ଏହାକୁ ନିନ୍ଦା କରି ଲେଖିଲେ ଏବଂ କବିତାଟିକୁ ବ୍ୟାନ୍ କରିବା ପାଇଁ ପଞ୍ଜାବ ସରକାରଙ୍କ ଠାରେ ଦାବୀ କଲେ । କୃପାଲ ସିଂ କସେଲ୍ ବୋଲି ଜଣେ ଲେଖକ - 'ଅଜିତ୍' ଦୈନିକ ପତ୍ରିକାରେ ମୋତେ 'କାମୁକ ପୋକ' ବୋଲି ବର୍ଣ୍ଣନା କରି ପବିତ୍ର ଗୁରୁ ନାନକଙ୍କ ବିଷୟରେ ମୋର କବିତା ଲେଖିବାର ଅଧିକାର ନାହିଁ ବୋଲି ଲେଖିଥିଲେ । ପଞ୍ଜାବୀ ସାହିତ୍ୟର ଅନ୍ୟ ଗଣ୍ୟମାନ୍ୟ ଲୋକ ନୀରବ ରହିଲେ । ନୀରବତା ବୋଧେ ସେମାନଙ୍କର

ଦ୍ୱିତୀୟ ଭାଗ ଥିଲା – ସଚେତନତା । ଏହା ଏକ ଉଚ୍ଛୃଙ୍ଖଳ ଯୌବନଭରା ଦେହ ଭଳି ଥିଲା । ଏହାର ରୋଷ ଅତି ପ୍ରଚଣ୍ଡ ଓ ରକ୍ତିମ । ଜୀବନର ଭୁଲ ମୂଲ୍ୟ ଉପରେ ଅଭିମାନ ହେଲେ, ତାହା ଆଉ ଭାଙ୍ଗୁନଥିଲା । ଏବଂ ଗୋଟିଏ ସାପ ଭଳି ଘୃଣାକୁ ମଣି ଭାବି ମୁଣ୍ଡ ଭିତରେ ଧରି ରଖୁଥିଲା ।

ତୃତୀୟ ଭାଗ ଥିଲା – ସାହସ । ବର୍ତ୍ତମାନକୁ ଧ୍ୱଂସ କରି ଏକ ନୂତନ ଭବିଷ୍ୟତ ଗଢ଼ିବାର ସାହସ ସ୍ୱପ୍ନକୁ ତାସ ଭଳି ଫେଣ୍ଟବାଣ୍ଟିଦେଇ ଖେଳ ଖେଳିବାର ଇଚ୍ଛା । ସେ ଖେଳରେ କୌଣସି ପରାଜୟ ଶାଶ୍ୱତ ନୁହେଁ । ତାସର ପତ୍ର ପୁଣି ଫେଣ୍ଟିଦେଇ ହେବ ଏବଂ ଜିତିବାର ଆଶା ବି ରଖାଯାଇପାରିବ ।

ବର୍ତ୍ତମାନର ଚତୁର୍ଥ ପର୍ଯ୍ୟାୟ – ଏକାକୀତ୍ୱ । ମୁଁ ନିଜକୁ ନିଜେ ସେହିଭଳି କହେ । ଅମୃତା, ଲୁକ୍ ଏ ବିଟ୍ ହାୟାର । ମୁଁ ଜୀବନରେ ସମସ୍ତ ପରାଜୟ ଓ କଷ୍ଟର ଉପରକୁ ଦେଖିବା ପାଇଁ ଚେଷ୍ଟା କରିବାକୁ ଲାଗିଲି । ଯେଉଁଠି ଥିଲା ମୋର କୃତି, ମୋର କବିତା, ମୋର କାହାଣୀ, ମୋର ଉପନ୍ୟାସ... ।

**ଯାତ୍ରାର ଡାଏରୀ :**

ଗଙ୍ଗଜଳରୁ ଭୋଜ୍‌କା ଯାଏ, ମୋ ତୃଷାର ଏହି ଯାତ୍ରା ଡାଏରୀ । ଏହି ଯାତ୍ରାର କଥା କହିଲାବେଳେ ବହୁଦେଶର କଥା ମନକୁ ଆସିଯାଇଛି । ଯେତେବେଳେ ଦିଲ୍ଲୀ ରେଡ଼ିଓରେ ଚାକିରି କରୁଥିଲି, ସେଠାରେ ମୋତେ ଦେଖା କରିବା ପାଇଁ ସଜ୍ଜାଦ ଜାହିର ଆସିଥିଲେ । ସେ କହିଥିଲେ – ଭାରତୀୟ ଲେଖକମାନେ ସେମାନଙ୍କର ଏକ ଡେଲିଗେସନ୍ ଟିମ୍ ସୋଭିଏତ୍ ରୁଷ ଯାଉଛି । ମୋର ଇଚ୍ଛା ଆପଣ ସେହି ଟିମ୍‌ରେ ଯାଆନ୍ତୁ । କିନ୍ତୁ କାଲି ମିଟିଂରେ କୌଣସି ଭାଷାର କୌଣସି ଲେଖକ ଆପଣଙ୍କର ନାମକୁ ବିରୋଧ କରିଲେ ନାହିଁ । ମାତ୍ର ପଞ୍ଜାବୀ ଲେଖକମାନେ ଆପଣଙ୍କୁ ଖୁବ୍ ଜୋର୍‌ରେ ବିରୋଧ କଲେ । ଆହୁରି ସଙ୍କୋଚର ସହିତ ସେ ପୁଣି କହିଲେ – ସେମାନେ କହୁଛନ୍ତି, ଯଦି ଅମୃତା ଡେଲିଗେସନ୍‌ରେ ସାମିଲ ହେବ, ତାହେଲେ ଆମ ପତ୍ନୀମାନେ ଆମକୁ ଏଥିରେ ଯିବାପାଇଁ ଛାଡ଼ିବେ ନାହିଁ । ପରେ ଏହି ଘଟଣାଟିକୁ ମୁଁ "ଦିଲ୍ଲୀ କି ଗଲିଆଁ" ଉପନ୍ୟାସରେ ଲେଖିଥିଲି ।

୧୯୬୦ରେ ମସ୍କୋ ଲେଖକ ୟୁନିୟନ୍‌ରୁ ମୋତେ ଏକୁଟିଆ ନିମନ୍ତ୍ରଣ ଆସିଲା । ନେପାଳ ସ୍ଥିତ ଆମ ଦୂତାବାସ ତରଫରୁ ନିମନ୍ତ୍ରଣ ପାଇ ୧୯୬୯ରେ ସେଠାକୁ ଯାଇଥିଲି । ପୁଣି ବିଶ୍ୱଶାନ୍ତି





ପ୍ରତିଭା ନନ୍ଦିନୀଦେବୀଙ୍କ ଉପରେ ପ୍ରଗାଢ଼ ଭାବରେ ବିସ୍ତାର କରିଥିଲା କହିଲେ ଅତ୍ୟୁକ୍ତି ହେବନାହିଁ । ପରବର୍ତ୍ତୀ ମୁହୂର୍ତ୍ତରେ ନନ୍ଦିନୀଦେବୀ ନିଜର କବିତା ସଂକଳନ 'ଉତର ପୁରୁଷ'ରେ ବୟାଳିଶି ଗୋଟି କବିତାକୁ ସ୍ଥାନ ପ୍ରଦାନ କରିଛନ୍ତି ।

ତାଙ୍କର ଏହି କବିତାଗୁଡ଼ିକ ମୁଖ୍ୟତଃ ଓଡ଼ିଆ ପ୍ରଗତିଶୀଳ ଚିନ୍ତାଧାରା ଉପରେ ପର୍ଯ୍ୟବେସିତ । ସେ ଛାତ୍ରୀ ଜୀବନରୁ ତାଙ୍କର ବିପ୍ଳବୀ ଜୀବନର ଆଭିମୁଖ୍ୟର ପରିଚୟ ପ୍ରଦାନ କରିଥିଲେ । ତାଙ୍କର କବିତା ଭିତରେ ଫୁଟି ଉଠିଛି – ସାମ୍ୟବାଦୀ ଚିନ୍ତାଧାରାର ଅନ୍ତର କଥା । ଆଉ ମଧ୍ୟ କବିତାରେ ବିପ୍ଳବର ଇଙ୍ଗିତ ପ୍ରଦାନ କରିଅଛନ୍ତି ।

ସାଂସ୍କୃତିକ ସାହିତ୍ୟିକ ପରିବାରର ଜଣେ ନିଛକ ସାହିତ୍ୟିକ ଭାବରେ ନନ୍ଦିନୀ ଶତପଥୀ ବେଶ୍ ପ୍ରତିଷ୍ଠିତା । ବାପା ପଦ୍ମଭୂଷଣ କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କ କଲମମୁନ ଓ ଦାଦା ଭଗବତୀ ଚରଣ ପାଣିଗ୍ରାହୀଙ୍କ ତୁଳୀର ମୁନରେ ପିଲାଟି ଦିନରୁ ନନ୍ଦିନୀଙ୍କୁ ସାହିତ୍ୟ ପ୍ରତି ଆକୃଷ୍ଟ କରିଥିଲା କହିଲେ ଅତ୍ୟୁକ୍ତି ହେବନାହିଁ । ଗାଳ୍ପିକା, ଅନୁବାଦିକା, କବି ସର୍ବୋପରି ଜଣେ ଉଜ୍ଜ୍ୱଳ ସାରସ୍ୱତ ବ୍ୟକ୍ତିତ୍ୱ ଭାବରେ ନନ୍ଦିନୀଦେବୀ ପରିଚିତା ।

ମୁଁ କବି ନୁହେଁ କିମ୍ବା କବି ଭାବରେ ପ୍ରତିଷ୍ଠା ପାଇବା ପାଇଁ କୌଣସି ଦିନ ଚେଷ୍ଟା କରିନାହିଁ । ଜୀବନକୁ ଦେଖି ଦେଖି, ପାରିପାର୍ଶ୍ୱିକ ଅବସ୍ଥାକୁ ଅନୁଧ୍ୟାନ କରି ଛାଁକୁ ଛାଁ ମନ ଭିତରେ କିଛି ଗୋଟାଏ ଠେଲାମାରେ । କିଏ ଯେପରି କହିପକାଏ ଲେଖିପକା, ସାଙ୍ଗେ ସାଙ୍ଗେ ଲେଖିପକା । ସେଇଟା ଲୋକମାନଙ୍କର ସାଙ୍ଗରେ କଥା କହିବା ବେଳେ, ସଭା ସମିତିରେ ବକ୍ତୃତା ଦେଲାବେଳେ କି ଶୋଇ ପଡ଼ିବା ବେଳେ ସ୍ୱପ୍ନରେ ବି ସେହି କବିତା ଭୂତ ମୋତେ ଉଠାଇ ଦିଏ । ନିଦରେ ଶୋଇ ସ୍ୱପ୍ନ ଦେଖିଲାବେଳେ କବିତାର ଧାଡ଼ି ସବୁ ମୋତେ ଜାଗ୍ରତ କରିଦିଅନ୍ତି । ସେତିକିକୁ ରାତି ଦୁଇଟା ବେଳେ ଯାହା ଲେଖିପାରେ ଲେଖି ପକାଏ । ପରେ ତାକୁ ପୂର୍ଣ୍ଣ ରୂପ ଦେବାରେ ଚେଷ୍ଟା କରେ ।

କୃଷ୍ଣଙ୍କ ବଂଶୀଧ୍ୱନି ଶୁଣି ରାଧା ଯେପରି ଘରଛାଡ଼ି ପଳାଇ ଯାଉଥିଲା, ମୁଁ ଚାହିଁଲେ କ'ଣ କରିପାରନ୍ତି ନାହିଁ । ମଣିଷର ଏତେ ପ୍ରକାରର ବନ୍ଧନ ରହିଛି ଯେ, ତାହାକୁ ଅତିକ୍ରମ କରି ନିଜ ପ୍ରେରଣାରେ ସେ କିଛି କରିପାରେ ନାହିଁ । ଯେଉଁମାନେ କରିପାରିଛନ୍ତି ସେମାନଙ୍କ ନାମ ପୃଥିବୀ ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ । ମୋ ଭଳି ଅପାରଗ ଲୋକ ସାହିତ୍ୟ ଜଗତରେ ଲୀନ ହୋଇଯିବେ । ଲୀନ ହୋଇଯିବାରେ ଏକ ଭିନ୍ନ ଆନନ୍ଦ ଅଛି । ବହୁ ସାହିତ୍ୟିକ ଓ କବି ବନ୍ଧୁମାନେ ମୋତେ କବିତା ଲେଖିବା ପାଇଁ ଉତ୍ସାହିତ କରିଛନ୍ତି । ଏହାଥିଲା କବି ପ୍ରାଣର ସ୍ପନ୍ଦନ ନନ୍ଦିନୀ ଶତପଥୀଙ୍କ ନିଜ କଥା ।

ନନ୍ଦିନୀଦେବୀଙ୍କ କବିତା ସଂକଳନ – "ଉତର ପୁରୁଷ"ରେ ସେ ନିଜର ସ୍ୱରଚିତ ବୟାଳିଶି

ଗୋଟି କବିତାକୁ ସ୍ଥାନ ଦେଇଛନ୍ତି । "ଉତର ପୁରୁଷ" ପୁସ୍ତକଟି ୧୯୯୮ରେ ପ୍ରକାଶିତ ହୋଇଥିଲା । ଏହାର ପ୍ରକାଶକ ଥିଲେ - ଶ୍ରୀ ସହଦେବ ପ୍ରଧାନ, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ ।

ନନ୍ଦିନୀ ଶତପଥୀ ତାଙ୍କ କବିତା ସଂକଳନ "ଉତର ପୁରୁଷ" ପୁସ୍ତକଟି ତାଙ୍କର ବଡ଼ପୁଅ ନଚିକେତା ଶତପଥୀଙ୍କର ପୁତ୍ର ଅର୍ଥାତ୍ ତାଙ୍କ ନାତି ସୁପର୍ଣ୍ଣୋ ଶତପଥୀଙ୍କ ହାତରେ ଅର୍ପଣ କରିଛନ୍ତି । ତାଙ୍କର କବିତା ସଂକଳନ "ଉତର ପୁରୁଷ"

ନିମ୍ନୋକ୍ତ ଭାବରେ ବର୍ଣ୍ଣିତ ହେଉଅଛି :-

**(୧) ଉତର ପୁରୁଷ :**

"ଉଠ ପୁତ୍ର
ଜାଗରେ ରାହୁଳ
ଜାଗିଛି କପିଳାବାସ୍ତୁ
ଜାଗ୍ରତ ଏ ପ୍ରାସାଦେ ସକଳ ।
ନଗରର ଉପକଣ୍ଠେ
ଯିବେ ସର୍ବେ
ସଜ୍ଜିତ ସରଣୀ
ଶୁଣ ପୁତ୍ର
ଶୁଭିଲାଣି ଦୂରେ
ବୁଦ୍ଧ ଆବାହନୀ ।
ଅଭିମାନୀ ବାଳକ ସେ
ଚକ୍ଷୁ ଖୋଲେ
ମୁଦେ ପୁଣି ଧୀରେ
ବହୁଦିନ ପରେ
ଗୋପାର ନୟନୁ କିନ୍ତୁ
ଅଶ୍ରୁ ଝରେ
ଆବେଗରେ ଝରେ ।
ମୁହିଁ କି ନଗରବାସୀ





ସାହିର୍‌ଙ୍କ ପାଖକୁ ବମ୍ବେକୁ ଫୋନ୍ କରିବା ପାଇଁ ଫୋନ୍ ପାଖକୁ ଯାଇଥିଲି । ଅଦ୍ଭୁତ ଭାବରେ ଗୋଟିଏ ସଂଯୋଗ ଘଟିଗଲା । ସେହି ଦିନରେ 'ବ୍ଲିଜ୍'ରେ ଗୋଟିଏ ଫଟୋ ସହିତ ଗୋଟିଏ ଖବର ବାହାରିଥିଲା - ଯେ ସାହିରଙ୍କୁ ଏକ ନୂଆ ପ୍ରେମୀ ମିଳିଯାଇଛି ।

ଇମ୍‌ରୋଜଙ୍କ ସହିତ ବନ୍ଧୁତା ଥିଲା । କିନ୍ତୁ ଅନେକ ପ୍ରକାରର ଦ୍ୱିଧା ଭିତର ଦେଇ ମୁଁ ଗତି କରୁଥିଲି । ଜୀବନରେ ସବୁଠାରୁ ଉଦାସୀ କବିତାଗୁଡ଼ିକୁ ମୁଁ ଏହି ସମୟରେ ଲେଖିଛି । କୁହାଯାଏ, ଜଣେ ନାରୀ ଥିଲେ - ସେ ଅତି ସଚ୍ଚୋଟ ଭାବରେ ଜଣଙ୍କୁ ଭଲ ପାଉଥିଲେ । ଥରେ ତାଙ୍କର ପ୍ରେମିକ ଯୁଡ଼ାରେ ଲାଲ ଗୋଲାପଟିଏ ଖୋସିଦେଲେ । ତା'ପରେ ନାରୀଜଣକ ପ୍ରେମର ଅତି ସୁନ୍ଦର ଗୀତ ଲେଖିଲେ ।

ଆତ୍ମବେଦନା ଏଭଳି ଏକ ଦୃଷ୍ଟି ପ୍ରଦାନ କରେ, ଯାହା ଅନ୍ୟର ବେଦନାକୁ ଦେଖିପାରେ । ସେ ନିଜର ଜୀବନୀରେ ସମୁଦାୟ ମାନବ ଜଗତକୁ ଓ ଦୁଃଖକୁ ମିଶାଇଦେଲେ । ଏବଂ ଏଭଳି ଗୀତ ଲେଖିଲେ ଯେଉଁଥିରେ କେବଳ ତାଙ୍କର ନୁହେଁ ଜଗତର ବେଦନା ରହିଥିଲା ।

କୌଣସି ଏକ ଉଚ୍ଚ ପ୍ରାସାଦର ଶିଖର ଉପରେ ଏକୁଟିଆ ଠିଆହୋଇ ମୁଁ ନିଜ ହାତରେ ଧରିଥିବା କଲମ ସଙ୍ଗେ କଥାବାର୍ତ୍ତା କରୁଥିଲି । ତୁମେ ମୋ ସାଙ୍ଗରେ ରହିବ ! କେତେ ଦିନଯାଏ ରହିବ ?

ହଠାତ୍ କିଏ ଯୋର୍‌ରେ ମୋର ହାତକୁ ଚାପି ଧରିଲା । ତୁମେ ଛଳନାକାରୀ, ମୋ ହାତ ଛାଡ଼ିଦିଅ । ମୁଁ କହିଲି ଏବଂ ଜୋର୍‌ରେ ମୋର ହାତକୁ ଛଡ଼େଇ ନେଇ ପ୍ରାସାଦର ସିଡ଼ିରେ ଓହ୍ଲାଇବାପାଇଁ ଲାଗିଲି ।

**୧୯୬୧ :**

ଏହି ବର୍ଷ ଆରମ୍ଭରେ ମୋର ଯେଉଁ ଦଶା ଥିଲା ସେହିକଥା ମୁଁ ଏଭଳି ଭାବରେ ଲେଖିଥିଲି ।

ହିନ୍ଦୁଧର୍ମ ଅନୁସାରେ ଜୀବନର ଚାରିଗୋଟି ଅବସ୍ଥା ଥାଏ । ଚାରିବର୍ଣ୍ଣ ଓ ଚାରି ଆଶ୍ରମ । ଜୀବନରେ ଯାତ୍ରା ପଥରେ ମୁଁ ମୋର ମାନସିକ ଅବସ୍ଥାର ଚାରିଗୋଟି ଭାଗ ଅବଶ୍ୟ ଦେଖିଛି । ସେଗୁଡ଼ିକୁ ବିସ୍ତାରିତ କରିପାରିନି ।

ପ୍ରଥମ ଭାଗ ଥିଲା - ଅଚେତନତା : ଏହା ବାଲ୍ୟତ ଓ ବୃଦ୍ଧି ଭଳି । ଯେତେବେଳେ କି ସବୁକଥା ଆଶ୍ଚର୍ଯ୍ୟ ଲାଗୁଥିଲା । ଅତି ଛୋଟ ଛୋଟ ଜିନିଷରେ ଖୁବ୍ ଆଗ୍ରହ ହେଉଥିଲା ।

ଅଲଗା ହେବାର ଅର୍ଥ ନଥିଲା ଯେ, ସାଧାରଣ ସୌଜନ୍ୟ ମଧ୍ୟ ପରସ୍ପର ପ୍ରତି ଦେଖାହେବ ନାହିଁ ।

ଏଭଳି ସ୍ୱାଭାବିକ ଜୀବନ ନିଜେ ନ ଜୀଇଁଲେ ବୁଝିପାରିବା ସମ୍ଭବ ନୁହେଁ ।

**୧୯୫୯ର ଏକ କବର - ଗୋଟିଏ ଭୟାନକ ମୂହର୍ତ୍ତ :**

ମୋ ପିତା ଜୀବିତ ଥିଲାବେଳେ ତାଙ୍କ ଜୀବନରେ ପ୍ରଥମ ଭୟଙ୍କର ଅସୁବିଧାର କାହାଣୀ ବାରମ୍ବାର ଶୁଣାଉଥିଲେ । ଥରେ ସେ ବିଦେଶ ଯିବାବେଳେ ତାଙ୍କ ଅଜାଙ୍କ ଠାରୁ ମିଳିଥିବା ଗହଣାଓ ଅସରପିରେ ଭରା ବାକ୍ସଟିଏ ଗୁଜୁରାନଓ୍ୱାଲାର ଜଣେ ଭକ୍ତ ମହିଳାଙ୍କର ଜିମାରେ ରଖିଦେଇ ଯାଇଥିଲେ । ଫେରିଆସି ଯେତେବେଳେ ସେ ବାକସଟି ମାଗିଲେ, ଆଖି ପିଛୁଳା ନ ପକାଇ ମହିଳାଜଣଙ୍କ ପଚାରିଲେ - କି ବାକ୍ସ ? ୧୯୫୯ରେ ମୋର ପିତାଙ୍କ ଚେହେରା କଳ୍ପନା କରି ମୁଁ ଜାଣିଥିଲି ଓ ପରେ କହିଥିଲି ଆପଣ - ଗୁଜୁରାନ୍‌ଓ୍ୱାଲାରେ ଜଣେ ଭକ୍ତିମତୀ ମହିଳାକୁ ଦେଖିଥିଲେ, ସେହି ଗୁରୁଙ୍କର ଗାଦିରେ ବସିଥିବା ଆଉ ଜଣେ ଭକ୍ତିମତୀ ମହିଳାଙ୍କୁ ମୁଁ ବି ଦେଖିଲି । ମୁଁ ତାଙ୍କର ଜିମାରେ ବିଶ୍ୱାସରେ ଭରା ଟ୍ରଙ୍କଟିଏ ରଖିଥିଲି । ଏବେ ସେ କହୁଛନ୍ତି କି ବିଶ୍ୱାସ ?

ଏହା ଥିଲା ଅତି ଭୟଙ୍କର ମୁହୂର୍ତ୍ତ । କଳାବାଦଲ ଭଳି ଅନ୍ଧକାର ଘେରି ଆସୁଥିଲା । ବିନ୍ଦୁ ବିନ୍ଦୁ ବେଦନା ଝରି ପଡୁଥିଲା । କିନ୍ତୁ ମେଘ ବରଷୁ ନଥିଲା । ଦେହ ଭିତରେ ଗଳି ଯାଉଥିବା ଛୁଞ୍ଚିଗୁଡ଼ିକ ବାହାର କଲାଭଳି ମୁଁ ଗୋଟିଏ ଗୋଟିଏ ସ୍ମୃତିକୁ ନେଇ ଗୋଟିଏ ଗୋଟିଏ କାହାଣୀ ଲେଖୁଛି ।

ମୁଁ ଅତି କ୍ଷୀଣ ଶବ୍ଦ ମଧ୍ୟ ଶୁଙ୍ଘି ପାରୁଥିଲି, କିନ୍ତୁ ମିଥ୍ୟାର ତୀବ୍ର ଗନ୍ଧ ମୁଁ ସହି ପାରୁନଥିଲି । ମୋ ବାପାଙ୍କର ବି ଏହି ଶକ୍ତି ନଥିଲା । ଘଟଣାଗୁଡ଼ିକର ରୂପ କିଭଳି ଏକା ଭାବରେ ହୋଇଯାଏ, ଦେଖି ମୁଁ ଆଶ୍ଚର୍ଯ୍ୟ ହୋଇଥିଲି । ସେହି ଲୋକ ବିଷୟରେ ଓ ସେହି ଝିଅ (ବାପା ଓ ମୁଁ ଯାହାକୁ ସାହାଯ୍ୟ କରୁଥିଲୁ) ବିଷୟରେ ଭାବିଲାବେଳେ ମୁଁ ମନକୁ ମନ ବାରମ୍ବାର କହୁଥାଏ "କେମିତି ଜଣେ ଏହା କରିପାରେ ?" କେମିତି ଜଣେ... ୧୯୫୯ର ସେହି ମୁହୂର୍ତ୍ତକୁ ମୁଁ ଶେଷଥର ପାଇଁ ଦେଖିଥିଲି । ଆଉ ସେତେବେଳେ ଆକାଶରୁ ଗୋଟିଏ ଆଲୋକ ଆସି ପଡ଼ିଥିଲା; ବିଶ୍ୱାସର ତାରା... !

**୧୯୬୦ :**

ଏହା ମୋ ଜୀବନରେ ସବୁଠାରୁ ଦୁଃଖଦାୟକ ବର୍ଷ ଥିଲା । ଜୀବନ କ୍ୟାଲେଣ୍ଡରର ଏକ ଛିନ୍ନ ପୃଷ୍ଠା ଭଳି ମନଘରର ଦରଜା ପାଖରେ ପାଦ ରଖିଥିଲି । କିନ୍ତୁ କେଉଁ ରାସ୍ତାରେ ଯିବି ଜାଣିନପାରି ମୁଁ ବିବ୍ରତ ହୋଇ ଥରିବାକୁ ଲାଗିଲି ।





ଯିବି ଆଜି ବୁଦ୍ଧ ଦରଶନେ
ପିତାର ହୃଦୟ କି ଗୋ
ଲୋଡ଼େ ନାହିଁ
ଆପଣା ସନ୍ତାନେ !"
ଅଭିମାନୀ ସନ୍ତାନର ଭାଷା
ଗୋପାର ଅନ୍ତର ତଳେ
ଜଗାଇଲା ନୂଆ ଏକ ଆଶା ।
ଆସୁଥିଲା ଦୂରୁଁ ଭାଷି
ସମବେତ କଣ୍ଠୁ ମହାଧ୍ୱନି
'ବୁଦ୍ଧଂ ଶରଣଂ ଗଚ୍ଛାମିଂ' ।
ତ୍ୱରିତେ ପୁତ୍ରରେ ତୋଳି
କହିଲେ- "କହିବୁ,
ନାହିଁ ମୋର ଦର୍ଶନ ପ୍ରୟାସ
ଦେବାର ରହିଛି ଯଦି
ଦିଅ କିଛି
ମୁଁ ଯେ ତୁମ ଉତର ପୁରୁଷ ।"

ଗୈରିକ ଉତରୀ ସ୍କନ୍ଧେ
ହାସ୍ୟଦୀପ୍ତ ମୁଖେ
ଫେରିଲା ରାହୁଳ
"ପାଇଛି ଜନନୀ ମୁଁ ଗୋ
ଜନକଙ୍କ ଉତରାଧିକାର ।"
ଜନନୀ ନୟନୁ ପୁଣି
ଅଶ୍ରୁ ଝରେ
ଝରେ ଆଶୀର୍ବାଦ
ଗୋପାର ସନ୍ତାନ ଆଜି

ବୁଦ୍ଧର ଦାୟାଦ ।
ବୁଦ୍ଧ ସେ ଯେ ମହାଜ୍ଞାନୀ
କରୁଣାର ମୂର୍ତ୍ତ ଅବତାର
ଜନନୀ କରୁଣାମୟୀ
ଗୋପା କିନ୍ତୁ
ନମସ୍ୟା ବିଶ୍ୱର ।

**(୨) ବେଲ୍‌ସେନ୍ :**

କିଛି ତ ହେବାର ଥିଲା
କିଛି ହେଲାନି
ବି* ହୋଇଗଲା
ଦିଗ ଦିଗନ୍ତରେ ।
ଏଇ, ଭୋର ବେଳେ
ଶବ୍ଦର ସମୂହ ଯୁକ୍ତି ଭାଙ୍ଗିଯାଏ
ଭାଙ୍ଗି ଭାଙ୍ଗିଯାଏ
ବର୍ଷାରେ ମଳିନ ଦିନ
ବର୍ଷା ?
ସତେ ଅବା ଅଶ୍ରୁ ବାରିଧାରା
ରାଜ ରାଜେଶ୍ୱରୀ କଣ୍ଠ ଭାସିଯାଏ
ଭାସିଯାଏ ଆକୁଳ ବତାସେ
କିଛି ତ ହେଲାନି, କାହିଁ କିଛି ତ ହେଲାନି ।
ଚାରିଦିଗେ ଅନ୍ଧକାର
ଗଛଲତା, ଘର ରାସ୍ତା
ଝାପ୍‌ସା ହୋଇ ଆସେ
ନଇଁ ଆସେ ଘନ ମେଘ
ରାତିର ଛାତିରେ ।
ବହୁଦୂରେ, ଅନ୍ଧାରରେ ହଜିଥିବା
ଗଛର ଡାଳରେ





ଆସୁଥିଲା । ଏମିତି ବି କେତେଥର ମୁଁ ମୋର ଭିତରର ନାରୀ ପ୍ରତି ନିଜକୁ ନିଜେ ସଜାଗ କରାଏ । କିନ୍ତୁ ଜୀବନରେ ଏଭଳି ତିନୋଟି ସମୟ ଆସିଥିଲା, ଯେତେବେଳେ ମୁଁ ମୋ ଭିତରେ କେବଳ ନାରୀକୁ ମନପୁରାଇ ଦେଖିଥିଲି । ପ୍ରଥମଥର ଦେଖିଥିଲି ମୋର ପିଲା ହେବା ପୂର୍ବରୁ ଏକ ସୁନ୍ଦର ଶିଶୁ । ଦ୍ୱିତୀୟ ଥର ସାହିର ଗଳାରେ ଦରଜ ଥାଇ ଜ୍ୱର ହେବାର ଦେଖିଲି । ତୃତୀୟଥର ମୁଁ ସେହି ନାରୀକୁ କେବଳ ଦେଖିଥିଲି, ସେତେବେଳେ ଇମ୍‌ରୋଜ ନିଜର ଷ୍ଟୁଡିଓରେ ବସିଥିଲେ ।

**ଏକ ଋଣ :**

୧୮୫୭ ବିଦ୍ରୋହ ସମ୍ପର୍କରେ ମୁଁ କିଛି ଜାଣିନଥିଲି । ଏହି ବିଦ୍ରୋହ ଶବ୍ଦଟି ଆଇମା’ ଠାରୁ ଶୁଣିଥିବା କାହାଣୀଟି ଭଳି ମୋ ଭିତରେ ବର୍ଣ୍ଣନା କରିବା କଷ୍ଟକର । ସେ ସ୍ୱରଗୁଡ଼ିକ ମଧ୍ୟରେ ଯୁଦ୍ଧର ଭୟାନକ ଥିଲା । ଏହି ଶବ୍ଦାରୁ ପୁଣି ନାନା ରଙ୍ଗ ସୃଷ୍ଟି ହେଉଥିଲା । ଏହି ବିଦ୍ରୋହର କେବଳ ଗୋଟିଏ ଚିହ୍ନ ମୁଁ ମୋ ଆଖିରେ ଦେଖିଥିଲି । ଯେଉଁ ପରିବାରରେ ମୋର ବିବାହ ହୋଇଥିଲା, ବଂଶାନୁକ୍ରମେ ସେହି ପରିବାରରେ ଗୋଟିଏ ଗାଲିଚା ସାଇତା ହୋଇ ରଖାଯାଇଥିଲା । ଦିଲ୍ଲୀ ଲୁଣ୍ଠନ ବେଳେ ଏହି ପରିବାରର ଜଣେ ସର୍ଦ୍ଦାର ତାକୁ ଚୋରାଇ ଆଣିଥିଲେ ।

ଲୁଣ୍ଠନ ବି ବୋଧହୁଏ ଏକପ୍ରକାର କରଜ, ଯାହାକି କେବେ ନା କେବେ ସୁଝିବାକୁ ପଡେ । କେବେକେବେ ମନରେ ଏକ ଭୟଙ୍କର ଭାବନା ଆସେ ଯେ ମୋତେ ମଧ କାହାକୁ କିଛି ସୁଝିବାକୁ ହେବ । କିନ୍ତୁ ଜାଣେ ନାହିଁ, କ’ଣ କାହାକୁ କେବେ ଫେରାଇବାକୁ ହେବ । ମନେହୁଏ ମୁଁ ବହୁତ ଋଣୀ କିନ୍ତୁ ଜାଣେନାହିଁ କାହା ପାଖରେ ।

ଆମ୍ଭ ଦୁହିଁଙ୍କର ପରସ୍ପର ବିରୁଦ୍ଧରେ କୌଣସି ଅଭିଯୋଗ ନଥିଲା । ଏଭଳି ଏକ ଗମ୍ଭୀର ବନ୍ଧୁତ୍ୱପୂର୍ଣ୍ଣ ଆଲୋଚନା ପରେ ନିଷ୍ପତ୍ତି ନିଆଗଲା ଯେ, ଏହାପରେ ଦଶଙ୍କର ମୁହଁରେ ଅନ୍ୟଜଣଙ୍କର ବ୍ୟକ୍ତିତ୍ୱକୁ ଛୋଟ କଲାପରି ଶବ୍ଦ ଉଚ୍ଚାରିତ ହେବାର ପ୍ରଶ୍ନ ନଥିଲା । କେବଳ ଆମ ଭିତରେ ଯେଉଁ ଦୂରତା ସୃଷ୍ଟି ହୋଇଥିଲା, ତାକୁ ହିଁ ସ୍ୱୀକାର କରିବା ଜରୁରୀ ଥିଲା । ଦୁହିଁଙ୍କ ପାଇଁ ଏହା ସମାନ ଭାବରେ ଆବଶ୍ୟକ ଥିଲା ।

ବେଦନାର ଅଂଶ ଦୁହେଁଯାକ ବାଣ୍ଟି ନେଇଥିଲୁ । ସମସ୍ୟାଟିକୁ ଏଭଳି ସତତା ସହ ସମାଧାନ କରାଗଲା ଯେ, ବେଦନାର କୌଣସି ଛାପ କାହାର ମୁହଁରେ ପଡ଼ିଲା ନାହିଁ । ମୁଁ ଜାଣେ ପରବର୍ତ୍ତୀ ସମୟରେ ମୋ ଠାରୁ ବିଚ୍ଛିନ୍ନ ହୋଇଥିବା ସହଯାତ୍ରୀଙ୍କ ଅପେକ୍ଷା ମୋ ପ୍ରତି ଭାଗ୍ୟ ଅଧିକ ଅନୁକୂଳ ହେଉଅଛି । ମୋତେ ଇମ୍‌ରୋଜଙ୍କ ବନ୍ଧୁତ୍ୱ ମିଳିଯାଇଥିଲା । କିନ୍ତୁ ସେ ରହିଗଲେ ଏକାକୀ ।

ଅହମ୍ମଦ ନଦିମ୍ କାସିମ୍ ଲେଖିଥିଲେ ଯେ ଏହି କବିତାକୁ ଜେଲ୍‌ରେ ଥିଲାବେଳେ ସେ ପଢ଼ିଥିଲେ । ଜେଲ୍ ବାହାରକୁ ଆସି ମଧ୍ୟ ଦେଖିଲେ ଯେ, ଲୋକମାନେ କବିତାଟିକୁ ପକେଟ୍‌ରେ ରଖିଛନ୍ତି । ବେଳେବେଳେ ବାହାର କରି ପଢୁଛନ୍ତି ଓ କାନ୍ଦୁଛନ୍ତି ।

୧୯୭୨ରେ ଲଣ୍ଡନ ଯାଇଥିଲି । ସେଠାରେ ବିବିସିର ଏକ ସାକ୍ଷାତକାରରେ କେହି ଜଣେ ମୋ ସହିତ ପାକିସ୍ଥାନରେ ନାରୀ କବି ସହାବ୍ କିଜ୍‌ଲ୍‌ବାସଙ୍କ ସହିତ ମୋର ପରିଚିତ କରାଇ ଦେଇଥିଲେ ।

୧୯୭୫ରେ ସୁଲତାନର ଜଣେ ପ୍ରସିଦ୍ଧ କବି ମସ୍‌କୁର ସାବ୍ରି ଏକ ଉରସ୍ ଉତ୍ସବରେ ଯୋଗ ଦେବାପାଇଁ ଦିଲ୍ଲୀ ଆସିଥିଲେ । କିନ୍ତୁ ଯେ ସେହି କବିତା, ଯେଉଁଥିପାଇଁ ମୋ ବିରୁଦ୍ଧରେ ପଞ୍ଜାବର ପତ୍ରପତ୍ରିକା, ସେତେବେଳେ ବିଷ ଉଦ୍‌ଗାରଣ କରୁଥିଲେ । ଶିଖ୍‌ମାନଙ୍କର ଆପତି ଥିଲା ଯେ, ଗୁରୁ ନାନକଙ୍କୁ ସମ୍ବୋଧନ ନ କରି କବିତାଟିରେ ମୁଁ କାହିଁକି ଓ୍ୱାରିଶ ସାହଙ୍କୁ ସମ୍ବୋଧନ କରି ଲେଖିଲି ।

**କେବଳ ନାରୀ :**

ବାଲ୍ୟକାଳରେ କୋମଳ ବୟସରେ କେଜାଣି କେଉଁ ଏକ ମୁହୂର୍ତ୍ତରେ କଳ୍ପନାଟିଏ ଶରୀରର ଗୋଟିଏ ଅଙ୍ଗ ହୋଇ ବଢ଼ିବାକୁ ଲାଗେ । ଆଉ ନିଜର ମନ ଆପଣାଛାଏଁ ଯାଦୁ ବୁଣି ଚାଲେ ।

ଈଶ୍ୱରଙ୍କ ଶକ୍ତିର ମୁଠାଏ ପ୍ରତି ମଣିଷର ଭାଗ୍ୟରେ ପଡ଼ିଥାଏ । ସେଥିରୁ ମୁଁ ଏକ ପୁରୁଷର ପ୍ରତିବିମ୍ବ ଗଢ଼ିଥିଲି । ଆଉ ସେହି ପ୍ରତିବିମ୍ବକୁ ସାଙ୍ଗରେ ନେଇ ଜୀବନର ବର୍ତମାନ ଅତିବାହିତ କରିବାକୁ ଲାଗିଲି । ନାରୀ ଥିଲି, ଛୋଟ ଝିଅଟିଏ ହୋଇଥିଲେ ବି ପରମ୍ପରାରୁ ମନ ଭିତରେ ଭୟ ସୃଷ୍ଟି ହୋଇ ଯାଉଥିଲା ଯେ, ଦୁନିଆଁର ଭୟଙ୍କର ଜଙ୍ଗଲକୁ ମୁଁ ଏକୁଟିଆ ପାର ହୋଇପାରିବି ନାହିଁ । ଏହିପରି ଭାବରେ ବୟସର ପ୍ରାୟ ୩୮ ମାଇଲି ବିତିଗଲା । ମୁଁ ଯେତେବେଳେ ତାଙ୍କୁ ପ୍ରଥମଥର ପାଇଁ ଦେଖିଲି, ମୋ ପୂର୍ବରୁ ମୋ ମନ ତାଙ୍କୁ ଚିହ୍ନି ପକାଇଲା । ସେତେବେଳେ ମୋତେ ୪୮ ବର୍ଷ ବୟସ ହୋଇଥିଲା ।

ଏକ ସମୟରେ ମୋ ଜୀବନରେ ଦୁଇଗୋଟି ଘଟଣା ଘଟିଲା । ପ୍ରଥମଟି ୪ ବର୍ଷ ବୟସରେ ମୋର ଯେଉଁ ନିର୍ବନ୍ଧଟି ହୋଇଥିଲା, ୧୮ ବର୍ଷ ବୟସରେ ବିବାହ ହେଲା । ଦ୍ୱିତୀୟ ଘଟଣାଟି ଥିଲା - ୨୧ ବର୍ଷ ବୟସରେ ମୋର ଭଲ ପାଇବାର ଏକ କାହାଣୀ, କିନ୍ତୁ କଳ୍ପନା ଯାହା ମୋ ଦେହର ଗୋଟିଏ ଅଂଶ ଥିଲା । ସେ ସେହିଭଳି ଦେହରେ ଲେପଟି ହୋଇ ରହିଗଲା ।

ମୋ ଭିତରର ନାରୀ ସବୁବେଳେ ମୋ ଭିତରର ଲେଖକଙ୍କ ଠାରୁ ଅନ୍ୟସ୍ଥାନରେ ରହି





ଚକୋରୀର ଶୁଭୁଅଛି ଡାକ
କିଛି ହେଲାନାହିଁ
କିଛି ତ ହେଲାନି
ଶବ୍ଦର ସମୂହ ଯୁକ୍ତି ଭାଙ୍ଗିଗଲା
ଭାଙ୍ଗି ଭାଙ୍ଗି ଗଲା ।

**(୩) ଯୋଗୀର କି ଦୁଃଖ :**

ତୁମର ଯାହା ବି ଥିଲା
ସବୁ ନେଇ ହୋଇଛି ମୁଁ ଯୋଗୀ
ଗାଆଁ ଗାଆଁ ବୁଲି
ଆଉ, ବଜାଇ କେନ୍ଦରା
ଆଉ ଭୟ ନାହିଁ ମୋର
ତେବେ ବି ନିର୍ଜନ ରାତିରେ
ମନ ହୁଏ
ସମୟର ଗୋପନ ଚାବିରେ
ଖୋଲିବାକୁ ପୁରୁଣା ସିନ୍ଦୁକ
ଦେହ ମୁଣ୍ଡେ ଗନ୍ଧେ ଭରା
ପରିତ୍ୟକ୍ତ ଶେଯ
ସାତଛିଣ୍ଡା ସୂତା ଉଠା କନ୍ଥା
କେଉଁ ମୁହଁ ଗୋପନ ଦର୍ପଣେ ।
ସେଠି କି ରହିଛି ଲୁଚି
ଯମ ଏକ !!!
ସ୍ମୃତି ସବୁ ମୂଷା ହୋଇ
ଧାଇଁ ଚାଲିଯାଏ ।
ଏକାନ୍ତରେ କାଟି ଚାଲେ ଉଇ ପୋକ ।
ଡାଳଭର୍ତି ହୋଇ
ଫୁଟିଛି କି କୃଷ୍ଣଚୂଡ଼ା ପୁଣି
ଗେରୁଆ ମଧ୍ୟାହ୍ନମାନେ
ଚାଲିଛନ୍ତି

ଯୋଗୀ ପରା ଶୋକ କରେନାହିଁ ।
ସନ୍ନ୍ୟାସୀ କେହି
ଆକାଶ ଭଳି ତା' ଚାଦରକୁ
ମେଲାଇ ଦେଇଛି
ଧରଣୀ ବୁକୁରେ ।
ମୁଁ ଚାଲୁଛି, ଚାଲୁଛି ମୋ ସ୍ମୃତି
ଆଉ ! ଚାଲେ ମୋ କେନ୍ଦେରା
ଛାତିର ଗହୀର ତଳୁ
ଏ ରାଜରାସ୍ତାରେ
ଝରିଯାଏ !!!
ଦୁଃଖର ମୁକୁଳ ।

**(୪) ଅନୁଚ୍ଚାରିତ :**

ଅନେକ ଦିନ ପରେ
ସେଇ କ୍ଷତରେ
ପୁଣି ଥରେ ବ୍ୟଥା ହେଲା !
ଚାଲୁଚାଲୁ ପଡ଼ିଯାଏ
ଅଥବା
ଉପରକୁ ଉଠିବା, କିମ୍ବା
ତଳକୁ ଓହ୍ଲାଇଲା ବେଳେ
ଅବା
କେଉଁଠାରେ ଧକ୍କା ଲାଗି
ମନେ ନାହିଁ ଆଉ ଆଜି
କ୍ଷତଟାଏ କେବେ ହୋଇଥିଲା ।
ବହୁତ ଚିକିତ୍ସା ପରେ
ସମୟର ସ୍ରୋତ ଭିତରେ





ଦେଶ ବିଭାଜନର କେତେଦିନ ପୂର୍ବରୁ ମୋତେ ପ୍ରବଳ ଜ୍ୱର ହୋଇଥିଲା । ଜଣେ ଏକ ସାପ୍ତାହିକ ସମ୍ପାଦକ ମୋର ଖବର ବୁଝିବାକୁ ଆସିଥିଲେ । ତାଙ୍କ ସହ ଆଉ ଜଣେ ବ୍ୟକ୍ତି ମଧ୍ୟ ଥିଲେ । ଯାହାଙ୍କୁ ପୂର୍ବରୁ କେବେ ଦେଖିନଥିଲି । ସେ ତାଙ୍କର ନାମ ଧରି ଯେତେବେଳେ ପରିଚୟ କରାଇଲେ, ମୁଁ ଚମକି ପଡ଼ିଲି । ସେ ସେହି ବ୍ୟକ୍ତି ଥିଲେ । ଯାହାଙ୍କର ମୋ ଅସ୍ତିତ୍ୱ ପ୍ରତି ବି ଘୃଣା ଥିଲା । ସେ ମୋର ଖବର ବୁଝିବାକୁ ଆସିଛନ୍ତି ଦେଖି ମୁଁ ଆଶ୍ଚର୍ଯ୍ୟ ହୋଇଗଲି । ଦୁଇତିନିଦିନ ପରେ ସେହି ସାପ୍ତାହିକରେ ମୁଁ ତାଙ୍କର ଏକ କବିତା ପଢ଼ିଲି । ଯେଉଁଦିନ ସେ ମୋତେ ଭେଟିବାକୁ ଆସିଥିଲେ ସେହି ତାରିଖଟି କବିତାର ତଳେ ଲେଖା ହୋଇଅଛି । ଏହା ଏକ ଅଦ୍‌ଭୂତ ପ୍ରେମ କବିତା ଥିଲା । ମୋର ମନେ ହେଲା, ଯେପରି ଘୃଣା ପାଇଁ କୌଣସି କାରଣ ନଥିଲା । ସେହିଭଳି ଏପରି ଆସକ୍ତିପୂର୍ଣ୍ଣ କବିତା ପାଇଁ ମଧ୍ୟ କୌଣସି କାରଣ ନଥିଲା ।

ଏହାପରେ ସେ କେତେଥର ଘରକୁ ଆସିଲେ । ମୁଁ ବ୍ୟସ୍ତ ହୋଇ ଏହିଭଳି ଅଚାନକ ଅନୁକମ୍ପାର କାରଣ ପଚାରିଲି । କିନ୍ତୁ ତାଙ୍କ କଥାରୁ କିଛି ବୁଝିହେଲାନାହିଁ । ସେ ଅନ୍ୟମାନଙ୍କ ଠାରୁ ନିଜକୁ ଶ୍ରେଷ୍ଠ ମନେ କରୁଥିଲେ ଏବଂ ଅନ୍ୟ ସମସ୍ତଙ୍କୁ କ୍ଷୁଦ୍ର ମନେ କରୁଥିଲେ । ଏଭଳି ସାହିତ୍ୟିକ ପରିଚୟରେ ବେଳେବେଳେ ଶ୍ୱାସରୁଦ୍ଧ ହେବାକୁ ବସିଲା । ସେତେବେଳ ମୁଁ ଅସ୍ଥିର ହୋଇଉଠିଲି । ମୋର ଏହି ଅନୁଭୂତିକୁ ରୂପ ଦେବାକୁ ଆରମ୍ଭ କଲାବେଳେ ଦେଶ ବିଭାଜନ ହେଲା ।

**୧୯୪୭ :**

ପୁରୁଣା ଇତିହାସରେ ଭୀଷଣ ଅତ୍ୟାଚାରର କାହାଣୀ ଆମେ ପଢ଼ିଥିଲୁ । କିନ୍ତୁ ଆମ ଦେଶ ବିଭାଜନ ସମୟରେ ଯାହାକିଛି ହେଲା, ସେଭଳି ହତ୍ୟାକାଣ୍ଡ କେହି କଳ୍ପନା ମଧ୍ୟ କରିପାରିବେ ନାହିଁ ।

ଦୁଃଖର କାହାଣୀ କହିକହି ଲୋକମାନେ ଥକି ପଡ଼ିଥିଲେ । କିନ୍ତୁ ସେହି କାହାଣୀ ଜୀବନଯାକ କହିଲେ ବି ସରିବାର ନଥିଲା । ମୁଁ ହଜାର ହଜାର ଶବ ଦେଖୁଥିଲି । ଶବ ଭଳି ଲୋକମାନଙ୍କୁ ବି ଦେଖୁଥିଲି । ୱାରିଶ ସାହାଙ୍କର କବିତାର ପଦଟିଏ ମୋ ମନ ଭିତରେ ଘୁରି ବୁଲିଥିଲା । "କହ ଭଲା ମୃତ ଓ ବିଚ୍ଛିନ୍ନ, କିପରି ମିଶିବେ ଆଉ ।"

କିଛିଦିନ ପରେ ଏହି କବିତାଟି ଛପାହେଲା ଆଉ ପାକିସ୍ଥାନରେ ମଧ୍ୟ ପହଞ୍ଚିଗଲା । ଏହାର କିଛିଦିନ ପରେ ପାକିସ୍ଥାନ ଫଏଜ୍ ଅହମ୍ମଦ ଫଏଜ୍‌ଙ୍କର ବହି ଛପାଇଲା । ସେହି ବହିର ମୁଖବନ୍ଧରେ

**ନୀରବତାର ଏକ ପରିଧି :**

କେତେବର୍ଷ ପଛକୁ ଫେରିଚାହିଁଲେ ଦେଶ ବିଭାଜନର ସେହି ଦିନଗୁଡ଼ିକ ଆଖିଆଗରେ ଭାସିଉଠେ । ମୋ ଜୀବନରେ ଗୋଟିଏ ମାତ୍ର ଘଟଣା ଘଟିଥିଲା । ମୋର ବିବାହ । ଚାରିବର୍ଷ ବୟସରେ ଯେଉଁ ନିର୍ବନ୍ଧ ହୋଇଥିଲା, ଷୋହଳବର୍ଷ ବୟସରେ ତାହାର କାର୍ଯ୍ୟକାରୀ ହୋଇଥିଲା । ସାହିତ୍ୟିକ ଜଗତରେ ବହୁତ ରୋମାଞ୍ଚକ କାହାଣୀ ଶୁଣାଯାଉଥିଲା । ଜାଣିଲି ଯେଉଁ ପଞ୍ଜାବୀ କବିଙ୍କ ନାମ ସେତେବେଳେ ଖୁବ୍ ସମ୍ମାନର ସହ ଉଚ୍ଚାରଣ କରାଯାଉଥିଲା, ସେ ମୋ ବିଷୟରେ କେତେଗୁଡ଼ିଏ କବିତା ଲେଖିଛନ୍ତି । ସେ ଥିଲେ ସେ ସମୟରେ ପ୍ରସିଦ୍ଧ କବି ମୋହନ ସିଂହ । ସେତେବେଳେ ମୋହନ ସିଂହଜୀଙ୍କୁ ଓ ମୋତେ ନେଇ ଏକ ଗୁଜବ ସୃଷ୍ଟି ହେଉଥିଲା । ଦିନେ ସନ୍ଧ୍ୟାବେଳେ ମୋହନ ସିଂହଜୀ ମୋତେ ଦେଖା କରିବାକୁ ଆସିଲେ । ସେତେବେଳେ ମୁଁ ଘୋର ମାନସିକ ଅଶାନ୍ତିରେ ଗତି କରୁଥିଲି । କବିତାର ସ୍ୱଷ୍ଟତା ମୋତେ ଅସ୍ଥିର କରିପକାଉଥିଲା । ମନେ ହେଉଥିଲା, ମୋର ନୀରବତା ଜଣେ ଅତି ଭଲ ଲୋକଙ୍କ ମନରେ ଭ୍ରାନ୍ତି ସୃଷ୍ଟି କରୁଛି । କିନ୍ତୁ ଏହି ନୀରବତାକୁ କିଭଳି ଭାଙ୍ଗିବି ତାହା ମୁଁ ଜାଣିପାରୁନଥିଲି । ମୋହନ ସିଂହଜୀ ତାଙ୍କର ନୀରବତା ବି କେବେ ମୋ ସାମନାରେ ଭଙ୍ଗ କରିନାହାନ୍ତି । ଏହି ନୀରବତାର ଏକ ନିଜସ୍ୱ ଆଚ୍ଛାଦନ ସବୁବେଳେ ରହିଥିଲା ।

ମୋତେ ଦେଖିନଥିଲେ ଶର୍ମାଜୀଙ୍କ ପୁରୁଣାକଥା ମନେ ପଡ଼ିନଥାନ୍ତା ଏବଂ ସେ ହୁଏତ ଏହି ଗଳ୍ପଟିକୁ ଲେଖିପାରି ନ ଥାନ୍ତେ । ଶର୍ମାଜୀ ଜଣେ ସାଧାରଣ ଲେଖକ ଥିଲେ । କିନ୍ତୁ ମୋର ମନେହୁଏ, ଏହା ତାଙ୍କର ସବୁଠାରୁ ଭଲ ଗଳ୍ପ ଥିଲା । ସେ ତାଙ୍କର ଗଳ୍ପର ଗୋଟିଏ ଗୁଜବର ବାତବରଣକୁ ଚିତ୍ରଣ କରିବା ପାଇଁ ଚେଷ୍ଟା କରିଥିଲେ । କିନ୍ତୁ ପଞ୍ଜାବୀ ଲେଖକଙ୍କ ଭଳି ନିଜଆଡୁ ଜବରଦସ୍ତି ତାହାର କୌଣସି ଫଳାଫଳ ସାବ୍ୟସ୍ତ କରିନଥିଲେ । କାହାଣୀଟି ଲେଖକଙ୍କର ସତ୍ୟତା ପ୍ରତିପାଦିତ କରୁଥିଲା ।

**ଘୃଣାର ଏକ ଚିତ୍ର :**

ଏଇଟା ବି ଗୋଟିଏ ଛୋଟ ଘଟଣା । ଏହି ଘଟଣାଟିକୁ ଏକ କ୍ରମବିସ୍ତାରିତ ଘୃଣାର ଜାଲ ଘେରି ରହିଥିଲା । ଏହା ଲାହୋରରେ ଘଟିଥିବା ମୋର ସାହିତ୍ୟିକ ଜୀବନ ଆରମ୍ଭ ସମୟର କଥା । ଜଣେ ପଞ୍ଜାବୀ କବିଙ୍କ ସହିତ ମୋର କେବେ ବି ଦେଖାହୋଇ ନଥିଲା । କିନ୍ତୁ ସେ ମୋ ବିରୁଦ୍ଧରେ ଅନେକ କଥା କହୁଛନ୍ତି ବୋଲି ମୁଁ ଶୁଣିଥିଲି । ମୋର ତାଙ୍କ ସହିତ କେବେ ଦେଖାହୋଇନଥିବାରୁ ମୋତେ ଆଶ୍ଚର୍ଯ୍ୟ ଲାଗୁଥିଲା । କେଉଁଥିପାଇଁ ସେ ମୋର ଶତ୍ରୁତା କରୁଛନ୍ତି ।





ମଲମ ଆଉ ପ୍ରଲେପରେ
ସେଇ କ୍ଷତ
ଭାବିଥିଲି
ଶୁଖି ଯାଇଥିଲା ।
ଛୋଟ ଏକ
ଅନ୍ଧାରୁଆ କୋଠରୀର
ଜଙ୍ଗଲଗା, ତାଲା ପଛ ପଟେ
ଅନାବନା ଜିନିଷର ସ୍ତୁପ ତଳେ
କେବେ ଓ କେଉଁଠି
ତାହା ହଜି ଯାଇଥିଲା ।
ଏତେ ଲୋକ
ସେ ବାଟେ ତ କେତେ କାଳ ହେଲା
ଯାଉଥିଲେ, ଆଉ ଆସୁଥିଲେ
ଅଚାନକ କାହା ହାତ ବାଜି
ସାମାନ୍ୟ ଆଘାତ ପାଇ
ପୁରୁଣା ତାଲାଟା
ଭାଙ୍ଗିଗଲା ଖଣ୍ଡ ଖଣ୍ଡ ହୋଇ ।
ଆଶ୍ଚର୍ଯ୍ୟ !
ଏତେ ପ୍ରସ୍ଥ ଅଳିଆ ଭିତରୁ
ସଦ୍ୟ କ୍ଷତଟାଏ ଅବା
ବାହାରି ଆସିଲା ।
ଯନ୍ତ୍ରଣାକାତର ମନ
ସ୍ମୃତିର ଅଡୁଆ ସୂତା
ଟଣାଟଣି କଲା ।
ସେଠି ଥରେ କ୍ଷତ ହୋଇଥିଲା
କେବେ ଯାହା ଭଲ ବି ହୋଇନି
ଏବଂ
ଆଜି ତାହା ସମ୍ଭାବନା ଠାରୁ
ଅନେକ ଦୂରେଇ ଗଲା !

**(୫) ଅସହାୟ ମଧ୍ୟବିନ୍ଦୁ :**

ଶୁଖିଲା ପତର ଢେଉ
ସୃଷ୍ଟି କରୁଥିଲା ଏକ ବିଚିତ୍ର କୋଳାହଳ
ବର୍ଣ୍ଣହୀନ ନିଦାଘର ଦ୍ୱିପ୍ରହର
ବଡ଼ ରାଜରାସ୍ତା ଉପରେ ଲମ୍ବିଯାଇ
ସେଇ କୋଳାହଳଙ୍କୁ, ସ୍ୱାଗତ କରିବା ପାଇଁ
ପ୍ରଥମେ ଧୀରେ ଧୀରେ
ଏବଂ, ତା'ପରେ ଅତି ବେଗରେ
ହାତ ବଢ଼ାଇ ଦେଲା ।
ଆମେ ସବୁ ଯେଉଁମାନେ
କୋଇଲିର ଡାକ ଶୁଣିବାରେ
ଅନେକ ଦିନୁଁ ଅଭ୍ୟସ୍ତ
ହୋଇଯାଇଥିଲୁ,
ହଠାତ୍ ନିଦାଘର ଲମ୍ବାହାତ ଦେଖି
ଚମକି ପଡ଼ିଲୁ ।
ସତେ ଅବା
ଲୁଚି ରହିଥିଲା !
ଜାଣିବାକୁ ବି
ସାହସ ହେଲାନାହିଁ
ସେ ହାତର ସ୍ପର୍ଶ
କଠିନ କି ନରମ
ସାମ୍ନାରେ ଲମ୍ବାହାତ
ଅଜଣା, ଅଶୁଣା
ଫେରିଯିବା ?

କିନ୍ତୁ ପିଠିପଟେ ସେ ହାତର
ଟାଣ ଅବା !
ଅଦ୍ଭୁତ ଶୀତ୍‌କାର ଏକ
ସମଗ୍ର ଦେହରେ
ଭୟରେ ରୋମାଞ୍ଚ ।
ଆମେ ସବୁ ଭୀରୁ
ପଳାତକ ଦଳ ।
ସମ୍ମୁଖର ଅଜ୍ଞାତ ସମ୍ଭାବନା
ଏବଂ ପଶ୍ଚାତର ଅନିଶ୍ଚୟତା
ଆମ ପାଇଁ ଅତି ଭୟଙ୍କର
ରାସ୍ତାର ମଝିରେ ଠିଆହୋଇ
ଆମେ ସବୁ
କିଂକର୍ତବ୍ୟବିମୂଢ଼ !

**(୬) ଜନପଦରେ କୁହୁଡ଼ି :**

ହଠାତ୍ ଗୁଡ଼ାଏ କୁହୁଡ଼ି
ମାଡ଼ିଆସି ରାସ୍ତାଘାଟ
ଘରଦ୍ୱାର ଆଚ୍ଛନ୍ନ କରିଦେଲା ।
ଗାଆଁ ଲୋକେ ଭାବିଥିଲେ
ଅନେକ ଖରା ସହି ସହି
ଧରଣୀ କ୍ଳାନ୍ତ
ହୋଇଗଲା ବେଳେ
ଭଗବାନ ଦୟା କଲେ,
ବର୍ଷା ହେବ ବୋଲି
ମେଘ ପଠାଇଲେ ।
କୁହୁଡ଼ି ଘନ ହେଲା
ଚିହ୍ନା ମୁହଁ
ଅଚିହ୍ନା ହୋଇଲା
ଅନେକ ଦୁର୍ଘଟଣା
ଗାଡ଼ି ମଟର ଆଇ ସାଇକେଲ୍‌ର ।
କିଏ କାହିଁ ପଡ଼ିରହି
ବ୍ୟଥାରେ ଗୁମୁରେ
କେହି ବା ରକ୍ତାକ୍ତ
ଛିନ୍ନହସ୍ତ, ଭଗ୍ନଜାନୁ ।
ତାହାରି ଭିତରେ
ଲମ୍ବା ଏକ କଳା ହାତ
ମହାଦସ୍ୟୁ, ତସ୍କର ଶ୍ରେଷ୍ଠର
ଲମ୍ବି ଆସୁଅଛି ।
ବଞ୍ଚିବାର ବାଟ କାହିଁ
କେଉଁଠି ଦିଶୁନି !
କୁହୁଡ଼ି ପରଦା ପଛରୁ
ସେ ହାତର ଗତିବିଧି
ଜାଣିବା ଆଗରୁ
କେତେ ଆହତଙ୍କୁ ତାହା
ନିହତ କରୁଛି ।
ବେଦନାର କରୁଣ ସ୍ୱର
ସବୁବେଳ ପାଇଁ
ନିଶ୍ଚୁପ ହେଉଛି ।
କୁହୁଡ଼ିରେ ରାତି ଦିନ
ବାରି ହେଉ ନାହିଁ ।
ମେଞ୍ଚା ମେଞ୍ଚା ଅନ୍ଧକାରଯାକ
ଜାକିଜୁକି ହୋଇ
ଠିଆ ହୋଇଛନ୍ତି ।
ସବୁ ସ୍ତବ୍ଧ
ନିସ୍ପନ୍ଦ ନୀରବ





**ଏକ ଛାୟା :**

ଏକ ଶ୍ୟାମଳ ଛାୟା ପିଲାଟି ଦିନରୁ ମୋ ସହିତ ସବୁବେଳେ ଚାଲିଥିଲା । ଧୀରେ ଧୀରେ ଜାଣିଲି ତାହା ସହିତ ଅନେକ କିଛି ମିଶି ରହିଛି । ମୋ ପ୍ରେମିକର ଚେହେରା, ମୋ ନିଜର ବି ସେହି ଆକାଂକ୍ଷିତ ରୂପ, ଯାହା ମୋ ଠାରୁ ଅଧିକ ସିହାଣା, ଗମ୍ଭୀର ଓ ଶକ୍ତିଶାଳୀ ।

ଯାହା ଲେଖୁଛି, କଙ୍କାଳ ଉପରେ ରକ୍ତ ଓ ମାଂସ ଲେପିଦେବାର ଇଚ୍ଛାରୁ ଲେଖୁଛି । ତାହାର ଶ୍ୟାମଳବର୍ଣ୍ଣରେ ଉଜ୍ଜ୍ୱଳତା ଭରିଦେବାର ଇଚ୍ଛାରେ ।

ଦିନେ ସନ୍ଧ୍ୟାବେଳେ ଜଣେ ପ୍ରେସ୍ ରିପୋର୍ଟର ମୋ ପାଖକୁ ଆସିଲେ । ତାଙ୍କ ସହିତ ଫଟୋଗ୍ରାଫର ମଧ ଥିଲେ । ଲେଖିବା ଅବସ୍ଥାର ଫଟୋ ସେ ଉଠାଇବାକୁ ଚାହୁଁଥିଲେ । ମୁଁ ତା'ପରେ ଲେଖିଚାଲିଲି ସାହିର୍, ସାହିର୍, ସାହିର...

ମୁଁ ସ୍ୱପ୍ନ ଓ ଜାଗୃତିର ସନ୍ଧିକ୍ଷଣରେ ଥିଲି । ସେହି ରାତିରେ କବିତା ଲେଖିଥିଲି, 'ବହୁ ଦିନୁ ସ୍ମୃତି ତୁମ ନିର୍ବାସିତ ଥିଲା । ମୋର ଏକାକୀତ୍ୱର ଅଭିଶାପ ଇମ୍‌ରୋଜ ଦୂର କଲେ କିନ୍ତୁ ତାଙ୍କ ସହିତ ଭେଟ ହେବା ପୂର୍ବରୁ ଗୋଟିଏ ସୁନ୍ଦର ଘଟଣା ଘଟିଥିଲା । ଜଣେ ଅତି ଦରଦୀ ବ୍ୟକ୍ତିଙ୍କର ବନ୍ଧୁତ୍ୱ ମୋତେ ମିଳିଥିଲା ।

ଥରେ ମୋର ପୁଅ ନବରାଜର ଜ୍ୱର ହେଲା । ଅନେକ ଦିନ ପର୍ଯ୍ୟନ୍ତ ଜ୍ୱର ନ ଛାଡ଼ିବାରୁ ମୁଁ ବିବ୍ରତ ହୋଇପଡ଼ିଥିଲି । ସଜ୍ଜାଦଙ୍କର ଚିଠିର ଉତ୍ତର ଦେଲାବେଳେ ମୁଁ ପୁଅର ଜ୍ୱର ବିଷୟରେ ଲେଖିଥିଲି । ଫେରନ୍ତା ଡାକରେ ତାଙ୍କ ପାଖରୁ ଯେଉଁ ଉତ୍ତର ମିଳିଥିଲା – ମୁଁ ସାରାରାତି ଖୋଦାଙ୍କୁ ତୁମ ପୁଅର ଆରୋଗ୍ୟ ପାଇଁ ପ୍ରାର୍ଥନା କରୁଥିଲି ।

ରାଜନୈତିକ ଅବସ୍ଥା ଯୋଗୁଁ ଦୁଇ ଦେଶ ଭିତରେ ଚିଠିପତ୍ରର ଆଦାନ ପ୍ରଦାନ ମଧ ବନ୍ଦ ହୋଇଗଲା । ମୋ ଜୀବନରେ ଇମ୍‌ରୋଜଙ୍କର ଆବିର୍ଭାବ ହେଲା । ଦୁଇଦେଶ ଭିତରେ ପୁଣି କିଛି ସମୟ ପାଇଁ ଚିଠିପତ୍ର ଦିଆନିଆ ଚାଲିଲା । ସଜ୍ଜାଦଙ୍କର ସମ୍ପର୍କରେ ମୋର ସମସ୍ତ ଭାବନା ନିଃସଂକୋଚରେ କଲମ ମୁନରୁ ବାହାରି ଆସୁଥିଲା । କିନ୍ତୁ ରାଜନୈତିକ ଅବସ୍ଥା ଯୋଗୁଁ ତାଙ୍କର ନାଁ ନେବା ମୋ ପକ୍ଷରେ ସମ୍ଭବ ହୋଇନଥିଲା ।

ସଜ୍ଜାଦ ଆଶ୍ୱସ୍ତ ହେଲେ କି ନାହିଁ ଜାଣିନାହିଁ । ଆଜି ପୁଣିଥରେ ସେହି କାର୍ଯ୍ୟ ଦୋହରାଉଛି – କେବଳ ଏଥିପାଇଁ ଯେ ସଜ୍ଜାଦଙ୍କ ଦେଶର ରାଜନୀତି ମୋତେ ଶୁଭେଚ୍ଛୁ ଭାବରେ ଗ୍ରହଣ କରୁ – ଅନ୍ୟକୌଣସି ଭାବରେ ନୁହେଁ ।

ହାତ ମୋତେ ଛୁଇଁପାରୁନାହିଁ ।

**ମୋର ଷୋଡ଼ଶ ବର୍ଷ :**

ଷୋଡ଼ଶ ବର୍ଷ ଆସିଲା ଅଜଣା ଲୋକ ଭଳି । ପାଖକୁ ଆସି ମଧ୍ୟ କିଛି ଦୂରତ୍ୱ ରଖି ଠିଆହେଲା । ମୁଁ କେବେକେବେ ମୋତେ ଚାହିଁ ମୁରୁକି ହସିଦିଏ । ମୋ ମା'ଙ୍କ ଅନୁପସ୍ଥିତି ଯୋଗୁଁ ଜୀବନରେ ଅନେକ କିଛି ମଧ୍ୟ ଅନନୁଭୂତ ରହିଗଲା । ମୋର ପରିଚିତ କେହି ନ ରୁହନ୍ତୁ । ସ୍କୁଲରେ କେହି ଝିଅ ନୁହେଁ କି, ସାଇପଡ଼ିଶାରେ କୌଣସି ପୁଅ ବି ନୁହେଁ । ଷୋଡ଼ଶ ବର୍ଷ ବି ଏହି ହିସାବ ଭିତରେ ସାମିଲ ହୋଇଗଲା ।

କୌଣସି ରାତିରେ ମୋ ମୁଣ୍ଡପାଖ ଖୋଲା ଝରକା ବାଟେ ସେ ଚୁପ୍‌ଚାପ ମୋ ସ୍ୱପ୍ନ ଭିତରକୁ ଆସିଯାଏ । ପୁଣି କେତେବେଳେ ଦିନରେ ମୋ ବାପା ଶୋଇଦେବାର ଦେଖି ସେ ଅଗଣା ପାଚେରୀ ଡେଇଁ ଆସେ । ଆଉ ମୋ କୋଠରୀର କୋଣରେ ଲାଗିଥିବା ଛୋଟ ଦର୍ପଣ ଭିତରେ ବସିଥାଏ ।

ଋଷମାନଙ୍କର ତପସ୍ୟା ଭଙ୍ଗ କରିବା ପାଇଁ ଇନ୍ଦ୍ରଙ୍କ ଦୂତଭାବରେ ଅପସରାମାନେ ଆସୁଥିଲେ ବୋଲି କୁହାଯାଏ । ମୋର ଷୋଡ଼ଶ ବର୍ଷ ବି ସେହିଭଳି ନିଶ୍ଚୟ ଈଶ୍ୱରଙ୍କ ଦ୍ୱାରା ପ୍ରେରିତ ହୋଇଥିଲେ, କାରଣ ସେ ମୋର ପିଲାବେଳର ତପସ୍ୟା ଭାଙ୍ଗି ଦେଇଥିଲା ।

କିନ୍ତୁ ଷୋଡ଼ଶ ବର୍ଷ ସହିତ ମୋର ସାମାଜିକ ସମ୍ପର୍କ ନଥିଲା - ଥିଲା ଏକ ଲୁଚାଛପା ସମ୍ପର୍କ । ଷୋଡ଼ଶ ବର୍ଷ ବୟସ ସହିତ ମୋର ପରିଚୟ ସେହି ଅସଫଳ ପ୍ରେମ ଭଳି ଥିଲା । ତେଣୁ ହୁଏତ ସେହି ଷୋଡ଼ଶ ବର୍ଷ ଏବେ ବି ମୋ ଜୀବନରେ ପ୍ରତିବର୍ଷ ସହିତ କେଉଁଠି ନା କେଉଁଠି ସାମିଲ ହୋଇଯାଉଛି ।

ମୋର ମନେହୁଏ ଯେତେବେଳ ଯାଏଁ କୌଣସି ସୁନ୍ଦର ଛବି ଆଖିରେ ଲାଖିରହିଥାଏ, ଆଉ ସେହି ଛବିର ପ୍ରଭାବରେ ଯାହା ଅସୁନ୍ଦର ତାହା ବି ଭଲ ଲାଗେ । ସେତେବେଳ ଯାଏଁ ମଣିଷର ଷୋଡ଼ଶ ବର୍ଷ ବି ତା' ଭିତରେ ବଞ୍ଚିରହିଥାଏ ।

ଈଶ୍ୱରଙ୍କ ଯେଉଁ ଷଡ଼ଯନ୍ତ୍ର ଯୋଗୁଁ ଏହି ଷୋଡ଼ଶ ବର୍ଷଟି ଅପ୍‌ସରା ଭଳି ଆସି ମୋ ବାଲ୍ୟବସ୍ଥାର ସମାଧି ଭଙ୍ଗ କରିଥିଲା, ସେହି ଷଡ଼ଯନ୍ତ୍ର ପାଇଁ ମୁଁ ଋଣି । କାରଣ ସେହି ଷଡ଼ଯନ୍ତ୍ରର ସମ୍ପର୍କ କେବଳ ଗୋଟିଏ ବର୍ଷକ ପାଇଁ ନୁହେଁ, ମୋର ସମଗ୍ର ଜୀବନ ସହିତ ସ୍ଥାପିତ ହୋଇଯାଇଛି । ଜୀବନର ତୃଷ୍ଣାରେ ଓଠ ଶୁଖିଆସେ । ଆକାଶର ତାରାକୁ ହାତରେ ଛୁଇଁବାକୁ ଇଚ୍ଛା ହୁଏ । ଆଉ ଦୁନିଆଁର ଯେଉଁଠି ବା ଯାହାପ୍ରତି ଅନ୍ୟାୟ ହେଉଥିବାର ଜାଣିବାକ୍ଷଣି ମୋ ଭିତରେ ନିଆଁ ଜଳିଉଠେ ।





ଜମାଟବନ୍ଧା
ଅନ୍ଧାରରୁ ପୁଳାଏ ।
ଦସ୍ୟୁର ହାତରେ
ଖସି ପଡୁଛି
ସେଇ ସ୍ୱର୍ଶରେ ହାତର
ଶିରାମାନେ ଫୁଲି ଉଠୁଛନ୍ତି
ଆଉ ଆଘାତ କରିବାକୁ
ପ୍ରସ୍ତୁତ ହେଉଛନ୍ତି ।
ଜନପଦବାସୀଙ୍କର ଆତ
ପ୍ରାର୍ଥନାର ସ୍ୱର
ବର୍ଷା ଭ୍ରମେ, କୁହୁଡ଼ିକୁ
ସ୍ୱାଗତ କରିବାର ଦୋଷ
କ୍ଷମା କର, କ୍ଷମା କର
ନ ହେଲା ବା ବର୍ଷା,
କିନ୍ତୁ ଆଲୋକକୁ ନିଅ
ଧୀରେ ଧୀରେ ବାଷ୍ପ ହୋଇ
ସ୍ୱର୍ଗକୁ ଠୁଛି ।

**(୭) ଏପାଖ ସେପାଖ :**

ଡାକୁଥିଲି ତୁମକୁ ମୁଁ
ଆସିବାକୁ ମୋ ପାଖକୁ
ଆହୁରି ପାଖକୁ !
ତମ ନିଶ୍ୱାସର ଶବ୍ଦ ଶୁଣୁଥିଲି
ବିହ୍ୱଳିତ ହୋଇ
ତୁମ ରୂପ ଦେଖୁଥିଲି
ଆଲୁଅ ଓ ଅନ୍ଧାରର ଘଡ଼ିସନ୍ଧି ବେଳେ ।
ତୁମକୁ ଛୁଇଁବା ନିଶା
ଜମାଟ ବାନ୍ଧିବା ଆଗୁଁ
ହାତ ବଢ଼ାଇବାକୁ ମୁଁ ଅଣନିଃଶ୍ୱାସୀ ହେଲି ।
ଆଖି ତମ ଭାସୁଥିଲା
କୁହୁଡ଼ି ଭିତରେ
ଧୀରେ ଧୀରେ ଦୁଇଟି କଳାବିନ୍ଦୁ
ପାହାନ୍ତିଆ ସ୍ୱପ୍ନ ପରି
ଛୁଇଁବାକୁ ଚେଷ୍ଟା କଲେ
ଅପସରି ଗଲା ।
ମୋ ହାତ ବାଜିଲା ଗୋଟେ
ପଥର କାନ୍ଥରେ
ଆରପଟେ ଠକ୍ ଠକ୍
ଶବ୍ଦ ସବୁ
ରହି ରହି ମୋତେ ଡାକୁଥିଲା ।
ସତେ ଅବା ଆସିବାକୁ
ଆହୁରି ପାଖକୁ
ଝିମାଧରା ହାତ ଗୋଡ଼
ଝାଡ଼ିଝୁଡ଼ି
ଘୁଣଧରା ମନଟାକୁ
ସଜ କଲାବେଳେ
ପାଚିରିର ଉଚ୍ଚତାଟା
ହଠାତ୍ ବଢ଼ିଗଲା ଓ
ତା' ଉପରେ ଲମ୍ୱା ଲମ୍ୱା
ଲୁହା କଣ୍ଟାମାନେ
ତରାଟି ଚାହିଁଲେ ।

**(୮) ଖାଲି ଆଜି :**

ଆମ ଦିନଗୁଡ଼ାକରେ
ଖାଲି ଥିଲା 'ଆଜି'

ହେବା ପାଇଁ ଯାହା ଥିଲା
ଦେହ ମନ କଳ୍ପନାରେ
ସ୍ୱପ୍ନ ଆଉ ସଙ୍ଗୀତରେ
ସବୁ 'ଆଜି' ସାରି ଦିଆଗଲା ।
ଆଜି ଆଉ ଆସିବନି କାଲି
କାଲି ବି ଆମର ଆଜି
ସ୍ୱପ୍ନରେ ନ ଥିଲା ।
ତୁମେ ଆଉ ମୁଁ
କାଲି ତ ନଥିଲୁ
ଜହ୍ନଟା କେତେବେଳେ
ବଡ଼ି ବଡ଼ି ଗୋଲ୍ ହୋଇଗଲା
କେହି ଆମେ ଲକ୍ଷ୍ୟ କଲୁନାହିଁ
କିନ୍ତୁ ହଠାତ୍ ଏକ
ଥଣ୍ଡା ଥଣ୍ଡା ରେଶମୀ ଆଲୁଅ
ବୋଧହୁଏ ଭଲ ଲାଗିଥିଲା ।
କାଲିଠାରୁ ସେଇଭଳି
ସବୁରି ଅଲକ୍ଷ୍ୟରେ
ପୂର୍ଣ୍ଣଚନ୍ଦ୍ର ଧୀରେ ଧୀରେ
କ୍ଷୟ ହୋଇଯାଉଛି
ଆମେ ଖାଲି
ଆସନ୍ତା କାଲିର ଗୀତ
ଶୁଣିବାକୁ, ଅକାରଣଟାରେ
କାନ ଡେରିଥିଲୁ ।

**(୯) ବିଶ୍ୱାସ ତୁଟିଲା ପରେ :**

ଲୁହର ନଈରେ
ଥରେ କେବେ ଗତି ଥମିଗଲା
ଚୈତ୍ରର ପତ୍ରଝରା ଅନୁଷ୍ଠାନ
ସରିବା ଆଗରୁ
ସେ ନଈରେ ପଠାଟିଏ
ଧୀରେ ଧୀରେ ନିଜର କାୟା
ବିସ୍ତାରି ଦେଲା ।
ସୁଅ ରୋକିବାକୁ କିଛି
ବାଧାବନ୍ଧ ନ ଥିଲା ସେଠାରେ
ବାଲି ମାଟି
ଛୋଟ ଛୋଟ ବାଲିଗରଡ଼ା ବି
ଥରି ଥରି ଭାସିଯାଉଥିଲେ ।
କେତେ ଯେ ଫସଲ
ପୁଣି କେତେ ଗଛଲତା
ଧୂସର ଚାଦରଟାକୁ
ରଙ୍ଗ ଆଉ ରୂପରେ ଛବିଳ କଲେ ।
ଆକାଶର କଳାମେଘ
ଝଡ଼ର ଇଙ୍ଗିତ
ବୈଶାଖର ତାତି ସବୁ
ବେଖାତିର କରି
ପତ୍ରରେ ଲାଗିଲା ରଂଗ ।
ଛୋଟ ଛୋଟ ତାରାଙ୍କର
ଟୁପୁ ଟୁପୁ କଥା
ହେମାଳିଆ ପବନରେ
ସବୁ ପିଚକାରି ହୋଇ
ଚାଲି ଆସୁଥିଲା ।
ବଡ଼ ବଡ଼ ସୂର୍ଯ୍ୟମାନେ
ନାଲି ଆଖି ଦେଖାଇ
ସବୁଦିନ ଆକାଶର





ମୋର ବାପା । ଅକ୍ଷର ପ୍ରତି ମୋ ମନର ଗଭୀରରେ ସମ୍ମାନ ଜାତ ହୋଇଯାଇଥିଲା ଏବଂ ତାହା ସହିତ ଯାହାଙ୍କ ହାତରେ କଲମ ଥିଲା ତାଙ୍କ ପ୍ରତି ବି । ସଂସ୍କୃତରେ ମହାନ୍ ବିଦ୍ୱାନ ପିତାଙ୍କ ଗୁରୁ ଦୟାଲଜୀଙ୍କ ଫଟୋଟି ବାପାଙ୍କର ଖଟର ମୁଣ୍ଡପଟେ ଟଙ୍ଗା ହୋଇ ରହିଥିଲା । ସେ ପଟକୁ ଗୋଡ଼ ରଖି ଶୋଇବାକୁ ମନା ଥିଲା । ତେଣୁ ବଡ଼ ହେବାପରେ ମୋର ସମସାମୟିକ ଲେଖକମାନଙ୍କ ପ୍ରତି ସମ୍ମାନ ହିଁ ଥିଲା । ବେଳେବେଳେ ଭାବେ ଖାଲି କ'ଣ  ମୋର ସମସାମୟିକ ଲେଖକଙ୍କର ସହ ମୋର ସମ୍ପର୍କ ରହିଛି । ଏହାଥିଲା ଅମୃତା ପ୍ରୀତମ୍‌ଙ୍କର ଶୈଶବ ଅବସ୍ଥାର କିୟଦଂଶ ।

**୧୯୩୦ ଜୁଲାଇ ୩୧ :**

ପ୍ରାୟ ଏଗାରବର୍ଷର ହୋଇଥିଲି - ଦିନେ ହଠାତ୍ ମୋ ମା ବେମାର ପଡ଼ିଗଲେ । ବେମାର ହେବାର ସପ୍ତାହେ ହୋଇଅଛି କି ନାହିଁ ମା'ଙ୍କର ବିଛଣା ଚାରିପଟେ ଖୁବ୍ ବିବ୍ରତ ହୋଇ ଲୋକମାନେ ଘେରି ବସିଥିବାର ମୁଁ ଦେଖିଲି । ଠିକ୍ ସେତିକିବେଳେ ମୋ ମା ପଚାରିଲେ - ମୋ ବିନ୍ନା କାହିଁ ? ତାଙ୍କର ବନ୍ଧୁ ଶ୍ରୀତମ୍ କାଉର ମୋ ହାତଧରି ମା'ଙ୍କ ପାଖକୁ ନେଇଗଲେ । ମା'ଙ୍କର ବନ୍ଧୁ ମୋ ମାଉସୀ କହିଲେ - ତୁ ଈଶ୍ୱରଙ୍କୁ ପ୍ରାର୍ଥନା କର । ପିଲାଙ୍କ ଡାକ ସେ ଶୁଣନ୍ତି । ମୁଁ ଠିଆହୋଇ ଈଶ୍ୱରଙ୍କୁ ପ୍ରାର୍ଥନା କରୁଥିଲି, ମୋ ମା'ଙ୍କୁ ମାରିଦିଅନି । ଠିକ୍ ସେତିକିବେଳେ ମା'ଙ୍କ ଶଯ୍ୟାରୁ ଯନ୍ତ୍ରଣାର କିଛି ଆବାଜ ଶୁଣାଯାଉନଥିଲା । କିନ୍ତୁ ଘରଯାକର ଲୋକ ବାହୁନି ଉଠିଲେ । ମୋ ମା' ମରିଯାଇଥିଲେ, ସେହିଦିନ ମନଭିତରେ ମୋର ରାଗ ଜମିଥିଲା... ଭଗବାନ କାହାରି ପ୍ରାର୍ଥନା ଶୁଣନ୍ତି ନାହିଁ - ଲୋକଙ୍କ ବି ନୁହେଁ ।

ମୁଁ ପିଲାଟି ଦିନରୁ ଆଉଗୋଟିଏ ସ୍ୱପ୍ନ ଦେଖୁଥିଲି । ମୋ ପଛରେ ଅନେକ ଲୋକ ଭିଡ଼ ଜମାଇଥିଲେ । ମୁଁ ପାଦରେ ସବୁ ଜୋର୍ ଲଗାଇ ଦୌଡ଼ୁଛି । ଲୋକମାନେ ମୋ ପଛରେ ଧାଉଁଛନ୍ତି । ବ୍ୟବଧାନ କମି କମି ଯାଉଛି - ଆଉ ମୋର ବ୍ୟସ୍ତତା ବଢ଼ିଯାଉଛି । ମୁଁ ଆହୁରି ଜୋରରେ ଦୌଡ଼ୁଅଛି । ଜୋର୍‌ରେ ଏବଂ ସାମନାରେ ସମୁଦ୍ର ଆସିଯାଉଛି ।

ମୋ ପଛରେ ଆସୁଥିବା ଲୋକମାନଙ୍କର ଭିତରେ ଆନନ୍ଦ ଖେଳିଯାଉଛି । ଏଇଲେ ଆଉ ଆଗକୁ କୁଆଡ଼େ ଯିବି ? ଆଗରେ ଆଉ ରାସ୍ତା ନାହିଁ, ଖାଲି ତ ସମୁଦ୍ର । ଆଉ ମୁଁ ସମୁଦ୍ର ଉପରେ ଚାଲିବାକୁ ଲାଗୁଛି, ପାଣି ବୋହିଯାଉଛି, ଅଥଚ ମୋତେ ମାଟି ଉପରେ ଚାଲୁଥିବା ପରି ଲାଗୁଛି ।

ସବୁଲୋକ ସମୁଦ୍ର କୂଳରେ ଅଟକି ଯାଉଛନ୍ତି । ପାଣିରେ କେହି ଆଉ ପାଦ ଦେଇପାରୁନାହାନ୍ତି । ଯଦି କେହି ପାଦ ପକାଇବେ, ତେବେ ବୁଡ଼ିଯିବେ । କୂଳରେ ଠିଆହୋଇଥିବା ଲୋକେ ମୋତେ ବୁଲି ବୁଲି ଦେଖୁଛନ୍ତି । ହାଉ ହାଉ ହୋଇ ହାତଗୋଡ଼ ଛାଟୁଛନ୍ତି, କିନ୍ତୁ କାହାରି

କରାଇପାରିଅଛି ।

"ରେଭିନ୍ୟୁ ଟିକେଟ୍"ରେ ନନ୍ଦିନୀଦେବୀ 'ଅମୃତା ପ୍ରୀତମ୍'ଙ୍କ ଆତ୍ମଜୀବନୀକୁ ସାଧାରଣତଃ ବର୍ଣ୍ଣନା କରିଅଛନ୍ତି । ଏହାକୁ ତେୟାଳିଶଟି ଭାଗରେ ବିଭକ୍ତ କରି ପାଠକ ପାଠିକାଙ୍କର ନିକଟରେ ଉପସ୍ଥାପନ କରିଅଛନ୍ତି ।

ବାସ୍ତବିକ୍ - ଅମୃତା ପ୍ରୀତମ୍‌ଙ୍କ ଜୀବନଧାରା ବେଶ୍ ଆଲୋଡ଼ନମୟ ଓ ସମାଜସଂସ୍କାରକ ଦିଗରେ ଯଥେଷ୍ଟ ପ୍ରେରଣାଦାୟୀ ହୋଇପାରିବ ଏଥିରେ କଦାପି ଦ୍ୱିମତ ନାହିଁ ।

ନିମ୍ନରେ ଅମୃତା ପ୍ରୀତମ୍‌ଙ୍କ ଆତ୍ମଜୀବନୀ 'ରସିଦ୍ ଟିକେଟ୍' ପୁସ୍ତକ ନନ୍ଦିନୀଦେବୀଙ୍କ ଦ୍ୱାରା ଅନୁଦିତ "ରେଭିନ୍ୟୁ ଟିକେଟ୍"ର ସାର ସଂକ୍ଷେପ ମୁଁ ଏଠାରେ ଉପସ୍ଥାପନା କରୁଅଛି ଓଡ଼ିଶାର ପାଠକପାଠିକାମାନଙ୍କ ପାଇଁ :-

**ଅମୃତା ପ୍ରୀତମ୍‌ଙ୍କର ଶୈଶବ ଅବସ୍ଥା :**

୧୯୧୯ ମସିହାରେ ଅମୃତା ପ୍ରୀତମ୍ ଜନ୍ମ ଗ୍ରହଣ କରିଥିଲେ । ତାଙ୍କ ବାପା ଓ ମାଆ ଉଭୟେ ପଞ୍ଚଖଣ୍ଡ ଭସୋଡ଼ର ସ୍କୁଲରେ ଶିକ୍ଷକତା କରୁଥିଲେ । ଅମୃତା ପ୍ରୀତମ୍‌ଙ୍କ ବାପାଙ୍କ ନାମ ଥିଲା ନନ୍ଦ ସାଧୁ ଓ ମା'ଙ୍କ ନାମ ଥିଲା ରାଜ ବିବି । ଯେତେବେଳେ ଗୃହସ୍ଥରେ ପ୍ରବେଶ କରିଥିଲେ, ତାଙ୍କର ନାମ କରତାର ସିଂ ରଖିଲେ । କବିତା ଲେଖୁଥିବାରୁ ତାଙ୍କର ଗୋଟିଏ ଉପନାମ ରଖିଥିଲେ – ପୀୟୂଷ । ଦଶବର୍ଷ ପରେ ମୋର ଯେବେ ଜନ୍ମ ହୋଇଥିଲା ପୀୟୂଷ ଶବ୍ଦର ପ୍ରତିଶବ୍ଦ ଅମୃତା ରଖିଲେ। ମୋର ବାପାଙ୍କର ସ୍ୱଭାବ ଥିଲା, ବୈରାଗ୍ୟ ଓ ଭୋଗ । ମୋ ଅଜା ମୋ ବାପାଙ୍କୁ ଅନେକ ସମ୍ପତି ପ୍ରଦାନ କରିଥିଲେ ବୋଲି ମୋ ମାଆ କହୁଥିଲେ । ମୋ ମା'ଙ୍କର ସେହି ସମୟରେ ବାହାଘର ହୋଇପାରୁ ନ ଥିବାରୁ ମୋ ଅଜା ଗୋଟିଏ ଘର ମୋ ମାଆଙ୍କ ନାମରେ ଲେଖାଇ ଦେଇଥିଲେ । ମୋ ଅଜା ତାଙ୍କର ଏକମାତ୍ର ଘର ମୋ ମାଆଙ୍କ ନାମରେ ଲେଖାଇଦେବା ପରେ ସେ ସାରା ଜୀବନ ଭଡ଼ାଘରେ ରହୁଥିଲେ । ଯେତେବେଳେ ଅମୃତା ପ୍ରୀତମ୍‌ଙ୍କୁ ଦଶବର୍ଷ ହୋଇଥିଲା ସେତେବେଳେ ତାଙ୍କର ମାଆ ମରିଯାଇଥିଲେ । ଏହାପରେ ବାପା ପୁଣି ଜୀବନ ଉପରେ ବିରକ୍ତିଭାବ ପ୍ରକାଶ କରିଥିଲେ । ଏ କ୍ଷେତ୍ରରେ ମୁଁ ବାପାଙ୍କ ପାଇଁ ଗୋଟିଏ ବଡ଼ ବନ୍ଧନ ଥିଲି । ପିଲାଟି ଦିନରୁ ମୋ ମନରେ ସାହିତ୍ୟ ପ୍ରତି ଆକୃଷ୍ଟ କରିବା ପାଇଁ ମୋ ବାପା ମୋତେ ଛନ୍ଦ ଓ ଶୈଳୀ ପ୍ରତି ଗୁରୁତ୍ୱ ପ୍ରଦାନ କରୁଥିଲେ । ଏବଂ ସେ ଚାହୁଁଥିଲେ ମୁଁ କବିତା ଲେଖେ । କୌଣସି ଗୋଟିଏ ରୂପ ପାଇଁ ଗୋଟିଏ ଆକାଂକ୍ଷା ଓ ଅନ୍ୟଟି ଶବ୍ଦ ପାଇଁ ସମ୍ମାନ ଏହିଭଳି ଦୁଇଟି ବୀଜ ପିଲାଟିଦିନରୁ ମୋ ଭିତରେ ରୋପିତ ହୋଇଯାଇଥିଲା । ଏହି ଯାଦୁଗଛର ଗୋଟିଏ ବୀଜ ରୋପିଥିଲି ମୁଁ ଓ ଆଉଗୋଟିଏ





ଏ ପାଖରୁ ଆର ପାଖକୁ
ଧାଇଁ ଯାଉଥିଲେ
ପତ୍ରମାନେ ସବୁଜର ଗରିମାରେ
କେତେ ଗୀତ ଗାଉଥିଲେ
କୋରଡ଼ର ଉଷ୍ଣମ ଭିତରୁ
ପକ୍ଷୀଛୁଆ ସେ ଗୀତର ଲହର
ଆପଣା ମନରେ
ଆଉଡ଼ାଇ ହୋଇ
ଡେଇଁ ବୁଲୁଥିଲେ ଡାଳରୁ ଡାଳକୁ ।
ପତ୍ରର ସଙ୍ଗୀତ
ଆଉ ପକ୍ଷୀର କାକଳି
ପଠା ସରହଦ ଛାଡ଼ି
ନଈର ପାଣିକୁ ଛୁଇଁଯାଇ
ରତଙ୍ଗ ତୋଳିଲା ।
ବୃକ୍ଷମାନେ ଉର୍ଦ୍ଧ୍ୱକୁ ଚାହିଁଲେ
ପକ୍ଷୀମାନେ ଉଡ଼ି ଯାଉ ଯାଉ
ପକ୍ଷ ସବୁ ସ୍ଥିର ହୋଇଗଲା ।
କାହା କଥା ଶୁଣୁନାହିଁ କେହି
ବୁଝିବାକୁ ବେଳ ବି ତ ନାହିଁ
ଅଚାନକ ଲୁହର ନଈରେ
ଏକ ଜୁଆର ଆସିଛି !
ସୂର୍ଯ୍ୟର ଧମକ
ଆଉ ତାରାଙ୍କର ଚୁପି ଚୁପି ଭାଷା
ମିଶିଯାଇ ଜୁଆରରେ
ପଠାର ଗୈରିକ ବକ୍ଷ
ଧୋଇ ନେଇଗଲା ।
ଲୁହର ନଈରେ
ବନ୍ୟା ଅପର୍ଯ୍ୟାପ୍ତ
ଫଣଗୁଡ଼ାକର
ଅକାରଣ କେତେ ଶୋଭାଯାତ୍ରା ।

**(୧୦) ମଳିନ ପୃଥିବୀ :**

ମୋ ଆତ୍ମାକୁ ଟିକି ଟିକି କରି
ହତ୍ୟା କଲି
ଆଉ ବିଂଦେଲି
ରାଜପଥ ଉପରେ
ସେମାନେ ସବୁ
ଆନନ୍ଦରେ ଆରାମରେ
ତା' ଉପରେ
ପାଦ ପକାଇ ଚାଲିଗଲେ
ତଳକୁ ନ ଚାହିଁ
ଟିକିଏ ବି ବିଚଳିତ ନ ହୋଇ ।
ହତ୍ୟାର ବୀଭତ୍ସତା
ଏବଂ ଅବହେଳାରେ ପୀଡ଼ିତ
ସେଇ ଆତ୍ମାର ଟୁକୁଡ଼ାତକ
ମିଶିଗଲା ଅନେକ ଦେହରେ
କ୍ଳେଦାକ୍ତ ପୃଥିବୀ ହେଲା
ଆହୁରି ବିଷର୍ଣ୍ଣ ।

**(୧୧) ଅନ୍ଧଗଳି :**

ବୈଶାଖର ଖରା ଆଉ ତାତି
ଅନେକ ଲମ୍ବା ରାସ୍ତା
ଅନେକ ଅନେକ ଲମ୍ବା
ଝାଞ୍ଜି ଆଉ ଖରା
ସହି ସହି
ପାଦ ଆଉ ମୁଣ୍ଡ ତାତିଗଲା !

ହଠାତ୍ ପାଖରେ ଗଳି ଏକ
ଅଚିହ୍ନା ଅଜଣା
କିଛି କିଛି ଛାଇ ବୋଧେ
ଘର ବା ଗଛର ।
ପଥ ତ ଅନେକ ଦୀର୍ଘ
ଗତି ବି ଅନନ୍ତ
ଛାଇ ତଳେ ଦଣ୍ଡେ ଠିଆହୋଇ
ଭଲ ବି ଲାଗନ୍ତା
ପୁଣି ଚାଲିବାକୁ ବଳ ବି ଆସନ୍ତା ।
ଅନନ୍ତ ପଥର ଯାତ୍ରୀ
'କ୍ଳାନ୍ତି' ଶବ୍ଦ
ଅଭିଧାନୁ ପୋଛି
କାଳର ଗତିକୁ ଡେଇଁ
ଚାଲିବାକୁ ମନସ୍ଥ କରିଛି ।
ଭାଙ୍ଗି ବାଟ
ଛାଇ ଖୋଜି
ଗଳିରେ ପଶିଲା
କ୍ଷଣେ ଠିଆ ହେଲା !
ଆଉ ଟିକେ ଛାଇ ହେଲେ
ବିଶ୍ରାମ ହୁଅନ୍ତା
ଆଗକୁ ଚାଲିବା ପାଇଁ
ବଳ ବି ଆସନ୍ତା ।
ଚାଲିଲା ପଥିକ
ଅନନ୍ତ ପଥର ଯାତ୍ରୀ
କ୍ଳାନ୍ତି ଯା'ର ଜାତକରେ ନାହିଁ ।
ଆକାଶରେ କଳାମେଘ
ସୂଚନା ଯା ଅଦିନ ଝଡ଼ର
ରୌଦ୍ରଦଗ୍ଧ ବାଟୋଇର
ବକ୍ଷ ସିକ୍ତ କରି
ଝରିଗଲା ବାରିଧାରା
ଝଡ଼ ଆସି
ଦୋହଲାଇ ଦେଲା
ଶରୀରର ଅଣୁ ପରମାଣୁ
'ଆଶ୍ରୟ', 'ଆଶ୍ରୟ'
ଦ୍ୱାରରୁଦ୍ଧ ଏଥି
ସବୁ ଗୃହେ ।
ଆଗକୁ ଚାଲିଛି ପାନ୍ଥ
ଝଡ଼ ଆଉ ବୃଷ୍ଟି
ବହି ଅଙ୍ଗେ
ପଥରୁଦ୍ଧ
ପଥ ଦିଶେ ନାହିଁ ।
'କ୍ଳାନ୍ତି'ହୀନ କ୍ଳାନ୍ତ ପାନ୍ଥ
ପଦ ନାହିଁ ଚଳେ
ଅସାଡ଼ ଶରୀର
ହଠାତ୍ ଏ ଗଳି ଶେଷ ହୋଇଗଲା ।

**(୧୨) ଆଗ୍ନେୟଗିରି :**

ମୋ ପାଦରେ ରକ୍ତ ଦେଖି
ଚମକି ପଡ଼ିଲେ
ଯେତେ ମୋର ପିଲାମାନେ ଥିଲେ
ଉତ୍‌କଣ୍ଠା ଓ ଆବେଗରେ
ଭୟ କିନ୍ତୁ ଟିକିଏ ବି ନାହିଁ ।
ରକ୍ତର ଲାଲିମା
ପ୍ରତ୍ୟୁଷର ସୂର୍ଯ୍ୟଠାରୁ ବେଶୀ
ଆଉ ସେଇ
ଭିକାରି ପିଲାଟିର ଛୋଟ ଦେହକୁ





ଇମ୍‌ରୋଜଙ୍କୁ (ଇମ୍‌ରୋଜ୍‌ଙ୍କ ନାମ୍) । ନାରୀ ସ୍ଥିତିର ଶାରୀରିକ, ମାନସିକ ଓ ଭାବନାତ୍ମକ ବା ଆତ୍ମିକ ସକଳ ବିଭବକୁ ନେଇ ସେ ପ୍ରତ୍ୟକ୍ଷଦର୍ଶୀ ଭାବରେ କବିତା ଓ ଉପନ୍ୟାସରେ ଚିତ୍ର ଆଙ୍କିଛନ୍ତି । ଜୀବନର ସଂଘର୍ଷ, ପ୍ରେମ ଆବେଗର ଅଭିବ୍ୟକ୍ତି ସକଳ ତାଙ୍କର ଦକ୍ଷ ହାତର ସୁଚିତ୍ରିତ ।

ତାଙ୍କ ଲେଖାରେ ଯୁଗଳ ସ୍ପନ୍ଦନ । ମଣିଷର ନିଜ ଭାଗ୍ୟର ଅନ୍ତିମ ରହସ୍ୟର ଅନୁସନ୍ଧାନ । ସମାଜରେ ଆପଣାର ବ୍ୟକ୍ତିଗତ ସ୍ଥିତି, ଦୁଃଖ ସହିତ କରୁଣାର ନିର୍ଝର, ପୋଡ଼ିଯାଇଥିବା ଅସ୍ତିତ୍ୱର ଆହତ ପ୍ରତିଧ୍ୱନୀ ସବୁ ଏକତ୍ର ।

ଏହି ମହିୟସୀ ଭାରତୀୟ ଲେଖିକାଙ୍କ 'ଆତ୍ମଜୀବନୀ' - "ରସିଦ୍ ଟିକେଟ୍"କୁ ନନ୍ଦିନୀ ଶତପଥୀ ଓଡ଼ିଆରେ ଅନୁବାଦ କରିଥିଲେ । ଅମୃତା ପ୍ରୀତମ୍ ନିଜ ଭିତରର ଓ ବାହାରର ଟିକ୍‌ନିକ୍ ଭାବରେ ବିଶ୍ଳେଷଣ କରି ପାଠକ ପାଠିକାମାନଙ୍କ ଆଗରେ ଏତେ ସାହସର ସହିତ ରଖିଦେବା କୌଣସି ପ୍ରତିଷ୍ଠାତା ନାରୀ ପକ୍ଷରେ ସଚରାଚର ସମ୍ଭବ ହେବନାହିଁ । କିନ୍ତୁ ଏ କ୍ଷେତ୍ରରେ ଅନନ୍ୟା ଥିଲେ ଅମୃତା ପ୍ରୀତମ୍ ।

ନନ୍ଦିନୀଦେବୀ "ରସିଦ୍ ଟିକେଟ୍"ର କେତେକ ଅଂଶ ପଢ଼ିଥିଲେ । ଅଭୟ ସିଂହ ଥରେ ରସିଦ୍ ଟିକେଟ ବହିଟାକୁ ଆଣି ନନ୍ଦିନୀଦେବୀଙ୍କୁ ଦେଇଥିଲେ । ବହିଟିକୁ ପଢ଼ିସାରିବା ପରେ, ଓଡ଼ିଆ ପ୍ରେମୀ ତଥା ଓଡ଼ିଶାର ପାଠକପାଠିକାମାନଙ୍କ ନିମନ୍ତେ ତାହାକୁ ଓଡ଼ିଆରେ ଅନୁବାଦ କରିବାପାଇଁ ଇଚ୍ଛା ପ୍ରକାଶ କରିଥିଲେ ।

ଦିନକର ଘଟଣା । ନନ୍ଦିନୀଦେବୀ ଏକଥା ଅମୃତା ପ୍ରୀତମ୍‌ଙ୍କୁ ଟେଲିଫୋନ୍‌ରେ ଜଣାଇଥିଲେ । ଅମୃତା ପ୍ରୀତମ୍ ଆଶ୍ଚର୍ଯ୍ୟ ହୋଇଗଲେ । କହିଲେ, ଆପଣ ଅନୁବାଦ କରିବେ, ଏ ତ ମୋ ପାଇଁ ପରମ ସୌଭାଗ୍ୟ । ଅନୁମତି ମିଳିଥିଲା ।

ଅନୁବାଦ ଚାଲିଥିବା ସମୟରେ 'ସୁଚରିତା'ର ସଂପାଦିକ ଶକୁନ୍ତଳା ପଣ୍ଡା, ବନ୍ଧୁ ରମାକାନ୍ତ ବାବୁ, ଶ୍ରୀମାନ ଜାମିନୀ ଓ ମହାପାତ୍ର ନିଳମଣୀ ସାହୁଙ୍କର ନିରବଚ୍ଛିନ୍ନ ସାହାଯ୍ୟ, ସହଯୋଗ ଓ ଉତ୍ସାହ ଏହାକୁ ଅନୁବାଦ କରିବାପାଇଁ ନନ୍ଦିନୀ ଶତପଥୀଙ୍କୁ ଯଥେଷ୍ଟ ପ୍ରେରଣା ଦେଇଥିଲା ।

ନନ୍ଦିନୀ ଶତପଥୀ ରାଜନୈତିକ ତଥା ସାମାଜିକ ବିଭିନ୍ନ କାର୍ଯ୍ୟରେ ବ୍ୟସ୍ତ ରହି ଅନୁବାଦଟିକୁ ଶେଷ କରିବାରେ ବିଳମ୍ବ କରିଥିଲେ । ୧୯୯୪ ମସିହା ଡିସେମ୍ବର ମାସ ୨୪ ତାରିଖରେ ନନ୍ଦିନୀ ଶତପଥୀଙ୍କ ଏହି ଅନୁବାଦ ରେଭିନ୍ୟୁ ଟିକେଟ୍ ପାଇଁ ତାଙ୍କୁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରଦାନ କରାଯାଇଥିଲା । ଏହି ପୁରସ୍କାର ନନ୍ଦିନୀ ଶତପଥୀଙ୍କୁ ଜଣେ ସୁସାହିତ୍ୟିକା ଭାବରେ ପ୍ରତିଷ୍ଠା

ତାଙ୍କର ସୃଷ୍ଟିଗୁଡ଼ିକ ମଧ୍ୟରୁ କାଗଜ ତେ କାନ୍‌ଭାସ (କବିତା) 'ତମି ଜମାତ୍ୱ' - କବିତା, ପିଞ୍ଜର, ଜଳାବତରଣ, ଯାତ୍ରୀ, କେରାକାଗଜ (ଉପନ୍ୟାସ) ସାତ ସୌ ବୀସ କଦମ୍ (କାହାଣୀ), କାଲଗୁଲାବ, ସଫରନାମା, ଅଜ ଦେ କାଫିର (ଗଦ୍ୟ ରଚନା) ରସିଦ୍ ଟିକେଟ୍ (ଆତ୍ମକଥା) ଅନ୍ୟତମ ସୃଷ୍ଟି । ପୃଥିବୀର ଛତିଶଟି ଭାଷାରେ ତାଙ୍କର ମହତ୍ୱପୂର୍ଣ୍ଣ ଲେଖାଗୁଡ଼ିକ ଅନୁଦିତ । ତାଙ୍କର ଅସାଧାରଣ କୃତିତ୍ୱ ପାଇଁ ୧୯୫୬ରେ ସେ ସାହିତ୍ୟ ଏକାଡେମୀ ପୁରସ୍କାର ପାଇଥିଲେ । ବୁଲଗେରିଆନ୍, ବୈପ୍ତସ୍‌ରୋବ ପୁରସ୍କାର ୧୯୮୦ରେ ଏବଂ ଭାରତୀୟ ସାହିତ୍ୟର ସର୍ବୋଚ୍ଚ ଜ୍ଞାନପୀଠ ପୁରସ୍କାର ୧୯୮୧ରେ ପାଇଥିଲେ । ଏଥିସହିତ ଦେଶର ୬ ଗୋଟି ବିଶ୍ୱବିଦ୍ୟାଳୟ ଡି.ଲିଟ୍ ଉପାଧି ଦ୍ୱାରା ତାଙ୍କୁ ସମ୍ମାନିତ କରିଛନ୍ତି । ୧୯୮୬-୯୨ ପର୍ଯ୍ୟନ୍ତ ସେ ରାଜ୍ୟସଭାର ସାଂସଦ ଥିଲେ । ୨୦୦୪ ମସିହାରେ ଭାରତ ସରକାର ତାଙ୍କୁ 'ପଦ୍ମ ବିଭୂଷଣ' ଉପାଧିରେ ବିଭୂଷିତ କରିଥିଲେ ।

ଏମିତି ଦେଖିବାକୁ ଗଲେ ଲାଗିବ ତାଙ୍କ ପ୍ରମୁଖ ସୃଜନଶୀଳତା ବୋଧହୁଏ କବିତାରେ ହିଁ ପରିସ୍ଫୁଟ । କାରଣ ଦେଶର ଦୁଇଟି ପ୍ରମୁଖ ସାହିତ୍ୟ ପୁରସ୍କାର ତାଙ୍କୁ କବିତା ପାଇଁ ହିଁ ମିଳିଅଛି । ଶ୍ରୀମତୀ ଇନ୍ଦୁଲତା ମହାନ୍ତି, ତାଙ୍କର ଆଠଗୋଟି ଉପନ୍ୟାସ ଏକତ୍ର ଓଡ଼ିଆ ପାଠକଙ୍କୁ ଉପହାର ଦେଇଛନ୍ତି । ଆନନ୍ଦର କଥା ଅନୁବାଦିକା ଅନୁବାଦ କାର୍ଯ୍ୟରେ ବେଶ ସିଦ୍ଧହସ୍ତା । ତାଙ୍କର ଅନେକ ଅନୁବାଦ ପ୍ରକାଶିତ ହୋଇ ପୁସ୍ତକାକାରରେ ଓ ସାହିତ୍ୟ ପତ୍ରିକାରେ ବେଶ୍ ଲୋକପ୍ରିୟତା ଅର୍ଜନ କରିଅଛି । ସବୁଗୁଡ଼ିକ ମଧ୍ୟ ପାଠକଙ୍କର ବେଶ୍ ଶ୍ରଦ୍ଧାଭାଜନ ହୋଇପାରିଛି ।

ଅମୃତା ପ୍ରୀତମ୍‌ଙ୍କର କାବ୍ୟ ସଂକଳନ 'ସୁନହ' ପାଇଁ ସାହିତ୍ୟ ଏକାଡେମୀ ପୁରସ୍କାର ପାଇଥିଲେ । ଅନ୍ୟପକ୍ଷରେ ବୃହତର ସାମାଜିକ କାନ୍‌ଭାସରେ ଆଧାରିତ ଉପନ୍ୟାସ 'ପିଞ୍ଜରା' ଓ 'କେହି ବି ଜାଣେନାହିଁ' ଏବଂ 'ନାଗମଣି'ରେ ଚିତ୍ରଶିଳ୍ପୀ ଓ ଶିଳ୍ପ ଶିଖିବାକୁ ଆସିଥିବା ଝିଅର କଳା ମାଧ୍ୟମରେ ସମ୍ପର୍କ ଓ ଦୈହିକ ସମ୍ପର୍କ ନିଖୁଣ ଭାବରେ ଚିତ୍ରିତ । କୁମାର ଓ ଅଳକା ଦୁହିଁଙ୍କ ମନରେ କଳାର ପ୍ରତୀକ ଭାବେ ପରସ୍ପର ସହ ଦେହ ଓ ମନର ସମ୍ପର୍କ ଘନୀଭୂତ ହୋଇଅଛି । ଏପରିକି କୁମାରର ମୃତ୍ୟୁ ଆସନ୍ନକୁ ଜାଣି ମଧ୍ୟ ଅଳକା ସେଇଠିକୁ ଆସିଛି । ସେ ନ ରହିଲେ ବି ମୁଁ ମୋ ପରେ ବିଧବା ହୋଇ ରହିବି ।

ଅମୃତା ପ୍ରୀତମ୍‌ଙ୍କର ଜୀବନ ଥିଲା ସାମାଜିକ ମୂଲ୍ୟବୋଧ ବିରୁଦ୍ଧରେ ସ୍ୱର ଉତୋଳନ । ଯେମିତି ରକ୍ଷଣଶୀଳ ସେବର ପଞ୍ଜାବୀ ସମାଜରେ ସିଗ୍ରେଟ୍ ପିଇବା ତାଙ୍କଠୁ ବୟସରେ କମ୍ ଚିତ୍ରକର ଇମ୍‌ରୋଜଙ୍କ ସହ ନିଜ ଘରେ ବାସ କରିବା, ଓ ଆହୁରି ଅନେକ ସାମାଜିକ ପରିବେଶ ଓ ଅନ୍ୟାୟ ବିରୋଧୀ । ଜ୍ଞାନପୀଠ ପ୍ରକାଶିତ ୧୯୮୨ରେ ତାଙ୍କର ନିର୍ବାଚିତ କବିତା - ସେ ଉତ୍ସର୍ଗ କରିଛନ୍ତି





ଖିନ୍‌ଭିନ୍ କରି ଯେଉଁ
ପଥରବୁହା ଟ୍ରକ୍ ଟାଏ
ରାସ୍ତାରେ ହୋଲି ଉତ୍ସବର
ଭ୍ରମ ସୃଷ୍ଟି କରି
ଚାଲି ଯାଇଥିଲା
ତା'ଠାରୁ ଅଧିକ ଗାଢ଼ ।
ସେମାନେ ସବୁ ତତ୍‌ପର ହେଲେ
ବ୍ୟାଣ୍ଡେଜ୍ ଆଣିଲେ
ଡେଟଲ୍ ଆଉ ଔଷଧ ବି
ରକ୍ତ ତଥାପି ଝରୁଥିଲା ।

**(୧୩) ନିର୍ଝର :**

(୧)
ଆକାଶରେ କେତେ ତାରା
ଏକ, ଦୁଇ... ଶହେ କି ହଜାରେ
ଅଙ୍କ ସବୁ ସରିଯାଏ
ଛୋଟ ମୁଣ୍ଡ ଘୁରିଯାଏ
ଧରି ନାହିଁ ପାରେ ।
ଦୁଇଟି ଆଖି ତ ମାତ୍ର
କେତେ ଶକ୍ତି ?
କ୍ଲାନ୍ତ ହୁଏ
କ୍ଲାନ୍ତ ହୋଇ ଧୀରେ ନଇଁଯାଏ ।
ନଇଁଲା ଆଖିରେ ପଡ଼େ
ଇଏ କ'ଣ ?
କେତେ ଧୂଳି
ଧରଣୀର ଧୂଳି
ମୁଠା ମୁଠା
ମିଶାମିଶି ଗୋଳାଗୋଳି ହୋଇ
ଗୋଟି ଗୋଟି ବାରି ହୁଏ ନାହିଁ ।
ଏଠି ବି ତ ସଂଖ୍ୟା ହାରେ
ହାରିଯାଏ ମଣିଷର ବୁଦ୍ଧି ।
ଆକାଶର ତାରା
ଆଉ ଧରଣୀର ଧୂଳି
ବିଦ୍ୱେଷ-ବିହୀନ
ଏ ଦୁହିଁଙ୍କୁ ଯୁକ୍ତ କରେ
ସନ୍ଧି ମୁଁ ଯେ
ମଧ୍ୟ ପଥେ ରହି ।

(୨)
ମୁଁ ଆଙ୍କୁଛି
ମୋ ନିଜକୁ
ମୋ ମନର ସବୁ ରଙ୍ଗ ଦେଇ
ନାଲି, କଳା, ହରିତ୍, ନାରଙ୍ଗୀ
କୃଷ୍ଣ କେଶ
ଗୋଲାପି ଚିବୁକ ଭ୍ରୂଲତାରେ ଢାଳିଦେଇ
ଅମାବାସ୍ୟା ରାତ୍ରିର ଅନ୍ଧାର
ବିପୁଳ ଏ ଚେତନାର
ବିରାଟ ତୂଳୀରେ
ଢାଳିଦେଇ ନାମହୀନ ରଙ୍ଗ
ପୋଛି ଦେଲା କିଏ ?
ପୋଛି ଦେଲା ମୋ ଚିତ୍ରର
ସମସ୍ତ ସମ୍ଭାର ।
ମେ*। ମେ*। ରଙ୍ଗ ତଳେ
ହଜିଗଲି
ଲିଭିଗଲା ସତ୍ତା ।
କେତେ ରେଖା

କେତେ ରଙ୍ଗ
ସବୁ ଅଛି ସଜାସଜି ହୋଇ
ଏତେ ଟିକେ ବାହୁଲ୍ୟ ବି ନାହିଁ ।
ଏ ସୃଷ୍ଟି ଶିଳ୍ପର
ଶିଳ୍ପୀ ଏକା
ଘେରିଅଛି ସବୁ
ତା' ଭିତରେ 'ମୁଁ' ନାହିଁ
ସେ କି ମୁହିଁ
ସଭିଏଁ କି ସେହି ।

**(୧୪) ମୋ ଭିତରେ ମୁଁ :**

ତୁମେ ପଛେ ନ ଜାଣିଲେ ନାହିଁ
ଜାଣିଥିବା କଥା ମୋର ନିଜକୁ ଲୁଚାଇ
ହାତୀ ଭଳି ପାହୁଣ୍ଡ ପକାଇ
ନିଜ ଠାରୁ ଦୂରକୁ ଦୂରକୁ ଆଗ ପରି
ପଳାସି ଚାଲିବା ପାଇଁ ଆଉ ମୋର ଇଚ୍ଛା ନାହିଁ ।
ଯଦିଓ ସକାଳର ଆଲୁଅରେ
ପରିଷ୍କାର ଦିଶୁଥିଲା ନଗର ସୀମାନ୍ତ
ଦୁର୍ଗ ଆଉ ଗଡ଼ଖାଇ, ଅରଣ୍ୟ ପର୍ବତ
ମନ୍ଦିରର ଚୂଡ଼ା ଆଉ ଅବଶିଷ୍ଟ ସାମାନ୍ୟ ଜଗତ ।
ଯଦିଓ ସକାଳର ଆକାଶରେ
ପରିଷ୍କାର ଶୁଭୁଥିଲା ବିଜୟର ଅପୂର୍ବ କୁହାଟ
ଶତ୍ରୁପକ୍ଷ ଯେତେବେଳେ ଛିନ୍‌ଛତ୍ର ହୋଇ
କେଉଁଦିଗେ ପଳାଇବେ ଖୋଜୁଥିଲେ ବାଟ
ଆଗକୁ ଧାଇଁବା ଲାଗି
ଏହାହିଁ ତ ସୁବର୍ଣ୍ଣ ସୁଯୋଗ, ମାହେନ୍ଦ୍ର ମୁହର୍ତ୍ତ ।
କିନ୍ତୁ ମୋର ନିୟତିର ଅଦ୍‌ଭୁତ ସିଦ୍ଧାନ୍ତ ।
ସମ୍ମୁଖରେ ଅସଂଖ୍ୟ ଫାଇଲ ଆଉ ଦେବଦାରୁ ବଣ
ଲମ୍ବା ଲମ୍ବା ଛାଇ ତା'ର ହାତ ପରି ଲମ୍ବି ଆସି
ହଠାତ୍ ଅଟକିଯାଏ, ଚତୁର୍ଦ୍ଦିଗେ ତାର
ଘନୀଭୂତ ବାମ୍ପରାଶି ବହୁ ନିଃଶ୍ୱାସର
କୁହୁଡ଼ିର ଅସ୍ୱଷ୍ଟ ଅନ୍ଧାର
ମୋ ନାକରେ ବାଜେ ଖାଲି
ସ୍ୱର୍ଶହୀନ ଏକ ସୌରଭର ।
ଅରଣ୍ୟର ଚାରିପଟେ ଲୁହାର ବଳୟ
ବନଚାରୀ ଜନ୍ତୁଙ୍କର ଅସ୍ତବ୍ୟସ୍ତ ବିକଟ ଚିତ୍କାର ।
ଦୁଇ ଆଖି ମେଲାଥିବା ସତ୍ୱେ
ଆଚ୍ଛନ୍ନ ସମ୍ମୁଖେ ମୋର ସବୁ ଦୃଶ୍ୟ ଲୁପ୍ତ ଦିଗନ୍ତର ।
ହଠାତ୍ ମୟୂରମାନେ ସ୍ତବ୍‌ଧ ହେଲେ, ନାଚ ବନ୍ଦ
କଲେ
କିଏ ଆସି କହିଦେଲା
ଆକାଶର ଏଇସବୁ ଘମାଘୋଟ ଛାଇ
ମେଘ ନୁହେଁ, ମେଘର ଛଳନା ଖାଲି ଧୂମ୍ରାଳ ଅନ୍ଧାର ।
ତା'ପରେ ମୁଁ ଫେରାଇ ଆଣିଲି
ଲମ୍ବିଥିବା ହାତକୁ ମୋହର ବରଗଛ ଶୀର୍ଷଡାଳୁ
ସର୍ବାଙ୍ଗରେ ପୀଡ଼ା ମୋର
ସମସ୍ତ ଅସ୍ତିତ୍ୱ ମୋର ଯନ୍ତ୍ରଣାରେ ଜର୍ଜର କାତର ।
ମୋ କାନରେ ବାଜିଯାଏ
ମୋର ସବୁ ମାଂସ ଆଉ ଅସ୍ଥିଙ୍କର
ଉତ୍ପୀଡ଼ିତ ଅଶ୍ଳୀଳ ଚିତ୍କାର ।
ତା'ପରେ ମୁଁ ଅନ୍ଧାରର ଓଢ଼ଣାକୁ ଚିରିଦେବା ପାଇଁ
ହାତ ବଢ଼ାଇଲି ।
କିନ୍ତୁ କି ଆଶ୍ଚର୍ଯ୍ୟ ଯେ
ହାତ ମୋର ଥରିଗଲା ଛୁଇଁଲା ମାତ୍ରକେ
ତୁମ କପାଳର ସେଇ ଦାଉଦାଉ ସିନ୍ଦୂର ବିନ୍ଦୁକୁ ।
ମୁଁ ଦେଖିଲି ରକ୍ତ ଜୁଡୁବୁଡୁ ହେଲା କପାଳ ତୁମର





ଭାଗ୍ୟର ସ୍ରଷ୍ଟା – ଏହି ଅର୍ଥରେ ଯେ ସେ ତାହାର ସ୍ୱାଧୀନତାକୁ କି ଭାବରେ ବ୍ୟବହାର କରିବ, ତାହା ବାଛି ନେବାର ଅଧିକାର ତାହାର ରହିଛି । କିନ୍ତୁ ସେ ତା'ର କର୍ମଫଳର ନିୟନ୍ତା ନୁହେଁ ।

ଭଲପଣିଆ ସହିତ ଜ୍ଞାନଯୁକ୍ତ ହେବା ଆବଶ୍ୟକ । ଖାଲି ଭଲପଣିଆ ଥିଲେ ବିଶେଷକିଛି କାମ ହେବନାହିଁ । ଈଶ୍ୱରଙ୍କ ଦ୍ୱାରା ସୃଷ୍ଟି ସଜୀବ ଓ ନିର୍ଜୀବ ପ୍ରତ୍ୟେକ ବସ୍ତୁର ଭଲ ଦିଗ ଓ ମନ୍ଦ ଦିଗ ରହିଛି ।

ଆତ୍ମସଂଭୋଗର ସଂକ୍ରାମକ ବିଷୟରେ ପରିପୂର୍ଣ୍ଣ ଏବଂ ଅତ୍ୟନ୍ତ ଆକର୍ଷଣୀୟ ଭାବରେ ପରିବେଶିତ ସାହିତ୍ୟ ପାଶ୍ଚାତ୍ୟ ଦେଶମାନଙ୍କରୁ ଆସି ଆମ ଦେଶକୁ ଭରି ଦେଲାଣି । ଆମ ଦେଶର ତରୁଣ ତରୁଣୀମାନେ ଏଥିପ୍ରତି ସାବଧାନ ହେବାର ଆବଶ୍ୟକତା ବହୁ ଭାବରେ ରହିଛି ।

ଜଣେ ବ୍ୟକ୍ତି ଅନ୍ୟଜଣଙ୍କ ଦ୍ୱାରା ପ୍ରଭାବିତ ହୋଇ ଧର୍ମାନ୍ତର ଗ୍ରହଣ କରିବ, ମୁଁ ଏ କଥାରେ ବିଶ୍ୱାସ କରେ ନାହିଁ । ଆମକୁ ଶିକ୍ଷା ଦିଆଯାଇଥାଏ ଯେ, ଯାହା ସୁନ୍ଦର, ତାହା କୌଣସି କାମରେ ଲାଗେ ନାହିଁ । ଯାହା ଉପକାରୀ, ତାହା ସୁନ୍ଦର ହୋଇନପାରେ ।

ମୋର ବନ୍ଧୁମାନେ ଯଦି ମୋର କାର୍ଯ୍ୟକ୍ରମକୁ ନିଜ ଜୀବନରେ ପ୍ରୟୋଗ କରନ୍ତି, ଅଥବା ଯଦି ସେଥିରେ ସେମାନେ ବିଶ୍ୱାସ କରୁନଥାନ୍ତି, ତେବେ ଦୃଢ଼ ଭାବରେ ତାହାର ପ୍ରତିରୋଧ କରନ୍ତୁ । ତାହାହେଲେ ହିଁ ସେମାନେ ମୋ ପ୍ରତି ସର୍ବୋଚ୍ଚ ସମ୍ମାନ ପ୍ରଦର୍ଶନ କରିପାରିବେ ।

## ଅମୃତା ପ୍ରୀତମ୍‌ଙ୍କ

## "ରେଭିନ୍ୟୁ ଟିକେଟ୍"

ବିଶ୍ୱ ସାହିତ୍ୟ ଜଗତରେ ଜଣେ ଜଣାଶୁଣା ପ୍ରତିଭା ତଥା ବିଶିଷ୍ଟ ସାହିତ୍ୟିକା ଡକ୍ଟର ଅମୃତା ପ୍ରୀତମ୍ । ତାଙ୍କ ରଚିତ ବହୁ ଗଳ୍ପ, କବିତା, ଉପନ୍ୟାସ ବିଭିନ୍ନ ଭାଷାରେ ଅନୁବାଦିତ ହୋଇ ପାଠକ ଓ ପାଠିକାମାନଙ୍କ ହୃଦୟରେଗଭୀର ରେଖାପାତ କରିଅଛି । ସାହିତ୍ୟ ଜଗତର ସର୍ବଶ୍ରେଷ୍ଠ ପୁରସ୍କାର ଜ୍ଞାନପୀଠ ପୁରସ୍କାର, ମାଗାସେସ୍ ପୁରସ୍କାର ତଥା ସର୍ବୋପରି ଭାରତୀୟ ସାହିତ୍ୟ ଏକାଡେମୀ ପୁରସ୍କାର ପର୍ଯ୍ୟନ୍ତ ବହୁ ସଂସ୍ଥା ତାଙ୍କର ସାହିତ୍ୟ କୃତିକୁ ସ୍ୱୀକାର କରି ତାଙ୍କୁ ସମ୍ମାନିତ କରିଛନ୍ତି । ସର୍ବୋପରି ଅମୃତା ପ୍ରୀତମ୍ ଥିଲେ ଏକାଧାରାରେ ଜଣେ ଔପନ୍ୟାସିକା, ଗାଳ୍ପିକା ଓ କବି ରୂପେ ସୁପରିଚିତା ।

୧୯୧୯ ମସିହା ଅଗଷ୍ଟ ମାସ ୩୧ ତାରିଖରେ ପଞ୍ଜାବର ଗୁଜରାନୱାଲା ଠାରେ ତାଙ୍କର ଜନ୍ମ । ବାଲ୍ୟକାଳ ପାକିସ୍ଥାନର ଲାହୋରଠାରେ ତାଙ୍କର କଟିଥିଲା । ସେଇଠାରେ ହିଁ ସେ ଶିକ୍ଷାଲାଭ କରିଥିଲେ । କିଶୋର ଅବସ୍ଥାରୁ ଲେଖା ଆରମ୍ଭ କରି ସେ ଅଧୁନା ପଚାଶରୁ ଊର୍ଦ୍ଧ୍ୱ ପୁସ୍ତକର ରଚୟିତା ।

ନିଜ ସମ୍ପର୍କରେ ସର୍ବଜ୍ଞତା ଦାବି କରେ, ସେତେବେଳେ ଗୋଟିଏ ପଲା ଭୀଷଣ ରାକ୍ଷାସରେ ପରିଣତ ହୁଏ ।

ସଂସ୍କାର କାର୍ଯ୍ୟର ପ୍ରତ୍ୟେକ ବିଭାଗରେ ନିରବଚ୍ଛିନ୍ନ ଅଧ୍ୟୟନ ଲୋଡ଼ା । ଯଦ୍ୱାରା ସେହି ବିଷୟଟି ଉପରେ ବ୍ୟକ୍ତିର ଦଖଲ ରହିବ । ଜୀବନ ଥିବା ସତା ମଣିଷମାନଙ୍କର କୌଣସି ସମସ୍ୟାର ସମାଧାନ କଲାବେଳେ ସେମାନଙ୍କ ଆଗରେ ନିରସ ଯୁକ୍ତି ବାଢ଼ି କାରବାର କଲେ ତାହା କେବଳ ମନ୍ଦ ତର୍କରେ ପରିଣତ ହୁଏ ନାହିଁ । ବେଳେବେଳେ ସାଂଘାତିକ ତର୍କରେ ପରିଣତ ହୋଇଥାଏ ।

ଆମକୁ ଅଗ୍ରଗତି କରିବାକୁ ହେଲେ ଆମେ ଇତିହାସର ପୁନରାବୃତି କରିବା ନାହିଁ, ବରଂ ନୂଆ ଇତିହାସ ସୃଷ୍ଟି କରିବା । ଆମର ପୂର୍ବପୁରୁଷ ଗଣ ଯେଉଁ ପରମ୍ପରା ଛାଡ଼ି ଚାଲିଯାଇଛନ୍ତି, ଆମେ ସେଥିରେ ଅଧିକା କିଛି ଯୋଗ କରିବା ।

ପ୍ରତ୍ୟେକ ବଡ଼ ବଡ଼ ଆଦର୍ଶରେ ଯୋଦ୍ଧାମାନଙ୍କର ସଂଖ୍ୟାଟା ବଡ଼ କଥା ନୁହେଁ । ତାଙ୍କରି ଠାରେ କେତେକେତେ ଗୁଣ ରହିଛି, ତାହା ହିଁ ବଡ଼କଥା । ଏବଂ ତାହାରି ଉପରେ ହିଁ ଶେଷ ନିଷ୍ପତି ନିର୍ଭର କରେ ।

ସଭା ସମିତି ଓ ଗୋଷ୍ଠୀ ସଂଗଠନ କରିବା ବଡ଼କଥା । ସେ ସବୁରୁ କିଛି ସାହାଯ୍ୟ ମିଳେ, କିନ୍ତୁ ତାହା ନିତାନ୍ତ ଅଳ୍ପ । ଯେଉଁ ଜିନିଷଟିରେ ପ୍ରକୃତରେ ଗୁରୁତ୍ୱ ରହିଛି, ତାହା ହେଉଛି ଗୋଟିଏ ଅଦମ୍ୟ ଓ ଅନିର୍ବାର୍ଯ୍ୟ ବିଶ୍ୱାସ ।

ତୁମର ଯେଉଁ କାର୍ଯ୍ୟଟି କରିବାର ଅଛି, ତାହା ଯେତେ ନଗଣ୍ୟ ହେଉ ପଛେ, ତାକୁ ଯେତେଦୂର ପାର ଭଲଭାବରେ କର । ପାଶ୍ଚାତ୍ୟ ଦେଶମାନଙ୍କରୁ ଆମଦେଶକୁ ଆଲୋକ ମିଳିବ ବୋଲି ଅପେକ୍ଷା କରିବାର ଆମର ଯେଉଁ ବିଶ୍ୱାସ ହୋଇଯାଇଛି, ସେ ସମ୍ପର୍କରେ ମୁଁ କହିବି ଯେ, ଯଦି ମୋର ସାରା ଜୀବନଠାରୁ କିଛି ଆଲୋକ ନ ମିଳିଲା, ତାହେଲେ ମୁଁ କୌଣସି ଦିଗ୍‌ଦର୍ଶନ ଦେଇପାରିବି ନାହିଁ ।

ଯେଉଁ କାର୍ଯ୍ୟ ସ୍ୱେଚ୍ଛାକୃତ ନୁହେଁ, ତାକୁ ନୈତିକ କାର୍ଯ୍ୟ ବୋଲି କୁହାଯାଇପାରିବ ନାହିଁ । ଯେତେଦିନ ପର୍ଯ୍ୟନ୍ତ ଆମେ ଯନ୍ତ୍ରବତ୍ କାର୍ଯ୍ୟ କରୁଥିବା ସେତେଦିନ ପର୍ଯ୍ୟନ୍ତ ନୈତିକତାର ପ୍ରଶ୍ନ ଉଠିନପାରେ ।

ଜଣେ ଯେତେବେଳେ ତାହାର ପଡ଼ୋଶୀ ପ୍ରତି ନିଜର ସ୍ନେହ ସମ୍ପର୍କରେ ନିଜର ନିର୍ଭୁଲ ସମ୍ପର୍କରେ ମୋର ପଡ଼ୋଶୀର ହୃଦ୍‌ବୋଧ କରାଇ ସାରିଥାଏ । ଅପରାଧୀ ଶବ୍ଦଟି ଆମର ଅଭିଧାନରୁ ଉଠାଇଦେବା ଉଚିତ । ନଚେତ ଆମେ ସମସ୍ତେ ଅପରାଧୀ ହେବା । ମଣିଷ ତାହାର ନିଜର





ଏବଂ ମୋ ପାପୁଲି ଦେଖ
ଅଙ୍ଗୁଳି ବିହୀନ ହୋଇ କେଡ଼େ ନାରଖାର ।
ଏବେ ପୁଣି ବରଗଛ ଶାଖାମାନେ
ପଙ୍ଗୁ ଏହି ଶରୀରର ଅଶ୍ଳୀଳ ଓଜନ
ବହିବାକୁ ବିଲ୍‌କୁଲ୍ ନାରାଜ
ତଥାପି, ମୁଁ ଠିକ୍ କଲି
ଯେଉଁଠି ରହିଛି ସେଠୁ ଓହ୍ଲାଇବି ନାହିଁ ।
କାରଣ, ଏଠାରୁ ଅଦୃଶ୍ୟ ତୁମ ରକ୍ତାକ୍ତ କପାଳ
ଏବଂ ଅଦୃଶ୍ୟ ତୁମ ଆଖିର କଜ୍ଜ୍ୱଳ ।
ମୁଁ ଚାହୁଁଛି ଆଖିଖୋଲି ଦେଖିବି କୁହୁଡ଼ି
କିମ୍ବା ଆଖି ବୁଜି ଦେଲା ପରେ
ଦୃଷ୍ଟି ମୋର ଚାଲୁଥିବ ଅନ୍ଧାର ପହଁରି ।
କିନ୍ତୁ କି ଦୁର୍ଭାଗ୍ୟ ମୋର
ଭୟରେ କାକୁସ୍ଥ ହୋଇ କୋରଡ଼ ଭିତରେ
ଯେତେ ଲୁଚି ରହିଲେ ବି
ବେଳେ ବେଳେ କେଜାଣି କିପରି
ଦିଗନ୍ତ ସେପଟୁ ଶୁଭେ ସମୁଦ୍ର ଗର୍ଜନ
ଆତ୍ମା ମୋର ଛଟପଟ ହୁଏ ।
ନିଜକୁ ପଚାରେ ନିଜେ
ଏତେ କି ସହଜ ସତେ, ଏଡ଼ିଦେବା ସମୁଦ୍ର ଆହ୍ୱାନ ?
ତଥାପି ସେ ସଂଶୟ ଆସେ
ସତେ ଆଉ କିବା ପ୍ରୟୋଜନ ଏତେ ଧାଁଧପଡ଼ରେ
କିବା ପ୍ରୟୋଜନ ଆଉ ଆଗପରି ଅସ୍ଥିର ହେବାରେ ?
ସମୁଦ୍ର ଗରଜୁ ଥାଉ ଅବା ଡାକୁଥାଉ ।
ମୁଁ ଭାବୁଛି ରକ୍ତ ଆଉ ସମୁଦ୍ରର
ସେଇ ସବୁ ଲବଣାକ୍ତ ଶ୍ୱାସ
ନିଶ୍ଚିନ୍ତରେ ଭୁଲିଯାଇ
ନିଜ ଗଡ଼ା ନିବୁଜ କୋଠରୀଟିର ନିରୀହ ଶଯ୍ୟାରେ
ନିରାପଦ ନିଶ୍ଚିନ୍ତରେ ପଡ଼ିବି ମୁଁ ଶୋଇ
ତା'ପରେ ଯାହାହେଉ, ସୂର୍ଯ୍ୟ ଉଠୁ – ପଦ୍ମ ଫୁଟୁ
ଚଢ଼େଇ ଗାଆନ୍ତୁ ଗୀତ ସକାଳର ସୁନେଲି ଖରାରେ ।

**(୧୫) ଅଶୋଚ୍ୟ :**

ଏତେବେଳେ କାହିଁକି ଆସିଲ ?
ଜହ୍ନ ତ ଗଲାଣି ଲୁଚି
ବଉଦର ଅନ୍ଧାର କୋଳରେ
ପକ୍ଷୀର କାକଳି ଆଉ ଶୁଭୁନାହିଁ
ଗଛର ଶାଖାରେ ।
କେଉଁ ଗଳି ନର୍ଦ୍ଦମା ଗର୍ଭରୁ
ଲୋମଚଟା କାଳିଆ କୁତୀଟା
ଚିଇଁ ଚିଇଁ ଶବ୍ଦ କରି
ନୀରବ ହେଲାଣି
ପବନରେ ଦୁର୍ଗନ୍ଧ କେବଳ
ମଲା ମଣିଷର ଦେହ
ଥରିଛି କି କେବେ !
ଏତେ ବଡ଼ ଓସ୍ତ ଗଛଟାରେ
ଯେଉଁମାନେ ବସା ବାନ୍ଧିଥିଲେ
ଶୁଖିଲା ପତର ଆଉ ଥୁଣ୍ଟାଗଛ ଦେଖି
ସେମାନେ ବି ଫେରାର ହେଲେଣି ।
ସଂଜର ସଳିତା ରଖି ତୁଳସୀ ମୂଳରେ
କେହି ଆଉ ପ୍ରଣତି ବାଢୁନି
ଶତାବ୍ଦୀର ଚିରା ଲୁଗା

ଫାଟି ଫାଟି ଯାଏ
ତାଳି ବି ପଡୁନି ।
ବେଦନାର ଛୋଟ ଛୋଟ
ଉପଳଟି ମାନ
ଜମାହୋଇ, ପାହାଡ଼ ହେଲାଣି ।
ଆସିବାର ନୁହେଁ ବେଳ ଇଏ
ଅନ୍ଧାରର ଅଦୃଶ୍ୟ ହାତଟା
ଆଜି ଖାଲି ଫେରିବାକୁ
ଇସାରା ହିଁ ଦିଏ !

**(୧୬) ନିଜକୁ ଭଲ ପାଇ :**

ନିଜକୁ ଭଲ ପାଇବା
ଶାସ୍ତ୍ରରେ ଏକ ବିକାର
ତଥାପି ପ୍ରତ୍ୟେକ ମଣିଷ
ଭଲ ପାଏ ନିଜକୁ
ଏବଂ ଭୁଲିଯାଏ
ପରିସ୍ଥିତିକୁ ।
ବିଚାରରେ ବିକାର ଆସେ
ସେତେବେଳେ
ଯେତେବେଳେ ବିଚାରେ ସେ
ଅନ୍ୟକୁ ଭଲ ପାଇ
ନିଜର ଗତିପଥ
ଠିକ୍ କରିନେଇଛି
ଆଉ, ସେଥିପାଇଁ
ଅନେକ ଆଲୋକ ଓ ବାୟୁ
ସ୍ଥିର କରି ନେଇଛି !
ସେମିତି ଯେଉଁମାନେ
ନିଜକୁ ଭଲ ପାଇ
ଅନ୍ୟକୁ ଭଲ ପାଇବାର
ମୃତ ମଗର ବା ଇଲିଶିର
ଦେହ ଧରିବାକୁ !
ହୁଏତ ବା ବଞ୍ଚିଯିବେ
କିଛି କାଳ ପାଇଁ
ହୀନମନ୍ୟ ମଣିଷର କୋଳେ !
ଝଡ଼ର ପ୍ରାବଲ୍ୟ
ସେ'ତ ପ୍ରକୃତିର ଖେଳ
ସେଠି ତୁମ ଛଳନାର
ଖେଳନାକୁ ଭାଙ୍ଗିବାକୁ
କେତେ ବେଳ ?
ଭାଙ୍ଗିଗଲା, ଉଡ଼ିଗଲା
ବୁଡ଼ିଗଲା ଅନନ୍ତ ଢେଉରେ
ଅହଂର ସମାଧି ହେଲା
ବଡ଼ ବଡ଼ ଢେଉ ଆସି
ପୋଛି ନେଇଗଲା
ସବୁ ଛଳନାରେ ।

**(୧୭) ମୁଁ ନୂଆ ଗଣକ :**

ତୁମେ କ'ଣ ଜାଣ
କେତେ ବର୍ଷ, କେତେ ମାସ
କେତେ ଦିନ, ସେଇ ଗୀତ
ଗାଇ ଚାଲିଥିଲୁ ।
ଆହେ ମହାଗଣକ
ଗଢ଼ିଯାଏ, ଗଢ଼ିଗଲା ତୁମ
ଖଡ଼ି ଗୋଟାଳି
ସତେ କ'ଣ ଗଢ଼ିଯିବ ?
ଗୋଟାଳି ତ ଗୋଟା ହେଲା
ଗଣକ ବି ହାରିଗଲେ ?





ଜାଣେ । ମୁଁ ନିଜକୁ ଜଣେ ନୀରସ ବ୍ୟକ୍ତି ବୋଲି ଭାବେ । ମଣିଷ ବୁଦ୍ଧିର ପ୍ରଗତିରେ ଗୋଟିଏ ସୀମା ଅଛି । କିନ୍ତୁ ହୃଦୟର ଗୁଣଗୁଡ଼ିକର ବିକାଶ କୌଣସି ସୀମାକୁ ମାନେ ନାହିଁ । ବୁଦ୍ଧି ମୋ ଜୀବନର ଗୋଟିଏ ଗୌଣ ଭୂମିକା ଗ୍ରହଣ କରିଛି ବୋଲି ନିଶ୍ଚିତରେ କୁହାଯାଇପାରେ । କିନ୍ତୁ ମୋର ଗଭୀରତମ ବିଶ୍ୱାସ ରହିଛି ସତ୍ୟ ଉପରେ । ଯାହାଫଳରେ ମୋର ପଥ କଷ୍ଟସାଧ୍ୟ ହେଲେ ମଧ୍ୟ ଚାଲିବାଟା ମୋତେ ସହଜବୋଧ ହେଉଛି ।

ମୋତେ ଯେତେସବୁ ମାନପତ୍ର ଦିଆଯାଉଛି ସେଥିରେ ଯେଉଁ ବିଶ୍ଳେଷଣ ଶବ୍ଦ ମୋ ପାଇଁ ବ୍ୟବହାର କରାଯାଉଛି, ତାକୁ ଗ୍ରହଣ କରିବାକୁ ମୁଁ ସମର୍ଥ ନୁହେଁ । ଲକ୍ଷ୍ୟସ୍ଥଳ ଆମଠାରୁ ସବୁବେଳେ ଦୂରରେ ଥାଏ । ଆମର ଅଗ୍ରଗତି କେତେବେଶୀ ହୁଏ, ଆମେ ନିଜର ଅଯୋଗ୍ୟତାକୁ ସେତେ ବଡ଼ ଭାବରେ ଜାଣିପାରୁ । ଉଦ୍ୟମରେ ହିଁ ଥାଏ ସନ୍ତୋଷ, ଲକ୍ଷ୍ୟ ଲାଭରେ ତାହା ନଥାଏ । ପରିପୂର୍ଣ୍ଣ ଉଦ୍ୟମ ହିଁ ପରିପୂର୍ଣ୍ଣ ବିଜୟ ।

ମୁଁ ରାଜନୀତିରେ ଅଂଶ ଗ୍ରହଣ କରୁଥିବା ପରି ଜଣାପଡୁଥିବାରୁ କାରଣ ଏହି ଯେ, ରାଜନୀତି ଆଜି ଆମ୍ଭମାନଙ୍କୁ ସାପ ପରି ଗୁଡ଼ାଇ ଧରିଛି ଏବଂ ଆମେ ଯେତେ ଚେଷ୍ଟା କଲେ ମଧ୍ୟ ସେଥିରୁ ବାହାରିପାରୁନାହୁଁ । ସେଥିପାଇଁ ମୁଁ ସେ ସାପ ସାଙ୍ଗରେ ଲଢ଼ିବାକୁ ଚାହୁଁଛି ।

ସମାଜ ସଂସ୍କାର ଦିଗରେ ମୋର କାର୍ଯ୍ୟ ରାଜନୈତିକ କାର୍ଯ୍ୟଠାରୁ କୌଣସି ପ୍ରକାରେ ତୁଚ୍ଛ ବା ତା'ର ଅଧିନସ୍ଥ ନୁହେଁ । ମୁଁ ନିଜେ ଚାରିଗୋଟି ପୁତ୍ରର ପିତା । ସେମାନଙ୍କୁ ମୋର ସମସ୍ତ ଜ୍ଞାନ ଓ ଓ ଶକ୍ତିଦେଇ ବଢ଼ାଇଛି । ମୁଁ ମୋର ପିତାମାତାଙ୍କ ଜଣେ ଅତ୍ୟନ୍ତ ଆଜ୍ଞାବହ ପୁତ୍ର ଓ ମୋର ଶିକ୍ଷକମାନଙ୍କର ମଧ୍ୟ ସେହିପରି ଆଜ୍ଞାବହ ଛାତ୍ର । ସତ୍ୟର ଅନୁସନ୍ଧାନ କରୁ କରୁ ମୁଁ ମୋର ଅନେକ ଧାରଣାକୁ ପରିତ୍ୟାଗ କରିଛି । ଅନେକ ନୂଆ କଥା ଶିକ୍ଷା କରିଛି । କୌଣସି ବିଷୟ ଲେଖିଲାବେଳେ ମୁଁ ପୂର୍ବରୁ କ'ଣ କହିଛି, ସେ ବିଷୟ କେବେହେଲେ ଚିନ୍ତା କରେନାହିଁ । ପ୍ରାର୍ଥନାରେ ହୃଦୟ ନଥାଇ କେବଳ ଭାଷା ଥିବା ଅପେକ୍ଷା, ଭାଷା ନଥାଇ ହୃଦୟ ଥିବା ଉତ୍ତମ ।

ବ୍ୟକ୍ତି ପକ୍ଷରେ ଯାହା ସତ୍ୟ, ଜାତି ପକ୍ଷରେ ମଧ୍ୟ ତାହାହିଁ ସତ୍ୟ । ଦୁର୍ବଳ ବ୍ୟକ୍ତି କେବେହେଲେ କ୍ଷମା ଦେଇପାରେ ନାହିଁ । କ୍ଷମାଶୀଳତା ବଳବାନର ଲକ୍ଷଣ । ଭାରତ ସତ୍ୟକୁ ବଳି ଦେଇ ସ୍ୱାଧୀନତା ଲାଭ କରିବା ଅପେକ୍ଷା ନିଜେ ବିଲୀନ ହୋଇଯିବା ଶ୍ରେୟସ୍କର ବୋଲି ମୁଁ ଚାହିଁବି ।

ମଣିଷ ଜାତି ଭିତରେ ଯାହାକିଛି ସର୍ବୋତ୍କୃଷ୍ଟ, ତାହାକୁ ବାହାରକୁ ଆଣିବା ପାଇଁ ମୁଁ କୌଣସି ପ୍ରକାରରେ ସମର୍ଥ । ଯୁକ୍ତିବାଦୀ ବ୍ୟକ୍ତିମାନେ ପ୍ରଶଂସନୀୟ ହେଲେ ମଧ୍ୟ ଯୁକ୍ତିବାଦ ଯେତେବେଳେ

ଅନ୍ୟ ସମସ୍ତଙ୍କର ମତ ଯାହାହେଉନା କାହିଁକି, ଦୁହିଁଙ୍କ ମଧ୍ୟରେ ମିଳନକୁ ବିବାହ ସ୍ୱୀକୃତି ପ୍ରଦାନ କରେ ।

ସାଧାରଣ ଭାବରେ କହିଲେ – ଆମ ଝିଅମାନଙ୍କୁ ମାତୃତ୍ୱର କର୍ତବ୍ୟ ବିଷୟରେ ଶିକ୍ଷା ଦିଆଯାଏ ନାହିଁ । କିନ୍ତୁ ଯଦି ବିବାହିତ ଜୀବନକୁ ଗୋଟିଏ ଧର୍ମକାର୍ଯ୍ୟ ବୋଲି କୁହାଯାଏ, ତାହେଲେ ମାତୃତ୍ୱ ମଧ୍ୟ ଗୋଟିଏ ଧାର୍ମିକ କର୍ତବ୍ୟ । ଜଣେ ଆଦର୍ଶ ଜନନୀ ହେବା କିଛି ସହଜ କାମ ନୁହେଁ । ଗର୍ଭ ସଂଚାର ହେଲା ମୁହୂର୍ତରୁ ସନ୍ତାନ ଜନ୍ମ ନେବା ପର୍ଯ୍ୟନ୍ତ ମା'ର କର୍ତବ୍ୟ କ'ଣ ତାହା ତାକୁ ଜାଣିବାକୁ ହେବ । ଯେଉଁ ନାରୀ ଦେଶକୁ ବୁଦ୍ଧିମାନ, ସୁସ୍ଥ ଓ ସୁଶିକ୍ଷିତ ସନ୍ତାନ ଦାନ କରନ୍ତି, ସେ ନିଶ୍ଚିତ ଭାବରେ ଗୋଟିଏ ସେବା କରନ୍ତି ।

ଯେତେବେଳେ ଜଣେ ନାରୀ ଉପରେ ଆକ୍ରମଣ ହୁଏ, ସେତେବେଳେ ସେ ହିଂସା ଓ ଅହିଂସା ବିଚାର କରିନପାରେ । ତାହାର ପ୍ରଥମ କର୍ତବ୍ୟ ହେଉଛି – ଆତ୍ମରକ୍ଷା । ସେତେବେଳେ ତା' ମନକୁ ଯାହା ଆସିବ, ସେ ନିଜର ସମ୍ମାନ ରକ୍ଷା କରିବା ପାଇଁ ସେହି ଉପାୟ ଅବଲମ୍ବନ କରିବାର ସ୍ୱାଧୀନତା ତା' ପାଖରେ ରହିଛି ।

କିନ୍ତୁ ମୋର ଦୃଢ଼ ବିଶ୍ୱାସ ଯେ, ଭାରତର ନାରୀ ଜାଗରଣରେ ନରନାରୀଗଣ ଅହିଂସା ସହକାରେ ମୃତ୍ୟୁର ସମ୍ମୁଖୀନ ହେବାକୁ ନିଜ ଭିତରେ ସାହସ ସୃଷ୍ଟି କରନ୍ତି । ତାହେଲେ, ସେମାନେ ଅସ୍ତ୍ରଶକ୍ତିକୁ ହସି ହସି ଉଡ଼ାଇ ଦେଇପାରିବେ । ତାହା ପୃଥିବୀ ପାଇଁ ଗୋଟିଏ ଦୃଷ୍ଟାନ୍ତ ଭାବରେ କାର୍ଯ୍ୟ କରିବ । ସେଥିରେ ନାରୀମାନେ ନେତୃତ୍ୱ ନେଇପାରିବେ । କାରଣ ସେହିମାନେ ହିଁ ଆତ୍ମ-ପୀଡ଼ନରୁ ଜାତ ଶକ୍ତିର ମୂର୍ତିମନ୍ତ ରୂପ ।

**(୧୨) ମହାତ୍ମାଗାନ୍ଧୀଙ୍କ ବିଚାରରେ "ବିବିଧ" :**

ମୁଁ ଭବିଷ୍ୟତ ଜାଣିବାକୁ ଚାହେଁନାହିଁ । ମୁଁ ବର୍ତମାନ ସହିତ ସମ୍ପୃକ୍ତ ଆଗାମୀ ମୁହୂର୍ତ ଉପରେ ଭଗବାନ ମୋତେ କୌଣସି କର୍ତୃତ୍ୱ ଦେଇନାହାନ୍ତି । ମୁଁ ଜଣେ ଖିଆଲୀ ଓ ତୁଚ୍ଛ ବିଷୟମାନଙ୍କରେ ଲାଗିଥିବା ପାଗଳ ଲୋକ ଭାବରେ ପରିଚିତ । ଏହି ଖ୍ୟାତି ସୁସ୍ପଷ୍ଟ ଭାବରେ ମୋ ପାଇଁ ଉପଯୁକ୍ତ । କାରଣ – ମୁଁ ଯେଉଁଆଡ଼େ ଯାଉଛି ମୋ ନିକଟକୁ ଖିଆଲି ଓ ତୁଚ୍ଛ ବିଷୟମାନଙ୍କର ଲାଗିଥିବା ପାଗଳା ଲୋକମାନଙ୍କୁ ହିଁ ଆକୃଷ୍ଟ କରୁଛି ।

କେତେ ନୀରବ ଓ ଅନୁରକ୍ତ, ସମର୍ଥ ଓ ପବିତ୍ର ପୁରୁଷ ଓ ନାରୀ କର୍ମୀଙ୍କର ଅକ୍ଲାନ୍ତ କଷ୍ଟକର ପରିଶ୍ରମ ଉପରେ ମୋର ତଥାକଥିତ ବଡ଼ପଣିଆ ନିର୍ଭର କରେ । ତାହା ପୃଥିବୀ ନିତାନ୍ତ କମ୍





ତୁମେ କ'ଣ ଜିତିଗଲ
ଏଇ ଲଢ଼େଇରେ ?
ହତିଆରି ମସୁଧାର
ସେଇ ଖଡ଼ି ଗୋଟାଳି
ଏବେ ବି ତ ଜଳଜଳ ହେଇ
ଗୋଟିଏ ହାତରୁ ଆସି
ଗୋଟିଏ ହାତରେ
ଶୋଭା ପାଇଲାଣି !
ଫଟା ମାଟି, ଫମ୍ପା ହାଡ଼
କାହା କରୁଣାରେ
କେବେ କେବେ ଓଦା ହୋଇଯାଏ !
ଇନ୍ଦ୍ରଙ୍କର ଆଶୀର୍ବାଦ, ଅଭିଶାପ
ଆଜି ବି ଏଇଠି
ଭାଗ୍ୟଲିପି ବୋଲି ମନାଯାଏ ।
'ସଙ୍ଗୀତ-ଚଉକି' ପଛେ
ଦଉଡ଼ି ଦଉଡ଼ି
କାହାକୁ ବା ଝୋଲା ମାରିଯାଏ
ଆଉ କିଏ ହାତତାଳି ମାରି
ମନଇଚ୍ଛା ଗୀତ ଗାଉଥାଏ ।
ଚମତ୍କାର ଗୀତ
ମୋହଗ୍ରସ୍ତ ମେଣ୍ଢାପଲ
ଆରାମରେ ଝିମେଇ ପଡ଼ନ୍ତି ।
ନଈ ନାଳ ବିଲ ଓ ପର୍ବତ
ସବୁଠି ଶୁଭନ୍ତା ଯଦି ତୁମର ସଙ୍ଗୀତ
କେବେ ଅବା ଝିମା ଧରା
ମେଣ୍ଢାପଲ ଉଠିପଡ଼ି
ଆଗକୁ ଚାଲନ୍ତେ !

ମୁଁ ତ ନୂଆ ଗଣକ
ମୋ ଗଣନା ଭୁଲ ହୋଇପାରେ
ତୁମରି ଗଣକ ପରି
ମୋ ହାତରେ ଏ ଖଡ଼ି ଗୋଟାଳି
ସତେ କ'ଣ
ଗଡ଼ି ଗଡ଼ି ଯିବ ?

**(୧୮) ବେଗ ହିଁ ଉନ୍ନତିର ଲକ୍ଷଣ :**

ମୁଁ ସେଇମାନଙ୍କୁ ନମସ୍କାର କରେ
ବେଗ ଥାଇ, ଥାଇ ବି ପ୍ରତିଭା
ତୁଚ୍ଛ କରିପାରନ୍ତି
କ୍ଷୁଦ୍ର ସମ୍ମାନକୁ
ତୁମ ପ୍ରବନ୍ଧର ହୁଏତ
କର୍ତା ସେହିମାନେ
ଯାହାଙ୍କୁ ଦେଖି ନ ପାରି
କଳ୍ପନାରେ ଆଙ୍କିଛି ସେମାନଙ୍କୁ ।
ଚାହୁଁ ଚାହୁଁ ଚାରିବର୍ଷ
ହୋଇଗଲା– "ତୁମେ ନାହିଁ"
'ମୁଁ' କିନ୍ତୁ ରହିଅଛି
କେତେ ଝଡ଼ ବହିଗଲା
ତୁମକୁ ଦିନକ ପାଇଁ
ଭୁଲିବାକୁ ଚେଷ୍ଟା କଲେ ବି
ତୁମେ ତ ଆସୁଥାଅ ବାରମ୍ବାର
ସ୍ୱପ୍ନରେ ଚିନ୍ତା ନଈରେ
ନାଆ ବାହି ବାହି
ତୁମର ସେ ବେଗ ହିଁ
ଉନ୍ନତିର ଲକ୍ଷଣ ।
କୋରି କୋରି ଖାଇ ଯାଉଥାଏ

ସବୁବେଳେ ଯାହା
ଥୟ ବି କରାଇ ଦିଏ ନାହିଁ
ଦଣ୍ଡେ କି ମୁହୂର୍ତ୍ତେ ।
ଚାଲିବାକୁ ହେବ
ଜୋରରେ, ଅନେକ ବେଗରେ
ଆଗକୁ - ଆଗକୁ !
କିନ୍ତୁ, କୁଆଡ଼େ ସେ ଗତି ?
କହିଲ ତ ନାହିଁ
ସେହି ବେଗ
ପହଁଚାଇ ଦେବ କେଉଁଠାରେ ?
ବେଗ ତ ରହିଲା ଖାଲି
ଅର୍ଥ ସଂଚୟରେ ।
କେତେ ବେଗି - କେଉଁବାଟେ
ଆସିବ ସେ
ନିଶ୍ଚିତ କରିବ ମଣିଷର ମାନସକୁ ।
ସମୟକୁ ଆୟତ୍ତ କରିବା ପାଇଁ
ଲୋଡ଼ା ଖାଲି ସମୟକୁ ।
ଅଗ୍ରଗାମୀ ହେବା ପାଇଁ ନୁହଁ
ହିସାବ କରିବାକୁ
ପରିମାଣ ଅର୍ଥର ।
ଜୀବନ ସଂଗ୍ରାମ ହୋଇଛି
ଯେତେ ଯେତେ କଠିନ
ଟଳି ତ ଯାଉଛି ।
ତୁମ କଳ୍ପନାର ମଣିଷ ସମାଜ ।
ସବୁ ବିଦ୍ୟାବୁଦ୍ଧିକୁ ଜଳାଞ୍ଜଳି ଦେଇ
ଆଜି ଧାଇଁ ବୁଲୁଛି ବେଗରେ
ପ୍ରତିଯୋଗିତାରେ ।

ଧରାଧରି ମରାମରି ସାଉଁଳାସାଉଁଳି ।
କଳା ଯେତେ ଯିଏ
ଥାଉ କି ନଥାଉ ବେଗ
ସେ'ତ ଜିତିଯାଏ ।
ତୁମକୁ ସ୍ମରଣ କରି
ଆଜି ମୁଁ ନମସ୍କାର କରେ
ସେହି ପ୍ରତିଭାଧରମାନଙ୍କୁ
ବେଗ ଥାଇ ପ୍ରତିଭା ବି ଥାଇ
ଯେଉଁମାନେ ପ୍ରତ୍ୟାଖ୍ୟାନ କରିଦେଲେ
ତୁଚ୍ଛ ସମ୍ମାନକୁ ।

**(୧୯) କାଞ୍ଜିଆହୁଦା :**

କେହି ତ କାହାର ନୁହେଁ
ସମସ୍ତେ ଜଣ ଜଣ କରି
ଅତି ଏକୁଟିଆ ।
ତଥାପି କାହିଁକି
ବନ୍ଧନର ବେଢ଼ାଟିଏ
କେତୋଟି ଲୋକଙ୍କୁ
ଘେରି ପକାଇଥାଏ ।
କାଞ୍ଜିଆହୁଦାରେ ଅନେକ
ଗାଈ, ବଳଦ
କାହାର ସେମାନେ ?
ରାସ୍ତା ମଝିରେ କି କଡ଼ରେ
ଆରାମରେ ଶୋଇରହି
ପାକୁଳି କଲାବେଳେ
କିଏ ଜଣେ
ମ୍ୟୁନିସିପାଲିଟିର ଲୋକ
ସେମାନଙ୍କୁ ତଡ଼ି ତଡ଼ି ନେଇ





ମଧ୍ୟ ମୂଳତଃ ଏକ । ଉଭୟଙ୍କ ମଧ୍ୟରେ ଥିବା ଆତ୍ମା ଏକ । ଉଭୟେ ସମାନ ଜୀବନ ଧାରଣ କରନ୍ତି, ଉଭୟଙ୍କ ଅନୁଭୂତି ମଧ୍ୟ ସମାନ । ଜଣେ ଅନ୍ୟର ପରିପୂରକ । ସତେକି ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ଭଳି । ନାରୀ ନିଷ୍କ୍ରିୟ, ନର ସକ୍ରିୟ । ନାରୀ ମୂଳତଃ ଗୃହର କର୍ତ୍ତୀ, ନର ଖାଦ୍ୟ ସଂଗ୍ରହକାରୀ । ନାରୀ ଖାଦ୍ୟକୁ ଯତ୍ନ ସହକାରେ ରଖିବ ଓ ତାହାକୁ ବଣ୍ଟନ କରିବ । ସେ ଯଥାର୍ଥରେ ରକ୍ଷୀ । ଜାତିର ଶିଶୁମାନଙ୍କୁ ପାଳନ କରିବାର କଳା ତାହାର ସ୍ୱତନ୍ତ୍ର ଓ ଏକମାତ୍ର କାର୍ଯ୍ୟ । ତାହାର ଯତ୍ନ ବିନା ଜାତି ଲୋପ ପାଇଯିବ ।

ନାରୀର ହୃଦୟ ଭିତରକୁ ପ୍ରବେଶ କରିବା ଉଦ୍ଦେଶ୍ୟରେ ମୁଁ ନିଜ ମନ ଭିତରେ ଜଣେ ନାରୀ ହୋଇଯାଇଛି । ମୁଁ ମୋର ପତ୍ନୀଙ୍କ ପତି ବୋଲି ମୋର ଯେତେ ତଥାକଥିତ ଅଧିକାର ଥିଲା, ନର ଓ ନାରୀ ମଧ୍ୟରେ ନାରୀ ଅପେକ୍ଷାକୃତ ଉନ୍ନତତର । କାରଣ ସେ ଆଜି ମଧ୍ୟ ତ୍ୟାଗ, ନୀରବ ଯନ୍ତ୍ରଣା, ନମ୍ରତା, ବିଶ୍ୱାସ ଓ ଜ୍ଞାନର ପ୍ରତିମର୍ତ୍ତି ହୋଇ ରହିଛି ।

ନାରୀ ନିଜକୁ ନରର କାମନା ଚରିତାର୍ଥ କରିବାର ଭୋଗ୍ୟ ବସ୍ତୁ ବୋଲି ବିବେଚନା କରିବା ନିତାନ୍ତ ଅନୁଚିତ । ଏହାର ପ୍ରତିକାର ନର ଅପେକ୍ଷା ନାରୀ ହାତରେ ବେଶୀ ରହିଛି । ଉଷ୍ମ ଗୃହ ମଧ୍ୟରେ ସତୀତ୍ୱକୁ ରକ୍ଷା କରାଯାଏ ନାହିଁ । ପରଦା ଆଢୁଆଳରେ ଏହାର ସୁରକ୍ଷା ହୋଇପାରେ ନାହିଁ । ଏହ ଅନ୍ତର ଭିତରୁ ବାହାରେ ।

ମୁଁ କହିବି ଯେ, ନାରୀ ଆତ୍ମତ୍ୟାଗୀର ପ୍ରତିମୂର୍ତ୍ତି, କିନ୍ତୁ ପୁରୁଷ ଠାରୁ ସେ କି ବିରାଟ ସୁବିଧାର ଅଧିକାରିଣୀ । ଦୁର୍ଭାଗ୍ୟବଶତଃ ସେ ତାହା ହୃଦୟଙ୍ଗମ କରିପାରୁନାହିଁ । ନାରୀକୁ ଦୁର୍ବଳତାର ଗୋଷ୍ଠୀ ଅନ୍ତର୍ଭୁକ୍ତ ବୋଲି କହିବା ଏକ ନିନ୍ଦାର କଥା । ଏପରି କହିବା ପୁରୁଷର ନାରୀ ପ୍ରତି ଏକ ଅନ୍ୟାୟ କାର୍ଯ୍ୟ । ଜୀବନରେ ଯାହା କିଛି ପବିତ୍ର ଓ ଧାର୍ମିକ, ସେସବୁର ସ୍ୱତନ୍ତ୍ର ତତ୍ତ୍ୱାବଧାରିକା ହେଉଛି ନାରୀ । ନାରୀକୁ ଯଥାର୍ଥ ଶିକ୍ଷା ଦେବାରେ ମୁଁ ବିଶ୍ୱାସ କରେ, କିନ୍ତୁ ସେମାନେ ପୁରୁଷଙ୍କର ସହିତ ଦୌଡ଼ରେ ପ୍ରତିଯୋଗିତା କରନ୍ତୁ-ମୁଁ ବିଶ୍ୱାସ କରେନାହିଁ । ନାରୀ ପୁରୁଷର ସହକାରିଣୀ ଏବଂ ଉଭୟଙ୍କ ମାନସିକ ସାମର୍ଥ୍ୟ ସମାନ ।

ଜଣେ ଭଉଣୀ, ଯେକି ଜଣେ ଭଲ କର୍ମୀ ଓ ଦେଶସେବା ଭଲ ଭାବରେ କରିବେ ବୋଲି ଅବିବାହିତ ରହିବା ପାଇଁ ବ୍ୟଗ୍ର ଥିଲେ । ସେ ତାଙ୍କ କଳ୍ପନା ଅନୁଯାୟୀ ଜଣେ ସଙ୍ଗୀ ପାଇବାରୁ ତାଙ୍କୁ ସମ୍ପ୍ରତି ବିବାହ କରିଅଛନ୍ତି । କିନ୍ତୁ ସେ ସେପରି କରିବା ଦ୍ୱାରା ଗୋଟିଏ ଭୁଲ କରିଛନ୍ତି ଓ ତାଙ୍କର ନିଜର ଉଚ୍ଚ ଆଦର୍ଶରୁ ଖସି ପଡ଼ିଛନ୍ତି ବୋଲି ବିଚାରୁଛନ୍ତି । ଯେତେବେଳେ ଦୁଇଜଣ ସାଥୀ ସହମତି ହୋଇ ଉଭୟଙ୍କ ମଧ୍ୟରେ ପରିଣୟ ବାଞ୍ଛନୀୟ ବୋଲି ବିଚାର କରନ୍ତି, ସେତେବେଳେ

ଯେଉଁ ପ୍ରକାରର ଉଚ୍ଚଶିକ୍ଷା ଦିଆଯାଉଛି, ମୁଁ ତାହାର ଶତ୍ରୁ । ମୋର ପରିକଳ୍ପନା ମଧ୍ୟରେ ଉଚ୍ଚଶିକ୍ଷା କ୍ଷେତ୍ରରେ ଆହୁରି ଅଧିକ ସଂଖ୍ୟାରେ ଉନ୍ନତ ପୁସ୍ତକାଳୟ ରହିବ । ଅଧିକ ସଂଖ୍ୟାରେ ଉନ୍ନତ ଗବେଷଣାଗାର ରହିବ । ଏହି ପରିକଳ୍ପନାରେ ରସାୟନବିତ, ଇଂଜିନିୟର, ଅନ୍ୟାନ୍ୟ ବିଶେଷଜ୍ଞମାନଙ୍କ ଗୋଟିଏ ସେନାବାହିନୀ ରହିବ । ଯେଉଁମାନେ ଦେଶର ପ୍ରକୃତ ସେବକ ହେବେ ।

ପଣ୍ଡିତ ଖାରେଙ୍କ ବ୍ୟାପକ ଅଭିଜ୍ଞତା ଭିତରେ ପ୍ରତିଷ୍ଠିତ ମତ ଯେ, ପ୍ରାଥମିକ ଶିକ୍ଷାର ପାଠ୍ୟକ୍ରମରେ ସଙ୍ଗୀତ ସ୍ଥାନ ପାଇବା ଉଚିତ । ଶରୀରର ବ୍ୟାୟାମ, ହସ୍ତଶିଳ୍ପ, ଚିତ୍ରାଙ୍କନ ଓ ସଙ୍ଗୀତ ଚର୍ଚ୍ଚା ଏକା ସାଙ୍ଗରେ ଚାଲିଲେ ଶିକ୍ଷାର୍ଥୀର ବୌଦ୍ଧିକ ବିକାଶ ହେବ । କେବଳ ବହି ପଢ଼ିଲେ ବୁଦ୍ଧିର ବିକାଶ ହୁଏ ବୋଲି ଆମ ମନରେ ଯେଉଁ ଅତ୍ୟନ୍ତ ଭ୍ରାନ୍ତ ଧାରଣା ରହିଛି, ତାହା ଦୂର ହେବା ଉଚିତ । କାରିଗରମାନଙ୍କ କାମକୁ ବୈଜ୍ଞାନିକ ଢଙ୍ଗରେ ଶିକ୍ଷା କଲେ ଖୁବ୍ ଦ୍ରୁତଗତିରେ ମନରେ ବିକାଶ ସାଧିତ ହୋଇପାରେ ।

ଜୀବନ ବିଷୟରେ ସତ୍ୟକୁ ଜାଣିବା ପାଇଁ ଶିଶୁମାନଙ୍କର ମନରେ ଯେଉଁ କୌତୂହଳ ଥାଏ, ଆମେ ତାହା ଜାଣିଥିଲେ ସେମାନଙ୍କୁ କହିଦେବା ଉଚିତ । ଆମେ ଯଦି ଜାଣିନଥାଉ, ତାହେଲେ ଆମ ଅଜ୍ଞତାକୁ ସ୍ୱୀକାର କରିବା ଉଚିତ । ବିଜ୍ଞ ପଣ୍ଡିତ ମାନେ ଶିଶୁମାନଙ୍କୁ ଭୁଲ କରିବାକୁ ଅନୁମତି ଦିଅନ୍ତି । ଯୌନକାମନା ପ୍ରତି ତରୁଣ ତରୁଣୀମାନଙ୍କ ସେମାନଙ୍କର ଜନନ ଅଙ୍ଗଗୁଡ଼ିକର ତାତ୍ପର୍ଯ୍ୟ ଓ ସେଗୁଡ଼ିକର ଯଥାର୍ଥ ବ୍ୟବହାର ସମ୍ପର୍କରେ ଶିକ୍ଷା ଦେବା ସପକ୍ଷରେ ମୁଁ ଦୃଢ଼ ମତ ପୋଷଣ କରେ । ହୃଦୟକୁ ଜାଗ୍ରତ କରିବା ଅର୍ଥ ସୁପ୍ତ ଆତ୍ମାକୁ ଜାଗ୍ରତ କରିବା ।

**(୧୧) ମହାତ୍ମାଗାନ୍ଧୀଙ୍କ ଦୃଷ୍ଟିରେ "ନାରୀ" :**

ମୋର ହୃଦ୍‌ବୋଧ ଯେ, ଭାରତର ମୁକ୍ତି ଭାରତୀୟ ନାରୀ ଜାତିର ତ୍ୟାଗ ଓ ଜ୍ଞାନ ଉପରେ ନିର୍ଭର କରେ । ଅହିଂସାର ଅର୍ଥ ଅନନ୍ତ ପ୍ରେମ ପୁଣି ଅନ୍ତପ୍ରେମର ଅର୍ଥ କଷ୍ଟ ସହିବାର ଅନନ୍ତ ସାମର୍ଥ୍ୟ । ମଣିଷର ଜନନୀ - ନାରୀ ବ୍ୟତୀତ କାହାଠାରେ ସବୁଠାରୁ ବେଶୀ ପରିମାଣରେ ଏହି ସାମର୍ଥ୍ୟ ପ୍ରକାଶ ହୋଇଛି ? ସେ ଶିଶୁକୁ ନିଜ ଗର୍ଭରେ ନଅମାସ ଧାରଣ କରି ପାଳନ କରେ ଏବଂ ସେଥିସହିତ ଜଡ଼ିତ ସମସ୍ତ ସୁଖଦୁଃଖରୁ ଆନନ୍ଦ ଲାଭ କରେ । ପ୍ରସବ କରିବାର ବେଦନା ଠାରୁ ଆଉ କ'ଣ କିଛି ବେଦନା ଅଛି କି ? କିନ୍ତୁ ସୃଷ୍ଟି କରିବାର ଆନନ୍ଦ ମଧ୍ୟରେ ସେ ସେହି ବେଦନାକୁ ଭୁଲିଯାଏ । ସେହି ନାରୀ ତା'ର ପ୍ରେମକୁ ସାରା ମଣିଷ ଜାତି ମଧ୍ୟରେ ବିଛାଡ଼ି ଦେଉ ।

ମୋ ନିଜ ମତରେ ନର ଓ ନାରୀ ଯେପରି ମୂଳତଃ ଅଭିନ୍ନ । ସେମାନଙ୍କର ସମସ୍ୟାବଳୀ





ଭର୍ତ୍ତି କରେ କେଉଁ ଏକ
ବେଢ଼ା ଭିତରେ
ସେଇ ଗାଈ ଗୋରୁମାନେ କ'ଣ
ଜାଣିପାରନ୍ତି ? ସେମାନେ କାହାର
କେଉଁଠି ରହିଥିଲେ
ଅବା, ଆସିଛନ୍ତି କେଉଁଠାରୁ
ଦୁଧିଆଳୀ ଗାଈ ନୁହଁ
ଦରକାର ଅବା କ'ଣ ?
ତାକୁ ଘରେ ରଖିବାର !
ଛାଡ଼ିଦିଏ ମାଲିକ ରାସ୍ତାରେ
ଖାଉ-ବୁଲିକରି
ଅକାରଣ ଦାନା ପାଣି ଦେଇ
ଖର୍ଚ୍ଚାନ୍ତ ହବାର ମାନେ ବା କଅଣ ?
ସତେ ତ
ମାନେ ବା କଅଣ ?
ଅପାରଗ ବାପା ଅବା ମାଆ
ସେମାନଙ୍କ ଦରକାର ତ
ତୁଟି ଯାଇଥାଏ
ଅନେକ ବର୍ଷ ହେଲା
ଆଉ ପୁଣି ବଂଚିରହି
ଲାଭ ବା କଅଣ ?
ଖାଲି ତ ଗୋଟିଏ କାମ
କଲବଲ କରି ଚାଲିଥିବା
ପାରଙ୍ଗମ ପିଲାମାନଙ୍କୁ ।
ମଣିଷ ପାଇଁ କ'ଣ
କାଞ୍ଜିଆହୁଦା - ତିଆରି ହୁଏ ନାହିଁ ?
କିନ୍ତୁ, ପାଗଳ ଗାରଦ ତ ଅଛି
ନ ଶୁଣି ପାରିବା ନ ବୁଝି ପାରିବା
ବାପା-ମାଆଙ୍କୁ ତ
ଡାକ୍ତରବାବୁଙ୍କୁ ପଇସା ଦେଇ
ଲେଖାଇ ନେଇ ହେବ
ସେମାନଙ୍କୁ ପାଗଳ ବୋଲି ?
କୋଉ ଏବେ ବଡ଼ କଥା
ନିତିଦିନ ଓଲଟପାଲଟ ହେଇ
ଘଟି ତ ଯାଉଛି ସେଇ କଥା
ନ ହୁଅନ୍ତୁ ପଛେ ପାଗଳ
ନ ଥାଉ ପଛେ କାଞ୍ଜିଆହୁଦା
କିନ୍ତୁ ଓଲ୍ଡ-ଏଜ୍ ହୋମ୍ ତ ହେଲାଣି
ସଂଖ୍ୟା ତା'ର ବଢ଼ି ବଢ଼ି ଯାଉ
ସରକାରଙ୍କ କୃପା ହେଉ
ନାମ ଖେଳିଯାଉ ।
ସ୍ୱେଚ୍ଛାସେବୀ ଅନୁଷ୍ଠାନ ସବୁ
ଆଗେଇ ଆସନ୍ତୁ
ମଣିଷ ପାଇଁ କାଞ୍ଜିଆହୁଦା
ଠାଆକୁ ଠାଆ
ତୋଳି ଦିଅନ୍ତୁ ।

**(୨୦) ବାଇଶି ପାହାଚ :**

ବାଇଶି ପାହାଚରେ ଚଢୁ ଚଢୁ
ଜଗନ୍ନାଥ ଥକିଗଲେ
କ୍ଷଣେ ଠିଆହେଲେ
ନିଃଶ୍ୱାସ ମାରିଲେ
ସେ' ତ ଆଉ
ତୁମ ଆମ ପରି ନୁହନ୍ତି ଯେ
ପତିତପାବନଙ୍କୁ ଦର୍ଶନ କରି
ସୁଉକି କି ଅଧୁଲିଟିଏ ଦେଇ

ପୁଣି ଫେରିଯିବେ
ବଡ଼ଦାଣ୍ଡକୁ ।
ଏଇ ତ ତାଙ୍କ ନିଜର ପ୍ରାସାଦ
ଜନତାର କୋଳାହଳ
'ଭିକ୍ଷାଂଦେହି' ରବ
ତା' ଭିତରେ ପହଞ୍ଚି ପାରେନି ।
ସକାଳଠୁ ସଞ୍ଜ ଯାଏ
ଷାଠିଏ ପଉଟି ଭୋଗର
ଘ୍ରାଣ ଆଉ ସ୍ୱାଦୁ
ନେଉ ନେଉ ରାତି ହୋଇଯାଏ
ମଣିମାଙ୍କ ପହଡ଼ ପଡ଼ିବ
ସ୍ୱର ଆଉ ଛନ୍ଦହୀନା
ଦେବଦାସୀର ନୃତ୍ୟରେ ।
ତା'ପରେ ତ ସବୁ ବନ୍ଦ
ଖାଲି ରାତିର ପ୍ରହରୀର
ବାଡ଼ି ଠକ୍ ଠକ୍ ଶବ୍ଦ
ନିଶୁନ୍ ରାତିର ବଡ଼ଦାଣ୍ଡ
ଉପରେ ଠିଆହୋଇ
ଲକ୍ଷ ଲକ୍ଷ ଆକୁଳ ଜନତା
ଜୟଧ୍ୱନି ଦେଉଛନ୍ତି ଜଗନ୍ନାଥଙ୍କର ।
ନିଜର ଭୋକ ଶୋଷ
ଦୁଃଖ ତାପ ଭୁଲି
ନିଷ୍ପଲକ ଚକ୍ଷୁରେ ଚାହିଁ ରହିଛନ୍ତି
ବାଇଶି ପାହାଚକୁ
କେତେବେଳେ ଜଗନ୍ନାଥ
ଓହ୍ଲାଇ ଆସିବେ
ଅସୁମାରି ଭକ୍ତମାନଙ୍କର
ଗୁହାରି ଶୁଣିବେ ।
ନିବୁଜ ଗମ୍ଭୀରା ଭିତରେ
ରତ୍ନବେଦୀର ଶୀତଳ ଶଯ୍ୟାରେ
ଶୋଇ ଶୋଇ ଜଗନ୍ନାଥ
ସ୍ୱପ୍ନ ଦେଖୁଛନ୍ତି ଆଗାମୀ କାଲିର
ବିଶାଳ ଜନତା ତୁଣ୍ଡରେ
ତାଙ୍କର ଜୟ ଜୟକାର ।

**(୨୧) ଅନ୍ଧାରରୁ ଅନ୍ଧାରକୁ :**

ସେତେବେଳେ ସେମାନେ ତ
ଠିଆ ହୋଇଥିଲେ
ରାସ୍ତା ମଝିରେ
ଆକାଶରେ ଚନ୍ଦ୍ର ନାହିଁ
ତାରାମାନେ ଉଭେଇ ଗଲେଣି
ତଥାପି ତ ଠିଆ ହୋଇଛନ୍ତି
ସେଇ ଅନ୍ଧାରରେ ।
କିଏ ଜଣେ ବତିଟିଏ ଜାଳି
ହଠାତ୍ ଆସିଲା
ଆଉ ଆଲୁଅ ଦିଶିଲା
ଚାହୁଁ ଚାହୁଁ ପବନ ବି
ମଳୟ ପାଲଟିଗଲା
ବଗିଚାରେ ଫୁଲମାନେ ଫୁଟିଗଲେ
ମହକରେ ଆକାଶ ବତାସ
ପୂରିଗଲା
ତା'ପରେ ମହୁମାଛିମାନଙ୍କର ଭିଡ଼
ମନ ଭରି ଫୁଲମାନଙ୍କରୁ
ମଧୁ ଆହରଣ କଲେ
ଅନ୍ଧାରର ଜୀବମାନେ
ଫୁଲ ତ ଦେଖିଲେ





ମୋର ସୀମିତ ବିଚାରକୁ ମୁଁ ସ୍ୱୀକାର କରୁଅଛି । ବିଦ୍ୟାଳୟ ଶିକ୍ଷା ପଦବାଚ୍ୟ କୌଣସି ଶିକ୍ଷା ମୋହର ନାହିଁ । ମୁଁ ହାଇସ୍କୁଲରେ ପଢ଼ିବାବେଳେ ସାଧାରଣ ଛାତ୍ରଙ୍କ ଠାରୁ କେବେହେଲେ ଅଧିକ ନଥିଲି । ପରୀକ୍ଷାରେ କେବଳ ପାସ କରିଗଲେ ମୁଁ ନିଜକୁ ଧନ୍ୟ ମନେ କରୁଥିଲି । ସ୍କୁଲରେ ସମ୍ମାନର ସହ ଉତୀର୍ଣ୍ଣ ହେବା ମୋର କଳ୍ପନାରେ ଅତୀତ ଥିଲା । ତାହା ସତ୍ୱେ ମୁଁ ଶିକ୍ଷା ଓ ଉଚ୍ଚଶିକ୍ଷା ସମ୍ପର୍କରେ ସାଧାରଣ ଭାବରେ ଅତ୍ୟନ୍ତ ଦୃଢ଼ ମତ ପୋଷଣ କରେ ।

ମୋତେ ବାରବର୍ଷ ବୟସ ହେଲା ପର୍ଯ୍ୟନ୍ତ ମୁଁ ଯାହାକିଛି ଜ୍ଞାନ ଲାଭ କଲି, ତାହା ମୋର ମାତୃଭାଷା ଗୁଜୁରାଟୀ ମାଧ୍ୟମରେ । ମୁଁ ସେତେବେଳେ କିଛି ଗଣିତ, ଇତିହାସ ଓ ଭୂଗୋଳ ଶିକ୍ଷା କରିଥିଲି । ସେତେବେଳେ ଇଂରେଜ ଭାଷାର ଅତ୍ୟାଚାର ଏପରି ଥିଲା ଯେ, ସବୁ ବିଷୟକୁ ଇଂରାଜୀ ଭାଷାରେ ପାଠ କରିବାକୁ ପଡୁଥିଲା ।

ହାଇସ୍କୁଲର ପ୍ରଥମ ତିନିବର୍ଷରେ ମୋର ସାଧାରଣ ଜ୍ଞାନ ଭଣ୍ଡାର ବିଶେଷ କିଛି ବଢ଼ିନଥିଲା । ସେହି ସମୟଟି ଇଂରାଜୀ ଭାଷାରେ ସବୁ ବିଷୟ ପଢ଼ଇବା ପାଇଁ ପିଲାମାନଙ୍କୁ ଉପଯୁକ୍ତ କରିବାର ପ୍ରସ୍ତୁତି ଥିଲା । ହାଇସ୍କୁଲଗୁଡ଼ିକ ଇଂରେଜମାନଙ୍କ ଦ୍ୱାରା ସାଂସ୍କୃତିକ ବିଜୟ ଲାଭ କରିବାର କ୍ଷେତ୍ର ଥିଲା ।

ସାହିତ୍ୟ ସମ୍ପର୍କରେ ପଦେ କହିବି । ଆମକୁ ଇଂରାଜୀ ଗଦ୍ୟ ସାହିତ୍ୟ ଓ ପଦ୍ୟ ସାହିତ୍ୟର ଅନେକ ପୁସ୍ତକ ପଢ଼ିବାକୁ ହେଉଥିଲା । କିନ୍ତୁ ସେହି ଜ୍ଞାନ ଜନସଧାରଣଙ୍କର ସେବା କରିବାରେ କିମ୍ବା ସେମାନଙ୍କ ସହିତ ସମ୍ପର୍କ ପ୍ରତିଷ୍ଠା କରିବାରେ ମୋର କୌଣସି ଉପଯୋଗ ହୋଇନାହିଁ ।

ମୁଁ ଇଂରେଜ ଭାଷା ଓ ସାହିତ୍ୟର ନିନ୍ଦା କରୁଛି ବୋଲି କେହି ଭାବିବା ଉଚିତ ନୁହେଁ । ଇଂରେଜ ଭାଷା ପ୍ରତି ମୋର କେତେଦୂର ପ୍ରେମ ରହିଛି ତାହା ହରିଜନ କାଗଜର ସ୍ତମ୍ଭସବୁ ତାହାର ଯଥେଷ୍ଟ ପ୍ରମାଣ ଦେବ । ମୁଁ ଚାହେଁ ଯେ, ଆମ ଦେଶ ନିଜ ଭାଷାକୁ ଇଂରେଜ ଭାଷାରେ ଥିବା ଅମୂଲ୍ୟ ସଂପଦକୁ ଆହରଣ କରୁ ।

ମୋ ମତରେ – ବିଶ୍ୱବିଦ୍ୟାଳୟଗୁଡ଼ିକୁ ସ୍ୱାବଲମ୍ବୀ କରାଯିବା ଉଚିତ । ଯେଉଁମାନଙ୍କର ସେବା ରାଷ୍ଟ୍ରପାଇଁ ଆବଶ୍ୟକ କେବଳ ସେହିମାନଙ୍କୁ ରାଷ୍ଟ୍ରଶିକ୍ଷା ଦେବା ଉଚିତ । ପ୍ରାଦେଶିକ ଭାଷାଗୁଡ଼ିକୁ ସେମାନଙ୍କର ଉଚିତ ସ୍ଥାନ ଦିଆଯାଉ । ଶିକ୍ଷାଦାନର ମାଧ୍ୟମ ଯେକୌଣସି ମତେ ବଦଳାଇଦେବା ଉଚିତ । ଉଚ୍ଚଶିକ୍ଷା କ୍ଷେତ୍ରରେ ଅସ୍ଥାୟୀ ଭାବରେ କିଛି ଗଣ୍ଡଗୋଳିଆ ପରିସ୍ଥିତି ସୃଷ୍ଟି ହେଲେ ମଧ୍ୟ, ପ୍ରତିଦିନ ଯେଉଁ ଅପରାଧପୂର୍ଣ୍ଣ ଅପଚୟ ପଞ୍ଜିଭୂତ ହେଉଛି, ତାହା ଅପେକ୍ଷା ସେହି ଗଣ୍ଡଗୋଳିଆ ପରିସ୍ଥିତିକୁ ମୁଁ ଶ୍ରେୟଷ୍କର ମନେକରିବି । ମୁଁ ଉଚ୍ଚଶିକ୍ଷାର ଶତ୍ରୁ ନୁହେଁ । ଏ ଦେଶରେ

ଶତ୍ରୁ ହୋଇଯିବୁ । ମୁଁ ସତରେ କହିପାରେ ଯେ, ମୋ ନିଜ ଲୋକଙ୍କର ଦୋଷତ୍ରୁଟିକୁ ଦେଖିବାରେ ମୁଁ ମନ୍ଥର । ମୋର ପ୍ରକୃତି ଏକଜିଦିଆ ବୋଲି ଅନେକ ସମୟରେ ଅଭିଯୋଗ ହୋଇଥାଏ । ମୁଁ ଏକଛତ୍ରବାଦୀ ବୋଲି ମୋ ବିରୁଦ୍ଧରେ ଦୋଷାରୋପ କରାଯାଉଛି ।

ବୃହତ୍ତର ସଂଖ୍ୟକ ଲୋକଙ୍କ ବୃହତର କଲ୍ୟାଣ ଏହି ନୀତିରେ ମୁଁ ବିଶ୍ୱାସ କରେନାହିଁ । ଯେଉଁମାନେ ଜନତାର ନେତୃତ୍ୱ କରନ୍ତି ବୋଲି ଦାବି କରୁଛନ୍ତି, ସେମାନେ ଜନତା ଦ୍ୱାରା ପରିଚାଳିତ ହେବାପାଇଁ ଦୃଢ଼ ଭାବରେ ଅସ୍ୱୀକାର କରିବା ଉଚିତ । ନେତାମାନଙ୍କ ଚତୁପାର୍ଶ୍ୱରେ ବହୁ ପ୍ରକାରର ମତବାଦର ଲୋକେ ରୁଣ୍ଡ ହୁଅନ୍ତି । ଯେଉଁ ନେତାମାନେ ନିଜ ବିବେକର ସୂଚନା ବିରୁଦ୍ଧରେ କାମ କରନ୍ତି, ତାଙ୍କୁ ଅନାବଶ୍ୟକ ନେତା ବୋଲି କୁହାଯିବ ।

ହିଂସାର ପୁଞ୍ଜିଭୂତ ଓ ସଂଗଠିତ ରୂପର ପ୍ରତିନିଧିତ୍ୱ କରେ ରାଷ୍ଟ୍ର । ଆମ୍ଭେ ଯଦି ସ୍ୱାଧୀନ ନରନାରୀ ଭାବରେ ବଞ୍ଚି ରହିବା, ତାହାହେଲେ ଆମ୍ଭମାନଙ୍କର ମୃତ୍ୟୁ ହେବା ଉଚିତ । ପ୍ରତ୍ୟେକ ଭଲ ଆନ୍ଦୋଳନ ପାଞ୍ଚଗୋଟି ସ୍ତର ଦେଇ ଗତିକରେ । ସେହି ପାଞ୍ଚଗୋଟି ସ୍ତର ହେଉଛି - ଉଦାସୀନତା, ଉପହାସ, ଗାଳି, ଦମନ ଓ ସମ୍ମାନ ।

ଯଦି ମାନବ ପରିବାର ମଧ୍ୟରେ ମୁଁ ଏହି ଧାରଣା ଦୃଢ଼ କରିଦେଇପାରେ ଯେ, ପ୍ରତ୍ୟେକ ନରନାରୀ, ତା'ର ଦେହ ଯେତେ ଦୁର୍ବଳ ହେଉନା କାହିଁକି, ସେ ତାହାର ନିଜର ଆତ୍ମସମ୍ମାନ ଓ ସ୍ୱାଧୀନତାର ନିଜେ ହିଁ ପ୍ରହରୀ, ତାହେଲେ ମୋର କାମ ଶେଷ ହୋଇଯିବ । ସାରା ପୃଥିବୀ ବ୍ୟକ୍ତିଗତ ପ୍ରତିରୋଧର ବିରୁଦ୍ଧାଚରଣ କଲେ ସୁଦ୍ଧା ଆତ୍ମରକ୍ଷାର ଏହି ଉପାୟ ସଫଳ ହେବ ।

## (୧୦) ମହାତ୍ମାଗାନ୍ଧୀଙ୍କ ଦୃଷ୍ଟିରେ "ଶିକ୍ଷା" :

ପ୍ରକୃତ ଶିକ୍ଷା ହେଉଛି ତୁମ ଭିତରେ ଥିବା ଶ୍ରେଷ୍ଠତମ ଗୁଣର ବିକାଶ ସାଧନ କରିବା । ମଣିଷ ଜାତିରୂପକ ପୁସ୍ତକଠାରୁ ଆଉ କି ଉତ୍କୃଷ୍ଟ ପୁସ୍ତକ ଅଛି ? ମୋ ମତରେ ଶରୀରର ହାତ, ପାଦ, ଆଖି, କାନ, ନାକ ଇତ୍ୟାଦି - ଅଙ୍ଗପ୍ରତ୍ୟଙ୍ଗ ଗୁଡ଼ିକର ଉପଯୁକ୍ତ ବ୍ୟାୟାମ ଓ ତାଲିମ ଜରିଆରେ ହିଁ ବୁଦ୍ଧି ବୃତିର ଯଥାର୍ଥ ଶିକ୍ଷା ହୋଇପାରେ । ଆଧ୍ୟାତ୍ମିକ ତାଲିମର ଅର୍ଥ - ମୁଁ ହୃଦୟର ଶିକ୍ଷା ବୋଲି ବୁଝେ ।

ଶିକ୍ଷାର ଅର୍ଥ ମୁଁ ବୁଝେ ଯେ, ଶିଶୁ ଓ ମଣିଷର ଦେହ ଓ ମନ ଓ ଆତ୍ମା - ଏସବୁ ମଧ୍ୟରେ ଥିବା ଶ୍ରେଷ୍ଠତମ ଗୁଣଗୁଡ଼ିକର ସର୍ବାଙ୍ଗୀନ ବିକାଶ ସାଧନ । ମୋର ବିଶ୍ୱାସ ଯେ, ମନ ଓ ଆତ୍ମାର ଚରମ ବିକାଶ ଏ ଧରଣର ଶିକ୍ଷାପଥରେ ସମ୍ଭବ ହୋଇପାରିବ । ମୁହଁର ଭାଷାରେ ସାଧାରଣ ପଦ୍ଧତିରେ ଶିକ୍ଷା ଦିଆଯାଇପାରୁଛି । ପଢ଼ିବା ଓ ଲେଖିବା ଦ୍ୱାରା ଯେତେ ଶିକ୍ଷା ଦିଆଯାଇପାରେ, ଏହି ପଦ୍ଧତିରେ ତାହାର ଦଶଗୁଣା ଶିକ୍ଷା ଦିଆଯାଇପାରେ ।



ସାରସ୍ୱତସାଧିକା ନନ୍ଦିନୀ ଶତପଥୀ

ମହୁମାଛିମାନଙ୍କର
ଗୁଣୁଗୁଣୁ ଗୀତରେ
ଆନନ୍ଦରେ ନାଚିଗଲେ ।
ସେମାନଙ୍କ ଆଖିର ରଙ୍ଗ ବି
ବଦଳି ଗଲା
ନୀଳ ହୋଇଗଲା ।
ଫୁଲ ଭଳି ସେଇ ଆଖିର ରଙ୍ଗରେ
ମହୁମାଛିମାନେ ଟାଣି ହେଇ ଆସିଲେ
ପାଖରେ ବସିଲେ
ଫେରିବା ବାଟରେ
ସେମାନଙ୍କୁ ମଧୁ କିଛି ଦେଇଗଲେ ।
ଆକାଶରେ ଚନ୍ଦ୍ର ନାହିଁ, ସୂର୍ଯ୍ୟ ନାହିଁ
ଅନ୍ଧାର ଆଉ ଅନ୍ଧାର
ପବନ ବି ବନ୍ଦ ହେଇଗଲା
ଧରଣୀର ଶେଷ ଦିନ
ପ୍ରଳୟ ଆସିଛି
ପାହାଡ଼ରୁ ନିଆଁ ବାହାରୁଛି
ନଈମାନେ କୂଳ ଲଂଘି
ମାଡ଼ି ଆସୁଛନ୍ତି
ସାଗରର ଢେଉମାନେ
ଅବାଧ ଯୁବକ ଭଳି
କୂଳ ଲଂଘୁଛନ୍ତି ।
ଫୁଲ ସବୁ ବଗିଚାରେ ମଉଳି ପଡ଼ିଲା
ମହୁମାଛିମାନଙ୍କର ଭିଡ଼ ଆଉ ନାହିଁ
ବତିଟିଏ ପାଇଁ
ଅନ୍ଧାରର ଜୀବମାନେ
ବ୍ୟାକୁଳରେ ଚାହୁଁଥିଲେ
ବତି ଆଉ କାହିଁ
ସେମାନେ ଯେ ହଜିଗଲେ
ପୁଣି ଅନ୍ଧାରରେ ।

## (୨୨) କେତେ ଆଉ ଶୋଉଥିବ ?

ତମେ ତ ଶୋଉଛ ଖାଲି
ନିଦରେ କି, ଚାହିଁ ଚାହିଁ
ମୁଁ ତା ଜାଣିପାରୁନାହିଁ ।
କେତେ କଥା କହୁଥାଅ
କଥା ସବୁ ବରଫ ପାଲଟେ !
ସେ ତ ଆଉ ଫ୍ରିଜ୍‌ର ବରଫ ନୁହେଁ ଯେ
ବାହାରକୁ ଆଣିଦେଲେ
ତରଳି ପଡ଼ିବ !
ତୁମ କଥା ସବୁ ସେହିଭଳି ।
ଯେଉଁ ଦେଶରେ
ରୁଷିଆ କି ଆମେରିକାରେ
ଯେଉଁଠି ମାସ ମାସ ଧରି
ଆକାଶରୁ ଝରିପଡ଼େ ବରଫ
ରାସ୍ତାଘାଟ ଧଳା ହୋଇଯାଏ
ଗାଡ଼ି ଉପରେ ବରଫର ଆସ୍ତରଣ
ସେ ସବୁ ତ ସଫା କରିବାକୁ
ଶହ ଶହ ଲୋକଙ୍କର ଭିଡ଼ ଜମୁଥାଏ ।
ଚାହିଁ ଶୋଇଥିବା ଲୋକକୁ
ଉଠେଇବାଟା ତ ସହଜ ନୁହେଁ
କେତେ ଭୟ, କେତେ ତୁମ ବିଚାର
ଆଲୋଚନା କରୁ କରୁ
ରାତି ପାହିଯାଏ ।

ତୁମେ ସବୁ ଶୋଇ ପଡ଼ିଥିଲେ
ସେ ରାତି ବି କେବେ ପାହିବନି
ସକାଳ ହବନି ।

**(୨୩) ଚନ୍ଦ୍ର ତୁମେ ଆଉ ଆସନାହିଁ :**

ଚନ୍ଦ୍ର କାହିଁ ଆକାଶକୁ ଆସ
ତମର ତ ଜ୍ୟୋତି ନାହିଁ
ପ୍ରେମିକ ପ୍ରେମିକାଙ୍କର
ମନ କିଣି ନେବା ପାଇଁ
ଅକାରଣେ ବସି ବସି ହସ ।
ତୁମେ ତ ଜାଣିଛ
ସୂର୍ଯ୍ୟ ଜ୍ୟୋତି ବିନା
ତୁମର ତ ଅସ୍ତିତ୍ୱ ହିଁ ନାହିଁ ।
ତଥାପି ବି ଆସୁଥାଅ
ଝରକା ଫାଙ୍କରେ
କିମ୍ବା ବାଲ୍‌କୋନୀରେ
ଗଳ୍ପ ଆଉ କବିତାରେ
କେତେ କଥା ଲେଖାହୁଏ
ତୁମ ବିଷୟରେ ।
ଥରେ ଯଦି ତୁମେ
ଆକାଶରୁ ଓହ୍ଲାଇ ଆସନ୍ତ
ତେବେ ଦେଖିପାରନ୍ତ
ଆଉ ଜାଣିପାରନ୍ତ
ତୁମେ ଯାହା ନୁହଁ
ତାହା ଭାଷାରେ ସଜାଇ
କେତେ କଥା ଆଜିଯାଏ
ଲେଖା ସରିଛି !
ନିଜର ଆଲୁଅ ନାହିଁ
ଅନ୍ୟର ଆଲୁଅ ନେଇ
କାଳ କାଳ ଧରି ତୁମେ
ଗର୍ବ କରୁଛ !
ମଣିଷ ତ ଗଲା ଚାଲି
ତୁମରି ରାଜ୍ୟକୁ
ରୋକି ପାରିଲନି
ତମେ ରୋକି ପାରିନାହଁ
ଅୟୁତ ବର୍ଷର ସ୍ୱପ୍ନ
ଭାଙ୍ଗିଗଲା
ଚନ୍ଦ୍ର ତୁମେ ଆଉ ଆସନାହିଁ ।
କେବେ ଆକାଶକୁ
ଅକାରଣେ ମଣିଷକୁ
ସ୍ୱପ୍ନେ ଜୀଇଁବାକୁ
ଜୀବନ ଯୁଦ୍ଧରେ ସେଇ
ଆହତ ଯୁବକେ
ଝରକା ଫାଙ୍କରେ ଯଦି
ତୁମକୁ ଦେଖିବେ
ଶିହରିବେ
ଆଉ ଥରେ ନୀଳ ନୀଳ
ସ୍ୱପ୍ନମାନେ
ସେମାନଙ୍କୁ ଅଚଳ କରିବେ ।
ତୁମେ ଥାଅ ଗ୍ରହ ହୋଇ
ଆକାଶରେ
ସତ ବା ମିଛରେ
ମଣିଷର ଭାଗ୍ୟରେ
ଢାଳୁଥାଅ ପ୍ରଭାବ ତୁମର ।

**(୨୪) ବିଶ୍ୱାସ, ବିଶ୍ୱାସ, ବିଶ୍ୱାସ :**



ସାରସ୍ୱତସାଧିକା ନନ୍ଦିନୀ ଶତପଥୀ

ହୋଇପାରେ ନାହିଁ । ମୁଁ ବିଶ୍ୱାସ କରେ ଯେ, ପ୍ରକୃତ ଗଣତନ୍ତ୍ର କେବଳ ଅହିଂସାରେ ହିଁ ପରିଣତ ହୋଇପାରେ ।

ସମାଜ ସମ୍ପର୍କରେ ମୋର ଧାରଣା ଯେ, ଆମେ ସମସ୍ତେ ଜନ୍ମରୁ ସମାନ ହେଲେ ମଧ୍ୟ ଅର୍ଥାତ୍ ଆମ ସମସ୍ତଙ୍କର ସମାନ ସୁବିଧା ସୁଯୋଗର ଅଧିକାର ଥିଲେ ମଧ୍ୟ ସମସ୍ତଙ୍କର ଏକା ସମର୍ଥ ନାହିଁ । ମୁଁ ଦେଖାଇଦେବାକୁ ଅବଶ୍ୟ କହୁଛି ଯେ ମୁଷ୍ଟିମେୟ ଲୋକଙ୍କର ହାତକୁ କ୍ଷମତା ଆସିଗଲେ ପ୍ରକୃତ ସ୍ୱରାଜ୍ୟ ଆସିଯିବ ନାହିଁ । ଯେତେବେଳେ କ୍ଷମତାର ଅପବ୍ୟବହାର ହେବ, ସେତେବେଳେ ତାହାର ପ୍ରତିରୋଧ କରିବାର ସାମର୍ଥ୍ୟ ଯଦି ସମସ୍ତଙ୍କର ନିକଟକୁ ଆସେ ତାହେଲେ ପ୍ରକୃତ ସ୍ୱରାଜ ଆସିଲା ବୋଲି କୁହାଯିବ ।

ଇଂରେଜମାନେ କେବଳ ଆମ ଦେଶ ଛାଡ଼ିଦେଇ ଚାଲିଗଲେ । ତାହାକୁ ସ୍ୱାଧୀନତା ମିଳିଗଲା ବୋଲି କୁହାଯିବ ନାହିଁ । ସ୍ୱାଧୀନତାର ଅର୍ଥ ହେଉଛି ସାଧାରଣ ଗ୍ରାମବାସୀ ଭିତରେ ଏହି ଚେତନା ସୃଷ୍ଟି ହେବ ଯେ, ସେ ନିଜେ ତାହାର ଭାଗ୍ୟର ସ୍ରଷ୍ଟା, ତାହାର ନିର୍ବାଚିତ ପ୍ରତିନିଧିମାନଙ୍କର ଜରିଆରେ ସେ ନିଜର ବ୍ୟବସ୍ଥାପକ । ପାର୍ଲାମେଣ୍ଟାରୀ ବ୍ୟବସ୍ଥାଟି ସେତିକିବେଳେ ଭଲ, ଯେତେବେଳେ ତାହାର ସଦସ୍ୟମାନେ ସଂଖ୍ୟାଗରିଷ୍ଠ ଲୋକଙ୍କର ଇଚ୍ଛାକୁ ମାନିବାକୁ ସମ୍ମତ ହୁନ୍ତି ।

ଜନତା ପକ୍ଷରୁ ହିଂସା ହେଲେ ସେଥିରେ ରୋଗ ଭଲ ହେବନାହିଁ । କୌଣସି ମତେ ବର୍ତମାନ ପର୍ଯ୍ୟନ୍ତ ଅଭିଜ୍ଞତାରୁ ଜଣାଯାଇଛି ଯେ, ହିଂସାର ସଫଳତା ଅଳ୍ପ କ୍ଷଣସ୍ଥାୟୀ ହୋଇଛି । ଏହା ଫଳରେ ବୃହତ୍ତର ହିଂସା ସୃଷ୍ଟି ହେଉଛି । କେବଳ ଇଂରେଜମାନଙ୍କ ଦାସତ୍ୱରୁ ଭାରତକୁ ମୁକ୍ତ କରିବାରେ ମୋର ଆଗ୍ରହ ନାହିଁ । ଯେକୌଣସି ପ୍ରକାର ଦାସତ୍ୱ ହେଉ ପଛେ, ସେଥିରୁ ଭାରତକୁ ମୁକ୍ତ କରିବାକୁ ମୁଁ ଚାହୁଁଛି । ତେଣୁ ସ୍ୱରାଜ ଆନ୍ଦୋଳନ ମୋ ପାଇଁ ଆତ୍ମଶୁଦ୍ଧିର ଆନ୍ଦୋଳନ । ଯେଉଁ ବ୍ୟକ୍ତି ଜନ୍ମରୁ ଗଣତାନ୍ତ୍ରିକ, ସେହି ବ୍ୟକ୍ତି ଜନ୍ମରୁ ଶୃଙ୍ଖଳା ମାନିଲାବାଲା । ଯେଉଁ ବ୍ୟକ୍ତି ମାନବୀୟ ନିୟମ ହେଉ କିମ୍ବା ଈଶ୍ୱରୀୟ ନିୟମ ହେଉ ସବୁ ପକାଇ ନିୟମକୁ ମାନିବାକୁ ପ୍ରସ୍ତୁତ । ଜଣେ ଗଣତାନ୍ତ୍ରିକ ବ୍ୟକ୍ତିଙ୍କୁ ସମ୍ପୂର୍ଣ୍ଣ ଭାବରେ ନିସ୍ୱାର୍ଥପର ହେବାକୁ ପଡ଼ିବ । ସେ ନିଜ ସୃଷ୍ଟିରୁ କିମ୍ବା ଦଳ ଦୃଷ୍ଟିରୁ ଚିନ୍ତା ବା କଳ୍ପନା ନ କରି କେବଳ ଗଣତନ୍ତ୍ର ଦୃଷ୍ଟିରୁ ଚିନ୍ତା ବି କଳ୍ପନା କରିବ ।

ମୁଁ ବ୍ୟକ୍ତିଗତ ସ୍ୱାଧୀନତାକୁ ମୂଲ୍ୟ ଦିଏ । କିନ୍ତୁ ତୁମେ ଭୁଲିବା ଉଚିତ ନୁହେଁ ଯେ, ମଣିଷ ମୂଳତଃ ଜଣେ ସାମାଜିକ ଜୀବ । ବ୍ୟକ୍ତିଗତ ସ୍ୱାଧୀନତା ଓ ସାମାଜିକ ସଂଯମର ମଧ୍ୟମ ପନ୍ଥା ନେବାପାଇଁ ଆମେ ଶିକ୍ଷା ଗ୍ରହଣ କରିଛୁ । ମତପାର୍ଥକ୍ୟ କେବେହେଲେ ଶତ୍ରୁତାରେ ପରିଣତ ହେବା ଉଚିତ ନୁହେଁ । ମତ ପାର୍ଥକ୍ୟର ଅର୍ଥ ଯଦି ଶତ୍ରୁତା ହୁଏ, ତାହେଲେ ମୋ ସ୍ତ୍ରୀ ଓ ମୁଁ ପରସ୍ପରର ପରମ

ଭଦ୍ର ଭାବରେ ଆଇନ୍ ଅମାନ୍ୟ କରିବା ଜଣେ ନାଗରିକର ଜନ୍ମଗତ ଅଧିକାର । ମଣିଷ ପଣିଆ ନ ହରାଇଲେ ସେ ଏହା ଛାଡ଼ିବାକୁ ସାହସ କରିବ ନାହିଁ । ଅପରାଧୀର ଆଇନ୍ ଅମାନ୍ୟ ଯୋଗୁଁ ଅରାଜକତା ବ୍ୟାପେ । ଅପରାଧୀର ଆଇନ୍ ଅମାନ୍ୟ ପ୍ରତ୍ୟେକ ରାଷ୍ଟ୍ର ବଳ ପ୍ରୟୋଗ ଦ୍ୱାରା ଦବାଇ ଦେଇହୁଏ । ରାଷ୍ଟ୍ର ଯଦି ତାହା ନ କରେ ତାହେଲେ ସେ ଲୋପ ପାଇଯାଏ ।

ଯଥାର୍ଥ ଗଣତନ୍ତ୍ର ବି ଦେଶର ସ୍ୱରାଜ କେବେହେଲେ ଅସତ୍ୟପୂର୍ଣ୍ଣ ହିଂସାମାର୍ଗରେ ଆସିପାରେ ନାହିଁ । ସେଥିରେ ବ୍ୟକ୍ତିଗତ ସ୍ୱାଧୀନତା ରହେନାହିଁ । କେବଳ ଅମିଶ୍ରିତ ଅହିଂସାର ରାଜୁତି ତଳେ ବ୍ୟକ୍ତିଗତ ସ୍ୱାଧୀନତା ତାହାର ପୂର୍ଣ୍ଣତା ପାଇପାରିବ । ପୃଥିବୀରେ ଏ ପର୍ଯ୍ୟନ୍ତ ଯେ ବହୁଲୋକ ବଞ୍ଚିରହିଛନ୍ତି, ଏହି କଥାଟି ଦେଖାଇଦେଉଛି ଯେ, ପୃଥିବୀରେ ଅସ୍ତ୍ରଶକ୍ତି ଉପରେ ପ୍ରତିଷ୍ଠିତ ନୁହେଁ । ଯାହା ସତ୍ୟ ଓ ପ୍ରେମ ଶକ୍ତି ଉପରେ ପ୍ରତିଷ୍ଠିତ ।

ହଜାର ହଜାର ଲୋକ କାହିଁକି, କୋଟି କୋଟି ଲୋକ ସେମାନଙ୍କ ସ୍ଥିତି ପାଇଁ ଏହି ଶକ୍ତିର ସକ୍ରିୟ କାର୍ଯ୍ୟ ଉପରେ ନିର୍ଭର କରିଅଛନ୍ତି । କୋଟି କୋଟି ପରିବାର ଦୈନନ୍ଦିନ ଜୀବନରେ ଉପୁଜୁଥିବା କ୍ଷୁଦ୍ର କ୍ଷୁଦ୍ର କଳହ ସବୁ ଏହି ଶକ୍ତିର ଖେଳ ଆଗରେ ଉଭେଇ ଯାଉଛନ୍ତି । ଦୁଇଟି ଭାଇଙ୍କ ମଧ୍ୟରେ କଳହ ହୁଏ । ସେମାନଙ୍କ ମଧ୍ୟରୁ ଜଣେ ଅନୁତାପ କରେ ଏବଂ ତଦ୍ୱାରା ତାହା ମଧ୍ୟରେ ଥିବା ପ୍ରେମକୁ ପୁନଜାଗ୍ରତ କରେ । ଉଭୟେ ପୁଣି ଥରେ ଶାନ୍ତି ଚଳନ୍ତି । ଭାଇଦ୍ୱୟ ଯଦି ଓକିଲଙ୍କ ମାଧ୍ୟମରେ ଅଦାଲତକୁ ଯାଆନ୍ତି, ତାହେଲେ ସେମାନଙ୍କର କଥା ଖବରକାଗଜରେ ବାହାରିପଡ଼େ । ପଡ଼ୋଶୀମାନେ ଆଲୋଚନା କରନ୍ତି, ଆତ୍ମ ଶାସନ ଆମ ନିଜ ଭିତରେ ଶକ୍ତି ଉପରେ, କେବେ ଯେ ବାଧାବିପତି ବିରୁଦ୍ଧରେ ଆମର ସଂଗ୍ରାମ କରିବାର ସାମର୍ଥ୍ୟ ଉପରେ ସଂପୂର୍ଣ୍ଣ ନିର୍ଭର କରେ । ଅଧିକାରର ପ୍ରକୃତ ମୂଳସୂତ୍ର ହେଉଛି କର୍ତବ୍ୟ । ଯଦି ଆମେ ସମସ୍ତେ ଆମ ନିଜ ନିଜର କର୍ତବ୍ୟ ପାଳନ କରୁ, ଆମର ଅଧିକାର ହାସଲ କରିବା କଷ୍ଟ ହେବନାହିଁ । ଯଦି ଆମେ କର୍ତବ୍ୟଗୁଡ଼ିକ ପାଳନ ନ କରି ଅଧିକାର ସାବ୍ୟସ୍ତ କରିବା, ତାହେଲେ ସେଗୁଡ଼ିକ ଛଳନା କଳାଭଳି ଆମଠାରୁ ପଳାଇଯିବେ ।

ମୋ ପାଇଁ ରାଜନୈତିକ କ୍ଷମତା ଏକ ଲକ୍ଷ୍ୟ ବସ୍ତୁ ନୁହେଁ । ଲୋକେ ସେମାନଙ୍କ ଜୀବନର ପ୍ରତ୍ୟେକ ବିଭାଗରେ ଅବସ୍ଥାକୁ ଉନ୍ନତ କରିବା ପାଇଁ ସମର୍ଥ ହେବାପାଇଁ ତାହା ଗୋଟିଏ ମାଧ୍ୟମ । ରାଜନୈତିକ କ୍ଷମତାର ଅର୍ଥ, ଜାତୀୟ ଜୀବନକୁ ଜାତୀୟ ପ୍ରତିନିଧିମାନଙ୍କ ଜରିଆରେ ନିୟନ୍ତ୍ରଣ କରିବାରେ ସମର୍ଥ । ଆଦର୍ଶ ରାଷ୍ଟ୍ରରେ ସେଥିପାଇଁ କୌଣସି ରାଜନୈତିକ କ୍ଷମତା ନଥାଏ । କାରଣ ସେଠାରେ କୌଣସି ରାଷ୍ଟ୍ର ନଥାଏ । କିନ୍ତୁ ଆଦର୍ଶଟି କେବେହେଲେ ଜୀବନରେ ପୂର୍ଣ୍ଣରୂପେ ରୂପାୟିତ





ବହୁତ କଥା କହିବାକୁ ଥିଲାବେଳେ
କିଛି କଥା କହିହୁଏ ନାହିଁ ।
ଅନେକ ଦିନରୁ ମାଟି ଫାଟି ଫାଟି
ଆକାଶକୁ ଚାହିଁ ରହିଥାଏ !
ଚାତକ ଭଳି ନୁହଁ
ଚଷାର ବିକଳ ଦେଖି
ଧରିତ୍ରୀର ପ୍ରାଣ ଫାଟି ଫାଟି ଯାଏ ।
ସେତେବେଳେ ସେଇମାନେ
କେଉଁଠି ଥାଆନ୍ତି
ହଠାତ୍ ହଠାତ୍ ଓହ୍ଲାଇ ଆସନ୍ତି
ବହୁତ ପାହାଚ ଉପରୁ
ଆଉ ଅତି ଗମ୍ଭୀର ସ୍ୱରରେ
ଭାଷଣ ଶୁଣାନ୍ତି ।
ତ୍ରାଣକର୍ତା ଆସିଗଲେ
କେଡ଼େ ନିଷ୍ପାପର
ପୁଅ ଝିଅ ଘରଦ୍ୱାର
କିଛି ନ ବିଚାରି
ଖାଲି ଲୋକଙ୍କ ଖବର ।
ହାୟ ହାୟ !
ସବୁ ତ ତୁମର
ଆମେ ତ ତୁମର ଦାସ
ଯେତେବେଳେ ଯାହା ଆଜ୍ଞାକଲ
ମାନିବାକୁ ବଦ୍ଧ ପରିକର ।
ଟାଙ୍ଗର ଭୂଇଁରେ ଫସଲ ଫଳିବ
ମୁଣ୍ଡିଆ ପଥର ନ ଦିଶି
ଚାରିଦିଗେ ସବୁଜିମା
ଲହଡ଼ି ଭାଙ୍ଗିବ
ବସି ବସି ଘରେ
ଅବା ଇସ୍କୁଲ୍ କି
କୋଠାଘରକୁ ଯାଇ
ଝଲମଲ ଟିଭି ପରଦାରେ
ଦେଖି ଦେଖି ସାଉଣ୍ଟି ଆଣିବୁ
ଧାନ ତକ ।
ଆଁ କରି ଚାହିଁଥିଲୁ
ବହୁତ ବିଶ୍ୱାସରେ
ସତେ ଅବା ଆମ ପାଇଁ
ଲଢ଼ିଯିବ କେହି ଜଣେ
ଜୀବନକୁ ପଣ ଦେଇ
ଛିଃ, ଛିଃ
କେତେ ଛୋଟ ତୁମେ
ଖାଲି ନିଜ ପାଇଁ
ସବୁ କଲ ସବୁ ନେଲ
ସମ୍ମାନ ପାଇଲ
ଜନତାର ବିଶ୍ୱାସରେ
ବିଷ ଦେଇଦେଲ ।

### (୨୫) ତୁମ ପୁଣ୍ୟଫଳ କିଛି ଦିଅ :

ତୁମର ଜୟକାର ପାଇଁ
ମନ୍ଦିର ମସ୍‌ଜିଦ ଗୀର୍ଜାରେ ଆଜି
ରଣର ହୁଙ୍କାର
ଶଙ୍ଖ ଘଣ୍ଟ ଧ୍ୱନି ନାହିଁ
ଶୁଭୁ ନାହିଁ ଆଲ୍ଲା ହୋ...
ଆକବର ଡାକ
ସବୁଠାରେ ରେରେକାର
ପୁଲିସ୍‌ର ଲାଠିବାଡ଼ି
ଗୁଳିର ଆବାଜ୍‌ରେ

କମ୍ପୁଛି ମେଦିନୀ
କାହାନ୍ତି ସେ ରାମ ?
ସମସ୍ତେ ତ ରାବଣ ପାଲଟିଗଲୁ
ସ୍ୱର୍ଣ୍ଣଲଙ୍କାରୁ ଯାହା ବାକି ଥିଲା
ସେତକ ବି ପୋଡ଼ିଦେଇ
ନାରଖାର କଲୁ ।
କାଲିର ସକାଳ
ପଚାରିବ ଯେବେ
କେତେ ଧର୍ମ କଲ
ସେ ପୁଣ୍ୟର ଫଳ କିଛି
ଭାଗ ବାଣ୍ଟି ଦିଅ ।
ଦିନଯାକ ସୂର୍ଯ୍ୟର ଆଲୁଅ ନାହିଁ
ସେଠୁ ଖାଲି ରକ୍ତ ଝରିଲା
ସୂର୍ଯ୍ୟ ଲାଲ ହେଇଗଲା ।
ସକାଳ କହିଲା
ମୁଁ ତ ଆସିପାରୁ ନାହିଁ
ଅନ୍ଧାରକୁ ରଖିଦେଇ
ଏତେ ଦିନ ପାଇଁ
ଦିଅ ମତେ ଦିଅ
ତୁମର ପୁଣ୍ୟର ଫଳରୁ
ମତେ କିଛି ଦିଅ ।
ମୁଁ ଯେ ଆସିବାକୁ ଚାହେଁ
ସବୁଦିନ ଭଳି
ଜଗତକୁ ଆଲୋକିତ କରି
ତୁନି ହୋଇ ରହନାହିଁ
କହ ମୋତେ କହ
ତୁମର ଜୟକାର ପାଇଁ
ଶ୍ୱାସରୁଦ୍ଧ କରି ମୋତେ
ମାରିବାକୁ ଚାହଁ ?

**(୨୬) ଲକ୍ଷ୍ମୀ ଠାକୁରାଣୀ :**

ଲକ୍ଷ୍ମୀ ଠାକୁରାଣୀଙ୍କର
ଦୁଃଖ ଥାଏ ?
ସେ' ତ ମହାଲକ୍ଷ୍ମୀ
ମହା ମହାରାଣୀ
ଜଗନ୍ନାଥଙ୍କ ଠାରୁ ଆରମ୍ଭ କରି
ଜଗତର କୋଟି କୋଟି ଜନ
ଚାହିଁ ରହିଛନ୍ତି ତାଙ୍କ
ହାତ ଟେକା ଅନ୍ନକୁ
ତଥାପି ମହାଦେଇ
କାନ୍ଦିଲେ କାହିଁକି ?
ଆଜି କି ତିଥି !
ପ୍ରତିପଦ
ଦ୍ୱିତୀୟାକ୍ଷଃ ଆଦ୍ରା
ଶ୍ରୀଗୁଣ୍ଡିଚା ରଥଯାତ୍ରା
ଝାଞ୍ଜ ଘଣ୍ଟ ମୃଦଙ୍ଗ ଶବ୍ଦରେ
ମେଦିନୀ କମ୍ପୁଛି ।
ବଡ଼ଦେଉଳରୁ
ପହଣ୍ଡିରେ ଝୁଲି ଝୁଲି
ଆସୁଛନ୍ତି ବଡ଼ ଠାକୁର
ସୁଦର୍ଶନ ତ ଆସିଲେଣି
ପଛେ ପଛେ ଭାଇ ଜଗନ୍ନାଥ
ଭାଇଙ୍କ ସାଙ୍ଗରେ
ଭଉଣୀ ସୁଭଦ୍ରା ବି ଯିବେ





ବାସ୍ତବିକ ସମବଣ୍ଟନ ତତ୍ୱର ମୂଳରେ ଧନୀମାନଙ୍କ ମାରଫତ୍‌ଦାରୀ ତତ୍ୱ ନିଶ୍ଚିତ ରହିବ । କାରଣ, ସେମାନଙ୍କର ଅଧିକାରରେ ବଳକା ଧନ ରହିଛି । ଯଦି ଦେଖାଗଲା ଯେ, ସମସ୍ତ ଉଦ୍ୟମ ସତ୍ୱେ ଧନବାନ ଲୋକ ଗରିବ ଲୋକର ଯଥାର୍ଥ ରକ୍ଷାକର୍ତା ନ ହେଲା, ଏବଂ ଗରିବ ଲୋକେ ବେଶି ବେଶି ଦୋହଲିଗଲେ ଓ ଭୋକ ଉପାସରେ ମଲେ, ତାହେଲେ କ'ଣ ହେବ !

ଗରିବ ଲୋକଙ୍କୁ ଯେଉଁ ପରିଶ୍ରମ କରିବାକୁ ପଡୁଛି, ଆମେ ସମସ୍ତେ ଧର ଯଦି ଦିନରେ ଘଣ୍ଟାଏ ସେହି ପରିଶ୍ରମ କରିବା ସେ ନିଜକୁ ସେମାନଙ୍କ ସହିତ ମିଶାଇଦେବ । ଏଥିପାଇଁ ଆଉ କୌଣସି ଜାତୀୟତାପୂର୍ଣ୍ଣ କାର୍ଯ୍ୟ ଅଛି ବୋଲି ମୁଁ ଜାଣିପାରୁନାହିଁ ।

ବସ୍ତ୍ରହୀନ ଲୋକେ କାମ ଚାହାନ୍ତି । ସେମାନଙ୍କୁ କାମ ଦେବା ପରିବର୍ତେ, ସେମାନଙ୍କୁ ଅକାମୀ ଲୁଗାଦାନ କରି, ମୁଁ ସେମାନଙ୍କୁ ଅପମାନିତ କରିପାରିବି ନାହିଁ । ମୋର ସମସ୍ତ ସମ୍ପତି ଉପରୁ ନିଜର ଅଧିକାରକୁ ପରିତ୍ୟାଗ କରିବା ଯୋଗୁଁ ଦୁନିଆଁ ହସିପାରେ । ପୁଞ୍ଜିପତି ଓ ଜମିଦାରୀମାନେ ଜନ୍ମରୁ ଶୋଷକ ବୋଲି ମୁଁ ବିଶ୍ୱାସ କରେନାହିଁ । ସେମାନଙ୍କର ସ୍ୱାର୍ଥ ଓ ଜନସାଧାରଣଙ୍କ ସ୍ୱାର୍ଥ ମଧ୍ୟରେ ମୌଳିକତ୍ୱ ରହିଅଛି ।

ଯେଉଁମାନଙ୍କର ହାତରେ ଧନ ଅଛି, ସେମାନେ ଗରିବ ଲୋକମାନଙ୍କ ତରଫରୁ ସେହି ଧନର ମାର୍ଫତ୍‌ଦାର ଭଳି ବ୍ୟବହାର କରନ୍ତୁ । ନିଜର ଅଧିକାରରେ ଥିବା ସମସ୍ତ ବସ୍ତୁକୁ ପୁରାପୁରି ତ୍ୟାଗ କରିଦେବା ଏହିପରି ଏକ ବିଷୟ ଯେ, ସାଧାରଣ ଲୋକଙ୍କ ମଧ୍ୟରୁ ଖୁବ୍ କମ୍ ଲୋକ ସେଥିପାଇଁ ସମର୍ଥ ହେବେ । ସେମାନଙ୍କ ଠାରୁ ଅଧିକ ଦାବି କଲେ ସୁନାଅଣ୍ଡା ଦେଉଥିବା ହଂସକୁ ହତ୍ୟା କରିବା ଭଳି ହୋଇଯିବ ।

**(୯) ମହାତ୍ମାଗାନ୍ଧୀଙ୍କ ବିଚାରରେ "ଗଣତନ୍ତ୍ର ଓ ଜନତା" :**

ଗଣତନ୍ତ୍ର ସମ୍ପର୍କରେ ମୋର ଧାରଣା ଯେ, ଏଥିରେ ସବଳତମ ବ୍ୟକ୍ତି ଯେଉଁ ସୁବିଧାସୁଯୋଗ ପାଇବେ, ଦୁର୍ବଳତମ ବ୍ୟକ୍ତି ମଧ୍ୟ ସେହି ସୁବିଧା ସୁଯୋଗ ପାଇବେ । ଅହିଂସା ବ୍ୟତୀତ ଅନ୍ୟକୌଣସି ଜରିଆରେ ତାହା ହୋଇପାରିବ ନାହିଁ ।

ମୁଁ ସବୁବେଳେ କହି ଆସିଛି ଯେ, ବଳ ପ୍ରୟୋଗ ଦ୍ୱାରା ଏପରିକି ସାମାନ୍ୟତମ ଏବଂ ନ୍ୟୂନ୍ୟତମ ସାମାଜିକ ନ୍ୟାୟ ହାସଲ କରାଯିବା ଅସମ୍ଭବ । ମୁଁ ବିଶ୍ୱାସ କରିଛି ଯେ, ଅହିଂସା ଉପାୟରେ ନିମ୍ନତମ ଲୋକଙ୍କୁ ଯଥାର୍ଥ ତାଲିମ ଦେବାଦ୍ୱାରା ସେମାନ ଭୋଗୁଥିବା ଅନ୍ୟାୟ ଅନାଚାରରୁ ରକ୍ଷା ମିଳିବା ସମ୍ଭବ । ସେହି ଉପାୟଟି ହେଉଛି ଅହିଂସା ଅସହଯୋଗ । ସମୟ ସମୟରେ ସହଯୋଗ ପରି ଅସହଯୋଗ ମଧ୍ୟ ଗୋଟିଏ କର୍ତବ୍ୟ ହୋଇପଡ଼େ ।

ଯେଉଁ ଅର୍ଥନୀତି ନୈତିକ ମୂଲ୍ୟକୁ ଅବହେଳା କରେ ବା ଅସମ୍ମାନ କରେ, ସେହି ଅର୍ଥନୀତି ଅସତ୍ୟ ଅଟେ । ଅହିଂସାର ଆଇନ୍‌କୁ ଅର୍ଥନୈତିକ କ୍ଷେତ୍ରରେ ପ୍ରୟୋଗ କରିବାର ଅର୍ଥ ହେଉଛି, ଆନ୍ତର୍ଜାତୀୟ ବାଣିଜ୍ୟ ବ୍ୟବସାୟକୁ ନିୟନ୍ତ୍ରଣ କଲାବେଳେ ନୈତିକ ମୂଲ୍ୟକୁ ବିଚାରକୁ ନେବାଛଡ଼ା ଅନ୍ୟକିଛି ବିଚାର ହେବ ନାହିଁ ।

ମୋ ମତରେ ଭାରତର ତଥା ପୃଥିବୀର ଅର୍ଥନୈତିକ ଗଠନତନ୍ତ୍ର ଏପରି ହେବା ଉଚିତ ଯେ, ସେଥିରେ କେହି ଖାଦ୍ୟ ଓ ବସ୍ତ୍ର ଅଭାବ ଭୋଗିବେ ନାହିଁ । ଅନ୍ୟ ଶବ୍ଦରେ କହିଲେ ପ୍ରତ୍ୟେକ ଯଥେଷ୍ଟ କାମ ପାଇପାରିବେ । କୌଣସି ଦେଶ ବା ଗୋଷ୍ଠୀର ଏସବୁ ଉପରେ ଏକଚାଟିଆ ଅଧିକାର ରହିବା ଅନ୍ୟାୟ ହେବ । ମୋର ଆଦର୍ଶ ସମବଣ୍ଟନ କିନ୍ତୁ ମୁଁ ଯେତେଦୂର ଦେଖିପାରୁଛି, ତାହା କାର୍ଯ୍ୟରେ ପରିଣତ ହୋଇପାରିବ ନାହିଁ । ତେଣୁ ମୁଁ ନ୍ୟାୟର ବଣ୍ଟନ ପାଇଁ କାମ କରୁଛି ।

ପ୍ରେମ ଓ ଏକଚାଟିଆ ମାଲିକାନା ଏକା ସାଙ୍ଗରେ ରହି ନ ପାରନ୍ତି । ତାତ୍ତ୍ୱିକ ଦୃଷ୍ଟିରୁ ଦେଖିଲେ ଯେତେବେଳେ ପୂର୍ଣ୍ଣ ପ୍ରେମ ରହିଛି, ସେତେବେଳେ ଅପରିଗ୍ରହ ନିଶ୍ଚିତ ରହିବ । ଶରୀର ଆମ ଶେଷ ଅଧିକାର ବସ୍ତୁ । ମୁଁ ସାହସର ସହିତ କହିପାରେ ଯେ, ପ୍ରକୃତି ଆମର ଆବଶ୍ୟକୀୟ ବସ୍ତୁ ପ୍ରତିଦିନ ଯଥେଷ୍ଟ ପରିମାଣରେ ଉତ୍ପାଦିତ କରୁଅଛି, ପ୍ରକୃତିର ଏହା ମୌଳିକ ନିୟମ । ଏଥିରେ କୌଣସି ବ୍ୟତିକ୍ରମ ନାହିଁ । ମୁଁ ସୋସାଲିଷ୍ଟ ନୁହେଁ ଏବଂ ଯେଉଁମାନେ ସମ୍ପତିର ମାଲିକ ଅଛନ୍ତି, ସେମାନଙ୍କୁ ମାଲିକାନାଚ୍ୟୁତ କରିବା ପାଇଁ ମୁଁ ଚାହେଁନାହିଁ । ତାହାହେଲେ ମୁଁ ଅହିଂସାର ନିୟମରୁ ବିଚ୍ୟୁତ ହୋଇଯିବି ।

ଅହିଂସା ସ୍ୱାଧୀନତା ପାଇଁ ପ୍ରଧାନ ଚାବିକାଠି ହେଉଛି ଅର୍ଥନୀତିକ ସାମ୍ୟ । ଅର୍ଥନୈତିକ ସାମ୍ୟ ପ୍ରତିଷ୍ଠା ପାଇଁ କାର୍ଯ୍ୟ କରିବା ଅର୍ଥ ପୁଞ୍ଜି ଓ ଶ୍ରମ ମଧ୍ୟରେ ଥିବା ଚିରନ୍ତନ ଦ୍ୱନ୍ଦ୍ୱକୁ ଲୋପ କରିବା । ଏହାର ଅର୍ଥ ହେଉଛି, ଯେଉଁ ମୁଷ୍ଟିମେୟ ଧନବାନଙ୍କ ହାତରେ ଜାତୀୟ ସମ୍ପତିର ଅଧିକାଂଶ ଭାଗ ଠୁଳ ହୋଇରହିଛି, ସେମାନଙ୍କର ସ୍ତରକୁ ତଳକୁ ଖସାଇଦେବା ଓ ଅନ୍ୟପକ୍ଷରେ ଅର୍ଦ୍ଧଭୁକ୍ତ ନଗ୍ନ କୋଟି କୋଟି ଲୋକଙ୍କର ସ୍ତରକୁ ଉନ୍ନତ କରିବା । ସମବଣ୍ଟନରେ ପ୍ରକୃତ ତାତ୍ପର୍ଯ୍ୟ ହେଉଛି – ପ୍ରତ୍ୟେକ ବ୍ୟକ୍ତି ତାହାର ସ୍ୱାଭାବିକ ଆବଶ୍ୟକତା ପୂରଣ ପାଇଁ ଯାହା ଆବଶ୍ୟକ ତାହା ପାଇବ, ତାହାଠାରୁ ଅଧିକ ପାଇବ ନାହିଁ । ଅହିଂସା ଜରିଆରେ ସମବଣ୍ଟନର ବ୍ୟବସ୍ଥା କରାଯାଇପାରିବ । ଯେଉଁ ବ୍ୟକ୍ତି ଏହି ଆଦର୍ଶକୁ ନିଜ ସତାର ଅଂଶ ବିଶେଷରେ ପରିଣତ କରିଛି ତାକୁ ତାହାର ବ୍ୟକ୍ତିଗତ ଜୀବନରେ ଆବଶ୍ୟକୀୟ ପରିବର୍ତ୍ତନ ଆଣିବାକୁ ହେବ । ସେ ଭାରତର ଦାରିଦ୍ର୍ୟତାକୁ ମନରେ ରଖି ତା' ନିଜର ଆବଶ୍ୟକତାକୁ ସର୍ବନିମ୍ନସ୍ତରକୁ ନେଇଆସିବ । ତା'ର ସମସ୍ତ ରୋଜଗାର ଅସାଧୁତାରୁ ମୁକ୍ତ ହେବ ।





ମାଉସୀ ଘରକୁ !
ସୁଶୋଭିତ ତିନିରଥ
ତାଳଧ୍ୱଜ, ଦେବଦଳନ, ନନ୍ଦିଘୋଷ
ଠାକୁରମାନଙ୍କ ଆଗମନର
ଅପେକ୍ଷାରେ
ଠିଆ ହୋଇଛନ୍ତି ଭକ୍ତଗଣ
ବଡ଼ଦାଣ୍ଡରେ ।
ହରିବୋଲ ହୁଳହୁଳି ଧ୍ୱନି
ବାଜୁଅଛି ଲକ୍ଷ୍ମୀଙ୍କ କାନରେ
ଆପଣା ଦେଉଳରେ ବସି ବସି
ରାଗ ଓ ଅଭିମାନରେ
ଫୁଲି ଉଠୁଛନ୍ତି ମହାଦେଈ ।
ଭଣ୍ଡରଘର ଚାବି ନେଇ
ଗଲାବେଳେ ଜଗନ୍ନାଥ
ପଡ଼ି ଦେଇ ଯାଇଥିଲେ ତାଙ୍କୁ
ସେ ପଡ଼ି ଚାଉଳକୁ ଦେଖି
ମହାଲକ୍ଷ୍ମୀ ରାଗରେ ଥରିଲେ ।
ଧୀରେ ଧୀରେ କୋଳାହାଳ କମିଗଲା
ରଥ ସବୁ ଦୂରକୁ ଗଲେଣି
ଗମ୍ଭୀରା ଭିତରୁ
ଅପରୂପ ସାଜସଜ୍ଜା ହୋଇ
ମହାଦେଈ ବାହାରି ଆସିଲେ ।
ନିଜ ଗୋଡ଼ରେ ନିଜେ ଠିଆ
ଆପଣା ଶକ୍ତି ବଳରେ
ଚମକାଇ ଦେବେ ସେ ଜଗନ୍ନାଥଙ୍କୁ !
ରାଜଧାନୀର ମହିଳା ବିକାଶ ସମବାୟ ନିଗମ
ଅଫିସ୍‌ରେ ଭିଡ଼ ନାହିଁ
ମହାଦେଈ ପଶିଗଲେ ତା' ଭିତରକୁ
ଅତି ଦର୍ପରେ ।
ତାଙ୍କ ଚେହେରା ଓ ସାଜସଜ୍ଜା ଦେଖି
କେହି ତାଙ୍କୁ କିଛି
ପଚାରିଲେ ନାହିଁ ।
ବିନା ସନ୍ତର୍ପଣରେ
ସେ କହିଦେଲେ
ତାଙ୍କର ଲୋନ୍ ଦରକାର
ଅଟୋରିକ୍ସାଟିଏ ପାଇଁ ।
ଆଶ୍ଚର୍ଯ୍ୟ ହୋଇ ପଚାରିଲେ କର୍ତ୍ତୃପକ୍ଷ
ସେ କେବେ ବସିଛନ୍ତି କି
ଅଟୋରିକ୍ସାରେ ?
ମହାଲକ୍ଷ୍ମୀ ହସିଦେଇ
କହିଲେ ନା ।
ସାମାନ୍ୟ ଲଜ୍ଜିତା ହୋଇ
ପଚାରିଲେ କର୍ତ୍ତୃପକ୍ଷ
ତେବେ ତ ନିଶ୍ଚୟ ବସୁଥିବେ
ଟାଟା ସିଆରାରେ ।
ନା ।
ଏଠାକୁ ଆସିଲେ କେମିତି ?
'ପେଚା ବାହନରେ'
ହସରେ ମୁଖରିତ ହେଲା
ସମସ୍ତ ଅଫିସ୍
'ହଉ ଆସନ୍ତୁ ଏଥର
ପରେ ପୁଣି କେବେ
ଦେଖାହେବ ।'

**(୨୭) ସ୍ୱପ୍ନର ବି ସ୍ୱପ୍ନ ଥାଏ :**

କବାଟ ଝରକା ତାଡ଼ି

କି ତା' ଭିତରେ ଗାତ ଖୋଳି
ଛୋଟ ଛୋଟ ପୋକ
ଆଉ ଅସରପା ଭଳି
କେମିତି ପଶି ଆସିଲେ ସେମାନେ
ମୋର ସେଇ ରାଶି ରାଶି
ସ୍ୱପ୍ନମାନେ ?
ଡାକିବାକୁ ସେମାନଙ୍କୁ
ଅଥବା ଲୋଡ଼ିବା ପାଇଁ
ଯାଇ ନାହିଁ କେହି ।
ସ୍ୱପ୍ନ ବି ସ୍ୱପ୍ନ ଦେଖନ୍ତି
କେଉଁଠାରେ ମହୁମାଛି
କେଉଁଠି ସବୁ ପଦ୍ମଫୁଲମାନେ
ଫୁଟିଥାନ୍ତି ?
କାହିଁକି ସେମାନେ, ତା'ପରେ
ସ୍ୱପ୍ନରେ ଆସିଯାଆନ୍ତି
ସ୍ୱପ୍ନ କ'ଣ ତାଙ୍କୁ ଡାକୁଥାଏ !!
ଯେତେବେଳେ ସ୍ୱପ୍ନ ଦେଖନ୍ତି
ଶ୍ରୀରାମକୃଷ୍ଣ
କି ବିବେକାନନ୍ଦ
କ'ଣ ଦେଖନ୍ତି ସେମାନେ
ସେମାନଙ୍କ ପାଇଁ
ଦୁନିଆଟା ବଦଳିଗଲା
ଲୋକମାନେ ସବୁ
ଖୁସି ହୋଇ, ହସି ହସି
ଜୀବନ ବଞ୍ଚିଲେ
ଜୀବନଟା କ'ଣ
ଏମିତି ବଞ୍ଚିବା ପାଇଁ ???

ସେଦିନ, ପାଓ୍ୱାହାରୀ ବାବାଙ୍କୁ
ସାକ୍ଷାତ କରିଥିଲେ
ସ୍ୱାମୀ ବିବେକାନନ୍ଦ
ସେମାନେ କି ସ୍ୱପ୍ନ ଦେଖୁଥିଲେ ?
ମାଟି ଭିତରେ ଗାତ ଖୋଳି
ଧ୍ୟାନ କରୁଥିଲେ
ଆଉ କାହାକୁ
ଡାକୁଥିଲେ
କ'ଣ ପାଇଁ
ବୋଧହୁଏ,
ଜଗତର ମଙ୍ଗଳ ପାଇଁ
ସେ ତ ସ୍ୱପ୍ନ ଥିଲା
ଇଏ ବି ସ୍ୱପ୍ନରେ
ସ୍ୱପ୍ନ ହୋଇଗଲା ।
ଆଉ କ'ଣ ସତରେ
କେବେ ବି ଆସିବେ ???
ସେଇମାନେ
ଯିଏ ସ୍ୱପ୍ନ ଦେଖୁଥିଲେ
ଅଥବା, ସାଧନା କରୁଥିଲେ
ଧରଣୀକୁ ଓହ୍ଲାଇ ଆଣିବେ
ଏକ ନୂଆ ସ୍ୱପ୍ନ ଭିତରୁ ।
ସେମାନଙ୍କ ସାଧନାରେ
ସ୍ୱପ୍ନ ଥିଲା
ସେ ସ୍ୱପ୍ନରେ ସ୍ୱପ୍ନ ବି ରହିଲା
କେତେବେଳେ ଆଉ ଧରଣୀକୁ
ସତରେ ଓହ୍ଲାଇ ଆସିବ
ସେମାନଙ୍କ ସ୍ୱପ୍ନ ଓ ସାଧନା !





ହେବା ଉଚିତ । ଶ୍ରମିକକୁ ବଞ୍ଚି ରହିବା ପାଇଁ ମଜୁରି କେବଳ ନୁହେଁ, ତାକୁ ଦୈନିକ କାମର ପ୍ରତିଶ୍ରୁତି ମିଳିବା ଉଚିତ । ଏହିସବୁ ସର୍ତ୍ତରେ ମେସିନ୍ ତା'ର ଚାଳକ ପ୍ରତି ଯେପରି ସହାୟକ ହେବ, ରାଷ୍ଟ୍ର ପ୍ରତି କିମ୍ବା ତାହାର ମାଲିକ ପ୍ରତି ସେହିପରି ସହାୟକ ହେବ । ବ୍ୟକ୍ତିର ଶ୍ରମ ଲାଘବ କରିବାଟା ହେବ ଉନ୍ନତ ଲକ୍ଷ୍ୟ ଏବଂ ତାହାହିଁ ହେବା ଉଚିତ ଏକମାତ୍ର ମାନବଧର୍ମୀ ବିବେଚନା । ଭାରତର ଅଧିକାଂଶ ଲୋକ କୃଷିର ସାହାଯ୍ୟକାରୀ । ଉପଯୁକ୍ତ ଧନ୍ଦା ଅଭାବରେ ବାଧହୋଇ ବର୍ଷକୁ ଛଅମାସ ବେକାର ହୋଇ ବସିବା ଦ୍ୱାରା ଧାରାବାହିକ ଭାବରେ ଉପବାସ ରହୁଛନ୍ତି । ହାତରେ ସୁତା କାଟିବା ଉଦ୍ଦେଶ୍ୟରେ କୌଣସି ଗୋଟିଏ ସ୍ୱାସ୍ଥ୍ୟକର, ପ୍ରାଣଦାୟୀ ଉଦ୍ୟୋଗ ଚାରିଆଡ଼େ କରାଯିବା ଉଚିତ ବୋଲି ମୁଁ ଚିନ୍ତାସୁଧା କରିନାହିଁ ।

ଉପବାସରେ ଥିବା ଲୋକ ଅନ୍ୟକୌଣସି ବିଷୟ ଅପେକ୍ଷା ପ୍ରଥମେ ତା'ର ପେଟ ପୁରିବା ବିଷୟ ଚିନ୍ତା କରେ । ମୁଠାଏ ଖାଦ୍ୟ ପାଇବା ପାଇଁ ସେ ତାହାର ସ୍ୱାଧୀନତା ସମେତ ସବୁ କିଛି ବିକ୍ରି କରିଦେଇପାରେ । ଭାରତବର୍ଷର କୋଟି କୋଟି ଲୋକଙ୍କର ଏହାହିଁ ଅବସ୍ଥା । ସେମାନେ ଯେତେବେଳେ ଆତ୍ମନିର୍ଭରଶୀଳ ହୋଇଯିବେ, ଏବଂ ନିଜେ ନିଜକୁ ଚଳାଇନେବାକୁ ସମର୍ଥ ହେବେ, ସେତେବେଳେ ଆମ୍ଭେମାନେ ସେମାନଙ୍କ ସହିତ ସ୍ୱାଧୀନତା ବିଷୟରେ, କଂଗ୍ରେସ ବିଷୟରେ କିମ୍ବା ଅନ୍ୟ କୌଣସି ବିଷୟରେ କଥାବାର୍ତ୍ତା କରିପାରିବା ।

ସେମାନେ ଅନୁଭବ କରିପାରନ୍ତି ନାହିଁ ଯେ, ବ୍ରିଟିଶ୍ ଭାରତରେ ଆଇନ୍ ଦ୍ୱାରା ପ୍ରତିଷ୍ଠିତ ସରକାର ଜନତାକୁ ଶୋଷଣ କରିବା ପାଇଁ ଚାଲିଛି । କୌଣସି ଉନ୍ନତ ଯନ୍ତ୍ରଦ୍ୱାରା ଯଦି ଭାରତର ଦାରିଦ୍ର୍ୟ ଓ ବେକାର ଅବସ୍ଥା ଦୂର ହୋଇପାରିବ, ତାହେଲେ ସେହି ଯନ୍ତ୍ରର ବ୍ୟବହାରକୁ ମୁଁ ସମର୍ଥନ କରିବି । ଦାରିଦ୍ର ଦୂର କରିବା ପାଇଁ ଏବଂ କର୍ମ ଓ ଧନ ଅଭାବରୁ ଅସମ୍ଭବ କରିବା ପାଇଁ ଏକ ସଦ୍ୟ ଉପାୟ ହିସାବରେ ମୁଁ ସୁତାକଟା କଥା କହିଛି । ଚରଖାଟି ନିଜେ ଗୋଟିଏ ମୂଲ୍ୟବାନ ଯନ୍ତ୍ର ଏବଂ ଭାରତର ସ୍ୱତନ୍ତ୍ର ପରିସ୍ଥିତି ଅନୁଯାୟୀ ମୁଁ ମୋର ନିଜ ବାଟରେ ତାକୁ ଉନ୍ନତ କରିବାକୁ ଚେଷ୍ଟା କରିଛି ।

ମୁଁ କହିବାକୁ ଚାହେଁ ଯେ, ଯଦି ଗ୍ରାମଗୁଡ଼ିକ ଧ୍ୱଂସ ହୋଇଯାଆନ୍ତି, ତାହାହେଲେ ଭାରତ ମଧ୍ୟ ଧ୍ୱଂସ ପାଇଯିବ, ଭାରତ ଆଉ ଭାରତ ହୋଇ ରହିବ ନାହିଁ । ସେଥିପାଇଁ ଗ୍ରାମଗୁଡ଼ିକର ସ୍ୱୟଂସଂପୂର୍ଣ୍ଣ ଦରକାର । ଯନ୍ତ୍ରପାତିକୁ ସେମାନେ ତିଆରି କରିପାରିବେ ଏବଂ ତାହାକୁ ବ୍ୟବହାର କରିପାରିବେ । ମାତ୍ର ସେଗୁଡ଼ିକୁ ଅନ୍ୟର ବ୍ୟବହାର କରିବା (ଶୋଷଣ ପାଇଁ) ଉଚିତ ହେବନାହିଁ ।

**(୮) ମହାତ୍ମାଗାନ୍ଧୀଙ୍କ ଦୃଷ୍ଟିରେ "ପ୍ରାଚୁର୍ଯ୍ୟ ମଧ୍ୟରେ ଦାରିଦ୍ର୍ୟ" :**

ଅସ୍ତ୍ରଶସ୍ତ୍ର ବଢ଼ାଇବା ପାଇଁ ପାଗଳ ଭାବରେ ପ୍ରତିଯୋଗିତା ଚାଲେ ତାହେଲେ ତାହାର ଫଳ ସ୍ୱରୂପ ବ୍ୟାପକ ହିଂସାକାଣ୍ଡ ସୃଷ୍ଟି ହେବା ଅନିବାର୍ଯ୍ୟ । ଯାହାକି ଇତିହାସରେ କେବେହେଲେ ଘଟିନାହିଁ । ଯଦି ଲୋଭ ନଥାନ୍ତା ତାହେଲେ ଅସ୍ତ୍ରଶସ୍ତ୍ର ରଖିବାରେ ଅବକାଶ ନଥାନ୍ତା । ଅହିଂସା ନୀତିର ଆବଶ୍ୟକୀୟ ସର୍ତ୍ତ ହେଉଛି ଯେକୌଣସି ପ୍ରକାରର ଶୋଷଣରୁ ସମ୍ପୂର୍ଣ୍ଣ ଭାବରେ ନିଜକୁ ପୃଥକ ରଖିବା ।

ଯଦି ଏହି ପୃଥିବୀ ଏକ ନ ହୁଏ, ତାହାଫଳରେ ମୁଁ ଏ ପୃଥିବୀରେ ବଂ୍ ରହିବାକୁ ଚାହିଁବି ନାହିଁ ।

**(୭) ମହାତ୍ମାଗାନ୍ଧୀଙ୍କ ବିଚାରରେ ମଣିଷ ଓ ଯନ୍ତ୍ର :**

ମୁଁ ନିଶ୍ଚୟ ସ୍ୱୀକାର କରୁଛି ଯେ, ଅର୍ଥନୀତି ଓ ନୀତିଶାସ୍ତ୍ର ମଧ୍ୟରେ ମୁଁ ଗୋଟିଏ ସୀମାରେଖା ଟାଣେନାହିଁ । ବା ସେ ଦୁଇଟି ମଧ୍ୟରେ କୌଣସି ବିଭେଦ ଅଛି ବୋଲି ମୁଁ ଜାଣେନାହିଁ । ଯେଉଁ ଅର୍ଥନୀତି କୌଣସି ବ୍ୟକ୍ତିର କିମ୍ବା କୌଣସି ଦେଶର ନୈତିକ କଲ୍ୟାଣରେ ପ୍ରତିବନ୍ଧକ ହୁଏ, ସେହି ଅର୍ଥନୀତିରେ ନୈତିକତା ନାହିଁ । ମାନସିକ ଓ ନୈତିକ ବିକାଶ ସହିତ ମାନବିକ ସୁଖପ୍ରାପ୍ତି ଆମର ଲକ୍ଷ୍ୟ ହେବା ଉଚିତ ।

କୌଣସି ଦେଶ ପାଇଁ କୌଣସି ଅବସ୍ଥାରେ ଶିଳ୍ପକରଣ ଆବଶ୍ୟକ ବୋଲି ମୁଁ ବିଶ୍ୱାସ କରେନାହିଁ । ଭାରତ ପାଇଁ ତ ଅନେକ କମ୍ ଆବଶ୍ୟକ । କଳ କାରଖାନାଗୁଡ଼ିକର ଗୋଟିଏ ନିଜସ୍ୱ ସ୍ଥାନ ରହିଛି । ତାହା - ଚିରନ୍ତନ ରହିବ କିନ୍ତୁ ମଣିଷର ଆବଶ୍ୟକୀୟ ଶ୍ରମର ସ୍ଥାନ ଗ୍ରହଣ କରିବାକୁ ତାହାକୁ ଛାଡ଼ିଦେବା ଉଚିତ ନୁହେଁ । ଉନ୍ନତ ଲଙ୍ଗଳ ଗୋଟିଏ ଭଲ ଜିନିଷ । କିନ୍ତୁ ଯଦି କୌଣସି ଉପାୟରେ ଜଣେ ଲୋକ ଗୋଟିଏ କଳ ଉଦ୍ଭାବନ କରି ଭାରତର ସବୁ ଜମିକୁ ଚାଷ କରେ ଓ ସମସ୍ତ କୃଷିଜାତ ଦ୍ରବ୍ୟକୁ ନିୟନ୍ତ୍ରଣ କରେ, ଏବଂ ଫଳରେ ଦେଶରେ କୋଟି କୋଟି ଲୋକ ଅନ୍ୟ କୌଣସି ଧନ୍ଦା ନ ପାଇ, ଅନାହାରରେ ରହିବେ ଏବଂ ବେକାର ହୋଇ ବସିବା ଦ୍ୱାରା ନିର୍ବୋଧ ହୋଇପଡ଼ିବେ ।

କୁଟୀରଶିଳ୍ପ ପାଇଁ ବ୍ୟବହୃତ କଳକାରଖାନାଗୁଡ଼ିକର ଯେତେ ଉନ୍ନତି କରାଯିବ ମୁଁ ତାହାକୁ ସ୍ୱାଗତ କରିବି । କିନ୍ତୁ ମୁଁ ଜାଣେ ଯେ କୋଟି କୋଟି କୃଷକଙ୍କୁ ସେମାନଙ୍କର ନିଜ ନିଜ ଘରେ ଅନ୍ୟକୌଣସି ଧନ୍ଦା ଯୋଗାଇବା ପାଇଁ ଆମେ ଯେପର୍ଯ୍ୟନ୍ତ ପ୍ରସ୍ତୁତ ନହୋଇଛୁ, ସେ ପର୍ଯ୍ୟନ୍ତ ହାତର ଶ୍ରମ ବଦଳରେ ଶକ୍ତିଚାଳିତ କିଛି ପ୍ରଚଳନ କରିବା ଏକ ଅପରାଧ ହେବ ।

ଶ୍ରମ ବ୍ୟବସ୍ଥାର ଅଦଳବଦଳ ମୁଁ ଚାହେଁ । ସମ୍ପ୍ରତି ପାଇଁ ଏହି ଉନ୍ନତ ଦୌଡ଼ ନିଶ୍ଚିତ ବନ୍ଦ





**(୨୮) ନାରୀ ତୁମେ - ନୁହେଁ ଖାଲି ନାରୀ**

ନୁହଁ ନାରୀ
ତୁମେ ଖାଲି ଜାୟା ବା ଭଗିନୀ
ଅଥବା ପ୍ରେମିକା
କେବେ ବା ଜନନୀ !
ପରିଚୟପତ୍ରଟିଏ ଆଜିଯାଏ
କଲ ବି ଶାସନ
ଖେଳ ପଡ଼ିଆରୁ, ଖୋଲା ମଇଦାନ ଯାଏଁ
ସମସ୍ତଙ୍କୁ ସାମନା ବି କଲ
ଜଣେ କିଏ କେବେ ଅବା
କିରଣ ବେଦୀ ହେଲ
ଅଥବା, ଚିତ୍ରତାରକା
ନରଗିସ୍‌ଠାରୁ ଶ୍ରୀଦେବୀ ଯାଏ
ନିଜର ବନ୍ଧନୀ ଭିତରେ
ଆବଦ୍ଧ ରହିଲ ।
କେତେ ପୁରୁଷଙ୍କୁ ପୂଜା କଲ
ଦେହର ଅର୍ଗଳି ଭିତରେ
ପଶିଯିବା ପାଇଁ
ବାଧା ଦେଇ ପାରିଲନି
କ୍ଷୁଦ୍ର ସ୍ୱାର୍ଥ ପାଇଁ
ନାମ ହେବ ଯଶ ଆଉ ଅର୍ଥର
ସୁଅ ବୋହିଯିବ
ସେ ସୁଅରେ ଭାସିଗଲ
ଥରଟିଏ ପାଇଁ
ଦମ୍ଭଧରି ପାଦଟାକୁ
ଦଣ୍ଡେ ଠିଆ ହୋଇ
ଭାବିଲ କି ?
ଦୁନିଆର ଦୁଇଟା ଚାହାଣି
ନାରୀ ଓ ପୁରୁଷ
ହୋଇପାରେ ଗଠନରେ ଲାଗିଥିବା
ଭିନ୍ନ ଉପାଦାନ ?
ମନଟା ତୁମର କିନ୍ତୁ
ହୋଇନି ତ ଗଢ଼ା
ଅନ୍ୟ ଉପାଦାନେ
ଖରା ବର୍ଷା ଓ ବସନ୍ତ
ସ୍ପର୍ଶକରେ ଯେଉଁଭଳି ତୁମକୁ
ସେଭଳି ତ ସ୍ପର୍ଶ କରିଯାଏ
ସବୁ ମଣିଷଙ୍କୁ ।
ସୂର୍ଯ୍ୟ ଯେଉଭଳି ଢାଳିଦିଏ
ନିଜ କିରଣକୁ
କିଏ ବା ଜୀଇଁଲା
ଅଥବା ମରିଲା
ସେ କ'ଣ ଦେଖୁଥାଏ
ପକ୍ଷପାତ କରି
ନିଜର କିରଣ ଢାଳିବାକୁ ?
ସ୍ୱତନ୍ତ୍ର ଆସନ ଲୋଡ଼ା
ତୁମ ପାଇଁ
ବସ୍ ଆଉ ଟ୍ରେନ୍ ଯାଏଁ
ଲୋଡ଼ା ପୁଣି ପୁରସ୍କାରଟାଏ
ଥାଉ ବା ନଥାଉ ତୁମେ
ନିଜ ପ୍ରତିଭାକୁ
ଘଷି ମାଜି
ଉଜ୍ଜ୍ୱଳ କରିବାକୁ ।
ଖାଲି ତୁମେ ନାରୀ
ଦୁର୍ବଳା, ଅବଳା

ଲୋଡ଼ା ତୁମ ପାଇଁ
କେହି ହାତ ଧରି
ଟେକି ନେବା ପାଇଁ
ସଂଘ ଗଢ଼, ଆନ୍ଦୋଳନ କର
ଯୌତୁକ ଜ୍ୱାଳାରେ
ପୋଡ଼ି ହୋଇ ମରିଗଲେ
ମାଟି ଉପରୁ ବି ଆକାଶକୁ
ଲୋଡ଼ା ତୁମ ପାଇଁ
କେହି ହାତ ଧରି
ଟେକି ନେବା ପାଇଁ
ସଂଘ ଗଢ଼, ଆନ୍ଦୋଳନ କର
ଯୌତୁକ ଜ୍ୱାଳାରେ
ପୋଡ଼ି ହୋଇ ମରିଗଲେ
ଆଜିଯାଏଁ
ପୁରୁଷଙ୍କ ଦୁର୍ବାର ଅହଙ୍କାରର
ଶିକାର ହୋଇ ସତୀ ହେଲେ ।
ସେଇ ସତୀ ମନ୍ଦିରକୁ
କେତେ ମାଆ, କେତେ ଝିଅ
ପୂଜାଥାଳି, ଚାଙ୍ଗୁଡ଼ିରେ ଫୁଲ ଧରି
ନିତିଦିନ ଚାଲୁଥାନ୍ତି
ସତୀ ! ଦେବ ତାଙ୍କ
ମନୋବାଞ୍ଛା ସବୁ ପୂର୍ଣ୍ଣ କରି ।
ନାରୀ ତୁମେ
ଖାଲି ନାରୀ !
ଶାଶୁ ଢାଳି ଦେଲାବେଳେ
କେହି ବୋହୂ କେବେ
ଶୁଣିଛ କି ତୁମେ
ଛଡ଼ାଇ ଆଣି ସେ ଟିଣ
ପାରିଛି ବୋହୂ କେହି
ଢାଳିବାକୁ ସେଇ ତେଲ
ଶାଶୁର ଦେହରେ ?
କେହି ଆଉ ନିଆଁ ଲଗାଇଲେ
ପାଇଯାନ୍ତା
ଦୁଇଟି ଶବକୁ ଏକାଠାବେ
ହବ ନାହିଁ, କେବେ ହବ ନାହିଁ
ନାରୀ ଯଦି ମଣିଷ ନ ହୁଏ
ଏ କଥା ସମ୍ଭବ !
ଶାଶୁ ନାରୀ ବୋହୂ ବି'ତ ନାରୀ
ଗଞ୍ଜଣା ନ ପାରି ସହି
ଖାଇବାକୁ ମୁଠାଏ ନ ପାଇ
ହାତ ପତାଉଛି କିଆଁ
ସରକାରୀ ବାର୍ଦ୍ଧକ୍ୟ ଭତାକୁ ?
ଲେଖିଥିଲେ କବିଗୁରୁ କେବେ
"ଶୁଧୁ ବିଧାତାର
ସୃଷ୍ଟି ନହ
ତୁମି ନାରୀ
ପୁରୁଷ ଗଢ଼େଛେ ତୋରେ
ସୌନ୍ଦର୍ଯ୍ୟ ସଂଚାରି"
ରହିଗଲା, ରହିଯିବ କ'ଣ
ଏହା କାଳ କାଳ ଧରି ?

### (୨୯) ଚାଲୁଥିବି ପଥ ଶେଷଯାଏ

ହେ ବସନ୍ତ,
ଧୀରେ ଅତି ଧୀରେ
କହିଯାଅ ତୁମ ମନକଥା
ତୁମେ ତ କ୍ଷଣିକ
ଅକାରଣ ବଡ଼ିମାରେ କିଛି ନୁହଁ





ଦାୟିତ୍ୱ ସେତେ ବୃହତ୍ତ ।

ମୋର ଲକ୍ଷ୍ୟ ଓ ଆଦର୍ଶ କେବଳ ଭାରତର ମଣିଷମାନଙ୍କ ଭ୍ରାତୃତ୍ୱ ପ୍ରତିଷ୍ଠା ନୁହେଁ, ଯଦିଓ ନିଃସନ୍ଦେହରେ ଆଜି ମୋହର ସମଗ୍ର ଜୀବନ ଓ ସବୁ ସମୟକୁ ବାସ୍ତବିକ ସଂପୂର୍ଣ୍ଣ ଭାବରେ ନିମଗ୍ନ କରିଦେଇଛି, କିନ୍ତୁ ଭାରତବର୍ଷର ମୁକ୍ତି ସାଧନା ଜରିଆରେ ମୁଁ ମାନବୀୟ ଭାତୃତ୍ୱ ପ୍ରତିଷ୍ଠାର ଆଦର୍ଶ ପାଳନ କରିବି ବୋଲି ଆଶା କରୁଛି ।

କୌଣସି ବ୍ୟକ୍ତି ପ୍ରଥମେ ଜଣେ ଜାତୀୟତାବାଦୀ ନ ହୋଇ ଆନ୍ତର୍ଜାତୀୟତାବାଦୀ ହୋଇଯିବା ଅସମ୍ଭବ । ଜାତୀୟତାବାଦ ଗୋଟିଏ ପ୍ରତିଷ୍ଠିତ ସତ୍ୟରେ ପରିଣତ ହେଲେ ଯାଇ ଅର୍ଥାତ୍ ଭିନ୍ନ ଭିନ୍ନ ଦେଶର ଲୋକେ ନିଜେ ନିଜକୁ ସଂଗଠିତ କରି ଜଣେ ଜଣେ ବ୍ୟକ୍ତି ଭଳି କାର୍ଯ୍ୟ କରିବା ପାଇଁ ସକ୍ଷମ ହେଲେ ଯାଇ ଆନ୍ତର୍ଜାତୀୟବାଦ ସକ୍ଷମ ହେବ ।

ମୁଁ ଭାରତର ଜଣେ ବିଶେଷ ସେବକ । ଭାରତରେ ସେବା କରିବା ପାଇଁ ମୁଁ ସାରା ମଣିଷ ଜାତିର ସେବା କରୁଅଛି । ସ୍ୱୟଂ ସମ୍ପୂର୍ଣ୍ଣତା ଯେପରି ମଣିଷର ଆଦର୍ଶ ହେବା ଉଚିତ । ପରସ୍ପର ପ୍ରତି ନିର୍ଭରତା ମଧ୍ୟ ମଣିଷର ସେହିପରି ଆଦର୍ଶ ହେବା ବିଧେୟ । ପରସ୍ପର ପ୍ରତି ନିର୍ଭରତା ମଧ୍ୟ ମଣିଷର ସେହିପରି ଆଦର୍ଶ ହେବା ବିଧେୟ । ମଣିଷ ଜଣେ ସାମାଜିକ ଜୀବ । ସମାଜ ସହିତ ସମ୍ପର୍କ ନଥିଲେ ସେ ବିଶ୍ୱ ସହିତ ଏକତ୍ୱ ଅନୁଭବ କରିପାରିବ ନାହିଁ । ମଣିଷ ନିଜର ଆବଶ୍ୟକୀୟ ବିଷୟଗୁଡ଼ିକ ନିଜେ ନିଜ ଦ୍ୱାରା ପୂରଣ କରିବା ପାଇଁ ସମର୍ଥ ହେବା ଉଚିତ ।

ଆମେ ଦେଶପାଇଁ ସ୍ୱାଧୀନତା ଚାହୁଁ, କିନ୍ତୁ ଅନ୍ୟର କ୍ଷତି କରି କିମ୍ବା ଅନ୍ୟକୁ ଶୋଷଣକରି ତାହା ପାଇବାକୁ ଚାହୁଁନା । ଏପରିକି ଅନ୍ୟ ଦେଶକୁ ଅଧଃପତନ କରି ମଧ୍ୟ ତାହା ପାଇବାକୁ ଇଚ୍ଛା କରୁନାହୁଁ । ଭାରତର ସ୍ୱାଧୀନତାର ଅର୍ଥ ଯଦି ଇଂଲଣ୍ଡର ବିଲୋପ ସାଧନ ହୁଏ, କିମ୍ବା ଇଂରେଜ ଲୋକମାନଙ୍କୁ ନିଶ୍ଚିହ୍ନ କରିବା ହୁଏ, ତାହାହେଲେ ମୁଁ ଭାରତର ସେ ପ୍ରକାରର ସ୍ୱାଧୀନତା ଚାହେଁନାହିଁ । ସାରା ପୃଥିବୀ ସହିତ ବନ୍ଧୁତା କରିବା ମୋର ଲକ୍ଷ୍ୟ ଏବଂ ଅନ୍ୟାୟ ପ୍ରତି ସର୍ବବୃହତ୍ତ ବିରୋଧତା ସହିତ ମୁଁ ସର୍ବବୃହତ୍ତ ପ୍ରେମକୁ ମୁଁ ସଂଯୋଗ କରିପାରିବି । ମୋ ପକ୍ଷରେ ଦେଶ ପ୍ରତି ପ୍ରେମ ଓ ମାନବ ଜାତି ପ୍ରତି ପ୍ରେମ ଏକା କଥା । ମୁଁ ଯେହେତୁ ମାନବଧର୍ମୀ ଓ ଦୟାବାନ, ସେହି ହେତୁରୁ ମୁଁ ଦେଶପ୍ରେମୀ । ଜଣେ ଦେଶପ୍ରେମୀ ଯଦି ମାନବବାଦ ପ୍ରତି ଉଦାସୀନ ହୁଏ, ତା'ହେଲେ ସେ ଦେଶପ୍ରେମୀ ପଦବାଚ୍ୟ ନୁହେଁ ।

ଚିରସ୍ଥାୟୀ ଶାନ୍ତି ପ୍ରତିଷ୍ଠା ହେବା ସମ୍ଭବ, ଏଥିରେ ବିଶ୍ୱାସ ନ କରିବା ଅର୍ଥ ମଣିଷ ପ୍ରକୃତିରେ ଥିବା ଦେବତ୍ୱକୁ ଅବିଶ୍ୱାସ କରିବା । ଏଥିପାଇଁ ଯେତେ ଉପାୟ ବାହାରିଛି, ସବୁ ବିଫଳ ହୋଇଛି । ମୁଁ କହେ ଯେ, ଏହି ଅହିଂସା ନୀତି ରାଷ୍ଟ୍ର ରାଷ୍ଟ୍ର ମଧ୍ୟରେ ପ୍ରଯୁଜ୍ୟ । ଗୋଟିଏ କଥା ନିର୍ଧାର୍ଯ୍ୟ : ଯଦି

ନିକଟକୁ ନେଇଯାଏ । ସନ୍ତାନ ଉତ୍ପାଦନ ଉପରେ ସମ୍ପୂର୍ଣ୍ଣ ନିୟନ୍ତ୍ରଣ ଏହାର ଅନ୍ତର୍ଭୁକ୍ତ । ଜଣେ ଯଥାର୍ଥ ବ୍ରହ୍ମଚାରୀ ଅସାର ସଂଯମଗୁଡ଼ିକୁ ପରିତ୍ୟାଗ କରିବା । ମୋ ଭିତରେ ଯୌନ ଅନୁଭବକୁ ସମ୍ପୂର୍ଣ୍ଣ ରୂପରେ ଲୋପ କରିଦେଇଛି ବୋଲି ମୁଁ ଦାବି କରୁନାହିଁ । କିନ୍ତୁ ମୁଁ ଦାବି କରୁଛି ଯେ ମୁଁ ତାକୁ ମୋ ନିଜର ନିୟନ୍ତ୍ରଣାଧୀନ କରିପାରିଛି ।

ମୁଁ ଜଣେ କଠୋର ତପସ୍ୱୀ ବୋଲି କହିବା ଭୁଲ୍ ହେବ । ମୋ ମନ ସ୍ଥିର ହୋଇଯାଇଛି । ଈଶ୍ୱରଙ୍କ ନିକଟକୁ ଯେଉଁ ନିର୍ଜନ ପଥରେ ମୁଁ ପାଦ ଦେଇଛି, ସେଥିରେ ମୁଁ କୌଣସି ପାର୍ଥିବ ସହଚର ଖୋଜୁନାହିଁ । ସେଥିପାଇଁ ଯେଉଁମାନେ ଭାଷାରେ ବ୍ୟକ୍ତ ନ କଲେ ମଧ୍ୟ, ମୋତେ ପ୍ରତାରକ ବୋଲି ଭାବିବେ; ସେମାନେ ମୋର ନିନ୍ଦା କରନ୍ତୁ । କୋଟି କୋଟି ଲୋକ ମୋତେ ମହାତ୍ମା ବୋଲି ମନେ କରୁଛନ୍ତି, ଏହାଦ୍ୱାରା ସେମାନଙ୍କର ଭ୍ରାନ୍ତି କଟିଯିବ । ମୁଁ ସ୍ୱୀକାର କରିବି ଯେ, ମୁଁ ଭ୍ରାନ୍ତ ବୋଲି ପ୍ରମାଣିତ ହେବା ପରେ ମୋର ଅତ୍ୟନ୍ତ ଆନନ୍ଦ ଥାଏ ।

**(୬) ମହାତ୍ମାଗାନ୍ଧୀଙ୍କ ଦୃଷ୍ଟିରେ "ଆନ୍ତର୍ଜାତୀୟ ଶାନ୍ତି" :**

ଚତୁଃପାର୍ଶ୍ୱରେ ଲୋକେ ଦୁଃଖକଷ୍ଟ ଭୋଗୁଥିବେ ଏବଂ ଜଣେ ବ୍ୟକ୍ତି ତା' ମଧ୍ୟରେ ଆଧ୍ୟାତ୍ମିକ ଉନ୍ନତି କରିପାରିବ ଏଥିରେ ମୁଁ ବିଶ୍ୱାସ କରେନାହିଁ । ମୁଁ ଅଦ୍ୱୈତରେ ବିଶ୍ୱାସ କରେ । ମନୁଷ୍ୟର ମୌଳିକ ଏକତ୍ୱ ଏବଂ ସେହି ହେତୁରୁ ସମସ୍ତ ଜୀବନ୍ତ ବସ୍ତୁର ଏକତ୍ୱରେ ମୋର ବିଶ୍ୱାସ ରହିଛି । ସେଥିପାଇଁ ମୋର ବିଶ୍ୱାସ ଯେ, ଯଦି ଜଣେ ବ୍ୟକ୍ତି ଆଧ୍ୟାତ୍ମିକ ଉନ୍ନତି କରେ, ତା' ସହିତ ସାରା ପୃଥିବୀର ଲାଭ ହୁଏ ଏବଂ ଯଦି ଜଣଙ୍କ ପତନ ହୁଏ, ତାହାହେଲେ ସେହି ପରିମାଣରେ ସାରା ପୃଥିବୀର ମଧ୍ୟ ପତନ ହୁଏ ।

ପ୍ରକୃତି ଦେହରେ ଯଦିଓ ବିକର୍ଷଣ ରହିଛି, ତାହା ଆକର୍ଷଣ ଦ୍ୱାରା ହିଁ ବଞ୍ଚିରହେ । ପାରସ୍ପରିକ ପ୍ରେମ ଯୋଗୁଁ ପ୍ରକୃତି କାମ କରୁଥାଏ । ଧ୍ୱଂସକ୍ରିୟାଦ୍ୱାରା ମଣିଷ ଜୀବନ ଧାରଣା କରେନାହିଁ । ଆତ୍ମ-ପ୍ରେମ ଅନ୍ୟମାନଙ୍କର ପ୍ରତି ସମ୍ମାନ ସୃଷ୍ଟି କରେ । ଆମେ ଯେପରି ପାରିବାରିକ ନିୟମକୁ ସଂପ୍ରସାରଣ କରି ଗୋଟିଏ ଜାତି, ଅର୍ଥାତ୍ ଗୋଟିଏ ବୃହତର ପରିବାର ଗଠନ କରୁଛୁ, ସେହିପରି ଦିନ ଆସିବ ଯେତେବେଳେ ଆମେ ଜାତୀୟ ନିୟମକୁ ସାରା ବିଶ୍ୱକୁ ସଂପ୍ରସାରିତ କରିବା, ତାହା ହିଁ - ଆନ୍ତର୍ଜାତୀୟ ଶାନ୍ତି ।

ସବୁ ମଣିଷ ସମାନ ଭାବରେ ନୈତିକ ନିୟମର ଅଧୀନ ହୋଇଥିବାରୁ ମଣିଷ ଜାତି ଏକ ଓ ଅଭିନ୍ନ । ଭଗବାନଙ୍କ ଦୃଷ୍ଟିରେ ସବୁ ମଣିଷ ସମାନ । ଅବଶ୍ୟ ଗୋଷ୍ଠୀ, ପଦମର୍ଯ୍ୟାଦା ଓ ସେହିପରି ଅନ୍ୟାନ୍ୟ ବିଷୟରେ ଭେଦଭାବ ରହିଛି । କିନ୍ତୁ ଜଣେ ବ୍ୟକ୍ତିର ପଦମର୍ଯ୍ୟାଦା ଯେତେ ଉଚ୍ଚ, ତାହାର





ଯଦି ଭାବିଥାଅ
ଚହଲାଇ ଦେବ ମନ
ଦୋହଲାଇ ଦେବ ଅନେକ ଅନ୍ତର ।
ସେ ସବୁ ଅଳୀକ ସ୍ୱପ୍ନ
ସିଏ ଖାଲି କବିର କଳ୍ପନା
ଯେଉଁମାନେ ଜାଣନ୍ତିନି ଚନ୍ଦ୍ରର ସ୍ୱରୂପ
ଯିଏ ଖାଲି ଚନ୍ଦ୍ରିକାର ଶୀତଳତାରେ
ମୁଗ୍ଧ ହୋଇ
ମୁଗ୍ଧ କରି ଆପଣାର ପ୍ରିୟଜନେ
ବିଳାସ କରନ୍ତି ।
ମୋହର ଏ ଲୁହା ହାତେ
ନୀତିର ତରାଜୁ
ଅନେକ ଛଳନା ଆଉ ମିଥ୍ୟାର ସନନ୍ଦ
ବିଚାରକ ଆସନରେ ବସି
ତୁମକୁ ମୁଁ ନିତି ନିତି
ପଠାଏ ଗାରଦେ
ମରଣରେ ଦେଇଥାଏ ଫାଶି ।
ମୁଁ ମୋର ମୋ ଲୋକଙ୍କର
ସବୁ ସ୍ଲୋଗାନକୁ
ଏକାଠି କରି, କରିଛି
ନିଜର ସ୍ଲୋଗାନ
ପୁଣି ମୋ ଦେଶ, ମୋ କ୍ଷମତାର
ଅଶୋଷ ପ୍ରଶଂସା
ସବୁଯାକ ଗୋଟିଏ ଝୁଲାମୁଣିରେ ରଖି
କାନ୍ଧର ପକାଇ
ମୁଁ ବାହାରିଛି
ଗୋଟିଏ ମଣିଷ ।
ଯେମିତି ଆସିଥିଲି
ଠିକ୍ ସେହିପରି
ମୁଁ ଓ ମୋର ଜନ୍ମଦାତା
ଭିତରେ ଯେଉଁ ବଡ଼ ଫରକ୍‌ଟା ଥିଲା
ତାକୁ ଲିଭାଇ ଦେବା ପାଇଁ କେତେ ଚାଲିଲି
କେତେ ଯେ ଲଢ଼ିଲି
ଖାଲି ଥରେ ବି ଜାଣିବାକୁ ଯେ
ମୁଁ କିଏ
ତଥାପି ହେଇନି
ଓଃ ! ଆହୁରି ଅନେକ ଚାଲିବାକୁ ବାକି ଅଛି ।

**(୩୦) ବନ୍ଧ ଭାଙ୍ଗିଗଲା :**

ଦୁଇକୂଳ ଉଛୁଳାଇ
ବହିଗଲେ ନଦନଦୀମାନେ
ମାନିଲେନି ବାଧାବନ୍ଧ
ହୀରାକୁଦ, ସମଲ ବ୍ୟାରେଜ୍
ଅଥବା
ନରାଜ ।
ନଦୀମାନେ ବହିଗଲେ
ଥିଲା ଯେତେ କୂଳେ
ଗଛପତ୍ର, ଗାଆଁଗଣ୍ଡା, ଘରଦ୍ୱାର
ସବୁ ଭାସିଗଲା
ସେମାନେ ତ ମିଶିବାକୁ
ଚାହୁଁଛନ୍ତି ସମୁଦ୍ରରେ ।
ରାଧା କି ମାନିଲା କେବେ
କୂଳ ଆଉ ବନ୍ଧ
କୁଳଟା ହେଲା ବି
ତେବେ ବିସ ତ ଧାଇଁଗଲା
ବଂଶୀସ୍ୱନ ଶୁଣି

କୃଷ୍ଣଙ୍କ ପାଖକୁ ।
ସେମିତି ତ ବହିଗଲେ
ସବୁ ନଦନଦୀ
କିଛି ବି ମାନିଲେ ନାହିଁ
ଘରଦ୍ୱାର ଗାଁ ବା ସହର
ଯିବେ ଶେଷେ ସମୁଦ୍ରକୁ
ଉଚ୍ଛୁଳି ପଡ଼ିଲେ ।
ସେଇ ଡାକ ରୋକିବାକୁ
ସାଧ୍ୟ ତ କାହାର ନାହିଁ
ଦୁଇପଟ ଲୋକମାନେ
ପାଟି କଲେ, ବନ୍ଧ ଭାଙ୍ଗିଗଲା
ଘର ଭାସିଗଲା
ତଥାପି ବହିଲା ନଈ
କାହାରିକୁ ମାନିଲାନି
ରୋକିଲାନି କେଉଁଠାରେ
ଧାଇଁଗଲା ନିଜର ବାଟରେ ।
ସେ ତ' ନଈ, ସେ ତ ନାରୀ
ବନ୍ଧ ଦେଇ ତାକୁ
ରୋକିବାକୁ ଚାହିଁଲେ ବି
କେମିତି ରୋକିବ ?
ସେ ତ' ବହିଯିବ
ଭାଙ୍ଗିଦେବ
ସେତୁ ଆଉ ବନ୍ଧ
ମିଶିବାକୁ ସମୁଦ୍ର ଦେହରେ ।

**(୩୧) ମୋ ମାଆ :**

ତୁମେ ତ ଆସିବନି ଆଉ
ପାହାନ୍ତାରୁ ନିଦ ଭାଙ୍ଗିବାକୁ
ସେହି ଗୀତ ଗାଇ
ଉଠ ରାତି ପାହିଲା ଏଥର
ହେ ବଂଶୀଧର ।
ଉଠ ରାମ ବନମାଳୀ
ଯିବା ପରା ଫୁଲ ତୋଳି
ଝରିରେ ରଖିଛି
ବାସ ନୀର
ହେ ବଂଶୀଧର ।
କେତେ ରାତି ଆସେ ଯାଏ
କେତେ ବି ସକାଳ ହୁଏ
ତୁମେ ଆଉ ଆସ ନାହିଁ
ଗୀତ ଗାଇବାକୁ
ରାତିଯାକ ବଂଶୀଟା ଧରି
ବିଞ୍ଚି ବିଞ୍ଚି ହାତ ଥକିଗଲେ
ମତେ ବୋଧେ
ତୁମେ ଦେଖିନିଅ
ଶୋଇଛି କି ନାହିଁ ।
ସାଙ୍ଗସାଥୀ ବନ୍ଧୁମାନେ
କହିଦେଲେ ମୋତେ ଅସୁନ୍ଦର
ତୁମର ତ ରାଗ ହୋଇଯାଏ
ମୋ ମାଆ ତ ଦୁର୍ଗାଙ୍କ ପରି
ନାକ, କାନ, ଆଖି ଆଉ ମୁହଁ ।
ଏମିତି ଆଉ କହିବ କିଏ ?
ସ୍ୱପ୍ନରେ ଖାଲି ଛୋଟ ହେମଦସ୍ତାରେ
ପାନ କୁଟି କୁଟି
ରେଳରେ ମୁଁ ଯାଉଥାଏ
ତୁମ ସାଙ୍ଗେ ।





ନିୟନ୍ତ୍ରଣାଧୀନ ହୋଇଯିବ, ସେତେବେଳେ ଅନ୍ୟ ସମସ୍ତ ଇନ୍ଦ୍ରିୟ ସ୍ୱତଃ ନିୟନ୍ତ୍ରଣ ହୋଇଯିବ ।

ମୁଁ ସାମ୍ପ୍ରଦାୟିକ ଉଦ୍ଦେଶ୍ୟରେ ସାମ୍ପ୍ରଦାୟିକତା କରୁନାହିଁ । ମୋ ଜୀବନର ଆଦର୍ଶ ବୋଲି ମୁଁ ଯାହାକୁ ଭାବିଛି, ତାହାର ଗୋଟିଏ ସହାୟକ ଭାବରେ ମୁଁ ତାହାକୁ ଗ୍ରହଣ କରିଛି । ମୁଁ ତିକ୍ତ ଅଭିଜ୍ଞତା ଜରିଆରେ ମୋ କ୍ରୋଧକୁ ଦମନ କରିବାକୁ ଏକ ପରମ ଶିକ୍ଷାଲାଭ କରିଅଛି । ମୁଁ ଯେ ନ ରାଗେ, ତାହା ନୁହେଁ, ମୁଁ ରାଗକୁ ପ୍ରକାଶ କରେନାହିଁ । ନିଜର କର୍ମଫଳ ଭୋଗରୁ ଖସିଯିବା ପାଇଁ ଚେଷ୍ଟା କରିବା ଭୁଲ ଓ ଅନୈତିକ । ଜଣେ ଲୋକ ତା'ର ପଶୁ ପ୍ରବୃତ୍ତିରେ ମାତିବା ଏବଂ ତାହାର କର୍ମଫଳରୁ ମୁକ୍ତ ହୋଇଯିବା ଭଲ ନୁହେଁ । ନୈତିକ ସଂଯମରୁ ହିଁ ନୈତିକ ଫଳ ଉତ୍ପନ୍ନ ହୁଏ ।

ଅନ୍ୟକୌଣସି ବ୍ୟକ୍ତିର ଦୋଷ ଖୋଜିବା ଏବଂ ତାହାର ବିଚାରକ ସାଜିବା ଆମର କାମ ନୁହେଁ । କାମନା ବାସନାଗୁଡ଼ିକ ବିଷୟରେ ଚିନ୍ତା କର ନାହିଁ, ତୁମେ ଥରେ ଗୋଟିଏ ନିଷ୍ପତିରେ ପହଂଚିଗଲାପରେ ଆଉ ତାକୁ ବିଚାର କରନାହିଁ । ଯେ ନିଜର ଇନ୍ଦ୍ରିୟଗୁଡ଼ିକ ଉପରେ କର୍ତ୍ତୃତ୍ୱ ଜାରି କରିଛି, ସେ ମଣିଷମାନଙ୍କ ମଧ୍ୟରେ ଅଗ୍ରଗଣ୍ୟ ବିବେଚିତ ହୁଏ । ଭଗବାନ ନିଜକୁ ତାହାର ମାଧ୍ୟମରେ ପ୍ରକାଶ କରନ୍ତି । ଆତ୍ମସଂଯମର ଏହିପରି ଶକ୍ତି ରହିଛି । ପ୍ରକୃତିରେ କୌଣସି ଜିନିଷ ସ୍ଥାଣୁ ନୁହେଁ । କେବଳ ଭଗବାନ ହିଁ ଗତିହୀନ, କାରଣ ସେ ଗତକାଲି ଥିଲେ, ଆଜି ଅଛନ୍ତି, ଆସନ୍ତାକାଲି ମଧ୍ୟ ରହିଥିବେ ।

ଅଭିଜ୍ଞତାରୁ ମୁଁ ଶିଖିଛି ଯେ, ସତ୍ୟର ଉପାସକ ପକ୍ଷରେ ନୀରବତା ଅବଲମ୍ବନ କରିବା ଆଧ୍ୟାତ୍ମିକ ଶୃଙ୍ଖଳା ପାଳନର ଅଂଶ ବିଶେଷ । ଅଳ୍ପକଥା କହୁଥିବା ବ୍ୟକ୍ତି ଚିନ୍ତା ନ କରି କ୍ୱଚିତ କଥା କହିଥାଏ । ସେ ତାହାର ପ୍ରତ୍ୟେକ ଶବ୍ଦକୁ ମାପିଚୁପି କହେ । ନୀରବତା ମୋ ପାଇଁ ବର୍ତ୍ତମାନ ଗୋଟିଏ ଭୌତିକ ଓ ଆଧ୍ୟାତ୍ମିକତାରେ ପରିଣତ ହୋଇଛି । ଯେଉଁ ବ୍ୟକ୍ତିର କଥା କହିବାର ଶକ୍ତି ଥାଇ ସୁଦ୍ଧା ସେ କୌଣସି ଅଦରକାରୀ ଶବ୍ଦ ଉଚାରଣ କରେନାହିଁ, ତାକୁ ହିଁ ନୀରବ ବ୍ୟକ୍ତି ବୋଲି କୁହାଯାଇପାରେ ।

ଭାବନାକୁ ଉପଯୋଗ କରିବା ଅପେକ୍ଷା ତାକୁ ଶରୀରରେ ଉପଭୋଗ କରିନେବା ଭଲ । ମନରେ ଇନ୍ଦ୍ରିୟ ଲାଳସାକୁ ସଂଯମ କରିବା ଦରକାର । ଯୌନକାମନା ଗୋଟିଏ ସୁନ୍ଦର ଓ ଉଦାର ବସ୍ତୁ । ସେଥିରେ ଲଜ୍ଜିତ ହେବାର କିଛି ନାହିଁ । କିନ୍ତୁ ତାହା କେବଳ ସୃଷ୍ଟି କରିବା ପାଇଁ ଉଦ୍ଦିଷ୍ଟ । ଅନ୍ୟ କୌଣସି ଉଦ୍ଦେଶ୍ୟରେ ଏହାର ବ୍ୟବହାର ଭଗବାନ ଓ ମଣିଷ ଜାତି ବିରୁଦ୍ଧରେ ଗୋଟିଏ ପାପ ।

ବ୍ରହ୍ମଚର୍ଯ୍ୟ କ'ଣ ? ଏହା ଜୀବନ ଧାରଣାର ପ୍ରଣାଳୀ ଯାହାକି ଆମକୁ ବ୍ରହ୍ମା ବା ଈଶ୍ୱରଙ୍କର

ପରିସ୍ଥିତିରେ ସୁଦ୍ଧା ହତ୍ୟା କରିବା ପାଇଁ ଆମ୍ଭମାନଙ୍କ ମଧ୍ୟରେ ଗୋଟିଏ ପ୍ରକୃତିଗତ ଭୟ ରହିଛି । ଅହିଂସାର ଯଥାର୍ଥ ଅର୍ଥ ହେଉଛି – ବୃହତ୍ତମ ପ୍ରେମ ଓ ମହତ୍ତମ ଉଦାରତା । ପୃଥିବୀରେ ଯେତେ ଶକ୍ତି ଅଛି, ତା ମଧ୍ୟରେ ପ୍ରେମ ହିଁ ସବଳତମ ଶକ୍ତି । ଅହିଂସାକୁ ଏକ ବଳିଷ୍ଠ ଶକ୍ତିରେ ପରିଣତ କରିବାକୁ ହେଲେ ତାହା ମନ ଭିତରୁ ଆରମ୍ଭ ହେବା ଉଚିତ । ଜାଗତିକ କିମ୍ବା ଅତିଜାଗତିକ ପ୍ରତ୍ୟେକ ବସ୍ତୁ ପ୍ରତି ମୋର ଅନୁରକ୍ତି ଠାରୁ ଅହିଂସା ପ୍ରତି ମୋର ଅନୁରକ୍ତି ଶ୍ରେଷ୍ଠତର । ମୋର ଅହିଂସାଧର୍ମ ଗୋଟିଏ ଅତ୍ୟନ୍ତ ସକ୍ରିୟ ଶକ୍ତି ଅଟେ । ଏଥିରେ ଭୀରୁତା କିମ୍ବା ଦୁର୍ବଳତା ପାଇଁ କୌଣସି ସ୍ଥାନ ନାହିଁ ।

ମୋର ବିଶ୍ୱାସ ଯେ, ଅହିଂସା ହିଂସାଠାରୁ ଅନନ୍ତ ଗୁଣରେ ଶ୍ରେଷ୍ଠ, କ୍ଷମାଦାନ, ଦଣ୍ଡଦାନ ଠାରୁ ଅଧିକ ପୌରୁଷପୂର୍ଣ୍ଣ । କ୍ଷମତାଶାଳୀ ଜଣେ ସୈନିକଙ୍କୁ ସୌନ୍ଦର୍ଯ୍ୟ ଦାନ କରେ । ଅହିଂସା ଧର୍ମ କେବଳ ଋଷି ଓ ସନ୍ଥମାନଙ୍କ ପାଇଁ ନୁହେଁ, ସାଧାରଣ ଲୋକଙ୍କ ପାଇଁ ମଧ୍ୟ ଏହା ଉଦ୍ଦିଷ୍ଟ । ଗତିଶୀଳ ଅବସ୍ଥାରେ ଅହିଂସାର ଅର୍ଥ ହେଉଛି, ଚେତନାଶୀଳ ଭାବରେ ଦୁଃଖ ସହ୍ୟ କରିବା । ଆମେରିକାରେ ବନ୍ଧୁମାନେ ମୋତେ କହିଛନ୍ତି ଯେ, ପରମାଣୁ ବୋମା ଯୋଗୁଁ ଅହିଂସା ଆସିବ : ଅନ୍ୟ କିଛି ଦ୍ୱାରା ତାହା ଆସିପାରିବ ନାହିଁ । ଅନେକ ସମୟରେ ମନ୍ଦ ଭିତରୁ ଭଲ ବାହାରିଥାଏ, କିନ୍ତୁ ତାହା ଭଗବାନଙ୍କର ଯୋଜନା, ମଣିଷର ଯୋଜନା ନୁହେଁ ।

ଭାରତବର୍ଷ ଯଦି ହିଂସାକୁ ତା'ର ନୀତିରେ ପରିଣତ କରେ ଏବଂ ମୁଁ ଯଦି ସେ ପର୍ଯ୍ୟନ୍ତ ବଂଥାଏ, ତାହେଲେ ମୁଁ ଭାରତବର୍ଷରେ ବସବାସ କରିବାକୁ ଖାତିର କରିବି ନାହିଁ । ମୋ ଭିତରେ ସେ କୌଣସି ଗର୍ବ ଆଉ ସୃଷ୍ଟି କରିବ ନାହିଁ । ମୋର ଦେଶପ୍ରେମ ମୋର ଧର୍ମର ଅନୁଗତ ।

**(୫) ମହାତ୍ମାଗାନ୍ଧୀଙ୍କ ବିଚାରରେ "ଆତ୍ମଶୋଧନ" :**

ସଭ୍ୟତାର ପ୍ରକୃତ ଅର୍ଥ ପ୍ରୟୋଜନଗୁଡ଼ିକର ବୃଦ୍ଧି କରିବା ନୁହେଁ, ତା'ର ପ୍ରକୃତ ଅର୍ଥ ହେଉଛି – ସୁବିବେଚିତ ଓ ଇଚ୍ଛାକୃତ ଭାବରେ ପ୍ରୟୋଜନଗୁଡ଼ିକୁ ସୀମାବଦ୍ଧ କରିବା । ନିର୍ଦ୍ଦିଷ୍ଟ ପରିମାଣର ଶାରିରୀକ ସମନ୍ୱୟ ଓ ସ୍ୱାଚ୍ଛନ୍ଦ୍ୟ ଆବଶ୍ୟକ । ଜଣେ ମଣିଷ ତାହାର ଦୈହିକ ଓ ସାଂସ୍କୃତିକ ପରିବେଶକୁ ଏପରି ଭାବରେ ସଜାଡ଼ିବା ଉଚିତ୍, ଯାହାଫଳରେ ସେଗୁଡ଼ିକ ମାନବ ଜାତିର ସେବାରେ କୌଣସି ପ୍ରତିବନ୍ଧକ ସୃଷ୍ଟି କରିପାରିବ ନାହିଁ ।

ଦେହ ଓ ମନ ଭିତରେ ସମ୍ପର୍କ ଏପରି ଭାବରେ ଘନିଷ୍ଠ ଯେ, ଯଦି ସେଥିମଧ୍ୟରୁ କୌଣସି ଗୋଟିଏ ବିଗିଡ଼ିଯିବ, ତାହାହେଲେ ସାରା ବ୍ୟବସ୍ଥାଟି କ୍ଷତିଗ୍ରସ୍ତ ହେବ । ପ୍ରକୃତ ଅର୍ଥରେ ଯାହାକୁ ସ୍ୱାସ୍ଥ୍ୟ କୁହାଯାଏ, ତାହାର ମୂଳ ହେଉଛି ଶୁଦ୍ଧ ଚରିତ୍ର । ଈଶ୍ୱରଙ୍କ ନିୟମ ପାଳନ କରି ଓ ଅସୁରଙ୍କ ଶକ୍ତିକୁ ଅସ୍ୱୀକାର କରି ଜୀବନ ଯାପନ କଲେ ପୂର୍ଣ୍ଣସ୍ୱାସ୍ଥ୍ୟ ମିଳିପାରିବ । ଯେତେବେଳେ ସ୍ୱାଦେନ୍ଦ୍ରିୟ





ସେ ରେଳ କ'ଣ
ମତେ ନେଇ
ତୁମ ପାଖେ କେବେ ପହଞ୍ଚାଇ ଦେବ !
ସେ ଦିନକୁ ଅପେକ୍ଷା କରି
ଏବେ ବି ମୁଁ ତୁମକୁ ଝୁରୁଛି ।

**(୩୨) ରକ୍ତାକ୍ତ ଜୀବନ :**

ଏମିତି ବି ସରକାର ହୁଏ
କିଏ ନିଷ୍ପତି ନିଏ
କିଏ ପୁଣି ବଦଳାଇ ଦିଏ ।
ଆମେ ସବୁ ଲୋକମାନେ
ଗାଆଁ ଗହଳିର
ଧାଇଁଥାଉ ମନ୍ତ୍ରୀଙ୍କ ପାଖକୁ
ଆଉ କେଉଁ ବଡ଼ଲୋକ
ସରକାର ଘରେ ଥିବେ
ସେମାନଙ୍କ ପାଖୁ
ଚାରିମାସ ହୋଇଗଲା
ଏ ଯାଏ କି ବଦଳି ସରିଲା ?
କେମିତି ଚାଲିବ ଏ ରାଜ୍ୟ
ଖାଲି କ'ଣ ଚାହିଁଥିବା
ଦିଲ୍ଲୀ ଆଡ଼େ
ସାଜିଥିବା ଦିଲ୍ଲୀର କି ଚେଲା ।
ସେଠି କେତେବେଳେ
ସରକାର ବଦଳିବ
ବଦଳିବ ରାଜ୍ୟ ଠିକଣା
ସେଥିପାଇଁ
କେବେ କାଳେ କିଛି ଘଟିଯିବ
ରାଜନୀତି ଘରେ
ଡର ଲାଗେ ନିଷ୍ପତି ନେବାରେ ।
କାହିଁକି ନା କେତେବେଳେ
କେଉଁ ସରକାର ହଠାତ୍ ଆସିବ
ତାହାପରେ ସବୁ କିଛି ଓଲଟି ପଡ଼ିବ
ଦିଲ୍ଲୀ ଆଉ ଓଡ଼ିଶାରେ ସରକାର
ମଉଳି ପଡ଼ିବ ।
ବର୍ଷା ହେଲା ଭାଙ୍ଗିଗଲା ଘରଦ୍ୱାର
ଲୋକମାନେ ହାହାକାର କଲେ
ତହସିଲଦାର ଏଠି ମନଇଚ୍ଛା
ପଇସାକୁ ଦେଲେ
ଆଉ ସବୁ ଆତ୍ମସାତ୍ କଲେ ।
କିଏ ଏଠି କାହାର ହାକିମ
ହାକିମଙ୍କ ହାକିମ ବା କିଏ
ଆମେ ସବୁ ଲୋକମାନେ
ଉପରକୁ ଚାହିଁ
କରୁଥାଏ ଖାଲି ହାଏ ହାଏ !
ଲଜ୍ଜା ଆଉ ସନମାନ ଛଡ଼ା
କିବା ଅଛି ସେମାନଙ୍କ ଚାଲିବା ପଣରେ ।
ଏ କି ରାଜନୀତି
ଆଜି ଏଠି କାଲି ସେଠି
ବଦଳି ପୀରତି
ଗୋଟେ ଗୋଟେ ଇଲାକାରେ
ଏକାଧିକ ଅଫିସର
ଖାଲି ବୁଲୁଥାନ୍ତି ।
ଅଦ୍ଭୁତ ଏ ରାଜନୀତି
ଦିଲ୍ଲୀ ଆଉ ଓଡ଼ିଶାର
ପ୍ରଗତି ଭିତରେ

କିଛି ବି ସମ୍ପର୍କ ନାହିଁ
ଆମେ ଖାଲି ହାହାକାର କରୁ
ତାଙ୍କ କଥା କେହି ଶୁଣୁନାହିଁ ।
ଏମିତି ଚାଲିବ କେତେଦିନ
ଯେତେଦିନ ଯାଏ - ନେତା ଯିଏ ଥିବ
ସେ ଯଦି ନିଜକୁ ପ୍ରତିଷ୍ଠା
କରି ନ ପାରିବ
ତେବେ କ'ଣ ରାଜନୀତି ହେବ !

**(୩୩) ସୂର୍ଯ୍ୟଦେବତା :**

ଦୁଃସହ ଦ୍ୱିପ୍ରହରେ
ଏକୁଟିଆ
ରହିବାର କଥାଟା ତ କଷ୍ଟ ଲାଗେ
ଖାଲି କ'ଣ ତୁମେ ମୁଁ
କାମ କରୁଥାଇଁ ?
ଏତେ କଷ୍ଟ ସହିବାକୁ
ବଳ ଆମ କାହିଁ ।
ଆକାଶରେ ଚନ୍ଦ୍ର ଉଠେ
ସୂର୍ଯ୍ୟ ବି ଉଠନ୍ତି
ପୃଥିବୀ ଜଳଇ
ଆବିଷ୍କାର କରିବାକୁ
ଚନ୍ଦ୍ରକୁ ତ
ଆମେରିକା ପଠାଇଲା
କେତେ ଯେ ଲୋକଙ୍କୁ
ତୁମେ ଆମେ କ'ଣ କେବେ
ସୂର୍ଯ୍ୟଙ୍କୁ ଆବିଷ୍କାର କରିପାରିବା ?
ପଠାଇ ପାରିବା କ'ଣ
ରକେଟ୍
ପୋଡ଼ିଯିବ ଜଳିଯିବ
ସେଥିପାଇଁ ସୂର୍ଯ୍ୟ ଥାଏ
ଦେବତା ହୋଇ
ଆମେ ସବୁ
ସକାଳରୁ ଉଠି
ମାରୁଛୁ ମୁଣ୍ଡିଆ
ସୂର୍ଯ୍ୟ ଦେବତାଙ୍କୁ ।
ସେଥିପାଇଁ ସୂର୍ଯ୍ୟ କେବେ
ଲିଭିଯିବ ନାହିଁ
ପୃଥିବୀ ତ ଲିଭିଯିବ
ସୂର୍ଯ୍ୟ ଯଦି ଲିଭିଯିବ
ସୂର୍ଯ୍ୟର କିରଣ ନେଇ
ଚନ୍ଦ୍ର ହୋଇଥିଲା
ତେଣୁ କେବେ ଚନ୍ଦ୍ର କିରଣରେ
ଗଛଲତା ପତ୍ର ନ ହଲିଲା
ଆମେ ତେଣୁ ମାନଥାଉଁ
ସୂର୍ଯ୍ୟଙ୍କୁ ଦେବତା
ସେଥିପାଇଁ ସନ୍ଧ୍ୟାରୁ
ସକାଳ ଯାଏ
କୋଟି କୋଟି ପ୍ରଣାମରେ
ପୂଜୁଥାଉ ସୂର୍ଯ୍ୟ ଦେବତାଙ୍କୁ





ସାରସଂକ୍ଷେପ ।

ଧର୍ମ ପ୍ରବର୍ତକ ଓ ଅବତାରମାନେ ମଧ୍ୟ ଅଙ୍କେ ବହୁତେ ଅହିଂସାର ଶିକ୍ଷା ଦେଇଛନ୍ତି । ସେମାନଙ୍କ ମଧ୍ୟରୁ କେହି ଜଣେ ହିଂସାର ଶିକ୍ଷା ଦେଇନାହାନ୍ତି । ମଣିଷ ଗୋଟିଏ ପ୍ରାଣୀ ହିସାବରେ ହିଂସ୍ର, କିନ୍ତୁ ଆତ୍ମା ହିସାବରେ ଅହିଂସ । ପରିବାର ଗୁଡ଼ିକରେ ପ୍ରତ୍ୟେକ ପ୍ରେମର ବନ୍ଧନରେ ପରସ୍ପର ସହିତ ବନ୍ଧା । ସେମାନଙ୍କ ମଧ୍ୟରୁ ଅନେକ ଏତିକି ମଧ୍ୟ ଜାଣନ୍ତି ନାହିଁ ଯେ, ସେମାନେ ନିଜର ଇଚ୍ଛା ଓ ଅନିଚ୍ଛା ସତ୍ତ୍ୱେ ସେହି ନିୟମର ବଶବର୍ତୀ । ଅନ୍ୟାୟ ଓ ବେଆଇନ୍ ସମ୍ପତିର ମାଲିକାନା ସମସ୍ୟା ଅହିଂସାର ଭକ୍ତଙ୍କୁ ଭୟଭୀତ କରିବାର ଆବଶ୍ୟକତା ମଧ୍ୟ ରହିବ ନାହିଁ । ଏହି ଶକ୍ତିର ସଫଳ ବ୍ୟବହାର ପାଇଁ ଏକମାତ୍ର ସର୍ତ ହେଉଛି ଯେ, ଶରୀର ଠାରୁ ପୃଥକ ଆତ୍ମାର ଅସ୍ତିତ୍ୱ ଓ ତା'ର ଅମରତ୍ୱକୁ ସ୍ୱୀକାର କରିବା ।

କେତେକ ବନ୍ଧୁ ମୋତେ କହିଛନ୍ତି ଯେ, ରାଜନୀତି ଓ ସାଂସାରିକ ବ୍ୟାପାରରେ ଅହିଂସାର ସ୍ଥାନ ନାହିଁ । ମୁଁ ସେଥି ସହିତ ଏକମତ ନୁହେଁ । ସମସ୍ତେ ସ୍ୱୀକାର କରନ୍ତି ଯେ, ଆତ୍ମବଳିଦାନ ଅନ୍ୟକୁ ବଳିଦେବାଠାରୁ ଅସୀମ ମଧ୍ୟରେ ଶ୍ରେଷ୍ଠ । ଜଣେ ଅହିଂସାର ଉପାସକ ଉପଯୋଗବାଦୀ ସୂତ୍ର (ବହୁଜନଙ୍କର ସର୍ବଶ୍ରେଷ୍ଠ ହିତ)କୁ ମାନିପାରିବ ନାହିଁ । ତୁମେ ଅବଶ୍ୟ କହିପାର ଯେ, ଅହିଂସାରେ କୌଣସି ବିଦ୍ରୋହ ହୋଇପାରିବ ନାହିଁ ଏବଂ ଏପରି କେବେ କେଉଁଠାରେ ହୋଇଥିବାର ଇତିହାସରେ ଜଣାନାହିଁ । ଏହି ସଂକ୍ରାନ୍ତରେ ମୁଁ ସତ୍ୟର ନାମ ଉଲ୍ଲେଖ କରିନାହିଁ। କାରଣ, ଅହିଂସା ବ୍ୟତୀତ ସତ୍ୟକୁ ବ୍ୟକ୍ତ କରାଯାଇପାରିବ ନାହିଁ ।

୧୯୦୬ ମସିହା ପର୍ଯ୍ୟନ୍ତ ମୁଁ କେବଳ ଯୁକ୍ତିପୂର୍ଣ୍ଣ ବୁଦ୍ଧିରେ ପ୍ରେରଣା ଉପରେ ନିର୍ଭର କରି ରହିଥିଲି । ମୁଁ ଜଣେ ଅତ୍ୟନ୍ତ ଉଦ୍ୟମଶୀଳ ସଂସ୍କାରକ ଥିଲି । ଅହିଂସା ଏପରି ଗୋଟିଏ ଶକ୍ତି, ଯାହାକୁ କି ଆବାଳ ବୃଦ୍ଧବନୀତା, ସମସ୍ତେ ସମାନ ଭାବରେ ବ୍ୟବହାର କରିପାରିବେ । କିନ୍ତୁ ସେମାନଙ୍କର ପ୍ରେମମୟ ଭଗବାନଙ୍କ ଉପରେ ଜୀବନ୍ତ ବିଶ୍ୱାସ ଥିବା ଉଚିତ ଏବଂ ସେହି କାରଣରୁ ସବୁ ମଣିଷଙ୍କ ପ୍ରତି ସମାନ ପ୍ରେମ ଥିବା ଆବଶ୍ୟକ । ଅହିଂସାର ମୌଳିକ ନୀତି ହେଉଛି, ଯେକୌଣସି ପ୍ରକାରର ଶୋଷଣକୁ ସମ୍ପୂର୍ଣ୍ଣ ଭାବରେ ବର୍ଜନ କରିବା । ପୃଥିବୀରେ ଯେଉଁ ନରହତ୍ୟା ଚାଲିଛି ତାକୁ ମୁଁ ନିର୍ବିକାର ଭାବରେ ଦେଖିପାରିବି ନାହିଁ । ମୋର ଗୋଟିଏ ଅପରିବର୍ତ୍ତନୀୟ ବିଶ୍ୱାସ ରହିଛି - ପରସ୍ପରକୁ ହତ୍ୟା କରିବା ମାନବୀୟ ମର୍ଯ୍ୟାଦାର ବାହାରେ ।

କାହାରି ଜୀବନ ନେବା ଗୋଟିଏ କର୍ତବ୍ୟ ହୋଇପାରେ । ଆମର ଶରୀର ଧାରଣ ପାଇଁ ଯେତେ ଆବଶ୍ୟକ, ଆମେ ସେତେ ଜୀବନ ନଷ୍ଟ କରିଥାଉଁ । ଜୀବନ୍ତ ପ୍ରାଣୀଙ୍କୁ ଯେ କୌଣସି

ପ୍ରତିରୋଧର ପ୍ରଣାଳୀଟି ହେଉଛି ସବୁଠାରୁ ସ୍ୱଷ୍ଟ ଓ ନିରାପଦ ପ୍ରଣାଳୀ । ଯଦି ଆଦର୍ଶଟି ସତ ନ ହୁଏ, ତାହାହେଲେ ପ୍ରତିରୋଧକାରୀମାନେ କେବଳ ସେହିମାନେ ହିଁ କଷ୍ଟଭୋଗ କରିବେ ।

**(୪) ମହାତ୍ମାଗାନ୍ଧୀଙ୍କ ଦୃଷ୍ଟିରେ "ଅହିଂସା" :**

ଅହିଂସା ମାନବ ଜାତି ହାତରେ ସର୍ବବୃହତ୍ତ ଶକ୍ତି । ମଣିଷର ଚାତୁର୍ଯ୍ୟ ଓ କୌଶଳ ଦ୍ୱାରା ନିର୍ମିତ ସବୁଠାରୁ ଶକ୍ତିଶାଳୀ ଧ୍ୱଂସକାରୀ ଅସ୍ତ୍ର ଅପେକ୍ଷା ଏହା ଅଧିକ ଶକ୍ତିଶାଳୀ । ଧ୍ୱଂସ ମାନବୀୟ ନିୟମ ନୁହେଁ । ଯଦି ଆବଶ୍ୟକ ହୁଏ, ଜୀବନର ପ୍ରତ୍ୟେକ ବିଭାଗରେ ସମ୍ପୂର୍ଣ୍ଣ ନ୍ୟାୟ ପାଳନ ହେଉଛି, ଅହିଂସାର ପ୍ରଥମ ସର୍ତ୍ତ। ପତନ ପାଇଁ କିମ୍ବା ଉତ୍‌ଥାନ ପାଇଁ ମଣିଷ ପ୍ରକୃତିର କେତେ କ୍ଷମତା ଅଛି, ତାହାର ପ୍ରମାଣ ନ ପାଇ କେହି ନିଶ୍ଚିତ ମତେ ପ୍ରକାଶ କରିବା ଉଚିତ ନୁହେଁ । ହିଂସାତ୍ମକ ତାଲିମରେ ଯେପରି ବ୍ୟକ୍ତିକୁ ହତ୍ୟା କରିବାର କଳା ଶିକ୍ଷା କରିବାକୁ ହୁଏ, ସେହିପରି ଅହିଂସାତ୍ମକ ତାଲିମ୍‌ରେ ମଧ୍ୟ ବ୍ୟକ୍ତିକୁ ମରିବାର କଳା ଶିକ୍ଷା କରିବାକୁ ହେବ । ଭୟରୁ ମୁକ୍ତିଲାଭ କରିବା କଥା ହିଂସାରେ ନାହିଁ । ଅହିଂସାର ଉପାସକକୁ ଭୟରୁ ମୁକ୍ତ ଦେବା ଲାଗି ସର୍ବଶ୍ରେଷ୍ଠ ଧରଣର ବଳିଦାନ ପାଇଁ ଶକ୍ତି ଆହରଣ କରିବାକୁ ପଡ଼ିଥାଏ । ସେ ତାହାର ଜମିବାଡ଼ି, ତା'ର ସମ୍ପତି, ତା'ର ଜୀବନ ସୁଦ୍ଧା ହରାଇବାକୁ ଖାତିର କରେନାହିଁ ।

ଅହିଂସା ଉପାସକର ଗୋଟିଏ ମାତ୍ର ଭୟ ଥାଏ । ତାହା ହେଉଛି – ଈଶ୍ୱର ଭୟ । ଆମ୍ଭମାନଙ୍କୁ ଯେଉଁମାନେ ଭଲ ପାଆନ୍ତି, ଆମେ ଯଦି କେବଳ ସେହିମାନଙ୍କୁ ଭଲ ପାଇବା ତାହାହେଲେ ତାହା ଅହିଂସା ନୁହେଁ । ଆମ୍ଭମାନଙ୍କୁ ଯେଉଁମାନେ ଘୃଣା କରନ୍ତି, ସେମାନଙ୍କୁ ଯଦି ଆମ୍ଭେ ଭଲ ପାଇବା, ତାହେଲେ ତାହା ଅହିଂସା ହେବ । ଘୃଣା କରୁଥିବା ଲୋକମାନଙ୍କୁ ଭଲ ପାଇବା ହିଁ ସବୁଠାରୁ ବଳି କଷ୍ଟକର । ମୁଁ ଦେଖିଛି ଯେ, ଧ୍ୱଂସ ମଧ୍ୟରେ ସୁଦ୍ଧା ଜୀବନ ତିଷ୍ଠି ରହିଛି । ଏବଂ ସେଥିପାଇଁ ଧ୍ୱଂସର ନିୟମ ଅପେକ୍ଷା ଆହୁରି ଗୋଟିଏ ଉଚ୍ଚତର ନିୟମ ନିଶ୍ଚିତ ରହିଛି । ମୋର ଯେ କ୍ରୋଧ ହୁଏ ନାହିଁ, ତାହା ନୁହେଁ । କିନ୍ତୁ ସବୁ ସମୟରେ ମୁଁ ମୋର କ୍ରୋଧକୁ ନିୟନ୍ତ୍ରଣାଧୀନ କରିବାରେ ପ୍ରାୟ ସଫଳ ହୋଇଥାଏ ।

ଅହିଂସା ମୋତେ ଶାନ୍ତି ଦିଏ ଏବଂ ପ୍ରକୃତିର ରହସ୍ୟଗୁଡ଼ିକ ମୋ ପାଇଁ ଅର୍ଥପୂର୍ଣ୍ଣ ହୋଇଉଠେ । ଯାହାଙ୍କ ବର୍ଣ୍ଣନା କରିବା ମୋର ଶକ୍ତିର ବହିର୍ଭୁତ । ଇତିହାସ ଲେଖାହେବା ଦିନୁ ଆଜି ପର୍ଯ୍ୟନ୍ତ ଆମେ ଦୃଷ୍ଟି ନିକ୍ଷେପ କଲେ ଦେଖିପାରିବା ଯେ, ମଣିଷ ଦୃଢ଼ ଭାବରେ ଅହିଂସା ଆଡ଼କୁ ଗତିକରି ଚାଲିଛି ।

ନନ୍ଦିନୀ ଶତପଥୀଙ୍କ ଅନୁବାଦ "ଗାନ୍ଧି କଥାମୃତ"ରେ ଗାନ୍ଧୀଙ୍କ ଦୃଷ୍ଟିରେ ଅହିଂସାର





ସୂର୍ଯ୍ୟ ତ ଆସନ୍ତି, ତାଙ୍କ କିରଣକୁ ନେଇ
ସେ ତ ଆଉ ଛୋଟ ବଡ଼
ଗରିବ କି ଧନୀ ଦେଖନ୍ତିନି
ବୁଣି ଦିଅନ୍ତି କିରଣ
ସର୍ଭିଙ୍କ ଉପରେ ।

**(୩୪) ବହୁରୂପୀ :**

ତୁମେ ସବୁ କେତେ ନାଟକର
କେତେବେଳେ କିଏ ଚଢ଼େ ରାମରଥରେ
କିଏ କେବେ ଚୈତନ୍ୟ ରଥରେ
କେତେବେଳେ ଭାଙ୍ଗିଦିଅ ବାବ୍‌ରୀ ମସ୍‌ଜିଦ୍
କେଉଁଠି ବ ରାମ ଜନ୍ମ ହୋଇଥିଲେ ।
କୌଶଲ୍ୟାଙ୍କ ଏନ୍ତୁଡ଼ିଶାଳାକୁ
ଦେଖିଥିଲା କିଏ ?
ସେ ପୁଣି ରାମ ମନ୍ଦିର
ଏଥିପାଇଁ ପିଟାପିଟି
ମରାମରି
ଅନେକ ଲୋକ
ଅନେକ ସାଧୁସନ୍ଥ
ସତରେ କି ମିଛରେ
ପୁଲିସ୍‌ର ଲାଠି ଗୁଳି ଖାଇ
ପ୍ରାଣ ହରାଇଲେ
ଏମିତି ତ ରାଜନୀତି ।
ଏଇଭଳି
ଦେଶକୁ ଚଳାଇବା ପାଇଁ
ନେତାମାନେ ତୁମେ
ଚାହୁଁଅଛ ସବୁବେଳେ
ଏଠି ତ କିରଣ ବେଦୀ
ଭୁଲ କଥା ବିରୁଦ୍ଧରେ
କିଛି ଯଦି କାମ କରେ
ତୁମେମାନେ ସବୁ
ରାଗ ତା' ଉପରେ ।
ତିହାର ଜେଲ୍‌କୁ
'ସେ' ସଜାଡ଼ି ଦେଲା
ଯେଉଁମାନେ ବନ୍ଦୀ ଥିଲେ
ବର୍ଷ ବର୍ଷ ଧରି
ସେମାନଙ୍କୁ ଯୋଗ ଶିଖାଇଲା
ପାଠ ପଢ଼ାଇଲା
ସେଥିପାଇଁ ତା' ଉପରେ
ଦିଲ୍ଲୀର ଓକିଲମାନେ
ସହକର୍ମୀମାନେ
ହଇରାଣ କରିବାକୁ ତାକୁ
ରାଗିଗଲ, କେତେ କଥା କଲ ।
ଏଣେ ପୁଣି
ବଡ଼ ପାଟି କରି ନାରୀ ନିର୍ଯ୍ୟାତନା
ବିରୁଦ୍ଧରେ ବକ୍ତୃତା ବି ହୁଏ
ମୂଲ୍ୟ ବା କ'ଣ ସେ ବକ୍ତୃତାର
ଆଜିଯାଏ ସେଇଭଳି
ସାରା ପୃଥିବୀରେ
ରହିଗଲେ ନାରୀମାନେ
ପୁରୁଷଙ୍କ ଦାସୀ ହୋଇ
ଏ କଥାଟା ଆଉ କେବେ
ବଦଳିବ ବୋଲି କାହିଁ,
ମନେ ହେଉନାହିଁ ।
କେଉଁ କାଳେ ମନୁ ନାମେ
ଋଷି ଜଣେ ଥିଲେ

କହିଥିଲେ ସିଏ
ବିନାଶ୍ରୟେ ନ ବର୍ତନ୍ତେ
କବିତା ବନିତା ଲତା
ସେଇକାଲୁ ଆଜିଯାଏ
ଏ କଥା ତ ବଦଳିଲା ନାହିଁ ।
କେତେ କେତେ ନାରୀ ସଂଗଠନ
ଯେତେ ସବୁ ରାଜନୀତି, ମାୟାବତୀ
କେଉଁଠାରେ କିଛି ନୂଆ ତ ଘଟିଲା ନାହିଁ
ନାରୀ ଖାଲି ରହିଗଲା ନାରୀ ।
ଅଧିକାର ମାଗି ମାଗି ଥକିଗଲା
ମାଗିଲେ କି ଅଧିକାର ମିଳେ ?
ଅଧିକାର ନବାକୁ ହିଁ ହୁଏ
ନିଜର ବଳରେ
ନିଜ ବ୍ୟକ୍ତିତ୍ୱରେ
ଆଉ ନିଜ ସମ୍ମାନରେ ।
ସେଇଦିନ ନାରୀ ହେବ ଧରଣୀରେ
ପୁରୁଷର ସମକକ୍ଷ
ଯେତେବେଳେ ସେ ପାରିବ
ନିଜକୁ ପ୍ରତିଷ୍ଠା କରି
ନିଜର ବୁଦ୍ଧିରେ ଆଉ ବିବେକରେ ।
ରାଜନୀତିବାଲା ତୁମେ
ବହୁରୂପୀ ହୁଅନାହିଁ
ଅଧିକାର ନେବା ପାଇଁ
ମହିଳାମାନଙ୍କୁ
ଲକ୍ଷ୍ମୀ, ସରସ୍ୱତୀ ଆଉ ପାର୍ବତୀ କରନି ।

**(୩୫) ମୁଁ ଚଢ଼େଇ କହୁଛି :**

ସେ, ଚଢ଼େଇ କହୁଛି
ମୁଁ ଯାଉଛି, ମୁଁ ଯାଉଛି
ମୁଁ ତ ଯିବି, କେବେ ଯିବି
କେମିତି ଯିବି
ସେ କଥା କ'ଣ ମୁଁ ଜାଣିପାରିବି ?
ଆମେ ସମସ୍ତେ ତ
ଦିନେ ନା ଦିନେ ଯିବା
କିନ୍ତୁ, ଏ ଚଢ଼େଇର ଡାକରେ
ମନଟା କାହିଁକି
ଅସମ୍ଭାଳ ହୋଇଯାଏ ।
ସେତେବେଳେ ମନହୁଏ
ମୁଁ ଯାଉଛି
ଚାହିଁଲେ କ'ଣ ମୁଁ ଯାଇପାରିବି
କିଏ, କିଏ କହୁଛନ୍ତି
ଆଉ ତ ବହୁତ
କାମ କରିବାକୁ ଅଛି
ମୁଁ ଯିବି କୁଆଡ଼େ !
'ତମର ତ କାମ ସରିନି'
କ'ଣ ଆଉ କାମ ?
କାମ ତ ଏଠି
କେହି କରିବାକୁ ନାହାନ୍ତି
ନିଜ ନିଜ କାମ
ପଇସା ଉପାର୍ଜନ
ଘରଦ୍ୱାର କରିବା
ଯେତେ ଯେତେ ଲୋଭ ମୋହ
କ୍ଷମତା ଓ ଚଉକି ପାଇଁକି ।
ପରିଶ୍ରମ କଲେ
ଉପାର୍ଜନ ହୁଏ





ସତ୍ୟ ଉକ୍ତିକୁ ବିଚାରିବା ଉଚିତ । ସାଧନାକୁ ମଞ୍ଜି ଓ ସାଧକୁ ଗଛ ସହିତ ତୁଳନା କରାଯାଇପାରେ । ମଞ୍ଜି ଓ ଗଛ ମଧ୍ୟରେ ଯେଉଁ ସମ୍ପର୍କ, ସାଧ୍ୟ ଓ ସାଧନା ମଧ୍ୟରେ ସେଭଳି ସମ୍ପର୍କ । ଭଗବାନଙ୍କୁ ଆରାଧନା କରିବା ଦ୍ୱାରା ମୋତେ ଯେଉଁ ଫଳ ମିଳିବ, ଅସୁର ଆଗରେ ପ୍ରଣିପାତ କଲେ ମୋତେ ସେହି ଫଳ ମିଳିବ ନାହିଁ ।

ସାମଜବାଦକୁ ପ୍ରଥମେ ଯିଏ ଗ୍ରହଣ କରିଥିଲା, ତାହାରି ଠାରୁ ତାହା ଆରମ୍ଭ ହେଲା । ଯଦି ସେପରି ଗୋଟିଏ

ନନ୍ଦିନୀ ଶତପଥୀଙ୍କ ଅନୁବାଦ "ଗାନ୍ଧୀ କଥାମୃତ"ର ଗାନ୍ଧୀଙ୍କ ଦୃଷ୍ଟିରେ ସାଧନା ଓ ସାଧର ସାରସଂକ୍ଷେପ ।

ବ୍ୟକ୍ତି ଅଛି, ତାହାହେଲେ ତୁମେ ସେହି ଏକ ନିକଟରେ ଶୂନ୍ୟ ବସାଇପାର । ତାହାହେଲେ ପ୍ରଥମ ଶୂନଟି ମିଶିଲେ ଦଶ ହେବ । ଏହି ସମାଜବାଦ ସ୍ଫଟିକ ପରି ସ୍ୱଚ୍ଛ । ସେଥିପାଇଁ ତାହାକୁ ହାସଲ କରିବାକୁ ସ୍ଫଟିକ ପରି ସାଧନା ଆବଶ୍ୟକ । ଅପବିତ୍ର ସାଧନାରୁ ମିଳୁଥିବା ଫଳ ଅପବିତ୍ର ହିଁ ହୁଏ ।

ଅସତ୍ୟ ନିଷ୍ଠା ଦ୍ୱାରା କେହି ସତ୍ୟ ନିକଟରେ ପହଂପାରିବେ ନାହିଁ । କେବଳ ସତ୍ୟନିଷ୍ଠା ଆଚରଣ ଦ୍ୱାରା ସତ୍ୟରେ ପହଞ୍ଚାଯାଇପାରେ । ଅହିଂସା ଓ ସତ୍ୟ ଏହି ଦୁଇଟିଯାକ ଯମଜ ନୁହନ୍ତି । ସତ୍ୟ ମଧ୍ୟରେ ଅହିଂସା ଓ ଅହିଂସା ମଧ୍ୟମରେ ସତ୍ୟ ଗଭୀର ଭାବରେ ନିହିତ ଥାଏ । ତେଣୁ ସେ ଦୁଇଟିକୁ ଗୋଟିଏ ମୁଦ୍ରାର ଦୁଇପାଖ ବୋଲି କୁହାଯାଇଥାଏ । ତୁମେ ମନ କିମ୍ବା ଶରୀରରେ ଅପବିତ୍ରତାକୁ ସ୍ଥାନ ଦେଲେ ତୁମ ଭିତରେ ଅସତ୍ୟ ଓ ହିଂସା ରହିବ । ସେଥିପାଇଁ କେବଳ ସତ୍ୟନିଷ୍ଠ, ଅହିଂସା ଓ ପବିତ୍ର ହୃଦୟ ସମ୍ପନ୍ନ ସମାଜବାଦୀମାନେ ଭାରତରେ କିମ୍ବା ପୃଥିବୀରେ ସମାଜବାଦୀ ସମାଜ ପ୍ରତିଷ୍ଠା କରିପାରିବେ ।

ଆମର ପରିବେଶରେ ବୈପ୍ଳବିକ ପ୍ରତିଷ୍ଠା ଆଣିବା ପାଇଁ କିମ୍ବା ବାହ୍ୟ ଶୃଙ୍ଖଳକୁ ଛିନ୍ନ କରିବା ପାଇଁ ଯେତେ ଦୁର୍ବୋଧ ଜଣାଗଲେ ମଧ୍ୟ, ଆତ୍ମଶୋଧନର ଆଧ୍ୟାତ୍ମିକ ଅସ୍ତ୍ର ହେଉଛି - ସବୁଠାରୁ ଫଳପ୍ରଦ ସାଧନା । ଏହା ସ୍ୱଷ୍ଟ ଓ ଅଦୃଶ୍ୟ ଭାବରେ କାମ କରେ । ମୁକ୍ତି ପାଇବାର ଏହା ସିଧାସଳଖ, ନିଶ୍ଚିତ ଓ ତୁରନ୍ତ ପଥ ଏବଂ ଏଥିପାଇଁ ଆବଶ୍ୟକ ବିଶ୍ୱାସ, ପର୍ବତ ପରି ଅଟଳ ଅଚଳ ବିଶ୍ୱାସ, ଅହେତୁକ ବିଶ୍ୱାସ ।

ମୋର ଦେଶବାସୀଙ୍କର ଦୁଃଖ-ଦୈନ୍ୟର ପ୍ରତିରୋଧ ଅପେକ୍ଷା ମଣିଷ ପ୍ରକୃତିର ପଶୁତ୍ୱର ପ୍ରତିରୋଧରେ ମୋର ବେଶୀ ଆଗ୍ରହ ରହିଛି । ମୁଁ ଜାଣେ ଯେ, ଯେଉଁ ଲୋକ ସ୍ୱେଚ୍ଛାକୃତ ଭାବରେ ଦୁଃଖ-ଦୈନ୍ୟ ସହ୍ୟ କରନ୍ତି, ସେମାନେ ନିଜକୁ [illegible] ଦ୍ୱାରା ମାନବ ଜାତିକୁ ଉନ୍ନତ କରନ୍ତି । କିନ୍ତୁ

ପ୍ରାଣୀମାନଙ୍କର ମଙ୍ଗଳକାମନାର ଆନ୍ତରିକତା ସହିତ କରିବା ହିଁ ମଣିଷର ଉଚିତ ।

ଭଗବାନ ସମ୍ପୂର୍ଣ୍ଣ ଭାବରେ ଏକ ଓ ଅଦ୍ୱିତୀୟ ବୋଲି ମୁଁ ମନେ କରେ ଏବଂ ସେଥିପାଇଁ ମଣିଷ ଜାତି ମଧ୍ୟ ଏକ ବୋଲି ମୁଁ ବିଶ୍ୱାସ କରେ । ମୁଁ ଯଦି ଜଣେ ଏକଛତ୍ର ଶାସକ ହୁଅନ୍ତି, ତାହାହେଲେ ଧର୍ମ ଓ ରାଷ୍ଟ୍ରକୁ ପୃଥକ କରି ରଖନ୍ତି । ଆମେ ଯାହା କିଛି ଜାଣୁ, ତାହା ହେଉଛି ଯେ, ମଣିଷ ନିଜର କର୍ତବ୍ୟ କରି ତାହର ଫଳାଫଳ ଭଗବାନଙ୍କର ହାତରେ ଛାଡ଼ିଦେବା ଉଚିତ । ନିରୀହ ଲୋକଙ୍କୁ ଭଗବାନ ନାମ ଦେଇ ଅତ୍ୟାଚାରିତ କରିବା ଅପେକ୍ଷା ବୃହତ୍ତର ପାପ କିଛି ଅଛି ବୋଲି ମୁଁ ଜାଣେନାହିଁ । କାରଣ, ମୁଁ ଜାଣେ, ଯେଉଁ ବ୍ୟକ୍ତି ସତ୍ୟକୁ ବର୍ଜର୍ନ କର, ସେ ତାହାର ଦେଶକୁ ଏବଂ ତା'ର ନିକଟତମ ଓ ପ୍ରିୟତମ ଆତ୍ମୀୟମାନଙ୍କୁ ସୁଦ୍ଧା ବର୍ଜନ କରିପାରିବ ।

**(୩) ମହାତ୍ମାଗାନ୍ଧୀଙ୍କ ଦୃଷ୍ଟିରେ ସାଧନା ଓ ସାଧ୍ୟ :**

ସାଧନା ଓ ସାଧ୍ୟ ଏହି ଦୁଇଟି ଶବ୍ଦ ମୋର ଜୀବନ ଦର୍ଶନରେ ଏକାର୍ଥବୋଧକ । ଲୋକେ କହନ୍ତି – ସାଧନଗୁଡ଼ିକ ସର୍ବୋପରି କେବଳ ସାଧନାଂ ଛଡ଼ା ଅନ୍ୟକିଛି ନୁହେଁ । ମୁଁ କହିବି ସାଧନା ହିଁ ସର୍ବୋପରି ସବୁକିଛି । ସାଧନା ଯେପରି ହେବ, ସାଧ୍ୟ ସେହିପରି ହେବ । ସାଧନା ଓ ସାଧ୍ୟକୁ ପୃଥକ କରିବା ପାଇଁ କୌଣସି ପ୍ରାଚୀର ନାହିଁ । ବାସ୍ତବିକ, ସ୍ରଷ୍ଟା ଆମ୍ଭମାନଙ୍କୁ ସାଧନାର ଅଧିକାର ଦେଇଛନ୍ତି ଏବଂ ତାହା ଅତ୍ୟନ୍ତ ସୀମାବଦ୍ଧ । ସାଧନାର ଫଳ ଉପରେ କୌଣସି ଅଧିକାର ଦେଇନାହାନ୍ତି । ସାଧନାର ଠିକ୍ ଅନୁପାତ ଅନୁସାରେ ଆମର ଲକ୍ଷ୍ୟ ହାସଲ ହୋଇଥାଏ ।

ଅହିଂସା ଓ ସତ୍ୟ ପରସ୍ପର ଗୋଟିଏ ମୁଦ୍ରାର ଦୁଇପାର୍ଶ୍ୱ ଭଳି । ଅହିଂସା ହେଉଛି – ସାଧନା ଓ ସତ୍ୟ ହେଉଛି ସାଧ୍ୟ । ସାଧନାଟି ସବୁବେଳେ ଆମର ହାତ ପାଆନ୍ତାରେ ଥିବା ଉଚିତ । ଏଣୁ ଅହିଂସା ହେଉଛି ଆମର ପରମ କର୍ତବ୍ୟ । ଆମେ ଯଦି ସାଧନାଟି ଯତ୍ନ ସହକାରେ କରିବା, ତାହେଲେ ଶୀଘ୍ର ହେଉ ବା ବିଳମ୍ୱରେ ହେଉ ଆମେ ଆମର ସାଧନାରେ ନିଶ୍ଚୟ ଉପନୀତ ହେବା । ଆମେ ବହି ବିଷୟଟିକୁ ଥରେ ହୃଦୟଙ୍ଗମ କଲେ ଆମର ଚରମ ବିଜୟ ନିଃସନ୍ଦେହ । ଯେତେ ବାଧାବିଘ୍ନ ଆସୁ, ଆପାତତଃ ଯେତେ ପ୍ରକାରର ବିଫଳତା ଦେଖାଦେଉ, ଆମ୍ଭେ ସତ୍ୟ ଓ ଅନୁସନ୍ଧାନ ପଥକୁ କେବେହେଲେ ପରିତ୍ୟାଗ କରିବା ନାହିଁ, କାରଣ କେବଳ ସତ୍ୟ ହିଁ ବିଦ୍ୟମାନ ଓ ସତ୍ୟ ହିଁ ନିଜେ ଭଗବାନ ।

ସାଧନା ଓ ସାଧ୍ୟ ମଧ୍ୟରେ କୌଣସି ସମ୍ପର୍କ ନାହିଁ ବୋଲି ତୁମର ଯେଉଁ ବିଶ୍ୱାସ ରହିଛି, ତାହା ଏକ ବିରାଟ ଭୁଲ । ଏପରିକି ଯେଉଁ ବ୍ୟକ୍ତିମାନେ ଧାର୍ମିକ ବୋଲି ପରିଚିତ ସେମାନେ ମଧ୍ୟ ଏହି ଭୁଲ ଜରିଆରେ ସାଂଘାତିକ ଅପରାଧମାନ କରିଛନ୍ତି । "ଯେପରି ଭଗବାନ ସେପରି ଭକ୍ତ" – ଏହି





ବିନା ପରିଶ୍ରମରେ
ଯେଉଁ ପଇସା ମିଳେ
ସେ ପଇସା କୋଉଠୁଁ ଆସେ ?
ସେ ତ ଉପାର୍ଜନ ନୁହଁ ।
ସେମିତି ବଡ଼ ବଡ଼ ଘର
ଆଉ ଭଲ ଭଲ ହୋଟେଲରେ
ନୂଆ ନୂଆ ସ୍ତ୍ରୀ ଲୋକମାନଙ୍କୁ
ଦେଖିବା ପାଇଁ
ଅଥବା ଟିଭିରେ
ଓଲଟା ସିଧା
ନାଚ ଦେଖିବା ପାଇଁ
ବହୁତ ବଢ଼ିଆ ।
ମୁଁ ତ ଚଢ଼େଇ କହୁଛି
ମୁଁ ଯାଉଛି, ମୁଁ ଯାଉଛି ।

**(୩୬) ଭ୍ରାନ୍ତି :**

ଅନେକ ସକାଳ ଆଉ ସନ୍ଧ୍ୟାର ମଝିରେ
ସେଇ, ଯେଉଁମାନେ ଠିଆ ହୋଇଥିଲେ
ଆଲୋକକୁ ଉପଭୋଗ କରିବାର
ସାହସ ନ ଥାଇ
ଏବଂ ଅନ୍ଧକାରକୁ ମୁକାବିଲା କରିବା ଭୟରେ ।
ପ୍ରତି ମୁହୂର୍ତ୍ତରେ ମରୁଥିଲେ
ଆପଣାର କ୍ଲୀବତ୍ୱକୁ ଲୁଚାଇବା ପାଇଁ
ଅନେକ ଚିତ୍କାର କରି
ସେମାନେ ଯେ ଗୀତ ଗାଉଥିଲେ ।
ସାଗର, ଶୁଣିଛ ତୁମେ ଆକାଶର ଗୀତ
ଦିଗ୍‌ବଳୟ ନୁହେଁ ତୁମ ସୀମାରେଖା
ସେ ଏକ ଇଲ୍ୟୁସନ, କେବଳ ମରୀଚିକା
ଅନେକ ଅଳୀକ ଭାବନା ପରେ
ଆଉ ଅନେକ ଅହେତୁକ ଅସନ୍ତୋଷ
ଏବଂ ଆନନ୍ଦର ହେତୁ ଭଳି
ତୁମର ଏ ଦିଗ୍‌ବଳୟ ।
ଯେଉଁମାନେ ବିଚାରିଲେ ସାନ୍ନିଧ
ତମ ଦିଗ୍‌ବଳୟର
ଜୀବନର ଚରମ ଉପଲବ୍ଧି
ସେମାନେ ତ ଭୁଲ କଲେ
ଦିଗ୍‌ବଳୟ କେବଳ ଯେ
ଦର୍ଶକର ଭ୍ରାନ୍ତି ।
ତୁମ ଉପକୂଳରେ ଠିଆହୋଇ
ନିଜ ଆଖିର ସୀମାରେଖାରେ ଯେଉଁମାନେ
ତୁମକୁ ମାପିବାକୁ ଚାହାନ୍ତି
ସେମାନେ କ'ଣ ତୁମକୁ ବୁଝନ୍ତି ?
ବୁଝନ୍ତି ? ତୁମର ସୀମାହୀନ
ଆଶା ଓ ଆକାଂକ୍ଷାର କଥା !
ବେଳାଭୂମିର ଛୋଟ ମଣିଷ
ଦିଗ୍‌ବଳୟରେ ତୁମର ତୃଷ୍ଣା ଓ
ଆନନ୍ଦର ତୃପ୍ତି ଦେଖେ ।
ବେଳେ ବେଳେ ମନେହୁଏ
ତୁମେ ବି କ'ଣ ସେମାନଙ୍କ ଭଳି ପାଗଳ ?
ତୁମେ କ'ଣ କେବେ କେବେ
ପ୍ରିୟତମ, ତମ ଆକାଶକୁ ଭୁଲିଯାଅ
ଯାହାକୁ ପାଇବା ପାଇଁ
ନିରନ୍ତର, ଅବିଚ୍ଛିନ୍ନ ଉର୍ଦ୍ଧ୍ୱଗତି ତୁମର ।
ହୋଇପାରେ, କ୍ଲାନ୍ତ ଦେହ

ଉଠିପାରେ ନାହିଁ ।
ସେ ତ ଖାଲି କେତୋଟି ମୁହୂର୍ତ୍ତ
ତା'ପରେ ତ ନିରନ୍ତର ଆକୁଳ ପ୍ରାର୍ଥନା
ବିକଳ କ୍ରନ୍ଦନ – ଆଉ
ଅଦ୍ଭୁତ ପ୍ରତ୍ୟାଶା ।

**(୩୭) କଳ୍ପନା ଓ ବାସ୍ତବ :**

ଏଇ ସେଦିନ କଥା
ଜୀବନାକାଶେ ବାଦଲ ଯେବେ
ଆଣିଲା ଘୋର ବ୍ୟଥା ।
ନୂତନ ଅନୁଭୂତି
ନବୀନ ପ୍ରାଣେ ଛୁଆଁଇଥିଲା
ସୁନା କାଉଁରୀକାଠି ।
ସୁନେଲି ଏ ଦୁନିଆଁ
ସେଇ ଆଖିରେ ଚାହିଁଲି ଯେବେ
ଲାଗିଲା ସବୁ ନୂଆ
ନିଜ ଭିତରେ ବୁଡ଼ି
ବାହାର କଥା ପାସୋରିଗଲି
କର୍ତ୍ତବ୍ୟରେ ହୁଡ଼ି ।
ବିରାଟ ଯେତେ ଆଶା
ଫେରିଲି ଯେବେ ବାସ୍ତବ ରାଜ୍ୟେ
ଭାଙ୍ଗିଲା ସହସା ।
ଆଖି ମେଲିଲି ଯେବେ
ଚଉପାଶେ ମୋ ରହିଛି ଘେରି
ଅସଂଖ୍ୟ କାମ ଭବେ ।
ସେଇ ମୋ ପରିଣତି
ଗୋଲାପୀ ଖାଲି କଳ୍ପନାଟି
ବାସ୍ତବ ମୋ ମୁକ୍ତି ।

**(୩୮) ଭୁଲିବି :**

ଭୁଲିବା ପାଇଁ ଯେ କଥା ଆଜି
ଲାଗିଛି ଏତେ କୋଳାହଳ
ଭୁଲିବି ସାଥୀ ଭରିଦିଅନା
ପ୍ରାଣେ ମୋ ଆଉ ହଳାହଳ ।
ଜୀବନେ ଯଦି ଭୁଲ କେ କରେ
ତା' ପାଇଁ ସିନା ପ୍ରାୟଶ୍ଚିତ
ଭୁଲ ନ କରି ସହିବ କିଏ
ଅସଂଖ୍ୟ ଦୁଃଖ ଅବସାଦ ।
ଦୁନିଆ ଯଦି ଭୁଲ ବୁଝିବ
ନାହିଁ ମୋ ତହିଁ ଭ୍ରାନ୍ତି ଭୟ ।
କର୍ତ୍ତବ୍ୟ ପଥେ ଅଟଳ ଥିଲେ
ଜାଣେ ମୋ ନାହିଁ ପରାଜୟ ।
ଗୃହ ବାହାରେ ଦୁନିଆ ପରେ
ଘେରିଛି କାମ ଅଗଣନ
ଆପଣା ପାଇଁ ଭାବିବି କେହ୍ନେ !
ଜୀବନ କରି ସର୍ବାଙ୍ଗୀନ
ଧରିଛି ଦୃଢ଼େ କର୍ତ୍ତବ୍ୟ ମୋତେ
ଟାଣ କରି ତା' ହାତମୁଠା
ମିନତି ଆଉ କରାନା ସାଥୀ
ଆଉ ଦିଅନା ପ୍ରାଣେ ବ୍ୟଥା
ଭୁଲିବି ଆଜି ଶେଷ ଏ କଥା
ଏହି ମୋରହ ଦୃଢ଼ପଣ
ସମାପ୍ତ ହେଉ ଗୋଲାପୀ ଛବି
ଜଳୁ ମୋ ପ୍ରାଣେ ହୁତାଶନ ।

**(୩୯) ମୃତ୍ୟୁ ତୁମରେ ଚାହେଁ :**





ଜଗତ ଧରି ରଖିଛି । ପ୍ରେମ ବିନା ଜୀବନ ହିଁ ମୃତ୍ୟୁ ।

ସତ୍ୟ ବ୍ୟତୀତ ଅନ୍ୟ କାହାର ପ୍ରତି ମୋର ଅନୁରକ୍ତି ନାହିଁ । ସତ୍ୟ ବ୍ୟତୀତ ଅନ୍ୟ କାହାର ଶୃଙ୍ଖଳା ମୁଁ ମାନେ ନାହିଁ । ସତ୍ୟ ହେଉଛି – ପ୍ରଥମ ବସ୍ତୁ । ଯାହାକୁ ଖୋଜିବାକୁ ହେବ ଏବଂ ସୌନ୍ଦର୍ଯ୍ୟ ଓ ସଦ୍‌ଗୁଣ ତା'ପରେ ତୁମ ନିକଟକୁ ଆସିବ । ଭଗବାନଙ୍କର ବ୍ୟାଖ୍ୟା କରିବା କଷ୍ଟକର, କିନ୍ତୁ ସତ୍ୟର ବ୍ୟାଖ୍ୟା ପ୍ରତ୍ୟେକ ମଣିଷର ହୃଦୟରେ ଭରି ରହିଛି । ଭଗବାନଙ୍କର ବାଣୀ ହେଉଛି "ଉଦ୍ୟମୀ ଲୋକର କେବେହେଁ ବିଳୟ ନାହିଁ ।" ଏହି ପ୍ରତିଶ୍ରୁତିରେ ମୋର ଗଭୀର ବିଶ୍ୱାସ ରହିଛି ।

ମୁଁ ସତ୍ୟର ଜଣେ ଅନୁସନ୍ଧିତ୍ସୁ ମାତ୍ର । ସେଥିପାଇଁ ମୁଁ ଗୋଟିଏ ପନ୍ଥା ଖୋଜି ପାଇଛି ବୋଲି ଦାବି କରୁଛି । ସତ୍ୟକୁ ସମ୍ପୂର୍ଣ୍ଣ ଭାବରେ ପାଇବା ଅର୍ଥ ନିଜକୁ ଓ ନିଜର ଲକ୍ଷ୍ୟସ୍ଥଳକୁ ଉପଲବ୍ଧି କରିବା । ଅର୍ଥାତ୍ ଦୋଷମୁକ୍ତ ହେବା । ପୃଥିବୀ ଭିତରେ ଘନ ଅନ୍ଧକାରକୁ ଆଲୋକିତ କରିବା ùcûe _[ ùaûi òcûe@ òba Keò@Qôö cûRùY i ^Úùaûi òeûRù^ZòK ^ûj ñ Kòeê i ZýUûCyZc mûÿ ùj ûA[ ûeêùaùk ùaùk ùcûe KûcMëWÿK CyZc eûR^ ûZò Kcð_eòù\ LûGûG ö @ûõ û@ûi_I ûi Zýe @ûgûKêcûùagú aêS ùaûi òùaûj ùj CQôö i ZýVûe ùcûe @û^ òpûZ aòûû ù~ûMûcû^Re gûùKêaRûi eLûeûe i c[ðùj ûA_ûeQôö cûRùY Nûý aýqòùj ûA_ûe, Kòeêù~ùZùaùk ùcûbûZùe i ZýK[ ûKùj , ùi ùZùaùk cû@_eûRd ö

_ûòû_Rûe ùcûe @ûòûû ^ûûõ ùMûûG _ûòûùcûbûZùe gûûû bqò bûa Cù\ ûK Keò_ûe ^ûûõ Kòê_ûòû_RûcYb _ûZò ùMûûG @v ùaûi òcû bûa ö ùcûRûa^ùe aòeûj Kòûabûòcûù\ Lûûõ cûù~ùZùaùk ùKûýi ò @_eûj úùf ûKuêù\ ùL ùi ùZùaùk cû^òR bûa cûc¤ @_eûj KeQôö ùcûe Rûa^Uò@ûeòûc Kûòû bûZùe @ûÿ¦cd ö G ù\ j e @ûagýKZûaeòûe @Kûe I ^ûû_e bûaùe cûù~ i òMûc KeQòGj òbûa ^ûùcûZ a□ûA eLQôö

cj ûûMee ùMûûG Rkaòê^òR i ùPZ^ ^[ ûf iòûZûûcj ûûMee cj ûûZûaj ^ KeòûGö cûRùY @c^ûd @ûûûûú, KûeY cû^ûR C_ùe aòûû Kùe ö ùcûe Mbûe ^cûZûbûeêcûGj ûKj Qôö ùcûe ] cða¦ûûKûe ] cû^ûj ñ bMaû ue iûò ^ûKûZc _ûAñi òûG[ ûe iûÿ @Qôö bMaû ue \ûùe RùY _û_úRùY i ^Új ûZ i cû ö Cbùd Zûe i «û, Zûe iûö BgûU iû i cÉ

ଆମକୁ ଯଦି ସତ୍ୟର ସମ୍ପୂର୍ଣ୍ଣ ସନ୍ଧାନ ମିଳିଗଲା, ତାହେଲେ ଆମେ ଆଉ କେବଳ ଅନୁସନ୍ଧାନୀ ହୋଇ ରହିବା ନାହିଁ । ଆମେ ସବୁବେଳେ ଭଗବାନଙ୍କ ସହିତ ଏକ ହୋଇଯିବା । କାରଣ-ସତ୍ୟ ହିଁ ଭଗବାନ । ଅନ୍ୟାନ୍ୟ ବିଶ୍ୱାସ ପ୍ରତି ଭକ୍ତି ଯୋଗୁଁ ସେଥିରେ ଥିବା ଦୋଷ ଦୁର୍ବଳତା ପ୍ରତି ଆମେ ଆଖି ବନ୍ଦ କରିବାର ଆବଶ୍ୟକତା ନାହିଁ । ମୋର ବିଶ୍ୱାସ ଯେ, ଆମେ ମଣିଷକୁ ଭୟ ନ କରୁ । ଈଶ୍ୱରଙ୍କ ସଂକଳ୍ପ ମୋ ପାଖରେ କୌଣସି ବିଶେଷ୍ୟ ଭାବରେ ପ୍ରକାଶିତ ହୋଇନାହିଁ । ମୁଁ ନିଶ୍ଚୟ ଯିବି – ଭଗବାନ ହିଁ ମୋର ଏକମାତ୍ର ପଥ ପ୍ରଦର୍ଶକ । ଖାଣ୍ଟି ବୈଜ୍ଞାନିକ ଅର୍ଥରେ ଭଗବାନ ଭଲ ଓ ମନ୍ଦ ଉଭୟର ଗଭୀରତମ ପ୍ରବେଶରେ ରହିଛନ୍ତି । ଆମେ ନିଜକୁ ଶୂନ୍ୟ ପର୍ଯ୍ୟନ୍ତ ପରିଣତ ନ କଲା ପର୍ଯ୍ୟନ୍ତ ଆମ ଭିତରେ ଥିବା ମନ୍ଦକୁ ନଷ୍ଟ କରିପାରିବା ନାହିଁ । ଧର୍ମ ବ୍ୟତୀତ ମୁଁ ମୁହୂର୍ତ୍ତେ ମଧ୍ୟ ବଞ୍ଚିପାରନ୍ତି ନାହିଁ । ମୋ ମତରେ ଧର୍ମହୀନ ରାଜନୀତି ସମ୍ପୂର୍ଣ୍ଣ ଭାବରେ ଆବର୍ଜନା, ତାହା ସବୁବେଳେ ପରିତ୍ୟଜ । ସେଥିପାଇଁ ରାଜନୀତିରେ ଆମକୁ ସ୍ୱର୍ଗରାଜ୍ୟ ପ୍ରତିଷ୍ଠା କରିବାକୁ ହେବ ।

ବିଶ୍ୱାସ ହିଁ ଆମକୁ ଉନ୍ମୁକ୍ତ ସାଗର ଭିତରେ ପଥ ଦେଖାଇଥାଏ । ବିଶ୍ୱାସ ହିଁ ପର୍ବତ ଟଳାଏ । ପୁଣି ବିଶ୍ୱାସ ହିଁ ମହାସାଗର ଲଂଘନ କରାଏ । ହିନ୍ଦୁଧର୍ମଶାସ୍ତ୍ରରେ ଯାହାକୁ ବିଷ୍ଣୁ ସହସ୍ରନାମ କୁହାଯାଏ, ତାହା ମୁଁ ମୋର ଯୌବନର ପ୍ରାରମ୍ଭରେ ଜପ କରିବାକୁ ଶିଖିଥିଲି । ଯେଉଁମାନେ ଭଗବାନଙ୍କୁ ପ୍ରେମ ବୋଲି କହନ୍ତି ମୁଁ ମଧ୍ୟ ସେମାନଙ୍କ ସହିତ କହେ, ଭଗବାନ ପ୍ରେମ ଅଟନ୍ତି । ଭଗବାନଙ୍କ ସମ୍ପୂର୍ଣ୍ଣ ବର୍ଣ୍ଣନା କରିବା ପାଇଁ ଯଦି ମଣିଷର ଭାଷା ପକ୍ଷରେ ସମ୍ଭବ ହୁଏ, ତାହେଲେ ମୁଁ ଏହି ସିଦ୍ଧାନ୍ତରେ ଉପନୀତ ହୋଇଛି ଯେ, 'ଭଗବାନ ସତ୍ୟ ଅଟନ୍ତି' ।

ନିର୍ମଳ ସତ୍ୟ ଦୃଷ୍ଟିରୁ ଆମର ଶରୀର ମଧ୍ୟ ଆମର ଗୋଟିଏ ଅଧିକାର । ଯଥାର୍ଥରେ କୁହାଯାଇଛି, ଭୋଗର କାମନା ଯୋଗୁଁ ଆତ୍ମା ପାଇଁ ଶରୀର ସୃଷ୍ଟି ହୋଇଛି । ଯେତେବେଳେ ଏହି କାମନାର ବିଲୋପ ହେବ, ସେତେବେଳେ ଶରୀରର ଆଉ ଆବଶ୍ୟକତା ରହିବ ନାହିଁ ଏବଂ ମଣିଷ ଜନ୍ମ-ମରଣର ବାତଚକ୍ରରୁ ମୁକ୍ତ ହେବ । ସତ୍ୟ କ'ଣ ଗୋଟିଏ ଜଟିଳ ପ୍ରଶ୍ନ । କିନ୍ତୁ ଏକଥା କହି ମୋ ପାଇଁ ଏହି ପ୍ରଶ୍ନଟିର ସମାଧାନ ମୁଁ କରିଛି ଯେ, ସତ୍ୟ ହେଉଛି ଯାହା ତୁମର ଅନ୍ତରବାଣୀ ତୁମକୁ କହେ । ମଣିଷର ମନ ଅସଂଖ୍ୟ ମାଧ୍ୟମ ଦେଇ କାମ କରୁଥିବାରୁ ଏବଂ ମନର ବିବର୍ତ୍ତନ ସମସ୍ତଙ୍କ ନିକଟରେ ସମାନ ନହୋଇଥିବାରୁ ବୁଝାଯାଏ ଯେ, ଯାହା ଜଣକ ପାଇଁ ସତ୍ୟ, ତାହା ଅନ୍ୟଜଣଙ୍କ ପାଇଁ ଅସତ୍ୟ ହୋଇପାରେ । ତେଣୁ ସତ୍ୟ ପ୍ରତ୍ୟେକ ମଣିଷର ହୃଦୟରେ ବାସ କରେ ଏବଂ ମଣିଷକୁ ସେହିଠାରେ ତାହାର ସନ୍ଧାନ କରିବାକୁ ହେବ । ଜୀବନ ଗୋଟିଏ ଅଭୀପ୍ସା । ପୂର୍ଣ୍ଣତା ପାଇଁ ଉଦ୍ୟମ କରିବା ଏହାର ଲକ୍ଷ୍ୟ । ଏହି ପୂର୍ଣ୍ଣତା ହେଉଛି – ଆତ୍ମ ଉପଲବ୍ଧି । ମୋର ଲେଖାଲେଖି ଗୁଡ଼ିକରେ ଅସତ୍ୟ ପାଇଁ କୌଣସି ସ୍ଥାନ ରହି ନ ପାରେ । ମୋର ଦୃଢ଼ ବିଶ୍ୱାସ ଯେ, ପ୍ରେମ ଦ୍ୱାରା





ହତାଶେ ଯେବେ ପ୍ରାଣ ମୋର ପୂରେ
ଦୁଃଖ ଯେବେ ନିବିଡ଼ ହୁଏ
ବିପଦ ଘନ ଅମାଅନ୍ଧାରେ
ପ୍ରାଣ ଯେ ମୋର ତୁମରେ ଚାହେଁ ।
କଞ୍ଚନାର ରାଇଜେ ବୁଲି
ବାସ୍ତବେ ମୁଁ ଯେବେ ଗୋ ଫେରେ
ଦୁନିଆ ସାରା ବିପଦ ଖାଲି
ମୃତ୍ୟୁ, ମୁଁ ଯେ ତୁମରେ ଲୋଡ଼େ ।
ଜୀବନେ ଯେତେ ବିପଦ ଢେଉ
କରମ ପଥେ ବାଧା ମୋ ସୃଜେ
ସହି ନ ପାରେ ସେ ଝଞ୍ଜା ଆଉ
ମୃତ୍ୟୁ, ମୁଁ ଯେ ତୁମରେ ଖୋଜେ ।
କହିବେ ମୋତେ ଶାନ୍ତିକାମୀ
ଭୟ ମୁଁ ପାଏ ସଂଗ୍ରାମରେ
ବିଶ୍ୱ ଯେବେ ପ୍ରଳୟମୁଖୀ
ଭୀରୁ ମୁଁ ଆଜି ତୁମରେ ଲୋଡ଼େ ।
ଉତର ତା' ଦେବିନି କିଛି
ଗୋଟିଏ ଖାଲି କହିବା କଥା
ପାରେନି କରି ଯା' ଥିଲି ଇଚ୍ଛି
(ତେଣୁ) ମୃତ୍ୟୁ, ତୁମେ ହର ମୋ ବ୍ୟଥା ।

**(୪୦) ଅଭିଶପ୍ତା ନାରୀ :**

ଶ୍ରାବଣର ଏକ ବର୍ଷାରାତି
ପଥଘାଟ କର୍ଦ୍ଦମାକ୍ତ
ଯାନ ଆଦି ନାହିଁ ଚଳେ
ଲିଭିଅଛି ଚଉଦିଗୁଁ ବତି ।
ସେପାରିର ଶମଶାନ ଦେହୁ
ଶ୍ୱାନ ଶୃଗାଳର ରାବ
ଥରି ଥରି ଆସେ ଭାସି
ଗଛ ତଳେ ଚିତା ଜଳେ ଧୂ ଧୂ ।
ସହରର ଦୋମହଲା ଘରୁ
ଖାଦ୍ୟର ସୁମିଷ୍ଟ ଗନ୍ଧ
ପବନରେ ଭାସିଆସେ
ଭାଗ୍ୟବାନ ସେମାନେ ଜନ୍ମରୁ ।
ଘର ପାଶେ ମଟର ଗ୍ୟାରେଜ
ବସିଅଛି ନାରୀ ଏକ
କ୍ଷୁଧାରେ ବିବର୍ଣ୍ଣ ମୁଖ
ଦେହେ ନାହିଁ ବସ୍ତ୍ର ତା'ର
ଢାଙ୍କିବାକୁ ଲାଜ ।
ନିକଟରେ ବସି ଶିଶୁ ଏକ
ଶୁଖିଲା ଚମ ଓଟାରି
ପାଟିରେ ଭରତି କରି
କ୍ଷୀର ବିନା କାନ୍ଦି କହେ
ଭୋକ ମା' ଭୋକ ।
ନାରୀ ପରା ଜଗତଜନନୀ
ଲକ୍ଷ୍ମୀ ରୂପେ ପାଏ ପୂଜା
କେବେ ପୁଣି ଦଶଭୁଜା
(ଆଜି) ଉଚ୍ଛିଷ୍ଟ ଖାଏ,
ସେହୁ ଅମୃତ ମଣି ।
ଚାଲିଯାନ୍ତି ସେହି ପଥେ କେତେ ଯାନ ଜନ
ଥରେ ସୁଦ୍ଧା ନ ଚାହାନ୍ତି
କେହି ତାକୁ ବାରେ
କରିଥିଲା ପାପ ଅବା
ସେ କେଉଁ ଜନ୍ମରେ
ତେଣୁ ଦାରିଦ୍ର୍ୟତା ବେଢ଼ିଛି ତା

ସମସ୍ତ ଜୀବନ ।
ସମାଜର ଅଭିଶପ୍ତା ତୁମେ ଆଜି ନାରୀ
କିନ୍ତୁ ତବ ବିନା କ୍ଷଣହେଁ ନ ଚଳେ
ସେ କଥା କି କେବେ କେହି ଭାଳେ
ତେଣୁ ଆଜି ତୁମ ଦଶା ଉତ୍‌ଥାନ ବଇରୀ ।

**(୪୧) ଠିକଣା ହଜିଗଲା :**

ଏଇ ପଚାଶ ବର୍ଷର ଅବଧି ଭିତରେ
ମୁଁ ଅନେକ ଦିନରୁ ସଯତ୍ନରେ ରଖିଥିବା
ସବୁକିଛି ଅସ୍ତବ୍ୟସ୍ତ ହୋଇଗଲା-
ମୋ ମନରେ ଏପର୍ଯ୍ୟନ୍ତ ସତେଜ ରହିଛି
ସବୁ ନମସ୍ୟାମାନଙ୍କର ସ୍ମୃତି
ମୋ ଆଖି ଆଗରେ ଭାସିଯାଉଛି
ସେମାନଙ୍କର କୃତସଂକଳ୍ପ ମୁହଁମାନ
ସରଳା ଦେବୀ, ମା ରମାଦେବୀ, ନାନୀ ପ୍ରଭାବତୀ,
ଚୁନିଅପା, ଅନ୍ନପୂର୍ଣ୍ଣା, ନୁମା ମାଳତୀଦେବୀଙ୍କୁ-
କିନ୍ତୁ କାହାରି ଠିକଣା ମୋ ପାଖରେ ନାହିଁ ।
ଯଦି ମୋ ପାଖରେ
ତମର ଠିକଣା ଥାଆନ୍ତା,
ସରଳାଦେବୀ - ମୁଁ ତୁମକୁ ଚିଠି ଲେଖି
ଏଭଳି ଅନେକ ପ୍ରଶ୍ନ କରିଥାନ୍ତି
ଯାହା ମୋ ମନକୁ ବିବ୍ରତ କରୁଛି
ସ୍ୱାଧୀନତାର ଏତେ ବର୍ଷ ପରେ ବି ।
ସ୍ୱାଧୀନତା କଥାରୁ, ସରଳା ଦେବୀ,
ମୋ ମନକୁ ପ୍ରଶ୍ନ ଆସୁଛି-
କାହାର ସ୍ୱାଧୀନତା, କିଭଳି ସ୍ୱାଧୀନତା
ସେ ଲୋକର ସ୍ୱାଧୀନତା କ'ଣ,
ଯାହା ପାଖରେ କିଛି ବି ନାହିଁ
କି ଲାଭ ସେଭଳି ସ୍ୱାଧୀନତାରେ
ଯାହା ମଣିଷ ପାଖରୁ ସବୁକିଛି ଛଡ଼ାଇ ନିଏ ?
ତମେ କ'ଣ ସଂଗ୍ରାମ କରିଥିଲ, ସରଳା ଦେବୀ,
ଏଭଳି ସ୍ୱାଧୀନତା ପାଇଁ ?
ତମେ କ'ଣ ଜେଲ୍ ଯାଇଥିଲ,
ସ୍ୱାଧୀନତା ନାଆଁରେ ଦେଶ ଏଭଳି
ବିଭିନ୍ନ ଶୃଙ୍ଖଳରେ ବାନ୍ଧି ହୋଇଯିବ ବୋଲି ?
ଯଦି ମୋ ପାଖରେ, ମା ରମାଦେବୀ
ତମର ଠିକଣା ଥାଆନ୍ତା,
ମୁଁ ତମକୁ ଚିଠି ଲେଖି ପଚାରିଥାଆନ୍ତି
ତମେ ଯେଉଁ ଗଣତନ୍ତ୍ର ପାଇଁ
ନିଜର ଜୀବନକୁ ତିଳ ତିଳ କରି
ଉତ୍ସର୍ଗ କରିଦେଲ
ଆଜି କାହିଁ ସେ ଗଣତନ୍ତ୍ର ?
ଭୋଟ ଯେଉଁଠାରେ ବିକ୍ରି ହୁଏ
କ୍ଷମତାରେ ଥିବା ଲୋକମାନେ ଯେଉଁଠି
ଚଉକିକୁ ଜାବୁଡ଼ି ଧରନ୍ତି
ସାଧାରଣ ନିର୍ବାଚନ
ଯେଉଁଠି ହୁଏ ଏକ ପ୍ରହସନ
ବିଧାନସଭାମାନଙ୍କରେ ଘୋଡ଼ାବେପାର
ଚାଲିଥାଏ
ଦଳ ବଦଳ, ଅତି ଏକ ସାଧାରଣ କଥା
ତମେ କ'ଣ ଚାହିଁଥିଲ
ଏଇଭଳି ସ୍ୱାଧୀନତା ?
ଯଦି ମୋ ପାଖରେ





କୋରାନ୍ ଓ ଜେଣ୍ଡ ଆଭେସ୍ତା ମଧ୍ୟ ବେଦ ପରି ଈଶ୍ୱର ପ୍ରେରିତ । ମନ୍ଦିର ହେଉ, ମସଜିଦ୍ ହେଉ କିମ୍ବା ଗୀର୍ଜା ହେଉ - ଭଗବାନଙ୍କର ଏହି ଭିନ୍ନ ଭିନ୍ନ ପୂଜାପୀଠ ମଧ୍ୟରେ ମୁଁ କୌଣସି ଭେଦଭାବ ପୋଷଣ କରେନାହିଁ । ବିଶ୍ୱାସ ଅନୁସାରେ ସେଗୁଡ଼ିକ ତିଆରି ହୋଇଛନ୍ତି । ପ୍ରାର୍ଥନା ମୋର ଜୀବନକୁ ରକ୍ଷା କରିଛି । ତାହା ବ୍ୟତୀତ ବହୁ କାଳରୁ ମୁଁ ପାଗଳ ହୋଇଯାଇଥାନ୍ତି । ସାଧାରଣତଃ ତଥା ଘରୋଇ କ୍ଷେତ୍ରରେ ମୁଁ ତିକ୍ତ ଅନୁଭବତା ମୁଁ ଭୋଗିଛି । ହତାଶରୁ ମୁକ୍ତି ପାଇବା ପାଇଁ ମୁଁ ଯଦି ସକ୍ଷମ ହୋଇଥାଏ ତାହାର କାରଣ ହେଉଛି ପ୍ରାର୍ଥନା । ପୃଥିବୀର ତିନିଜଣ ମହାଚାର୍ଯ୍ୟ - ବୁଦ୍ଧ, ଯିଶୁ ଓ ମହମ୍ମଦ ସନ୍ଦେହାତୀତ ଦୃଷ୍ଟାନ୍ତ ଦେଖାଇ ଯାଇଛନ୍ତି ଯେ, ସେମାନେ ପ୍ରାର୍ଥନା ଜରିଆରେ ଆଲୋକପ୍ରାପ୍ତ ହୋଇଥିଲେ ।

ମଣିଷର ଚରମ ଲକ୍ଷ୍ୟ ହେଲା, ଈଶ୍ୱର ଉପଲବ୍ଧି ଏବଂ ତାହାର ସମସ୍ତ କାର୍ଯ୍ୟକଳାପ- ରାଜନୈତିକ ହେଉ, ସାମାଜିକ ହେଉ କିମ୍ବା ଧର୍ମ ସମ୍ବନ୍ଧୀୟ ହେଉ, ସେସବୁକୁ ତା'ର ଚରମ ଲକ୍ଷ୍ୟ ଈଶ୍ୱର ଦର୍ଶନ ଦ୍ୱାରା ପରିଚାଳିତ କରିବାକୁ ହେବ । ମୁଁ ସମୁଦାୟର ଏକ ଅଂଶ ବିଶେଷ ଏବଂ ମଣିଷ ଜାତି ଛଡ଼ା ଅନ୍ୟ କେଉଁଠି ତାଙ୍କୁ (ଭଗବାନଙ୍କୁ) ପାଇନପାରେ । ମୋର ଦେଶବାସୀ ହେଉଛନ୍ତି ମୋର ନିକଟତମ ପ୍ରତିବେଶୀ । ମୋର ଦୃଢ଼ ବିଶ୍ୱାସ ଯେ, ପୃଥିବୀର ସବୁ ମହତ୍ତ୍ୱ ବିଶ୍ୱାସଗୁଡ଼ିକ ସତ୍ୟ । ମଣିଷର ବହୁ ପ୍ରକାର କ୍ରିୟାକଳାପ ପରି ଧର୍ମ ଗୋଟିଏ କ୍ରିୟା ବୋଲି ମୁଁ ଭାବେନାହିଁ । ଚେତନାଶୀଳ ପ୍ରାଣିମାନଙ୍କର ଏହି ବିଶ୍ୱ ଯେ, ଗୋଟିଏ ନିୟମ ଦ୍ୱାରା ନିୟନ୍ତ୍ରିତ, ଏଥିରେ କୌଣସି ଧରଣର ସନ୍ଦେହ ରହିପାରେ ନାହିଁ । ଆମର ବର୍ତ୍ତମାନର ଜୀବନ ଅତୀତ ଦ୍ୱାରା ନିୟନ୍ତ୍ରିତ ହେଲେହେଁ, ଆମର ଭବିଷ୍ୟତ ସେହି ନିର୍ଦ୍ଦିଷ୍ଟ କାର୍ଯ୍ୟକାରଣ ନିୟମଟି ଅଧୀନରେ ବର୍ତ୍ତମାନର କାର୍ଯ୍ୟଦ୍ୱାରା ହିଁ ପ୍ରଭାବିତ ହେବ ।

ଭଗବାନ ଜଣେ ବ୍ୟକ୍ତି ନୁହନ୍ତି । ଭଗବାନ ହେଉଛନ୍ତି ଜଣେ ଶକ୍ତି । ସେ ଜୀବନର ସାରବସ୍ତୁ । ସେ ପବିତ୍ର ଏବଂ ଅକଳୁଷିତ ଚେତନା । ସେ ଚିରନ୍ତନ । ଆମେ ଯଦି ଭଗବାନଙ୍କୁ ଆମ ନିଜ ଭିତରେ ଆବିଷ୍କାର କରିବା ପାଇଁ ତାଙ୍କରି ନିୟମଗୁଡ଼ିକୁ ପାଳନ କରିପାରିବା, ତାହେଲେ ଆମେ ଯେଉଁ ଜୀବନଶକ୍ତିକୁ ଭଗବାନ ବୋଲି କହୁ, ତାକୁ ଠିକ୍ ସେହିପରି ପାଇପାରିବା । ଭଗବାନଙ୍କୁ ଖୋଜିବା ପାଇଁ କାହାରି ତୀର୍ଥଯାତ୍ରା କରିବାର ଆବଶ୍ୟକତା ନାହିଁ କିମ୍ବା ଠାକୁରଙ୍କର ମର୍ତି ଆଗରେ ଦୀପଧୂପ ଜାଳି ମୂର୍ତ୍ତିକୁ ତୈଳାକ୍ତ କରିବା ଅଥବା ନାଲି ସିନ୍ଦୂରରେ ଚିତ୍ରିତ କରିବାର ଆବଶ୍ୟକତା ନାହିଁ । ଭଗବାନଙ୍କ ବିଷୟରେ ଯାହା ସତ, ଅଳ୍ପ ମାତ୍ରାରେ ହେଲେ ମଧ୍ୟ କେତେକ ମୌଳିକ ନୀତିକୁ ମାନିନେବା ମଧ୍ୟ ସେହଭଳି ସତ୍ୟ । ପ୍ରକୃତରେ ଭଗବାନ କିମ୍ବା ସତ୍ୟ ପ୍ରତି ବିଶ୍ୱାସ ଭିତରେ ସେ ସବୁ ନିହିତ ଥାଏ । ଭଗବାନଙ୍କ ଅଂସଖ୍ୟ ସଂଜ୍ଞା ରହିଛି । କାରଣ ଅସଂଖ୍ୟ ତାଙ୍କର ପ୍ରକାଶ ।

ଏହା ଗୋଟିଏ ଯନ୍ତ୍ରଣାପୂର୍ଣ୍ଣ ଆରୋହଣ । କିନ୍ତୁ ଏହର ଯନ୍ତ୍ରଣାଟି ମୋ ପାଇଁଏକ ଯଥାର୍ଥ ସୁଖ । ମାନବ ଜାତିର ସେବା ଜରିଆରେ ମୁଁ ଭଗବାନଙ୍କ ଦର୍ଶନ ପାଇଁ ଉଦ୍ୟମ କରୁଛି । ମୁଁ ଜାଣେ ଭଗବାନ ସ୍ୱର୍ଗରେ ନାହାନ୍ତି କି ମର୍ତ୍ୟରେ ନାହାନ୍ତି । ସେ ପ୍ରତ୍ୟେକଙ୍କ ମଧ୍ୟରେ ରହିଛନ୍ତି । ବାସ୍ତବିକ - ଧର୍ମ ଆମର ପ୍ରତ୍ୟେକ କ୍ରିୟାରେ ବ୍ୟାପ୍ତ ଥିବା ଉଚିତ । ଏଠାରେ ଧର୍ମକୁ ସାମ୍ପ୍ରଦାୟିକତା ଅର୍ଥରେ କୁହାଯାଉନାହିଁ । ବିଶ୍ୱର ଶୃଙ୍ଖଳିତ ନୈତିକ ଶାସନରେ ବିଶ୍ୱାସ । ଧର୍ମ ସବୁ ସେହି ଗୋଟିଏ ବିନ୍ଦୁ ଅଭିମୁଖୀ ଭିନ୍ନ ଭିନ୍ନ ପଥ । ଜଣେ ବ୍ୟକ୍ତି ଯଦି ତା' ନିଜ ଧର୍ମର ଦୃଢ଼ କେନ୍ଦ୍ରରେ ପ୍ରବେଶ କରେ, ତାହାହେଲେ ସେ ଅନ୍ୟ ଧର୍ମଗୁଡ଼ିକର ଦୃଢ଼ କେନ୍ଦ୍ରସ୍ଥଳରେ ମଧ୍ୟ ପ୍ରବେଶ କରେ । ଦୀର୍ଘ ଅନୁଧ୍ୟାନ ଓ ଅଭିଜ୍ଞତା ପରେ ମୁଁ ଏହି ସିଦ୍ଧାନ୍ତରେ ଉପନୀତ ହୋଇଛି ଯେ, ସବୁ ଧର୍ମ ସତ୍ୟ, ସବୁ ଧର୍ମରେ କିଛି କିଛି ଭୁଲ ରହିଛି, ନିଜର ଘନିଷ୍ଠ ସମ୍ପର୍କୀୟ ଲୋକଙ୍କ ପରି ସବୁ ମଣିଷ ଯେପରି ଆମର ପ୍ରିୟ ହେବା ଉଚିତ ।

ଭଗବାନଙ୍କର ଯେପରି ଭିନ୍ନ ଭିନ୍ନ ଭକ୍ତ ଅଛନ୍ତି, ସେହିପରି ସେ ଭିନ୍ନ ଭିନ୍ନ ବିଶ୍ୱାସ ସୃଷ୍ଟି କରନ୍ତି । ଭଗବାନଙ୍କ ଗୃହରେ ଅନେକ କୋଠରୀ ଅଛି ଏବଂ ସବୁଗୁଡ଼ିକ ସମାନ ଭାବରେ ପବିତ୍ର । ହିନ୍ଦୁ ଦର୍ଶନ ବିଶ୍ୱାସ କରେ ଯେ, ସବୁଧର୍ମ ଭିତରେ ସତ୍ୟର ଉପାଦାନ ହିଁ ନିହିତ ଅଛି ଏବଂ ସମସ୍ତ ଧର୍ମ ପ୍ରତି ହିନ୍ଦୁଦର୍ଶନ ସମ୍ମାନ ଓ ଭକ୍ତିଭୂର୍ଣ୍ଣ ମନୋଭାବ ପୋଷଣ କରେ । ଅବଶ୍ୟ ନିଜ ଧର୍ମ ପ୍ରତି ପ୍ରଥମେ ସମ୍ମାନ ରହିବା ଆବଶ୍ୟକ । ଭାଷା ଅପେକ୍ଷା ଜୀବନ ଜରିଆରେ ଆମେ ନିଜକୁ ପ୍ରକାଶ କରିବା ଅଧିକ ଉତ୍ତମ । ପୁସ୍ତକରୁ ଭଗବାନଙ୍କ ଜ୍ଞାନ ମିଳେନାହିଁ । ନିଜ ଭିତରେ ଏହାକୁ ଉପଲବ୍‌ଧି କରିବାକୁ ହୁଏ ।

ପୃଥିବୀରେ ସବୁ ବୃହତ୍ତ ଧର୍ମଗୁଡ଼ିକର ମୌଳିକ ସତ୍ୟକୁ ମୁଁ ବିଶ୍ୱାସ କରେ । ମୋର ବିଶ୍ୱାସ ଯେ, ସେ ସବୁ ଈଶ୍ୱର ପ୍ରଦତ୍ତ । ଏବଂ ମୁଁ ଆହୁରି ବିଶ୍ୱାସ କରେ ଯେ, ଏହି ଧର୍ମଗୁଡ଼ିକ ଯେଉଁ ଲୋକଙ୍କ ନିକଟରେ ପ୍ରକାଶିତ ହେଲା, ସେହି ଲୋକମାନଙ୍କ ପାଇଁ ତାହା ଆବଶ୍ୟକୀୟ ଥିଲା । ଏକ ଓ ଅଦ୍ୱିତୀୟ ଭଗବାନଙ୍କ ଉପରେ ବିଶ୍ୱାସ କରିବା ସବୁଧର୍ମର ମୂଳପିଣ୍ଡ । କିନ୍ତୁ ପୃଥିବୀରେ ଭବିଷ୍ୟତରେ ଯେ ଗୋଟିଏ ମାତ୍ର ଧର୍ମ କେବେ ପାଳିତ ହେଉଥିବ, ଏହା ମୁଁ ଦେଖୁନାହିଁ । ମୁଁ ବିଶ୍ୱାସ କରେ ଯେ, ପୃଥିବୀର ସବୁ ବଡ଼ ବଡ଼ ଧର୍ମ ଅଳ୍ପେ ବହୁତେ ସତ । ପରିପୂର୍ଣ୍ଣତା । ଏକମାତ୍ର ଭଗବାନଙ୍କର ହିଁ ଗୁଣ ଓ ତାହା ଅବର୍ଣ୍ଣନୀୟ, ଅନିର୍ବଚନୀୟ । ମୁଁ ଏହା ମଧ୍ୟ ବିଶ୍ୱାସ କରେ ଯେ, ଭଗବାନ ଯେପରି ପରିପୂର୍ଣ୍ଣ ପ୍ରତ୍ୟେକ ମଣିଷ ମଧ୍ୟ ସେହିପରି ପରିପୂର୍ଣ୍ଣ ହେବା ସମ୍ଭବ ।

କେବଳ 'ବେଦ'ରେ ଯେ ଈଶ୍ୱରତ୍ୱ ରହିଛି ଏହା ମୁଁ ବିଶ୍ୱାସ କରେନାହିଁ । ବାଇବେଲ୍,





ତମର ଠିକଣା ଥାଆନ୍ତା, ପ୍ରଭାନାନୀ
ମୁଁ ତୁମକୁ ଚିଠି ଲେଖି ପଚାରିଥାଆନ୍ତି
ନଅବର୍ଷର ବିଧବା ବ୍ରାହ୍ମଣୀ ଝିଅ
କାହିଁକି ଉଦ୍‌ବୁଦ୍ଧ ହେଲ
ଏ ଦେଶକୁ ସ୍ୱାଧୀନତା ଆଣିବା ପାଇଁ ?
କେତେ ତ ସହିଲ କଷ୍ଟ
ସେଦିନର ଓଡ଼ିଶାରେ
ଦଶବର୍ଷର
ବ୍ରାହ୍ମଣୀ ଝିଅଟିଏ
ଦାଣ୍ଡରେ ଠିଆ ହୋଇଗଲା
ଦେଶ ଲୋକେ, ଏ ଦେଶକୁ
ରାଜତ୍ୱ କରିବେ ବୋଲି ।
ତମେ ସ୍ୱାଧୀନତା ସଂଗ୍ରାମରେ
ଝାସ ଦେଇଥିଲ,
କାହିଁ ସେ ସ୍ୱାଧୀନତା ଆଜି ?
ଏବେ ତ କହୁଛନ୍ତି
ଦାରିଦ୍ର୍ୟର ସୀମାରେଖା ତଳେ, କେତେ
ଲୋକ ?
କେତେ ହେଲାଣି ପଞ୍ଚବାର୍ଷିକ ଯୋଜନା
କାହିଁ ଦାରିଦ୍ର୍ୟତ ଦୂର ହେଉନାହିଁ ?
ପଚାଶବର୍ଷ ପରେ ବି
ଦଳିତ ହିଁ ରହି ଯାଇଛି ଦଳିତ,
କାହିଁକି ତମ ଜୀବନକୁ
ବଳି ଦେଇଦେଲ
ଜାତି ଓ ସମାଜ ନାଆଁରେ ?
ଯଦି ମୋ ପାଖରେ, ଚୁନି ଅପା
ତମର ଠିକଣା ଥାଆନ୍ତା
ମୁଁ ତୁମକୁ ଚିଠି ଲେଖି ପଚାରନ୍ତି

କାହିଁ ସେ ମୈତ୍ରୀର ଆଦର୍ଶ
ଯାହା ପାଇଁ
ତମେ ସବୁକିଛି ଜଳାଞ୍ଜଳି ଦେଇ
ଦେଇଥିଲ ?
ସେଠାରେ ଆଜି ଜାତି ଜାତି ଭିତରେ କଳି,
ସଂପ୍ରଦାୟ ସଂପ୍ରଦାୟ ମଧ୍ୟରେ ଯୁଦ୍ଧ,
ଧର୍ମ ନାଆଁରେ ଉତ୍ପାତ ।
ଭାଇ ଭାଇ ଭିତରେ ବି ଲଢ଼ାଇ ।
ସେଠି ହଜିଗଲା 'ମାଟିର ମଣିଷ'ର ବରଜୁ ।
ତମେ କ'ଣ ଆଶା କରିଥିଲ
ଶାନ୍ତିନିକେତନରୁ ଯାଇ
ସବୁ ସ୍ୱପ୍ନ ଶ୍ରମ ଦେଇ ତିଆରି କରିବ
ଏପରି ଏକ ଦେଶ, ଯେଉଁଠାରେ
ମଣିଷ ଆଉ ମଣିଷ ଭଳି
ରହିନାହିଁ ।
ଯଦି ମୋ ପାଖରେ, ନୁମା
ତୁମର ଠିକଣା ଥାଆନ୍ତା,
ତେବେ ମୁଁ ଚିଠି ଲେଖନ୍ତି
ଏଇକଥା ଚାହୁଁଥିଲ
କ'ଣ ମାଳତୀ ଦେବୀ ?
ସବୁ ଠିକଣା ହଜିଗଲା ।
ମୋ ପାଖରେ କାହାରି ବି ଠିକଣା ନାହିଁ ।
ପଚାଶବର୍ଷ ପରେ
ତୁମେ ଯେଉଁମାନଙ୍କୁ
ଗଢ଼ିଥିଲ ବୋଲି, ଖୁସି ହେଉଥିଲ
ସବୁ ତ ହଜିଗଲା !
ରମାଦେବୀ, ସରଳାଦେବୀ
ନୁମା, ଚୁନି ଅପା, ପ୍ରଭାନାନୀ-

ତୁମ କାମ, ତୁମ ସ୍ୱପ୍ନ,
ସବୁ ତ ହଜିଗଲା ।
ତୁମ ସମସ୍ତଙ୍କ ଠିକଣା ହଜାଇଦେଇ,
ମୁଁ ବି ବସିଛି, ଅସହାୟ ହୋଇ
ଅନେକ ପ୍ରଶ୍ନମାନଙ୍କୁ ନେଇ
କିନ୍ତୁ କିଏ ଦେବ ତା'ର ଉତର ?

**(୪୨) ସ୍ୱପ୍ନର ସେତୁ :**

ସ୍ୱପ୍ନରେ ସେତୁ ଗଢ଼ିବାରେ
କିଏ କ'ଣ ବାଧା ଦେଇପାରେ ?
ପିଲାଏ ତ ସମୁଦ୍ର ବାଲିରେ
କେତେ ଘର ତୋଳୁଥାନ୍ତି
ପୁଣି ଭାଙ୍ଗି ବି ଦିଅନ୍ତି
ନୂଆ ପ୍ରକାରରେ
ଘର ତୋଳିବା ପାଇଁ ।
ଯେତେବେଳେ ତାଙ୍କୁ ଯାହା
ଭଲ ଲାଗେ
ସେଠି ବି ଦିଅନ୍ତି ଶୁଭ
କାଗଜର ଛୋଟ ପତାକାଟି
ପୋତି
କେତେବେଳେ ପବନ
ଉଡ଼ାଇନିଏ ସେ ପତାକା
ଆଉ ଦଳେ ସାଙ୍ଗ ଆସନ୍ତି
ଉଦ୍‌ଘାଟନ କରିବାକୁ
ଆହା, ସେତୁ କାହିଁ
ନାଳରେ ତ ପାଣି ନାହିଁ ।
ଛୋଟ ଛୋଟ ଶାମୁକାର ଘେର
ସେତୁର ତିନି ଦିଗରେ
ବସିବେ ସେଠାରେ ପୁଣି
ଭି.ଆଇ.ପି. ଆଉ ଭି.ଭି.ଆଇ.ପି
ଲୋଡ଼ା ସେଠି ଚାରିଖଣ୍ଡ
କୁରସି
ନାଲି ନେଳି ରଜାମାର୍କା
କହିଥିଲେ କେବେ
ଅଠଚାଳିଶ ମସିହାରେ
ରାଜ ଗଲେ, ଜମିଦାର ଗଲେ
ତୁମେ ରଜା
ଉଡୁଥାଉ ତମ ଜୟବାନା
ଗାଉ ଗାଉ ଗୀତ ଏଠି
ଟିଭି ଓ ରେଡ଼ିଓ ।
ତୁମେ ତ ମହାନ୍
ଦେଶର ରକ୍ଷକ ତୁମେ
ଭକ୍ଷକ ବି
ତୁମ ପାଇଁ ସବୁ
ଖୋଲାମେଲା
ଚଉକିରେ ଥରେ ବସିଗଲେ
ଚମକରେ ସାରା ଧରା
ଉଚ୍ଛୁଳି ଉଠିବ
ଖାଲି ଜୟଧ୍ୱନି
ଥରେ ନୁହେଁ
ବାରମ୍ବାର
ଆକାଶ କମ୍ପିବ ।
ସତେ କ'ଣ ଆକାଶକୁ
ଛୁଏଁ ସେଇ ଧ୍ୱନି
ସେ ତ ନିର୍ବିକାର



ସାରସ୍ୱତସାଧିକା ନନ୍ଦିନୀ ଶତପଥୀ

ସଞ୍ଚାର ସୀମାକୁ କିଏ ଲଙ୍ଘନ କରିପାରେ !

କିନ୍ତୁ – ଭଗବାନ ଯଦି କେବେ କେବଳ ବୁଦ୍ଧିକୁ ସନ୍ତୁଷ୍ଟ କରୁଥାନ୍ତି, ତାହେଲେ ସେ ଭଗବାନ ନୁହନ୍ତି । ଭଗବାନ ଯଦି ହୃଦୟକୁ ଶାସନ କରୁଥାନ୍ତି ଏବଂ ତାକୁ ରୂପାନ୍ତରୀତ କରୁଥାନ୍ତି, ତାହାହେଲେ ହିଁ ସେ ଭଗବାନ । ଆମର ପାଞ୍ଚ ଗୋଟି ଇନ୍ଦ୍ରିୟର ଉପଲବ୍ଧି ଠାରୁ ଅଧିକ ବାସ୍ତବ ଏକ ନିର୍ଦ୍ଦିଷ୍ଟ ଉପଲବ୍ଧି ଜରିଆରେ ହିଁ ତାହା ହୋଇପାରିବ । ଇନ୍ଦ୍ରିୟର ଅନୁଭୂତି ଆମକୁ ଯେତେ ବାସ୍ତବ ଜଣାଗଲେ ମଧ୍ୟ ତାହା ମିଛ ଓ ପ୍ରତାରଣାପୂର୍ଣ୍ଣ ହୋଇପାରେ । ମୋ ବିଚାରରେ ଭଗବାନ ହିଁ ସତ୍ୟ ଓ ପ୍ରେମ । ଭଗବାନ ହିଁ ନୀତିଶାସ୍ତ୍ର ଓ ନୈତିକତା, ଭଗବାନ ହେଉଛନ୍ତି ନିର୍ଭୟତା, ଭଗବାନ ହେଉଛନ୍ତି ଆଲୋକ ଓ ଜୀବନର ମୂଳସୂତ୍ର । ତାହାହେଲେ ମଧ୍ୟ ସେ ସବୁର ଉର୍ଦ୍ଧ୍ୱସ୍ଥ ଓ ଅତୀତ । ଭଗବାନ ହେଉଛନ୍ତି – ବିବେକ । ସେ ପବିତ୍ରତମ ଉପାଦାନ ଯେଉଁମାନଙ୍କର ବିଶ୍ୱାସ ଅଛି, ସେମାନଙ୍କ ପାଇଁ ସେ କେବଳ ଅଛନ୍ତି । ସବୁ ମଣିଷଙ୍କ ପାଇଁ ସେ ସବୁ ନିଜିଷ । ସେ ଆମ୍ଭମାନଙ୍କର ଓଠରୁ ପାତ୍ରକୁ ଛଡ଼ାଇ ନିଅନ୍ତି । ସ୍ୱାଧୀନ ଇଚ୍ଛାର ଆବରଣ ତଳେ କେବଳ ତାଙ୍କ ନିଜର ଆମୋଦ ପାଇଁ ଆମ୍ଭମାନଙ୍କୁ ନିତାନ୍ତ ଅଳ୍ପ ସୁବିଧା ଦିଅନ୍ତି । ସେଥିପାଇଁ ହିନ୍ଦୁଧର୍ମ ଏ ସବୁକୁ ତାଙ୍କରି ଲୀଳା ବୋଲି ଅଭିହିତ କରିଅଛି ।

ସତ୍ୟର ଜାଗତିକ ଓ ସର୍ବବ୍ୟାପୀ ଚେତନାକୁ ମୁହାଁମୁହିଁ ଦେଖିବାକୁ ହେଲେ ସୃଷ୍ଟିର ତୁଚ୍ଛତମ ପଦାର୍ଥକୁ ସୁଦ୍ଧା ନିଜପରି ପ୍ରେମ କରିବାକୁ ହେବ । ଯେଉଁ ମଣିଷ ସେହି ବିଷୟ ପାଇଁ ଅଭୀପ୍‌ସା କରେ, ସେ ଜୀବନରେ କୌଣସି କ୍ଷେତ୍ରରୁ ଅଲଗା ରହିପାରିବ ନାହିଁ । ସେଥିଯୋଗୁଁ ସତ୍ୟ ପ୍ରତି ମୋର ଆନ୍ତରିକତା ମୋତେ ରାଜନୀତି କ୍ଷେତ୍ରକୁ ଟାଣିଆଣିଛି । ମୁଁ କହିପାରେ ରାଜନୀତି ସହିତ ଧର୍ମର କୌଣସି ସମ୍ପର୍କ ନାହିଁ । ସମସ୍ତ ଜୀବନ୍ତ ବସ୍ତୁ ସହିତ ଏକାତ୍ମତା, ଆତ୍ମଶୋଧନ ବ୍ୟତୀତ ଅସମ୍ଭବ । ଆତ୍ମଶୋଧନ ବ୍ୟତୀତ ଅହିଂସା ଧର୍ମ ପଳାନ ଏକ ନିଷ୍ଫଳ ସ୍ୱପ୍ନ ହୋଇ ରହିବ । ଯେ ହୃଦୟରେ ପବିତ୍ର ନୁହେଁ ସେ କେବେହେଁ ଭଗବାନଙ୍କୁ ଉପଲବ୍ଧି କରିପାରିବ ନାହିଁ । କିନ୍ତୁ ଆତ୍ମଶୋଧନର ପଥ ଅତ୍ୟନ୍ତ କଠିନ ଓ ଦୁର୍ଗମପୂର୍ଣ୍ଣ ପବିତ୍ରତା ଲାଭ କରିବା ପାଇଁ ଚିନ୍ତା, ବାକ୍ୟ ଓ କ୍ରିୟାରେ ପୂର୍ଣ୍ଣତଃ କାମନାମୁକ୍ତ ହେବାକୁ ହେବ । ପ୍ରେମ ଓ ଘୃଣା, ଆସକ୍ତି ଓ ବିତୃଷ୍ଣାର ବିରୋଧୀ ସ୍ରୋତରୁ ଉର୍ଦ୍ଧ୍ୱକୁ ଉଠିବାକୁ ପଡ଼ିବ ।

ମୁଁ ସଂଗ୍ରାମରତ ଜଣେ ସାମାନ୍ୟ ବ୍ୟକ୍ତିମାତ୍ର । ସଂପୂର୍ଣ୍ଣ ଭଲ ହେବାପାଇଁ, ସଂପୂର୍ଣ୍ଣ ସତ୍ୟ ପରାୟଣ, ଚିନ୍ତା, ବାକ୍ୟ ଓ କ୍ରିୟାରେ ସଂପୂର୍ଣ୍ଣ ଅହିଂସ ହେବା ପାଇଁ ମୁଁ ଉତ୍‌କଣ୍ଠିତ । କିନ୍ତୁ ମୁଁ ଯେଉଁ ଆଦର୍ଶକୁ ସତ୍ୟ ବୋଲି ଜାଣୁଛି ସେଥିରେ ଉପନୀତ ହେବାପାଇଁ ସବୁବେଳେ ବିଫଳ ହୋଇଛି ।

ବିଶ୍ୱାସକୁ ଉପଲବ୍ଧି ବୋଲି କହିବାଟାକୁ ହୁଏତ ସତ୍ୟର ଅପଳାପ ହୋଇପାରେ, କିନ୍ତୁ ଏହା କହିଲେ ଯଥାର୍ଥ ହେବ ଯେ, ଭଗବାନଙ୍କ ଠାରେ ମୋର ବିଶ୍ୱାସକୁ ବର୍ଣ୍ଣନା କରିବା ପାଇଁ ମୋ ପାଖରେ ଶବ୍ଦ ନାହିଁ ।

ଗୋଟିଏ ଅବର୍ଣ୍ଣନୀୟ ରହସ୍ୟମୟ ଶକ୍ତି ରହିଛି, ଯାହାକି ସବୁ ଜିନିଷରେ ବ୍ୟାପୀ ରହିଛି । ମୁଁ ତାକୁ ନ ଦେଖିଲେ ସୁଦ୍ଧା ତାକୁ ଅନୁଭବ କରୁଅଛି । ଏହି ଅଦୃଶ୍ୟ ଶକ୍ତି ନିଜକୁ ଅନୁଭୂତ କରାଏ ଅଥଚ ତାହା କୌଣସି ପ୍ରକାର ପ୍ରମାଣ ସାପେକ୍ଷ ନୁହେଁ । କାରଣ ମୁଁ ମୋର ଇନ୍ଦ୍ରିୟମାରନଙ୍କ ଜରିଆରେ ଯାହାସବୁ ଅନୁଭବ କରେ, ଏହି ଶକ୍ତି ସେଗୁଡ଼ିକ ମଧ୍ୟରୁ କାହାରି ସଦୃଶ ନୁହେଁ । ଏହା ଇନ୍ଦ୍ରିୟଗୁଡ଼ିକର ଅତୀତ, କିନ୍ତୁ ଭଗବାନଙ୍କ ଅସ୍ତିତ୍ୱକୁ ଅଳ୍ପକିଛି ବାଟ ପର୍ଯ୍ୟନ୍ତ ବୁଝିପାରିବା ସମ୍ଭବ ।

ନନ୍ଦିନୀ ଶତପଥୀଙ୍କ ଓଡ଼ିଆ ଅନୁବାଦ 'ଗାନ୍ଧୀ କଥାମୃତ'ରେ ମହାତ୍ମାଗାନ୍ଧୀଙ୍କ ଭାବନାରେ 'ଧର୍ମ ଓ ସତ୍ୟ'ର ସାରସଂକ୍ଷେପ ।

ମୁଁ ଅସ୍ପଷ୍ଟ ଭାବରେ ଉପଲବ୍ଧି କରୁଛି ଯେ, ମୋ ଚାରିପାଖରେ ଥିବା ସବୁ ଜିନିଷ ଯେତେବେଳେ ଚିର ପରିବର୍ତ୍ତନଶୀଳ, ଚିର ମରଣଶୀଳ, ସେତେବେଳେ ସେହିସବୁ ପରିବର୍ତ୍ତନର ଭିତି ସ୍ୱରୂପ ଗୋଟିଏ ଜୀବନ୍ତ ଶକ୍ତି ରହିଛି । ତାହା ପରିବର୍ତ୍ତନ ହୀନ, ତାହା ସମସ୍ତଙ୍କୁ ଏକାଠି ବାନ୍ଧି ରଖିଛି । ତାହା ସବୁକୁ ସୃଷ୍ଟି କରୁଛି । ସବୁର ବିଲୟ ସାଧନା କରୁଛି । ପୁଣି ସବୁକୁ ପୁନରାୟ ସୃଷ୍ଟି କରୁଛି । ସେହି ଅନୁପ୍ରାଣିତ କରୁଥିବା ଶକ୍ତି ବା ଚେତନା ହେଉଛି, ଭଗବାନ ଏବଂ ଯେହେତୁ ମୁଁ ଇନ୍ଦ୍ରିୟମାନଙ୍କର ଜରିଆରେ ଦେଖୁଥିବା ଅନ୍ୟ କୌଣସି ଜିନିଷ ଚିରସ୍ଥାୟୀ ହୋଇପାରିବ ନାହିଁ ବା ହେଉନାହିଁ, ସେ ହେତୁରୁ ଏକମାତ୍ର ସେ (ଭଗବାନ) ହିଁ ଅଟନ୍ତି ।

ଏହି ଶକ୍ତି ଦୟା ପରାୟଣ ବା ହିଂସା ପରାୟଣ । ମୁଁ ଏହାକୁ ବିଶୁଦ୍ଧ ରୂପେ ଦୟାପରାୟଣ ଭାବରେ ଦେଖୁଛି : କାରଣ, ମୁଁ ଦେଖୁଛି ଯେ, ମୃତ୍ୟୁ ଭିତରେ ଜୀବନ ରହିଛି । ଅସତ୍ୟ ଭିତରେ ସତ୍ୟ ରହିଛି । ଅନ୍ଧକାର ମଧ୍ୟରେ ଆଲୋକ ରହିଛି । ତେଣୁ ମୁଁ ସିଦ୍ଧାନ୍ତ କରିଛି ଯେ, ଭଗବାନ ହେଉଛନ୍ତି ଜୀବନ, ସତ୍ୟ, ଆଲୋକ । ସେ ପ୍ରେମ ଅଟନ୍ତି, ସେ ଅଟନ୍ତି ପରମ ଈଶ୍ୱର । ମୁଁ ଆହୁରି ମଧ୍ୟ ଜାଣିଛି ଯେ, ମୁଁ ଯଦି ଜୀବନ ବିନିମୟରେ ମନ୍ଦ ବିରୁଦ୍ଧରେ ସଂଗ୍ରାମ ନ କରିବି, ତାହାହେଲେ କେବେ ହେଁ ଭଗବାନଙ୍କୁ ଜାଣିପାରିବି ନାହିଁ । ମୁଁ ଯେତେ ପବିତ୍ର ହେବାକୁ ଚେଷ୍ଟା କରୁଛି, ଭଗବାନଙ୍କର ସେତେ ନିକଟବର୍ତ୍ତୀ ବୋଲି ମୁଁ ନିଜକୁ ଅନୁଭବ କରୁଅଛି । ଭଗବାନଙ୍କ ଠାରେ ଏହି ଆସ୍ଥାକୁ ବିଶ୍ୱାସର ଭିତିଭୂମି ଉପରେ ରଖିବାକୁ ହେବ । ଯେଉଁ ବିଶ୍ୱାସ ସମସ୍ତ ଯୁକ୍ତିତର୍କର ଅତୀତ ବାସ୍ତବିକ, ଏହି ତଥାକଥିତ ଉପଲବ୍ଧି ନିମ୍ନ ଦେଶରେ ବିଶ୍ୱାସର ଗୋଟିଏ ଉପାଦାନ ରହିଛି । ନିଜ





ମଣିଷର ମନଗଢ଼ା କଥା
ଶୁଣିବାକୁ
ବେଳ ନାହିଁ ତା'ର ।
ତଥାପି ଆକାଶ କମ୍ପେ
ମାଟି ଫାଟିଯାଏ
ସମୁଦ୍ର ଗର୍ଜନ କରେ
ଲାଭା ଛୁଟିଆସେ
ଆଗ୍ନେୟଗିରିରୁ ।
ସବୁ ଧୋଇ ନିଏ କିଏ
ଢେଉମାନେ ନିଅନ୍ତି ଓଟାରି
ନିଜ କୋଳକୁ
ସବୁ ଶାମୁକାମାନଙ୍କୁ ।
ବନ୍ଧ ଭାଙ୍ଗିଯାଏ
ଭାଙ୍ଗିଯାଏ ଯେତେ ସବୁ
ଭେଦର ପ୍ରାଚୀର
ଏକବିଂଶ ଶତାବ୍ଦୀ
ପିଲାଯାକ
ଆଖି ଡବଡବ କରି
ଅନାଇ ରହନ୍ତି
ଶୁଭ ଆଉ ଦେବେ ବା
କେଉଁଠି ?
ବାଲି ସେତୁ ଧୋଇଗଲା
ନିଶ୍ଚିହ୍ନ ହୋଇଗଲା
ସ୍ୱପ୍ନରେ ଗଢ଼ିଥିବା ସେତୁ ସବୁ ମୋର ।

ବାସ୍ତବରେ କବୟିତ୍ରୀ ନନ୍ଦିନୀ ଶତପଥୀଙ୍କ କବିତା ସଂକଳନ "ଉତର ପୁରୁଷ" ଏକ ଶ୍ରେଷ୍ଠ ସାରସ୍ୱତ କୃତି । ଏହି କବିତା ସଂକଳନରେ ବୟାଳିଶ ଗୋଟି କବିତା ଓଡ଼ିଶାର ପାଠକ ପାଠିକା, ବିଶେଷକରି କବିତାପ୍ରେମୀମାନଙ୍କର ଖୁବ୍ ହୃଦୟସ୍ପର୍ଶୀ ହୋଇପାରିଛି ।

## ନନ୍ଦିନୀ ଶତପଥୀଙ୍କ ଅନୁବାଦ

**୧. କୃଷ୍ଣା କ୍ରିପାଲିନୀଙ୍କ - 'ଗାନ୍ଧୀ କଥାମୃତ'**

**୨. ଅମୃତାପ୍ରୀତମ୍‌ଙ୍କ - 'ରେଭିନ୍ୟୁ ଟିକେଟ୍'**

**୩. ତସଲିମା ନାସରିନ୍‌ଙ୍କ - 'ଲଜ୍ଜା'**

**୪. ମହାଶ୍ୱେତାଦେବୀଙ୍କ - 'ନିର୍ବାଚିତ ଗଳ୍ପ'**

### ନନ୍ଦିନୀ ଶତପଥୀଙ୍କ ଅନୁବାଦ ସାହିତ୍ୟ

ଓଡ଼ିଆ ସାହିତ୍ୟର ଅନ୍ୟାନ୍ୟ ବିଭାଗ ପରି ଅନୁବାଦ ସାହିତ୍ୟର ପରିସର ମଧ୍ୟ ଯଥେଷ୍ଟ ବୃଦ୍ଧି

ପାଇଛି । ଭାରତୀୟ ପ୍ରାଦେଶିକ ଭାଷାଗୁଡ଼ିକର ଶ୍ରେଷ୍ଠ ପୁସ୍ତକ ସବୁ ଓଡ଼ିଆରେ ପ୍ରକାଶିତ ପାଇଅଛି । ବିଶାଳ ପୃଥିବୀକୁ ଆପଣାର କରିବାକୁ ଆଗ୍ରହୀ ହୋଇ ଉଠିଥିବା ଓଡ଼ିଆ ଅନୁବାଦକଙ୍କ ବ୍ୟକ୍ତି-ମାନସ ହୋଇଛି ଅଧିକ ଜାଗ୍ରତ ଓ ଚେତନଶାଳୀ/ଧର୍ମୀ । ଏଣୁ ଅନୁବାଦର ସମସ୍ତ ସାରଣୀ ଯଥାକ୍ରମେ - ଆହରଣ ଓ ସମୀକରଣ ଆଦିକୁ ଅଙ୍ଗୀଭୂତ କରି ଅନୁବାଦକ ଅନ୍ୟଭାଷାର କଳା ସଂସ୍କୃତିକୁ ନିଜର କରିପାରିଛି । ଭାରତୀୟ ଅନ୍ୟାନ୍ୟ ପ୍ରାଦେଶିକ ସାହିତ୍ୟର ଅନୁବାଦକଙ୍କ ପରି ଓଡ଼ିଆ ଅନୁବାଦକ ଭାରତରେ ପଡ଼ୋଶୀ ରାଷ୍ଟ୍ରର ଶ୍ରେଷ୍ଠ କୃତିଗୁଡ଼ିକୁ ନିଜ ଭାଷାରେ ରୂପାନ୍ତରୀତ କରିବାରେ ଅଧିକାଂଶ ସମର୍ଥ ହୋଇପାରିଛନ୍ତି ।

ଏ କ୍ଷେତ୍ରରେ ଓଡ଼ିଶାର ସଫଳ ଅନୁବାଦିକା - ନନ୍ଦିନୀ ଶତପଥୀ ବଙ୍ଗଳାଦେଶର ପ୍ରସିଦ୍ଧ ଔପନ୍ୟାସିକା ତସଲିମା ନାସରିନଙ୍କ "ଲଜ୍ଜା"କୁ ଓଡ଼ିଆରେ ଅନୁବାଦ କରି ପ୍ରସିଦ୍ଧି ଲାଭ କରିଛନ୍ତି । ସାହିତ୍ୟାନୁବାଦକୁ ଏକ ସୃଜନାତ୍ମକ ପ୍ରକ୍ରିୟା ଭାବରେ ଗ୍ରହଣ କରିବାରେ ଆଉ ବିଶେଷ ଦ୍ୱିମତ ନ ଥିବାରୁ ଅନୁବାଦକର ଶ୍ରଦ୍ଧାଜାତ ହେବା ସହିତ ଅନ୍ୟ ସାହିତ୍ୟକୁ ସମ୍ମାନ ପ୍ରଦର୍ଶନ ବୃଦ୍ଧି ପାଇଛି । ପ୍ରଚାରର ଆକାଂକ୍ଷା ରଖି ଏକ ଅସାହିତ୍ୟ ବା ଉତ୍ତେଜନାରେ ଅନୁବାଦ କରୁଥିବା ବ୍ୟକ୍ତିମାନେ ଏହି ଅସଫଳତାର ସ୍ୱାଦ ଚାଖୁଛନ୍ତି ବେଶୀ ।

ବହୁ ଆଲୋଚକଙ୍କ ମତରେ ଓଡ଼ିଆ ଭାଷାରେ ପ୍ରାୟ ଅନୁବାଦଗୁଡ଼ିକୁ ବିଭିନ୍ନ ଭାଗରେ ବିଭକ୍ତ କରାଯାଇପାରେ । ଯଥା - ଭାବାନୁବାଦ (ସୁବୃହତ୍ତର ବିଷୟବସ୍ତୁର ସଂକ୍ଷିପ୍ତ ଅନୁବାଦ), ପଦ୍ୟାନୁବାଦ (ପଦ୍ୟର ଦୁଃସାଧ୍ୟ ଅନୁବାଦ ନ କରି ଅର୍ଥଗତ ଅନୁବାଦ, ଛାୟାନୁବାଦ (ଅନୁବାଦକ ନିଜର ଶୈଳୀ ବା ଶବ୍ଦ ସଂଯୋଗ ମାଧ୍ୟମରେ ବିଷୟବସ୍ତୁର ପ୍ରଦାନ), ଆକ୍ଷରିକ ଅନୁବାଦ (ସରକାରୀ ନଥିପତ୍ର ଆଦି ଅକ୍ଷୁର୍ଣ୍ଣ ରଖିବା)

ଏସବୁ ଅନୁବାଦ ଗୁଡ଼ିକୁ ମୁଖ୍ୟତ ଦୁଇଟି ସ୍ତରରେ ବିଚାରକୁ ନିଆଯାଇପାରେ-

ସାହିତ୍ୟିକ ଅନୁବାଦ ଓ ସାହିତ୍ୟେତୋର ଅନୁବାଦ ।

ସାହିତ୍ୟିକ ଅନୁବାଦର ଭାବାନୁବାଦ ମହତ୍ୱପୂର୍ଣ୍ଣ । ଅପରପକ୍ଷରେ ସାହିତ୍ୟେତୋର ଅନୁବାଦ ହୋଇଥାଏ ବସ୍ତୁନିଷ୍ଠ ।

ଅନୁବାଦ ସାହିତ୍ୟ କ୍ଷେତ୍ରରେ ନନ୍ଦିନୀଦେବୀ ଥିଲେ ସିଦ୍ଧହସ୍ତା । ତାଙ୍କର ସ୍ୱାକ୍ଷର ଓଡ଼ିଆ ଅନୁବାଦ ସାହିତ୍ୟକୁ କାଳଜୟୀ କରିରଖିପାରିଛି କହିଲେ ଅତ୍ୟୁକ୍ତି ହେବନାହିଁ । ବିଶିଷ୍ଟ ବଙ୍ଗାଳୀ ଲେଖକ - ମହାଶ୍ୱେତାଦେବୀଙ୍କ କୋଡ଼ିଏ ଗୋଟି ନିର୍ବାଚିତ ଗଳ୍ପ ସଂକଳନକୁ ସେ ଅନୁବାଦ କରିଛନ୍ତି । ଏତଦ୍‌ବାଦ ବଙ୍ଗଳାଦେଶର ଲେଖିକା ତସଲିମା ନାସରିନ୍‌ଙ୍କ ଉପନ୍ୟାସ "ଲଜ୍ଜା" । କେନ୍ଦ୍ର ସାହିତ୍ୟ ଏକାଡେମୀ ସଚିବ କ୍ରିଷ୍ଣା କ୍ରିପାଳିନୀଙ୍କ "The Tributes by Gandhiji" କୁ ଓଡ଼ିଆ ଅନୁବାଦ "ଗାନ୍ଧୀ କଥାମୃତ", ସର୍ବୋପରି ଜ୍ଞାନପୀଠ ପୁରସ୍କାର





କେହି ହତ୍ୟା କରେ ଏବଂ ମୁଁ ଯଦି ହତ୍ୟାକାରୀ ପାଇଁ ମୁହଁରେ ପ୍ରାର୍ଥନା କରି ଭଗବାନଙ୍କୁ ସ୍ମରଣ କରୁ କରୁ ପୁଣି ମୋର ହୃଦ କନ୍ଦରରେ ତାଙ୍କରି ଜୀବନ୍ତ ଉପସ୍ଥିତି ବିଷୟରେ ସଚେତନ ହୋଇ ଯଦି ମୁଁ ପ୍ରାଣତ୍ୟାଗ କରେ, ତାହାହେଲେ ହିଁ ମୁଁ ବୀରର ଅହିଂସା ପାଳନ କଲି ବୋଲି କୁହାଯିବ ।

ମୋର ମୃତ୍ୟୁପରେ ଯଦି କେହି ପଟୁଆରରେ ମୋର ମୃତ ଦେହକୁ ନେବାକୁ ଚାହେଁ, ମୋର ମୃତ ଦେହ ଯଦି କଥା କହିପାରନ୍ତା ତାହାହେଲେ ମୁଁ ନିଶ୍ଚିତ ଭାବରେ କୁହନ୍ତି ଯେ ମୋ ପ୍ରତି ସଦୟ ହୋଇ ମୁଁ ଯେଉଁଳି ମଲି ସେଠାରେ ମୋର ଶବକୁ ଦାହ କରିଦିଅ । ମୋ ପରେ କୌଣସି ବ୍ୟକ୍ତି ସମ୍ପୂର୍ଣ୍ଣ ଭାବରେ ମୋର ପ୍ରତିନିଧିତ୍ୱ କରିବାକୁ ସକ୍ଷମ ହେବନାହିଁ ।

ମୁଁ ପୁନର୍ଜନ୍ମ ନେବାକୁ ଚାହେଁନାହିଁ, କିନ୍ତୁ ଯଦି ମୋତେ ପୁନର୍ଜନ୍ମ ନେବାକୁ ପଡ଼େ, ତାହେଲେ ମୁଁ ଜଣେ ଅସ୍ପୃଶ୍ୟ ହୋଇ ଜନ୍ମନେବି । ଯାହାଦ୍ୱାରା କି ମୁଁ ନିଜକୁ ଓ ସେମାନଙ୍କୁ ସେହି ଶୋଚନୀୟ ଅବସ୍ଥାରୁ ମୁକ୍ତ କରିବା ପାଇଁ ଉଦ୍ୟମ କରିପାରିବି ।

**(୨) ମହାତ୍ମାଗାନ୍ଧୀଙ୍କ ଭାବନାରେ - "ଧର୍ମ ଓ ସତ୍ୟ" :**

ଧର୍ମ କହିଲେ, ଆନୁଷ୍ଠାନିକ ଧର୍ମ କିମ୍ବା ଗତାନୁଗତିକ ଧର୍ମକୁ ବୁଝାଏ ନାହିଁ । ଯେଉଁ ଧର୍ମ ସବୁ ଧର୍ମର ଭିତି ସ୍ୱରୂପ, ଯାହା ଆମକୁ ଆମର ସ୍ରଷ୍ଟାଙ୍କ ସହିତ ମୁହାଁମୁହିଁ କରିଦିଏ, ତାକୁଇ ମୁଁ ଧର୍ମ ବୋଲି ବୁଝିଥାଏ ।

ଧର୍ମ କହିଲେ ମୁଁ କ'ଣ ବୁଝେ ତାକୁ ହିଁ କହୁଛି - ଅନ୍ୟସବୁ ଧର୍ମ ଉପରେ ମୁଁ ଯେଉଁ ଧର୍ମକୁ ଆଦର କରେ, ତାହା ହିନ୍ଦୁଧର୍ମ ନୁହେଁ, ଯେଉଁ ଧର୍ମ ହିନ୍ଦୁବାଦର ଅତୀତ, ଯାହା ମଣିଷ ପ୍ରକୃତିକୁ ପରିବର୍ତ୍ତନ କରେ, ଯାହା ମଣିଷକୁ ତାହାର ଅନ୍ତରର ସତ୍ୟ ସହିତ ଅଚ୍ଛେଦ୍ୟ ବନ୍ଧନରେ ଆବଦ୍ଧ କରେ, ଯାହା ମଣିଷକୁ ଚିର ପବିତ୍ର କରେ, ସେହି ଧର୍ମକୁ ମୁଁ ଆଦର କରେ । ତାହା ହେଉଛି - ମାନବ ପ୍ରକୃତିସ୍ଥ ସ୍ଥାୟୀ ମୌଳିକ ଉପାଦାନ । ଯାହାକି ପୂର୍ଣ୍ଣ ରୂପେ ପ୍ରକାଶିତ ହେବାପାଇଁ ଯେତେବଡ଼ କଷ୍ଟ ହେଉ ପଛେ, ତାକୁ ଖାତିର କରେନାହିଁ । ଏବଂ ଆତ୍ମା ତା ନିଜକୁ ଖୋଜି ନ ପାଇଲା ପର୍ଯ୍ୟନ୍ତ, ସ୍ରଷ୍ଟାକୁ ନ ଜାଣିଲା ପର୍ଯ୍ୟନ୍ତ ଏବଂ ସ୍ରଷ୍ଟା ଓ ତା'ର ନିଜ ଭିତରେ ପ୍ରକୃତ ଯୋଗସୂତ୍ର କ'ଣ, ତାହା ନ ବୁଝିଲା ପର୍ଯ୍ୟନ୍ତ ଏବଂ ସ୍ରଷ୍ଟା ଓ ତା' ନିଜ ଭିତରେ ପ୍ରକୃତ ଯୋଗସୂତ୍ର କ'ଣ, ତାହା ନ ବୁଝିଲା ପର୍ଯ୍ୟନ୍ତ ଯାହା ତାକୁ ଆତ୍ମାକୁ ଭୟଙ୍କର ଅସ୍ଥିର କରୁଥାଏ ।

ମୁଁ ଭଗବାନଙ୍କୁ ଦେଖିନାହିଁ, ତାଙ୍କୁ ମଧ ଜାଣିନାହିଁ । ଭଗବାନଙ୍କ ପ୍ରତି ଦୁନିଆଁର ବିଶ୍ୱାସକୁ ମୋ ନିଜ ବିଶ୍ୱାସରେ ମୁଁ ପରିଣତ କରିଅଛି । ଏବଂ ମୋ ବିଶ୍ୱାସର ବିଲୋପ ନଥିବାରୁ ମୁଁ ସେହି

ଦୁର୍ବଳତାଗୁଡ଼ିକୁ ନୁହେଁ ତାହାର ଭଲ ଗୁଣଗୁଡ଼ିକର ଯେତେଦୂର ଅନୁଧାବନା କରାଯାଏ । କେବଳ ସେତିକି ପର୍ଯ୍ୟନ୍ତ ତା'ର ପୂଜା ହୁଏ । ମୋର ଅପୂର୍ଣ୍ଣତା ଓ ବିଫଳତାଗୁଡ଼ିକ ମଧ୍ୟ ମୋର ସଫଳତା ଓ ମୋର ପ୍ରତିଭା ପରି ମୋ ପ୍ରତି ଭଗବାନଙ୍କର ଆଶୀର୍ବାଦ ଏବଂ ମୁଁ ଉଭୟଙ୍କୁ ତାଙ୍କରି ଚରଣ ତଳେ ନିବେଦନ କରୁଛି ।

ମୁଁ ଯେତେବେଳେ ପ୍ରଥମେ ଶୁଣିଲି ଯେ, ଗୋଟିଏ ପରମାଣୁ ବୋମା – 'ହିରୋସୀମା' ସହରକୁ ଧ୍ୱଂସ କରିଦେଇଛି, ସେତେବେଳେ ମୋର ଗୋଟିଏ ମାଂସପେଶୀ ସୁଦ୍ଧା ହଲିନଥିଲା । ଓଲଟା ମୁଁ ଭାବିଲି, ପୃଥିବୀ ବର୍ତ୍ତମାନ ଅହିଂସାକୁ ଗ୍ରହଣ ନ କରି, ତାହା ମଣିଷ ଜାତିର ଆତ୍ମହତ୍ୟା ହେବ । ଜୀବନରେ ଗୋଟିଏ ଅବସ୍ଥା ଅଛି । ଯେତେବେଳେ ମଣିଷ ତାହାର ଚିନ୍ତାକୁ ଘୋଷଣା କରିବାର ଆବଶ୍ୟକତା ହୁଏନାହିଁ, ବାହ୍ୟକର୍ମରେ ଦେଖାଇଦେବା ତ ଦୂରର କଥା, କେବଳ ଭାବନାରାଜି କ୍ରିୟା କରେ, ସେଗୁଡ଼ିକରେ ସେହି ଢ଼ଶକ୍ତି ନିହିତ ଥାଏ ।

ମୋ ଇଚ୍ଛା ବିରୁଦ୍ଧରେ ବିଭକ୍ତିକରଣ (ଦେଶରେ) ହୋଇଛି ତାହା ମୋତେ କଷ୍ଟ ଦେଇଛି । କିନ୍ତୁ ଯେଉଁ ବାଟରେ ବିଭକ୍ତିକରଣ ହେଲା, ସେଥିପାଇଁ ମୋତେ ବେଶି କଷ୍ଟ ହେଉଛି । ମୁଁ ମୋର ଦେଶବାସୀଙ୍କୁ ଯେତିକି ଭଲପାଏ, ସାରା ମଣିଷ ଜାତିକୁ ସେହିଭଳି ଭଲପାଏ । କାରଣ ଭଗବାନ ପ୍ରତ୍ୟେକ ମଣିଷ ମଧ୍ୟରେ ବାସ କରନ୍ତି । ମୁଁ ମଣିଷ ଜାତିର ସେବା କରିବା ଜରିଆରେ ଜୀବନର ଶ୍ରେଷ୍ଠତମକୁ ବାସ୍ତବରେ ପରିଣତ କରିବାକୁ ଚାହେଁ ।

ପାଶ୍ଚାତ ଦେଶରେ ବହୁ ବ୍ୟକ୍ତିଙ୍କର ମୋ ପ୍ରତି ଯେଉଁ ସମ୍ମାନ ଓ ବିଶ୍ୱାସ ରହିଛି, ମୁଁ ତାକୁ ହରାଏ ପଛେ – ମୁଁ ନତମତସ୍କରେ ସମଗ୍ର ପୃଥିବୀରେ ଘୋଷଣା କରି କହିବାକୁ ଚାହେଁ ଯେ, ମୋର ସେହି ସମସ୍ତ ବାଣୀ (ଅନ୍ତରର) ବିପକ୍ଷରେ ଯେ ଯାହା କହିଲେ ମଧ୍ୟ ମୁଁ ତାକୁ କେବେହେଲେ ଦମନ କରିବି ନାହିଁ ।

ଗୋଟିଏ ଭୁଲ କିମ୍ବା ଗୋଟିଏ ଦୁଃଖକୁ ନିଃସହାୟ ଦର୍ଶକ ଭାବରେ ଦେଖୁଥିବା ପର୍ଯ୍ୟନ୍ତ ସନ୍ତୁଷ୍ଟ ହେବାପାଇଁ ମୋର ଆତ୍ମା ଅସ୍ୱୀକାର କରୁଅଛି । ମୋ ଭିତରେ ଚେତନା ଗୋଟିଏ ଦିଗରେ ଟାଣୁଛି । ତା'ର ବିପରୀତ ଦିଗରେ ମୋ ଭିତରେ ରକ୍ତମାଂସ ଟାଣୁଛି । ଏ ଦୁଇଟିର ଶକ୍ତିର କ୍ରିୟାରୁ ମୁକ୍ତି ଅଛି, କିନ୍ତୁ ସେ ମୁକ୍ତିରେ ପହଞ୍ଚିବା ପାଇଁ ଧୀର ଓ କଷ୍ଟକର ପର୍ଯ୍ୟାୟ ଅତିକ୍ରମ କରିବାକୁ ହେବ ।

ପୃଥିବୀର ଧର୍ମଗୁରୁମାନଙ୍କ ଦ୍ୱାରା ପ୍ରଚାରିତ ସତ୍ୟବାଣୀରେ ମୁଁ ବିଶ୍ୱାସ କରେ । ବୀରର ଅହିଂସା କ'ଣ ମୋ ଭିତରେ ଅଛି ? ମୋର ମୃତ୍ୟୁ ହିଁ ତାହା ପ୍ରମାଣିତ କରିବ । ମୋତେ ଯଦି





ବିଜୟିନୀ ଅମୃତାପ୍ରିତମ୍‌ଙ୍କ 'ରେଭିନ୍ୟୁ ଟିକେଟ'କୁ ଓଡ଼ିଆରେ ନନ୍ଦିନୀ ଶତପଥୀ ଅନୁବାଦ କରିଛନ୍ତି । ତାଙ୍କର "ଗାନ୍ଧୀ କଥାମୃତ" ପୁସ୍ତକଟିକୁ କେନ୍ଦ୍ର ସାହିତ୍ୟ ଏକାଡେମୀ ପ୍ରକାଶିତ କରିଛନ୍ତି । ଏତଦ୍‌ବ୍ୟତୀତ ଶ୍ରୀମତୀ ଶତପଥୀ ତାଙ୍କର 'ରେଭିନ୍ୟୁ ଟିକେଟ୍' ଅନୁବାଦ ପାଇଁ ମଧ୍ୟ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ଲାଭ କରିଛନ୍ତି ।

ସମ୍ପ୍ରତି କେତେକ ସାହିତ୍ୟିକ ଅନୁଷ୍ଠାନ ମଧ୍ୟ ଅନୁବାଦ କର୍ମକୁ ପ୍ରୋତ୍ସାହନ ଯୋଗାଇ ଦେଉଥିବା ଅତି ଆନନ୍ଦର ବିଷୟ । ବିଶେଷକରି, ଭାରତୀୟ ଜ୍ଞାନଶ୍ରୀ ସଂସ୍ଥା, ନ୍ୟାସ୍‌ନାଲ୍ ବୁକ୍ ଟ୍ରଷ୍ଟ, କେନ୍ଦ୍ର ସାହିତ୍ୟ ଏକାଡେମୀ, ଓଡ଼ିଶା ସାହିତ୍ୟ ଏକାଡେମୀ ଏବଂ ବିଭିନ୍ନ ଅନୁବାଦ ପ୍ରତିଷ୍ଠାନମାନଙ୍କ ପ୍ରେରଣା ଓ ସଦିଚ୍ଛା ଯୋଗୁଁ ଅନୁବାଦ ପାଇଁ ଆମ ସାହିତ୍ୟର କ୍ଷେତ୍ର ଉନ୍ମୁକ୍ତ ହୋଇଯାଇଛି । ବର୍ତ୍ତମାନ ପରିପ୍ରେକ୍ଷୀରେ ଓଡ଼ିଆ ସାହିତ୍ୟ ଉଚ୍ଚତର ବୋଲି ପ୍ରମାଣିତ ହୋଇଥିବାରୁ ସେସବୁର ଅନୁବାଦ ନିକଟ ଭବିଷ୍ୟତରେ ହେବାର ବେଶି ସମ୍ଭାବନା ରହିଛି । ଅନୁବାଦକଙ୍କୁ ପୁରସ୍କାର ପ୍ରଦାନ କରି ଯେଉଁ ଅନୁଷ୍ଠାନ ସବୁ ସାରସ୍ୱତ ସାଧନାରେ ଅଭିନିବିଷ୍ଟ ସେ ସବୁର ସହାନୁଭୂତି ଓ ଆନ୍ତରିକତା ସାହିତ୍ୟକର୍ମର ଏକ ନିଶ୍ୱାର୍ଥ ପ୍ରେମ ପାଇଁ ଅଭିନନ୍ଦନୀୟ ।

ଗୋଟିଏ ଭାଷାର ଭାବକୁ ଅନ୍ୟଭାଷାରେ ରୂପାନ୍ତରୀତ ପ୍ରକ୍ରିୟା ସାଧାରଣତଃ ଅନୁବାଦ ବୋଲି କୁହାଯାଏ । ଗୋଟିଏ ଭାଷାର ଭାବକୁ ଅନ୍ୟ ଭାଷାରେ ରୂପାନ୍ତରୀତ କରିବା ସହଜ କଥା ନୁହେଁ । କେତେକଙ୍କ ମତରେ ଅନୁବାଦ ହେଉଛି ଏକ ପାପ କ୍ରିୟା ଆଉ କେତେଙ୍କ ମତରେ ଅନୁବାଦ ଏକ ସମାଧାନହୀନ ପ୍ରଚେଷ୍ଟା, ଏହ ସତ୍ତ୍ୱେ ପ୍ରତିଷ୍ଠିତ ଲେଖକଙ୍କର ଅନୁବାଦ ସାହିତ୍ୟ ପ୍ରତି ପ୍ରୀତି ଅଛି ।

ଅନୁବାଦକ ଉଭୟ ଭାଷାରେ ଧୂରୀଣ ନହେଲେ ଅନୁବାଦ ଠିକ୍ ରୂପରେ ହୋଇପାରେ ନାହିଁ । ଯେଉଁ ଭାଷାରୁ ଅନୁବାଦ କରାଯାଉଛି ଓ ଯେଉଁ ଭାଷାରେ ଅନୁଦିତ ହେବ, ଏହି ଉଭୟ ଭାଷାରେ ଅନୁବାଦକ ପାରଦର୍ଶିତା ଅର୍ଜନ କରିଥିବା ଆବଶ୍ୟକ । କାରଣ- ଅନୁବାଦରେ ବଡ଼କଥା ନୁହେଁ । ବଡ଼ କଥା ହେଉଛି, ଯଥାର୍ଥ ରୂପରେ ଭାବର ଅଭିବ୍ୟକ୍ତି । ଅନୁବାଦ କ୍ଷେତ୍ରରେ କେତେକ ପ୍ରତିବନ୍ଧକ ରହିଅଛି । ସବୁଠାରୁ କଷ୍ଟର ବ୍ୟାପାର ହେଉଛି କବିତାର ଅନୁବାଦ ।

ଓଡ଼ିଆ ଭାଷା ସାହିତ୍ୟରେ ଅନୁବାଦର ପରମ୍ପରା ମଧ୍ୟ ପ୍ରାଚୀନ । ପ୍ରାଚୀନ ଓଡ଼ିଆ ସାହିତ୍ୟରେ ଅନୁବାଦର ମାତ୍ରା ପ୍ରଚୁର ଥିବା ଜଣାଯାଏ । ଉନବିଂଶ ଶତାବ୍ଦୀରେ ମୁଦ୍ରଣାଳୟର ପ୍ରସାର ଫଳରେ ଅନୁବାଦ ସାହିତ୍ୟର ବୃଦ୍ଧି ପାଇଥିଲା । ମାତ୍ର ଏହି ସମୟରେ ବିଭିନ୍ନ ଭାଷାରୁ ଓଡ଼ିଆ ଭାଷାରେ ପୁସ୍ତକମାନ ଭାଷାନ୍ତରିତ ହୋଇ ପ୍ରକାଶିତ ହୋଇଅଛି । ଉନବିଂଶ ଶତାବ୍ଦୀରୁ ଅଦ୍ୟାବଧି ଓଡ଼ିଆ ଅନୁବାଦ ସାହିତ୍ୟର ଯଥେଷ୍ଟ ଅଭିବୃଦ୍ଧି ଘଟିଅଛି । ଅନୁବାଦ ସାହିତ୍ୟ ସମ୍ପ୍ରତି ଓଡ଼ିଆ ସାହିତ୍ୟର ଏକ ସମୃଦ୍ଧ ବିଭାଗ । ସୁତରାଂ ଓଡ଼ିଆ ଅନୁବାଦ ସାହିତ୍ୟର ଭବିଷ୍ୟତ ଉଜ୍ଜ୍ୱଳମୟ

ରହିଛି ।

ଯେକୌଣସି ବ୍ୟକ୍ତି ହୁଅନ୍ତୁ ନା କାହିଁକି, ଯଦି ଜଣେ ଗୋଟିଏ କାର୍ଯ୍ୟ କରିବାକୁ ଦୃଢ଼ ସଂକଳ୍ପ ନେବ ଓ ମନପ୍ରାଣ ଢାଳି ସେହି କାମଟିରେ ଲାଗିପଡ଼ିବ, ତେବେ ତାହା ଆନନ୍ଦରେ ହୋଇପାରିବ । ଏହି କଥା ପଦକ ସର୍ବଦା କହିଆସୁଥିଲେ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ଅଙ୍ଗେ ନିଭାଇ ଆସୁଥିବା ନମସ୍ୟା ନନ୍ଦିନୀ ଶତପଥୀ । ନନ୍ଦିନୀଦେବୀ ଏପରି ଜଣେ ବ୍ୟକ୍ତି ଥିଲେ ଯାହାକି ତାଙ୍କର ବ୍ୟକ୍ତିତ୍ୱ ବହୁଧା ଧାରାରେ ପ୍ରକାଶିତ ହେଉଥିଲା । ସେ ଏକାଧାରାରେ ଜଣେ ରାଷ୍ଟ୍ରନୀତିଜ୍ଞ, ସାହିତ୍ୟିକ, ସମାଜସେବୀ ଥିଲେ । ସବୁଥିରେ ତାଙ୍କର ସଫଳତା ପ୍ରାପ୍ତି ହୋଇଅଛି । ଯାହାକି ସମ୍ଭବ ହୋଇପାରିଛି, ତାଙ୍କର ନିରବଚ୍ଛିନ୍ନ ସାଧାନା ଫଳରେ । ନନ୍ଦିନୀଦେବୀଙ୍କରଭାଷାରେ ସାଧନାର ଫଳ ଆପେ ଆପେ ଆସିଥାଏ ।

ସାଂସ୍କୃତିକ ସାହିତ୍ୟିକ ପରିବାରର ଦାୟାଦ ହୋଇଥିବାରୁ ନନ୍ଦିନୀଦେବୀଙ୍କ ଉପରେ





ଏପରି କଥା ଅସମ୍ଭବ ।

ମୋର ଯୌବନାବସ୍ଥାରୁ ଆଜିପର୍ଯ୍ୟନ୍ତ ମୁଁ ଧର୍ମଶାସ୍ତ୍ରଗୁଡ଼ିକର ମୂଲ୍ୟକୁ ନୈତିକ ଶିକ୍ଷା ଭିତିରେ ନିରୂପଣ କରିବାର କଳା ଶିଖି ଆସିଲି । ଅଲୌକିକ ଘଟଣା ପ୍ରତି ମୋର ଆଗ୍ରହ ନାହିଁ । ମୋ ମତରେ ଯିଶୁଖ୍ରୀଷ୍ଟ ଅନ୍ୟମାନଙ୍କ ପରି ଜଣେ ମହାନ ବିଶ୍ୱଗୁରୁ । ତାଙ୍କ ସମୟରେ ଭକ୍ତମାନଙ୍କ ପାଇଁ ନିଃସନ୍ଦେହରେ ସେ "ଈଶ୍ୱରଙ୍କର ଏକମାତ୍ର ଜନ୍ମିତ ପୁତ୍ର ।" ମୁଁ ମୋର ଅନେକ ପାପକୁ ଖୋଲାଖୋଲି ଭାବରେ ସ୍ୱୀକାର କରିଛି । କିନ୍ତୁ ସେ ସବୁର ଭାରକୁ ମୁଁ କାନ୍ଧରେ ବୋହି ଚାଲିନାହିଁ ।

ମୋର ମନ ସଂକୀର୍ଣ୍ଣ । ମୁଁ ବେଶି ସାହିତ୍ୟ ପଢ଼ିନାହିଁ, ମୁଁ ପୃଥିବୀର ବେଶି ଭାଗ ଦେଖିନାହିଁ । ମୋର ଜୀବନରେ ନିର୍ଦ୍ଦିଷ୍ଟ କେତୋଟି ଜିନିଷ ଉପରେ ଅଭିନିବିଷ୍ଟ ଅଛି । ତାହା ଛଡ଼ା ମୋର ଅନ୍ୟ ଆଗ୍ରହ ନାହିଁ । ମୋର ଲେଶମାତ୍ର ସନ୍ଦେହ ନାହିଁ ଯେ, କୌଣସି ପୁରୁଷ ବା ସ୍ତ୍ରୀ ଲୋକ ଯଦି ଉଦ୍ୟମ କରେ, ଆଉ ସେହି ଆଶା ଓ ବିଶ୍ୱାସ ପୋଷଣ କରେ, ତାହାହେଲେ ମୁଁ ଯାହା ପାଇଛି, ସେ ତାହା ପାଇପାରିବ ।

'ଗାନ୍ଧୀବାଦ' ବୋଲି କିଛି ଜିନିଷ ନାହିଁ ଏବଂ ମୋ ପଛରେ ଗୋଟିଏ ଗୋଷ୍ଠୀ ଛାଡ଼ିଯିବାକୁ ମୁଁ ଚାହେଁନାହିଁ । ମୁଁ ଗୋଟିଏ ନୂଆ ନୀତି ବା ମତଭେଦ ଆରମ୍ଭ କରିଛି ବୋଲି ମଧ୍ୟ ଦାବି କରେନାହିଁ । ଆମର ଦୈନନ୍ଦିନ ଜୀବନରେ ଏବଂ ସମସ୍ୟାଗୁଡ଼ିକରେ ଚିରନ୍ତନ ସତ୍ୟଗୁଡ଼ିକୁ ମୋ ନିଜ ଉପାୟରେ ପ୍ରୟୋଗ କରିବାକୁ ମୁଁ ଉଦ୍ୟମ କରିଛି ମାତ୍ର । ସେଥିପାଇଁ ମନୁଙ୍କ ଭଳି କୌଣସି ସଂହିତା ସୃଷ୍ଟି କରିଯିବାର ପ୍ରଶ୍ନ ହିଁ ନାହିଁ । ସେହି ମହାନ୍ ବ୍ୟବସ୍ଥାପକ ଓ ମୋ ମଧ୍ୟରେ କୌଣସି ତୁଳନା ମଧ୍ୟ ହୋଇ ନ ପାରେ । ପୃଥିବୀକୁ ଶିକ୍ଷା ଦେବାକୁ ମୋ ପାଖରେ ନୂଆ କିଛି ନାହିଁ । ସତ୍ୟ ଓ ଅହିଂସା ପାହାଡ଼ ପର୍ବତ ପରି ପୁରାତନ । ଆଚ୍ଛା – ମୋର ସମସ୍ତ ଦର୍ଶନ ଭିତରେ ଯଦି ତାକୁ ସେହି ଛଳନାତ୍ମକ ନାମ ଦିଆଯାଏ, ମୁଁ ଯାହାସବୁ କହିଛି ସେ ସବୁ ରହିଛି । କିନ୍ତୁ ତୁମେ ତାକୁ 'ଗାନ୍ଧିବାଦ' ବୋଲି କହିବ ନାହିଁ ।

ଏ ଜୀବନରେ ମୋର ନିଜର ଗୋପନୀୟ ବୋଲି କିଛି ନାହିଁ । ମୋର ଦୁର୍ବଳତାଗୁଡ଼ିକୁ ମୁଁ ସ୍ୱୀକାର କରିଛି । ମୋର ଯଦି ଇନ୍ଦ୍ରିୟ ସୁଖ ଆଡ଼କୁ ମନ ଥାଆନ୍ତା, ତାହେଲେ ତାକୁ ସ୍ୱୀକାର କରିବାର ସାହସ ମୋର ଥାଆନ୍ତା । ମୋ ସ୍ତ୍ରୀ ସହିତ ଇନ୍ଦ୍ରିୟ ସୁଖ ସମ୍ପର୍କ ପ୍ରତି ବିତୃଷ୍ଣା ହୋଇ ୧୯୦୬ ମସିହାରେ ବ୍ରହ୍ମଚର୍ଯ୍ୟ ବ୍ରତ ଗ୍ରହଣ କରିଲି । ସେହି ଦିନଠାରୁ ମୋ ସ୍ତ୍ରୀ ଜଣେ ମୁକ୍ତ ନାରୀ ହୋଇଗଲା । ଯଦି ନାରୀମାନଙ୍କ ପ୍ରତି ମୋର ଯୌନ ଆକର୍ଷଣ ହୁଅନ୍ତା, ତାହେଲେ ଜୀବନର ଏହି ବୟସରେ ମଧ୍ୟ ବହୁ ପତ୍ନୀକ ହେବାପାଇଁ ମୋର ଯଥେଷ୍ଟ ସାହସ ଅଛି । ଜଣେ ମଣିଷର

କାମକୁ ଅହିଂସାର ପଟ୍ଟଭୂମିରେ ପର୍ଯ୍ୟାଲୋଚନା କରାଯାଇପାରେ ନାହିଁ । ଠିକ୍ ସେହିପରି, ଅନେକ ସମୟରେ ଜଣେ ମଣିଷର କାମ ଆଖିକୁ ହିଂସାତ୍ମକ ପରି ଜଣାଯାଏ, ଅଥଚ ସେ ଅହିଂସାର ସର୍ବଶ୍ରେଷ୍ଠ ଅର୍ଥରେ ଅହିଂସା ଥାଏ । କିନ୍ତୁ ମୋ ଅନ୍ତରର ଆଲୋକ ସ୍ଥିର ଓ ସ୍ୱଚ୍ଛ । ଆମ୍ଭମାନଙ୍କ ମଧ୍ୟରୁ କାହାରି ପକ୍ଷରେ ସତ୍ୟ ଓ ଅହିଂସା ଛଡ଼ା ଅନ୍ୟଗତି ନାହିଁ ।

ମୁଁ ଦୃଢ଼ଭାବରେ ବିଶ୍ୱାସ କରେ ଯେ, ରକ୍ତପାତ ଜରିଆରେ କିମ୍ବା ଠକାମି ଦ୍ୱାରା ଲବ୍ଧ ସ୍ୱାଧୀନତା - ସ୍ୱାଧୀନତା ନୁହେଁ । ମୁଁ ମୋର ନିଜର ସୀମା ବିଷୟରେ ସଚେତନ । ସେହି ଚେତନା ହିଁ ମୋର ଏକମାତ୍ର ବଳ । କେବଳ ସତ୍ୟ ଓ ଅହିଂସାର ସଦ୍‌ଗୁଣ ମୁଁ ଦାବି କରିବାକୁ ଚାହେଁ । ମହାତ୍ମାକୁ ତା ନିଜ ଭାଗ୍ୟ ହାତରେ ମୁଁ ଛାଡ଼ିଦେଇଛି । ମୋର ଏ ପ୍ରକାର ଅଭିଜ୍ଞତାରୁ ହୃଦ୍‌ବୋଧ ହୋଇଛି - ସତ୍ୟ ବ୍ୟତୀତ ଅନ୍ୟ କୌଣସି ଠାରେ ଭଗବାନ ନାହାନ୍ତି । କୌଣସି ଠାରୁ ମାନସମ୍ମାନ ଲାଭ କରିବାର କାମନା ମୋର ନାହିଁ । ଏହା ରାଜ ଦରବାରରେ ଆବଶ୍ୟକ ହେଉଥିବା ଆସବାବପତ୍ର ଭଳି ।

ପୃଥିବୀରେ କାହାରିକୁ ଘୃଣା କରିବା ପାଇଁ ମୁଁ ଅସମର୍ଥ ବୋଲି ଭାବେ । ଦୀର୍ଘ କାଳର ପ୍ରାର୍ଥନାମୟ ଶୃଙ୍ଖଳା ଦ୍ୱାରା ମୁଁ ଗତ ଚାଳିଶ ବର୍ଷ ଧରି କାହାରିକୁ ଘୃଣା କରିନାହିଁ । ଆମର ଅହିଂସା ପାଳନ କରୁଥିବା ଲୋକମାନଙ୍କ ନିକଟରେ ଗୋଟିଏ ଅସୁବିଧା ହେଉଛି ଯେ, ସେମାନେ ଅହିଂସାକୁ ଅନ୍ଧ ଭାବରେ ଅନୁସୃତ ନୀତିରେ ପରିଣତ କରିଦେଇଛନ୍ତି ।

'ମହାତ୍ମା' ପଦଠାରୁ 'ସତ୍ୟ' ମୋ ପାଇଁ ଅସୀମ ଭାବରେ ଅଧିକ ପ୍ରିୟ । ଏ ମହାତ୍ମା ପଦ ପୁରାପୁରି ଭାବରେ ମୋ ଉପରେ ଏକ ଭାର । ମୋର ସୀମାବଦ୍ଧତା ବିଷୟରେ ମୋର ଜ୍ଞାନ ଏବଂ ମୁଁ ଯେ କିଛି ନୁହେଁ, ଏହି ଜ୍ଞାନ ଯୋଗୁଁ ମୁଁ ଆଜିପର୍ଯ୍ୟନ୍ତ ଏ ମହାତ୍ମା ପଦର ଅତ୍ୟାଚାରରୁ ରକ୍ଷା ପାଇଛି ।

ମୁଁ ଜଣେ ସାମାନ୍ୟ ଭିକ୍ଷାଜୀବୀ ସନ୍ନ୍ୟାସୀ । ମୋର ପାର୍ଥିବ ସମ୍ପତ୍ତି କହିଲେ ଛ'ଟି ଚରଖା, ଜେଲ୍‌ଖାନା ଥାଳି, ଡବାଏ ଛେଳି ଦୁଧ, ଛ'ଖଣ୍ଡି ଘରବୁଣା ଛେଦା ଲୁଗା ଓ ତଉଲିଆ ଏବଂ ମୋର ସୁନାମ, ଯାହାର କି ବିଶେଷ କିଛି ମୂଲ୍ୟ ନାହିଁ ।

ରାଜନୈତିକ ଚକ୍ର ଭିତରକୁ ମୁଁ ଭିଡ଼ିହୋଇ ଯାଇଛି ବୋଲି ଯେତେବେଳେ ଦେଖିଲି, ସେତେବେଳେ ମୁଁ ନିଜକୁ ପଚାରିଲି, ଅନୈତିକତା, ଅସହ୍ୟ ପ୍ରଭୃତି ଯାହାକୁ କି ରାଜନୈତିକ ଫାଇଦା ବୋଲି କୁହାଯାଏ । ସେଥିରୁ କିପରି ଦୂରେଇ ରହିବି । ଅଧିକାର ମୋତେ ଏକ ଅପରାଧ ପରି ବୋଧ ହେଉଛି । ଆମେ ଜାଣୁ ଆମ ଭିତରୁ ପ୍ରତ୍ୟେକ ନିଜର ଅଭିଜ୍ଞତାରୁ କହିପାରିବେ ଯେ,





ପିଲାଦିନରୁ ବାପା ପଦ୍ମଭୂଷଣ କାଳିନ୍ଦୀଚରଣ ପାଣିଗ୍ରାହୀ ଓ ଦାଦା ଭଗବତୀଚରଣ ପାଣିଗ୍ରାହୀଙ୍କ ପ୍ରଭାବ ପଡ଼ିଥିଲା । ଜୀବନରେ ବହୁ ଉଚ୍ଚପଦରେ ଥାଇ ମଧ୍ୟ ନନ୍ଦିନୀଦେବୀ ସାହିତ୍ୟ ସାଧନାକୁ କଦାପି ଭୁଲି ପାରିନଥିଲେ ।

ନନ୍ଦିନୀ ଶତପଥୀଙ୍କ ସାରସ୍ୱତ ସାଧନା କିମ୍ବା ସାହିତ୍ୟିକ ବ୍ୟକ୍ତିତ୍ୱ ମୁଖ୍ୟତଃ ଦୁଇଭାଗରେ ବିଭକ୍ତ କରାଯାଇପାରେ ।

ପ୍ରଥମଟି - ସୃଷ୍ଟିଧର୍ମୀ ସାହିତ୍ୟ ରଚନା

ଦ୍ୱିତୀୟଟି - ଅନୁବାଦ ସାହିତ୍ୟ

ପ୍ରଥମତଃ, ସୃଷ୍ଟିଧର୍ମୀ ସାହିତ୍ୟ ରଚନାରେ ନନ୍ଦିନୀଦେବୀ ନିଜେ ନିଜର ଭାବ ଓ ଭାଷା ମାଧ୍ୟମରେ ସାହିତ୍ୟକୁ ଜୀବନ୍ୟାସ କରିଅଛନ୍ତି । ଏଠାରେ ମୁଖ୍ୟତଃ ତାଙ୍କର ରଚନାଶୈଳୀ - ଗଳ୍ପ ସଂକଳନ "କେତୋଟି କଥା", "ସପ୍ତଦଶୀ" ଏବଂ କବିତା ସଂକଳନ "ଉତ୍ତର ପୁରୁଷ" ରହିଅଛି ।

ଦ୍ୱିତୀୟତଃ, ଅନୁବାଦ ସାହିତ୍ୟ । ଏହି ସାହିତ୍ୟରେ ନନ୍ଦିନୀଦେବୀ ଥିଲେ ସିଦ୍ଧହସ୍ତା ।

କୃଷ୍ଣ କୃପାଳିନୀଙ୍କ - "ଗାନ୍ଧି କଥାମୃତ"

ଅମୃତାପ୍ରୀତମ୍‌ଙ୍କ - "ରେଭିନ୍ୟୁ ଟିକେଟ"

ତସଲିମା ନାସରିନ୍‌ଙ୍କ - "ଲଜ୍ଜା"

ମହାଶ୍ୱେତାଦେବୀଙ୍କ - "ନିର୍ବାଚିତ ଗଳ୍ପ"

ନିମ୍ନରେ ଏହା ବିଷଦ୍ ଭାବରେ ବର୍ଣ୍ଣନା କରାଗଲା-

**କୃଷ୍ଣ କୃପାଳିନୀଙ୍କ "ଅଲ୍‌ମେନ୍ ଆର୍ ବ୍ରଦର୍ସ"ର**

**ନନ୍ଦିନୀ ଶତପଥୀଙ୍କ ଦ୍ୱାରା ଓଡ଼ିଆ ଅନୁବାଦ "ଗାନ୍ଧି କଥାମୃତ"**

କେନ୍ଦ୍ର ସାହିତ୍ୟ ଏକାଡେମୀର ତତ୍‌କାଳୀନ ସଚିବ ଶ୍ରୀ କୃଷ୍ଣ କୃପାଳିନୀଙ୍କର ସଂଗ୍ରହ ଓ ସଂପାଦନାରେ "ଅଲ୍‌ମେନ୍ ଆର୍ ବ୍ରଦର୍ସ" ପୁସ୍ତକକୁ ନନ୍ଦିନୀ ଶତପଥୀ ଓଡ଼ିଆରେ "ଗାନ୍ଧି କଥାମୃତ" ନାମରେ ଅନୁବାଦ କରିଛନ୍ତି । ଏହାର ପ୍ରମୁଖ ଭୂମିକା ନିର୍ବାହ କରିଥିଲେ ଭାରତର ପ୍ରଥମ ଉପରାଷ୍ଟ୍ରପତି ତଥା ଶିକ୍ଷକ ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍ ।

ଭାରତର ରାଜଧାନୀ ନୂଆଦିଲ୍ଲୀ ଠାରେ ୧୯୫୬ ମସିହା ନଭେମ୍ବର ମାସରେ ଅନୁଷ୍ଠିତ 'ୟୁନେସ୍କୋ'ର ନବମ ସାଧାରଣ ଅଧିବେଶନର ସାଧାରଣ ପରିଷଦ ବୈଠକରେ ଏକ ପ୍ରସ୍ତାବ ଗୃହୀତ ହୋଇଥିଲା ଯେ, ଯାହାଙ୍କର ଆଧାତ୍ମିକ ପ୍ରଭାବ ସମସ୍ତ ବିଶ୍ୱକୁ ପରିବ୍ୟାପ୍ତ ହୋଇଅଛି, ତାଙ୍କର ବ୍ୟକ୍ତିତ୍ୱ ଓ ରଚନାକୁ 'ୟୁନେସ୍କୋ' ତରଫରୁ ଶ୍ରଦ୍ଧା ନିବେଦନ କରିବା ହିଁ ଥିଲା ଏହି ସାଧାରଣ ପରିଷଦ ବୈଠକର ମୁଖ୍ୟ ଉଦ୍ଦେଶ୍ୟ ।

ଭାରତର ଜନକ ମୋହନ ଦାସ କରମଚାନ୍ଦ ଗାନ୍ଧୀ (ମହାତ୍ମାଗାନ୍ଧୀ)ଙ୍କ ବ୍ୟକ୍ତିତ୍ୱ ଓ ରଚନାକୁ ପ୍ରଚାର ଓ ପ୍ରସାର କରିବା ସଙ୍ଗେ ସଙ୍ଗେ ବୃହତ୍ତର ଜନସାଧାରଣଙ୍କ ଚିନ୍ତାଧାରାକୁ ତାହା ଯେପରି ସ୍ପର୍ଶ କରେ, ସେଥିପ୍ରତି ଦୃଷ୍ଟିରଖି ଏହି ପୁସ୍ତକଟି ସଂକଳିତ ହୋଇଅଛି । ମହାତ୍ମାଗାନ୍ଧୀଙ୍କର ନିଜ ଭାଷାରେ ରଚିତ ତାଙ୍କର ଜୀବନ ଓ ଦର୍ଶନର ମୂଳତତ୍ତ୍ୱ ଏବଂ ବିଭିନ୍ନ ଦେଶ ଓ ଜାତିର ଲୋକମାନଙ୍କ ମଧ୍ୟରେ ପ୍ରେମ ଏବଂ ମୈତ୍ରୀ ଭାବ ବୃଦ୍ଧିରେ ରହିଥିବା ପ୍ରଭାବ କଥା ହିଁ ଏଥିରେ ଉଲ୍ଲେଖ କରାଯାଇଛି ।

ଭାରତର ଉପରାଷ୍ଟ୍ରପତି ସାର ମାନ୍ୟବର ସର୍ବପଲ୍ଲୀ ରାଧାକ୍ରିଷ୍ଣନ ଅନୁଗ୍ରହ କରି ନନ୍ଦିନୀଙ୍କ ଦ୍ୱାରା ଅନୁଦିତ "ଗାନ୍ଧୀ କଥାମୃତ" ପୁସ୍ତକର ଏକ ସଂକ୍ଷିପ୍ତ ପ୍ରକ୍ରିୟା/ଭୂମିକା ଲେଖିଥିଲେ । ନନ୍ଦିନୀଙ୍କ ଦ୍ୱାରା ଏହି ଅନୁବାଦ ପୁସ୍ତକ "ଗାନ୍ଧି କଥାମୃତ" ୧୯୭୦ ମସିହାରେ କେନ୍ଦ୍ର ସାହିତ୍ୟ ଏକାଡେମୀ ଦ୍ୱାରା ପ୍ରକାଶିତ ହୋଇଥିଲା ।

"ଗାନ୍ଧି କଥାମୃତ"ରେ ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଭୂମିକାର ପ୍ରମୁଖ ଅବଲୋକନ -

କଦାଚିତ ଜଣେ ଜଣେ ମହାନ୍ ଗୁରୁଙ୍କ ଆବିର୍ଭାବ ଘଟିଥାଏ । ବହୁ ଶତାବ୍ଦୀ ଅତୀତ ହୋଇଯାଏ, ଅଥଚ ଏପରି ଜଣେ ବ୍ୟକ୍ତିଙ୍କ ଆବିର୍ଭାବ ହୋଇପାରେ ନାହିଁ । ତାଙ୍କର ଜୀବନ ଦ୍ୱାରା ହିଁ ସେ ପରିଚିତ ହୁଅନ୍ତି । ସେ ପ୍ରଥମେ ଜୀବନ ଧାରଣା କରନ୍ତି ଓ ତା'ପରେ ଅନ୍ୟମାନେ କିପରି ସେହିପରି ଭାବରେ ଜୀବନ ଧାରଣା କରିପାରିବେ, ତାହା ସେମାନଙ୍କୁ କୁହନ୍ତି । ମହାତ୍ମାଗାନ୍ଧୀ ଜଣେ ଏହିପରି ଗୁରୁ ଥିଲେ । ତାଙ୍କର ଭାଷଣ ଓ ରଚନାବଳୀ ମଧ୍ୟରୁ ଅତି ଯତ୍ନ ଓ ବିବେଚନା ସହକାରେ ଶ୍ରୀ କୃଷ୍ଣ କ୍ରିପାଳିନୀ ଏହି ଯେଉଁ ସଂକଳନ କରିଛନ୍ତି ସେଥିରୁ ପାଠକଙ୍କୁ ମହାତ୍ମାଗାନ୍ଧୀଙ୍କର ମନ କିପରି କାର୍ଯ୍ୟ କରୁଥିଲା, ପୁଣି ତାଙ୍କର ଚିନ୍ତାର ବିକାଶ ଇତ୍ୟାଦି ଧାରଣା ମିଳିପାରିବ ।

ଯେଉଁ ଜୀବନର କୌଣସି ମୂଲ୍ୟ ନାହିଁ, ଯେଉଁ ଜୀବନର ପୃଷ୍ଠଭୂମିର ଗଭୀରତା ନାହିଁ, ସେହି ଜୀବନ ଗୋଟିଏ ଉପରଠାଉରିଆ ଜୀବନ । ଗାନ୍ଧିଜୀଙ୍କ ଧର୍ମ ଥିଲା ନୈତିକ ଓ ଯୁକ୍ତି ସଙ୍ଗତ । ତାଙ୍କର ଯୁକ୍ତିକୁ ଯାହା ସ୍ପର୍ଶ କରିପାରୁନଥିଲା ସେ ସେହି ବିଶ୍ୱାସକୁ କଦାପି ଗ୍ରହଣ କରିପାରୁନଥିଲେ । କିମ୍ବା ତାଙ୍କର ବିବେକ ଯାହାକୁ ସମର୍ଥନ କରିପାରୁନଥିଲା, ସେ ସେହି ପ୍ରକାରର ବିଧି ନିୟମକୁ ମାନୁନଥିଲେ ।





ଉପବାସ ଓ ଖାଦ୍ୟରେ ସଂଯମ ମୋ ଜୀବନରେ ଅଧିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କଲା । ମଣିଷ ଭିତରେ କାମ ବାସନା ଓ ଜିହ୍ୱାର ଲାଳସା ଚରିତାର୍ଥ କରିବାର ବାସନା ଏକା ସଙ୍ଗେ ବାସ କରନ୍ତି । ମୁଁ ପ୍ରଥମେ ଫଳହାର ଆରମ୍ଭ କଲି କିନ୍ତୁ ସଂଯମ ଦୃଷ୍ଟିରୁ ମୁଁ ଫଳାହାର ଓ ଶସ୍ୟାହାର ଭିତରେ ବିଶେଷ ତଫାତ୍ ଦେଖିଲି ନାହିଁ । ଅଭିଜ୍ଞତାରୁ ମୋତେ ଶିକ୍ଷା ମିଳିଛି ଯେ, ଖାଦ୍ୟର ତୃପ୍ତି ଉପରେ ଜୋର ଦେବା । ଭୁଲ ଜିହ୍ୱାଲାଳସାକୁ ଚରିତାର୍ଥ କରିବା ପାଇଁ ଜଣେ ଖାଦ୍ୟ ଖାଇବା ଉଚିତ ନୁହେଁ । ଶରୀରକୁ ଚାଲୁ ରଖିବା ପାଇଁ ଖାଇବା ଉଚିତ ।

ଶରୀର ଚର୍ଚ୍ଚା ଦ୍ୱାରା ଯେପରି ଶାରୀରିକ ଶିକ୍ଷାଦାନ କରାଯାଏ, ସେହିପରି ଆତ୍ମଚର୍ଚ୍ଚାଦ୍ୱାରା ହିଁ ଆତ୍ମାର ତାଲିମ ସମ୍ଭବ ଏବଂ ଏହି ଆତ୍ମିକ ଚର୍ଚ୍ଚା ଗରୁଙ୍କର ଚରିତ୍ର ଓ ଜୀବନ ଉପରେ ସମ୍ପୂର୍ଣ୍ଣ ନିର୍ଭର କରେ । ମୁଁ ଶାରୀରିକ ଦଣ୍ଡ ଦେବାର ସବୁବେଳେ ବିରୋଧୀ । ମୋର ପୁଅକୁ ମୁଁ ଶାରୀରିକ ଦଣ୍ଡ ଦେଇଥିଲି ରୁଳବାଡ଼ି ଦ୍ୱାରା । କାରଣ କ୍ରୋଧ ଓ ଦଣ୍ଡ ଦେବାର ଇଚ୍ଛାରୁ ହିଁ ମୁଁ ଏହ କରିଥିଲି ।

ଯାତ୍ରା କରିବା ସମୟରେ ମୋର କର୍ତ୍ତବ୍ୟ କ'ଣ ତାହା ମୋତେ ସ୍ପଷ୍ଟ ଜଣାଗଲା । ମୁଁ ଅନୁଭବ କଲି ଯେ, ଅନ୍ତତଃ କେତେକାଂଶରେ ଅଭିଭାବକ କିମ୍ବା ଶିକ୍ଷକ ତାଙ୍କ ଛାତ୍ରର ପତନ ପାଇଁ ଦାୟୀ । ମୋର ବ୍ୟବସାୟରେ ମୁଁ କେବେହେଲେ ଅସତ୍ୟ ଆଚରଣ କରିନାହିଁ । ଏବଂ ମୋର ଓକିଲାତି ବ୍ୟବସାୟର ବୃହତ୍ତର ଅଂଶ ଥିଲା ସର୍ବସାଧାରଣ କାମର ସ୍ୱାର୍ଥ ପାଇଁ ।

ମୁଁ ଛାତ୍ର ଥିଲାବେଳେ ଶୁଣିଥିଲି ଯେ, ଓକିଲ ବ୍ୟବସାୟ ଗୋଟିଏ ମିଛୁଆ ବ୍ୟବସାୟ । କିନ୍ତୁ ତା'ର ମୋ ଉପରେ କୌଣସି ପ୍ରଭାବ ପଡ଼ିନଥିଲା । କାରଣ ମିଥ୍ୟା କହି ପଦବୀ କିମ୍ବା ଅର୍ଥ ଉପାର୍ଜନ କରିବାକୁ ମୋର କେବେହେଲେ ଇଚ୍ଛା ନଥିଲା । ପ୍ରତି ନୂଆ ମହକିଲଙ୍କୁ ମୁଁ ମୂଳରୁ ସତର୍କ କରାଇ ଦେଇଥିଲି ଯେ, ମିଛ ମକଦ୍ଦମା ନେବା ପାଇଁ କିମ୍ବା ସାକ୍ଷୀମାନଙ୍କୁ ଶିଖାଇବା ପାଇଁ ସେଭଳି ଆଶା ମୋଠାରୁ କରିବା ଅନୁଚିତ ।

ଆମେ ସମସ୍ତେ ଯୁଦ୍ଧର ଅନୈତିକତାକୁ ସ୍ୱୀକାର କରୁଥିଲୁ । ମୋର ଆକ୍ରମଣକାରୀଙ୍କୁ ସୁଦ୍ଧା ଦଣ୍ଡ ଦେବାକୁ ମୁଁ ଯେତେବେଳେ ପ୍ରସ୍ତୁତ ନୁହେଁ ସେତେବେଳେ ଯୁଦ୍ଧରେ ଅଂଶ ଗ୍ରହଣ କରିବା ମୋ ପକ୍ଷରେ ଅସମ୍ଭବ ।

ନନ୍ଦିନୀ ଶତପଥୀଙ୍କ ଅନୁବାଦ 'ଗାନ୍ଧୀ କଥାମୃତ'ର କିଛି ଅଂଶ । ଯାହାକି ମହାତ୍ମାଗାନ୍ଧୀଙ୍କର 'ଆତ୍ମଜୀବନୀ'ରୁ ଉଦ୍ଧୃତ କରାଯାଇଛି ।

ଅହିଂସା ଅତ୍ୟନ୍ତ ରହସ୍ୟଜନକ ଭାବରେକାମ କରେ । ଅନେକ ସମୟରେ ଜଣେ ଲୋକର

ଏହା କେବଳ ସନ୍ତାନ ଇଚ୍ଛା କରୁଥିବା ସମୟରେ କରିବେ । ଜଗତ ତା'ର ସ୍ଥିର ପାଇଁ ଜନନ କ୍ରିୟା ଉପରେ ନିର୍ଭର କରେ । ଯେଉଁମାନେ ଏହାକୁ ନିୟନ୍ତ୍ରଣ କରନ୍ତି ଓ ନିଜର ସନ୍ତାନ, ସନ୍ତତିଙ୍କର ଶାରୀରିକ, ମାନସିକ ତଥା ଆଧ୍ୟାତ୍ମିକ କଲ୍ୟାଣ ପାଇଁ ଆବଶ୍ୟକ ଜ୍ଞାନ ଅର୍ଜନ କରିବେ ଏବଂ ଭବିଷ୍ୟତ ବଂଶଧରଙ୍କୁ ସେହି ଜ୍ଞାନର ସୁଫଳ ପ୍ରଦାନ କରିବେ ।

ମଣିଷ ଆଉ ତାହାର କାର୍ଯ୍ୟକଳାପ, ଏ ଦୁଇଟି ସ୍ୱତ୍ୟନ୍ତ୍ର ଜିନିଷ । ଭଲ କାମ ପାଇଁ ପ୍ରଶଂସା ଏବଂ ମନ୍ଦ କାମ ପାଇଁ ନିନ୍ଦା କରାଗଲେ ସୁଦ୍ଧା କାମର କର୍ତ୍ତା ଭଲ ହୁଅନ୍ତୁ ଅଥବା ମନ୍ଦ ହୁଅନ୍ତୁ ସେ ସର୍ବଦା ଆବଶ୍ୟକୀୟ ସମ୍ମାନ ବା ଦୟାର ପାତ୍ର । ପାପକୁ ଘୃଣାକର ପାପୀକୁ ନୁହେଁ । ଏହି 'ଅହିଂସା' ସତ୍ୟାନୁସନ୍ଧାନର ମୂଳଭିତି । ମୁଁ ନିତି ଏହା ଅନୁଭବ କରୁଅଛି ଯେ, ଏହି ଅନୁସନ୍ଧାନ ଯଦି ଅହିଂସାର ଭିତି ଉପରେ ପ୍ରତିଷ୍ଠିତ ନ ହୁଏ, ତାହେଲେ ସେ ଅନୁସନ୍ଧାନ ନିଷ୍ଫଳ ।

ମୁଁ ସଂସ୍କୃତରେ ସେପରି କିଛି ବଡ଼ ପଣ୍ଡିତ ନୁହେଁ । ବେଦ ଓ ଉପନିଷଦ ଗୁଡ଼ିକର ଅନୁବାଦ ମୁଁ ଅଧ୍ୟୟନ କରିଛି । ସେ ବିଷୟରେ ମୋର ଜ୍ଞାନ କେବେହେଁ ଗଭୀର ନୁହେଁ । ଗୋଟିଏ ସମୟ ଥିଲା, ଯେତେବେଳେ ମୁଁ ହିନ୍ଦୁଧର୍ମ ଓ ଖ୍ରୀଷ୍ଟିଆନ ଧର୍ମ ମଧ୍ୟରେ ଏପଟ ସେପଟ ହେଉଥିଲି । ଯେତେବେଳେ ମୁଁ ମନର ଭାରସାମ୍ୟ ଲାଭ କଲି, ସେତେବେଳେ ଅନୁଭବ କଲି ଯେ, ହିନ୍ଦୁଧର୍ମ ଜରିଆରେ ମୋର ମୁକ୍ତିଲାଭ ସମ୍ଭବ ହୋଇପାରିବ । କିନ୍ତୁ ତା' ସତ୍ୱେ ମୁଁ ବିଶ୍ୱାସ କରୁଥିଲି ଯେ, ଅସ୍ପୃଶ୍ୟତା ହିନ୍ଦୁଧର୍ମର କେବେହେଁ ଅଂଶ ବିଶେଷ ନୁହେଁ ।

ଆତ୍ମଜୀବନୀଗୁଡ଼ିକ ଯେ ଯଥାର୍ଥ ଇତିହାସ ନୁହେଁ, ତାହା ମୁଁ ବହୁକାଳ ପୂର୍ବେ ପଢ଼ିଥିଲି ଏବଂ ଆଜି ସେ କଥା ମୁଁ ସ୍ପଷ୍ଟ ଭାବରେ ବୁଝିପାରୁଛି । ମୋର ଯେତେ କଥା ମନେ ପଡୁଛି, ସେ ସମସ୍ତ ଯେ ମୁଁ ଏହି କାହାଣୀରେ ଲିପିବଦ୍ଧ କରୁନାହିଁ, ତାହା ମୁଁ ଜାଣେ ।

'ଇଣ୍ଡିଆନ୍ ଓପିନିଅନ୍' ବାହାରିବାର ପ୍ରଥମ କେତେମାସ ମଧ୍ୟରେ ମୁଁ ଅନୁଭବ କଲି ଯେ, ସେବା ହିଁ ସାମ୍ବାଦିକତାର ଚରମ ଲକ୍ଷ୍ୟ ହେବା ଉଚିତ । କିନ୍ତୁ ଗୋଟିଏ ଅବାରିତ ଜଳସ୍ରୋତ ଯେପରି ବନ୍ଧ ଭାଙ୍ଗି ଗ୍ରାମାଞ୍ଚଳରେ ପ୍ରବେଶ କରି ଶସ୍ୟ ହାନୀ କରାଏ, ସେହିପରି ଗୋଟିଏ ଅସଂଯତ କଲମ ଧ୍ୱଂସ କରିବାରେ ସାହାଯ୍ୟ କରେ ।

ମୁଁ ଚିନ୍ତା, କଥା ଓ କାମରେ ବ୍ରହ୍ମଚର୍ଯ୍ୟ ପାଳନ କରିବା ପାଇଁ ଯେତିକି ଉତ୍କଣ୍ଠିତ ଥିଲି, ସର୍ବାଧିକ ସମୟ ସତ୍ୟାଗ୍ରହ ଯୁଦ୍ଧ ପାଇଁ ଓ ପବିତ୍ରତା ଅଭ୍ୟାସ କରି ସେଥିପାଇଁ ପ୍ରସ୍ତୁତ ହେବା ସକାଶେ ମଧ୍ୟ ସେତିକି ପରିମାଣରେ ଆଗ୍ରହୀ ଥିଲି ।





ମଣିଷ ଇତିହାସରେ ଗାନ୍ଧିଜୀ ହିଁ ପ୍ରଥମେ ଅହିଂସା ନୀତିକୁ ବ୍ୟକ୍ତିଗତ ସ୍ତରରୁ ସାମାଜିକ ଓ ରାଜନୈତିକ ସ୍ତରକୁ ପ୍ରସାରିତ କଲେ । ଅହିଂସାକୁ ପରୀକ୍ଷା କରିବା ଉଦ୍ଦେଶ୍ୟରେ ସେ ରାଜନୀତିରେ ପ୍ରବେଶ କରିଥିଲେ । ଭାରତର ସ୍ୱାଧୀନତା ସଂଗ୍ରାମରେ ମହାତ୍ମାଗାନ୍ଧୀ ଜୋର ଦେଲେ ଯେ, ଆମେ ଅହିଂସା ଓ ଆତ୍ମପୀଡ଼ନର ସଭ୍ୟପନ୍ଥାକୁ ଗ୍ରହଣ କରିବା ଉଚିତ । ବର୍ତ୍ତମାନର ସଙ୍କଟ ଅବସ୍ଥାରେ ବିଜ୍ଞାନର ଅଗ୍ରଗତିକୁ ନୂତନ ପରିସ୍ଥିତିକୁ ଖାପ ଖୋଇବାରେ ଅସମର୍ଥ ହେଉଅଛୁ । ସେତେବେଳ ଅହିଂସା ଓ ସତ୍ୟ ଓ ସୌହାର୍ଦ୍ଦ୍ୟ ନୀତିଗୁଡ଼ିକ ପାଳନ କରିବା ସହଜ ନୁହେଁ ।

ନନ୍ଦିନୀ ଶତପଥୀ କୃଷ୍ଣା କ୍ରିପାଳିନୀଙ୍କ ରଚିତ 'ଅଲ୍‌ମେନ୍ ଆର୍ ବ୍ରଦର୍ସ'ର ଓଡ଼ିଆ ଅନୁବାଦ "ଗାନ୍ଧି କଥାମୃତ"ରେ ମୁଖ୍ୟତଃ କେତୋଗୋଟି ବିଷୟରେ ପ୍ରାଧାନ୍ୟ ଦେଇଥିଲେ । ଯଥା - (୧) ମହାତ୍ମାଗାନ୍ଧୀଙ୍କ ଆତ୍ମଜୀବନୀ ସମ୍ବନ୍ଧୀୟ, (୨) ଧର୍ମ ଓ ସତ୍ୟ, (୩) ସାଧନା ଓ ସାଧ୍ୟ, (୪) ଅହିଂସା, (୫) ଆତ୍ମ-ଶୋଧନ, (୬) ଆନ୍ତର୍ଜାତିକ ଶାନ୍ତି, (୭) ମଣିଷ ଓ ଯନ୍ତ୍ର, (୮) ପ୍ରାଚୁର୍ଯ୍ୟ ମଧ୍ୟରେ ଦାରିଦ୍ର୍ୟ, (୯) ଗଣତନ୍ତ୍ର ଓ ଜନତା, (୧୦) ଶିକ୍ଷା, (୧୧) ନାରୀ, (୧୨) ବିବିଧ ।

ନନ୍ଦିନୀଦେବୀ ଉପରୋକ୍ତ ଦ୍ୱାଦଶଟି ପରିଚ୍ଛେଦରେ "ଗାନ୍ଧି କଥାମୃତ" ବହିକୁ ଓଡ଼ିଆରେ ଅନୁବାଦ କରିଅଛନ୍ତି । ଏହି ଦ୍ୱାଦଶଟି ପରିଚ୍ଛେଦକୁ ନିମ୍ନରେ ବର୍ଣ୍ଣନା କରାଗଲା-

**(୧) ମହାତ୍ମାଗାନ୍ଧୀଙ୍କ ଆତ୍ମଜୀବନୀ ସମ୍ବନ୍ଧୀୟ :**

"ବିଶ୍ୱକୁ ନୂତନ କରି ଶିଖାଇବାର ମୋର କିଛି ହିଁ ନାହିଁ
ସତ୍ୟ ଓ ଅହିଂସା ଶାଶ୍ୱତ ଓ ଚିରନ୍ତନ ।"
ମୋହନ ଦାସ କରମଚାନ୍ଦ ଗାନ୍ଧୀ

ପ୍ରକୃତରେ ମୋର ଜୀବନୀ ଲେଖା ଆରମ୍ଭ କରିବା ମୋର ଅଭିପ୍ରାୟ ନୁହେଁ । ସତ୍ୟର ଯେଉଁ ଅସଂଖ୍ୟ ପରୀକ୍ଷା ମୁଁ କରିଛି, କେବଳ ସେହି କଥାଗୁଡ଼ିକ ମୁଁ କହିବାକୁ ଚାହେଁ ଏବଂ ଯେହେତୁ ଏହି ପରୀକ୍ଷାଗୁଡ଼ିକ ବ୍ୟତୀତ ମୋର ଜୀବନରେ ଅନ୍ୟକିଛି ନାହିଁ, ତେଣୁ ଏହି କଥାଗୁଡ଼ିକ ଆତ୍ମଜୀବନୀର ରୂପ ଗ୍ରହଣ କରିବା ସ୍ୱାଭାବିକ ।

ରାଜନୈତିକ କ୍ଷେତ୍ରରେ ମୋର ପରୀକ୍ଷାଗୁଡ଼ିକ ବର୍ତମାନ କେବଳ ଭାରତରେ ନୁହେଁ, 'ସଭ୍ୟ ଜଗତ'ରେ ମଧ୍ୟ କେତେକାଂଶରେ ଜଣାଶୁଣା । ମୋତେ ଯେଉଁ "ମହାତ୍ମା" ପଦବୀ ମିଳିଛି ତା'ର ମୂଲ୍ୟ ମଧ୍ୟ ମୋ ପାଖରେ ଆହୁରି କମ୍ । ଏହି ପଦବୀ ମୋତେ ଅନେକ ସମୟରେ ଗଭୀର ଦୁଃଖ ଦେଇଛି ଏବଂ କୌଣସି ମୁହୂର୍ତରେ ବି ଏହା ମୋତେ ସନ୍ତୋଷ ଦେଇଛି ବୋଲି ମୋର ମନେ ହୁଏନାହିଁ ।

ମୁଁ ଯେତେବେଳେ ଅହିଂସାକୁ ତା'ର ସବୁଦିଗରୁ ହୃଦୟଙ୍ଗମ କଲି ସେତେବେଳେ ଯାଇ ମୋର ସନ୍ଦେହର ରୋଗଟି ମୂଳୋତ୍ପାଟିତ ହେଲା । ମୁଁ ସେତେବେଳେ ବ୍ରହ୍ମଚର୍ଯ୍ୟର ମହତ୍ୱ ଦେଖିପାରିଲି ଏବଂ ହୃଦୟଙ୍ଗମ କଲି ଯେ, ସ୍ତ୍ରୀ, ସ୍ୱାମୀର କ୍ରିତଦାସୀ ନୁହେଁ, ସେ ତା'ର ସାଥୀ ଏବଂ ତା'ର ସାହାଯ୍ୟକାରିଣୀ । ତା'ର ସୁଖଦୁଃଖରେ ଜଣେ ସମାନ ଅଂଶୀଦାର । ମୁଁ ଛଅବର୍ଷ ବୟସରୁ ଷୋହଳ ବର୍ଷ ପର୍ଯ୍ୟନ୍ତ ସ୍କୁଲରେ ପଢ଼ିଲି । ଧର୍ମ ବିଷୟ ଛଡ଼ା ଅନ୍ୟସବୁ ବିଷୟରେ ମୋତେ ସେଠାରେ ଶିକ୍ଷା ମିଳିଲା । ଅସ୍ପୃଶ୍ୟତାକୁ ମୁଁ ହିନ୍ଦୁଧର୍ମରେ ସବୁଠାରୁ ବଡ଼ କଳଙ୍କ ବୋଲି ମନେକରେ । ମୁଁ ଜଣେ ଅତ୍ୟନ୍ତ କର୍ତ୍ତବ୍ୟପରାୟଣ ଓ ଆଜ୍ଞାନୁବର୍ତ୍ତୀ ପିଲା ଥିଲି । ପିତାମାତାଙ୍କର ସମ୍ମାନକୁ କ୍ଷୁର୍ଣ୍ଣ ନ କରି ମୁଁ ଏ ବିଷୟରେ ସେମାନଙ୍କ ସହିତ ବାଦାନୁବାଦ ମଧ୍ୟ କରୁଥିଲି ।

ମୁଁ ୧୮୮୬ ମସିହାରେ ମାଟ୍ରିକ୍ୟୁଲେସନ ପରୀକ୍ଷାରେ ପାଶ୍ କଲି । ମୋର ଗୁରୁଜନମାନେ, ଏହାପରେ ମୁଁ କଲେଜରେ ପଢ଼େ, ଏହାହିଁ ଇଚ୍ଛା କରୁଥିଲେ । ଆମ ପରିବାରର ଜଣେ ପୁରାତନ ବନ୍ଧୁ ତଥା ପରାମର୍ଶଦାତା ମୋ ଛୁଟି ସମୟରେ ଆମ ଘରକୁ ଆସି ମୋ ମା ଓ ବଡ଼ଭାଇଙ୍କ ସଙ୍ଗେ କଥା ହୋଇ ମୁଁ ସାମଲ ଦାସ କଲେଜରେ ପଢୁଥିବା ଶୁଣି କହିଲେ, ମୋ ପୁଅ ବଳରାମ ଲଣ୍ଡନରେ ପାଠ ପଢୁଛି । ବାରିଷ୍ଟରୀ ହେବା ସହଜ ବୋଲି କହୁଛି । ତିନିବର୍ଷ ପରେ ଫେରିଆସିବ, ମାତ୍ର ପାଞ୍ଚ ହଜାର ଟଙ୍କା ଖର୍ଚ୍ଚ ହେବ । ମୋ ମାଙ୍କୁ ଲଣ୍ଡନର ଚାଲିଚଳଣି ଭଲ ଲାଗୁନଥିଲା । ମୁଁ ମଦ, ମାଂସ ଓ ନାରୀ ସ୍ପର୍ଶ ନ କରିବା ପାଇଁ ଶପଥ କଲି । ତା'ପରେ ମୁଁ ଲଣ୍ଡନ ଗଲି ।

ମୁଁ ପରୀକ୍ଷାରେ ପାଶ୍ କଲି । ୧୮୯୧ ସାଲ ଜୁନ୍ ମାସ ୧୦ ତାରିଖରେ ଓକିଲଖାନାରୁ ମୋତେ ଡକାହେଲା । ୧୧ ତାରିଖରେ ହାଇକୋର୍ଟରେ ଓକିଲ ଭାବରେ ନାମ ଲେଖାହେଲା । ୧୨ ତାରିଖରେ ମୁଁ ଗୃହାଭିମୁଖୀ ଜାହାଜରେ ଚଢ଼ିଲି । ବମ୍ବେରେ କ୍ରମବର୍ଦ୍ଧିଷ୍ଣୁ ବ୍ୟୟ ତୁଳନାରେ ଆୟ ଯଥେଷ୍ଟ ନ ହେବାରୁ ସେଠାରେ ରହିବା ମୋ ପକ୍ଷରେ ଅସମ୍ଭବ ହୋଇପଡ଼ିଲା । ବାରିଷ୍ଟରୀ ବ୍ୟବସାୟ ମୋତେ ଖରାପ ଲାଗିଲା । ସେଥିରେ ଜ୍ଞାନ ଅପେକ୍ଷା ନିଜକୁ ଦେଖାଇ ହେବାଟା ଅଧିକ ଥାଏ ।

ଏଥର ମୋ ସ୍ତ୍ରୀଙ୍କ ଠାରୁ ବିଚ୍ଛିନ୍ନ ହେବାର କ୍ଷଣିକ ଯନ୍ତ୍ରଣା ହିଁ ମୁଁ ଅନୁଭବ କଲି । ମୁଁ ଲଣ୍ଡନରୁ ଫେରିବା ପରେ ଆମର ଆଉ ଗୋଟିଏ ସନ୍ତାନ ଜନ୍ମଗ୍ରହଣ କରିଥାଏ । ମୁଁ ମୋର କର୍ତବ୍ୟ ବିଷୟରେ ଅଧିକ ଚିନ୍ତା କରିବାକୁ ଲାଗିଲି । ମୁଁ ମୋର ଅଧିକାର ପାଇଁ ଏଠାରେ (ଦକ୍ଷିଣଆଫ୍ରିକା)ରେ ଲଢ଼ିବି ନା ଭାରତକୁ ଫେରିଯିବି, ଭାବିଲି - ମୋର ଦାୟିତ୍ୱ ନ ତୁଲାଇ ଭାରତକୁ ଫେରିଯିବାଟା କାପୁରୁଷତା ହେବ । ଫୁଟ୍‌ପାଥର ବ୍ୟବହାର ସମ୍ପର୍କୀୟ ଆଇନ୍‌ର ଫଳାଫଳ ମୋତେ ବଡ଼ ଗୁରୁତର ହେଲା ।





ଗାନ୍ଧୀ, ମୁଁ ସବୁ ଦେଖିଛି, ତୁମେ ଯଦି ସେ ଲୋକ ବିରୁଦ୍ଧରେ ମକଦ୍ଦମା କର, ତାହେଲେ ମୁଁ ଆନନ୍ଦରେ ତୁମର ସାକ୍ଷୀ ହେବି । ତୁମ ଉପରେ ଏଭଳି ଆକ୍ରମଣ ହୋଇଥିବାରୁ ମୁଁ ଅତ୍ୟନ୍ତ ଦୁଃଖିତ । ତୁମେ ଦୁଃଖିତ ହେବା ଆବଶ୍ୟକ ନାହିଁ । ମୁଁ କହିଲି - ବିଚରା ଲୋକଟି କ'ଣ ଜାଣେ ? ସବୁ କଳା ଲୋକ ତା' ପକ୍ଷରେ ସମାନ । ସେ ମୋ ସହିତ ଯେପରି ବ୍ୟବହାର କଲା, ନିଗ୍ରୋମାନଙ୍କର ସହିତ ଠିକ୍ ସେହିପରି ଭାବରେ ବ୍ୟବହାର କରୁଥିବ । ତେଣୁ ମୁଁ ତା' ବିରୁଦ୍ଧରେ ମକଦ୍ଦମା କରିବାକୁ ଚାହେଁନାହିଁ । ଏହି ଘଟଣାରୁ ପ୍ରବାସୀ ଭାରତୀୟମାନଙ୍କ ପ୍ରତି ମୋର ହୃଦୟର ଭାବ ଗଭୀର ହୋଇଉଠିଲା । ଏହିପରି ଭାବରେ ମୁଁ ସେମାନଙ୍କର କଷ୍ଟକର ପରିସ୍ଥିତିର ଗଭୀର ଅଧ୍ୟୟନ କଲି । କେବଳ ପଢ଼ିବା ଦ୍ୱାରା କିମ୍ବା ଶୁଣିବା ଦ୍ୱାରା ନୁହେଁ । ଅଭିଜ୍ଞତା ଜରିଆରେ ମୁଁ ସେ ସମ୍ପର୍କରେ ସବୁ ଜାଣିପାରିଲି । ଜଣେ ଆତ୍ମସମ୍ମାନ ସମ୍ପର୍ଣ୍ଣ ଭାରତୀୟଙ୍କ ପାଇଁ ଦକ୍ଷିଣ ଆଫ୍ରିକା ଯେ ଉପଯୁକ୍ତ ନୁହେଁ, ତାହା ମୁଁ ଜାଣିପାରିଲି । ପୁରି ସେ ପରିସ୍ଥିତି କିପରି ଉନ୍ନତ କରାଯିବ, ସେହି ବିଷୟରେ ମୁଁ ଅଧିକରୁ ଅଧିକ ଚିନ୍ତା କରିବାକୁ ଲାଗିଲି ।

ମୁଁ ଯଦି ଲୋକଙ୍କ ସେବାରେ ନିଜକୁ ପୁରାପୁରି ନିୟୋଜିତ କରିଥାଏ, ତାହାର କାରଣ ହେଉଛି ଆତ୍ମ-ଉପଲବ୍ଧି ପାଇଁ ମୋର ପ୍ରବଳ ଇଚ୍ଛା । ମୁଁ ଅନୁଭବ କରିଛି ଯେ, ସେବା ଜରିଆରେ ହିଁ ଈଶ୍ୱର ଉପଲବ୍ଧି କରାଯାଇପାରେ । ତେଣୁ - ସେବାକୁ ମୁଁ ନିଜର ଧର୍ମରେ ପରିଣତ କରିଛି । ପୁଣି ମୋ ପାଇଁ ସେବା ହେଉଛି ଭାରତର ସେବା । ବ୍ରିଟିଶ୍ ସମ୍ବିଧାନ ପ୍ରତି ମୋର ଯେଉଁ ଅନୁରକ୍ତି ଅନ୍ୟ କାହାରି ଥିଲା କି ନାହିଁ - ସନ୍ଦେହ । ମୁଁ ବର୍ତମାନ ଦେଖିପାରୁଛି ଯେ, ସତ୍ୟପ୍ରତି ମୋର ପ୍ରେମ ହିଁ ଥିଲା ଅନୁରକ୍ତିର ମୂଳ କାରଣ ।

ଦକ୍ଷିଣ ଆଫ୍ରିକାରେ ମୁଁ ଯେଉଁ ବର୍ଣ୍ଣବିଦ୍ୱେଷ ଦେଖିଲି ତାହା ବ୍ରିଟିଶ ପରମ୍ପରାର ପୁରାପୁରି ବିରୋଧୀ ବୋଲି ମୁଁ ଭାବୁଥିଲି । ସେତେବେଳକୁ ଦକ୍ଷିଣ ଆଫ୍ରିକାରେ ରହିବାର ମୋର ତିରିଶ ବର୍ଷ ହୋଇଗଲାଣି । ସେଠାକାର ଲୋକମାନଙ୍କୁ ମୁଁ ଚିହ୍ନି ଯାଇଥିଲି । ଏବଂ ସେମାନେ ମଧ୍ୟ ମୋତେ ଚିହ୍ନି ପାରିଥିଲେ । ମୋର ବ୍ୟବସାୟ ସନ୍ତୋଷଜନକ ଭାବରେ ଆଗେଇ ଚାଲିଲା । କିନ୍ତୁ ମୋତେ ସେଥିରେ ଆଦୌ ସନ୍ତୋଷ ମିଳିଲା ନାହିଁ । ସ୍ଥାୟୀ ଧରଣର କୌଣସି ଗୋଟିଏ ମାନବୀୟ କାର୍ଯ୍ୟ ପାଇଁ ମୁଁ ବ୍ୟାକୁଳ ହୋଇଥାଏ ।

ଶିଶୁମାନଙ୍କ ଯଥାର୍ଥ ଲାଳନପାଳନ ପାଇଁ ପିତାମାତାଙ୍କ ସନ୍ତାନ ପାଳନ ବିଷୟରେ ସାଧାରଣ ଜ୍ଞାନ ଥିବା ନିତାନ୍ତ ଉଚିତ ବୋଲି ମୋର ବିଶ୍ୱାସ । ଶିଶୁଟି ଗର୍ଭରେ ରହିବା ଦିନଠାରୁ ତା'ର ଶିକ୍ଷା ଆରମ୍ଭ ହୋଇଯାଏ । ଯେଉଁ ଦମ୍ପତି ଏହି ବିଷୟଗୁଡ଼ିକ ଉପଲବ୍ଧି କରନ୍ତି, ସେମାନେ ନିଜର କାମ ବାସନା ଚରିତାର୍ଥ କରିବା ଉଦ୍ଦେଶ୍ୟରେ କେବେ ହେଁ ଯୌନସମ୍ପର୍କ କରିବେ ନାହିଁ । ସେମାନେ

This document was created with the Win2PDF “print to PDF” printer available at
http://www.win2pdf.com

This version of Win2PDF 10 is for evaluation and non-commercial use only.

This page will not be added after purchasing Win2PDF.

http://www.win2pdf.com/purchase/